# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ (୨୦ ପୃଷ୍ଠା) Sambalpur, Thursday, March 12 / 2020 ★★

୧୬ଶ ଭାଗ ୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


DSPL - 308

राष्ट्रीय स्वास्थ्य मिशन

ଓଡ଼ିଶା ଶାସନ

सत्यमेव जयते




**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା**

**ରାଜ୍ୟ ସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ**

**ଟେଲିଫୋନ୍ - ୦୬୭୪ ୨୩୯୦୪୬୬ ମୋବାଇଲ୍ - ୯୪୩୯୯୯୪୮୫୭ / ୯୪୩୯୯୯୪୮୫୯**

facebook.com/HFWOdisha | http://www.health.odisha.gov.in/ | HFWOdisha

OIPR-10003/13/0100/1920

**ଜେଡିୟୁ ଛାତ୍ରନେତାଙ୍କୁ ହତ୍ୟା**

ବିହାରରେ ଶାସକ ଜେଡିୟୁ ଛାତ୍ର ସଂଗଠନର ନେତା କନ୍ହେୟା କୌଶିକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ହୋଲି ଉତ୍ସବ ପାଇଁ ଲଗାଯାଇଥିବା ପୋଷ୍ଟରରେ ନାଁ ନ ଥିବାରୁ କୌଶିକଙ୍କୁ ତାଙ୍କର ଜଣେ ସହଯୋଗୀ ହତ୍ୟା କରିଥିବା କୁହାଯାଉଛି। ପୋଷ୍ଟରରେ ନାଁ ନ ଥିବାରୁ ମଙ୍ଗଳବାର କୁଶ ଓ ତାଙ୍କ ସହଯୋଗୀମାନଙ୍କର କୌଶିକଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହା ପରେ କୌଶିକ ଥାନାରେ ଏତଲା ଦେଇଥିଲେ। ଗୁଳି ଚଳାଇଥିବା ମୁଖ୍ୟ ଅଭିଯୁକ୍ତ କୁଶ ଫେରାର ହୋଇଯାଇଛନ୍ତି।

# ରାଜ୍ୟ ସଭା ପାଇଁ ସବୁ ଖେଳ

ନୂଆଦିଲ୍ଲୀ,୧୧।୩:

ମାର୍ଚ୍ଚ ୨୬ ତାରିଖରେ ରାଜ୍ୟ ସଭାର ୫୫ ଆସନ ପାଇଁ ନିର୍ବାଚନ ହେବ। ଏପ୍ରିଲରେ ଉଚ୍ଚ ସଦନର ୫୫ ସଦସ୍ୟ ଅବସର ନେବା ପରେ ଖାଲି ହେବାକୁ ଥିବା ୧୭ ରାଜ୍ୟର ଏହି ଆସନଗୁଡ଼ିକରେ ଭୋଟ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୩। ଅବସର ନେବାକୁ ଥିବା ପ୍ରମୁଖ ସଦସ୍ୟମାନେ ହେଲେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ(ଜେଡିୟୁ), କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ(ଆର୍‌ପିଆଇ), ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲ (ଭାଜପା), କୁମାରୀ ଶୈଳଜା (କଂଗ୍ରେସ) ଓ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ (କଂଗ୍ରେସ)। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ମହାରାଷ୍ଟ୍ରର ୭ ଓ ତାମିଲନାଡୁର ୬। ସେହିପରି ପଶ୍ଚିମବଙ୍ଗ ଓ ବିହାରର ୫, ଓଡ଼ିଶା ଓ ଗୁଜରାଟର ୪, ଆସାମ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩, ତେଲଙ୍ଗାନା, ଛତିଶଗଡ଼, ହରିୟାଣା ଓ ଝାଡ଼ଖଣ୍ଡର ୨ ଏବଂ ହିମାଚଳ ପ୍ରଦେଶ, ମଣିପୁର ଓ ମେଘାଳୟର ଗୋଟିଏ ଲେଖାଏ ଆସନରେ ଭୋଟ ଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ମଧ୍ୟରୁ ଅଧିକାଂଶ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ହାତକୁ ଯିବାକୁ ଥିବାବେଳେ ଅଧିକ ଆସନ ହାତେଇବା ପାଇଁ ଉଭୟ ଦଳ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି।

## ସିନ୍ଧିଆଙ୍କ ପରେ ଭାଜପା ରାଡାରରେ ପାଇଲଟ, ସୋରେନ


ସଚିନ ପାଇଲଟ


ହେମନ୍ତ ସୋରେନ

ଏଭଳି ସମୟରେ କଂଗ୍ରେସରେ ବିଦ୍ରୋହ ଘଟାଇ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇଛି ଭାଜପା। ଜ୍ୟୋତିରାଦିତ୍ୟଙ୍କ ପରେ ଏବେ ଗୈରିକ ଦଳର ରାଡାରରେ ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରହିଥିବା କୁହାଯାଉଛି। ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ ଭାଜପା ଜ୍ୟୋତିରାଦିତ୍ୟଙ୍କ ଉପରେ ବର୍ଷକ ତଳେ ନଜର ରଖିବା ଆରମ୍ଭ କରିଥିଲା। ଏଥିପାଇଁ ଜ୍ୟୋତିରାଦିତ୍ୟ ବିଭିନ୍ନ ପ୍ରସଙ୍ଗରେ ନିଜ ଦଳ କଂଗ୍ରେସଠାରୁ ଭିନ୍ନମତ ପୋଷଣ କରି କେନ୍ଦ୍ର ସରକାରଙ୍କୁ ସମର୍ଥନ କରୁଥିଲେ। ମଧ୍ୟପ୍ରଦେଶର ୩ଟି ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଭାଜପା ଏବଂ କଂଗ୍ରେସ ପାଇଁ ଗୋଟିଏ ଲେଖାଏ ଆସନରେ ଜିତିବା ସହଜ ଥିଲା। ହେଲେ ତୃତୀୟ ଆସନ ପାଇଁ ଦିଗ୍‌ବିଜୟ ସିଂ ଦାବିଦାର ଥିବାବେଳେ ଜ୍ୟୋତିରାଦିତ୍ୟ ଏହି ଆସନ ମାଗିଥିଲେ। କଂଗ୍ରେସ ହାଇକମାଣ୍ଡ ତାଙ୍କ କଥା ନ ଶୁଣିବାରୁ ଭାଜପା ଏହାର ସୁଯୋଗ ନେଇ ଜ୍ୟୋତିରାଦିତ୍ୟଙ୍କୁ କଂଗ୍ରେସଠାରୁ ଅଲଗା କରିବାରେ ସକ୍ଷମ ହେଲା ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ପରେ ଏବେ ରାଜସ୍ଥାନ କଂଗ୍ରେସରେ ବିଦ୍ରୋହର ସ୍ୱର ଉଠିଲାଣି। ସଚିନ ପାଇଲଟଙ୍କ ଗୋଷ୍ଠୀର ଅନେକ ବିଧାୟକ ଖୋଲାଖୋଲି ଭାବେ ହାଇକମାଣ୍ଡଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କଲେଣି। ମୁଖ୍ୟମନ୍ତ୍ରୀ

### ରାଜସ୍ଥାନ,ଝାଡ଼ଖଣ୍ଡରେ ଖେଳ ବିଗାଡ଼ିବାକୁ ଯୋଜନା

ଅଶୋକ ଗେହଲଟଙ୍କ ଅନୁଗତମାନେ ପାଇଲଟଙ୍କୁ ଅପମାନିତ କରିବା ଲାଗିରହିଲେ ସେମାନେ ଭାଜପାରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି। ଏପରି ହେଲେ ଗେହଲଟ ସରକାର ମଧ୍ୟ ସଂଖ୍ୟାଲଘୁ ଅବସ୍ଥାକୁ ଚାଲିଯିବା ବଡ଼କଥା ନୁହେଁ। କାରଣ ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନଭାରେ କଂଗ୍ରେସର ୧୦୦ ସଦସ୍ୟ ଥିବାବେଳେ କିଛିମାସ ତଳେ ବିଏସ୍‌ପିର ୬ ବିଧାୟକ କଂଗ୍ରେସରେ ଯୋଗଦେଇଥିଲେ। ଅନ୍ୟ ୧୪ ବିଧାୟକ ଗେହଲଟ ସରକାରକୁ ସମର୍ଥନ କରୁଛନ୍ତି। ସିନ୍ଧିଆଙ୍କ ଭଳି ପାଇଲଟ ମଧ୍ୟ ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିବାରୁ ଦଳରେ ଗୋଷ୍ଠୀକନ୍ଦଳ ଲାଗିରହିଛି। ବିଭିନ୍ନ ସମୟରେ ଭିଡ଼ହିଂସା ଓ ଶିଶୁ ମୃତ୍ୟୁ ଭଳି ପ୍ରସଙ୍ଗରେ ଗେହଲଟ ଓ ପାଇଲଟ ମୁହାଁମୁହିଁ ହୋଇଛନ୍ତି। ତେଣୁ ରାଜସ୍ଥାନ କଂଗ୍ରେସରେ ବିଭାଜନ ସୃଷ୍ଟି କରି ଗେହଲଟଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ଭାଜପା ଉଦ୍ୟମ କରୁଥିବା କୁହାଯାଉଛି। ଏପରି ହେଲେ କଂଗ୍ରେସ ହାତରୁ ଆଉ ଗୋଟିଏ ରାଜ୍ୟ ଖସିଯିବା ସହ ରାଜ୍ୟ ସଭା ନିର୍ବାଚନରେ ମଧ୍ୟ ଭାଜପାକୁ ଅଧିକ ଆସନ ମିଳିବ।

ସେହିପରି ନିକଟରେ ଝାଡ଼ଖଣ୍ଡରେ କ୍ଷମତାସୀନ ହୋଇଥିବା ହେମନ୍ତ ସୋରେନ ମଧ୍ୟ ଭାଜପାର ରାଡାରରେ ରହିଛନ୍ତି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ କଂଗ୍ରେସ ମେଣ୍ଟରେ ଫାଟ ସୃଷ୍ଟି କରିବା ଲାଗି ଭାଜପା ପ୍ରାଣପଣେ ଉଦ୍ୟମ କରୁଥିବା ଜଣାପଡ଼ିଛି। ହେମନ୍ତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ବାବୁଲାଲଙ୍କ ଘରକୁ ଯାଇ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ତେଣୁ କଂଗ୍ରେସ ଉପରେ ଅସନ୍ତୁଷ୍ଟ ଥିବା ହେମନ୍ତ କଂଗ୍ରେସର ହାତ ଛାଡ଼ି ପଦ୍ମ ଆଡ଼କୁ ଢ଼ଳିଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ବାବୁଲାଲଙ୍କ ଜଣେ ଘନିଷ୍ଠ ସହଯୋଗୀ ପ୍ରକାଶ କରିଛନ୍ତି। ନିକଟରେ ବାବୁଲାଲ ମାର୍ଣ୍ଡିଙ୍କୁ ଦଳକୁ ଫେରାଇ ଆଣିବା ଭାଜପାର ଏକ ବଡ଼ ଗେମ୍ ପ୍ଲାନ୍ ବୋଲି କୁହାଯାଉଛି। ୨୦୦୯ରେ ହେମନ୍ତଙ୍କ ବାପା ଶିବୁ ସୋରେନଙ୍କୁ ସରକାର ଗଠନ ପାଇଁ ଭାଜପା ସମର୍ଥନ ଦେଇଥିଲା।

## ବାସ୍ତବତାଠାରୁ ବହୁଦୂରକୁ ଚାଲିଯାଇଛି କଂଗ୍ରେସ: ସିନ୍ଧିଆ

ନୂଆଦିଲ୍ଲୀ,୧୧।୩(ପି.ଟି.)



ଭାଜପାରେ ଯୋଗଦେବା ପରେ ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ଦଳ ଆଉ ପୂର୍ବଭଳି ନାହିଁ। ଏହା ବାସ୍ତବତାଠାରୁ ବହୁ ଦୂରକୁ ଚାଲିଯାଇଛି ବୋଲି ପୂର୍ବତନ ଏମ୍‌ପି ସିନ୍ଧିଆ ଭାଜପା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି। ସେ ଦୀର୍ଘଦିନ ଧରି କଂଗ୍ରେସ ସହ ଜଡ଼ିତ ଥିଲେ। ତେବେ ଦଳରେ ସେ ନିଜ ଲୋକମାନଙ୍କ ପାଇଁ କିଛି କରି ନ ପାରିବା କାରଣରୁ ଆଘାତ ପାଇଥିଲେ ଓ ଅସନ୍ତୁଷ୍ଟ ଥିଲେ ବୋଲି କହିଛନ୍ତି। କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରି ସିନ୍ଧିଆ କହିଛନ୍ତି, ସେ ଓ ତାଙ୍କ ପୂର୍ବତନ ସହକର୍ମୀମାନେ ମଧ୍ୟପ୍ରଦେଶ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ୧୮ ମାସ ମଧ୍ୟରେ ଧୂଳିସାତ୍ ହୋଇଯାଇଛି। ଭାଜପା ପରିବାରରେ ତାଙ୍କୁ ଆମନ୍ତ୍ରଣ କରାଯାଇଥିବାରୁ ଏହି ଅବସରରେ ସିନ୍ଧିଆ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକଙ୍କ ସେବା କରିବା ପାଇଁ ସେମାନେ ତାଙ୍କୁ ପ୍ଲାଟଫର୍ମ ଯୋଗାଇ ଦେଇଥିବା ସିନ୍ଧିଆ କହିଥିଲେ।

## କଂଗ୍ରେସ ଛାଡ଼ିବାର ୩ କାରଣ

ତିନୋଟି ମୁଖ୍ୟ କାରଣ ପାଇଁ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଲେ ବୋଲି ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର କହିଛନ୍ତି। ପ୍ରଥମ କାରଣ ହେଲା ଦଳ ନୂଆ ନେତୃତ୍ୱକୁ ସୁଯୋଗ ଦେଉନାହିଁ। ଏଥିପାଇଁ ସେ ଦଳର ପୁରୁଖା ନେତା ଦିଗ୍‌ବିଜୟ ସିଂ ଓ କମଳନାଥଙ୍କୁ ଦାୟୀ କରିଛନ୍ତି। ଦ୍ୱିତୀୟ କାରଣ ହେଲା ଦୁର୍ନୀତି। ପ୍ରତିଶ୍ରୁତିଠାରୁ ଦୂରେଇ ଯାଇ ସରକାର ମଧ୍ୟପ୍ରଦେଶରେ ବଦଳିକୁ ଏକ ଶିଳ୍ପରେ ପରିଣତ କରିଥିବା ସିନ୍ଧିଆ ଅଭିଯୋଗ କରିଛନ୍ତି। ତୃତୀୟ କାରଣ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ ନେତୃତ୍ୱ। ମୋଦିଙ୍କ ନେତୃତ୍ୱରେ ଦେଶର ନିରାପତ୍ତା ସୁରକ୍ଷିତ ବୋଲି ସିନ୍ଧିଆ କହିଛନ୍ତି।

## ଭାଜପା ଜାରି କଲା ୯ ଜଣିଆ ତାଲିକା

ନୂଆଦିଲ୍ଲୀ,୧୧।୩(ପି.ଟି.): ଆସନ୍ତା ୨୬ରେ ୧୭ ରାଜ୍ୟର ୫୫ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। ଏଥିଲାଗି ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ୯ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। କଂଗ୍ରେସ ଛାଡ଼ି ଭାଜପାରେ ସଦ୍ୟ ଯୋଗଦେଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ଏହି ତାଲିକାରେ ରହିଛି। ଅନ୍ୟ ୮ ପ୍ରାର୍ଥୀ ହେଲେ ଆସାମରୁ ଭୁବନେଶ୍ୱର କାଲିତା, ବିହାରରୁ ବିବେକ ଠାକୁର, ଗୁଜରାଟରୁ ଅଭୟ ଭରଦ୍ୱାଜ ଓ ରମିଲାବେନ ବାରା, ଝାଡ଼ଖଣ୍ଡରୁ ଦୀପକ ପ୍ରକାଶ, ମଣିପୁରରୁ ଲିଏସେମ୍ବା ମହାରାଜା, ମହାରାଷ୍ଟ୍ରରୁ ଉଦୟରାଜେ ଭୋସଲେ ଏବଂ ରାଜସ୍ଥାନରୁ ରାଜେନ୍ଦ୍ର ଗେହଲଟ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ତଥା ଆର୍‌ପିଆଇ ମୁଖ୍ୟ ରାମଦାସ ଅଠାୱଲେଙ୍କୁ ମହାରାଷ୍ଟ୍ରରୁ ପୁନଃ ନିର୍ବାଚିତ ହେବା ପାଇଁ ଭାଜପା ଗୋଟିଏ ଆସନ ଛାଡ଼ିଦେଇଛି। ସେହିପରି ଆସାମରୁ ବିଶ୍ୱଜିତ ଦାଇମାରିଙ୍କୁ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ଟିକେଟରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବା ପାଇଁ ମଧ୍ୟ ଭାଜପା ଅନ୍ୟ ଏକ ଆସନ ଛାଡ଼ିଦେଇଛି। ଉପରୋକ୍ତ ରାଜ୍ୟ ବିଧାନସଭାରେ ଭାଜପାର ସଂଖ୍ୟାବଳ ଥିବାରୁ ଏହି ପ୍ରାର୍ଥୀମାନେ ବିଜୟୀ ହେବା ଏପ୍ରକାର ନିଶ୍ଚିତ ହୋଇଛି।


ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକମାନଙ୍କୁ ସ୍ୱତନ୍ତ୍ର ବିମାନଯୋଗେ ଜୟପୁର ନିଆଯାଉଛି।

## ଜୟପୁର ଗଲେ କଂଗ୍ରେସ ବିଧାୟକ

ଜୟପୁର,୧୧।୩(ପି.ଟି.)

ପୂର୍ବତନ ଏମ୍‌ପି ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ିବା ପରେ ମଧ୍ୟପ୍ରଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଘୋଡ଼ାବେପାର ଏଡାଇବା ପାଇଁ ପାଖାପାଖି ୯୦ କଂଗ୍ରେସ ବିଧାୟକଙ୍କୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ନିଆଯାଇଛି। ସେମାନଙ୍କୁ ଜୟପୁରର ଦୁଇଟି ରିସର୍ଟରେ ରଖାଯାଇଛି। କମଳନାଥ ସରକାରଙ୍କ ପ୍ରତି ବିପଦ ନାହିଁ ବୋଲି ଜୟପୁରରେ ପହଞ୍ଚିଥିବା କଂଗ୍ରେସ ନେତା କାନ୍ତିଲାଲ ଭୁରିଆ କହିଛନ୍ତି। ଯେଉଁ ବିଧାୟକମାନେ ସିନ୍ଧିଆଙ୍କ ସହିତ ଯାଇଛନ୍ତି, ସେମାନଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିବେ ବୋଲି ବିଧାୟକ ହର୍ଷ ଯାଦବ କହିଛନ୍ତି। ଭାଜପା ଆମ ଦଳର କେତେଜଣ ବିଧାୟକଙ୍କୁ ବିଭ୍ରାନ୍ତ କରିଛି। ତେବେ କମଳନାଥ ସରକାର ତିଷ୍ଠି ରହିବ ବୋଲି କଂଗ୍ରେସ ବିଧାୟକ ମହେଶ ପାର୍‌ମାର ଓ ଶିବଦୟାଲ କହିଛନ୍ତି।

## ମାନେସାର ହୋଟେଲରେ ଭାଜପା ବିଧାୟକ

ନୂଆଦିଲ୍ଲୀ,୧୧।୩(ଆଇଏଏନ୍‌ଏସ୍)

ମଧ୍ୟପ୍ରଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଥିବାବେଳେ କଂଗ୍ରେସ ଏବଂ ଭାଜପା ସେମାନଙ୍କ ବିଧାୟକମାନଙ୍କୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରିଛନ୍ତି। ଭାଜପା ଏହାର ସମସ୍ତ ବିଧାୟକଙ୍କୁ ହରିୟାଣାର ମାନେସାରସ୍ଥିତ ଗ୍ରାଣ୍ଡ ଆଇଟିସି ହୋଟେଲକୁ ନେଇଯାଇଛି। ଦିଲ୍ଲୀଠାରୁ ପାଖାପାଖି ୫୦ କିମି ଦୂରରେ ଅବସ୍ଥିତ ଏହି ପଞ୍ଚତାରକା ହୋଟେଲରେ ବିଧାୟକମାନଙ୍କ ସହ ଭାଜପାର କେତେଜଣ ବରିଷ୍ଠ ନେତା ରହିଛନ୍ତି। ଉକ୍ତ ହୋଟେଲ ମଧ୍ୟକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। କଂଗ୍ରେସରୁ ନିଖୋଜ ଥିବା ୩ ବିଧାୟକ ସେଠାରେ ଭାଜପା ସଦସ୍ୟମାନଙ୍କ ସହ ରହିଥିବା ଜଣାପଡିଛି। ବରିଷ୍ଠ ଭାଜପା ନେତା କୈଳାସ ବିଜୟଭର୍ଗୀୟ, ହରିୟାଣା ଭାଜପା ପ୍ରଭାରୀ ଅନିଲ ଜୈନ ପ୍ରମୁଖ ସେଠାରେ ବିଧାୟକମାନଙ୍କୁ ଭେଟିଛନ୍ତି। ଭାଜପା ସହ ଥିବା ୧୦୬ ବିଧାୟକ ସ୍ୱତନ୍ତ୍ର ବିମାନ ଯୋଗେ ମାନେସାରରେ ପହଞ୍ଚିଥିଲେ।

## 'ନିର୍ବାଚିତ ସରକାରକୁ ଅସ୍ଥିର କରୁଛନ୍ତି ମୋଦି'


ରାହୁଲ ଗାନ୍ଧୀ

ମଧ୍ୟପ୍ରଦେଶରେ ନିର୍ବାଚିତ ସରକାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସ୍ଥିର କରୁଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୩୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଏହାର ଫାଇଦା ଲୋକଙ୍କୁ ନ ଦେଇ ପ୍ରଧାନମନ୍ତ୍ରୀ କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି କରିବାରେ ବ୍ୟସ୍ତ ରହିଛନ୍ତି। ତୈଳ ଦର ହ୍ରାସ କରି ଲୋକଙ୍କୁ ସୁବିଧା ଯୋଗାଇଦେବାକୁ ସେ ଆହ୍ୱାନ ଦେଇଛନ୍ତି। ବିଧାୟକମାନଙ୍କୁ କିଣିବା, ଅପହରଣ କରିବା ଓ ସରକାରକୁ ଚୋରାଇବା ଭାଜପାର ବ୍ୟବସାୟରେ ପରିଣତ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

## 'ନିର୍ଲଜ୍ଜ ଘୋଡ଼ାବେପାର କରୁଛି ଭାଜପା'

ଜୟପୁର,୧୧।୩(ପି.ଟି.)


ଅଶୋକ ଗେହଲଟ

ମଧ୍ୟପ୍ରଦେଶରେ ଭାଜପା ଅର୍ଥ ବଳରେ ନିର୍ଲଜ୍ଜ ଭାବେ ଘୋଡ଼ାବେପାର ଚଳାଇଛି ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବୁଧବାର କହିଛନ୍ତି। ଯେଉଁମାନେ ଦେଶକୁ ଶାସନ କରୁଛନ୍ତି, ସେମାନେ ଗଣତନ୍ତ୍ରର ହତ୍ୟା କରୁଛନ୍ତି। ଦେଶ ସେମାନଙ୍କୁ ଉଚିତ ଶିକ୍ଷା ଦେବ ବୋଲି ଗେହଲଟ ଜୟପୁର ବିମାନବନ୍ଦରରେ ଖବରଦାତାମାନଙ୍କୁ କହିଛନ୍ତି।

## 'କମଳନାଥ ଜିତିବେ ଆସ୍ଥାଭୋଟ'


ଦିଗ୍‌ବିଜୟ ସିଂ

ମଧ୍ୟପ୍ରଦେଶ ବିଧାନସଭାରୁ ଏହି ଦଳର ୨୨ ବିଧାୟକ ଇସ୍ତଫା ଦେଇଛନ୍ତି। ଏହା ସତ୍ତ୍ୱେ କମଳନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଆସ୍ଥାଭୋଟ ଜିତିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୨ ବିଦ୍ରୋହୀ ବିଧାୟକଙ୍କ ମଧ୍ୟରୁ ୧୩ ଜଣ କଂଗ୍ରେସ ଛାଡ଼ି ନ ଥିବା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି।

## ଇତିହାସର ଆଇନାରେ

### ମାର୍ଚ୍ଚ ୧୨ର ପ୍ରମୁଖ ଘଟଣା

## ଦାଣ୍ଡି ଅଭିଯାନ

୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ ଦାଣ୍ଡି ଅଭିଯାନ ଆରମ୍ଭ କରିଥିଲେ। ଇଂରେଜ ସରକାରଙ୍କ ଦ୍ୱାରା ଦେଶରେ ଲାଗୁ ହୋଇଥିବା ଲୁଣ ଆଇନକୁ ଉଲ୍ଲଂଘନ କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଆନ୍ଦୋଳନ ଲବଣ ସତ୍ୟାଗ୍ରହ ଭାବରେ ପରିଚିତ। ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ବିସ୍ଫୋରଣରେ ୩୧୭ ନିହତ

୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇରେ ସିରିଜ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୩୧୭ ଜଣ ପ୍ରାଣ ହରାଇଥିଲେ। ପ୍ରାୟ ୧୪ ଶହ ଜଣ ଆହତ ହୋଇଥିଲେ। ଡି' କମ୍ପାନୀର ସହଯୋଗୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅଫିସ, ବ୍ୟାଙ୍କ, ପେଟ୍ରୋଲ ଟାଙ୍କି, ମାର୍କେଟକୁ ଟାର୍ଗେଟ କରି କାର୍ ଓ ସ୍କୁଟର ବୋମା ବିସ୍ଫୋରଣ କରାଯାଇଥିଲା।

## କରୋନା କବଳରେ ୧୨୧ ଦେଶ

ନୂଆଦିଲ୍ଲୀ,୧୧।୩

**୧,୨୧,୭୩୮ ସଂକ୍ରମିତ, ୪୩୮୨ ମୃତ**

ଚାଇନାର ଉହାନ ସହରରେ ପ୍ରଥମେ ଦେଖାଦେଇଥିବା ମାରାତ୍ମକ କରୋନା ଭୂତାଣୁ ଏବେ ୧୨୧ ଦେଶକୁ ବ୍ୟାପିଲାଣି। ଏଥିରେ ମୋଟ ୧,୨୧,୭୩୮ ଜଣ ସଂକ୍ରମିତ ହୋଇଥିବାବେଳେ ୪୩୮୨ ଜଣଙ୍କ ମୃତ୍ୟୁ ହେଲାଣି। ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୦,୭୯୦ ହୋଇଥିବାବେଳେ ୩୧୫୮ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଇଟାଲୀରେ ୧୦,୧୪୯ ସଂକ୍ରମିତ ଓ ୬୩୧ ଜଣଙ୍କ ମୃତ୍ୟୁ ହେଲାଣି। ଇରାନରେ ୯,୦୦୦ କରୋନା ସଂକ୍ରମିତ ହୋଇଥିବାବେଳେ ୩୫୪ ଜଣଙ୍କ ମୃତ୍ୟୁ ହୋଇଛି। ଦକ୍ଷିଣ କୋରିଆରେ ରୋଗୀସଂଖ୍ୟା ୭,୭୫୫ ଓ ମୃତକଙ୍କ ସଂଖ୍ୟା ୬୧ ରହିଛି। ସ୍ପେନ୍‌ରେ ୨,୧୮୨ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୪୯ ପ୍ରାଣ ହରାଇଛନ୍ତି। ଫ୍ରାନ୍ସରେ ୧,୭୮୪, ଆମେରିକାରେ୧,୦୧୬ ଜଣ, ସ୍ୱିଜରଲାଣ୍ଡରେ ୬୫୨, ଜାପାନରେ ୫୮୭ ଜଣ, ନେଦରଲାଣ୍ଡସ୍‌ରେ ୫୦୩,

### ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା

ବ୍ରିଟେନରେ ୪୫୬, ଅଷ୍ଟ୍ରେଲିଆରେ ୧୨୭, ହଂକଂରେ ୧୨୬ ଓ ଇରାକରେ ୭୧ ଜଣ କରୋନା ଆକ୍ରାନ୍ତ। ଫ୍ରାନ୍ସରେ ମୃତ୍ୟୁସଂଖ୍ୟା ୩୩ ହୋଇଥିବାବେଳେ ଆମେରିକାରେ ୩୧, ସ୍ୱିଜରଲାଣ୍ଡରେ ୪, ଜାପାନରେ ୧୨, ନେଦରଲାଣ୍ଡସ୍‌ରେ ୫, ବ୍ରିଟେନରେ ୬, ଅଷ୍ଟ୍ରେଲିଆରେ ୩, ହଂକଂରେ ୩ ଓ ଇରାକରେ ୭ ରହିଛି। ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ନାଡିନେ ଡୋରିସ୍ କରୋନାରେ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡିବା ପରେ ସେ ନିଜକୁ ଘରେ ଅନ୍ୟମାନଙ୍କଠାରୁ ଅଲଗା ରଖିଛନ୍ତି।

## ଦିଲ୍ଲୀ ହିଂସା ଯୋଜନାବଦ୍ଧ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୧୧।୩



ଦିଲ୍ଲୀ ହିଂସାକାଣ୍ଡ ପଛରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବୁଧବାର ଲୋକ ସଭାରେ କହିଛନ୍ତି। ଷଡ଼ଯନ୍ତ୍ର ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ଦଙ୍ଗା ଲାଗି ଅର୍ଥ ପ୍ରଦାନ କରାଯାଇଥିବା ଲୋକଲୋଚନକୁ ଆସିଛି। ଦଙ୍ଗା ପୂର୍ବରୁ ପ୍ରାୟ ୬୦ ଆକାଉଣ୍ଟ ଖୋଲାଯାଇଥିବା ବେଳେ ଦଙ୍ଗାର ୪ ଦିନ ପରେ ଏଗୁଡ଼ିକ ବନ୍ଦ କରାଯାଇଥିଲା। ସ୍ଥିତିକୁ କାବୁକରିବା କାଠିକର ମନେ ହେଉଥିଲେ ବି ପୋଲିସ ୩୬ ଘଣ୍ଟାରେ ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଫେବୃୟାରୀ ୨୫ ରାତି ୧୧ଟା ପରେ କୌଣସି ହିଂସାକାଣ୍ଡ ହୋଇ ନ ଥିବା ଶାହା ପ୍ରକାଶ କରିଛନ୍ତି। ଦଙ୍ଗାକାରୀମାନେ ଯୋଜନା ମୁତାବକ ସେଭଳି କିଛି କଡ଼ ଧରଣର କାଣ୍ଡ ରଚନା କରିପାରିଲେନି। ଉତ୍ତରପ୍ରଦେଶର କିଛି ଲୋକ ଦିଲ୍ଲୀରେ ପଶି ହିଂସା ଭିଆଇଲେ। ୨୬ ଶହ ଲୋକ ଅଟକ ଥିବା ବେଳେ ୭୦୦ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ଦିଲ୍ଲୀ ହିଂସା ପାଇଁ ସିଧାସଳଖ ଏଏପିକୁ ଦୋଷାରୋପ କରିଛନ୍ତି। ସେ କହିଥିଲେ, ଏଏପି ବିଧାୟକ ଅମାନତୁଲ୍ଲା ଖାନ୍, ଏଏପି କାଉନ୍‌ସିଲର ତାହିର ହୁସେନ୍ ଏବଂ

### ପୋଲିସ କାର୍ଯ୍ୟାନୁଷ୍ଠାନକୁ ଶାହାଙ୍କ ସାବାସୀ

ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମ୍ ଏହି ହିଂସାକାଣ୍ଡ ଲାଗି ଦାୟୀ। ଅଯଥାରେ ଭାଜପା ନେତା ଅନୁରାଗ ଠାକୁର, ପର୍‌ଭେଶ୍ ବର୍ମା ଏବଂ କପିଳ ମିଶ୍ରାଙ୍କୁ ଏଥିଲାଗି ଦାୟୀ କରାଯାଉଛି। ଦଙ୍ଗା ପଛରେ କଂଗ୍ରେସର ବି ହାତ ରହିଛି ବୋଲି ପରୋକ୍ଷରେ ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ରୁତ ପଦକ୍ଷେପ ଯୋଗୁ ମାତ୍ର ୩୬ ଘଣ୍ଟାରେ ହିଂସା ନିୟନ୍ତ୍ରଣ କରାଯାଇ ପାରିଥିବା ସେ ପ୍ରକାଶ କରିଛନ୍ତି। ସିଏଏକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ପ୍ରଥମେ ହିଂସାକାଣ୍ଡ ଦେଖା ଦେଇଥିଲା। ପରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲା। ଏଥିରେ ୫୨ ବ୍ୟକ୍ତି ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ। ଫେବୃୟାରୀ ୨୩ରେ ଭାଜପା ନେତା କପିଳ ମିଶ୍ରା ପୋଲିସକୁ ଜାଫ୍‌ରାବାଦ ଓ ଚାନ୍ଦ୍ ବାଗ୍ ରୋଡ୍‌କୁ ଖାଲିକରିବା ଲାଗି ପୋଲିସକୁ ୩ ଦିନ ସମୟ ଦେଇଥିଲେ। ଏହାକୁ ବିରୋଧୀ ଦଳ ସମାଲୋଚନା କରି ମୁସ୍‌ଲିମଙ୍କୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ କରିଥିଲେ।

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ | Sambalpur, Thursday, March 12 / 2020 | ପୃଷ୍ଠା-୧




**ମନୀଷଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ମନୀଷ କୌଶିକ ନବମ ଭାରତୀୟ ବକ୍ସର ଭାବେ ଟୋକିଓ ଅଲିମ୍ପିକ୍ସ ୨୦୨୦ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୭

୧୧

**ନିଜ ସ୍ୱୟଂବର କଥା କହିଲେ ତମନ୍ନା**

ଅଭିନେତ୍ରୀ ତମନ୍ନା ଭାଟିଆ ନିଜ ସ୍ୱୟଂବରରେ ହ୍ରିତିକ୍ ରୋଶନ, ପ୍ରଭାସ ଏବଂ ଭିକ୍କି କୌଶଳଙ୍କୁ ନିଶ୍ଚିତ ଭାବେ ସାମିଲ୍ କରିବାକୁ କହିଛନ୍ତି।



# ୩ ଘଣ୍ଟାରେ ରାଜ୍ୟ ସଭା ଟିକେଟ

ନୂଆଦିଲ୍ଲୀ/ଭୋପାଳ,୧୧।୩ (ପି.ଟି./ଆଇଏଏନ୍ଏସ୍)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ବିରୋଧରେ କୁହୁଳୁଥିବା ଅସନ୍ତୋଷର ଧୂଆଁ ଶେଷରେ ନିଆଁର ରୂପ ନେଇ ତାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରକୁ ଗାଦିଚ୍ୟୁତ କରିବାକୁ ବସିଛି। ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଦଳରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ଜ୍ୟୋତିରାଦିତ୍ୟ ଭାଜପାରେ ମିଶିବାର ୩ ଘଣ୍ଟା ନ ପୂରୁଣୁ ତାଙ୍କୁ ମିଳିଛି ରାଜ୍ୟ ସଭା ଟିକେଟ। କେବଳ ଜ୍ୟୋତିରାଦିତ୍ୟ ନୁହନ୍ତି, ତାଙ୍କ ଗୋଷ୍ଠୀର ୨୨ ବିଦ୍ରୋହୀ ବିଧାୟକ ମଧ୍ୟ କଂଗ୍ରେସ ଛାଡ଼ିଛନ୍ତି। ଫଳରେ କମଲନାଥ ସରକାର ସଂଖ୍ୟାଲଘୁ ଅବସ୍ଥାକୁ ଖସିଆସିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କ ପାଇଁ ପୁଣିଥରେ କ୍ଷମତାକୁ ଫେରିବାର ବାଟ ପରିଷ୍କାର ହୋଇଛି। ଭୋପାଳରୁ ନେଇ ବେଙ୍ଗାଲୁରୁ ଯାଏ ବିଗତ ୩ ଦିନ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ କେବଳ ମଧ୍ୟପ୍ରଦେଶ ନୁହେଁ, ବରଂ ଜାତୀୟ ରାଜନୀତିର ତାପମାତ୍ରା ବୃଦ୍ଧି କରିଛି। ଏହାକୁ ନେଇ ଦେଶବ୍ୟାପୀ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୮ ଶେଷ ଆଡ଼କୁ ୩ ପ୍ରମୁଖ ହିନ୍ଦୀ ଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭାଜପା ହାତରୁ ଖସିଯାଇଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୧୪ ଆସନରେ ସଫଳତା ମିଳିଥିଲା। ଭାଜପାର ୧୦୯ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ୨ ବିଧାୟକଙ୍କ ପରଲୋକ ପରେ ୨ଟି ଆସନ ଖାଲିପଡ଼ିଛି। ସେହିପରି ସ୍ୱାଧୀନ ୪, ବିଏସ୍‌ପି ୨ ଓ ଏସ୍‌ପିର ଜଣେ ପ୍ରାର୍ଥୀ ଜିତିଥିଲେ। କୁହୁକ ସଂଖ୍ୟା ୧୧୬ ହୋଇଥିବାବେଳେ ଅଣଭାଜପା ବିଧାୟକଙ୍କ ସମର୍ଥନରେ କମଲନାଥ ସରକାର ଗଠନ କରିଥିଲେ। ସେତେବେଳେ ଗ୍ୱାଲିୟର ରାଜବଂଶର ଦାୟାଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି ଜୋର୍ ଧରିଥିଲା। କିନ୍ତୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇ ନ ଥିଲା। ସେବେଠୁ କମଲନାଥ ଓ ଜ୍ୟୋତିରାଦିତ୍ୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ମତଭେଦ ସାମ୍ନାକୁ ଆସିବାରେ ଲାଗିଥିଲା। ଏପରି କି ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି କେନ୍ଦ୍ରର କେତେକ ପଦକ୍ଷେପକୁ ଜ୍ୟୋତିରାଦିତ୍ୟ ଖୋଲାଖୋଲି ସମର୍ଥନ କରି କଂଗ୍ରେସକୁ ଅଡୁଆରେ ପକାଇଆସୁଥିଲେ। କମଲନାଥ ଜ୍ୟୋତିରାଦିତ୍ୟଙ୍କ ଦାବିଗୁଡ଼ିକୁ ଅଣଦେଖା କରୁଥିବାବେଳେ ଇତିମଧ୍ୟରେ ପ୍ରାୟ ଦେଢ଼ବର୍ଷ ବିତିଯାଇଛି। ସୁଯୋଗକୁ ଅପେକ୍ଷା କରିଥିବା ଜ୍ୟୋତିରାଦିତ୍ୟ ଶେଷରେ ତାଙ୍କ ବାପା ତଥା କଂଗ୍ରେସର ପୂର୍ବତନ ବରିଷ୍ଠ ନେତା ମାଧବରାଓ ସିନ୍ଧିଆଙ୍କ ୭୫ତମ ଜନ୍ମଦିନରେ ଦଳ ଛାଡ଼ି ☞ପୃଷ୍ଠା–୨



ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଉଛନ୍ତି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କୁ ସ୍ୱାଗତ କରୁଛନ୍ତି। ନିକଟରେ (ବାମ) ଅଛନ୍ତି ମଧ୍ୟପ୍ରଦେଶ ଭାଜପା ସଭାପତି ବିଷ୍ଣୁଦତ୍ତ ଶର୍ମା।

**କଂଗ୍ରେସ ଛାଡ଼ି ଭାଜପାରେ ସିନ୍ଧିଆ**

- କଂଗ୍ରେସ ସହ ୧୮ ବର୍ଷର ସମ୍ପର୍କ ଛିନ୍ନ କଲେ ଜ୍ୟୋତିରାଦିତ୍ୟ
- ଦଳରୁ ବହିଷ୍କାର କଲେ କଂଗ୍ରେସ ଅଧ୍ୟକ୍ଷା ସୋନିଆ
- ଭାଜପାରେ ମିଶିଲେ, ମୋଦି-ଶାହାଙ୍କୁ ପ୍ରଶଂସା କଲେ
- ଇସ୍ତଫା ଦେଲେ ମଧ୍ୟପ୍ରଦେଶର ୨୨ କଂଗ୍ରେସ ବିଧାୟକ
- ବଢ଼ିଲା କମଲନାଥ ସରକାରଙ୍କ ଅଡୁଆ
- ଶିବରାଜଙ୍କ କ୍ଷମତାକୁ ଫେରିବା ବାଟ ପରିଷ୍କାର

# ବିଧାନସଭା ହୁଲ୍‌ସ୍ଥୁଲ, ଗୃହ ମୁଲତବୀ



**ୟେସ୍ ବ୍ୟାଙ୍କରେ ଶ୍ରୀମନ୍ଦିର ଟଙ୍କା ରଖିବା ଘଟଣା**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ରଖିବା ନେଇ ସରକାର ଅଡୁଆରେ ପଡିଛନ୍ତି। ଏହି ଟଙ୍କା ଫେରିବ କି ନାହିଁ ସେ ନେଇ ଲୋକମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଟଙ୍କାକୁ ନେଇ ବୁଧବାର ବିଧାନସଭା ହୁଲ୍‌ସ୍ଥୁଲ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ଏ ନେଇ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଛନ୍ତି। ଏଥିଯୋଗୁ ଦିନତମାମ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡିଯାଇଛି। ଭାଜପା ପକ୍ଷରୁ ଏ ନେଇ ଏକ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ବାଚସ୍ପତି ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ ମଧ୍ୟ ଗୁରୁବାର ଆଲୋଚନା କରାଯିବ ବୋଲି ଗୃହରେ ସୂଚନା ଦେଇଥିଲେ। କେବଳ ଶୋକ ପ୍ରସ୍ତାବ ଛଡ଼ା ଗୃହରେ କୌଣସି ଆଲୋଚନା ହୋଇପାରି ନ ଥିଲା। ବାଚସ୍ପତି ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବୁଧବାରଠାରୁ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ୧୦ଟା ୩୦ ମିନିଟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ାହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇ ସ୍ୱାଗତ କରିଥିଲେ। ବିଧାନସଭାରେ ୩ ଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ୧୨ ମିନିଟ୍ ପର୍ଯ୍ୟନ୍ତ ଏହି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ୧୦ଟା ୪୨ ମିନିଟ୍‌ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜାଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଗୋଳ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ କାହିଁକି ରଖାଗଲା ବୋଲି ସରକାରଙ୍କଠାରୁ ☞ପୃଷ୍ଠା–୨

**କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହାୟତା ଲୋଡ଼ିଲେ ବିଜେଡି ଏମ୍‌ପି**

ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଫସି ରହିଛି। ଏହି ଟଙ୍କାକୁ ମୁକାଳିବା ପାଇଁ ବିଜେଡି ଏମ୍‌ପିମାନେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ବୁଧବାର ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରିଛନ୍ତି। ବିଜେଡି ସଂସଦୀୟ ନେତା (ରାଜ୍ୟ ସଭା) ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ସୀତାରାମନଙ୍କୁ ଭେଟି ମହାପ୍ରଭୁଙ୍କ ଟଙ୍କା କିପରି ଫେରିବ ସେ ନେଇ ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମହାପ୍ରଭୁଙ୍କ ଟଙ୍କା ବୁଡ଼ିବ ନାହିଁ ବୋଲି ଅର୍ଥମନ୍ତ୍ରୀ ବିଜେଡି ଏମ୍‌ପିମାନଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଏହି ଟଙ୍କା ମ୍ୟାଚ୍ୟୁରିଟି ହେବା ପରେ ସୁଧ ସହିତ ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଲେଖିଥିବା ଚିଠିକୁ ଏମ୍‌ପିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଚିଠିରେ କୁହାଯାଇଛି ଯେ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଫିକ୍ସ ଡିପୋଜିଟ କରାଯାଇଛି। ☞ପୃଷ୍ଠା–୨








11.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# କର୍ଣ୍ଣାଟକ: କରୋନାରେ ଜଣଙ୍କ ମୃତ୍ୟୁ ସନ୍ଦେହ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୧।୩(ପି.ଟି.)

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୬୦ରେ ପହଞ୍ଚିଛି। କର୍ଣ୍ଣାଟକର କଲାବୁର୍ଗୀରେ ଜଣେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ମହମ୍ମଦ ହୁସେନ ସିଦ୍ଦିକୀ ନାମକ ବ୍ୟକ୍ତିଙ୍କର ମଙ୍ଗଳବାର ସରକାରୀ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ବେଙ୍ଗାଲୁରୁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସିଦ୍ଦିକୀ ନିକଟରେ ସୌଦି ଆରବରୁ ଫେରିଥିଲେ। ଅନ୍ୟପକ୍ଷରେ କରୋନା ଭୂତାଣୁ ସଂକ୍ରମଣରେ ସିଦ୍ଦିକୀଙ୍କ ମୃତ୍ୟୁ ଖବରକୁ ରାଜ୍ୟ ସରକାର ଖଣ୍ଡନ କରିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ଗଣମାଧ୍ୟମରେ ଗୁଜବ ପ୍ରଚାର ହେଉଥିବା ରାଜ୍ୟ ସ୍ୱାସ୍ଥ୍ୟ କମିଶନର ପଙ୍କଜ କୁମାର ପାଣ୍ଡେ କହିଛନ୍ତି। ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ବୁଧବାର ଦିଲ୍ଲୀ ଓ ରାଜସ୍ଥାନରୁ ଜଣେ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଭାରତରେ ଏହି ଭୂତାଣୁ ସଂକ୍ରମିତ ରୋଗୀ ସଂଖ୍ୟା ୬୦ରେ ପହଞ୍ଚିଛି। ବୁଧବାର ସୁଦ୍ଧା ଦିଲ୍ଲୀରେ ମୋଟ ୫ ଜଣ ସଂକ୍ରମିତ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ୬୦ ଜଣଙ୍କ ମଧ୍ୟରେ ୧୬ ଜଣ ଇଟାଲୀୟ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ୪, ମହାରାଷ୍ଟ୍ରରେ ୨ ଓ ଲଦାଖରେ ଜଣ କୋଭିଡ଼-୧୯ରେ ସଂକ୍ରମିତ। ସେହିପରି ରାଜସ୍ଥାନ, ତେଲଙ୍ଗାନା, ତାମିଲନାଡୁ, ଜମ୍ମୁ-କଶ୍ମୀର ଓ ପଞ୍ଜାବରେ ଜଣେ ଲେଖାଏ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। କେରଳରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କଠାରେ କରୋନା ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଭଲ ହୋଇ ଘରକୁ ଫେରିଲେଣି। ଡେଲ୍ ଓ ମାଇଣ୍ଡଟ୍ରି ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିବା ୨ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି। ଡେଲ୍ କର୍ମଚାରୀ ଆମେରିକା ଓ ଟେକ୍ସାସ ଗସ୍ତ କରିଥିବାବେଳେ ମାଇଣ୍ଡଟ୍ରି କର୍ମଚାରୀ ଜଣକ ବିଦେଶ ଗସ୍ତରେ ଯାଇଥିଲେ।

ସତର୍କତା ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ମଙ୍ଗଳବାର ଆଉ ୩ଟି ଦେଶର ନାଗରିକଙ୍କ ଭାରତ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। ☞ପୃଷ୍ଠା–୨

**ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୬୦**






# ଦିଲ୍ଲୀରେ ବିକ୍ରି ଯୁବତୀ ଉଦ୍ଧାର

ରାଉରକେଲା ଅଫିସ,୧୧।୩

ବିବାହ ପ୍ରଲୋଭନ ଦେଖାଇ ଦିଲ୍ଲୀରେ ବିକ୍ରି କରାଯାଇଥିବା ଜଣେ ଯୁବତୀ (୨୫) ମଙ୍ଗଳବାର ଉଦ୍ଧାର ପରେ ଗାଁକୁ ଫେରିଛନ୍ତି। ସେ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁଚେଇତା ତୁରିଟୋଲା ବାସିନ୍ଦା। ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶଙ୍କର ବାଗେ ନାମକ ଜଣେ ଯୁବକ ଗତ ୩ ତାରିଖରେ ଦିଲ୍ଲୀ ନେଇ ସେଠାରେ ବିକ୍ରି କରି ଦେଇଥିଲେ। ନିଜ କମିଶନି ଟଙ୍କା ଧରି ଏହି ପ୍ରତାରକ ଯୁବକ ଦିଲ୍ଲୀରୁ ଫେରି ଆସିଥିଲେ। ସେଠାରେ ଯୁବତୀ ଯେତେବେଳେ ଜାଣିଲେ ତାଙ୍କୁ ବିକ୍ରି କରି ଦିଆଯାଇଛି, ସେ ମାନସିକ ଭାବେ ଭାଙ୍ଗି ପଡିଲେ। କେମିତି ପରିବାର, ଗାଁ ସହ ଯୋଗାଯୋଗ କରିବେ ସେହି ଚିନ୍ତାରେ ପଡିଥିଲେ। ଏହା ଭିତରେ ସେ ଯେଉଁଠି କାମ କରୁଥିଲେ ସେଠାକାର ମାଲିକ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ବହୁତ କଷ୍ଟରେ ଯୁବତୀ ନିଜ ପରିବାର ସହ ସମ୍ପର୍କ କରିଥିଲେ। ତାଙ୍କୁ ଦିଲ୍ଲୀରେ ବିକ୍ରି କରି ଦିଆଯାଇଥିବା ନେଇ ପରିବାର ଲୋକଙ୍କୁ କାନ୍ଦିକାନ୍ଦି ଜଣାଇଥିଲେ। ଏହା ପରେ ଯୁବତୀଙ୍କ ସମ୍ପର୍କୀୟ ସ୍ଥାନୀୟ ଅଞ୍ଚଳର ଜଣାଶୁଣା ମହିଳା ସାମାଜିକ କର୍ମୀ ☞ପୃଷ୍ଠା–୨

# ହୋଲି ଖେଳ କାଳ: ୧୯ ମୃତ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଆନନ୍ଦର ପର୍ବ ହୋଲିରେ ମଙ୍ଗଳବାର ସମଗ୍ର ରାଜ୍ୟ ଥିଲା ଉତ୍ସବମୁଖର। ପିଲାଠୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତେ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ରଙ୍ଗ ବୋଳି ଖୁସି ମନାଇଥିଲେ। ହେଲେ ଏହି ଖୁସି କେତେକଙ୍କ ପାଇଁ କାଳ ସାଜିଛି। ହୋଲି ଖେଳି ସାରି ନଦୀ, ପୋଖରୀ ଓ ଡ୍ୟାମରେ ଗାଧୋଉଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୬ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ☞ପୃଷ୍ଠା–୨

- ନଦୀ, ଡ୍ୟାମ୍, ପୋଖରୀରେ ବୁଡ଼ିଯାଇ ୧୬ଜଣଙ୍କ ମୃତ୍ୟୁ
- ଢେଙ୍କାନାଳ ଦୁର୍ଘଟଣାରେ ଗଲା ୩ ଜୀବନ
- ଦକ୍ଷିଣ ଓଡ଼ିଶାରେ ସର୍ବାଧିକ ୭

**ଆଜିର ସମ୍ପାଦକୀୟ**

**କୁକୁଡ଼ାମାଂସ ଓ ବୀଜାଣୁ ସଂକ୍ରମଣ**




**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରିରେ ଦେଶର ପୁଞ୍ଜି ବଜାରର ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ୧୦,୭୩୦ କୋଟି ଟଙ୍କା ନିବେଶ ହୋଇଛି। ଏହା ୧୧ ମାସର ସର୍ବୋଚ୍ଚ ସ୍ତର। – **ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ୍**

**ଆଜିର ମନ୍ତବ୍ୟ**

"ସୁବିଧାବାଦୀ ରାଜନେତାମାନେ ବହୁ ଆଗରୁ ଦଳ ଛାଡ଼ିଦେବା ଉଚିତ ଥିଲା।
**–ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହାୟତା ...

ଏହି ଡିପୋଜିଟର ମ୍ୟାଚୁରିଟି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ଏହି ବ୍ୟାଙ୍କରୁ ଟଙ୍କା ଉଠାଇବା ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ କଟକଣା ଜାରି କରାଯାଇଛି। ଉକ୍ତ ଟଙ୍କା ଉଠାଇବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ଅର୍ଥମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଜରିଆରେ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ମହାପ୍ରଭୁଙ୍କ ଟଙ୍କା ଜାତୀୟକରଣ ବ୍ୟାଙ୍କରୁ ଉଠାଇ କାହିଁକି ଘରୋଇ ବ୍ୟାଙ୍କରେ ରଖିଲେ ବୋଲି। ଲୋକମାନଙ୍କର ଏହି ପ୍ରଶ୍ନର ଉତ୍ତର ସରକାରଙ୍କୁ ଦେବାକୁ ପଡିବ ବୋଲି ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି।

## ଦିଲ୍ଲୀରେ ବିକ୍ରି...

ଚାନ୍ଦମଣି ସାଣ୍ଡିଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଦାଦନ ଉଦ୍ଧାରରେ ଦୀର୍ଘ ଅଭିଜ୍ଞତା ରଖିଥିବା ଚାନ୍ଦମଣି ଏନେଇ ଗତ ୫ ମାର୍ଚ୍ଚରେ ଚାନ୍ଦିପୋଷ ଥାନା ପୋଲିସକୁ ଅବଗତ କରାଇଥିଲେ।କାର୍ଯ୍ୟାନୁଷ୍ଠାନରେ ପୋଲିସର ଶିଥିଳତା ଦେଖି ଚାନ୍ଦମଣି ଦିଲ୍ଲୀ ମାନବାଧିକାର ସଙ୍ଗଠନ ସହ ଦିଲ୍ଲୀ ପୋଲିସ କମିଶନରଙ୍କୁ ମଧ ଟେଲିଫୋନ ଯୋଗେ ଜଣାଇଥିଲେ। ବିକ୍ରି ଯୁବତୀଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ପୋଲିସ କମିଶନର ଯୁବତୀଙ୍କ ମୋବାଇଲ ନମ୍ବର ପାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଦିଲ୍ଲୀର ପଞ୍ଜାବୀ ବାଗରେ ଏକ ଅଫିସରେ କାର୍ଯ୍ୟ କରୁଥିବା ଯୁବତୀଙ୍କୁ ଉଦ୍ଧାର କରାଯାଇ ରାଉରକେଲା ଆସୁଥିବା ଟ୍ରେନରେ ବସାଇ ଦିଆଯାଇଥିଲା। ବୁଧବାର ଯୁବତୀ ସୁରକ୍ଷିତ ଭାବେ ରାଉରକେଲା ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ଅପେକ୍ଷା କରିଥିବା ସମ୍ପର୍କୀୟ ଓ ସାମାଜିକ କାର୍ଯ୍ୟକର୍ତ୍ତା ସାଣ୍ଡିଲ ଘରକୁ ଆଣିଥିଲେ।

# ପ୍ରଥମ ପୃଷ୍ଠାରୁ...

## ୩ ଘଣ୍ଟାରେ ରାଜ୍ୟ ...

ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେ ମଙ୍ଗଳବାର ନିଜ ଇସ୍ତଫାପତ୍ର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ କରିଥିଲେ। ସୋନିଆ ଜ୍ୟୋତିରାଦିତ୍ୟଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହ ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ଦେଶବାସୀ ହୋଲି ଖେଳୁଥିବାବେଳେ ଜ୍ୟୋତିରାଦିତ୍ୟ ଭାଜପାର ଗେରୁଆ ରଙ୍ଗ ଧାରଣ କରିବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଯାଇଯାଇଥିଲା। ଏହାସତ୍ତ୍ୱେ ସେ ନୂଆ ଦଳ ଗଠନ କରିପାରନ୍ତି ବୋଲି କେତେକ ମହଲରେ ଚର୍ଚ୍ଚା ହେଉଥିଲା। ଶେଷରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଜ୍ୟୋତିରାଦିତ୍ୟ ବୁଧବାର ଅପରାହ୍ନରେ ଭାଜପାରେ ଯୋଗଦେଇଛନ୍ତି। କଂଗ୍ରେସ ସହ ଦୀର୍ଘ ୧୮ ବର୍ଷର ସମ୍ପର୍କ ଛିନ୍ନ କରି ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ଜ୍ୟୋତିରାଦିତ୍ୟ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କ ହାତରେ ଦେଶ ସୁରକ୍ଷିତ ଥିବା କହିଛନ୍ତି। ଲୋକଙ୍କ ସେବା କରିବା ପାଇଁ ମୋଦି ଓ ଶାହା ସୁଯୋଗ ଦେଇଥିବାରୁ ସେ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଭାଜପା ମୁଖ୍ୟ ନଡ୍ଡା ଜ୍ୟୋତିରାଦିତ୍ୟଙ୍କୁ ଦଳକୁ ସ୍ୱାଗତ କରିବା ସହ ଭାଜପା ପ୍ରତି ତାଙ୍କ ଜେଜେମା' ରାଜମାତା ବିଜୟା ରାଜେ ସିନ୍ଧିଆଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ସେ ତାଙ୍କ ପରିବାରକୁ ଫେରିଆସିଛନ୍ତି ବୋଲି ନଡ୍ଡା କହିଛନ୍ତି। ଆସନ୍ତା ୨୬ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ଭାଜପା ଜ୍ୟୋତିରାଦିତ୍ୟଙ୍କୁ ଟିକେଟ ଦେଇଛି। ବୁଧବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଜାରି ହୋଇଥିବା ୯ ଜଣିଆ ପ୍ରାର୍ଥୀ ତାଲିକାରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ରହିଛି। ସେପଟେ ୨୨ କଂଗ୍ରେସ ବିଧାୟକ କମଳନାଥ ସରକାରରୁ ଇସ୍ତଫା ଦେଇଛନ୍ତି। ସେମାନେ ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ନିକଟକୁ ନିଜ ନିଜ ଇସ୍ତଫାପତ୍ର ପଠାଇଦେଇଛନ୍ତି। ବିଦ୍ରୋହୀ ବିଧାୟକମାନେ ପକ୍ଷପରିବର୍ତ୍ତନ କରିବା ପରେ କମଳନାଥ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଛି। ଏହାସହ ଶିବରାଜ ସିଂ ଚୌହାନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବାର ବାଟ ଫିଟିଛି। କେବଳ ଏତିକି ନୁହେଁ, ମଧ୍ୟପ୍ରଦେଶର ୩ ରାଜ୍ୟ ସଭା ଆସନ ମଧ୍ୟରୁ ୨ଟିକୁ ଭାଜପା ଦଖଲ କରିବା ମଧ ନିଶ୍ଚିତ ହୋଇଛି। ୨୦୦୧ ସେପ୍ଟେମ୍ବର ୩୦ରେ ମାଧବରାଓ ସିନ୍ଧିଆଙ୍କ ପରଲୋକ ପରେ ଗୁନା ଲୋକ ସଭା ଆସନରେ ନିର୍ବାଚନ ହୋଇଥିଲା। ସେତେବେଳେ ୩୧ ବର୍ଷରେ ପଦାର୍ପଣ କରିଥିବା ଜ୍ୟୋତିରାଦିତ୍ୟ ୨୦୦୨ ଉପନିର୍ବାଚନରେ ବିଜୟୀ ହୋଇଥିଲେ। ଏହା ପରେ ସେ ଆଉ ୩ ଥର ଜିତିଥିଲେ। ତେବେ ଗତ ସାଧାରଣ ନିର୍ବାଚନରେ ଜ୍ୟୋତିରାଦିତ୍ୟ ଗୁନା ଆସନରେ ପରାଜିତ ହେବା ପରେ ତାଙ୍କୁ ଦଳରେ ଅଣଦେଖା କରାଯାଇଥିଲା। ଏହା ପୂର୍ବରୁ ୨୦୦୭ରେ ଉପା-୧ ସରକାରରେ ଜ୍ୟୋତିରାଦିତ୍ୟଙ୍କୁ ଯୋଗାଯୋଗ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ୨୦୦୯ରେ ସେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଏବଂ ୨୦୧୨ରେ ଉପା-୨ ଅମଳରେ ଶକ୍ତି ରାଷ୍ଟ୍ରମନ୍ତ୍ରୀ ପଦ ସମ୍ଭାଳିଥିଲେ।

## କର୍ନାଟକ: କରୋନାରେ ...

ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ନାଗରିକଙ୍କ ନିୟମିତ ତଥା ଇ-ଭିଜାକୁ ସ୍ଥଗିତ କରାଯାଇଛି। ପୂର୍ବରୁ ଚାଇନା, ଇଟାଲୀ, ଇରାନ, ଦକ୍ଷିଣ କୋରିଆ, ଜାପାନ ନାଗରିକଙ୍କ ଭିଜା ସ୍ଥଗିତ ରଖାଯାଇଥିଲା। ଉପରୋକ୍ତ ଦେଶକୁ ଭ୍ରମଣରେ ନ ଯିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶବାସୀଙ୍କୁ ପରାମର୍ଶ ଦିଆଯାଇଛି।

## ବିଧାନସଭା ହୁଲସ୍ଥୁଲ, ...

ଜବାବ ତଲବ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ଖାଇଲା କିଏ କହି ସରକାର ବିରୋଧୀ ସ୍ଲୋଗାନ ଦେବା ସହିତ ଗୃହରେ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଦେଇଥିବାରୁ ନିଜ ସିଟ୍‌ରେ ଚୁପ୍ ହୋଇ ବସି ରହିଥିଲେ। କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ୧୦ ଟା ୪୨ ମିନିଟରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ଗୃହର ମଧଭାଗକୁ ଆସି ହୋହଲ୍ଲା କରିଥିଲେ। ବାଚସ୍ପତି କହିଥିଲେ ୟେସ୍ ବ୍ୟାଙ୍କରେ ଥିବା ଟଙ୍କା ସମ୍ପର୍କରେ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ମୁଁ ଗ୍ରହଣ କରିଛି। ଗୁରୁବାର ଏହା ଉପରେ ଆଲୋଚନା ହେବ। ଆପଣମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରନ୍ତୁ। ବାଚସ୍ପତିଙ୍କ ଏହି ଅନୁରୋଧକୁ କଂଗ୍ରେସ ସଦସ୍ୟମାନେ ଏଡାଇଦେବା ସହିତ ସରକାର ବିରୋଧୀ ସ୍ଲୋଗାନରେ ମାତିଯାଇଥିଲେ। ଗୃହରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି କୌଣସି ଉପାୟ ନ ପାଇ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। କଂଗ୍ରେସ ସଦସ୍ୟମାନେ ପୁଣି ନାରାବାଜି କରିଥିଲେ। ପାଟିତୁଣ୍ଡ ମଧରେ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

## ହୋଲି ଖେଳ କାଳ...

ଢେଙ୍କାନାଳ ଏକ ସଡ଼କ ଦୁର୍ଘଟଣାରେ ୩ ବନ୍ଧୁଙ୍କ ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ଅନୁସାରେ କଟକ ଜିଲା ୪୨ ମୌଜାସ୍ଥିତ କାଠଯୋଡ଼ି ନଦୀର ଝିଙ୍କିରିଆ ଘାଟରେ ଗାଧୋଉଥିବା ସମୟରେ ବୁଡ଼ି ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ଖପୁରିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭମ୍ କୁମାର ବେହେରା ଏବଂ ନିଶାନ୍ତ କୁମାର ପାଢ଼ୀ। ଏମାନଙ୍କ ଘର ସ୍ଥାନୀୟ ନେତାଜୀନଗର ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳରେ ନଦୀରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ନରାଜ ବ୍ୟାରେଜସ୍ଥିତ ଅରିଲୋ ଗ୍ରାମ ନିକଟସ୍ଥ କାଠଯୋଡ଼ି ନଦୀ ଘାଟରେ ଗାଧୋଉଥିବାବେଳେ ଶାଶ୍ୱତ ସାହୁ ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ବଡ଼ବଜାର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ +୨ରେ ପଢୁଥିଲେ। ଆଉ ଏକ ଦୁର୍ଘଟଣାରେ କାଠଯୋଡ଼ି ନଦୀରେ ଗାଧୋଉଥିବାବେଳେ ଦିବାକର ସର୍ଦ୍ଦାରଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଦିବାକରଙ୍କ ଘର କଳିକତାରେ ହୋଇଥିବାବେଳେ ସେ ଫକିରପଡ଼ାସ୍ଥିତ ଏକ ଘରୋଇ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାର ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ଗାଧୋଉଥିବାବେଳେ ବୁଡ଼ିଯାଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ରୀନା ଗୋଚ୍ଛାୟତ। କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମରେ ହୋଲି ଖେଳ ସାରି ସାଙ୍ଗମାନଙ୍କ ସହ ପୋଖରୀରେ ଗାଧୋଉଥିବାବେଳେ ଆଂଶୁମାନ ପରିଡ଼ାଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଶିଆଡ଼ିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ବୁଗାଳି ଡ୍ୟାମରେ ନିଶିକାନ୍ତ ସାଏବାବୁ ରଙ୍ଗ ଖେଳି ସାରି ଗାଧୋଉଥିବା ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ବାରିପଦାରେ ମଧ ହୋଲି ଖେଳିସାରି ନଦୀରେ ଗାଧୋଉ ଥିବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ସହର କାଳୀମନ୍ଦିର ସାହିର ଶିବୁନ ମହାନ୍ତି। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡିରେ ହୋଲି ଖେଳ ସାରି ମହେନ୍ଦ୍ରତନୟା ନଦୀରେ ଗାଧୋଉଥିବାବେଳେ ଜଣେ ଶିକ୍ଷକ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଉଛନ୍ତି ଯଜ୍ଞସେନ ବେହେରା। ସେ ଗୋଷାଣୀ ବ୍ଲକ ଅନ୍ତର୍ଗତ ଶରଧାପୁର ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଥିଲେ। ଆଉଏକ ଘଟଣାରେ ନବରଙ୍ଗପୁର ଇନ୍ଦ୍ରାବତୀ ନଦୀରେ ବୁଡ଼ିଯାଇ ଇଚ୍ଛାବତୀଗୁଡ଼ା ଗ୍ରାମର ଆଦିତ୍ୟ ନାୟକଙ୍କ ମୃତ୍ୟୁ ଘଟିଛି। ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ଆଦିତ୍ୟ ଗଭୀର ଜଳରେ ବୁଡ଼ି ଯାଇଥିଲେ। ସେହିପରି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଚୁନିଗୁଡ଼ା ଗ୍ରାମର ୨ଭଉଣୀ ଜୟମଣି ପୂଜାରୀ ଓ ହେମବତୀ ପୂଜାରୀ ଭାସ୍କେଲ ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ରାୟଗଡା ଜିଲା ଗୁଣୁପୁରରେ ହୋଲି ଖେଳି ସାରି କେନ୍ଦୁଗୁଡ଼ାସ୍ଥିତ ବଡ଼ନାଳ ଡ୍ୟାମରେ ଗାଧୋଉଥିବାବେଳେ ବୁଡ଼ିଯାଇ ୩ଜଣ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପଦ୍ମପୁର ଅଞ୍ଚଳର ସୁରେଶ କୁମାର, କେ. ଅଭିଷେକ ଏବଂ ରାୟପୁରର ବରୁଣ ଆଚାରୀ। ବରୁଣ ମାମୁ ଘରକୁ ବୁଲି ଆସିଥିଲେ। ଅନ୍ୟଏକ ଘଟଣାରେ ସମ୍ବଲପୁର ସଦର ଥାନା ଅଧୀନ ମାଲତୀ ନଦୀରେ ବୁଡ଼ିଯାଇ ଅଭିଳାଷ ଦଳେଇ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହୋଲିରେ ଅଭିଳାଷ ସାଙ୍ଗମାନଙ୍କ ସହ ସ୍ଥାନୀୟ ବାଉଁଶବୁଦାକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇବା ପୂର୍ବରୁ ସେ ନଦୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ। ସେହିପରି ହୋଲି ଅବସରରେ ଭୋଜି ସାରି ବାଇକ୍‌ରେ ଫେରୁଥିବାବେଳେ ଢେଙ୍କାନାଳ ସଦର ଥାନା କପିଳାସ ରାସ୍ତାର ଛଣାବୋଲୁଅ ନିକଟରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳର ସୁବ୍ରତ ଶାଶ୍ୱତ ରାଉତ, ଲୋଚାପଲ୍ଲୀ ଗ୍ରାମର କୈଳାସ ସାହୁ ଓ କାଇମାଟି ଗ୍ରାମର ବ୍ରହ୍ମାନନ୍ଦ ଦେହୁରୀ ଭୋଜିସାରି ଘରକୁ ଫେରୁଥିବାବେଳେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ସୁବ୍ରତ, କୈଳାସ ଏବଂ ବ୍ରହ୍ମାନନ୍ଦ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ବୃହସ୍ପତି ରବିଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କ ଚେଷ୍ଟା ନିଶ୍ଚିତ ଫଳବତୀ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ମାଧ୍ୟମରେ ପ୍ରତ୍ୟେକ କାମକୁ ସମ୍ଭାଳି ନେବେ। କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଏବଂ ହିତୈଷୀବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ।

**ବୃଷ** – ଭାଗ୍ୟକର୍ମାଧିପ ଶନି ଚତୁର୍ଥାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କ ଉଦ୍ୟମରେ ସିଦ୍ଧିଲାଭ ନ ହୋଇପାରେ। ଅର୍ଥସଂକଟ,ବନ୍ଧୁଙ୍କ ଶତ୍ରୁତା ଏବଂ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେବାର ସୂଚନା ରହିଛି। ଗୁରୁଜନ ଓ ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ, ସହ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** – ଧନାଧିପ ଚନ୍ଦ୍ର କେନ୍ଦ୍ରସ୍ଥାନରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟପାଇଁ ପ୍ରତିକୂଳ ନ ହେଲେ ମଧ ବ୍ୟୟବୃଦ୍ଧି ଟେନ୍ସନର କାରଣ ହୋଇପାରେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବେ। ପରିବାରର ସହମତି ବିନା କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**କର୍କଟ** – ଅନୁକୂଳ ଗ୍ରହସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ, କିନ୍ତୁ ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ କେତେକ କାମ ଅଟକି ରହିବ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହୋଇପାରନ୍ତି।

**ସିଂହ** – ସମସ୍ୟା ଆସିଲେ ମଧ ଷଷ୍ଠସ୍ଥ ଶନି ଓ ରବିଙ୍କ ସୁଦୃଷ୍ଟିରୁ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ଖୋଜୁଥିବା ଜିନିଷ ହଠାତ୍ ପାଇପାରିବେ। ମାମଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** – ଆଜି ଏକାଦଶାଧିପତି ଚନ୍ଦ୍ର ଧନସ୍ଥାନସ୍ଥ ଯୋଗୁ ଅର୍ଥଲାଭ, କାର୍ଯ୍ୟସିଦ୍ଧି ସହ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ଶନିଙ୍କ ସ୍ଥିତିରୁ ଜିଦ୍‌କରି ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କଲେ ଅନୁତାପ କରିବାକୁ ପଡିପାରେ। ଆଜିର ପ୍ରଚେଷ୍ଟା ଫଳବତୀ ହେବ।

**ତୁଳା** – ପ୍ରତ୍ୟେକଗ୍ରହଙ୍କ ଅନୁକୂଳତା କାରଣରୁ ସଫଳତା ଲାଭଜନିତ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇ ପାରନ୍ତି। କିନ୍ତୁ ସାମୟିକ ମତାନ୍ତରଜନିତ ପାରିବାରିକ ଅଶାନ୍ତି ଘଟିପାରେ। ମାମଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ଆଜି ଆପଣଙ୍କ ବହୁତ ଦିନର ଆଶା ପୂରଣ ପାଇଁ ଅନୁକୂଳ ସୁବିଧା ସୁଯୋଗ ଜୁଟିବ। କିନ୍ତୁ ବିଶାଖା ନକ୍ଷତ୍ର ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା, ସାହିତ୍ୟ, ସାମ୍ବାଦିକତା, ରାଜନୀତି,ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ଧନୁ** – ଧନାଧିପତିଙ୍କ ଶୁଭତ୍ୱରୁ ବୈଷୟିକ ଅଭିବୃଦ୍ଧି ସହ ସୁସ୍ଥ ପାରିବାରିକ ଜୀବନ ଅତିବାହିତ କରିବେ। ଆନୁଷ୍ଠାନିକ କାମ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ସାମୟିକ କଳହ ଦେଖାଦେଇପାରେ। ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ସୁଖଭାବସ୍ଥ ରବି ଓ ବୁଧ ହେତୁ ମାନସିକ ସ୍ଥିତି ଭଲ ଥାଇ ମଧ ଅପ୍ରିୟସତ୍ୟ ପ୍ରକାଶ ଅଶାନ୍ତିର କାରଣ ହେବ। ଇଚ୍ଛା ନ ଥିଲେ ମଧ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** – ଗତକାଲି ଅପେକ୍ଷା ଆଜିର ସ୍ଥିତି କେତେକାଂଶରେ ବଦଳିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ମନେ ମନେ ଭାବୁଥିବା ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖ ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** – କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ଦ୍ୱିତୀୟସ୍ଥ ଶୁକ୍ର ପ୍ରଭାବରୁ ସରଳ ସୁନ୍ଦର କଥା କହି କାମ ହାସଲ କରିବେ ଏବଂ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ। ଆତ୍ମୀୟ ସ୍ୱଜନ କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଚୈତ୍ର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାର୍ଚ୍ଚ ୧୨ ତାରିଖ, ବିଶ୍ୱ ବୃକ୍କ ଦିବସ (ମାର୍ଚ୍ଚ ୨ୟ ଗୁରୁବାର), ରାଶି ନକ୍ଷତ୍ର-ଚିତ୍ରା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୬ମି. ଗତେ ଘ୧୧।୫୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧।୫୫ମି. ଗତେ, ଘ୧।୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୫ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

Gharabari stithiban land 3k.m from Hanspal (Rasulgarh). Contact: 9937816565, 9937568585. D-69242

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

**Ready to move flat 2BHK, Sundarpada, 7504948142.** D-17060

**Readymade G+2 House at Patia, 1.15cr. 7504948142.** D-17061

## GENERAL

**SALE**

**Labrador Retriver pups for sale. Contact: 104, Surya Nagar, Unit-7, Bhubaneswar. Phone-9778129944.** D-67750




Ayurvedic full body massage ladies and gents. Contact- 9861064981. D-68794

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Ayurvedic full body massage ladies/gents smart experts therapist:- 8480939300. D-68795

Newly open full body massage by ladies, gents therapist. 8018656899 D-60878

Ayurvedic refreshment massage therapy refresh mind and body. Appointment: 7894855541. D-69301




ନିଜ Mobile ନମ୍ବରକୁ recharge କରି ମାସିକ Rs. 50,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ଯୋଗାଯୋଗ କରନ୍ତୁ www.reoneshop.com, 9861416763. D-17110

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

We (1) Killamchetty rajani Kanta aged about 50 years S/o Late K. Venkata Rao, (2) Killamchetty Aruna aged about 38 years W/o Killamchetty Rajani Kanta of Main Road, Malkangiri, Post/P.S./Dist. Malkangiri do hereby solemnly affirm and jointly states as follows.

1. That, KILLAMCHETTY ABHILASHA is our daughter and was born on dated 09.12.2003, which evident Birth certificate vide Regn. No. 1351/2003 dated 20.12.2003 issued by Registrar, Birth & Death, Jeypore Municipality.

2. That, at the present time our daughter reading in class 10th at Deepti Convent School, Malkangiri. But inadvertently in her admission card for ICSE Examination her fathers name is mentioned as KILLAMCHETTY RAMU and mothers name as KILLAMCHETTY ARUNA instead of KILLAMCHETTY RAJANI KANTA and KILLAMCHETTY ARUNA which now required to be corrected.

3. That, KILAMCHETTY RAMU and KILLAMCHETTY ARUNA and KILLAMCHETTY RAJANI KANTA and KILLAMCHETTY ARUNA are one and same person. D-17109

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

Notice under order-5 Rule-20 of CPC
IN THE COURT OF DISTRICT AND SESSIONS JUDGE, DHENKANAL.
Guardianship Petition No. 233/2019
Sahenaz Parween and others .....Petitioners
Versus
Anjum Ara and another ... Opp.Parties

Whereas, the petitioner No. 1 Sahenaz Parween, W/o. Late Shaikh Anwar Bux, Permanent resident of Balyamba, PO-Sarakpatana, Via-Bhapur, PS-Sadar, District- Dhenkanal, presently residing At-C/o. Shaikh Rahim, At-Kesharpur, PO-Buxi Bazar, PS-Mangalabag, Town, District-Cuttack has filed the above case U/S 7 and 9 of the Guardianship and wards Act 1890 for appointment of Guardian of (1) Shaikh Anas Anwar Bux, aged about 7 years, (2) Awes Anwar, aged 4 years and (3) Ayesha Anwar, aged about 4 years, all are sons and Daughter of late Shaikh Anwar Bux of Balyamba, PO-Sarakpatana, Via-Bhapur, PS-Sadar, District-Dhenkanal in respect to look after their welfare also to manage the death benefit of Shaikh Anwar Bux.

It is hereby noticed that if anybody also having any interest or objection regarding appointment of Guardian he/she/ they may contest the case in support of his/ her/their claim and to appear in person or through his/her/ their pleader in the Court of the District and Sessions Judge Dhenkanal on this 27th day of March 2020 at 10.30 AM, failing which the case will be heard and determine in his/her/ their absence. Given under my hand and seal of this court on 26th day of February 2020.

Sd/-
District & Sessions Judge
Dhenkanal.
D-66857

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ନାମାଙ୍କନ ଦାଖଲ କଲେ ୪ ବିଜେଡି ପ୍ରାର୍ଥୀ

## ବିଜେଡି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିବା ସମ୍ଭାବନା ଉଜ୍ଜ୍ୱଳ


ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ୪ ବିଜେଡି ରାଜ୍ୟ ସଭା ପ୍ରାର୍ଥୀ।

**ରାଜ୍ୟ ସଭା ନିର୍ବାଚନ**

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ରାଜ୍ୟ ସଭା ନିର୍ବାଚନ ଲାଗି ବିଜେଡିର ୪ ଜଣ ପ୍ରାର୍ଥୀ ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ସୁବାସ ସିଂ, ମୁନ୍ନା ଖାଁ ଓରଫ ମୁଜିବୁଲ୍ଲା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରାର୍ଥୀମାନେ ବିଧାନସଭା ସଚିବ ତଥା ରିଟର୍ନିଂ ଅଫିସର ଦାଶରଥି ଶତପଥୀଙ୍କ ନିକଟରେ ପ୍ରତ୍ୟେକ ପ୍ରାର୍ଥୀ ୨ଟି ଲେଖାଏ ନାମାଙ୍କନପତ୍ର ସେଟ୍ ଦାଖଲ କରିଛନ୍ତି। ସୁବାସ ସିଂଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅରୁଣ କୁମାର ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ବେହେରା, ସଦାଶିବ ପ୍ରଧାନ, ବଦ୍ରି ନାରାୟଣ ପାତ୍ର, ସୁଦାମ ମାର୍ଣ୍ଡି, ସତ୍ୟନାରାୟଣ ପ୍ରଧାନ, ଅଶୋକ କୁମାର ବଳ ପ୍ରସ୍ତାବକ ଥିବା ବେଳେ ଦ୍ୱିତୀୟ ସେଟ୍‌ରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମାଝି, ପିତମ ପାଢୀ, ପ୍ରଭୁ ଜାନି, ମନୋହର ରନ୍ଧାରୀ, ଲତିକା ପ୍ରଧାନ, ସୁନନ୍ଦା ଦାସ, ମୌଷଧି ବାଗ ଏବଂ ରଘୁରାମ ପଡାଲ ପ୍ରସ୍ତାବକ ଥିଲେ। ସେହିପରି ମୁନ୍ନାଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତଙ୍କ ପାଇଁ ୨ଟି ସେଟ୍‌ରେ ୧୦ ଜଣ ଲେଖାଏ ପ୍ରସ୍ତାବକ ରହିଥିଲେ।

ବିଜେଡି ପକ୍ଷରୁ ୪ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଦେବନି ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ବିଜେଡିର ୪ ଜଣ ଯାକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ଫେବୃୟାରୀ ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ କରିବା ପରେ ରାଜ୍ୟ ସଭା ସିଟ୍ ପାଇଁ ମିଳିମିଶି ପ୍ରାର୍ଥୀ ନିର୍ବାଚିତ କରିବା ନେଇ ନିଷ୍ପତ୍ତି ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି।



1020.2020



ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ



# କୁକୁଡ଼ାମାଂସ ଓ ବୀଜାଣୁ ସଂକ୍ରମଣ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ବିଭିନ୍ନ ସମୟରେ ରାସ୍ତାକଡ଼ରୁ ବେଆଇନ ଖୋଖା (ତାରଜାଲିରେ ନିର୍ମିତ ବାକ୍ସ) ଭିତରେ ବସି ତାଙ୍କ ସାଥୀଭାଇଙ୍କ ମୁଣ୍ଡକାଟ ଦୃଶ୍ୟ ଦେଖୁଥିବା କୁକୁଡାଙ୍କୁ ମୁଁ ଉଦ୍ଧାର କରେ। କିଛିବର୍ଷ ପୂର୍ବେ ଲୋକ ସଭାରେ ଗୃହୀତ ପୌର ଆଇନ ବଳରେ ମୋ ନିର୍ବାଚନମଣ୍ଡଳୀରେ ଥିବା ସବୁ ବେଆଇନ ଖୋଖାକୁ ମୁଁ ବନ୍ଦ କରିଛି, ଆପଣମାନେ ବି ତାହା କରିବା ଉଚିତ। ସେମାନଙ୍କୁ ଉଦ୍ଧାର କରି ଯେତେବେଳେ ମୁଁ ଗୋଟିଏ ଫାର୍ମକୁ ନିଏ ସେମାନଙ୍କ ମଧ୍ୟରୁ ଅନେକେ ଚାଲିପାରନ୍ତିନି। ଏମିତି କି ସେମାନଙ୍କୁ କଅଁଳିଆ ଘାସ ଉପରେ ଛାଡିଲେ ବି ଚାଲିବାକୁ ଅକ୍ଷମ ହୁଅନ୍ତି। ଅଧିକାଂଶ କେଇ ପାଦ ଚାଲିବା ପରେ ବସିପଡନ୍ତି, ତା'ପରେ କିଛି ସମୟ ପରେ ପୁଣି ଚାଲିବାକୁ ଚେଷ୍ଟା କରନ୍ତି। ଏଥିରୁ ସ୍ପଷ୍ଟ ଯେ, ସେମାନେ ଖୁବ୍ ଯନ୍ତ୍ରଣାରେ ଥାଆନ୍ତି।

ବ୍ରଏଲର କୁକୁଡା କାହିଁକି ଛୋଟା ଏବଂ ସେମାନଙ୍କୁ ଖାଇବା ପରେ ସେମାନଙ୍କ ଚାଲିବାଜନିତ ସମସ୍ୟା ଆପଣଙ୍କୁ ପ୍ରଭାବିତ କରେ କି? ଖୁବ୍ କମ୍ ଦିନରେ ସେମାନଙ୍କୁ ହର୍ମୋନ ଓ ଅପ୍ରାକୃତିକ ଖାଦ୍ୟ ଦେଇ ମୋଟା କରିଦିଆଯାଉଥିବାରୁ ବ୍ରଏଲର କୁକୁଡାଗୁଡିକ ଛୋଟା ହୋଇଥାନ୍ତି। ସେମାନଙ୍କ ଗୋଡ ଶରୀରର ଓଜନ ସମ୍ଭାଳିବାରେ ଅକ୍ଷମ ହୋଇଥିବାରୁ ସେମାନଙ୍କ ଚାଲିବାରେ ସମସ୍ୟା ରହିଥାଏ। ଏହା ବ୍ୟତୀତ, ସେମାନଙ୍କୁ ରଖାଯାଉଥିବା ପିଞ୍ଜରାର ଚଟାଣରେ ତାର ରହିଥିବାରୁ ତା' ଆଘାତରେ ସେମାନଙ୍କ ଗୋଡରେ କ୍ଷତ ହୋଇଥାଏ। ଅଧିକାଂଶ କୁକୁଡା ବିଶେଷଜ୍ଞ ତାରନିର୍ମିତ ଫ୍ଲୋର ହଟାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହି ଫ୍ଲୋର ମଧ୍ୟ ଦେଇ ବାହାରକୁ ବାହାରିଯାଉଥିବା ମଳମୂତ୍ର ସଂଗ୍ରହ କରି ବିକ୍ରି କରିବା ପାଇଁ କୁକୁଡା ଶିଳ୍ପ ଏହାକୁ ବ୍ୟବହାର କରିବାରେ ଲାଗିଛନ୍ତି।

୨୦ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ବ୍ରଏଲର କୁକୁଡା ଛୋଟା, କାରଣ ସେମାନେ ବ୍ୟାକ୍ଟେରିଆଲ କଣ୍ଡ୍ରୋନେକ୍ରୋସିସ୍ ଅଷ୍ଟିଓମାଇଲିଟିସ୍ (ବିସିଓ) ଦ୍ୱାରା ପୀଡିତ। ଅଷ୍ଟିଓମାଇଲିଟିସ୍ ଏକ ପ୍ରକାର ଅସ୍ଥି ସଂକ୍ରମଣ। ଅସ୍ଥି ଅନେକ ଉପାୟରେ ସଂକ୍ରମିତ ହୋଇଥାଏ। ଗୋଟିଏ କ୍ଷତରୁ ବୀଜାଣୁଜନିତ ସଂକ୍ରମଣ ରକ୍ତ ମାଧ୍ୟମରେ ଅସ୍ଥିକୁ ସଂକ୍ରମିତ ହୁଏ, କିମ୍ବା ଅସ୍ଥିରେ କୌଣସି ଫ୍ରାକ୍ଚର ଦ୍ୱାରା ବି ଅସ୍ଥି ସଂକ୍ରମିତ ହୋଇଥାଏ। କଙ୍କାଳ ଅସ୍ଥି ମଧ୍ୟ ସଂକ୍ରମିତ ହୋଇଥାଏ ଏବଂ ମେରୁଦଣ୍ଡ ଉପରେ ଚାପ ପଡିଥାଏ। ଶରୀର ଭିତରେ କ୍ଷତ ସୃଷ୍ଟି ହୁଏ। ବୀଜାଣୁ ଏହି କ୍ଷତ ମଧ୍ୟରେ ପ୍ରବେଶ କରନ୍ତି ଓ ଅସ୍ଥିକୁ କଣା କରିଦିଅନ୍ତି। ଏହାଦ୍ୱାରା ପକ୍ଷୀଗୁଡିକ ଆରମ୍ଭରୁ ଛୋଟା ପାଲଟିଯାଆନ୍ତି ଏବଂ ତା'ପରେ ଚାଲିବା ବନ୍ଦ କରି ଦେଇ ଗୋଟିଏ ପାଖ ମାଡି ତଳେ ଶୋଇରହନ୍ତି। ବେଳେବେଳେ ସେମାନେ ଡେଣା ଫଡ଼ଫଡ଼ କରି ଉଡ଼ିବାକୁ ଚେଷ୍ଟା କରନ୍ତି, କିନ୍ତୁ ତା'ପରେ ଡେଣାଗୁଡିକରେ ବି କ୍ଷତ ସୃଷ୍ଟି ହୋଇଥାଏ। ଯେତେବେଳେ ସେମାନେ ଚାଲିବା ବନ୍ଦ କରିଦେଇ ବହୁ ସମୟ ଧରି ବସି ରହନ୍ତି, ସେମାନଙ୍କ ଗୋଡର ମୁଖ୍ୟ ଧମନୀଗୁଡିକ ଉପରେ ଚାପ ପଡେ ଏବଂ ତା'ର କୋଷିକାଗୁଡିକ ନଷ୍ଟ ହୋଇଚାଲେ। ଏହାକୁ ନେକ୍ରୋସିସ୍ କୁହାଯାଏ। ସେମାନେ ଖାଦ୍ୟ ଓ ପାଣି ନିକଟରେ ପହଞ୍ଚିପାରନ୍ତି ନାହିଁ। ଏହାଦ୍ୱାରା ଭୋକିଲା ଓ ରୋଗଗ୍ରସ୍ତ ହୋଇ ସେମାନେ ମରିଯାଆନ୍ତି। ସେମାନଙ୍କ ଅସ୍ଥି ଓ ଗଣ୍ଠିରେ ବୀଜାଣୁ ସଂକ୍ରମଣ ପାଇଁ ଆଣ୍ଟିବାୟୋଟିକ୍ସ କାମ କରୁ ନ ଥିବା ଯୋଗୁ ଏହି କୁକୁଡାଗୁଡିକ କ୍ଷେତ୍ରରେ କୌଣସି ଚିକିତ୍ସା ଫଳପ୍ରଦ ହୁଏନାହିଁ।

ଗବେଷକମାନେ ଛୋଟା କୁକୁଡାଙ୍କଠାରେ ଷ୍ଟାଫିଲୋକୋକସ୍ ଅରିଅସ୍, ଷ୍ଟାଫିଲୋକୋକ୍ସ ଏସପିପି., ଇ.କୋଲି, ଏଣ୍ଟେରୋକୋକସ୍ ସିକୋରମ୍, ସାଲ୍‌ମୋନେଲା ଏସପିପି., ଏବଂ ଷ୍ଟାଫିଲୋକୋକସ୍ ଆଗ୍ନେଟିସ୍ ଆଦି ବୀଜାଣୁ ରହିଥିବା ଜାଣିପାରିଛନ୍ତି। ପାଶ୍ଚରେଲା ମଲ୍‌ଟୋସିଡା, ଅର୍ନିଥୋବ୍ୟାକ୍ଟେରିୟମ ରାଇନୋଟ୍ରାଚେଲ, ଟ୍ରୁପେରେଲା ଆର୍କାନୋବ୍ୟାକ୍ଟେରିୟମ୍ ପାୟୋଜିନ୍ସ, ଏଣ୍ଟେରୋକୋକସ୍ ଏସ୍‌ପିପି., ଷ୍ଟ୍ରେପ୍ଟୋକୋକସ୍ ଏସ୍‌ପିପି., ସାଲମୋନେଲା ଏସ୍‌ପିପି., ଷ୍ଟ୍ରେପ୍ଟୋବାସିଲସ୍ ମୋନିଲିଫର୍ମିସ୍, ଆସ୍ପର୍ଜିଲସ୍ ଏସ୍‌ପିପି., ଇ. ଫିକାଲିସ୍, ଇ. ଡୁରାନ୍ସ ସମେତ କୁକୁଡାଙ୍କଠାରେ ଦେଖାଯାଉଥିବା ଅଷ୍ଟିଓମାଇଲିଟିସ୍ ଏବଂ ଆର୍ଥ୍ରାଇଟିସ୍‌ର ଅନ୍ୟ ଛୋଟମୋଟ କାରଣ ରହିଛି।

ଏସ୍କେରିଚିଆ କୋଲି ଅନେକ ସମୟରେ ଦଳର ସମସ୍ତ ବ୍ରଏଲର କୁକୁଡାଙ୍କ ଆର୍ଥ୍ରାଇଟିସ ଓ ଅଷ୍ଟିଓମାଇଲିଟିସ୍‌ର କାରଣ ପାଲଟେ। ଇ. କୋଲି ବୀଜାଣୁ ଶ୍ୱାସନଳୀ ଭିତରେ, ଅନ୍ତନଳୀ ଓ ଚର୍ମରେ ବଂଶ ବୃଦ୍ଧିକରି କୌଣସି କ୍ଷତ ମାଧ୍ୟମରେ ଶରୀରରେ ପ୍ରବେଶ କରେ। ସେମାନେ ପ୍ରଥମେ ଅନ୍ତନଳୀ ସଂକ୍ରମଣର କାରଣ ପାଲଟନ୍ତି ଏବଂ ଖୁବ୍‌ଶୀଘ୍ର ରକ୍ତସଂଚାଳନ ବ୍ୟବସ୍ଥା ଦ୍ୱାରା ବ୍ୟାପିଥାଆନ୍ତି। କୃତ୍ରିମ ଉପାୟରେ ଶୀଘ୍ର ବୃଦ୍ଧି କରାଯାଇଥିବା ଅସ୍ଥିର ଦୁର୍ବଳତା ତଥା ପୂର୍ବରୁ ସେଥିରେ ସୃଷ୍ଟି ହୋଇଥିବା ସୂକ୍ଷ୍ମ ଫ୍ରାକ୍ଚର ଯୋଗୁ ଏହା ସଂକ୍ରମଣକୁ ପ୍ରତିରୋଧ କରିବା କଷ୍ଟକର ହୋଇଥାଏ। ଏହି ରୋଗରେ କୁକୁଡା ଯେତେବେଳେ ମରିଯାଏ ସେ ମଲା କୁକୁଡ଼ାକୁ ବି ଆପଣଙ୍କୁ ବିକ୍ରି କରିଦିଆଯାଏ। ଏହି ବୀଜାଣୁଗୁଡ଼ିକ ମଧ୍ୟରୁ କେତେକ ମଣିଷ ପାଇଁ ମଧ୍ୟ ଖୁବ୍ ବିପଜ୍ଜନକ।

ଷ୍ଟାଫିଲୋକୋକସ୍ ବୀଜାଣୁ ଯଦି ମଣିଷ ଶରୀରର ରକ୍ତ, ଗଣ୍ଠି, ଅସ୍ଥି, ଫୁସଫୁସ୍ କିମ୍ବା ହାର୍ଟ ମଧ୍ୟରେ ପ୍ରବେଶ କରେ ତେବେ ତଜ୍ଜନିତ ସଂକ୍ରମଣ ଭାରି ମାରାତ୍ମକ ହୋଇଥାଏ। ବହୁ ସୁସ୍ଥ ଲୋକଙ୍କଠାରେ ଘାତକ ସଂକ୍ରମଣ ଦେଖାଯାଉଛି। ଫୁଡ୍ ପଏଜନିଂ , ଚର୍ମ ସମସ୍ୟା, ସେପ୍ଟିସେମିଆ, ଆଣ୍ଠୁ, କାନ୍ଧ, ଅଣ୍ଟା, ଅଙ୍ଗୁଳି ଓ ପାଦର ସେପ୍ଟିକ୍ ଆର୍ଥ୍ରାଇଟିସ୍‌ଠାରୁ ଆରମ୍ଭ କରି ହାର୍ଟର ଭିତର ସଂକ୍ରମଣ ପର୍ଯ୍ୟନ୍ତ ସମସ୍ୟା ଦେଖାଯାଉଛି। କେତେକ ସଂକ୍ରମଣ କ୍ଷେତ୍ରରେ ସାଧାରଣ ଆଣ୍ଟିବାୟୋଟିକ୍ସ କାମ କରେନାହିଁ। ଷ୍ଟାଫିଲୋକୋକସ୍ ଅରିୟସ୍ ବ୍ରଣ, ବଥ, ପେଶୀ ପ୍ରଦାହ ଭଳି ସାମାନ୍ୟ ତ୍ୱଚା ସଂକ୍ରମଣଠାରୁ ଆରମ୍ଭ କରି ଘାତକ ନ୍ୟୁମୋନିଆ, ମେନିଞ୍ଜାଇଟିସ୍, ଅଷ୍ଟିଓମାଇଲିଟିସ, ଏଣ୍ଡୋକାର୍ଡାଇଟିସ, ଟକ୍ସିକ ଶକ୍ ସିଣ୍ଡ୍ରୋମ୍, ବ୍ୟାକ୍ଟେରିମିଆ ଏବଂ ସେପ୍‌ସିସ୍‌ର କାରଣ ହୋଇଥାଏ।

ସାଲ୍‌ମୋନେଲା ପରି ବୀଜାଣୁଜନିତ ରୋଗ ଅନ୍ତନଳୀକୁ ସଂକ୍ରମିତ କରେ। ଏହାଦ୍ୱାରା ଲୋକମାନେ ପତଳାଝାଡା, ଜ୍ୱର, ପେଟକାମୁଡା ଆଦି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କେତେକ କ୍ଷେତ୍ରରେ ସାଲ୍‌ମୋନେଲା ସଂକ୍ରମଣ ସହ ପତଳାଝାଡା ଡିହାଇଡ୍ରେଶନର ଏଭଳି ପରିସ୍ଥିତି ସୃଷ୍ଟି କରେ ଯେ, ତତ୍କାଳ ଡାକ୍ତରୀ ଚିକିତ୍ସା ଆବଶ୍ୟକ କରେ। ଯଦି ସଂକ୍ରମଣ ଅନ୍ତନଳୀ ବାହାରକୁ ବ୍ୟାପେ ତେବେ ଘାତକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥାଏ।

ଏଣ୍ଟେରିଚିଆ କୋଲି ଅନ୍ତନଳୀ ସଂକ୍ରମଣ ସହ ପତଳାଝାଡା, ପେଟ ଯନ୍ତ୍ରଣା, ଜ୍ୱର ଏବଂ ବେଳେବେଳେ ବାନ୍ତିର କାରଣ ହୋଇଥାଏ। ଏହା ସବୁଠୁ ବିଷାକ୍ତ। କୌଣସି କ୍ଷତ କିମ୍ବା ଆଞ୍ଚୁଡି ହୋଇଯିବା ଯୋଗୁ ପାଶ୍ଚରେଲା ମଲ୍‌ଟୋସିଡା ଦ୍ୱାରା ଚର୍ମ ଓ କୋମଳ ପେଶୀ ସଂକ୍ରମିତ ହୋଇଥାଏ। ଏହାଦ୍ୱାରା ଯନ୍ତ୍ରଣା, ଫୁଲା ଏବଂ ତଳିପେଟ ନାଳିନାଳି ଫଳିଯାଇ ରୋଗ କ୍ରମେ ସାରା ଶରୀରକୁ ମାଡ଼ିଯାଏ। ଏଣ୍ଟେରୋକୋକସ୍ ଏସ୍‌ପିପି., ଏଣ୍ଟେରୋକୋକସ୍ ଫିସାଲିସ୍ ଏବଂ ଇ. ଫିସିୟମ୍ ଦ୍ୱାରା ଏଣ୍ଡୋକାର୍ଡାଇଟିସ୍, ମୂତ୍ରନଳୀ ସଂକ୍ରମଣ, ପ୍ରୋଷ୍ଟାଇଟିସ, ତଳିପେଟ ସଂକ୍ରମଣ, ପେଶୀ ପ୍ରଦାହ ଏବଂ କ୍ଷତ ସଂକ୍ରମଣ ଦେଖାଦିଏ। କେତେକଙ୍କଠାରେ ସଂକ୍ରମଣ ସହ ପତଳାଝାଡା, ଅତ୍ୟଧିକ ମୂତ୍ରତ୍ୟାଗ, ଦୁର୍ବଳତା କିମ୍ବା ଜ୍ୱର ଏବଂ ଥଣ୍ଡା ପ୍ରକାଶ ପାଏ।

ଆସ୍ପର୍ଜିଲସ୍ ଏସ୍‌ପିପି. ଯୋଗୁ ଦୁର୍ବଳ ପ୍ରତିରୋଧକ ଶକ୍ତି କିମ୍ବା ଫୁସ୍‌ଫୁସ୍ ରୋଗଗ୍ରସ୍ତ ବ୍ୟକ୍ତିଙ୍କଠାରେ ଆଲର୍ଜିକ୍ ପ୍ରତିକ୍ରିୟା, ଫୁସ୍‌ଫୁସ୍ ସଂକ୍ରମଣ ଏବଂ ଅନ୍ୟ ଅଙ୍ଗରେ ସଂକ୍ରମଣ ପ୍ରକାଶ ପାଇଥାଏ। ଏଣ୍ଟେରୋକୋକସ୍ ଏସ୍‌ପିପି., ମୁଖ୍ୟତଃ ଇ. ଫିକାଲିସ୍ ମଧ୍ୟ ମଣିଷର ବିଭିନ୍ନ ଅଙ୍ଗ ସଂକ୍ରମଣର କାରଣ ହୋଇଥାଏ। ଏହିସବୁ ବୀଜାଣୁ ଅଧିକାଂଶ ଆଣ୍ଟିବାୟୋଟିକ୍ସର ପ୍ରତିରୋଧୀ ଏବଂ ଏହି ବୀଜାଣୁ ୪୨ ପ୍ରତିଶତ ଚିକେନ୍‌ରେ ରହିଛି ବୋଲି ବ୍ରାଜିଲରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ପ୍ରତିରୋଧୀ ବୀଜାଣୁ ଦ୍ୱାରା ପ୍ରାଣୀ ଏବଂ ସେମାନଙ୍କ ଉତ୍ପାଦ ଦୂଷିତ ହେବା ସହ ତାହା ମଣିଷ ଶରୀରକୁ ପ୍ରବେଶ କରି ପ୍ରାଣୀ ଓ ମଣିଷ ଉଭୟଙ୍କ ସ୍ୱାସ୍ଥ୍ୟ ଲାଗି ଚିନ୍ତାର କାରଣ ହୋଇଥାଏ। ପ୍ରାଣୀ ଯେତେ ରୋଗଗ୍ରସ୍ତ ହେବେ ଆପଣ ତାକୁ ଖାଇବା ଦ୍ୱାରା ସେତିକି ରୋଗଗ୍ରସ୍ତ ହେବେ।

କୁକୁଡ଼ାମାନଙ୍କର ଛୋଟାପଣ, ପୀଡ଼ା ଓ ମୃତ୍ୟୁ କମାଇବା ଲାଗି କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ପାଇଁ କୁକୁଡା ଶିଳ୍ପକୁ ବାରମ୍ବାର କୁହାଯାଇଛି, ଯଥା- (୧) ପିଞ୍ଜରାରେ ତାର ନିର୍ମିତ ଚଟାଣ ବ୍ୟବହାର ବନ୍ଦ କରନ୍ତୁ। (୨) କୁକୁଡାଙ୍କୁ ଭୋକିଲା ରଖନ୍ତୁନି, ଅଧିକ ପୌଷ୍ଟିକ ଆହାର ଦିଅନ୍ତୁ। (୩) କ୍ଷମତାଠାରୁ ଅଧିକ ସଂଖ୍ୟାରେ କୁକୁଡା ରଖନ୍ତୁନାହିଁ। (୪) ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧତା ପ୍ରତି ଦୃଷ୍ଟି ଦିଅନ୍ତୁ। (୫) କୁକୁଡା ରହିବା ସ୍ଥାନକୁ ପରିଷ୍କାର ରଖନ୍ତୁ। ଏହି ସବୁ ଉପାୟରେ କୁକୁଡାଙ୍କର ସମସ୍ତ ବୀଜାଣୁ ସଂକ୍ରମଣକୁ ରୋକାଯାଇପାରିବ ଏବଂ ସେମାନଙ୍କ ଅସ୍ଥି ଯନ୍ତ୍ରଣାକୁ ମଧ୍ୟ ଦୂର କରାଯାଇପାରିବ। ଭାରତରେ ଅଧିକାଂଶ କୁକୁଡା ଫାର୍ମ ଏହି ସବୁ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଫଳସ୍ୱରୂପ, ଆମେ ସଂକ୍ରମିତ କୁକୁଡ଼ାଙ୍କୁ ଖାଇ ରୋଗ କିଣୁଛୁ।

Email: gandhim@nic.in

# ଶିକ୍ଷାରେ ଦକ୍ଷତା



ହରିଶଙ୍କର ମିଶ୍ର

କିଛିଦିନ ପୂର୍ବରୁ ଏଇ ପୃଷ୍ଠାର ସମ୍ପାଦକୀୟ ନକଲି ପ୍ରମାଣପତ୍ରଧାରୀ ଠକ ଶିକ୍ଷକ ସମ୍ବନ୍ଧୀୟ ଥିଲା। ଜାଲିଆତି ଓ ଦୁର୍ନୀତି ଅନେକ ବର୍ଷରୁ ଶିକ୍ଷା ବିଭାଗକୁ କବଳିତ କରିସାରିଛି। ପୂର୍ବର ଶିକ୍ଷାଜିଲା ବା ମଣ୍ଡଳ ସ୍କୁଲ ପରିଦର୍ଶକ ଏବଂ ବର୍ତ୍ତମାନର ଗୋଷ୍ଠୀ ବା ଜିଲା ଶିକ୍ଷାଧିକାରୀ ସମସ୍ତେ ଶିକ୍ଷକ। ତେଣୁ ଗତ ଦୁଇ ଦଶନ୍ଧି ମଧ୍ୟରେ ନିଯୁକ୍ତ ଗୋଷ୍ଠୀ ବା ଜିଲା ଶିକ୍ଷାଧିକାରୀ ସମେତ ପ୍ରତ୍ୟେକ ବର୍ଗର ଶିକ୍ଷକଙ୍କୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ କରାଯିବା ଉଚିତ।

ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶିକ୍ଷା ବିଭାଗକୁ ନୂଆ ରୂପ ଦେଇଥିଲେ। ରାଜ୍ୟର ପ୍ରତ୍ୟେକ ନିମ୍ନପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ, ଉଚ୍ଚ ପ୍ରାଥମିକକୁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ କରାଇଥିଲେ। ସମସ୍ତ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ, ଛାତ୍ରୀ ଓ ଅନେକ ବର୍ଗର ଛାତ୍ରଙ୍କୁ ଦରମା ଛାଡ ଏବଂ ଅବିଭକ୍ତ ପୁରୀ ଜିଲାର ଶିକ୍ଷକମାନଙ୍କୁ ଡାକଘର ଜମାଖାତା ମାଧ୍ୟମରେ ପ୍ରତ୍ୟକ୍ଷ ଦରମା ପ୍ରଦାନ କରାଇଥିଲେ। ପରେ କିଛି ଶିକ୍ଷା ବେପାରୀଙ୍କ ଦ୍ୱାରା ସ୍କୁଲ ସୃଷ୍ଟି ହେଲା। ଦୃଢ ଦାପ୍ତରିକ ସହଯୋଗ ହେତୁ ଅନୁଦାନ ପ୍ରାପ୍ତି ସତ୍ତ୍ୱେ କିଛି ବିଦ୍ୟାଳୟର ସ୍ଥିତି ମଧ୍ୟ ନ ଥିଲା। ପରିଚାଳନା କମିଟି ଦ୍ୱାରା ଶିକ୍ଷକ ନିଯୁକ୍ତିରେ ଦକ୍ଷତା ଅପେକ୍ଷା ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଥିଲା। ଏମାନଙ୍କର ସର୍ବଦା ଆନ୍ଦୋଳନ ଯୋଗୁ ବିଜୁବାବୁ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏମାନଙ୍କୁ ସରକାରୀ ଶିକ୍ଷକ ଘୋଷଣା କରିଦେଲେ। ଧୂଆ ଓ ଅଧୁଆ ମୂଳା ସମାନ ହୋଇଗଲେ।

ନବେ ଦଶନ୍ଧିରେ ଉପକୂଳ ଜିଲାମାନଙ୍କରେ ଶତାଧିକ ଘରୋଇ ହାଇସ୍କୁଲରେ ସିଟି ସ୍କୁଲ ଖୋଲିଗଲା। ଏଥିପାଇଁ ସରକାରୀ ସ୍ୱୀକୃତି ଥିବାରୁ ଉଚ୍ଚ ନ୍ୟାୟାଳୟ ଗୋଟିଏ ବର୍ଷ ପରୀକ୍ଷା ପାଇଁ ଅନୁମତି ଦେଲେ। ପ୍ରାୟୋଜିତ କେନ୍ଦ୍ରରେ ପରୀକ୍ଷା ଯୋଗୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଗଲେ।

ସେଇ ଦଶନ୍ଧିରେ ଗୋଟିଏ ନିର୍ଦ୍ଦେଶନାମାର ସୁଯୋଗ ନେଇ ସାହାଯ୍ୟପ୍ରାପ୍ତ ହାଇସ୍କୁଲରେ ବିଜ୍ଞାନାଗାର ନ ଥାଇ ସହାୟକ ଓ ଦପ୍ତରୀ ପଦବୀ ସହ ମିଥ୍ୟା ଛାତ୍ରସଂଖ୍ୟାରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରାଗଲା। ପ୍ରଥମେ କାଗଜପତ୍ରରେ ଏହାକୁ ଦୃଢ କରାଯାଇ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନିଆଗଲା। ନ୍ୟାୟାଳୟ ତତ୍କାଳୀନ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଏହାର ତର୍ଜମା ଓ ଫଏସଲା ଦାୟିତ୍ୱ ଦେଲେ। ହଜାର ହଜାର ପଦବୀକୁ ନିୟମିତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବକେୟା ବେତନ ଦିଆଗଲା।

ପୁରୀରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ମଧ୍ୟମାକୁ ମାଟ୍ରିକର ମାନ୍ୟତା ଯୋଗୁ ହଜାର ସଂଖ୍ୟାରେ ସଂସ୍କୃତ ଟୋଲ ଉପକୂଳ ଜିଲାରେ ଖୋଲିଗଲା। ଅସତ୍ ଉପାୟକୁ ପ୍ରୋତ୍ସାହନ ଏବଂ କର୍ତ୍ତୃପକ୍ଷଙ୍କ ପ୍ରୋତ୍ସାହନରେ ପାଶ୍ ହାର ବୃଦ୍ଧି ସରକାରଙ୍କୁ ଚିନ୍ତାଗ୍ରସ୍ତ କରାଇଲା। ଏହି ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡକୁ ହସ୍ତାନ୍ତର ହେବାରେ ୯୦ ଶତାଂଶ ଟୋଲ ନିଶ୍ଚିହ୍ନ ହୋଇଗଲା। କିଛି ଟୋଲ ମାଧ୍ୟମରେ ପାସ୍ କରିଥିବା ପିଲାଙ୍କ ପ୍ରମାଣପତ୍ର ନେବାକୁ ଟୋଲ ନ ଥିବାରୁ ଜିଲାର ଗୋଟିଏ ଟୋଲରେ ଜିଲାପାଳଙ୍କ ହେପାଜତରେ ରଖାଗଲା। ଚିହ୍ନ ନ ଥିବା ଟୋଲ କିନ୍ତୁ ସରକାରୀ ସ୍ୱୀକୃତି ପାଇଥିଲା। ଅବିଭକ୍ତ କୋରାପୁଟ ଜିଲାରୁ ପ୍ରାଥମିକ ଶିକ୍ଷକଙ୍କର ଉପକୂଳ ଜିଲାକୁ ନବେ ଦଶନ୍ଧିରେ ଏତେ ସଂଖ୍ୟାରେ ବଦଳି ଆଦେଶ ଆସିଲା ଯେ ତଦନ୍ତରେ ଅର୍ଦ୍ଧାଧିକ ନକଲି ଥିବା ବେଳେ ସମ୍ପୃକ୍ତ ଶିକ୍ଷକ ପୂର୍ବ ସ୍କୁଲର ଭୌଗୋଳିକ ସ୍ଥିତି ମଧ୍ୟ ଜାଣି ନ ଥିଲେ। ଏଥିପାଇଁ ଆନ୍ତଃଜିଲା ଶିକ୍ଷକଙ୍କ ବଦଳି ପାଇଁ ଉଚ୍ଚକ୍ଷମତା କମିଟି ଗଠିତ ହେଲା।

ରାଜ୍ୟସାରା ବଢିଚାଲିଛି ବାହାର ରାଜ୍ୟର ପ୍ରମାଣପତ୍ର। ପୁରୀରେ ନକଲି ହିନ୍ଦୀ ପ୍ରସାର ସମିତିର ପର୍ଦ୍ଦାଫାଶ ପରେ ଏବେ ବାହାର ରାଜ୍ୟରୁ ହିନ୍ଦୀ ପରୀକ୍ଷା ପ୍ରମାଣପତ୍ର ମିଳୁଛି। ବି.ଏଡ୍. ପ୍ରମାଣପତ୍ର ସଂଖ୍ୟା ସର୍ବାଧିକ ହେଲେ ବି ସମ୍ପୃକ୍ତ ଛାତ୍ରୀଛାତ୍ର ନିଜ ଅନୁଷ୍ଠାନର ଭୌଗୋଳିକ ସ୍ଥିତି ବା ଯାତାୟାତ ମାର୍ଗ ଜାଣି ନ ଥିବା ତଦନ୍ତରୁ ସ୍ପଷ୍ଟ ହେବ। ଏମାନଙ୍କର ଦକ୍ଷତା ଓଟିଇଟି ପରୀକ୍ଷାର ପନ୍ଦର ଶତାଂଶ ସଫଳତାରୁ ସ୍ପଷ୍ଟ ହେଉଛି।

ଜଣେ ଦକ୍ଷ ଶିକ୍ଷକ ହିଁ ସୁଶିକ୍ଷିତ ଛାତ୍ର ସୃଷ୍ଟି କରେ, ଯାହାକି ଆନୁଗତ୍ୟ, ଆନ୍ଦୋଳନ, ଦାପ୍ତରିକ ଅନୀତି, ରାଜନୈତିକ ଛତ୍ର, ନ୍ୟାୟାଳୟ ବା ଅର୍ଥ ବିନିମୟରେ ପ୍ରମାଣପତ୍ରରେ ନିଯୁକ୍ତ ଶିକ୍ଷକଙ୍କ ଦ୍ୱାରା ସମ୍ଭବ ନୁହେଁ। ଏକରୁ ପଚିଶ ପର୍ଯ୍ୟନ୍ତ ଅନର୍ଗଳ ପଣିକିଆ କହିବାରେ ଅନେକ ଗୁରୁ ଅସମର୍ଥ ହେଲେ ତାଙ୍କ ଛାତ୍ର ନବମ ଶ୍ରେଣୀରେ ଶୁଦ୍ଧ ବାକ୍ୟ ଲେଖିବେ କିପରି ଏବଂ ଶିକ୍ଷାରେ ଦକ୍ଷତା ଆସିବ କିପରି?

୧୧୩, ଗୁଣ୍ଡିଚାବିହାର, ସର୍ବୋଦୟନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି ଅଗୁରୁ ଗୁରୁ ଗନ୍ଧେ।
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଜଣେ ମହିଳା ୨୨ ବର୍ଷ ମଧ୍ୟରେ ପ୍ରାୟ ୫ ଲକ୍ଷ ମହିଳାଙ୍କୁ ସଶକ୍ତ କରିବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ପ୍ରେମା ଗୋପାଳନ। ସେ ମହାରାଷ୍ଟ୍ର, ତାମିଲନାଡୁ, ବିହାର ଆଦି ରାଜ୍ୟରେ ପାଖାପାଖି ୨୦୦୦ ଗାଁରେ ୫ ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି। ୧୯୯୨ରେ ପ୍ରଥମେ ସେ ସ୍ୱୟଂ ଶିକ୍ଷା ପ୍ରୟୋଗ (ଏସ୍ଏସ୍‌ପି) ଗଠନ କରି ସେବେଠାରୁ କାର୍ଯ୍ୟ କରୁଛନ୍ତି। ସୋସିଆଲ ୱାର୍କରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ପ୍ରେମା ୧୯୯୩ରେ ଗାଁ ମହିଳାମାନେ କିପରି ଶିକ୍ଷା ପାଇବେ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଗୁରୁତ୍ୱ ଦେଇଥିଲେ। ସେ ମହିଳାମାନଙ୍କୁ ହସ୍ତକଳା, ସିଲାଇ ଶିକ୍ଷା ଦେବା ଆରମ୍ଭ କରିଥିଲେ। ୧୯୯୮ରେ ଏସ୍ଏସ୍‌ପି ପଞ୍ଜୀକୃତ ହୋଇଥିଲା। ପ୍ରଥମ ୫ ବର୍ଷ ମଧ୍ୟରେ ପ୍ରେମା ଲାଟୁର ଓ ଉସ୍ମାନବାଦ ଜିଲାର ୧୨୦୦ ଗାଁରୁ ୨ ଲକ୍ଷ ମହିଳାଙ୍କୁ ତାଙ୍କ କାର୍ଯ୍ୟଧାରାରେ ସାମିଲ କରିପାରିଥିଲେ। ସବୁଠୁ ବଡକଥା ହେଉଛି, ମରୁଡିପ୍ରବଣ ମରାଠାୱାଡା ଯେଉଁଠି ମହିଳାଙ୍କୁ ଚାଷ କରିବା ମନା ସେଠାରେ ମହିଳାମାନଙ୍କୁ ଜୈବିକ କୃଷି କରାଇବାରେ ସକ୍ଷମ କରିପାରିଛନ୍ତି। ଏହାଦ୍ୱାରା ସେମାନେ କୃଷିଋଣ ମଧ୍ୟ ଶୁଝିବାରେ ସମର୍ଥ ହୋଇପାରୁଛନ୍ତି। ମହିଳାମାନଙ୍କୁ କୃଷି ସମ୍ପର୍କରେ ସବୁ ପ୍ରକାର ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ସେମାନେ ପ୍ରତ୍ୟେକେ ୧ ଏକର ଲେଖାଏ ଜମିରେ ଏହି ଚାଷ କରୁଛନ୍ତି। ଗୋଟିଏ ବର୍ଷରେ ସେମାନେ ୨୫ ପ୍ରକାର ଫସଲ କରୁଛନ୍ତି। ଏଥିରେ ଘରର ଆବଶ୍ୟକତା ପୂରଣ କରିବା ସହ ବଳକା ଫସଲ ବଜାରରେ ବିକ୍ରି କରୁଛନ୍ତି। କେବଳ ଘରକାମ, ରୋଷେଇ ଓ ପିଲାଙ୍କ ଯତ୍ନ ନେବାରେ ବନ୍ଧା ହୋଇଥିବା ଏହି ମହିଳାମାନେ ଏବେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୫

- ଇସଲାମ ଧର୍ମ ବିରୋଧରେ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଅଭିଯୁକ୍ତ ବାଂଲାଦେଶର ବିବାଦୀୟ ଲେଖିକା ତସଲିମା ନସରିନଙ୍କ ଶୁଣାଣିକୁ ଦେଶର ଅଦାଲତ ଏକ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।
- ଜାତିସଂଘର କାର୍ଯ୍ୟକ୍ରମରୁ ଶତ୍ରୁ ପ୍ରସଙ୍ଗ ବାଦ ଦେବା ପାଇଁ ଜାତିସଂଘର ଏକ କମିଟି ସାଧାରଣ ପରିଷଦକୁ ସୁପାରିସ କରିବା ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହୋଇଛି।
- ସରକାରୀ ପରିଚାଳନାଧୀନ ଜାତୀୟ ତାପଜ ଶକ୍ତି ନିଗମ ଏବଂ ଓଡିଶା ରାଜ୍ୟ ବିଦ୍ୟୁତ୍ ପରିଷଦ ମଧ୍ୟରେ ତାଳଚେରସ୍ଥିତ ୪୬୦ ମେଗାୱାଟ ତାପଜ ଶକ୍ତି କେନ୍ଦ୍ରରୁ ଶକ୍ତି ଯୋଗାଣ ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | 1 | | | | 9 | 8 | | | | A | | B |
| C | 5 | 3 | | | A | E | | | | | | | | |
| | | 8 | | | | | | 0 | | 3 | | 4 | | |
| | | | 4 | 0 | | | | 3 | | E | | | 6 | |
| A | | | 6 | | | D | C | | | 5 | | | | |
| B | | | | E | | | 3 | 5 | 2 | | A | | 0 | |
| | | | 9 | | 0 | | 2 | | 4 | | | C | | |
| 5 | | E | | | | | | 1 | | 7 | | 6 | | |
| 0 | 8 | 2 | B | | | | | 7 | | | | | D | 5 |
| | 6 | | | A | | | | | | | 8 | | | |
| | | | | D | | | | | | 6 | | 9 | | 0 |
| | | 0 | | C | | 7 | B | | | 8 | | | | |
| 1 | | | | 3 | | 5 | | C | | | | 7 | | D |
| 7 | | B | | 9 | | | 4 | | | | | | | 2 |
| 2 | 3 | C | A | | B | | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 7 | 2 | 0 | B | 3 | A | D | 6 | 9 | 4 | 8 | E | C | 5 |
| 0 | D | 4 | 7 | 9 | 2 | E | 8 | 3 | B | 5 | C | 1 | 6 | A |
| A | 9 | 5 | 4 | 1 | 8 | 0 | 2 | C | E | 7 | 6 | B | D | 3 |
| 3 | C | B | 6 | E | A | 1 | 5 | 7 | D | 0 | 2 | 4 | 9 | 8 |
| E | 6 | 8 | C | D | 5 | 9 | B | 4 | 1 | 3 | A | 2 | 0 | 7 |
| 9 | 4 | 6 | 2 | A | B | 5 | 0 | 8 | 3 | C | E | D | 7 | 1 |
| B | 8 | 1 | 5 | 0 | C | 3 | 6 | A | 2 | D | 7 | 9 | 4 | E |
| C | 5 | 7 | D | 8 | 6 | B | E | 1 | 4 | A | 9 | 3 | 2 | 0 |
| D | E | 3 | 1 | 4 | 9 | C | 7 | 2 | 0 | 8 | B | A | 5 | 6 |
| 2 | 0 | A | E | 3 | 7 | D | 4 | 9 | 5 | 6 | 1 | 8 | B | C |
| 6 | 3 | 0 | B | 5 | 4 | 7 | 9 | E | A | 1 | D | C | 8 | 2 |
| 7 | 1 | D | 3 | C | 0 | 2 | A | 5 | 8 | B | 4 | 6 | E | 9 |
| 8 | B | E | 9 | 7 | D | 6 | 1 | 0 | C | 2 | 3 | 5 | A | 4 |
| 5 | A | 9 | 8 | 2 | 1 | 4 | C | B | 6 | E | 0 | 7 | 3 | D |
| 4 | 2 | C | A | 6 | E | 8 | 3 | D | 7 | 9 | 5 | 0 | 1 | B |

ଗତ ସୋମବାରର ଉତ୍ତର

# ବାହ୍ୟ ମଳମୁକ୍ତ ଗ୍ରାମ



ବିଚିତ୍ର ବିଶ୍ୱାଳ

ରାସ୍ତାରେ ଯାଉଥିବା ସମୟରେ ଦୁଇପଟେ ପଡୁଥିବା ଗାଁଗୁଡ଼ିକର ଆରମ୍ଭ ମୁଣ୍ଡରେ 'ବାହ୍ୟ ମଳମୁକ୍ତ ଗ୍ରାମ' ଲେଖାଥିବା ଗୋଟିଏ ସିମେଣ୍ଟ ଫଳକ ସମସ୍ତଙ୍କ ନଜରରେ ପଡୁଥିବ ନିଶ୍ଚୟ। ପ୍ରାୟ ଚାରି ଫୁଟ୍ ଉଚ୍ଚର ଏହି ସିମେଣ୍ଟ ଫଳକ ଅଧିକାଂଶ ଗାଁର ଆରମ୍ଭ ମୁଣ୍ଡରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା ଭଳି ସ୍ଥାନରେ ତିଆରି ହୋଇଛି ଓ ସେଥିରେ ସୁନ୍ଦର ସୁନ୍ଦର ଅକ୍ଷରରେ ଲେଖା ହୋଇଥାଏ 'ବାହ୍ୟ ମଳମୁକ୍ତ ଗ୍ରାମ ଆପଣଙ୍କୁ ସ୍ୱାଗତ ଜଣାଉଛି'। ଏମିତି ଏକାଧିକ ଗାଁ ଆମ ନଜରରେ ବି ପଡ଼ିଥିଲା ଓ ସ୍ୱାଭାବିକ ଭାବେ ଏହା ଆମକୁ ବି ଖୁବ୍ ଉତ୍ସାହିତ କରିଥିଲା। ଯାହା ହେଉ ଆମ ରାଜ୍ୟ ତଥା ଦେଶ ନାଁରେ ବାହାରେ ମଳ ତ୍ୟାଗ କରିବାକୁ ନେଇ ଯେଉଁ କଳଙ୍କ ଥିଲା, ସେଥିରୁ ଆମେ ମୁକ୍ତ ହେଉଛୁ ବୋଲି ଗୋଟିଏ ଆଶ୍ୱସ୍ତି ବି ପାଉଥିଲୁ। ତଥାପି ମନ ଭିତରେ ଥିବା ଆଶଙ୍କାକୁ ଦୂର କରିବା ପାଇଁ ଓ ଆଶାକୁ ଆହୁରି ମଜଭୁତ୍ କରିବା ପାଇଁ ରାୟଗଡ଼ା ଜିଲାର ବିଷମକଟକ ବ୍ଲକ୍‌ର ଓ ଗଜପତି ଜିଲାର ନୂଆଗଡ଼ ବ୍ଲକ୍‌ର ମୋଟ୍ ଚାରୋଟି ଗାଁ ଭିତରକୁ ପରୀକ୍ଷାମୂଳକ ଭାବେ ପଶିଥିଲୁ ଆମେ। କିନ୍ତୁ ଭିତରକୁ ଯାଇ ଦେଖିଲୁ, ବାହାର ବୋର୍ଡ଼ର ଲେଖା ଓ ଗାଁର ପରିସ୍ଥିତି ଜମାରୁ ମେଳ ଖାଉନାହିଁ। ଅର୍ଥାତ୍ ଗାଁଗୁଡ଼ିକ ଆଦୌ ବାହ୍ୟ ମଳମୁକ୍ତ ନୁହେଁ। ଅର୍ଥାତ୍ ଗାଁର ପ୍ରାୟ ନବେ ପ୍ରତିଶତ ଲୋକ ବାହାରକୁ ହିଁ ମଳତ୍ୟାଗ କରିବାକୁ ଯାଉଛନ୍ତି। ତା'ହେଲେ ଏହି ଗାଁଗୁଡ଼ିକୁ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରାଗଲା କିପରି? ଏହା କେବଳ କାଗଜ କଲମରେ ଘୋଷଣା ହୋଇନି, ଗାଁ ଆରମ୍ଭରେ ବଡ଼ ସିମେଣ୍ଟ ଫଳକରେ ବି ଏହା ଘୋଷଣା କରାଯାଇଛି। ଏହା କେବଳ ଗୋଟିଏ କିମ୍ବା ଦୁଇଟି ଗାଁର କାହାଣୀ ନୁହେଁ, ଘୋଷଣା ହୋଇଥିବା ଅଧିକାଂଶ ଗାଁର ବାସ୍ତବ ପରସ୍ଥିତି ଏହିପରି। ତା'ପରେ ଆମେ ବୁଝିଲୁ ଯେ, ଯେଉଁ ଗାଁଗୁଡ଼ିକୁ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରାଯାଇଛି, ସେସବୁ ଗାଁରେ ସମସ୍ତଙ୍କ ଘରେ ଶୌଚାଳୟ ତିଆରି ହୋଇଛି। ସମସ୍ତଙ୍କ ଘରେ ଶୌଚାଳୟ ତିଆରି ହୋଇଥିବା ଆଧାରରେ ସେଇ ସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏହା ଦିନ ଦିପ୍ରହରରେ କୁହାଯାଉଥିବା ଏକ ଅର୍ଦ୍ଧସତ୍ୟ। ଆମେ ଦେଖିଲୁ, ସେହିସବୁ ଗାଁର ପ୍ରତ୍ୟେକ ଘରେ ତ ଶୌଚାଳୟ ତିଆରି ହୋଇଛି, କିନ୍ତୁ ସେ ଶୌଚାଳୟଗୁଡ଼ିକ ଭିତରେ କେଉଁଠି ଜାଳେଣି କାଠ ରହୁଛି ତ, କେଉଁଠି କୁକୁଡ଼ାମାନେ ରହୁଛନ୍ତି ଓ କେଉଁଠି ତାହାକୁ ବାସନ ଧୋଇବା ପାଇଁ ବ୍ୟବହାର କରାଯାଉଛି। ପ୍ରାୟ ନବେ ପ୍ରତିଶତ ଶୌଚାଳୟ ମଳତ୍ୟାଗ ପାଇଁ ବ୍ୟବହାର ହେଉନି। ଲୋକମାନେ ତାଙ୍କ ଚିରାଚରିତ ଅଭ୍ୟାସ ଅନୁସାରେ ବାହାରକୁ ଅର୍ଥାତ୍ ରାସ୍ତା କଡ଼କୁ, ନଦୀ କୂଳକୁ କି ନିକଟସ୍ଥ ପଡ଼ିଆକୁ ମଳତ୍ୟାଗ ପାଇଁ ଯାଉଛନ୍ତି।

୨୦୧୪ରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହେଲାବେଳେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ୨୦୧୯ ଅକ୍ଟୋବର ୨ ସୁଦ୍ଧା ଭାରତକୁ ସଂପୂର୍ଣ୍ଣ ଭାବେ ବାହ୍ୟ ମଳମୁକ୍ତ କରାଯିବ। ସ୍ୱଚ୍ଛ ଭାରତ ମିଶନ ତଥା ଭାରତକୁ ବାହ୍ୟ ମଳମୁକ୍ତ କରିବାର ସଂପୂର୍ଣ୍ଣ କାମକୁ କେବଳ ଶୌଚାଳୟ ନିର୍ମାଣ ଉପରେ ହିଁ କେନ୍ଦ୍ରିତ କରାଗଲା। ୨୦୧୪ରୁ ୨୦୧୯ ମଧ୍ୟରେ ୧୧ କୋଟି ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଭାରତର ୯୯ ପ୍ରତିଶତ ଗ୍ରାମ ବାହ୍ୟ ମଳମୁକ୍ତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଆମ ଦେଶର ୫,୫୪,୨୦୯ଟି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏଥିମଧ୍ୟରୁ କେବଳ ୨୦୧୮-୧୯ରେ ୨୦,୭୩୦ଟି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ସମୁଦାୟ ୧୦,୨୮,୬୭,୨୭୧ଟି ଘରେ ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ସରକାରୀ ତଥ୍ୟ କହୁଛି। ଗତ ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୬,୮୮୫ଟି ଗାଁକୁ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ତଥ୍ୟକୁ ନିରୀକ୍ଷଣ କଲେ ବୁଝିହେଉଛି ଯେ, ସରକାରଙ୍କ ଅନୁସାରେ ଓଡ଼ିଶାର ସମସ୍ତ ଗାଁ ଓ ଆମ ଦେଶ ଭାରତର ସମସ୍ତ ଗାଁ ବାହ୍ୟ ମଳମୁକ୍ତ ହୋଇଛି। ସରକାରଙ୍କ ଏହି ଘୋଷଣା କେତେ ବଡ଼ ମିଛ, ଆମେ ନିଜ ନିଜ ଗାଁ ଓ ପଡ଼ୋଶୀ ଗାଁକୁ ଦେଖି ନିଶ୍ଚୟ ବୁଝିପାରିବା। ଏହା ସତ୍ୟ ଯେ, ଶୌଚାଳୟ ନିର୍ମାଣ ହୋଇଛି, କିନ୍ତୁ ତାହା ବ୍ୟବହାର ହେଉନାହିଁ। ଲୋକମାନେ ଏବେ ବି ବାହାରେ ମଳତ୍ୟାଗ କରୁଛନ୍ତି। ଶୌଚାଳୟ ନିର୍ମାଣର ଅର୍ଥ ନୁହେଁ ଯେ, ବାହାରେ ମଳତ୍ୟାଗ ବନ୍ଦ ହେବା। ବାହାରେ ମଳତ୍ୟାଗ ବନ୍ଦ ହେବା ଏକ ଅଭ୍ୟାସର ବିଷୟ। ଏହାକୁ ଦୂର କରିବା ପାଇଁ ହେଲେ ଲୋକମାନଙ୍କର ଅଭ୍ୟାସ ଓ ବ୍ୟବହାରର ପରିବର୍ତ୍ତନ ପାଇଁ କାମ କରିବାକୁ ହେବ।

ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏବଂ ସ୍ୱଚ୍ଛ ଭାରତ ମିଶନ ଅନୁସାରେ ବାହ୍ୟ ମଳମୁକ୍ତ ଗାଁର ଅର୍ଥ ଗାଁ ଚତୁଃପାର୍ଶ୍ୱରେ ଖୋଲା ଆକାଶ ତଳେ ଆଦୌ ମଳ ପଡୁ ନ ଥିବ ଏବଂ ଗାଁର ପ୍ରତ୍ୟେକ ପରିବାର ନିରାପଦ ଓ ସ୍ୱଚ୍ଛ ଶୌଚାଳୟ ବ୍ୟବହାର କରୁ ନ ଥିବେ। ଏବେ ସରକାର ବିଚାର କରିବା କଥା ଯେଉଁ ସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି, ସେମାନେ ଏହିସବୁ ମାନଦଣ୍ଡ ପୂରଣ କରୁଛନ୍ତି କି? ଯଦି ନା, ତା'ହେଲେ ସେହି ସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଗଲା କିପରି? ସରକାରଙ୍କ ନିୟମ ଅନୁସାରେ ପ୍ରଥମେ ଗ୍ରାମସଭାରେ ଗାଁ ନିଜକୁ ବାହ୍ୟ ମଳମୁକ୍ତ ଘୋଷଣା କରିବେ। ତା'ପରେ ତିନିମାସ ମଧ୍ୟରେ ସେହି ଗାଁରେ ବାହାର ଲୋକ କିମ୍ବା ପ୍ରଶାସନ ଦ୍ୱାରା ପ୍ରଥମ ପର୍ଯ୍ୟାୟର ଏକ ନିରୀକ୍ଷଣ କରାଯିବ। ଏହାର ଛଅମାସ ପରେ ଦ୍ୱିତୀୟ ପର୍ଯ୍ୟାୟର ନିରୀକ୍ଷଣ କରାଯିବ। ତା'ପରେ ସେହି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯିବା କଥା। କିନ୍ତୁ ଦେଖାଯାଉଛି ଯେ, ଅନେକ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିରୀକ୍ଷଣ କରାଯାଉ ନାହିଁ। ଯଦି ବି ନିରୀକ୍ଷଣ କରାଯାଉଛି, ତାହା ଅତ୍ୟନ୍ତ ଉପରଠାଉରିଆ ଭାବେ ହେଉଛି, ନଚେତ୍ କେବଳ କାଗଜ କଲମରେ ହିଁ ହେଉଛି। ତଥ୍ୟ ଅନୁସାରେ ଓଡ଼ିଶାରେ ମାତ୍ର ୫୮% ଗ୍ରାମର ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ ହୋଇଛି। ସ୍ୱଚ୍ଛ ଭାରତ ମିଶନର ତଥ୍ୟ ଅନୁସାରେ ଓଡ଼ିଶାରେ ସେପ୍ଟେମ୍ବର ୨୬, ୨୦୧୯ ସୁଦ୍ଧା ୨୩,୯୦୨ଟି ଗ୍ରାମରେ ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ ହୋଇଥିବା ବେଳେ ସେପ୍ଟେମ୍ବର ୩୦ ସୁଦ୍ଧା ନିରୀକ୍ଷଣ ହୋଇଥିବା ଗାଁ ସଂଖ୍ୟା ୩୭,୦୦୮ରେ ପହଞ୍ଚିଥିଲା। ଅର୍ଥାତ୍ ମାତ୍ର ଚାରିଦିନ ମଧ୍ୟରେ ପାଖାପାଖି ୧୩,୦୦୦ ଗାଁର ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ କରାଯାଇଥିଲା। ଏଥିରୁ ବୁଝାପଡୁଛି ଯେ, କେତେ ଆନ୍ତରିକତାର ସହିତ ନିରୀକ୍ଷଣ କାର୍ଯ୍ୟ କରାଯାଇଛି! ସ୍ୱଚ୍ଛ ଭାରତ ମିଶନର ନିଜସ୍ୱ ତଥ୍ୟ ଅନୁସାରେ ସମଗ୍ର ଦେଶରେ ମାତ୍ର ୨୪% ଗାଁରେ ହିଁ ଦ୍ୱିତୀୟ ପର୍ଯ୍ୟାୟର ନିରୀକ୍ଷଣ ହୋଇଛି, ଯାହା କି ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମୁଦାୟ ଘଟଣାରୁ ଗୋଟିଏ କଥା ବୁଝାପଡୁଛି ଯେ, ପ୍ରକୃତ ଅର୍ଥରେ ଗାଁକୁ ବାହ୍ୟ ମଳମୁକ୍ତ କରିବା ଅପେକ୍ଷା ବାହ୍ୟ ମଳମୁକ୍ତ ଘୋଷଣା କରିବାରେ ସରକାର ଅଧିକ ତତ୍ପରତା ପ୍ରକାଶ କରୁଛନ୍ତି।

ଏହା ସତ୍ୟ ଯେ, ବାହାରେ ମଳତ୍ୟାଗ କରିବା ଏକ ଲଜ୍ଜାକର ବିଷୟ। ଏଥିପାଇଁ ଆମ ଗାଁଗୁଡ଼ିକୁ ତଥା ଦେଶକୁ ବାହ୍ୟ ମଳମୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ବର୍ତ୍ତମାନ ସମୟର ଆହ୍ୱାନ। କିନ୍ତୁ ଏହାକୁ କେବଳ ଅନ୍ୟକୁ ଦେଖାଇବା ପାଇଁ ବା କାଗଜ କଲମରେ କରିଲେ ହେବନାହିଁ। ଏଥିପାଇଁ ନିଷ୍ଠାପରଭାବେ ସରକାରୀ କଳକୁ ଲାଗିବାକୁ ପଡ଼ିବ। ଏହି ନିଷ୍ଠାକୁ କେବଳ ଶୌଚାଳୟ ନିର୍ମାଣରେ ସୀମିତ ନ ରଖି ଲୋକମାନଙ୍କର ଅଭ୍ୟାସ ଓ ବ୍ୟବହାରରେ ବି ପରିବର୍ତ୍ତନ କରିବାକୁ ପଡ଼ିବ। ସରକାରଙ୍କ ସହିତ ଲୋକମାନେ ମଧ୍ୟ ଏଥିପାଇଁ ଆଗେଇ ଆସିବାକୁ ପଡ଼ିବ।

ଭିରଙ୍ଗ ତିରଣ, ଜଗତ୍‌ସିଂହପୁର,
ମୋ- ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ଓ ପ୍ରେରଣା

ମହାଶୟ,

ଧରିତ୍ରୀ (୨୪।୨)ରେ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ 'ପ୍ରତିମୂର୍ତ୍ତି ଓ ପ୍ରେରଣା' ସମାଜ ପାଇଁ ବେଶ୍ ପ୍ରଣିଧାନଯୋଗ୍ୟ। ଦେଶ ତଥା ଜାତି ପାଇଁ ବଳିଷ୍ଠ ଅବଦାନ ରଖିଯାଇଥିବା ଆମର ପ୍ରିୟ ପୂର୍ବପୁରୁଷ, ମନୀଷୀ, ମହାପୁରୁଷଙ୍କ ନୀତି ଓ ଆଦର୍ଶ ଆମର ଏକାନ୍ତ କାମ୍ୟ। ମାତ୍ର ସେମାନଙ୍କ ଅବର୍ତ୍ତମାନରେ ସେମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଆମକୁ ଅସୀମ ପ୍ରେରଣା ଯୋଗାଇଥାଏ। ଆମେ ସେମାନଙ୍କ ସ୍ମୃତିକୁ ହୃଦୟରେ ଉଜ୍ଜୀବିତ ରଖିବା ଆବଶ୍ୟକ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଶସ୍ତା ଯୁଗ ଆଉ ନାହିଁ

ମୁଁ ୧୯୭୯ ମସିହାରେ ନୀଳଗିରି କଲେଜରେ ପଢୁଥିଲି। ସେତେବେଳେ ମାସର ପ୍ରତ୍ୟେକ ମଙ୍ଗଳବାର ଓ ଶନିବାର ହାଟ ହୁଏ। ସେତେବେଳେ ହାଟରେ ବାଇଗଣ କିଲୋ ୨୫ ପଇସା, ଟମାଟୋ ୫୦ ପଇସାରେ ବିକ୍ରି ହୁଏ। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପନିପରିବା ମଧ୍ୟ ଶସ୍ତାରେ ମିଳେ। ତାହା ପୁଣି ବିନା ସାର ଓ କୀଟନାଶକରେ ଉତ୍ପାଦିତ ହୋଇଥାଏ। ଏତଦ୍‌ବ୍ୟତୀତ ଦେଶୀ କୁକୁଡା ଅଣ୍ଡା ଗୋଟିକୁ ୨୫ ପଇସା, ଖାସି ମାଂସ କେଜି ୧୪ଟଙ୍କା, ଦେଶୀ ମାଛ ୨ଟଙ୍କାରେ ମିଳେ। ସେତେବେଳେ ବ୍ରଏଲର କି ଲେୟର କି ଆନ୍ଧ୍ରମାଛ ଏ ହାଟରେ ମିଳୁ ନ ଥିଲା। ସୋରିଷ ତେଲ ଲିଟର ୬ଟଙ୍କା, ନଡିଆ ତେଲ ଡବା ୭ଟଙ୍କାରେ ମିଳୁଥିଲା। ବର୍ତ୍ତମାନ ଯୁଗ ଏତେ ମହଙ୍ଗା ହେଲା କାହିଁକି?

କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନିଶ୍ଚିତତାରେ ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ଭାଗ୍ୟ

**କଟକ ଅଫିସ୍, ୧୧।୩**

ଓଡ଼ିଶାରେ ଚିଟ୍‌ଫଣ୍ଡ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଚିଟ୍‌ଫଣ୍ଡ ଅସ୍ତ୍ରକୁ ପୂର୍ବରୁ ବ୍ୟବହାର କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୩ ଜୁଲାଇ ୯ରେ ତଦନ୍ତ କମିଶନ ଗଠନ କରିଥିଲେ ଏବଂ ୩ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। କୁହାଗଲା ତଦନ୍ତ ହେବ, କ୍ଷତିଗ୍ରସ୍ତମାନେ ଟଙ୍କା ଫେରସ୍ତ ପାଇବେ। ଇତିମଧ୍ୟରେ ପ୍ରଥମ ଦଫାରେ ପ୍ରାୟ ୫ ଲକ୍ଷ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମାତ୍ର ୨୨ଶହ ଜଣ ଟଙ୍କା ଫେରସ୍ତ ପାଇଥିବାବେଳେ କମିଶନଙ୍କ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଛି। ସରକାରଙ୍କ ପକ୍ଷରୁ କମିଶନ ଜଷ୍ଟିସ୍ ମଦନ ମୋହନ ଦାସଙ୍କ କାର୍ଯ୍ୟକାଳ ଆଉ ବଢ଼ା ଗଲାନାହିଁ। ଫଳରେ ମାର୍ଚ୍ଚ ୩ତାରିଖଠାରୁ କମିଶନ ଶୁଣାଣି ବନ୍ଦ କରିଦେଇଛନ୍ତି। ଏନେଇ କଟକ ବକ୍ସିବଜାରସ୍ଥିତ କାର୍ଯ୍ୟାଳୟରେ ନୋଟିସ ମରାଯାଇଛି। ଫଳରେ ଯେଉଁ ଲକ୍ଷାଧିକ ଜମାକାରୀ ଟଙ୍କା ଫେରିପାଇବା ନେଇ ଆଶା ରଖିଥିଲେ ତାହା ମଉଳି ଯାଇଛି। ଅନ୍ୟପକ୍ଷରେ କମିଶନ୍ ଗଠନ ପରଠୁ ୨୦୧୯ ଜୁଲାଇ ସୁଦ୍ଧା ୫କୋଟି ୫୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଧାନସଭାରେ ଅର୍ଥମନ୍ତ୍ରୀ ଉତ୍ତର ରଖିଥିଲେ। ଏତେ ଟଙ୍କା ଖର୍ଚ୍ଚ ହେବା ପରେ ଏବେ ହଠାତ୍ ବନ୍ଦ କରିଦେବାକୁ ନେଇ ପ୍ରଶ୍ନ ଉଠିଛି।

ଚିଟ୍‌ଫଣ୍ଡ ଠକେଇକୁ ନେଇ ସାରା ରାଜ୍ୟରେ ହଇଚଇ ହେବା ପରେ ସରକାର ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜଷ୍ଟିସ୍ ରାଧାକୃଷ୍ଣ ପାତ୍ର କମିଶନ୍ ଗଠନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତିରେ ୫ଟି ଟର୍ମ ଅଫ୍ ରେଫରେନ୍ସ ଜାରି କରାଯାଇଥିଲା। ଚିଟ୍‌ଫଣ୍ଡ ଠକେଇରେ କେଉଁ ସଂସ୍ଥା ଓ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି, କେଉଁମାନେ ଏହାକୁ ପ୍ରୋତ୍ସାହନ ଦେଉଥିଲେ, କ୍ଷତିଗ୍ରସ୍ତ ଜାମାକାରୀଙ୍କ ସ୍ୱାର୍ଥ କିପରି ରକ୍ଷା କରାଯାଇପାରିବ, ଭବିଷ୍ୟତରେ ଜମାକାରୀଙ୍କୁ କିଭଳି ଆର୍ଥିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ଏବଂ ଜମାକାରୀଙ୍କ ସହିତ ସମ୍ପୃକ୍ତ ଯେକୌଣସି ପ୍ରସଙ୍ଗରେ କମିଶନ ତଦନ୍ତ କରିପାରିବେ। ତେବେ ତଦନ୍ତ ମଝିରେ ଜଷ୍ଟିସ ପାତ୍ରଙ୍କ ପରଲୋକ ହୋଇଥିଲା। ତାଙ୍କ ସ୍ଥାନରେ ଜଷ୍ଟିସ୍ ମଦନମୋହନ ଦାସଙ୍କୁ ସରକାର ୨୦୧୫ ଫେବୃୟାରୀ ୫ରେ ନିଯୁକ୍ତ କରିଥିଲେ। ଏହାର କିଛି ଦିନ ପରେ ଅର୍ଥାତ୍ ୨୦ ତାରିଖରେ ସରକାର ଏକ ସଂଶୋଧିତ ଟର୍ମ ଅଫ୍ ରେଫରେନ୍ସ ଜାରି କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରିବା ଏବଂ କର୍ପସ ଫଣ୍ଡରୁ କ୍ଷୁଦ୍ର ଜମାକାରୀଙ୍କୁ କିଭଳି ଟଙ୍କା ଫେରସ୍ତ ଦିଆଯିବ ସେ ନେଇ ସୁପାରିସ କରିବା ବ୍ୟବସ୍ଥା ଯୋଡ଼ାଯାଇଥିଲା। ୨୦୧୯ ଡିସେମ୍ବର ୧୧ରେ ସରକାର ପୁଣିଥରେ ସଂଶୋଧନ ଆଣି କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ ବ୍ୟବସ୍ଥା କରିଥିଲେ। ୧୦ ହଜାର କିମ୍ବା ତା'ଠାରୁ କମ୍ ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କୁ କ୍ଷୁଦ୍ର ଜମାକାରୀ ଭାବେ ଗଣନା କରାଯିବ ବୋଲି କୁହାଯାଇଥିଲା।

- ବଢ଼ିଲାନି ତଦନ୍ତ କମିଶନଙ୍କ କାର୍ଯ୍ୟକାଳ
- ଖତ ଖାଉଛି ୭ଲକ୍ଷ ସତ୍ୟପାଠ



କମିଶନଙ୍କ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ

ପ୍ରଥମ ପର୍ଯ୍ୟାୟରେ ଜମାକାରୀଙ୍କ ପକ୍ଷରୁ ୮ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଥିଲା। ସେସବୁକୁ ତର୍ଜମା କରି କମିଶନ ସରକାରଙ୍କୁ ୭ଟି ଅନ୍ତରୀଣ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ୪ ଲକ୍ଷ ୯୭ ହଜାର ୮୪୪ ଜଣଙ୍କୁ କ୍ଷୁଦ୍ର ଜାମାକାରୀ ଭାବେ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କୁ ଜମା ଟଙ୍କା ଫେରସ୍ତ ପାଇଁ ସୁପାରିସ ହୋଇଥିଲା। ସେଥିରୁ ମାତ୍ର ୨୨ଶହ ଜଣଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ ସତ୍ୟପାଠ କମିଶନଙ୍କ ହସ୍ତଗତ ହୋଇଥିଲା। ସେସବୁର ଡିଜିଟାଇଜେଶନ୍ କାର୍ଯ୍ୟ ଚାଲିଥିବାବେଳେ ଶୁଣାଣି ଆରମ୍ଭ ହୋଇନାହିଁ। କମିଶନ ଅଷ୍ଟମ ଅନ୍ତରୀଣ ରିପୋର୍ଟ କାର୍ଯ୍ୟ ଜାରି ରଖିଥିବା ବେଳେ ତାଙ୍କ କାର୍ଯ୍ୟକାଳ ଗତ ଫେବୃୟାରୀ ୪ରେ ଶେଷ ହୋଇଥିଲା। ଏନେଇ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା। ଏହାର ପ୍ରାୟ ୧ ମାସ ପରେ ମଧ୍ୟ ସରକାର କାର୍ଯ୍ୟକାଳ ନ ବଢ଼ାଇବାରୁ କମିଶନ ତାଙ୍କ ଶୁଣାଣି ମାର୍ଚ୍ଚ ୩ରେ ବନ୍ଦ କରିଦେଇଥିଲେ।

ସୂଚନାଥାଉ କି ସରକାର ଆରମ୍ଭରୁ ପ୍ରତି ୩ ମାସ କିମ୍ବା ୬ ମାସକୁ ଥରେ କମିଶନଙ୍କ କାର୍ଯ୍ୟକାଳ ବଢ଼ାଇ ଆସୁଥିଲେ। ପୂର୍ବରୁ ଜଷ୍ଟିସ୍ ପାତ୍ରଙ୍କ କାର୍ଯ୍ୟକାଳ ତିନିଥର ବଢ଼ିଥିଲା। ୨୦୧୯ ଅଗଷ୍ଟ ୪ରେ ଜଷ୍ଟିସ୍ ଦାସଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ଏହାର ୨ ଦିନ ପୂର୍ବରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ୬ ମାସ ବଢ଼ାଇଥିଲେ। ଏହି ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏ ଦିଗରେ ସରକାର ଆଉ ଆଗ୍ରହ ଦେଖାଇନାହାନ୍ତି।

ଜମାକାରୀ ସୁବାସ ବେହେରା କହିଛନ୍ତି ଯେ, ୩ଟି ବଣ୍ଡରେ ୫ ଲକ୍ଷ ୧୦ ହଜାର ଟଙ୍କା ସି-ଶୋର ସଂସ୍ଥାରେ ଜମା ରଖିଥିଲି। ମ୍ୟାଚୁରିଟି ଟଙ୍କାରେ ଝିଅ ବିବାହ କରାଇବି ବୋଲି ଲକ୍ଷ୍ୟ ଥିଲା। ହେଲେ ହଠାତ୍ ସଂସ୍ଥା ବୁଡ଼ିଯିବା ପରେ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଏବେ ବହୁକଷ୍ଟରେ ଝିଅ ବିବାହ ଶେଷ କରିଛି। ମୋ ଭଳି ଅନେକ ଲୋକ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇଛନ୍ତି ବୋଲି ବେହେରା କହିଛନ୍ତି। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି ଯେ, କମିଶନକୁ ଅଧାରୁ ବନ୍ଦ କରିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। କାରଣ ଠିକ୍ ତଦନ୍ତ ହୋଇଥିଲେ, ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା, ଯାହା ସରକାର ଚାହୁଁନାହାନ୍ତି। କମିଶନଙ୍କ କାର୍ଯ୍ୟକାଳ ବଢ଼ିଲେ ଜମାକାରୀମାନେ ଫାଇଦା ପାଇବେ। କ୍ଷତିଗ୍ରସ୍ତଙ୍କ ଠିକ୍ ତାଲିକା ପ୍ରସ୍ତୁତ ହୋଇପାରିବ।

# ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ ଦେବନି ଭାଜପା

## ବିଜେଡି, ଭାଜପା ମଧ୍ୟରେ ବୁଝାମଣା ହୋଇଛି: କଂଗ୍ରେସ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ପାଇଁ ବିଜେଡିର ସମସ୍ତ ପ୍ରାର୍ଥୀ ବୁଧବାର ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ୪ର୍ଥ ଆସନକୁ ନେଇ ଯେଉଁ ଚର୍ଚ୍ଚା ଲାଗି ରହିଥିଲା ସେଥିରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡିଛି। ଭାଜପା ରାଜ୍ୟ ସଭା ନିର୍ବାଚନ ଲାଗି ପ୍ରାର୍ଥୀ ଦେବ ନାହିଁ ବୋଲି ଶେଷରେ ଘୋଷଣା କରିଛି। କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାକୁ ମନା କରିଥିବାବେଳେ ପ୍ରାର୍ଥୀ ଚୟନକୁ ନେଇ ବିଜେଡି ଓ ଭାଜପା ମଧ୍ୟ ଭିତିରି ବୁଝାମଣା ହୋଇଥିବା ଅଭିଯୋଗ ଆଣିଛି।

ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି ଯେ, ଆମେ ଏଥର ପ୍ରାର୍ଥୀ ଦେବୁନାହିଁ। ଆମର ସଂଖ୍ୟା ହେଉନି, ସେଥିଲାଗି ଲଢିବୁନି। ସଂଖ୍ୟାଗରିଷ୍ଠତା ନ ଥିବାରୁ କାହିଁକି ଲଢେଇ କରିବାକୁ ଯିବୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ମାତ୍ର ଏନେଇ ଦଳ ନିଷ୍ପତ୍ତି ହୋଇନାହିଁ ବୋଲି ସେ କହିଛନ୍ତି। ପ୍ରଦୀପ୍ତ ଆହରି କହିଛନ୍ତି ଯେ, ନାମାଙ୍କନ କରିପାରିବାର ସଂଖ୍ୟା ଦଳ ନିକଟରେ ଥିଲେ ମଧ୍ୟ ଜିତିବାର ନାହିଁ। ଅନ୍ୟ ଦଳ ସହ ମିଶିକରି ଯାଇପାରୁ ମାତ୍ର କଂଗ୍ରେସ ସହିତ ମିଶିବାର ପ୍ରଶ୍ନ ଉଠୁନାହିଁ। ଦଳ ଏ ବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବାପରେ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ରାଜ୍ୟ ସଭା ନିର୍ବାଚନ ଲାଗି ଦଳ ପ୍ରାର୍ଥୀ ଦେବନାହିଁ ବୋଲି ସୂଚନା ଦେଇଛନ୍ତି। ଜିତିବା ପାଇଁ ସଂଖ୍ୟା ନ ଥିବାରୁ ସଂସଦୀୟ ବୋର୍ଡ ମନା କରିଦେଇଥିବା ସେ କହିଛନ୍ତି।

ଏପରି ସ୍ଥିତିରେ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଭାଜପା, ବିଜେଡି ମଧ୍ୟରେ ସଲାସୁତୁରାରେ ସବୁ ହେଉଛି। ଏଥିଲାଗି ୨୩ଆସନ ଥିବାସତ୍ତ୍ୱେ ଭାଜପା ପ୍ରାର୍ଥୀ ଦେଉନାହିଁ। ତାଙ୍କର ୯ଜଣ ବିଧାୟକ ଅଛନ୍ତି। ସେମାନେ ନାମାଙ୍କନ ଦାଖଲ କରିପାରିବେ ନାହିଁ। ହେଲେ ଶାସକ ଦଳ ସହ ବୁଝାମଣା ହୋଇସାରିଥିବାରୁ ଭାଜପା ପ୍ରାର୍ଥୀଦେଉ ନ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ତାରା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଜେଡିର ୪ ରାଜ୍ୟ ସଭା ପ୍ରାର୍ଥୀ ସୁବାସ ସିଂ, ମୁନା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# 'ବିଜୁ ସେତୁ ନେଇ ପ୍ରସ୍ତୁତ ହେଉ ୫ ବର୍ଷିଆ ପ୍ଲାନ'

## ଗ୍ରାମ୍ୟ ଉନ୍ନୟନ ଷ୍ଟାଣ୍ଡିଂ କମିଟି ସୁପାରିସ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ରାଜ୍ୟର ଅନେକ ନଦୀ ଉପରେ ଯାତାୟାତ ପାଇଁ ସେତୁ ହୋଇନାହିଁ। ତେଣୁ ବିଜୁ ସେତୁ ଯୋଜନାରେ ପ୍ରକଳ୍ପ ନିର୍ମାଣ ନେଇ ୫ ବର୍ଷିଆ ଆକ୍ସନ ପ୍ଲାନ ନିର୍ମାଣ କରାଯାଉ। ଏହା ପୂର୍ବରୁ ସର୍ଭେ ଓ ଅନୁସନ୍ଧାନ ସୁବ୍ୟବସ୍ଥିତ ଢଙ୍ଗରେ କରାଯାଉ। ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ସହ କୌଣସି ଆର୍ଥିକ ବଜେଟରେ ଅନୁମୋଦନ କରାଯାଇ ପ୍ରକଳ୍ପ ଆରମ୍ଭ କରିବାକୁ ବିଧାନସଭା ଗ୍ରାମ ଉନ୍ନୟନ ସ୍ଥାୟୀ କମିଟି ପରାମର୍ଶ ଦେଇଛି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୦-୨୧ ଆର୍ଥିକବର୍ଷରେ ଅତିରିକ୍ତ ୪୦୦ କୋଟି ଅନୁଦାନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଆର୍ଥିକ ବର୍ଷରେ ବିଧାନସଭା ନିର୍ବାଚନମଣ୍ଡଳୀୱାରି ୨୮.୪୦ କୋଟି ଟଙ୍କାର ଅନୁଦାନ ପ୍ରଦାନ ପାଇଁ ପ୍ରସ୍ତାବ ରହିଛି। ଫନୀ ଦ୍ୱାରା ପ୍ରଭାବିତ ବିଭାଗୀୟ କୋଠାବାଡି ମରାମତି ତୁରନ୍ତ ସାରିବା ପାଇଁ ପ୍ରସ୍ତାବ ଆସିଛି। ରାଜ୍ୟରେ ଥିବା ବିଭାଗୀୟ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୫୭୧.୫୭ କୋଟି ଟଙ୍କା, ଗ୍ରାମାଞ୍ଚଳ କୋଠାବାଡି ରକ୍ଷଣାବେକ୍ଷଣ ପାଇଁ ୮୫.୭୧ କୋଟି ଟଙ୍କା ଏବଂ ଅଣକୋଠାବାଡିଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୬୮.୭୦ କୋଟି ଟଙ୍କା ବ୍ୟୟବରାଦ କରିବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ରାଜ୍ୟର ଅତିରିକ୍ତ ୫୦୦୦ କି.ମି. ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ ପାଇଁ ଆଗାମୀ ଆର୍ଥିକବର୍ଷ ପାଇଁ ୭୫୦ କୋଟି ଟଙ୍କାର ଅତିରିକ୍ତ ଅନୁଦାନ ଦେବା ପାଇଁ ସୁପାରିସ କରାଯାଇଛି। ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହି କମିଟିର ଅଧ୍ୟକ୍ଷତା କରୁଛନ୍ତି।

# ଖାନ୍‌ନଗରକୁ ଘୁଞ୍ଚିବ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ

**କଟକ ଅଫିସ, ୧୧।୩**


ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟ ଅଧିକାରୀମାନେ।

ଖାନ୍‌ନଗରକୁ ଘୁଞ୍ଚିବ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ। ଏଥିପାଇଁ ଖାନ୍‌ନଗରର ବିଶ୍ୱନାଥ ପାଠାଗାର ନିକଟସ୍ଥ ୩୦ ଏକର ଜାଗା ଚିହ୍ନଟ ହୋଇଛି। ସେଠାରେ ନିର୍ମାଣ କରାଯିବ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ। ମଙ୍ଗଳବାର ଭୋର୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିବା ପରେ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଗସ୍ତ ସମୟରେ ୫-ଟି ସଚିବ ଏସ୍‌ସିବି ମେଡିକାଲ୍‌ର ସମ୍ପ୍ରସାରଣ, ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ।

ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ୫-ଟି ସଚିବ ପାଣ୍ଡିଆନ୍ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ବସ୍ ପାର୍କିଂ, ପ୍ରବେଶ ଏବଂ ପ୍ରସ୍ଥାନ ପଥ, ପାନୀୟ ଜଳ, ଯାତ୍ରୀଙ୍କ ରହଣି ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ଏବଂ ସେସୁ କଲୋନୀ ବୁଲି ଦେଖିଥିଲେ। ରାଣୀହାଟରେ ପହଞ୍ଚି ହିନ୍ଦ୍ ସିନେମା ରୋଡ୍ ଏବଂ ତାଳଦଣ୍ଡା କେନାଲ୍‌ର ଉଭୟ ପାର୍ଶ୍ୱରେ ଚାଲିଥିବା ଉଚ୍ଛେଦ କାର୍ଯ୍ୟର ତଦାରଖ କରିଥିଲେ। ଏସ୍‌ସିବି ସମ୍ପ୍ରସାରଣ ପାଇଁ କିଭଳି ଜମି ଅଧିଗ୍ରହଣ ଚାଲିଛି, ତାହାର ସମୀକ୍ଷା କରିଥିଲେ। ଶେଷରେ ମେରିଟାଇମ୍ ମ୍ୟୁଜିୟମ୍‌କୁ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ୍ କୁମାର, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସେସୁ ସିଇଓ ଅରୁଣ ବୋଥ୍ରା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

- ବିଶ୍ୱନାଥ ପାଠାଗାର ପାଖ ୩୦ଏକର ଜାଗା ଚିହ୍ନଟ
- ଅନୁଗୋଳ, ପୁରୀ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ହେବ
- ଭୋର୍ ୪ଟାରେ କଟକରେ ୫-ଟି ସଚିବ
- ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

ଆର୍‌ଡିସି ସାମଲଙ୍କ କହିବାନୁଯାୟୀ, ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଭିଡ଼ ବଢୁଥିବା ଯୋଗୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦିଗରେ ପଦକ୍ଷେପ ନିଆଯାଇଛି। ଖାନ୍‌ନଗର ପାଖରେ ସିଏମ୍‌ସିର ୩୦ଏକର ଜାଗା ରହିଛି। ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡକୁ ସେଠାକୁ ସ୍ଥାନାନ୍ତର କରିବା ପାଇଁ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ୫-ଟି ସଚିବ ପାଣ୍ଡିଆନ୍ କହିଛନ୍ତି। ଖୁବ୍‌ଶୀଘ୍ର ସର୍ଭେ କରାଯିବ। ବିଶ୍ୱନାଥ ପାଠାଗାରକୁ ଅନ୍ୟତ୍ର ସ୍ଥାନାନ୍ତର ସହ ଏକ ଅତ୍ୟାଧୁନିକ ପାଠାଗାରରେ ପରିଣତ କରାଯିବ। ଗୋପାଳପୁରଠାରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବସ୍ ପାର୍କିଂ ବ୍ୟବସ୍ଥା ରହିବ। ଅନୁଗୋଳ ବସ୍‌ଷ୍ଟାଣ୍ଡ ଏବଂ ପୁରୀ ବସ୍‌ଷ୍ଟାଣ୍ଡର ଉନ୍ନତିକରଣ କରାଯିବ। ଲିଙ୍ଗରୋଡ୍‌ଠାରୁ ବାଦାମ୍‌ବାଡ଼ି ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ପାଇଁ ଯୋଜନା ରହିଛି। ତାଳଦଣ୍ଡା କେନାଲ୍‌ଠାରୁ ଏସ୍‌ସିବି ପର୍ଯ୍ୟନ୍ତ ରାସ୍ତାର ସଂଯୋଗୀକରଣ କାର୍ଯ୍ୟକୁ ସଚିବ ସମୀକ୍ଷା କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ଛଅ ଥାକିଆ ରିଂରୋଡ୍ ପାଇଁ ଭୂମିପୂଜା କରିଥିଲେ। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ୫-ଟି ସଚିବ ପାଣ୍ଡିଆନ୍ ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ରାଣୀହାଟ ଏବଂ ଯୋବ୍ରା ଅଞ୍ଚଳରୁ ଜଳ ନିଷ୍କାସନକୁ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଏସ୍‌ସିବି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିବା ସହ ସନ୍ତୋଷ ପ୍ରକାଶ କରିଥିଲେ। କେଉଁ ସବୁ ଅଞ୍ଚଳରୁ ଆଗାମୀ ଦିନରେ ଉଚ୍ଛେଦ କାର୍ଯ୍ୟ ହେବ, ତାହା ପଚାରି ବୁଝିଥିଲେ ବୋଲି ଆର୍‌ଡିସି ସାମଲ ସୂଚନା ଦେଇଛନ୍ତି।

## ଜିଲା ଚିଠି



### ବରଗଡ଼

## ଚାଷୀଙ୍କ ଦୁଃଖ

ଅଧିକ ଧାନ ଉତ୍ପାଦନ ପାଇଁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏହି ଜିଲାର ଚାଷୀଙ୍କ ଦୁଃଖ, ଦୁର୍ଦ୍ଦଶା ମଧ୍ୟ କମ୍ ନୁହେଁ। ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେବେଳେ ମରୁଡ଼ି ତ ଆଉକେବେ ମାଟିଆ ଗୁଣ୍ଡି(ଚକଡ଼ା) ଭଳି ରୋଗପୋକ ଉପଦ୍ରବ ଯୋଗୁ ଜିଲାର ଚାଷୀଙ୍କ ସୁନାର ଧାନ ଫସଲ ଧୂଳିସାତ୍ ହୋଇଯାଇଥିବା ନଜିର ରହିଛି। ତେବେ ସେଭଳି ପରିସ୍ଥିତିକୁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଇପାରେ, ମାତ୍ର ସରକାରୀ କଳରେ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଏଠାକାର ଚାଷୀଙ୍କ ଜୀବନ ଦୁର୍ବିଷହ ହୋଇ ପଡୁଛି। ଧାନବିକ୍ରି ପାଇଁ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେଉ ଥିବାବେଳେ ବିକ୍ରିଧାନର ପ୍ରାପ୍ୟ ପାଇଁ ହଇରାଣ ହେବାକୁ ପଡୁଛି। ଜିଲାର ଚାଷୀମାନେ ଏଭଳି ଅନେକ ସମସ୍ୟାରେ ଛନ୍ଦି ହୋଇଛନ୍ତି। ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନରେ ରହିଥିବା ୭୫ଜଣ ଚାଷୀ ୨୦୧୯ ରବିରେ ବିକିଥିବା ୩୫୯୦.୦୮ କୁଇଣ୍ଟାଲ ଧାନର ପ୍ରାପ୍ୟରାଶି ବାବଦକୁ ୬୨ଲକ୍ଷ ୮୨ହଜାର ୬୪୦ଟଙ୍କା ପାଇପାରି ନାହାନ୍ତି। ଅନ୍‌ଲାଇନ ନୁହେଁ ଅଫ୍‌ଲାଇନ୍‌ରେ ତତ୍କାଳୀନ ସମ୍ପାଦକ ସେହି ଧାନସବୁ କିଣିଥିବା ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିବା ଏବଂ ସେଥିପାଇଁ ତତ୍କାଳୀନ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ତେବେ ଘଟଣାର କିଛିଦିନ ପରେ ସମ୍ପୃକ୍ତ ସମ୍ପାଦକଙ୍କ ଉପରୁ ନିଲମ୍ବନ ଉଠାଇ ଦିଆଯାଇ ତାଙ୍କୁ ଅନ୍ୟ ଏକ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ହେଲେ ଚାଷୀମାନେ ସେହି ବିକ୍ରିଧାନର ପ୍ରାପ୍ୟରାଶି ପାଇଁ ଏପର୍ଯ୍ୟନ୍ତ ବାରଦୁଆର ବୁଲୁଛନ୍ତି। ଚାଷୀଙ୍କ ନାମ ପଞ୍ଜୀକରଣ ଓ ଟୋକନ ବ୍ୟବସ୍ଥାରେ ମଧ୍ୟ ଅନୁରୂପ ସମସ୍ୟା। ଅନେକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଯିବା ଯୋଗୁ ଟୋକନ ଥିବା ସତ୍ତ୍ୱେ ଅନେକ ଚାଷୀ ଧାନ ବିକି ପାରି ନାହାନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାକୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନେଇ ସରକାର ଘୋଷଣା କରିଛନ୍ତି ସତ, କିନ୍ତୁ ଧାନ କିଣାବିକା ପାଇଁ ଉଦ୍ଦିଷ୍ଟ ଅନ୍‌ଲାଇନ ବ୍ୟବସ୍ଥା ଅଫ୍‌ଲାଇନ ରହିଥିବା ଯୋଗୁ ତାହା ଘୋଷଣାରେ ହିଁ ରହି ଯାଇଛି। ପଞ୍ଜୀକରଣରୁ ବାଦ୍ ଦିଆଯାଇଥିବା ଯୋଗୁ ଲଖମରା ଅଞ୍ଚଳର ୩୦୮ଜଣ ଚାଷୀ ଗତ ଖରିଫରେ ଅମଳ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ସେହିପରି ତୋରା ପ୍ୟାକ୍ସ ଅଧୀନରେ ପତିତ, ବର୍ଚ୍ଛା ଜମିରେ ଧାନଚାଷ ହେଉଥିବାବେଳେ ସେହି କିସମକୁ ପଞ୍ଜୀକରଣରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ମଧ୍ୟ ଅମଳ ଧାନ ବିକ୍ରିରୁ ବଞ୍ଚିତ ରହୁଛନ୍ତି। ଅନ୍ୟପଟେ ନାମ ପଞ୍ଜୀକରଣ ବେଳେ ଗଭୀର ନଳକୂପ, ବିଦ୍ୟୁତ୍ ବିଲକୁ ନେଇ ଚାଷୀ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛି। ଯେଉଁଚାଷୀଙ୍କ ଗୋଟିଏ ଗଭୀର ନଳକୂପ ରହିଛି, ଅଧିକ ଜମି ଥିଲେ ମଧ୍ୟ ପଞ୍ଜୀକରଣରେ ମାତ୍ର ଅଢ଼େଇ ଏକର ଜମିକୁ ଉଲ୍ଲେଖିତ କରାଯାଉଛି। ସେହିପରି ନୂଆ ବିଦ୍ୟୁତ୍ ବିଲ ପଇଠ ନ କଲେ ସେଭଳି ଚାଷୀଙ୍କୁ ବି ସେଥିରୁ ବାଦ୍ ଦିଆଯାଉଛି। ମୋଟାମୋଟି କହିବାକୁ ଗଲେ, ଚାଷ କାମ ଯାହାର, କେତେ ସୁଖ ତାହାର ଉକ୍ତିଟି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଓଲଟା ହୋଇଛି। ଆଉ ସୁଖ ବଦଳରେ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି।

– ପ୍ରେମାନନ୍ଦ ଖମାରୀ

# ବାୟୋମେଟ୍ରିକ ବ୍ୟବହାର ନ କରିବାକୁ ବିଧାନସଭା କର୍ମଚାରୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ସମଗ୍ର ବିଶ୍ୱରେ କରୋନା ଭୂତାଣୁଜନିତ ରୋଗ କାୟାବିସ୍ତାର କରି ଚାଲିଛି। ଭାରତରେ ମଧ୍ୟ ଏହା ଚିନ୍ତାର କାରଣ ପାଲଟିଛି। ଏହିରୋଗ ପାଇଁ କୌଣସି ଔଷଧ ନ ଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସଚେତନତା ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ସମସ୍ତ ବିଭାଗକୁ ମଧ୍ୟ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏହି କ୍ରମରେ ବୁଧବାର ସଚିବାଳୟ ପକ୍ଷରୁ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କର୍ମଚାରୀମାନେ ବାୟୋମେଟ୍ରିକ ମେଶିନ ବଦଳରେ ରେଜିଷ୍ଟରରେ ଦସ୍ତଖତ କରି ନିଜର ଉପସ୍ଥାନ କରିବା ପାଇଁ କୁହାଯାଇଛି। ଏ ନେଇ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଟେବୁଲ, କମ୍ପ୍ୟୁଟର, ଫୋନ ଓ ଅନ୍ୟାନ୍ୟ ଉପକରଣଗୁଡ଼ିକୁ ଦିନକୁ ୬ଥର ଜୀବାଣୁ ନାଶକ ସାନିଟାଇଜର ଦ୍ୱାରା ସ୍ପ୍ରେ କରାଯିବ। କର୍ମଚାରୀମାନେ ନିୟମିତ ହାତକୁ ସାବୁନରେ ସଫା କରିବେ। କାଶ, ଛିଙ୍କ ହେଉଥିଲେ କର୍ମଚାରୀମାନେ ଟିସୁ ପେପର ବ୍ୟବହାର କରିବେ। କାର୍ଯ୍ୟାଳୟ ସ୍ଥଳରେ କର୍ମଚାରୀ ଏକାଠି ହୋଇ ସଭାସମିତି କରିବେ ନାହିଁ। କର୍ମଚାରୀମାନେ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରି ସେମାନଙ୍କର ଉପସ୍ଥାନ ରେଜିଷ୍ଟ୍ରର ମାଧ୍ୟମରେ ଦେବେ। କୌଣସି ବ୍ୟବହୃତ ଜିନିଷକୁ ଏଣେତେଣେ ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ କୁହାଯାଇଛି।

# କରୋନା: ୧୭ ନମୁନା ନେଗେଟିଭ୍

## ସତର୍କତା ଅବଲମ୍ବନ ମୁଖ୍ୟ ପ୍ରତିଷେଧକ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କରୋନା ସମ୍ପର୍କରେ ସୂଚନା ଦିଆଯାଉଛି।

ବର୍ତ୍ତମାନ ବିଶ୍ୱର ଅଧିକାଂଶ ଦେଶ କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣରେ ପ୍ରଭାବିତ। ଏପରିସ୍ଥଳେ ସତର୍କତା ଅବଲମ୍ବନ ହିଁ ଏହି ସଂକ୍ରମଣର ମୁଖ୍ୟ ପ୍ରତିଷେଧକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଲେ, ଓଡ଼ିଶାରେ ଏପର୍ଯ୍ୟନ୍ତ କେହି କରୋନାରେ ଆକ୍ରାନ୍ତ ହୋଇନାହାନ୍ତି। ବୁଧବାର ସୁଦ୍ଧା ସଂଗୃହୀତ ୧୭ ରକ୍ତ ନମୁନାରୁ ସମସ୍ତ ରିପୋର୍ଟ କରୋନା ନେଗେଟିଭ୍ ଥିବା ଜଣାପଡ଼ିଛି। ତେବେ ସମ୍ଭାବ୍ୟ ସଂକ୍ରମଣ ରୋକିବା ପାଇଁ ଆମ ବିଭାଗ ତରଫରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କୁ ସଚେତନ କରିବା ସହ ଆବଶ୍ୟକ ପରାମର୍ଶ ଜାରି ରହିଛି। ନିୟମିତ ସାବୁନ ବା ଜୀବାଣୁ ନାଶକ ଦ୍ରବଣ ଦ୍ୱାରା ହାତକୁ ପରିଷ୍କାର କରିବା ସହ ଆଖି କିମ୍ବା ମୁହଁକୁ ସ୍ପର୍ଶ ନ କରିବା, ଛିଙ୍କିବା ସମୟରେ ରୁମାଲ ବା ଟିସୁ ପେପର ବ୍ୟବହାର କରିବା, ଜନଗହଳି ସ୍ଥାନଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ସୁସ୍ଥ ଲୋକମାନେ ମାସ୍କ ବ୍ୟବହାର କରିବା ଜରୁରୀ ନୁହେଁ। ଜ୍ୱର, ଥଣ୍ଡା, କାଶ, ଛିଙ୍କ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ସହ ନିଜେ ସତର୍କ ରୁହନ୍ତୁ। ସନ୍ଦିଗ୍ଧ କରୋନା ରୋଗୀଙ୍କୁ ୧୪ଦିନ ପାଇଁ ପୃଥକ୍ ରଖି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରିବା ଆବଶ୍ୟକ ବୋଲି ସଚିବ କହିଛନ୍ତି।

ସେହିପରି ସ୍କୁଲ୍ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଥଣ୍ଡା, କାଶ, ଛିଙ୍କ ବା ଶ୍ୱାସକ୍ରିୟାରେ କଷ୍ଟ ହେଉଥିଲେ ସେମାନେ ତୁରନ୍ତ ଅଭିଭାବକଙ୍କୁ ଜଣାଇବା ସହ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀଙ୍କଠାରେ ଏହିପରି ଲକ୍ଷଣ ଦେଖାଦେଲେ ବିଦ୍ୟାଳୟକୁ ନ ଆସି ଚିକିତ୍ସାରେ ରହିବା, ସମୂହ ବ୍ୟବହାର୍ଯ୍ୟ ବସ୍ତୁ ଯଥା କବାଟ, ଝରକା, ଟେବୁଲ, ଚୌକି, ଟେଲିଫୋନ୍, କମ୍ପ୍ୟୁଟର ଆଦିକୁ ଜୀବାଣୁ ନାଶକ ଦ୍ରବଣରେ ପୋଛିବା, ଶୌଚାଳୟରେ ସାବୁନ ଓ ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଘୋଡ଼ଣୀ ଥିବା ଡଷ୍ଟବିନ୍‌କୁ ଶ୍ରେଣୀଗୃହ ଓ ଶୌଚାଳୟରେ ରଖିବା, ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ସଂକ୍ରମଣ ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ଯିବାକୁ ପରାମର୍ଶ ଦିଆଯାଉଛି ବୋଲି ସଚିବ ଧଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏମ୍‌ଇଟି ପ୍ରଫେସର ଡା. ସି.ବି.କେ. ମହାନ୍ତି, ଡିପିଏଚ୍ ଡା. ଅଜିତ୍ କୁମାର ମହାନ୍ତି, ଡିଏଚ୍‌ଏସ୍ ଡା. ବିଜୟ କୁମାର ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ନୀହାର ରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟକୁ ନେଇ ବଞ୍ଚିଲେ ଜୀବନର ପ୍ରକୃତ ଲକ୍ଷ୍ୟ ସାଧନ ହେବ




ସମ୍ବଲପୁର ଦେଦରନୂଆଁପାଲି ଉଦୟମାନ ମାତୃକ୍ଷେତ୍ରରେ ଆୟୋଜିତ ଶିବିରରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି (ବାମ)। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରୁଛନ୍ତି ।

ସମ୍ବଲପୁର, ୧୧।୩ (ବ୍ୟୁରୋ)

ସତ୍ୟର ପ୍ରକୃତ ସଜ୍ଞାକୁ ବୁଝିବା, ସତ୍ୟର ସେବା କରିବା, ସର୍ବୋପରି ସତ୍ୟକୁ ନେଇ ବଞ୍ଚିବା ଦ୍ୱାରା ଜୀବନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ। ଦେଦର ନୂଆଁପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରରେ ୪୭ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ କର୍ମଶିବିରରେ ବକ୍ତାମାନେ ଏହା କହିଛନ୍ତି। ଅରବିନ୍ଦଙ୍କ ଯୋଗ ପତ୍ରାବଳୀ, ସାହିତ୍ୟ, ଆଧ୍ୟାତ୍ମିକ ଦର୍ଶନ ଓ ଜୀବନତତ୍ତ୍ୱ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ । ଭାଗିରଥି ମହାପାତ୍ରଙ୍କ ସଂଯୋଜନାରେ ସୃଜନଶୀଳ କାର୍ଯ୍ୟକ୍ରମ ଓ କବିତା ପାଠୋତ୍ସବ ହୋଇଥିଲା । ଉଦୟମାନ ମାତୃକ୍ଷେତ୍ର ଟ୍ରଷ୍ଟି ବୀରେନ୍ଦ୍ର କୁମାର ପାଣିଗ୍ରାହୀ, କବୟିତ୍ରୀ ତପସ୍ୱିନୀ ମହାପାତ୍ର ସଂଯୋଜନା କରିଥିଲେ। ପରେ ସାଂଗଠନିକ ଆଲୋଚନାରେ ସୁପ୍ରଭା ଚୌଧୁରୀ, ବ୍ରଜମୋହନ ବେହେରା, ରାଧାକାନ୍ତ ଚର୍ଚ୍ଚା କରିଥିଲେ। ମଙ୍ଗଳବାର ଅନ୍ତିମ ଦିବସରେ ଦଳଗତ ଆଲୋଚନା, ଦୁର୍ଗାସ୍ତୋତ୍ର ଅନୁଚ୍ଛେଦ ୧ରୁ ୫ଉପରେ ଆଲୋଚନା ହୋଇଥିଲା। ଶିକ୍ଷାବିତ୍ ଶେଖ ଅବଦୁଲ କାଶମ୍, ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ୩ ଦିନ ଧରି ଚାଲିଥିବା ଶିବିରରେ ରାଜ୍ୟର ବିଭିନ୍ନ

## ରାଜ୍ୟସ୍ତରୀୟ ଅରବିନ୍ଦ କର୍ମ ଶିବିର

ଅଞ୍ଚଳରୁ ମାତୃପ୍ରେମୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରତ୍ୟହ କର୍ମ ଶିବିର, ସାମୁହିକ ଧ୍ୟାନ, ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଶିବିର ପରିଚାଳନାରେ ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ସଙ୍ଗତି ମଣ୍ଡଳର ଯୁଗ୍ମ ଆବାହକ ଶ୍ରୀଧର ସାହୁ, ଅଧ୍ୟକ୍ଷ ଉଗ୍ରସେନ ପୋଢ଼, ଉପାଧ୍ୟକ୍ଷ ଅନନ୍ତ, ଶିକ୍ଷୟିତ୍ରୀ ସବ୍ୟାରାଣୀ ସିଂହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରଥମ ଦିବସରେ ମହାନଦୀ କୋଇଲା କମ୍ପାନୀ ବିତ୍ତ ନିର୍ଦ୍ଦେଶକ କେ.ଆର୍ ବାସୁଦେବନ ଯୋଗଦେଇ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ମ୍ୟାନେଜିଂ ଟ୍ରଷ୍ଟି ଉଦିତ ବାବୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭାରେ ମାତୃକ୍ଷେତ୍ର ଆବାସିକ ଶିକ୍ଷାକେନ୍ଦ୍ରର ପରିଚାଳନା ସଭାପତି ମନୋରଞ୍ଜନ ପଟ୍ଟନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅରବିନ୍ଦ ଓ ଭାରତବର୍ଷ ବିଷୟବସ୍ତୁ ଉପରେ ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ଅଧ୍ୟାପକ ରାଧାକାନ୍ତ ମିଶ୍ର ଆଲୋଚନା କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଉଗ୍ରସେନ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ। ପୂର୍ବାହ୍ନରେ ତରୁଣ ରୁହ ବିଷୟ ଉପରେ ବସନ୍ତ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଦେବରାଜ ବେହେରା, ଅରୁଣ କୁମାର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଓ ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା । ସନ୍ଧ୍ୟା ଅଧିବେଶନରେ ନାମ ଜପ ବିଷୟ ଉପରେ ଆଲୋଚନାଚକ୍ର ରମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ ।

# ହୋଲି ଅଘଟଣ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୧୧।୩(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ଅଧୀନ ମାଳତୀ ନଦୀରେ ମଙ୍ଗଳବାର ନଦୀରେ ବୁଡି ନିଖୋଜ ଥିବା ଜଣେ ଯୁବକଙ୍କ ବୁଧବାର ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଖୋର୍ଦ୍ଧା ଜିଲାର ଅଭିଳାଷ ଦଳେଇ(୨୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ସଦର ଥାନା ପୋଲିସ ଏକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଅଭିଳାଷ ପ୍ରାୟ ୪ ବର୍ଷ ହେଲା ସମ୍ବଲପୁରରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ମଙ୍ଗଳବାର ହୋଲି ଛୁଟି ଥିବାରୁ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ସ୍ଥାନୀୟ ବାଉଁଶବୁଦାକୁ ଯାଇଥିଲେ। ହେଲେ ଅଭିଳାଷ ଖାଇବା ପୂର୍ବରୁ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେ ଗାଧୋଉଥିବା ବେଳେ ଗୋଡ ଖସି ପାଣିରେ ଭାସି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଖବର ପାଇ ଅଗ୍ନିଶ୍ରମ ବିଭାଗ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ ଅଭିଳାଷଙ୍କ କୌଣସି ପତ୍ତା ପାଇ ନ ଥିଲେ। ବୁଧବାର ସକାଳେ ପୁଣି ଖୋଜା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ ଟାରେ ନଦୀରୁ ତାଙ୍କ ମୃତହେଦ ଉଦ୍ଧାର କରାଯାଇଥିଲା।



ସମ୍ବଲପୁର ସଦର ଥାନା ମାଳତୀ ନଦୀରେ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜା ଚାଲିଛି ।

# ଡ. ସମୀର କୁମାର ନନ୍ଦଙ୍କ 'ଲୁପ୍ତ ହଂସିନୀ' ପୁସ୍ତକ ଲୋକାର୍ପିତ

ଦେବଗଡ,୧୧।୩(ଡି.ଏନ.ଏ.)

ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ତତ୍କାଳୀନ ବାମଣ୍ଡାର ସନ୍ତାନ, ଗବେଷକ, କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ ଡ. ସମୀର କୁମାର ନନ୍ଦଙ୍କ ରଚିତ ଇନ୍ଦିରା ପ୍ରକାଶନୀର ଷଷ୍ଠ ପୁସ୍ତକ ଓଡିଆ ଗଳ୍ପ ସଂକଳନ 'ଲୁପ୍ତ ହଂସିନୀ' ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି । ୨୩ଟି ସୁନ୍ଦର ଓଡିଆ ଗଳ୍ପର ଏହି ସଂକଳନରେ ଡ. ନନ୍ଦ ସମାଜକୁ ମନୋରଞ୍ଜନର ଖୋରାକ ଯୋଗାଇଦେବା ସଙ୍ଗେ ସଙ୍ଗେ ଶିଶୁ ଶ୍ରମିକପ୍ରଥା, ଶିଶୁ ଯୌନ ଶୋଷଣ ଆଇନ, ଏଡସ ରୋଗ, ମାନବାଧିକାର ଓ ଅନ୍ଧବିଶ୍ୱାସ ଇତ୍ୟାଦି ସମ୍ପର୍କରେ ଉଭୟ ଆଇନଗତ ଓ ସାମାଜିକ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରିଛନ୍ତି। ପ୍ରକାଶ ଥାଉକି ଶିଶୁ ସୁରକ୍ଷା ପରି ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗରେ ଦୀର୍ଘ ୨୫ ବର୍ଷ ହେଲା କାର୍ଯ୍ୟରତ ଡ. ନନ୍ଦ ଏହା ପୂର୍ବରୁ ଶିଶୁ ଶ୍ରମିକ ପ୍ରଥା ସମ୍ପର୍କରେ ଏକ ଇଂଲିଶ ପୁସ୍ତକ ସହ ୫ଟି ପୁସ୍ତକ ରଚନା ପରି ପାଠକଙ୍କ ମଧ୍ୟରେ ପ୍ରିୟପାତ୍ର ହୋଇଛନ୍ତି। ଶିଶୁ ଶ୍ରମିକ ପ୍ରଥା ସମ୍ପର୍କରେ ଡ. ସମୀର କୁମାର ନନ୍ଦଙ୍କ ଇଂଲିଶରେ ରଚିତ ଅନେକ ଗବେଷଣାତ୍ମକ ପ୍ରବନ୍ଧ ବିଭିନ୍ନ ଅର୍ନ୍ତଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇ ପାରିଛି। ତାଙ୍କର ଏହି ପୁସ୍ତକ ସମାଜରେ ସଚେତନତା ସୃଷ୍ଟି କରି ପାରିଲେ ପରିଶ୍ରମ ସାର୍ଥକ ହେବ ବୋଲି ଏହି ଉତ୍ସବ ଅବସରରେ ଡ. ନନ୍ଦ ପ୍ରକାଶ କରିଛନ୍ତି ।

# ପବ୍ଲିକ ଲାଇବ୍ରେରି ବକ୍ତୃତାମାଳା




ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରଠାରେ ଆୟୋଜିତ ବକ୍ତୃତାମାଳାରେ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୧୧।୩ (ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁଙ୍କ ୧୦୨ତମ ଜୟନ୍ତୀ ତିଥିରେ ମହିଳା ସଶକ୍ତିକରଣର ବାସ୍ତବିକତା ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମୁଖ୍ୟବକ୍ତା ଡ. ନିରୂପମା ବଡ଼ପଣ୍ଡା କହିଲେ ଯେ, ଦେଶରେ ମହିଳା ଓ ପୁରୁଷଙ୍କ ଅଧିକାର ସମାନତା ସମ୍ବିଧାନ ସମ୍ମତ ଅଟେ । ତଥାପି ମହିଳା ଓ ଶିଶୁ କନ୍ୟାମାନେ ନିର୍ଯ୍ୟାତନାରୁ ନିସ୍ତାର ପାଇ ନାହାନ୍ତି । କେବଳ ଶାରୀରିକ ଆକ୍ରମଣ ନୁହେଁ, ମାନସିକ ଓ ମୌଖିକ ଉତ୍ପିଡ଼ନକୁ ନିର୍ଯାତନା କୁହାଯିବ । ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ବଜାୟ ରଖିବାକୁ ହେଲେ ଅନୁକୂଳ ବାତାବରଣ ଜରୁରୀ । କର୍ମନିଯୁକ୍ତି ଓ ଶିକ୍ଷାର ସୁଯୋଗ ପ୍ରଦାନର ଆଗକୁ ଅଗ୍ରସର ହୋଇ ମହିଳାମାନେ କିଭଳି ସ୍ୱାଧୀନ ଭାବେ ଜୀବନଯାପନ କରିବେ, ତାହା ବର୍ତ୍ତମାନ ସମୟର ଏକ ଆହ୍ୱାନ । ସମାଜ ଗଠନରେ ପୁରୁଷଙ୍କ ଭଳି ମହିଳାଙ୍କ ମଧ ଭାଗିଦାରୀ ରହିଛି। ତେଣୁ ସମାଜରେ ଉନ୍ନତ ଭାବନା ଓ ଉଚ୍ଚ ଚିନ୍ତାଧାରା ଦରକାର । ମହିଳା ଓ ଶିଶୁ କନ୍ୟାମାନଙ୍କୁ ପୃଷ୍ଟିହୀନତାରୁ ସୁରକ୍ଷା ଦେବାକୁ ପଡ଼ିବ । ତେବେ ମହିଳା ସଶକ୍ତିକରଣ ଯୋଜନା ବାସ୍ତବିକତାରେ ପରିଣତ ହୋଇପାରିବ ବୋଲି ସେ କହିଥିଲେ । ଡା. ନାରାୟଣୀ ପଣ୍ଡା ଯୋଗଦେଇ ପୂର୍ବତନ ମନ୍ତ୍ରୀ ବନମାଳୀ ବାବୁଙ୍କ କାର୍ଯ୍ୟଶୈଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସମ୍ପାଦକ ରଘୁନାଥ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାରେ କାଉନସିଲର, ବିଧାୟକ, ମନ୍ତ୍ରୀ ଓ ସାଂସଦ ଭାବେ ଅନେକ ଶିକ୍ଷାନୁଷ୍ଠାନ ଓ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ବନମାଳୀ ବାବୁଙ୍କ ସ୍ମୃତିରକ୍ଷା ପାଇଁ ବହୁ ପଦକ୍ଷେପର ଆବଶ୍ୟକତା ରହିଛି। ଅଗ୍ନିଶିଖାର ସମ୍ପାଦକ ଅର୍ଜୁନ ରଞ୍ଜନ ପଣ୍ଡା, ଗ୍ରନ୍ଥାଗାର ସହ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, ଅରବିନ୍ଦ ମହାପାତ୍ର, ପ୍ରଫୁଲ୍ଲ ହୋତା, ସୁରେନ୍ଦ୍ର ପ୍ରସାଦ ପଣ୍ଡା, ଡା. ବିନୋଦ ବିହାରୀ ନାଏକ, ଅଶୋକ ମିଶ୍ର, ଶଶୀଭୂଷଣ ତ୍ରିପାଠୀ, ପ୍ରିୟରଞ୍ଜନ ବାବୁ ପ୍ରମୁଖ ସଭାରେ ଅଂଶଗ୍ରହଣ କରିଥିଲେ ।

# ପଣ୍ଡିତ ଈଶ୍ୱରଙ୍କ ପରଲୋକ

ସମ୍ବଲପୁର, ୧୧।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଠେମେରା ଗ୍ରାମର ଜ୍ୟୋର୍ତିବିଦ ପଣ୍ଡିତ ଈଶ୍ୱର ଚନ୍ଦ୍ର ନାଥଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ଜ୍ୟୋର୍ତିବିଦରେ ମଧ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଠେମେରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଜିଏମ୍‌ୟୁ ସୂଚନା, ବିଜ୍ଞାନ ବିଭାଗ କର୍ମଶାଳା

ସମ୍ବଲପୁର,୧୧।୩(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସୂଚନା ଓ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କର୍ମଶାଳା ହୋଇଥିଲା । ପ୍ରଫେସର ବୁଲୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ପ୍ରଫେସର ରବିନାରାୟଣ ମିଶ୍ର ସୂଚନା ପ୍ରଦାନ ଓ ଉପକୁଳସଚିବ ଉମାଚରଣ ପତି ଅତିଥି ସ୍ୱାଗତ କରିଥିଲେ । କୁଳସଚିବ ଗିରିଶ ଚନ୍ଦ୍ର ସିଂ କର୍ମଶାଳା ବିଷୟରେ ସ୍ୱାଗତ ଭାଷଣ ଦେଇଥିଲେ । ଡ. ରୋଜାଲିନ ରାଉତ, ଡ. ଜେ ସିଂ, ଅଶୋକ କୁମାର ଦାଶ, ସୁଶ୍ରୀ ସିନିଆ କର୍ମଶାଳା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଡ. ବିଭୁତିଭୂଷଣ ସାହୁ, ଡ. ରାଜେଶ କୁମାର ସିଂ, ଡ. ସୁପର୍ଣ୍ଣା ସେନ୍ ଗୁପ୍ତା ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଏଥିରେ ସମ୍ବଲପୁର, ବ୍ରହ୍ମପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ପଡିଆବାହାଲ,୧୧।୩(ଡି.ଏନ.ଏ.)

ସମ୍ବଲପୁର ଜିଲା ପଡିଆବାହାଲରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରୁଦ୍ର ପ୍ରସନ୍ନ ବଡପଣ୍ଡା, ଶକ୍ତି ପ୍ରସନ୍ନ ବଡପଣ୍ଡାଙ୍କ ନେତୃତ୍ୱରେ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ୮ ତାରିଖ ନାମଯଜ୍ଞର ଅଧିବାସ କାର୍ଯ୍ୟ ହୋଇଥିଲା। ୯ତାରିଖରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଡଙ୍ଗରପଡ଼ା, ରେଙ୍ଗାଲକାନି, ବଲଣ୍ଡା, ଡଙ୍ଗରପଡ଼ା(ବି), ପଧାନପାଲି, ତୁରାଙ୍ଗ, ଖଲିଆପାଲି ମହିଳା ସଂକିର୍ତ୍ତନ ମଣ୍ଡଳି ନାମଯଜ୍ଞରେ ଯୋଗଦେଇ ପୂର୍ଣ୍ଣାହୂତି, ନଗରକିର୍ତ୍ତନ ସହ ବୈଠକି ଭଜନ କରିଥିଲେ। ରୁଦ୍ର ପସନ୍ନ, ଶକ୍ତି ପ୍ରସନ୍ନ, ଅକ୍ଷୟ ନାୟକ, ସୁଶିଲ ମିଶ୍ର, ସୁବୋଧ କୁମାର ନାୟକ, ସୁଧୀର ନାୟକ, ଅମୂଲ୍ୟ ପୂଜାରୀ, ତାପସ ରଞ୍ଜନ ମହାପାତ୍ର ନାମଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ରଙ୍କୁ ପ୍ରଶାନ୍ତ ନାୟକ, ଅସିତ କୁମାର ବେହେରା, ପ୍ରେମନାଥ ମିଶ୍ର ଓ ଭୋଳାନାଥ ବେହେରା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ସହ ବିକାଶ କୁମାର ବାଗ, ଝସକେତନ ନାୟକ ଏବଂ ଆତ୍ମୀୟ ପରିଜନ ଅତିଥି ଚର୍ଚ୍ଚା ପ୍ରସାଦ ବଣ୍ଟନ କାଯର୍‌ୟକ୍ରମରେ ସହଯୋଗ କରିଥିଲେ । ପବିତ୍ର ଦୋଳ ପୂର୍ଣ୍ଣିମା ତଥା ସ୍ୱର୍ଗତ ସୁଧାମୟୀଙ୍କ ସ୍ମୃତି ତଥା ଅଞ୍ଚଳର କଲ୍ୟାଣ ନେଇ ନାମଯଜ୍ଞ ହୋଇଥିଲା।

# ଖରସନମାଲରେ ଦୋଳପୂର୍ଣ୍ଣିମା ଉତ୍ସବ

ପଡିଆବାହାଲ,୧୧।୩ (ଡି.ଏନ.ଏ.)

ଜମନକିରା ବ୍ଲକ ଖରସନମାଲ ପଞ୍ଚାୟତ ଖରସନମାଲଠାରେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ଗାଁ ମନ୍ଦିରରେ ଗୁଣ୍ଡିଖାଇ ପୂଜା ପରେ ଗ୍ରାମବାସୀ ଚଣା, ଆମ୍ବ, ଚାର, ମହୁଲର ଆଦି ଭୋଗ ଲଗାଇଥିଲେ। ଗୁରୁ ଲୋକନାଥ ବାରିକଙ୍କ ନିର୍ଦ୍ଦେଶନା ଏବଂ ଶ୍ରୀକର ସାହୁଙ୍କ ଗାୟକତ୍ୱରେ ସଂପ୍ରଦା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିଶୁ କଳାକାରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏପରି କି ମଙ୍ଗଳବାର କର୍ଣ୍ଣେଳର ଲକ୍ଷ୍ମୀପ୍ରିୟା ଏବଂ କୁଚିଣ୍ଡାର ଇନ୍ଦ୍ରାଣୀ ପଟେଲଙ୍କ ମଧରେ ବାଦପାଲା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଏମ୍‌ସିଏଲ୍‌କୁ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ ପୁରସ୍କାର

ସମ୍ବଲପୁର,୧୧।୩(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ସିଏସ୍‌ଆର ବିଭାଗକୁ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ ପୁରସ୍କାର ମିଳିଛି । ଦିଲ୍ଲୀ ଲୋକ ଉଦ୍ୟମ ବିଭାଗ ପକ୍ଷରୁ ଆୟୋଜିତ ଟ୍ରାନ୍ସଫର୍ମେଶନ ଅଫ୍ ଏକ୍ସିରେସେନାଲ ଡିଷ୍ଟ୍ରିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡକର୍ ମୁଖ୍ୟଅତିଥି ଓ ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏମ୍‌ସିଏଲ କାର୍ମୀକ ନିର୍ଦ୍ଦେଶକ କେଶବ ରାଓ, ସିଏସ୍‌ଆର ମହାପ୍ରବନ୍ଧକ ବି ସାଇରାମ ଓ ଉପମହାପ୍ରବନ୍ଧକ ଅରବିନ୍ଦ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ, ମହାନଦୀ କୋଇଲା କମ୍ପାନୀ ନୂଆଁପଡ଼ା ପରିଯୋଜନା ସକାଶେ ୫.୭୧ କୋଟି, ରାୟଗଡ଼ା ଜିଲା ଆକାଂକ୍ଷାତ୍ମକ କାର୍ଯ୍ୟକ୍ରମ ଲାଗି ୪.୪୪ କୋଟି ମଞ୍ଜୁର କରିଛି । ସେହିପରି କନ୍ଧମାଳ ଜିଲା ଲାଗି ଯୋଜନା କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚୀତ କରାଯାଇଛି ।

# ପାଣିରେ ବୁଡ଼ି ନବମ ଶ୍ରେଣୀ ଛାତ୍ର ମୃତ

ରେଢାଖୋଲ ୧୧।୩ (ଡି.ଏନ.ଏ.)

ରେଢାଖୋଲରେ ହୋଲି ଖେଳି ସାରିବା ପରେ ସାଙ୍ଗମାନଙ୍କ ସହ ଗୋଧୋଇବାକୁ ଯାଇ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ରେଲୱେ କର୍ମଚାରୀ ମହେଶ୍ୱର ସାମଲଙ୍କ ପୁଅ ଶୁଭମ(୧୪)। ଶୁଭମ ହୋଲି ଖେଳି ସାରିବା ପରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ସାଙ୍ଗମାନଙ୍କ ସହ ରେଲୱେ କଲୋନୀ ନିକଟସ୍ଥ କେରାଣ୍ଡି ଜୋରକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ସାଙ୍ଗମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା କେତେକ ଲୋକ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ତାଙ୍କ ପୈତୃକ ଗ୍ରାମ ଯାଜପୁର ଜିଲା ଚଣ୍ଡିଖୋଲ ଥାନା ଗରଗାଳି ଗ୍ରାମକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଶୁଭମ ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲରେ ନବମ ଷ୍ଟାଣ୍ଡାର୍ଡରେ ପଢୁଥିଲେ।

## ଓସିଏ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଲିଗ୍

# ଉତ୍କଳ ସଂଘ ବିଜୟୀ

ସମ୍ବଲପୁର, ୧୧।୩ (ବ୍ୟୁରୋ)

ଓସିଏ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଲିଗ୍ ବୁଧବାର ମ୍ୟାଚରେ ଉତ୍କଳ ସଂଘ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବିକାଶ ଖେଳ ପଡ଼ିଆଠାରେ ଟସ୍ ଜିଣି ଏସୟୁସିସି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୧୯.୫ ଓଭରରେ ୯ ଉଇକେଟ ହରାଇ ୭୯ ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ଶିବାନନ୍ଦ ମିଶ୍ର ୩୦ ବଲରେ ୧୯ ରନ୍ କରିଥିଲେ । ଉତ୍କଳ ସଂଘ ବୋଲର ଅଭିନାଷ ନନ୍ଦ ୩ଟି, ପ୍ରଦୀପ କୁମାର ପ୍ରଧାନ ୪ଟି, ଅଭିଷେକ ପଣ୍ଡା ଓ ଦୀନ ଦାଶ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ୮୦ ରନର ବିଜୟ ଲକ୍ଷ୍ୟ ନେଇ ଉତ୍କଳ ସଂଘ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା । ଦଳ ୧୨.୫ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ମୋହିତ ଗିରଧର ୨୮ ବଲରେ ଅପରାଜିତ ୪୧ ରନ କରିଥିଲେ। ଏସ୍‌ୟୁସିସି ବୋଲର ଚିତ୍ତ ବେହେରା ଓ ସଞ୍ଜିବ ନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଅମ୍ପାୟାର ସଞ୍ଜୟ ନାଗ, ଡିଲୁ ଦାସଭାୟା ମ୍ୟାଚ ପରିଚାଳନା କରିଥିଲେ । ଲକି ଶର୍ମା ସ୍କୋରର ଥିଲେ । ବିକାଶ ସ୍କୁଲ ପ୍ରଶାସନିକ ଅଧିକାରୀ ଜି. ନରେନ୍ଦ୍ର, ଡା. ଦିଲୀପ କୁମାର ନନ୍ଦ, ଦୁଷ୍ମନ୍ତ ହୋତା, ବିଜୟ ବେହେରା ଅତିଥି ଭାବେ ଯୋଗଦେଇ ପ୍ରଦୀପ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।




ବୁଧବାର ସମ୍ବଲପୁର ବିକାଶ ଖେଳପଡିଆଠାରେ ଅତିଥିମାନେ ପ୍ରଦୀପ କୁମାର ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ହାତୀ ଭାଙ୍ଗୁଛି ଘର, ମିଳୁନି କ୍ଷତିପୂରଣ

ପଡିଆବାହାଲ,୧୧।୩(ଡି.ଏନ.ଏ.)

ଜଙ୍ଗଲ ଛାଡି ହାତୀ ଗାଁ ମୁହାଁ। ହାତୀ ପଲ ଗ୍ରାମାଞ୍ଚଳରେ ପଶି ପ୍ରତିଦିନ ଉତ୍ପାତ ବଢ଼ାଇବାରେ ଲାଗିଛି। ଫଳରେ ଲୋକେ ଭୟଭିତ ଅବସ୍ଥାରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁଗୁଡିକରେ ତାଟି କବାଟ ପଡିଯାଉଛି। ଏଭଳିସ୍ଥିତିରେ ଏକ ହାତୀ ପଲ ଯୁଯୁମୁରା ବ୍ଲକର ବାହାମ, ଡଙ୍ଗରପଡା, ଘେନୁପାଲି, କବରାପାଲି ସମେତ ଜମନକିରା ବ୍ଲକର ମୁଣ୍ଡେନପାଲି, ଖରସନମାଲ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବ୍ୟାପକ କ୍ଷୟକ୍ଷତି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହାଦୀ ପଲ ଫସଲ ଖାଇ ମାଡି ଦଳି ନଷ୍ଟ କରିବା ସହିତ ଘର କାନ୍ଥ ଭାଙ୍ଗି ଧାନ, ଚାଉଳ ଖାଇ ଉପଦ୍ରବ କରୁଛି। ବାହାମ ଗ୍ରାମରେ ୩ଜଣଙ୍କ ଘର କାନ୍ଥ ଭାଙ୍ଗିବା ସହ କବାଟ ଭାଙ୍ଗି ଦେଇଥିବା ଜଣାପଡିଛି। ସେହିପରି ହାଦୀ ପଲ ନୂଆଁକଟା, ଟିକିରାପଡ଼ା, କୁସନପୁରୀଠାରେ ଚନ୍ଦ୍ରଶେଖର ନାଏକଙ୍କ ଘର ଭାଙ୍ଗି ଧାନ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ଖରସନମାଲ ଗ୍ରାମର ଏକ ବିଧବା ମହିଳାଙ୍କ ଘର କାନ୍ଥ ଭାଙ୍ଗି ଅସବାପତ୍ର ନଷ୍ଟ କରି ଦେଇଛି। ଫଳରେ ମହିଳା ଜଣକ ୨ ଦିନ ହେଲା ଭୋକ ଉପାସରେ ରହିଛନ୍ତି। ହେଲେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୁରଣ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏବଂ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ତୁରନ୍ତ ତୁରନ୍ତ କ୍ଷତିପୁରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସେମାନେ କହନ୍ତି.....

ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ସ୍ଥାନୀୟ ଲୋକେ ହାତୀ ଘଉଡ଼ାଇବାକୁ ଯାଉଥିବା ବେଳେ ହାତୀ ତାଙ୍କୁ ଗୋଡାଉଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଏପିରି କି କର୍ମଚାରୀଙ୍କୁ ହାତୀ ଘଉଡାଇବା ପାଇଁ ଅବଶ୍ୟକ ଯନ୍ତ୍ରୀ ଯୋଗାଇ ଦିଆଯାଉ।

**–ପ୍ରତାମ ମଲ୍ଲିକ, ମୁଣ୍ଡେନପାଲି**

ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ଲୋକେ କ୍ଷତିରୁ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦିଆଯାଉ। ଏପରି କି ହାତୀ ଘଉଡାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ।

**–ଲାଲବିହାରୀ ମାଝି, ମୁଣ୍ଡେନପାଲି**

ହାତୀ ଜନିତ କ୍ଷୟକ୍ଷତି ସହାୟତା ଲୋକଙ୍କୁ ମିଳିପାରୁ ନାହିଁ। ଫଳରେ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏନେଇ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସରକାରୀ ନୀୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯାଉ।

**– ମନୋଜ ନାୟକ, ସମିତି ସଭ୍ୟ ମୁଣ୍ଡେନପାଲି**

କିଛି ଦିନ ହେଲା ଏକ ହାତୀପଲ ଅଞ୍ଚଳରେ ଉପଦ୍ରବ ଚଳାଇଛି। ହେଲେ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସହାୟତା ମିଳିପାରୁ ନାହିଁ। ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅନୁରୋଧ।

**–ସୁଶାନ୍ତ ପଧାନ, ଖରସନମାଳ ।**



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପପଙ୍ଗାରେ ନାମଯଜ୍ଞ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗାରେରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଦୋଳ ପୂର୍ଣ୍ଣିମା ଦିନ ଉଦଯାପିତ ହୋଇଛି। ଏଥିରେ ବାଘପାଲି, ରିଝେଇପାଲି,ଚିଚିଣ୍ଡା, ମହୁଲପାଲି, ଭେଡ଼େନ, ଅପାମରା, ଆମ୍ବଷଡ଼ା ଓ ନଅଗାଁର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ହୋତା ଓ ମୀନାକ୍ଷୀ ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

### ଶିବ ପାର୍ବତୀଙ୍କ ବିଗ୍ରହ ସ୍ଥାପିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତର ସିଂହେନପାଲିରେ ନୂତନ ଶିବ ପାର୍ବତୀ ବିଗ୍ରହ ସ୍ଥାପନ ଦୋଳ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଛି। ଏଥିପାଇଁ ବିଭିନ୍ନ ଦିବସରେ କଳସ ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ପ୍ରବଚକ ଦୀପ୍ତି ସିଂଙ୍କ ପ୍ରବଚନ ଓ ବସେଇକେଲା ଓ ପିପିଲିପାଲିର ମହିଳା ସଂକୀର୍ତ୍ତନ ପରିବେଷିତ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଷୋହଳ ପ୍ରହର ନାମଯଜ୍ଞ ହୋଇଥିଲା। ଯଜ୍ଞରେ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଥିବା ବେଳେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ, ଚନ୍ଦ୍ରଶେଖର ମିଶ୍ର ପୂଜକ ଥିଲେ । ଏହି ଯଜ୍ଞରେ ସରମସିଂ, ଝେଙ୍ଗନାଡିହି, ବିଜାଡିହି ଗାଁର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ସଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଚୁନୁଲାଲ ଝଗରା, ଜଗଦୀଶ ନାଏକ, ରାଜିମ ସଗରଙ୍କ ସମେତ ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ ।

### ସନ୍ତରଣରାଣୀ ପ୍ରତ୍ୟାଶାଙ୍କୁ ସମ୍ବର୍ଦ୍ଧନା

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଓଡିଶା ପାଇଁ ସନ୍ତରଣରେ ଅନେକ ପଦକ ଆଣିଥିବା ସନ୍ତରଣରାଣୀ ପ୍ରତ୍ୟାଶା ରାୟଙ୍କୁ ନିଜ ଗାଁରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ଖେଲୋ ଇଣ୍ଡିଆରେ ଭାଗ ନେଇ ସ ତିନିଟି ରୋପ୍ୟ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ହୋଲି ଅବସରରେ ନିଜ ଗାଁ ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ସରଗୁର ଗାଁରେ ପରେ ଗାଁ ଲୋକ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ । ପ୍ରତ୍ୟେକ ଘର ସମ୍ମୁଖରେ ଦୀପ ଜାଳି ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରତ୍ୟାଶାଙ୍କ ପିତା ରଜତ କୁମାର ରାୟ ବର୍ତ୍ତମାନ ଭୁବନେଶ୍ୱରରେ ପୋଲିସ ଚାକିରୀ କରୁଥିବାରୁ ସେ ଭୁବନେଶ୍ୱରରେ ରହୁଛନ୍ତି। ଆଗାମୀ ଦିନରେ ଅଲମ୍ପିକରେ ଅଂଶଗ୍ରହଣ କରିବାକୁ ଆଶା ରଖିଥିବା ପ୍ରତ୍ୟାଶା କହିଛନ୍ତି ।

# ପ୍ୟାକ୍ସରୁ ତାଲା ଖୋଲିଲେ ଚାଷୀ

ବରଗଡ଼ ଅଫିସ୍,୧୧।୩

ପଞ୍ଜୀକରଣ ଅବ୍ୟବସ୍ଥାକୁ ନେଇ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଫିସରେ ଗତ ୭ତାରିଖରେ ଅଞ୍ଚଳର ଚାଷୀମାନେ ତାଲା ପକାଇ ଦେଇ ଧାରଣା ଦେଇଥିଲେ। ଫଳରେ ପ୍ୟାକ୍ସ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସବ୍ୟସାଚୀ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ଭେସ୍ରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ସମେତ ସମବାୟ ବିଭାଗର ଅଧିକାରୀ ଆନ୍ଦୋଳନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ଚାଷୀଙ୍କ ଦାବିକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଛି। ଏହାସହିତ ସେ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବଙ୍କୁ ଅବଗତ କରାଯାଇଛି ଏବଂ ତୁରନ୍ତ ସେହି ସମସ୍ୟାର ସମାଧାନ ହୋଇଯିବ ବୋଲି ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ



ଆନ୍ଦୋଳନସ୍ଥଳରେ ସରକାରୀ ଅଧିକାରୀବୃନ୍ଦ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

**ଚାଷୀ ପଞ୍ଜୀକରଣ ନେଇ ଅସନ୍ତୋଷ ଘଟଣା**

ତାଲା ଖୋଲିଥିଲେ ଏବଂ ପୂର୍ବବତ୍ ପ୍ୟାକ୍ସ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା ।

ପ୍ରକାଶ ଯେ, ପଞ୍ଜୀକରଣ ହୋଇ ନ ପାରିବାରୁ ତୋରା ପ୍ୟାକ୍ସ ଅଧୀନରେ ରହିଥିବା ୫୬ଜଣ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ ଏହି ପ୍ୟାକ୍ସ ଅଧୀନରେ ଚାଷୀଙ୍କ ୧୭୧ଏକର ୬୫ଡେସିମିଲ ପତିତ, ବର୍ଚ୍ଛା ଜମି ରହିଛି। ତାକୁ ପତିତ, ବର୍ଚ୍ଛା ଭାବେ ଦର୍ଶାଯାଉଥିଲେ ସୁଦ୍ଧା ଚାଷୀମାନେ ସେହି ଜମିରେ ଚାଷ କରି ଧାନ ଅମଳ କରି ଆସୁଛନ୍ତି । ମାତ୍ର ଚାଷୀ ପଞ୍ଜୀକରଣ ସମୟରେ ସେହି କିସମର ଜମିକୁ ବାଦ୍ ଦିଆଯାଉ ଥିବା ଯୋଗୁ ଚାଷୀମାନେ ଅମଳ ଧାନକୁ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଚାଷୀମାନେ ଗତ ୭ତାରିଖରୁ ପ୍ୟାକ୍ସ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲେ । ଚାଷୀନେତା ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ଭୁବନେଶ୍ୱର ସାହୁ, ରମେଶ ମହାପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ, ୩ ଗୁରୁତର

ଗଣ୍ଡତୁରୁମ, ୧୧।୩ (ଡି.ଏନ.ଏ)
ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମ ନିକଟରେ ମଙ୍ଗଳବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ (୨୫) । ଏହି ଦୁର୍ଘଟଣାରେ ଅନ୍ୟ ତିନି ଜଣ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ମଧ୍ୟାହ୍ନରେ ସୋନପୁର ନନ୍ଦନମାଳ ଗ୍ରାମର ପ୍ରକାଶ ବିଶି (୩୫) ଏବଂ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ ଏକ ବାଇକ୍ (ନଂ.ଓଡି୩୧ଏଫ/୬୧୬୩) ଯୋଗେ ସୋନପୁର ଆଡୁ ଗୋଡଭଗାକୁ ଯାଉଥିଲେ । ଏଡି ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଆର୧୫ଏମ/୬୯୨୦) ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳର ପବିତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଓ ବାଇକ ଜବତ କରିବା ସହିତ ଗୁରୁତର ଆହତମାନଙ୍କୁ ବୁର୍ଲା ପଠାଇଥିଲା । ଏ ନେଇ ରୁଷୁଡା ଫାଣ୍ଡିରେ ଏକ ମାମଲା (ନଂ.୪୫/୨୦) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ଗଣେଷ ପ୍ରସାଦ କଲେତ କହିଛନ୍ତି ।

# ବାବାମଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର, ୧୧।୩ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଡୁଙ୍ଗୁରିପାଲି ସ୍ଥିତ ବାବା ମଠରେ ଶ୍ରୀମଦ ସଂକୀର୍ତ୍ତନ ଦାସ ଏବଂ ଶ୍ରୀମଦ ବନବାସୀ ଦାସଙ୍କ ତତ୍ତ୍ୱାବଧାନରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋରନ୍ଦା ମଠର ଶ୍ରୀମଦ ବସନ୍ତ ଦାସ, ଗଡଫୁଲଝରର ମଠର ଶ୍ରୀମଦ ସୌକିଲାଲ ଦାସ, କଟଙ୍ଗତରାଇ ମଠର ଶ୍ରୀମଦ ସୁଦର୍ଶନ ଦାସ, ଛତିଶଗଡ ବୁହାରିପାଣି ମଠର ଶ୍ରୀମଦ ରାମାନନ୍ଦ ଦାସ, ଜଗଦଲପୁରର ଶ୍ରୀମଦ୍ ବଳରାମ ଦାସ, ଅଧ୍ୟାପକ ନିର୍ମଳ କୁମ୍ଭାର, ଭକ୍ତ ଅରୁପାନନ୍ଦ ପଧାନଙ୍କ ସମେତ ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ସମାଗମ ହୋଇଥିଲା । ଦର୍ଶକଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ମାଉସୀ ଘର ନିର୍ମାଣ ପାଇଁ ଭୂମି ପୂଜନ ଚାଲିଛି ।

# ଜଗନ୍ନାଥଙ୍କ ମାଉସୀ ଗୃହ ନିର୍ମାଣ ପାଇଁ ଭୂମିପୂଜା

ଅତାବିରା, ୧୧।୩ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିରର ମାଉସୀ ଘର ନିର୍ମାଣ ପାଇଁ ମଙ୍ଗଳବାର ଭୂମିପୂଜନ କରାଯାଇଛି। ପଣ୍ଡିତ ପରୀକ୍ଷିତ ପୁରୋହିତ ମନ୍ତ୍ରପାଠ କରିଥିଲେ । ଗାଁ ଗୌନ୍ତିଆ ମଦନ ମୋହନ ଦାଶ, ଉଦୟ ଦାଶ, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ସୁଦାମ ମହାକୁର, ଦଶରଥ ବାଦୀ, ଶୁକ୍ର ସେଟ, କପିଳାଶ ଦନ୍ତା, ଗୋବିନ୍ଦ ଦନ୍ତା, ମନବୋଧ ଦନ୍ତାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବରପାଲିରେ ଆନ୍ତର୍ଜାତୀୟ ମହିଳା ଦିବସ

ବରପାଲି, ୧୧।୩ (ଡି.ଏନ.ଏ)
ବରପାଲି ଗଙ୍ଗାଧର କ୍ଲବ ପରିସରରେ ସମ୍ବଲପୁର ହସ୍ତତନ୍ତ ସେବାକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ମହିଳା ସଂଘ ପକ୍ଷରୁ ରବିବାର ମହିଳା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଘରଯୁଗି ଗଡତିଆ, ବାନ୍ଧଶିଳ୍ପୀ ଦେବକୀ ମେହେର, ସୁକାନ୍ତି ମେହେର, ଶାକ୍ତିଲତା ମେହେର ଓ କଳାବତୀ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ଅଶୋକ ହୋତା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାନ୍ଧକଳା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତୀୟ ସମ୍ମାନ ପାଇଥିବା ବାନ୍ଧଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବରପାଲି ଶିବାଜୀ କ୍ଲବ ପରିସରରେ ସ୍ଥାନୀୟ ହେଲପିଙ୍ଗ ହାର୍ଟ ଓ ବରଗଡ ସଖିର ମିଳିତ ଆନୁକୂଲ୍ୟରେ ମହିଳା ଆଇନ ଓ ଅଧିକାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଖିର ମୁଖ୍ୟ ସଞ୍ଚାଳିକା ମିନାକ୍ଷୀ ସାହୁ, ରୂପାଲି ଶତପଥି ଓ ସତ୍ୟାନନ୍ଦ ପାଣ୍ଡେ ଅଂଶଗ୍ରହଣ କରିଥିଲେ ।

# ଜାବ୍‌ର ସାଧାରଣ ପରିଷଦ ବୈଠକ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ଠାରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ୍)ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଖବରଦାତା ଯୋଗ ଦେଇଥିଲେ। ଏହି ବୈଠକରେ ଜିଲାର ଖବରଦାତା ମାନଙ୍କ ସମସ୍ୟା, କଲ୍ୟାଣ ପାଣ୍ଠି ଗଠନ, ଭବନ ନିର୍ମାଣ, ଗ୍ରାମାଞ୍ଚଳ ଖବରଦାତା ମାନଙ୍କ ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା। ଖବରଦାତାଙ୍କୁ ହେଉଥିବା ଆକ୍ରମଣକୁ ନେଇ ବରଗଡ଼ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଖବରଦାତା ଭୀଷ୍ମଦେବ ପଣ୍ଡା, ସୁରେଶ କୁମାର ଦାଶ, ହେମନ୍ତ ପଧାନ, ସଚ୍ଚିଦାନନ୍ଦ ପାତ୍ର, ସରୋଜ ଷଡ଼ଙ୍ଗୀ, ଜୟସିଂ ପଧାନ ଆଲୋଚନାରେ ଭାଗ ନେଇଥିଲେ। ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପ୍ରଦାନ ଓ ନିର୍ମଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଡ଼େନରେ ହୋଲି ପାଳିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)

ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ହୋଲି ପର୍ବ ପାଳିତ ହୋଇଛି। କରୋନା ଭୟ ତଥା ସତର୍କତା ସତ୍ତ୍ୱେ ଏହି ପର୍ବ ଫିକା ପଡ଼ି ନ ଥିଲା। ହୋଲି ଦିନ ଭେଡ଼େନର ସମସ୍ତ ଦୋକାନ ବଜାର ବନ୍ଦ ହେବା ସହ ବିଭିନ୍ନ ପିକନିକ ସ୍ପଟରେ ହୋଲି ଭୋଜି ପାଇଁ ଭିଡ଼ ଲାଗିଥିଲା। ଚଳିତଥର ଦେଶୀ କୁକୁଡ଼ା ଓ ଖାସି ମାଂସ କିଲୋ ପିଛା ଦର ୪ଶହରୁ ୫ଶହ ପର୍ଯ୍ୟନ୍ତ ଥିଲା।

# ନୃସିଂହନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା



ପଦ୍ମପୁର ବିଧାୟକ ନୃସିଂହନାଥ ମନ୍ଦିର ଉନ୍ନତୀକରଣ ପାଇଁ ସମୀକ୍ଷା କରୁଛନ୍ତି ।

ପାଇକମାଳ, ୧୧।୩ (ଡି.ଏନ.ଏ)
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୃସିଂହନାଥ ମନ୍ଦିରର ଉନ୍ନତିକରଣ ପାଇଁ ଏକ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଏହାର ସୁବିନିଯୋଗ ପାଇଁ ବୁଧବାର ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଉପଜିଲାପାଳ ତନ୍ମୟ କୁମାର ଦରୱାନ ନୃସିଂହନାଥ ମନ୍ଦିରକୁ ଆସି ଏହି ଅନୁଦାନ ଟଙ୍କା କିଭଳି ଖର୍ଚ୍ଚ ହେବ ସେ ବିଷୟରେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆର୍କୋଲୋଜିଷ୍ଟ ମନୋଜ, ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ବିଡିଓ ସୁରେନ୍ଦ୍ର ମେହେର, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ତହସିଲଦାର ମନୋଜ କୁମାର ମେହେର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା, ଉପଖଣ୍ଡ ସୂଚନା ଅଧିକାର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ଧବଳେଶ୍ୱର ସାହୁ, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଧାୟକ ବରିହା ମନ୍ଦିର ସେବାୟତ ଓ ପ୍ରଶାସକ ମାନଙ୍କର ସହିତ ଆଲୋଚନା କରିଥିଲେ। ମୁଖ୍ୟତଃ ନୃସିଂହନାଥ ଅଞ୍ଚଳରେ ପାଣିର ସୁବ୍ୟବସ୍ଥା ନିମନ୍ତେ ଏକ ଓଭର ହେଡ ଟାଙ୍କି ନିର୍ମାଣ, ଶିଶୁ ଉଦ୍ୟାନ, ଔଷଧୀୟ ବଗିଚା, ତୀର୍ଥ ଯାତ୍ରୀମାନଙ୍କର ନିମନ୍ତେ ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ, ମୁଖ୍ୟ ମନ୍ଦିର ମରାମତି, ଭୋଗ ମଣ୍ଡପର ଉନ୍ନତିକରଣ, ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ପରିପାର୍ଶ୍ୱରେ ପିକନିକ ସ୍ପଟ ନିର୍ମାଣ ଓ ପାଇକମାଳରୁ ନୃସିଂହନାଥ ପର୍ଯ୍ୟନ୍ତ ରାସ୍ତାର ଷ୍ଟ୍ରିଟ ଲାଇଟ ଲଗାଯିବା ଉପରେ ଆଲୋଚନା ହୋଇଥିଲା।

# ଏପ୍ରିଲ ୧କୁ କଳାଦିବସ ପାଳନ ନିଷ୍ପତ୍ତି

ବରଗଡ଼ ଅଫିସ୍,୧୧।୩

ଆସନ୍ତା ଏପ୍ରିଲ ୧ତାରିଖକୁ କଳା ଦିବସ ଭାବେ ପାଳନ ସହ ଏପ୍ରିଲ ଶେଷ ସପ୍ତାହରେ କୋସଲ ମହାବନ୍ଦ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ, କୋସଲାଞ୍ଚଳରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା, ସମସ୍ତ ପଦବୀରେ ସ୍ଥାନୀୟ ନିଯୁକ୍ତି, ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ୮୦ପ୍ରତିଶତ ସ୍ଥାନ ସଂରକ୍ଷଣ, ଧାନ ବିକ୍ରିର ସରଳୀକରଣ ଆଦି ଦାବି ନେଇ କୋସଲ ମହାବନ୍ଦ ହେବ ବୋଲି ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଜଣାଇଛନ୍ତି ।

# ପୁସ୍ତକ ହିଁ ମଣିଷର ସାଥୀ

ଭେଡ଼େନ,୧୧।୩(ଡ଼ି.ଏନ.ଏ)

ପୁସ୍ତକ ହିଁ ମଣିଷର ସଦସର୍ବଦା ସାଥୀ। ଆଜିର ବିଜ୍ଞାନ ତଥା ଇଣ୍ଟରନେଟ ଯୁଗରେ କେବଳ ସୂଚନା ପାଇପାରୁଛୁ । କିନ୍ତୁ ଜ୍ଞାନ ପାଇଁ ପୁସ୍ତକ ପଠନର ଅଭ୍ୟାସ ଜାରି ରଖିବାକୁ ପଡ଼ିବ ବୋଲି ପ୍ରଥମ ଭେଡ଼େନ ପୁସ୍ତକମେଳା ଉଦଘାଟନୀ ଉତ୍ସବରେ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଗଡ଼ ଜିଲା ଭେଡ଼େନ ବସଷ୍ଟାଣ୍ଡ ପରିସରରେ ପୁସ୍ତକମେଳା ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ପୁସ୍ତକମେଳା କମିଟି ଆବାହକ ସାହିତ୍ୟିକ ଉତ୍ପନ୍ନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଥାନା ଆଇଆଇସି ହେମନ୍ତ ରାଓ, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଭେଡ଼େନ ନାଗରିକ କମିଟିର ବରିଷ୍ଠ ନାଗରିକ ଦଶରଥ ମେହେର, ସଙ୍ଗଠକ ବିନାୟକ ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଗାୟକ ସୂର୍ଯ୍ୟ କୁମାର ଦେହେରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାଶନୀ ସଂସ୍ଥାର ଷ୍ଟଲ ଲାଗିଛି। ପ୍ରତିଦିନ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନା ସହ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପୁସ୍ତକମେଳା କମିଟି ସୂତ୍ରରୁ ପ୍ରକାଶ।



ପ୍ରଥମ ଭେଡ଼େନ ପୁସ୍ତକମେଳାର ଉଦଘାଟନୀ ଉତ୍ସବରେ ଅତିଥିଗଣ ।

# ଜମି ସମସ୍ୟା ସମାଧାନ ନେଇ ନିର୍ଦ୍ଦେଶ

ସମ୍ବଲପୁର,୧୧।୩(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ବୁଧବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସଚିବ ତ୍ରିପାଠୀ ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର(ଭୀମ୍‌ସାର), ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଓ ହୀରାକୁଦ ଡ୍ୟାମ ପରିଦର୍ଶନ କରିଥିଲେ । ଏହି ଅବସରରେ ବୁର୍ଲା ମେଡିକାଲ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଚିବ ତ୍ରିପାଠୀ, ଜିଲାପାଳ ଶୁଭମ୍ ସକ୍‌ସେନା, ଡିନ୍ ଡାକ୍ତର ବ୍ରଜ ମିଶ୍ର, ଅଧୀକ୍ଷକ ଜୟଶ୍ରୀ ଡୋରା, ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ବରସା ଗୁଣ୍ଡୁ, ଜେଡିୟୁ ସଭାପତି ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ଭୀମ୍‌ସାରର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ବୈଠରେ ଜମି ସମସ୍ୟା ଯୋଗୁ ମାତୃ ଓ ଶିଶୁ ଭବନ(ଏମ୍‌ସିଏଚ୍) କୋଠା ନିର୍ମାଣ ହୋଇପାରୁ ନ ଥିବା ଅବଗତ କରାଯାଇଥିଲା। ଫଳରେ ୮୦ କୋଟି ଟଙ୍କାର ଅନୁଦାନ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିଥିବା ବୈଠକରେ କୁହାଯାଇଥିଲା। ସଚିବ ତ୍ରିପାଠୀ ତୁରନ୍ତ ବିଭିନ୍ନ ସମସ୍ୟା ଓ ଜମି ସମସ୍ୟା ସମାଧାନ ନେଇ ନିର୍ଦ୍ଦେଶ ଦେଇଥିଲେ। ପରେ ସଚିବ ବୁର୍ଲାସ୍ଥିତ ଆଇଆଇଏମ୍ ପରିସରରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଉପରେ ସମୀକ୍ଷା କରିବା ସହ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଏପରି କି ସଚିବ ହୀରାକୁଦ ଡ୍ୟାମ ପରିଦର୍ଶନ କରି ଏହାର ପାରିପାର୍ଶ୍ୱରେ ଉନ୍ନୟନ କାମ କରାଯାଇ ହୀରାକୁଦକୁ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ କରାଯିବାକୁ ଘୋଷଣା କରିଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର ବିନୋଦ ବିହାରୀ ଦାସ, ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ସୂର୍ଯ୍ୟ ଆଚାର୍ଯ୍ୟ, ନିର୍ବାହୀଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଉପସ୍ଥିତ ରହିଥିଲେ ।

**ମୁଖ୍ୟ ଶାସନ ସଚିବଙ୍କ ସମ୍ବଲପୁର ଗସ୍ତ**
■ଭୀମ୍‌ସାର, ଆଇଆଇଏମ୍, ହୀରାକୁଦ ପରିଦର୍ଶନ



ବୁର୍ଲାରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କାମ ପରିଦର୍ଶନ କରୁଛନ୍ତି।



"ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ପୋଲିସର ଚଢ଼ାଉ ମଦ ଜବତ, ୫ ଗିରଫ

**ବ୍ରଜରାଜନଗର,୧୧।୩ (ଡି.ଏନ୍.ଏ.):** ରାମପୁର ଫାଣ୍ଡି ପୋଲିସ ବୁନ୍ଦିଆ କଲୋନୀ ଏବଂ କୁଣ୍ଡୋପାଲିରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହିତ ୫ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ନିବାସ ନାହାକ, ଡୁବୁଲି ଲୁହାର, କୁବେର ବଳିଆ, ନବଘନ ବଳିଆ, ଅଶୋକ କେୱଟ। ପୋଲିସ ଗିରଫ ଯୁବକଙ୍କ ନିକଟରୁ ୧୯୦ ବୋତଲ ବିଦେଶୀ ମଦ ସହ ୧୧୦ଟି ଦେଶୀ ମଦ ପାଉଚ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମଦ ବିକ୍ରି ବନ୍ଦ ଦାବିରେ ମହିଳାଙ୍କ ଶୋଭାଯାତ୍ରା

**ଲଖନପୁର,୧୧।୩ (ଡି.ଏନ୍.ଏ.)**

- ଫାଣ୍ଡିରେ ଅଭିଯୋଗ, ଦାବିପତ୍ର ପ୍ରଦାନ

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ କଣ୍ଢେଇକେଲା ଗ୍ରାମରେ ମଦ, ଗଞ୍ଜେଇ ସହ ଜୁଆ ଆଦି ବେଆଇନ କାର୍ଯ୍ୟ ଖୋଲମ୍‌ଖୋଲା ଚାଲିଛି । ଏଥିରେ ସମଗ୍ର ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଏପରି କି ମହିଳାମାନେ ମଦୁଆଙ୍କ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଏନେଇ ପୂର୍ବରୁ ବିଭିନ୍ନ ସମୟରେ ଅବକାରୀ ବିଭାଗ, ପୋଲିସ ଓ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ପ୍ରତିଶ୍ରୁତି ମିଳୁଛି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ଗ୍ରାମର ମହିଳାମାନେ ଏକତ୍ରହୋଇ ମଦ, ଗଞ୍ଜେଇ ଓ ଜୁଆଖେଳ ବନ୍ଦ କରିବା ପାଇଁ ଅଣ୍ଟ ଭିଡିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଯାଜ୍ଞସେନୀ ଖଡିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ସମୁଦାୟ ୧୪ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ ଉପସ୍ଥିତଥିଲେ। ଏଥିମଧ୍ୟରେ ସିତୟା, ଅନ୍ନପୂର୍ଣ୍ଣା, ପୂର୍ଣ୍ଣବାସୀ, ମା' ବିମଳା, ମା' ତାରିଣୀ, ମା' ବୀଣାପାଣି, ମା' ସରସ୍ୱତୀ, ମା' ସାରଦା, ମା' ବୈଷ୍ଣବୀ, ମା' ପାର୍ବତୀ, ମା' ସମଲେଇ, ମା' ତାରାତାରିଣୀ ଆଦି ଗ୍ରୁପ୍ ସାମିଲ ହୋଇଥିଲେ। ବୈଠକରେ ନିଷ୍ପତ୍ତି କ୍ରମେ ଗ୍ରାମରେ କେହି ମଦ, ଗଞ୍ଜେଇ ବିକ୍ରି କରିପାରିବେ ନାହିଁ। ଜୁଆ ଖେଳି ପାରିବେ ନାହିଁ। ଯଦି କେହି ଏଥିରେ ବ୍ୟତିକ୍ରମ କଲେ ମହିଳାମାନେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଶତାଧିକ ମହିଳା ହାତରେ ଫ୍ଲାଗ୍‌କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମାକରି ଲୋକଙ୍କୁ ସଚେତନତା କରାଇଥିଲେ। ପରେ କଣ୍ଢେଇକେଲା ଫାଣ୍ଡିରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ। ଏପରି କି ମହିଳାମାନେ ଭାଟି ମାଲିକଙ୍କୁ ଭେଟି ଗ୍ରାମର ଯେମିତି କୌଣସି ବ୍ୟକ୍ତି ମଦ ବିକ୍ରି ନ କରିବେ ସେନେଇ ତାଗିଦ କରିଥିଲେ। ମଦଭାଟି ମାଲିକ ଗ୍ରାମର କାହାରିକୁ ବିକ୍ରି ପାଇଁ ମଦ ଦେବେ ନାହିଁ ବୋଲି ମହିଳାମାନଙ୍କ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ବିଭିନ୍ନ ଦାବି ନେଇ କେନ୍ଦୁପତ୍ର କର୍ମଚାରୀଙ୍କ ରାସ୍ତାରୋକୋ

**ଝାରସୁଗୁଡ଼ା,୧୧।୩ (ଅଫିସ)**

କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ବୁଧବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଅବରୋକୋ ଆନ୍ଦୋଳନ କରାଯାଇଥିଲା। ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅଧୀନ କେନ୍ଦୁପତ୍ର ତୋଳାଳିମାନେ ଝାରସୁଗୁଡ଼ା ବିଟିଏମ୍ ବାଇପାସ୍ ଛକରେ ରାସ୍ତା ଅବରୋଧ କରିଥିଲେ। ଏଥିରେ ଜିଲାର ଶତାଧିକ କେନ୍ଦୁପତ୍ର ତୋଳାଳି ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି ପୂରଣ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ଦାବି ମୁତାବକ, ସିଜନାଲ କର୍ମଚାରରୀ ଏବଂ ୱାଚରଙ୍କ ତ୍ରୁଟିପୂର୍ଣ୍ଣ ଦରମାର ସଂଶୋଧନ, କେନ୍ଦୁପତ୍ର ତୋଳାଳିମାନଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ସହଯୋଗ ପ୍ରଦାନ, ଫଡିଘର, ରେଞ୍ଜ କାର୍ଯ୍ୟାଳୟ ଉଚ୍ଛେଦ ନ କରିବା, କେନ୍ଦୁପତ୍ର ବିକ୍ରି ନୀତି, ପରିଚାଳନା ଗତ ତ୍ରୁଟିକୁ ସଂଶୋଧନ କରିବା ଦାବି କରାଯାଇଥିଲା।

# ଢାବାରେ ଗୁଳିକାଣ୍ଡ, ଯୁବକ ମୃତ

**ସାକ୍ଷୀଗୋପାଳ,୧୧।୩(ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବଡ଼କାଞ୍ଜିଆ ଛକର ଏକ ଢାବାରେ ଗତ ରବିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି। ଏଥିରେ ନୟାଗଡ଼ ଜିଲା ଛାମୁଡିଆ ଗ୍ରାମର ପୁରନ୍ଦର ବେହେରାଙ୍କ ମୃତ୍ୟୁ ହୋଇଛି। ଖବରପାଇ ତାଙ୍କ ସମ୍ପର୍କୀୟମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ବଡ଼କାଞ୍ଜିଆ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ପୁରନ୍ଦର କଡକାଞ୍ଜିଆ ଗ୍ରାମରେ ବିବାହ କରିଥିଲେ। ସାକ୍ଷୀଗୋପାଳରେ ସେ ଘରଭଡା ନେଇ ପରିବାର ସହ ରହୁଛନ୍ତି। ଦିନରେ ପୁରନ୍ଦର ରଙ୍ଗ କାମ କରୁଥିବା ବେଳେ ସନ୍ଧ୍ୟାରେ ଉକ୍ତ ଢାବାରେ ସପ୍ଲାୟର ଭାବେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ ଢାବାରେ କାମ କରୁଥିବା ବେଳେ କୌଣସି କାରଣକୁ ନେଇ ଖାଇବାକୁ ଆସିଥିବା ୫ଜଣ ବ୍ୟକ୍ତିଙ୍କ ସହ ଝଗଡ଼ା ହୋଇଥିଲା। ଏହା ପରେ ଗୁଳିକାଣ୍ଡ ହୋଇଥିଲା। ସୋମବାର ଜାତୀୟ ରାଜପଥ ପାର୍ଶ୍ୱରେ ପୁରନ୍ଦରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ସମ୍ପର୍କୀୟମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ବଡ଼କାଞ୍ଜିଆ ଛକରେ ଟାୟାରଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଆଇଆଇସି ଦେବୀ ପ୍ରସାଦ ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ୩ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ନେଇ ସତ୍ୟବାଦୀ ଥାନାରେ ହତ୍ୟା ମାମଲା (ନଂ. ୬୬/୨୦)ରୁଜୁ ହୋଇଛି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

# ହସ୍ତଶିଳ୍ପ ବିକାଶ ପାଇଁ ହେବ ୧୦ ବର୍ଷିଆ ଯୋଜନା

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

- ବ୍ରାଣ୍ଡିଂ ଓ ମାର୍କେଟିଂକୁ ଗୁରୁତ୍ୱ
- ଡିଜାଇନ୍ ବିକାଶ ପାଇଁ ହେବ ତାଲିମ କାର୍ଯ୍ୟକ୍ରମ
- 'କଞ୍ଚାମାଲ ବ୍ୟାଙ୍କ' ପ୍ରତିଷ୍ଠା କରିବାକୁ କାରିଗରଙ୍କ ଦାବି

ରାଜ୍ୟର ହସ୍ତଶିଳ୍ପ ଓ ହସ୍ତଶିଳ୍ପୀଙ୍କ ବିକାଶ ପାଇଁ ପଦକ୍ଷେପ ନେବେ ରାଜ୍ୟ ସରକାର। ଏଥିପାଇଁ ପ୍ରସ୍ତୁତ ହେବ ୧୦ ବର୍ଷିଆ ପ୍ଲାନ୍ ଡକ୍ୟୁମେଣ୍ଟ। ହସ୍ତଶିଳ୍ପୀଙ୍କୁ ଚିହ୍ନଟ ସହିତ ସେମାନଙ୍କ ଶିଳ୍ପର ବ୍ରାଣ୍ଡିଂ ଓ ମାର୍କେଟିଂ କରାଯିବ। ଅତ୍ୟାଧୁନିକ ଡିଜାଇନ୍ ଓ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଉଚ୍ଚସ୍ତରୀୟ ମାନ୍ୟତାପ୍ରାପ୍ତ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହାସହ ବଜାର ଚାହିଦା ଅନୁଯାୟୀ ଡିଜାଇନ ବିକାଶ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କାରିଗରଙ୍କ ପାଇଁ 'ହାଉସିଂ କମ୍ ୱାର୍କଶପ୍ କମ୍ ଶୋରୁମ୍ ସ୍କିମ୍' କରାଯିବା ଉପରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଗୁରୁତ୍ୱ ଦେବ ବୋଲି ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି।

ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ପଥର ଖୋଦେଇ, କାଠ ଖୋଦେଇ ଓ ଚାନ୍ଦୁଆ ଶିଳ୍ପ ଉପରେ ବୁଧବାର ଭୁବନେଶ୍ୱର ଜିଲା ଶିଳ୍ପକେନ୍ଦ୍ର ସମ୍ମିଳନୀ କକ୍ଷରେ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚିବ ଶର୍ମା ହସ୍ତଶିଳ୍ପୀଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ। ୨୧ ଜିଲାରୁ ୧୩୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଓ କାରିଗର ଉପସ୍ଥିତ ରହି କଞ୍ଚାମାଲର ଉପଲବ୍ଧି, ତାଲିମ ପଦ୍ଧତି, ବିକ୍ରିବଟା, ଆର୍ଥିକ ସହାୟତା, ସାମାଜିକ ନିରାପତ୍ତା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପିପିଲିରେ ଚାନ୍ଦୁଆ ଶିଳ୍ପୀଙ୍କ ପାଇଁ ଥିବା ଉତ୍କଳିକାର 'କଞ୍ଚାମାଲ ବ୍ୟାଙ୍କ୍' ଢାଞ୍ଚାରେ ରାଜ୍ୟର ଅନ୍ୟ ଜିଲାରେ ଭିନ୍ନ ଭିନ୍ନ ହସ୍ତଶିଳ୍ପ ପାଇଁ କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ଶିଳ୍ପୀମାନେ ଦାବି କରିଥିଲେ। ଏହାବ୍ୟତୀତ ଜିଲା ସଦର ମହକୁମାରେ ନିର୍ମିତ ହେଉଥିବା ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରୁ କିଛି ଦୋକାନ ଘର ହସ୍ତଶିଳ୍ପ ପାଇଁ ସଂରକ୍ଷଣ କରାଗଲେ ତାହା ହସ୍ତଶିଳ୍ପ ସାମଗ୍ରୀର ବିକ୍ରିବଟାରେ ସହାୟକ ହେବ ବୋଲି ସେମାନେ କହିଥିଲେ। ସେହିଭଳି ପୁରୀ ପିପିଲି, ଖୋର୍ଦ୍ଧା ବନମାଳୀପୁର, ବୌଦ୍ଧ ଜିଲାର ବଟୁପଲ୍ଲୀ, ବଲାଙ୍ଗୀରର ରାଣୀପୁର ଓ ଝରିଆଲଠାରେ ପ୍ରାୟ ୧୧ ହଜାର ଚାନ୍ଦୁଆ ଶିଳ୍ପୀ ରହିଛନ୍ତି। ତେଣୁ ପିପିଲିରେ ଥିବା ଚାନ୍ଦୁଆ କଞ୍ଚାମାଲ ବ୍ୟାଙ୍କର ସମ୍ପ୍ରସାରଣ ସହ ଅନ୍ୟ ଜିଲାରେ ଏହା ପ୍ରତିଷ୍ଠା କରିବାକୁ ସେମାନେ ପ୍ରସ୍ତାବ ଦେଇଥିଲେ। କଟକ ଜିଲାର ଲଳିତଗିରି, ଯାଜପୁରର ସୁଖୁଆପଡ଼ା, ମୟୂରଭଞ୍ଜର ଖିଚିଙ୍ଗ ଏବଂ ପୁରୀ ଜିଲାର ପୁରୀ ଓ କୋଣାର୍କ, କେନ୍ଦୁଝରର ଧାକୋଟା, ଖୋର୍ଦ୍ଧାର ଭୁବନେଶ୍ୱର ଏବଂ ବାଲେଶ୍ୱର ଜିଲାର ବଉଳାଗଡ଼ିଆଠାରେ ପ୍ରାୟ ୭ ହଜାର ପଥର ଖୋଦେଇ ଶିଳ୍ପୀ ରହିଛନ୍ତି। ସେମାନଙ୍କ ପାଇଁ କଞ୍ଚାମାଲ ଅଭାବ ଏବେ ସବୁଠାରୁ ବଡ଼ ସମସ୍ୟା ହୋଇଥିବାରୁ ସରକାରଙ୍କ ଦ୍ୱାରା ଅଧିକୃତ କଞ୍ଚାମାଲର ସୁବ୍ୟବସ୍ଥା କରିବାକୁ ପଥର ଖୋଦେଇ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ, ପଦ୍ମଶ୍ରୀ ପ୍ରଭାକର ମହାରାଣା, ଶିଳ୍ପୀ ଉଦୟ ମହାନ୍ତି ପ୍ରମୁଖ ଦାବି କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର, ପୁରୀ ସହର, ନୟାଗଡ଼ ଜିଲାର ଖଣ୍ଡପଡ଼ା, କଳାହାଣ୍ଡିର ଖଇରପଦର ଓ ଭଦ୍ରକର ବେତାଳି ଗାଁରେ ପ୍ରାୟ ୫ ହଜାର କାଠ ଖୋଦେଇ ଶିଳ୍ପୀ ରହିଥିବାବେଳେ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ମତ ପ୍ରକାଶ ପାଇଥିଲା।

କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ଉତ୍କଳିକା ଏମ୍‌ଡି ଅନୁଜ ଦାସପଟ୍ଟନାୟକ, ସ୍ପେଶାଲ ଅଫିସର ସନାତନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ।

# ଖୋର୍ଦ୍ଧାରୁ ଜାଲ ନୋଟ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ, ୧୧।୩**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜାଲ୍ ନୋଟ୍ କାରବାରରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଥିଲା। ସେମାନଙ୍କ ପାଖରୁ ୮୫୫୦ ଟଙ୍କା ଜବତ କରାଯାଇଛି। ଗିରଫ ୨ ଜଣ ହେଲେ କଟକ ଜିଲା ବାଙ୍କୀ ଥାନା ତାଳବସ୍ତ ଗ୍ରାମର ବିଜୁ ଦାସ(୨୦), ଜଟଣୀ ଥାନା ଓଗାଳପଡା ଗ୍ରାମର ବାପୁଜୀ ଚରଣ ସିଂହ(୫୯)।

ପୋଲିସ୍ ସୂଚନା ଅନୁସାରେ, କିଛିଦିନ ହେଲା ଖୋର୍ଦ୍ଧା ସହରରେ ଜାଲ ନୋଟ କାରବାର ଚାଲିଥିବା ଅଭିଯୋଗ ପୋଲିସକୁ ହସ୍ତଗତ ହୋଇଥିଲା। ସେନେଇ ଆଦର୍ଶ ଥାନା ଅଧିକାରୀ ଉମାପ୍ରସାଦ ସିଂହ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢାଉ ବେଳେ ବିଜୁଙ୍କ ପାଖରେ ୧୪ ଖଣ୍ଡ ୧୦୦ ଟଙ୍କିଆ ନୋଟ ଥିବାର ଜଣାପଡିଥିଲା। ଅଧିକ ଖୋଳତାଡ ପରେ ପୁଣି ବାପୁଜୀଙ୍କ ପାଖରେ ଜାଲ୍ ନୋଟ ଗଚ୍ଛିତ ଥିବା ଜଣାପଡିଥିଲା। ବାପୁଜୀଙ୍କଠାରୁ ମଧ ୧୦୦ ଟଙ୍କିଆ ନୋଟ ୪ ଖଣ୍ଡ ଓ ୫୦ ଟଙ୍କିଆ ନୋଟ୍ ୧୩୫ ଖଣ୍ଡ ଠାବ କରିଥିଲା। ଏ ନେଇ ଥାନାରେ ଦଫା ୪୮୯(ଖ), ୪୮୯(ଗ), ୩୪ ଆଇପିସିରେ ନଂ. ୮୦/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଉଭୟଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିଲା। ହେଲେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ଉପକାରଗାରକୁ ପଠାଇ ଦିଆଯାଇଛି। ଏହି ଜାଲ ନୋଟ କାରବାର ସମ୍ପର୍କରେ ପୋଲିସକୁ ପଚାରିବାରୁ ଯେହେତୁ ତଦନ୍ତ ଚାଲିଛି ଆଗୁଆ କୌଣସି ତଥ୍ୟ ଦେବାକୁ ସେ ମନା କରି ଦେଇଥିଲେ। ହେଲେ ଜବତ ଟଙ୍କାକୁ ଛପା କାରଖାନା ନ ହୋଇ କେବଳ କଲର ଜେରକ୍ସରେ ପ୍ରିଣ୍ଟି କରାଯାଇଥିବା ପୋଲିସ ଆଶଙ୍କା କରୁଛି।





ଜବତ ଜାଲ୍ ନୋଟ୍ ଓ ଗିରଫ ଅଭିଯୁକ୍ତ।

# ବିଜେଡି ରାଜ୍ୟ ସଭା ପ୍ରାର୍ଥୀଙ୍କ ସତ୍ୟପାଠ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଚଳିତ ରାଜ୍ୟ ସଭା ପାଇଁ ବୁଧବାର ବିଜେଡିର ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହି ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ନିଜର ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଆଦି ଉଲ୍ଲେଖ କରିଛନ୍ତି। ସତ୍ୟପାଠରୁ ମିଳିଥିବା ସୂଚନା ଅନୁଯାୟୀ ସୁଜିତଙ୍କ ନିକଟରେ ମୋଟ ୧.୧୦ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ସେ ଆମେରିକାର ହାର୍ଭାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସୁଜିତଙ୍କ ନିକଟରେ ୧୫.୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଥିବା ବେଳେ ତାଙ୍କ ନାମରେ ୭୪.୯୪ ଲକ୍ଷ ଟଙ୍କାର ଋଣ ରହିଛି। ସେହିପରି ଶ୍ରମିକ ନେତା ସୁବାସ ସିଂଙ୍କୁ ବିଜେଡି ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଛି। ତାଙ୍କର ମୋଟ ୨୩.୩୭ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ସୁବାସ ରାଜନୀତି ବିଜ୍ଞାନରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିବା ବେଳେ ଆଇନରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ନାମରେ ୧୧ଟି ମାମଲା ବିଚାରାଧୀନ ରହିଥିବା ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ମୁନା ଖାଁଙ୍କ ନିକଟରେ ମୋଟ ୩୨.୯୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାମରେ ୧୪ ଲକ୍ଷ ଟଙ୍କାର ଋଣ ରହିଛି। ୧୯୮୩ ମସିହାରେ ସେ ଆନ୍ଧ୍ର ମାଟ୍ରିକ ପାସ କରିଛନ୍ତି ବୋଲି ସେ ତାଙ୍କ ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରୁ ରାଜ୍ୟ ସଭା ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ମମତା ମହାନ୍ତଙ୍କ ନାମରେ ୨୫.୦୩ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ ବୋଲି ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

# ମହାପ୍ରଭୁଙ୍କୁ ୧ କୋଟି ଦାନ

**ପୁରୀ ଅଫିସ,୧୧।୩**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଏବେ ସଂକଟରେ। ଏହି ଅର୍ଥ ଫେରିବ କି ନାହିଁ ତାକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ। ବିରୋଧ ଓ ପ୍ରତିବାଦ ଧାରା ଜାରି ରହିଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ଥାନା ଓ ଭିଜିଲାନ୍ସ ଅଫିସରେ ଅଭିଯୋଗ କରାଯାଇଛି। ବିରୋଧୀ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ଏଭଳି ସ୍ଥିତିରେ ମହାପ୍ରଭୁଙ୍କୁ ମିଳିଛି ୧ କୋଟି ଟଙ୍କା ଦାନ, ଯାହାକି ଏବେ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଟିଏପଟେ କେତେଜଣ ଅଧିକାରୀ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ମହାପ୍ରଭୁଙ୍କ ଟଙ୍କାକୁ ବିପଦକୁ ଠେଲି ଦେଇଥିବାବେଳେ ଆଉ କିଛି ବ୍ୟକ୍ତି ବା ଅନୁଷ୍ଠାନ ରହିଛନ୍ତି ଯେଉଁମାନେ ମହାପ୍ରଭୁଙ୍କ ପାଣ୍ଠି କିପରି ବୃଦ୍ଧି ପାଇବ ସେ ଚିନ୍ତା କରୁଛନ୍ତି।

ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦର୍ଶନ ପରେ ମହାପ୍ରଭୁଙ୍କୁ ଦାନ ଦେଇଥାନ୍ତି। ହୁଣ୍ଡିରେ ଟଙ୍କା, ପଇସା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଡୋନେଶନ ସେଲ୍ ରହିଛି। ଏଠାରେ ବି ଭକ୍ତମାନେ ଦାନ ଦେଇଥାନ୍ତି। ତେବେ ମଙ୍ଗଳବାର ମହାପ୍ରଭୁଙ୍କୁ କଳିଙ୍ଗ କମର୍ସିଆଲ କର୍ପୋରେଶନ ଲିମିଟେଡ ୧ କୋଟି ଟଙ୍କା ଦାନ ଦେଇଛି। ୫୦ ଲକ୍ଷ ଟଙ୍କା ଲେଖାଏ ଦୁଇଟି ଚେକ୍ ଡୋନେସନ ସେଲ୍‌ରେ ଦିଆଯାଇଥିବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ଜଣାଇଛନ୍ତି।

# ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

**ଲଖନପୁର,୧୧।୩ (ଡି.ଏନ୍.ଏ.)**

- ଜଳିଗଲା ୩ ବାଇକ, ଗୋଟିଏ ସ୍କୁଟି
- ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ କର୍ମଚାରୀଙ୍କ ପରିବାର

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ)ଲଖନପୁର କ୍ଷେତ୍ରାଧୀନ ବନ୍ଧବାହାଲ ଆଇବି କଲୋନୀ ଆପାର୍ଟମେଣ୍ଟରେ ସୋମବାର ବିଦ୍ୟୁତ୍ ସର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଏମ୍‌ସିଏଲ୍ କର୍ମଚାରୀ ପ୍ରସନ୍ନ କାଲୋଙ୍କ ଏକ ସ୍କୁଟି(ନଂ.ଓଡି ୨୩ଏଚ୍ ୪୫୩୩), ବିଜୟ ସିଂହ ଠାକୁରଙ୍କ ୨ଟି ବାଇକ୍(ନଂ.ଓଆର୍ ୧୫ଜେ ୬୦୬୫ ଏବଂଓଆର୍ ୨୩ଡି ୭୩୭୫) ଏବଂ ମନୋଜ ସାହୁଙ୍କ ଏକ ବାଇକ୍(ନଂ.ଓଆର୍ ୨୩ ସି ୫୧୨୪) ପୋଡି ଯାଇଛି। ଅଗ୍ନିକାଣ୍ଡ ୩ ମହଲା ଆପାର୍ଟମେଣ୍ଟର ତଳ ସିଡିରେ ହୋଇଥିଲା। ହେଲେ କର୍ମଚାରୀଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଏକ ବଡଧରଣର ଦୃର୍ଘଟଣାରୁ ରକ୍ଷା ପାଇଯାଇଛି। ଫଳରେ ୩ ମହଲା ଆପାର୍ଟମେଣ୍ଟରେ ରହୁଥିବା କର୍ମଚାରୀଙ୍କ ପରିବାର ଅଳ୍ପକେ ରକ୍ଷା ପାଇଛନ୍ତି। ଏଭଳି ଘଟଣାପରେ କଲୋନୀବାସୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଏନେଇ କର୍ମଚାରୀମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବରପାଇ ବନ୍ଧବାହାଲ ଫାଣ୍ଡି ପୋଲିସ୍, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଂଗଠନ କର୍ମକର୍ତ୍ତା ଘଟଣାସ୍ଥଳରେ ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ଶ୍ରମିକ ସଂଗଠନମାନେ ବିଭାଗୀୟ ଅଧିକାରୀଙ୍କ ଅପାରଗତାକୁ ଦାୟୀକରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କମ୍ପାନୀ ପକ୍ଷରୁ ଯୁଦ୍ଧକାଳୀନ ମଧ୍ୟରେ ଆପାର୍ଟମେଣ୍ଟରେ ଜଳିଯାଇଥିବା ବିଦ୍ୟୁତ୍ ବୋର୍ଡ, ମେନ୍‌ସୁଇଜ୍, ତାର ଆଦି ଲଗାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ସୂଚନା ଯୋଗ୍ୟ ନିଆଁ ଲାଗିଥିବା ୩ ମହଲା ଆପାର୍ଟମେଣ୍ଟରେ ୩୨୮ନମ୍ବରରୁ ୩୩୮ନମ୍ବର ପର୍ଯ୍ୟନ୍ତ କ୍ୱାର୍ଟରସ୍ ରହିଛି। ଏହିସବୁ ଆପାର୍ଟମେଣ୍ଟରେ ଅଗ୍ନିନିର୍ବାପକ ସୁରକ୍ଷା ବ୍ୟବସ୍ଥା ନାହିଁ । ନିଆଁ ଲାଗିଥିବା ଆପାର୍ଟମେଣ୍ଟକୁ ଅଗ୍ନିଶମ ଗାଡି ଯିବାପାଇଁ ରାସ୍ତା ନାହିଁ । ଏ ନେଇ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏନେଇ କମ୍ପାନୀ ସେଫ୍ଟିଅଫିସର ମାୟାଶଙ୍କର ପାଣ୍ଡେଙ୍କୁ ପଚାରିବାରୁ କଲୋନୀ କ୍ୱାର୍ଟରସ୍‌ରେ ରହୁଥିବା କର୍ମଚାରୀମାନେ ହିଟ୍‌ର ବ୍ୟବହାର କରୁଛନ୍ତି। ଫଳରେ ଅଧିକ ଲୋଡ୍‌ରେ ଏଭଳି ହୋଇଛି। ଏହାକୁ କର୍ମଚାରୀମାନେ ଅସ୍ୱିକାର କରି କହିଛନ୍ତି କ୍ୱାର୍ଟରସ୍‌ରେ ପୁରୁଣା ବିଦ୍ୟୁତ୍ ସରଞ୍ଜାମ ଲାଗିଛି ଯାହାଫଳରେ ଅନେକ ସମୟରେ ସମସ୍ୟା ଦେଖାଦେଉଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କମ୍ପାନୀ ପକ୍ଷରୁ ଏହାର କୌଣସି ପ୍ରତିକାର କରାଯାଉ ନ ଥିବା କର୍ମଚାରୀମାନେ ଅଭିଯୋଗ ହେଉଛି । ଗତ ସୋମବାର ଭୋର ୪ଟା ସମୟ । ଏତିକିବେଳେ ଆପାର୍ଟମେଣ୍ଟ ତଳୁ ପ୍ରବଳମାତ୍ରାରେ ଧୂଆଁ ବାହାରି ଉପରକୁ ଉଠିଥିଲା। ଫଳରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଅଣନିଶ୍ୱାସୀ ହୋଇପଡିଥିଲେ । କବାଟ ଖୋଲି ଦେଖିଲା ବେଳକୁ ସିଡି ତଳେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ପରେ କର୍ମଚାରମାନେ ନିଆଁକୁ ଆୟତ୍ତ କରିଥିଲେ।



ନିଆଁଲାଗି ଜଳିଯାଇଥିବା ସ୍କୁଟି, ବାଇକ୍।

## ସଂଶୋଧିତ ମୋଟର ଯାନ ଆଇନ

# ୧୦ଦିନରେ କଟିଲା ୨୩ ହଜାର ଚାଲାଣ

**କଟକ ଅଫିସ,୧୧।୩**

**ଗଞ୍ଜାମରେ ସର୍ବାଧିକ ୧୩୧୪**

ଓଡ଼ିଶାରେ ସଂଶୋଧିତ ମୋଟରଯାନ ଆଇନ ମାର୍ଚ୍ଚ ପହିଲାରୁ କଡ଼ାକଡ଼ି ଲାଗୁ କରାଯାଇଛି। ରାଜ୍ୟବ୍ୟାପୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ଏବଂ ପୋଲିସ ତରଫରୁ ବ୍ୟାପକ ଯାଞ୍ଚ ଏବଂ ଜରିମାନା ଆଦାୟ କରାଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ପହିଲାରୁ ୧୦ତାରିଖ ଭିତରେ ସାରା ରାଜ୍ୟରେ ୨୩ହଜାର ୧୯ଟି ଚାଲାଣ କଟାଯାଇଛି। ସେଥିରୁ ଆର୍‌ଟିଓଗୁଡ଼ିକ ତରଫରୁ ୧୦ହଜାର ୭୯୪ ଚାଲାଣ ରହିଛି। ଏଥିରୁ ୧୩୪୦ ଚାଲାଣ ଦ୍ରୁତଗତିରେ ଗାଡ଼ି ଚଳାଇବା ପାଇଁ କଟାଯାଇଥିବାବେଳେ ଗାଡି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ପାଇଁ ୧୮୭, ବିପରୀତ ଦିଗରେ ଗାଡ଼ି ଚାଳନା ପାଇଁ ୧୪୮, ମଦ୍ୟ ପାନକରି ଗାଡ଼ି ଚଳାଇବା ପାଇଁ ୧୨୫, ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୫୫୨, ବାଇକ୍‌ରେ ତିନି ଜଣ ବସିଥିବା ଯୋଗୁ ୨୪୭, ହେଲମେଟ ବିନା ଗାଡ଼ି ଚଳାଇବା ପାଇଁ ୪୫୧୧ ଏବଂ ନାବାଳକମାନେ ଗାଡ଼ି ଚଳାଇବା ଯୋଗୁ ୧୦ଟି ଚାଲାଣ କଟିଛି। ମୋଟ ଚାଲାଣ ଭିତରୁ ଗଞ୍ଜାମ ଆର୍‌ଟିଓ ପକ୍ଷରୁ ସର୍ବାଧିକ ୧୩୧୪ଟି ଚାଲାଣ କଟିଥିବା ବେଳେ ସମ୍ବଲପୁର ଆର୍‌ଟିଓ ପକ୍ଷରୁ ୧୦୬୮, ବାଲେଶ୍ୱର ଆର୍‌ଟିଓ ପକ୍ଷରୁ ୮୭୦, ଭୁବନେଶ୍ୱର ଆର୍‌ଟିଓ (୧ ଏବଂ ୨) ପକ୍ଷରୁ ୭୭୩ ଏବଂ କୋରାପୁଟ ଆର୍‌ଟିଓ ପକ୍ଷରୁ ୪୬୫ଟି ଚାଲାଣ ରହିଛି।

ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ୧୨ହଜାର ୨୨୫ଟି ଚାଲାଣ କଟାଯାଇଛି। ଏଥିରୁ ଦ୍ରୁତଗତିରେ ଗାଡ଼ି ଚଳାଇବା ପାଇଁ ୪୨୧, ମୋବାଇଲ୍ ଫୋନ୍ ବ୍ୟବହାର ପାଇଁ ୧୨୮, ବିପରୀତ ଦିଗରେ ଗାଡ଼ି ଚଳାଇବା ପାଇଁ ୬, ସିଟ୍ ବେଲ୍ଟ ନ ବାନ୍ଧି ଗାଡି ଚଳାଇବା ପାଇଁ ୧୫୦୯, ତିନି ଜଣ ବାଇକ୍‌ରେ ବସିଥିବା ଯୋଗୁ ୩୭୧ ଏବଂ ହେଲମେଟ ବିନା ଗାଡି ଚଳାଇବା ପାଇଁ ୫୩୫୫ ଚାଲାଣ କଟାଯାଇଛି। ଆର୍‌ଟିଓ ଏବଂ ପୋଲିସ ତରଫରୁ କେତେ ଟଙ୍କାର ଜରିମାନା ଆଦାୟ ହୋଇଛି, ସେନେଇ ଏସ୍‌ଟିଏ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।



"ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ରେଙ୍ଗାଲି,୧୧।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ସମ୍ପୃକ୍ତ ଯୁବତୀଙ୍କୁ ପ୍ରେମ ନିବେଦନ କରି ପ୍ରତାରଣା କରିଥିବା ଯୁବକଙ୍କ ଭିଣୋଇ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ରେଙ୍ଗାଲି ଥାନା ଝୁରିପଡା ଗ୍ରାମର ରାଜେଶ ମେହେର(୨୪)ଙ୍କ ଜଣେ ଯୁବତୀଙ୍କ ସହିତ ୪ ମାସ ହେଲା ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେହି ସମୟରେ ଯୁବତୀ ଜଣକ ନାବାଳିକା ଥିଲେ। ଗତ ମାର୍ଚ୍ଚ ୨ ତାରିଖରେ ଯୁବତୀ ଜଣକ ସାବାଳିକା ହୋଇଛନ୍ତି। ପୂର୍ବରୁ ସମ୍ପର୍କ ସେମାନଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଥିଲା। ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକଙ୍କ ଭିଣୋଇ କୁଲାବିର ଅଞ୍ଚଳର ବିକେନ୍ଦ୍ର ମେହେର(୪୨) ସମ୍ପୃକ୍ତ ଯୁବତୀଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ଏଣୁ ଯୁବତୀ ଜଣକ ପ୍ରେମିକ ରାଜେଶ ଏବଂ ବିକେନ୍ଦ୍ରଙ୍କ ନାଁରେ ରେଙ୍ଗାଲି ଥାନା ଦ୍ୱାରସ୍ଥ ହୋଇଥିଲେ। ରେଙ୍ଗାଲି ପୋଲିସ ଏକ ମାମଲା ରୁଜୁ କରି ରାଜେଶ ଏବଂ ବିକେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।






ଆନ୍ଦୋଳନକାରୀମାନେ ସମ୍ବଲପୁର ଅଇଁଠାପାଲି ବିର୍ସା ମୁଣ୍ଡା ଛକରେ ରାସ୍ତା ଅବରୋଧ କରି ପିକେଟିଂ କରୁଛନ୍ତି(ବାମ)। ସମ୍ବଲପୁର ଯୁଯୁମୁରା ୫୫ ନମ୍ବର ଜାତୀୟ ରାଜପଥରେ ଆନ୍ଦୋଳନକାରୀମାନେ ଧାରଣାରେ ବସିଛନ୍ତି।

# କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତାରୋକୋ

- ପ୍ରତିଶ୍ରୁତିରେ ଆନ୍ଦୋଳନ ପ୍ରତ୍ୟାହୃତ
- ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକ

**ସମ୍ବଲପୁର,୧୧।୩ (ବ୍ୟୁରୋ)**

ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ଡାକରାରେ ୬ ଦଫା ଦାବି ନେଇ ବୁଧବାର ୨୧ଟି ଜିଲାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ସମ୍ବଲପୁର ଜିଲାରେ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରାଯାଇଥିଲା। ୫୩ ନମ୍ବର ଜାତୀୟ ରାଜପଥର ଅଇଁଠାପାଲି ଛକ, ଜମନକିରା, ଭୋଜପୁର, କୁଚିଣ୍ଡା ଏବଂ ୫୫ ନମ୍ବର ଜାତୀୟ ରାଜପଥର ଯୁଯୁମୁରା ଓ ରେଢାଖୋଲ ଛକରେ ରାସ୍ତାରୋକୋ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଅଇଁଠାପାଲି ଛକ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ସେ କହିଥିଲେ, ସରକାର ଓ କେନ୍ଦୁପତ୍ର ବିଭାଗ ସଚିବ ଆଲୋଚନା କରିବା ପାଇଁ ସ୍ଥିର କରିଛନ୍ତି। ଆଲୋଚନା ମାଧ୍ୟମରେ ସରକାର ସମସ୍ତ ସମସ୍ୟାର ସମାଧାନ କରିବେ। ଏନେଇ ଆଲୋଳନକାରୀଙ୍କୁ ରାସ୍ତାରୋକୋରୁ ହଟିଯିବାକୁ ଅନୁରୋଧ କହିଥିଲେ। ଏପରି କି କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ସହ ମୋବାଇଲ ଫୋନ ଯୋଗେ ଆଲୋଚନା କରିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟ, ବିଡି କାରଖାନରେ କାର୍ଯ୍ୟରତ ଶ୍ରମିକମାନେ ରାଜ ରାସ୍ତାରେ ଧାରଣା ଦେଇଥିଲେ। କେନ୍ଦୁପତ୍ର ଉପରୁ ଜିଏଟି ପ୍ରତ୍ୟାହାର କରିବା, ପୂର୍ବ ବର୍ଦ୍ଧିତ ଦରମା ଲାଗୁ କରିବା, ସମସ୍ତ ସାମାଜିକ ସୁରକ୍ଷା ସହାୟତା, ନିରାପତ୍ତା ପ୍ରଦାନ କରିବା, ରାଜ୍ୟରେ ୨୪ଟି ରେଞ୍ଜ ଅଫିସ ଓ ଫଡି ଘରକୁ ଉଚ୍ଛେଦ କରାଯାଇଛି ହେଲେ ଏହି ନିର୍ଦ୍ଦେଶକୁ ବାତିଲ କରିବାକୁ ଦାବି କରାଯାଇଥିଲା। ଆନ୍ଦୋଳନରେ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ମହାନ୍ତି, ଉପସଭାପତି ଗୋକୁଳ ମେହେର, ସମ୍ପାଦକ ସଞ୍ଜିତ ମହାନ୍ତି, ମହମ୍ମଦ ମୁତୁଜାଙ୍କ ନେତୃତ୍ୱରେ ଜିଲାର ୬ଟି ସ୍ଥାନରେ ରାସ୍ତାରୋକୋ ହୋଇଥିଲା। ସମ୍ବଲପୁର ଅଇଁଠାପାଲି ଛକରେ ଲକ୍ଷ୍ମୀ ମହାପାତ୍ର, ଏନ୍. ଗୋପାଳ ପାତ୍ର, ବବିତା ବଡପଣ୍ଡା, ଅଭୟ ଦୀପ, ବୃନ୍ଦାବନ ମୁଟାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ରେଢାଖୋଲ ୧୧।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲରେ ମଙ୍ଗଳବାର ହୋଲିଦିନ ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ରେଢାଖୋଲ ଥାନା ଅଧିନ କୁସୁମଖୋଲ ଗ୍ରାମର କଳ୍ପତରୁ ବେହେରା(୨୮) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଳ୍ପତରୁ ତାଙ୍କ ବାଇକ ନଂ ଓଡି୧୯ କେ ୬୧୯୭ ଯୋଗେ ଘରକୁ ଫେରୁଥିବା ବେଳେ ୫୫ନଂ ଜାତୀୟ ରାଜପଥର କୁଟାସିଙ୍ଗା ନିକଟରେ ଏକ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟନାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରେଢାଖୋଲ ପୋଲିସ ମୃତଦେହ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲ। ଏ ନେଇ ରେଢାକୋଲ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

## ସ୍ୱଳ୍ପ ଜାଗାରୁ ଅଧିକ ଆୟ, ରାସ୍ତା ଦେଖାଇଛନ୍ତି ମଞ୍ଜୁ ଅପା




ମଞ୍ଜୁ ଅପା।

**ଦେବଗଡ,୧୧।୩(ଡି.ଏନ.ଏ.)**

ତିଳେଇବଣି ବ୍ଲକ ଅନ୍ତର୍ଗତ କୈଳାସ ଗ୍ରାମର ମଞ୍ଜୁ ଅପା। ପାହାଡ଼ ପର୍ବତ ଘେରା ଆଦିବାସୀ ବହୁଳ କୈଳାସ ଗ୍ରାମରେ କୃଷି ହେଉଛି ପ୍ରଧାନ ଜୀବିକା। ମୁଖ୍ୟତଃ ଜଙ୍ଗଲଜାତ ପଦାର୍ଥ ସଂଗ୍ରହ ଓ ଧାନଚାଷ ଉପରେ ଏଠାକାର ଅଧିବାସୀ ନିର୍ଭର କରନ୍ତି। ଏପରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଦାହରଣ ପାଲଟନ୍ତି ମଞ୍ଜୁଲତା ସାହୁ। ବୟସ ୪୫, ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ ପାସ୍। ସମନ୍ୱିତ କୃଷି ପ୍ରଣାଳୀରେ ଚାଷ ହୋଇଛି ତାଙ୍କର ରୋଜଗାର ମୁଖ୍ୟପନ୍ଥା। ଜଳବାୟୁ ପରିବର୍ତ୍ତନ, ସିମିତ ସମ୍ବଳ ଏବଂ କୃଷିରେ ହେଉଥିବା ବିଭିନ୍ନ ଅସୁବିଧାକୁ ଲକ୍ଷ୍ୟ କରି କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ କୃଷି ପ୍ରଣାଳୀ ଆରମ୍ଭ କରିଛନ୍ତି। ଫଳରେ ଗୋଟିଏ ପ୍ରକାର ଚାଷ ହେଉଥିବା କ୍ଷତିକୁ ଅନ୍ୟ ଚାଷରେ ଭରଣା କରାଯାଇ ପାରିବ। ସମୁଦାୟ ଏ.୨.୦୫ ଡ଼ି. ଜମିରେ ଗୋଟିଏ ପୋଖରୀ ଖୋଳି ବିଭିନ୍ନ ପ୍ରକାର ମଧୁର ମାଛ ଚାଷ ସାଙ୍ଗକୁ ମାଂସ ଓ ଅଣ୍ଡା ନିମନ୍ତେ ପୋଖରୀ ପାଣି ଉପରେ କୁକୁଡ଼ା ଚାଷ କରିଛନ୍ତି। ଫଳରେ ପୋଖରୀରେ ବ୍ୟବହୃତ ହେଉଥିବା ସାର ଓ ମାଛ ଖାଦ୍ୟ ହେଉଥିବା ଖର୍ଚ୍ଚକୁ କମ୍ କରିପାରିଛନ୍ତି। କୁକୁଡ଼ା ଚାଷରୁ ବାର୍ଷିକ ୪୫,୦୦୦ ହଜାର ଟଙ୍କା ଲାଭ ପାଉଥିବାବେଳେ ପୋଖରୀ ହୁଡ଼ାରେ କଦଳୀ, ଅମୃତଭଣ୍ଡା ଗଛ ଲଗାଇ ବେଶ ରୋଜଗାର କରିପାରୁଛନ୍ତି। ସେହିପରି ଅବଶିଷ୍ଟ ଚାଷ ଜମିରେ ବର୍ଷା ଦିନିଆ ମଧ୍ୟମ କିସମ ଧାନ ଚାଷ ଓ ପରବର୍ତ୍ତି ସମୟରେ ଧାନ, ସୋରିଷ ଇତ୍ୟାଦି ଚାଷ କରି ବାର୍ଷିକ ୫୦,୦୦୦ ହଜାର ଟଙ୍କା ଲାଭ ପାଉଛନ୍ତି। ପୋଖରୀ ପାଖରେ ମଧ୍ୟ ଏକ ଦୋକାନ ଘର କରି ସେଥିରେ କୁକୁଡ଼ା, ମାଛ, ଅଣ୍ଡା ଓ ପନିପରିବା ବିକ୍ରି କରିପାରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ଓ ଅନ୍ୟାନ୍ୟ ବିଭାଗରୁ ମିଳୁଥିବା ସହାୟତା ଦ୍ୱାରା ସେ ବାର୍ଷିକ ୧,୫୦,୦୦ରୁ ଅଧିକ ଆୟ ରୋଜଗାର କରି ନୂତନ ରାସ୍ତା ଦେଖାଇଛନ୍ତି ମଞ୍ଜୁ ଅପା।

## ଫଟୋରେ ଖବର



ସମ୍ବଲପୁର ଜିଲା ରେଙ୍ଗାଲିରେ ହୋଲି ଉତ୍ସବରେ ନୃତ୍ୟ।

## ଆବାସ ଯୋଜନାରେ ୧୦୯ ଜଣଙ୍କୁ କାର୍ଯ୍ୟାଦେଶ




ବିଧାୟକ ରୋହିତ ପୂଜାରୀ ଜଣେ ମହିଳାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ରେଢାଖୋଲ, ୧୧।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଏନଏସିରେ ୧୦୯ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏନଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଇଂ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧକ୍ଷ ସୁନୀଲ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ ଉପସ୍ଥିତ ଥିଲେ। ଅମିତାଭ ପାଣିଗ୍ରାହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ରାଜପଥ ଅବରୋଧ

**ରେଢାଖୋଲ, ୧୧।୩(ଡି.ଏନ.ଏ.)**

କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ସାମାଜିକ ସୁରକ୍ଷା, ଜିଏସଟି ପ୍ରତ୍ୟାହାର, ଫଡି, ସେକ୍ସନ ଓ ରେଞ୍ଜ ଉଚ୍ଛେଦ ଆଦି ଦାବି ନେଇ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବୁଧବାର ରେଢାଖୋଲ ଭୀମଭୋଇ ଛକରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଅବରୋଧ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଚାଲିଥିଲା। ଶହଶହ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସିଥିଲେ। ପିସିସିଏଫ ପ୍ରଭାକର ବେହେରା ସଂଘର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାପରେ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଂପାଦକ ଅନାଦିଚରଣ ସାହୁଙ୍କ ନେତୃତ୍ୱରେ ରେଢାଖୋଲ ଡିଭିଜନ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ନାକ୍ଟିଦେଉଳ ବ୍ଲକର ପୂର୍ବତନ ଅଧକ୍ଷା ତଥା ରାଜ୍ୟ କମିଟି ସଭ୍ୟ ଗୋଲାପି ସାହୁଙ୍କ ସମେତ ଜିତେନ୍ଦ୍ର ଷଣ୍ଢ, ଭିକାରୀ ଚରଣ ପ୍ରଧାନଙ୍କ ସମେତ ଶତାଧିକ ମହିଳା ରାସ୍ତା ଅବରୋଧରେ ସାମିଲ ଥିଲେ। ଚଳିତମାସ ୨ ଓ ୩ ତାରିଖ ଦିନ ଡିଭିଜନ ଅଧିନରେ ଥିବା ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ୨ଦିନ ଧରି ଧାରଣା ଦିଆଯାଇଥିଲା। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଜଙ୍ଗଲ ଅଧିକାର ଆଇନ ଓ ପେସା ଆଇନ ପ୍ରବର୍ତ୍ତନ ହେବା ପରେ ଏହି ଦୁଇ ଆଇନ ଅନୁଯାୟି ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ କେନ୍ଦୁଲିଫ ଡେଭଲପମେଣ୍ଟ ବୋର୍ଡ ଗଠିତ ହୋଇଛି। ଏହି ବୋର୍ଡକୁ ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ଭାବେ ଗ୍ରହଣ କରାଯାଇଥିବା ବେଳେ ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ କେନ୍ଦୁଲିଫ କୋଅର୍ଡିନେସନ କମିଟି ନାମରେ ଅନ୍ୟ ଏକ କମିଟି ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠନ ହୋଇଛି। ତେବେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ କମିଟି ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ କମିଟିର ନିଷ୍ପତ୍ତିକୁ ପରିର୍ବନ କରାଯାଇ ରେଞ୍ଜ, ଫଡି, ସେକ୍ସନ ଉଚ୍ଛେଦ, ମଜୁରି ହ୍ରାସ ଓ ସାମାଜିକ ନିରାପତ୍ତା ପ୍ରୋତ୍ସାହନଗୁଡିକୁ ବନ୍ଦ କରିବା ନିଷ୍ପତ୍ତି ନିଆଯାଇଛି। ଏଥିଯୋଗୁଁ ହଜାର ହଜାର କର୍ମଚାରୀ ଛଟେଇ ହେବା ସହ ତୋଳଳିମାନେ ମଧ୍ୟ ଜିବିକା ହରାଇବେ। ଏହି ନିଷ୍ପି ଯୋଗୁଁ ରେଢାଖୋଲ ଡିଭିଜନର ୯ଟି ରେଞ୍ଜ ମଧ୍ୟରୁ ବଡକିରାଶିରା ଓ ରାମପୁର ୨ଟି ରେଞ୍ଜକୁ ଉଚ୍ଛେଦ କରାଯାଇଥିବା ବେଳେ ବୈଷ୍ଣବଖୋଲି, ଭାଲୁଗାଡିଆ, ତେନ୍ତୁଲାଖୋଲ, ଘିଚାପାଲି, କୁଞ୍ଜାମୁରା, ମହୁଲପାଲି, ପଣ୍ଡୁଆଖୋଲ ଓ ଚରଡପଶି ପ୍ରଭୃତି ୮ଟି ଫଡିଘର ବନ୍ଦ କରାଯାଇଛି। ଫଳରେ ୨ ଜଣ ହେଡଚେକର, ୫ ସର୍କଲଚେକର, ୫ ଚେକର, ୮ ମୁନସି, ୮ ଚପରାସି ଓ ସର୍ବୋପରି ୬୧୭ କେନ୍ଦୁପତ୍ର ତୋଳାଳି ଓ ୨୩୦ ଜଣ ଗୋଛା କଟାଳି ଜିବିକା ହରାଇବେ। ଏଥି ସହିତ ଅଢେଇମାସର କାର୍ଯ୍ୟ କରୁଥିବା ୩୦ ଜଣ ସେକ୍ସନ ୱାଚରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ସଂଘ ରାଜ୍ୟ ସମ୍ପାଦକ ଅନାଦି ଚରଣ ସାହୁ ଏକ ପ୍ରେସ ବିବୃତି ମାଧ୍ୟମରେ ଅଭିଯୋଗ କରିଛନ୍ତି।

## କଏଦୀଙ୍କୁ ମାଡ଼ ମାରି ନିଲମ୍ବିତ ହେଲେ ଜେଲ କର୍ମଚାରୀ

**ସମ୍ବଲପୁର,୧୧।୩(ବ୍ୟୁରୋ):** ସମ୍ବଲପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା କଏଦୀ ଅଭିଷେକ ବେହେରାଙ୍କୁ ଜଣେ ଜେଲ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜେଲ କର୍ତ୍ତୃପକ୍ଷ ଜେଲ କର୍ମଚାରୀ ସ୍ମୃତିସ୍ୱରୂପ ପ୍ରଧାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ଶନିବାର ଡ୍ୟୁଟିରେ ଥିବା ସ୍ମୃତିସ୍ୱରୂପ କୌଣସି କାରଣକୁ ନେଇ ଅଭିଷେକଙ୍କୁ ଏକ ବାଡିରେ ବାଡେଇ ଥିଲେ। ଫଳରେ ତାଙ୍କ ହାତ ଓ ଗୋଡରେ ଗଭୀର ଆଘାତ ଲାଗିଥିଲା। ଏନେଇ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲାରେ ଭର୍ତ୍ତି କରିଥିଲେ। ୩ ଦିନ ଚିକିତ୍ସା ପରେ ସେ ଜେଲକୁ ଫେରିଛନ୍ତି।



ଅଭିଷେକ ବେହେରା।

## ଫଟୋରେ ଖବର



ବୁଧବାର ସମ୍ବଲପୁର-ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସରେ କେନ୍ଦୁପତ୍ର ସଂଘ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।



ସମ୍ବଲପୁର- ଦେବଗଡ ରାସ୍ତାରେ କେନ୍ଦୁପତ୍ର ସଂଘ ଆନ୍ଦୋଳନକାରୀମାନେ ଚାରି ଚକିଆ ଯାନ ଅଟକାଉଛନ୍ତି।



ସମ୍ବଲପୁର ବିର୍ସାମୁଣ୍ଡା ଛକରେ ଯାତ୍ରୀମାନେ ଚାଲି ଚାଲି ଯାଉଛନ୍ତି।



ସମ୍ବଲପୁର- ବରଗଡକୁ କେନ୍ଦୁପତ୍ର ସଂଘ ପକ୍ଷରୁ ଅବରୋଧ କରାଯାଇଥିବାରୁ ଭାରିଯାନ ଅଟକି ରହିଛି।



ସମ୍ବଲପୁରରେ ବାଳିକାମାନେ ହୋଲି ଖେଳୁଛନ୍ତି।



ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଭାରତ ବିକାଶ ପରିଷଦ ଓ ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ଶ୍ରୀରାମ କଥା କାର୍ଯ୍ୟକ୍ରମରେ ପ୍ରବଚକ ଓ କର୍ମକର୍ତ୍ତାମାନେ।




ୟୁନିଭର୍ସିଟି ଅଫ୍ ସିଡ୍ନୀର ବିଶେଷଜ୍ଞଙ୍କ ଦ୍ୱାରା ଜର୍ନାଲ ଅଫ୍ ଏନର୍ଜି ଷ୍ଟୋରେଜରେ ପ୍ରକାଶିତ ଏକ ତଥ୍ୟରୁ ଜଣାପଡିଛି ଯେ,ଏବେ ପଣସରୁ ବିଜୁଳି ଉତ୍ପାଦନ କରାଯାଇ ପାରିବ। ଆଉ ଏହି ବିଜୁଳି ମାଧ୍ୟମରେ ଛୋଟ ଛୋଟ ଇଲୋକ୍ଟ୍ରୋନିକ୍ସ ଉପକରଣକୁ ଚାର୍ଜ କରାଯାଇ ପାରିବ। ସୁପର କାପାସିଟର ବିଜୁଳିର ଏମିତି ଏକ ସ୍ରୋତ ଯାହା ସୂଚାରୁରୂପେ ବିଦ୍ୟୁତ ପ୍ରବାହ ଜାରି ରଖିଥାଏ। ଏହା ବ୍ୟାଟେରୀର ଛୋଟ ଡିଭାଇସ ଭିତରେ ଅଧିକ ମାତ୍ରାରେ ବିଜୁଳି ସଂଗ୍ରହ କରିଥାଏ। ଫଳରେ ଅଳ୍ପ ସମୟ ମଧ୍ୟରେ ଛୋଟ ଇଲୋକ୍ଟ୍ରୋନିକ୍ସ ଉପକରଣ ଚାର୍ଜ ହୋଇଥାଏ। ଏଥିପାଇଁ ଗ୍ରୀନ ଇଞ୍ଜିନିୟରିଂ ପଦ୍ଧତି ବ୍ୟବହାର କରାଯାଇଥିବା ବିଶେଷଜ୍ଞମାନେ କହିଛନ୍ତି।



# ୪ ଟଙ୍କା ପାଇଁ ୮ ମାସର ଲଢ଼େଇ

**ଗ୍ୱାଲିୟର:** ମାତ୍ର ୪ ଟଙ୍କା ୧୦ ପଇସା ପାଇଁ ଆଠ ମାସର ଆଇନଗତ ଲଢେଇ । କଥାଟା ଶୁଣିବାକୁ ଅଜବ ଲାଗୁଥିଲେ ବି ବାସ୍ତବରେ ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶର ଗ୍ୱାଲିୱରରେ । ଏଇ ଅଞ୍ଚଳର ଆନନ୍ଦ ପ୍ରତାପ ସିଂହ ନାମକ ଜଣେ ବ୍ୟକ୍ତି ରିଲାଏନ୍ସ ମାର୍ଟରୁ ଗତ ବର୍ଷ ମେ ମାସରେ ୩ ହଜାର ୭୪୬ ଟଙ୍କା ୫୦ ପଇସାର ସାମଗ୍ରୀ କିଣିଥିଲେ । କିନ୍ତୁ ଘରକୁ ଯାଇ ବିଲ୍ ଚେକ୍ କରିବାରୁ ଜାଣିଥିଲେ ଯେ, ସେ କିଣିଥିବା ଏକ ହେୟାର ବ୍ୟାଣ୍ଡର ମୂଲ୍ୟ ୨୨ ଟଙ୍କା ଥିଲାବେଳେ ବିଲରେ ତାଙ୍କ ଠାରୁ ୨୬ ଟଙ୍କା ୧୦ ପଇସା ନିଆଯାଇଥିଲା । ଏଇ ଅଭିଯୋଗ ନେଇ ସେ ରିଲାଏନ୍ସ ମାର୍ଟକୁ ଯାଇଥିଲେ ଏବଂ ତାଙ୍କ ଠାରୁ କାହିଁକି ୪ ଟଙ୍କ ୧୦ ପଇସା ଅଧିକ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ । କିନ୍ତୁ ଆନନ୍ଦଙ୍କର ଏଇ ଅଭିଯୋଗ ପରେ ତାଙ୍କୁ ମାର୍ଟ ପକ୍ଷରୁ ଅଭଦ୍ର ବ୍ୟବହାର କରାଯାଇଥିଲା । ଫଳରେ ସେ ଜିଲା ଉପଭୋକ୍ତା ଫୋରମ୍‌ରେ ଅଭିଯୋଗ କରିଥିଲେ । ଶେଷରେ ୮ମାସର ନ୍ୟାୟିକ ବିଚାର ପ୍ରକ୍ରିୟା ପରେ ଫୋରମ ପକ୍ଷରୁ ମାର୍ଟକୁ ଆନନ୍ଦଙ୍କର ୪ ଟଙ୍କା ୧୦ ପଇସା ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।



# କରୋନା ସଚେତନତା ବାର୍ତ୍ତା

## ଠାକୁର ପିନ୍ଧିଲେ ମାସ୍କ

**ବାରାଣସୀ:** କରୋନା ଭୂତାଣୁ ସଂକ୍ରମଣ ଭୟରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଉଛି। ଏନେଇ ବିଜ୍ଞାପନଠାରୁ ଆରମ୍ଭ କରି ମୋବାଇଲ ଟୋନ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହା ସହିତ ଆଲିଙ୍ଗନ ଏବଂ କାହା ସହିତ ହାତ ମିଳାଇବାକୁ ବି ବାରଣ କରାଯାଉଛି। ଏପରିସ୍ଥଳେ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରସାର କରିବା ଲାଗି ବାରାଣସୀର ପହଲାଦେଶ୍ୱର ମହାଦେବ ମନ୍ଦିରରେ ଠାକୁରଙ୍କୁ ମାସ୍କ ପିନ୍ଧା ଯାଇଛି। ଏହା ସହିତ ଠାକୁରଙ୍କୁ ଛୁଇଁବା ଲାଗି ଶ୍ରଦ୍ଧାଳୁଙ୍କୁ ମନା କରାଯାଇଛି ବୋଲି ପୂଜାରୀ କୃଷ୍ଣା ଆନନ୍ଦ ପାଣ୍ଡେ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ କରୋନା ଭାଇରସ୍ ନେଇ ସଚେତନ କରାଯାଇପାରିବ। ଖରାଦିନେ ଠାକୁରଙ୍କ ପାଖରେ ଏସି ଏବଂ ଶୀତଦିନେ ଠାକୁରଙ୍କୁ ପୋଷାକ ପିନ୍ଧାଇ ସଚେତନତା ସୃଷ୍ଟି କରାଯାଇଥାଏ ବୋଲି ସେ କହିଛନ୍ତି।



# ମାଗଣାରେ ମାସ୍କ ବାଣ୍ଟୁଛନ୍ତି କ୍ୟାବ୍ ଡ୍ରାଇଭର

**ବେଙ୍ଗାଲୁରୁ:** କରୋନା ଭାଇରସ୍ ଭୟରେ ଏବେ ସବୁଆଡେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ଲୋକେ ସତର୍କତା ସ୍ୱରୂପ ମାସ୍କ କିଣି ପିନ୍ଧୁଛନ୍ତି । କେତେକ ସ୍ଥାନରେ ଲୋକେ ଏତେ ସଂଖ୍ୟାରେ ମାସ୍କ କିଣୁଛନ୍ତି ଯେ ବଜାରରେ ମାସ୍କ ଅଭାବ ଦେଖାଦେଇଛି । ଏଭଳି ଏକ ସମୟରେ ଲୋକଙ୍କୁ ମାଗଣାରେ ମାସ୍କ କିଣି ବାଣ୍ଟୁଛନ୍ତି ବାଙ୍ଗାଲୋରର ଜଣେ କ୍ୟାବ୍ ଡ୍ରାଇଭର । ଡ୍ରାଇଭରଙ୍କ ନାଁ ହେଉଛି ଆଜମ ଖାନ୍ । ସେ ତାଙ୍କ କ୍ୟାବରେ ଯାଉଥିବା ସମସ୍ତ ଯାତ୍ରୀଙ୍କୁ ମାଗଣାରେ ମାସ୍କ ବାଣ୍ଟୁଛନ୍ତି । ଆଜମ ଥରେ ତାଙ୍କ ପାଖରେ ଥିବା ଏକ ନୂଆ ମାସ୍କକୁ ଜଣେ ଯାତ୍ରୀଙ୍କୁ ଦେଇଥିଲେ । ଏହାପରେ ସେ ଚିନ୍ତା କରିଥିଲେ କି ମାସ୍କ ଆବଶ୍ୟକତା ଥିବା ସମସ୍ତ ଯାତ୍ରୀଙ୍କୁ ସେ ମାସ୍କ ବାଣ୍ଟିବେ । ଏହା ପରଠାରୁ ସେ ପ୍ରତିଦିନ ପ୍ରାୟ ୧୦ ରୁ ଅଧିକ ମାସ୍କ କିଣୁଛନ୍ତି ଏବଂ ଯେଉଁ ଯାତ୍ରୀମାନଙ୍କ ପାଖରେ ମାସ୍କ ନଥାଏ ସେମାନଙ୍କୁ ଦେଇଥାନ୍ତି । ଆଜମଙ୍କ ମତରେ କ୍ୟାବରେ ସବୁ ପ୍ରକାରର ଲୋକ ଆସୁଛନ୍ତି । ତେଣୁ ଏଠାରେ ସଂକ୍ରମଣର ଆଶଙ୍କା ଅଧିକ ରହିଛି । ତେଣୁ ସମସ୍ତଙ୍କୁ ସଚେତନ କରିବା ନିହାତି ଜରୁରୀ ହୋଇଥିବାରୁ ସେ ନିଜ ହାତରୁ ଖର୍ଚ୍ଚ କରି ଏହି ପଦକ୍ଷେପ ନେଉଛନ୍ତି ।



# କିଡ୍ନୀ ରୋଗ ବିଶ୍ୱ ପାଇଁ ଚିନ୍ତାର ବିଷୟ

## ବିଶ୍ୱ କିଡ୍ନୀ ଦିବସ



ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାର ଅର୍ଥାତ ୧୨ତାରିଖରେ ବିଶ୍ୱ କିଡ୍ନୀ ଦିବସ ପାଳନ କରାଯାଉଛି। ୨୦୨୦ର ମନ୍ତ୍ର ହେଉଛି,‘କିଡ୍ନୀର ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଓ ସବୁ ସ୍ଥାନରେ’। କିଡ୍ନୀର ଯତ୍ନ କେମତି ନିଆଯାଏ ଏବଂ ଏହି ରୋଗର କାରଣ, ଲକ୍ଷଣ ଓ ପ୍ରତିଷେଧକ ବିଷୟରେ ସମସ୍ତଙ୍କୁ ଏହି ଦିବସରେ ଅବଗତ କରାଯାଏ। ସାଧାରଣ ପରୀକ୍ଷା ମାଧ୍ୟମରେ କିଡ୍ନୀ ରୋଗକୁ ଯେମିତି ଜାଣିହେବ , ତାହା ଛୋଟ ଛୋଟ ଡାକ୍ତରଖାନାରେ ଉପଲବ୍ଧ ହେବା ଦରକାର। ଯାହାଦ୍ୱାରା ପ୍ରାଥମିକ ପର୍ଯ୍ୟାୟରୁ ଏହି ରୋଗ ନିରୂପଣ କରିବା ସହଜ ହୋଇପାରିବ।

ସାରା ବିଶ୍ୱରେ ୮୫ କୋଟି ଲୋକ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଭାରତରେ ପ୍ରତି ୧୦ ଲକ୍ଷ ଲୋକସଂଖ୍ୟାରେ ୮୦୦ ଜଣ ଏହି ରୋଗରେ ପୀଡିତ। ଏଥିମଧ୍ୟରୁ ୧୫୦ରୁ ୨୩୦ ଜଣ ଡାଏଲିସିସ୍ କିମ୍ବା କିଡ୍ନୀ ପ୍ରତିରୋପଣ ଆବଶ୍ୟକ କରୁଛନ୍ତି। ପ୍ରତିବର୍ଷ ୧ ଲକ୍ଷ ଲୋକ ‘ଏଣ୍ଡ ଷ୍ଟେଟ୍ କିଡ୍ନୀ’ ରୋଗରେ ପୀଡିତ ହେବା ଲକ୍ଷ୍ୟକରାଯାଉଛି, ଯେଉଁମାନଙ୍କ କିଡ୍ନୀ ସମ୍ପୂର୍ଣ୍ଣ ଖରାପ ହୋଇଯାଉଛି। ଏଣୁ ସାମ୍ପ୍ରତିକ ସମୟରେ ଏତେ ସଂଖ୍ୟକ ଲୋକ କିଡ୍ନୀ ରୋଗରେ ଆକ୍ରାନ୍ତ ହେବା ବିଶ୍ୱ ପାଇଁ ଚିନ୍ତାର ବିଷୟ।

କିଡ୍ନୀ ସମ୍ପୂର୍ଣ୍ଣ ଖରାପ ହୋଇଗଲେ ଏହାର କେବଳ ପ୍ରତିକାର ହେଉଛି ଡାଏଲିସିସ କିମ୍ବା କିଡ୍ନୀ ପ୍ରତିରୋପଣ । ଏଣୁ କିଡ୍ନୀ ରୋଗ ନ ହେବା ପାଇଁ ପ୍ରତିଷେଧକ କିମ୍ବା ରୋଗ ହେଲେ ତତ୍‌କ୍ଷଣାତ ନିରୂପଣ କରି ଚିକିତ୍ସା କରିବା ଉପରେ ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଏ। ଉଚ୍ଚରକ୍ତ ଚାପ , ଡାଇବେଟିସ ୪୦ରୁ ୬୦ ପ୍ରତିଶତ କିଡ୍ନୀ ରୋଗର ମୁଖ୍ୟ କାରଣ। ଅନ୍ୟ ରୋଗ ଯଥା,ଗ୍ଲୋମେରୁଲୋନେଫ୍ରାଇଟିସ, କିଡ୍ନୀ ଷ୍ଟୋନ୍ ଡିଜିଜ, ଏଡିପିକେଡି, ସିକେଡି ଅଫ୍ ଅନ୍‌ନୋନ୍ ଅରିଜିନ ଆଦି କିଡ୍ନୀ ରୋଗର କାରଣ ହୋଇପାରେ। ଗୋଡ଼ ଓ ମୁହଁ ଫୁଲିବା,ପରିସ୍ରାରେ ଫେଣ ହେବା, କମ୍ ବ୍ରୟସ୍କ ବ୍ୟକ୍ତିଙ୍କୁ ଉଚ୍ଚରକ୍ତଚାପ, ଅଣନିଃଶ୍ୱାସୀ ଲାଗିବା,ରକ୍ତହୀନତା,ବାନ୍ତି ଲାଗିବା, ବାନ୍ତି ହେବା, ଭୋକ ନ ଲାଗିବା, ଦୁର୍ବଳତା, ଗଣ୍ଠିବ୍ୟଥା, ଦେହ କୁଣ୍ଡାଇ ହେବା ଆଦି ଲକ୍ଷଣ ଏହି ରୋଗର ଲକ୍ଷଣ। କିଡ୍ନୀ ରୋଗ ଆରମ୍ଭରେ ରୋଗୀ ପାଖରେ ଲକ୍ଷଣ ପ୍ରାୟ ନ ଥାଏ। ରୋଗୀ ଅନ୍ୟ ରୋଗ ଲାଗି ପରୀକ୍ଷା କରିବା ସମୟରେ କିଡ୍ନୀ ଖରାପ ହେବା ଜଣାପଡିଥାଏ। ଏହି କାରଣରୁ ରୋଗ ନିରୂପଣ କରିବାରେ ବିଳମ୍ବ ହୋଇଯାଏ। ଅଧିକାଂଶ ରୋଗୀଙ୍କର ରୋଗ ନିରୂପଣ ବେଳକୁ ୫୦ ପ୍ରତିଶତ କିଡ୍ନୀ ଖରାପ ହୋଇସାରିଥାଏ। ଏଣୁ ଏହି ରୋଗ ପ୍ରତି ସତର୍କ ରହି ପ୍ରୋଟିନ ଟିସ୍ୟୁ,ରକ୍ତରେ ୟୁରିଆ,କ୍ରିଏଟିନିନ୍, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା ମାଧ୍ୟମରେ ଏହାକୁ ନିରୂପଣ କରି ତୁରନ୍ତି ଚିକିତ୍ସା କରିବା ଉଚିତ। ଆମକୁ କିଡ୍ନୀକୁ ସୁସ୍ଥ ରଖିବା ଲାଗି ଯତ୍ନବାନ ହେବାକୁ ପଡିବ। ଏଥିପାଇଁ ଓଜନ କମାନ୍ତୁ। ଡାଇବେଟିସ ଥିଲେ ଏଚ୍‌ବିଏ-୧ ସି, ପରିସ୍ରାରେ ମାଇକ୍ରୋ ଆଲବୁମିନ୍, ସିରମ୍ କ୍ରିଏଟିନିନ୍ ଆଦି ବର୍ଷକୁ ଥରେ ପରୀକ୍ଷା କରନ୍ତୁ। କୋଲେଷ୍ଟ୍ରରଲ ନିୟନ୍ତ୍ରଣ କରନ୍ତୁ। ଦିନକୁ ୨-୩ ଲିଟର ପାଣି ପିଅନ୍ତୁ। ସବୁଜ ପରିବା ଖାଆନ୍ତୁ। ଧୂମପାନ ବନ୍ଦ କରନ୍ତୁ। ଅଧିକ ୟୁରିକ ଏସିଡ୍ ଥିଲେ କମ୍ ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**- ଡା. ବିବେକାନନ୍ଦ ପଣ୍ଡା, ବରିଷ୍ଠ କିଡ୍ନୀ ରୋଗ ବିଶେଷଜ୍ଞ,**
**ଆପୋଲୋ ହସ୍ପିଟାଲ , ଭୁବନେଶ୍ୱର**
ମୋ-୯୪୩୮୦୩୯୭୬୭

# ୩୧ ବର୍ଷରେ ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ




**ୱାଶିଂଟନ:** ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ(ୱାର୍ଲ୍ଡ ୱାଇଡ୍ ୱେବ୍)କୁ ଗୁରୁବାର ୩୧ ବର୍ଷ ପୂରଣ ହୋଇଛି। ୧୯୮୯ ମାର୍ଚ୍ଚ ୧୨ରେ ଏହାର ସ୍ଥାପିତ ହୋଇଥିଲା। ଏଭଳି ୱେବସାଇଟ୍ ସହିତ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସଫଳତା ହାସଲ କରିପାରିଛି। ଇଣ୍ଟରନେଟ୍ ଅନେକ ପୂର୍ବରୁ ଆସିଥିଲେ ମଧ୍ୟ ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ ଆସିବା ପରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏହାକୁ ଇଂଲଣ୍ଡ ବାସିନ୍ଦା ଟିମ୍ ବର୍ନର ପ୍ରସ୍ତୁତ କରିଥିଲେ। ଦୁନିଆର ପ୍ରଥମ ୱେବ ସାଇଟ୍ http://info.cern.ch/hypertext/WWW/TheProject.html ୧୯୯୧ ଅଗଷ୍ଟ ୬ରେ ପବ୍ଲିଶ୍ ହୋଇଥିଲା।

# ଭାଲୁ ବେଶରେ ଆଇଟିବିପି ଯବାନ




**ଡେରାଡୁନ୍:** ଉତ୍ତରାଖଣ୍ଡରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସେମାନେ ଲୋକଙ୍କ ଘରେ ପଶି ଖାଦ୍ୟ ପଦାର୍ଥ ଛଡ଼ାଇ ନେବା ସହିତ ନାନା ପ୍ରକାର ହଇରାଣ କରୁଛନ୍ତି। ଲୋକେ ମାଙ୍କଡ଼ଙ୍କ ଆତଙ୍କରେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇଟିବିପି ୭ ବାଟାଲିୟନ ଯବାନ ଭାଲୁ ପୋଷାକ ପିନ୍ଧି ମାଙ୍କଡ଼ ତଡ଼ିବା କାମରେ ଲାଗିଛନ୍ତି। ଯବାନମାନେ ଭାଲୁ ପୋଷାକ ପିନ୍ଧି ଏଭଳି କରୁଥିବାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ୨ ମିନିଟ ୧୭ ସେକେଣ୍ଡର ଏହି ଭିଡ଼ିଓକୁ ବହୁ ୟୁଜର ଲାଇକ୍ କରିବା ସହିତ ସକାରାତ୍ମକ କମେଣ୍ଟ ମଧ୍ୟ ଦେଇଛନ୍ତି।

# ଧୂମପାନ କରୁଥିବା ବ୍ୟକ୍ତିଙ୍କ ପୋଷାକ ବି କ୍ଷତିକାରକ



**ୱାଶିଂଟନ:** ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ହେଲେ ଯେଉଁମାନେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ନିକଟରେ ଥାଆନ୍ତି ସେମାନଙ୍କ ପାଇଁ ବି ଏହା କ୍ଷତିକାରକ ହୋଇଥାଏ । ଏବେ ଆମେରିକାର ୟେଲେ ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଧୂମପାନ କରୁଥିବା ବ୍ୟକ୍ତିଙ୍କ ପୋଷାକ ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବିଶେଷଜ୍ଞ ପ୍ରଫେସର ଡ୍ରିୟୁ ଗ୍ରେଟର କହିଛନ୍ତି, ଜଣେ ବ୍ୟକ୍ତି ଧୂମପାନ କରିବା ପରେ ତାଙ୍କ ପୋଷାକରୁ ହାନିକାରକ କେମିକାଲ୍ସ ନିର୍ଗତ ହୋଇଥାଏ। ଯାହା ଉଭୟ ଧୂମପାନ କରୁଥିବା ବ୍ୟକ୍ତି ଓ ତାଙ୍କ ନିକଟରେ ଥିବା ଲୋକଙ୍କ ପାଇଁ କ୍ଷତିକାରକ। ଜଣେ ବ୍ୟକ୍ତି ଯଦି ଧୂମ୍ରପାନ କରି କୌଣସି ସିନେମା ହଲ୍‌କୁ ପ୍ରବେଶ କରିଛନ୍ତି, ତେବେ ତାଙ୍କ ପୋଷାକରୁ ନିର୍ଗତ କେମିକାଲ୍ସ ଏକାଥରେ ୧୦ଟି ସିଗାରେଟରୁ ବାହାରୁଥିବା ଧୂଆଁ ସହ ସମାନ। ଏମାନଙ୍କ କପଡାରୁ ବାହାରୁଥିବା କେମିକାଲ୍‌ସର ପ୍ରଭାବ ଡିଏନ୍‌ଏ ଉପରେ ପଡିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହାସହ କ୍ୟାନସର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ। ଅନ୍ୟପଟେ ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ନିକଟରେ ପ୍ରାୟ ୫୦ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ନିଜ ସ୍ୱୟଂବର କଥା କହିଲେ ତମନ୍ନା

**ମୁମ୍ବାଇ:** ସାଉଥ୍ ଫିଲ୍ମରୁ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ତମନ୍ନା ଭାଟିଆଙ୍କୁ ନେଇ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚା ଜାରି ରହିଛି। କିଛିଦିନ ତଳେ ଏକ ସାକ୍ଷାତ୍‌କାରରେ ତମନ୍ନାଙ୍କୁ ତାଙ୍କ ସ୍ୱୟମ୍ବର ସମ୍ପର୍କରେ ପଚରା ଯାଇଥିଲା। ସ୍ୱୟମ୍ବରରେ ସେ କେଉଁ ଅଭିନେତାଙ୍କୁ ସାମିଲ କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନରେ ତମନ୍ନା ବେଶ୍ ମଜାଳିଆ ଉତ୍ତର ଦେଇଥିଲେ। ସେ କହିଥିଲେ ଯଦି ମୋର ସ୍ୱୟମ୍ବର ହୁଏ; ତେବେ ସେଥିରେ ହ୍ରିତିକ୍ ରୋଶନ, ପ୍ରଭାସ ଏବଂ ଭିକ୍କି କୌଶଳଙ୍କୁ ନିଶ୍ଚିତ ଭାବେ ସାମିଲ୍ କରାଯିବ। ତମନ୍ନା ଏହି ଉତ୍ତର ଦେବା ସହିତ ଅନ୍‌ସ୍କ୍ରିନ୍‌ରେ ନୋ କିସିଂ ପଲିସିକୁ ଜୋର୍ ଦେଉଥିବା କହିଛନ୍ତି।



## ନୂଆ ସିନେମା

# ମୁଁ ଅଭିନେତ୍ରୀ


ପ୍ରିୟଙ୍କା ପ୍ରିୟଦର୍ଶିନୀ

**ଶା**ରଳା ପ୍ରଡକ୍ସନ ପ୍ରଯୋଜିତ ଏବଂ ଏସ୍‌ବିଏସ୍ ଏଣ୍ଟରଟେନମେଣ୍ଟ ନିବେଦିତ ନୂଆ ଓଡ଼ିଆ ସିନେମା 'ମୁଁ ଅଭିନେତ୍ରୀ'ର ଶୁଟିଂ ଆରମ୍ଭ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ନାୟକଙ୍କ କାହାଣୀକୁ ଆଧାରକରି ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ମିଷ୍ଟର ରାଜୁ ଫେମ୍ ଅଶୋକ ମଲ୍ଲିକ। ଚିତ୍ରର ମେଲ୍ ଲିଡ୍‌ରେ ଜ୍ୟୋତି ନାୟକ ଏବଂ ଅଭିଷେକ ରଥ ରହିଥିବା ବେଳେ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରିୟଙ୍କା ପ୍ରିୟଦର୍ଶିନୀ। ଏମାନଙ୍କ ବ୍ୟତୀତ ସଙ୍ଗୀତା, ଉତ୍ତମ ମହାନ୍ତି, ଅସିତ ପତି, ବିଜୁ ବଡଜେନା, ବ୍ରଜ ସିଂ, ଦେବୁ ବ୍ରହ୍ମା, ଅରବିନ୍ଦ ଷଡ଼ଙ୍ଗୀ, ବୁଲୁ ପଣ୍ଡା, କୁସୁମ ତ୍ରିପାଠୀ, ପୁଷ୍ପା ପଣ୍ଡା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଅରୁଣ ମନ୍ତ୍ରୀ, ମୋହିତ ଚକ୍ରବର୍ତ୍ତୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତିଭୂଷଣ ଗଡ଼ନାୟକ। ଏହାପୂର୍ବରୁ ଅଶୋକ ଓଡ଼ିଆ ଚଳଚ୍ଚିତ୍ର 'ଏଇ ମିଳନ ଯୁଗ ଯୁଗର', 'ମୁଁ ଗୋଟିଏ ଦୁଷ୍ଟ ପିଲା', 'ମିଷ୍ଟର ଅନାଡ଼ି'ର ନିର୍ଦ୍ଦେଶନା ଦେଇସାରିଛନ୍ତି।


ଦିଶା

## ଖୁସି ଅନ୍ତରାଳେ..

**ବେ**ଳେ ବେଳେ ମଣିଷ ଯାହା ଭାବୁଥାଏ ତାହା ସତରେ ପରିଣତ ହୁଏ। ସେଗୁଡ଼ିକ ମଧ୍ୟରୁ କେତେକରେ ସୁଖ ଅନୁଭୂତି ଥାଏ ତ କେତେକ ମନକୁ ଦୁଃଖରେ ଭାରାକ୍ରାନ୍ତ କରିଦିଏ। ହେଲେ ବେଶ୍ କିଛିଦିନ ଧରି ଦିଶା ପଟାନି ଯାହା ମନେ ମନେ ଭାବୁଥିଲେ ତାହା ସତରେ ପରିଣତ ହୋଇଛି ଆଉ ତା'ପରେ ତାଙ୍କର ଖୁସି କହିଲେ ନ ସରେ। କଥା କ'ଣ କି ଜନ୍ ଆବ୍ରାହମ୍‌ଙ୍କୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା 'ଏକ ଭିଲେନ୍-୨'ର ଫିମେଲ୍ ଲିଡ୍‌ରେ ଅଭିନୟ କରିବାକୁ ସେ ଚୁକ୍ତିବଦ୍ଧ ହୋଇଛନ୍ତି। ସାଇନ୍ ପରେ ଦିଶା ନିଜ ମନ କଥା କହିବାକୁ ପଛାଇ ନ ଥିଲେ। 'ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ଆଶା ରଖିଥିଲି, ଯାହା ଏବେ ପୂରଣ ହୋଇଛି। ଏ ନେଇ ଜନ୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ବୋଲି କହିଛନ୍ତି ଦିଶା।' ଏହି ଫିଲ୍ମରେ ଆଦିତ୍ୟ ରୟ କପୁର ଏବଂ ତାରା ସୁଟାରିଆ ମଧ୍ୟ ଅଭିନୟ କରୁଛନ୍ତି।

# ସ୍ୱାଗତମ୍


ସ୍ୱିଟି-ଦେବ୍

**ଅ**ନନ୍ତ କୁମାର ସାମଲ ଏବଂ ରାକେଶ କୁମାର ରାୟଙ୍କ ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ସ୍ୱାଗତମ୍-ୱେଲକମ୍ ଟୁ ମ୍ୟାରେଜ ପାର୍ଟି'। ଅନନ୍ତ ଭାରତୀ କ୍ରିଏଶନ ବ୍ୟାନରରେ ଚିତ୍ରଟିର ନିର୍ଦ୍ଦେଶନା ଦେବେ ବିଶ୍ୱ ମହାରଣା। ବାପୁ ଗୋସ୍ୱାମୀ ଏବଂ ଡ. ସୁବୋଧ ଦାଶଙ୍କ ଗୀତଗୁଡି ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ହାପି ମିଶ୍ର। 'ଲଭ୍ ଟ୍ୱିଷ୍ଟ'ରୁ ଓଲିଉଡ୍‌ରେ ଏଣ୍ଟ୍ରି କରିଥିବା ଦେବ୍ ଏହି ନୂଆ ସିନେମାର ନାୟକ ସାଜିବେ। ଫିମେଲ ଲିଡ୍‌ରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ନବାଗତା ସ୍ୱିଟି। ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଜୀବନ ପଣ୍ଡା, ଜୟପ୍ରକାଶ ଦାସ, ପୁଷ୍ପା ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଜ୍ଞା, ବିଜୁ ବଡଜେନା, ତୃପ୍ତି ମିଶ୍ର, ଟୁଙ୍ଗା, ଗୁଚ୍ଛୁ ପ୍ରମୁଖ କଳାକାର ଅଭିନୟ କରିବେ। ଏକ ମ୍ୟାରେଜ ପାର୍ଟିରେ ଘଟୁଥିବା ଘଟଣାକୁ ଆଧାର କରି କାହାଣୀ ଗତିଶୀଳ। ଏଥିରେ ରୋମାନ୍ସ, କମେଡି, ଫ୍ୟାମିଲି ଡ୍ରାମା ରହିଛି।

# କଥା ୩୦ ବର୍ଷର


ଡ. ରଜନୀ ରଞ୍ଜନ

**ଦେଖୁ** ଦେଖୁ ୟା ଭିତରେ ୩୦ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଜଣେ ଗୀତିକାର ଭାବରେ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ନିଜକୁ ଜଣେ ଆଗଧାଡିର ସଂଳାପକାର ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ଡ. ରଜନୀ ରଞ୍ଜନ। ଇତିମଧ୍ୟରେ ସେ ୭୧ଟି (୬୦ଟି ରିଲିଜ ହୋଇସାରିଛି) ଊର୍ଦ୍ଧ୍ୱ ଚଳଚ୍ଚିତ୍ରର ସଂଳାପ ରଚନା କରିସାରିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ ବୋଲି ଗଣନା କରାଯାଉଛି । କେବଳ ସେତିକି ନୁହେଁ, ୧୫ଟି ସିନେମାର ଗୀତ ରଚନା କରି ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏ ସମ୍ପର୍କରେ ରଜନୀ କହନ୍ତି, 'ଓଡ଼ିଆ ସିନେମା ସହ ମୁଁ ୩୦ବର୍ଷ ଧରି ଜଡ଼ିତ। ସୁଖ-ଦୁଃଖ ମିଶ୍ରିତ ଅନୁଭୂତିକୁ ନେଇ ମୋର ଏହି ଯାତ୍ରା ସାରା ଜୀବନ ପାଇଁ ସ୍ମରଣୀୟ ହୋଇ ରହିବ। ଖାସ୍ କଥା ହେଲା, ପ୍ରତିଟି ସିନେମାରେ ମୁଁ ଡାଏଲଗ୍‌କୁ ନେଇ ଏକ୍ସପେରିମେଣ୍ଟ କରିଥାଏ। କାରଣ ମୁଁ ଚାହେଁ, ସିନେପ୍ରେମୀ ଏପରି ସଂଳାପ ଶୁଣନ୍ତୁ, ଯାହା ସେମାନଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିବ। ସେମାନଙ୍କର ଭଲ ପାଇବାକୁ ପାଥେୟ କରି ଆଗେଇ ଚାଲିଛି।' ତାଙ୍କ ରଚିତ ସଂଳାପକୁ ଆଧାର କରି ୬ଟି ସିନେମା (ଶହୀଦ ରଘୁ ସର୍ଦ୍ଦାର, ତୁ ମୋ ଡ୍ରିମ ଗାର୍ଲ, ଟିକେ ଲଭ୍ ଟିକେ ଟ୍ୱିଷ୍ଟ, ପଲ୍ ପଲ୍ ତତେ ଚାହେଁ, ହେ ବନ୍ଧୁ ବିଦାୟ, ଅଙ୍ଗୁର ନ ଖାଇଲେ ଖଟା) ରିଲିଜ ଅପେକ୍ଷାରେ ରହିଛି। ଓଡ଼ିଆ ଚଳଚ୍ଚିତ୍ର 'ଏ ମନ ମାନେନା', 'ସଞ୍ଜୁ ସଞ୍ଜନା', 'ପ୍ରେମ ରୋଗୀ', 'ନନ୍ଦିନୀ ଆଇ ଲଭ୍ ୟୁ', ପ୍ରେମ ଅଢ଼େଇ ଅକ୍ଷର', 'ଲୋଫର', 'ଚାମ୍ପିୟନ', 'ପିଲାଟା ବିଗିଡ଼ି ଗଲା', 'ଝିଅଟା ବିଗିଡ଼ି ଗଲା', 'ଫୋର ଇଡିୟଟସ', 'ଜୟ ଜଗନ୍ନାଥ', 'ଟାଇଗର', 'ଦିଲ୍ କା ରାଜା' 'ତୁ ମୋ ସୁନା ଚଢ଼େଇ' ଏବଂ 'ତୁ ମୋ ହିରୋ' ଆଦି ସିନେମାରେ ରଜନୀଙ୍କ ସଂଳାପ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ଅପରପକ୍ଷରେ ସେ ସଂଳାପ ଏବଂ ଗୀତ ପାଇଁ ଦୁଇ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି। ନିକଟରେ ସେ ୬୦ବର୍ଷ ବୟସରେ ପ୍ରଦାର୍ପଣ କରିଛନ୍ତି। ତେବେ ଆଗକୁ ରଜନୀ ନିଜ ସଂଳାପ ଏବଂ ଗୀତରେ କି ମସଲା ରଖିଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପ୍ରେମରେ ପଡ଼ିଛନ୍ତି ରୁଦ୍ର

**ଅ**ଭିନେତା ରୁଦ୍ର ପାଣିଗ୍ରାହୀ ଏବେ ପ୍ରେମରେ ପଡ଼ିଯାଇଛନ୍ତି। ପୁଣି କାହା ସହ ରୋମାନ୍ସ ଚାଲିଛି ଜାଣନ୍ତି ? ବଙ୍ଗୀୟ ଅଭିନେତ୍ରୀ ସୋଲାଙ୍କି ଭୌମିକଙ୍କ ସହ। ହେଲେ ଆରମ୍ଭରୁ ଏହା ପଛରେ ଥିବା ସତ କଥା ବିଷୟରେ ସୂଚନା ଦେଇଦେବା ହିଁ ଭଲ। ଏପରି ରୋମାନ୍ସ ଦର୍ଶକ ବଡ଼ ପରଦା ଉପରେ ଦେଖିବାକୁ ପାଇବେ। ଅର୍ଥାତ୍, ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ମତେ ଇସ୍କ ହେଲାରେ'ର ମୁଖ୍ୟ ଭୂମିକାରେ ରୁଦ୍ର ଏବଂ ସୋଲାଙ୍କି ଅଭିନୟ କରିଛନ୍ତି। ବିଟେକ୍‌ରେ ଡିଗ୍ରୀ ହାସଲ କରିଥିବା ସୋଲାଙ୍କି ମଧ୍ୟ ମଡେଲିଂ ସହ ଜଡିତ। ସ୍ନେହା ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଚିତ୍ରର ପ୍ରଯୋଜନା କରିଛନ୍ତି ଅୟସକାନ୍ତ ମହାନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବାବୁ ଦା'। ସୁନୀଲ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଏଥିରେ ଅନ୍ୟତମ ନାୟିକା ଭାବରେ ପ୍ରିୟଙ୍କା ଅଭିନୟ କରିଥିବା ବେଳେ ମନୀଷ ପୁରୋହିତ, ଜୀବନ ପଣ୍ଡା, ମନୀଷା ମିଶ୍ର, ରୋନିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ଶେଷ ସପ୍ତାହରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ ଏହି ବ୍ୟାନରରେ ନିର୍ମିତ 'ପ୍ରେମ ଦିୱାନା'ରେ ରୁଦ୍ର-ସୋଲାଙ୍କି ଆକ୍ଟିଂ କରିସାରିଛନ୍ତି।


ରୁଦ୍ର-ସୋଲାଙ୍କି

# ଲଭ୍ ଫିଭର


ରାଜବୀର

'**ଲ**ଭ୍ ଫିଭର'-ଏପରି ଶୀର୍ଷକରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହାର କାହାଣୀ ନିଶ୍ଚୟ ପ୍ରେମ ଉପରେ ଆଧାରିତ। ହଁ, ସେଭଳି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ଆଧାର କରି ପ୍ରଯୋଜକ ଯୋଡି ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲଭ୍ ଫିଭର'। କିଛି ବର୍ଷର ଗ୍ୟାପ୍ ପରେ ଆକ୍ସନ ଅଭିନେତା ରାଜବୀର ଶଙ୍କର ଦେଓ ପୁଣି ଥରେ ବଡ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି। ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ବନ୍ଦନା ପରମାଣିକ। 'ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ନେଇ ଏହି ସିନେମା ପ୍ରସ୍ତୁତ କରାଯାଇଛି। ଜଣେ ଲଭ୍ ଫିଭର ଦ୍ୱାରା ଆକ୍ରାନ୍ତ ହେଲେ କେଉଁ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଏ ଏବଂ ତାହାକୁ କିପରି ଚତୁରତାର ସହ ସାମନା କରେ ତାହା ଏହି ସିନେମାରେ ଦେଖିବାକୁ ମିଳିବ ବୋଲି କହନ୍ତି ଅନ୍ୟତମ ପ୍ରଯୋଜକ ସଚିକାନ୍ତ ଜେନା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦନା ଜାନା। ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି ପି. କୁମାର। ଏହାର ବିଭିନ୍ନ ଭୂମିକାରେ ଅସିତ ପତି, ପିଣ୍ଟୁ ନନ୍ଦ, ଅଶ୍ରୁମୋଚନ ମହାନ୍ତି, ପୁଷ୍ପା ପଣ୍ଡା, ଥୀନ୍, ଦେବୀ ବାରିକ, ଅକ୍ଷୟ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ସିନେମାଟି ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

## ଚୁଜି ହେଲେଣି ଅନନ୍ୟା

'**ଷ୍ଟୁ**ଡେଣ୍ଟ ଅଫ ଦ ଇୟର-୨'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ଅନନ୍ୟା ପାଣ୍ଡେ। କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକ ତାଙ୍କୁ ବ୍ରେକ୍ ଦେଇଥିଲେ। ହେଲେ ଇତି ମଧ୍ୟରେ ଚଙ୍କି ପାଣ୍ଡେଙ୍କ ଏହି କନ୍ୟାଙ୍କ ହାତରେ ମାତ୍ର କେତୋଟି ସିନେମା ରହିଛି। ତାଙ୍କ ଅଭିନୀତ 'ପତି ପତ୍ନୀ ଔର ଓ' ଗତ ବର୍ଷ ରିଲିଜ ହୋଇଥିଲା ଏବଂ ଫିଲ୍ମଟି ଫ୍ଲପ୍ ହୋଇଥିଲା। ତା'ପରେ ସେ ଏବେ 'ଖାଲି ପିଲି'ରେ ଅଭିନୟ କରୁଛନ୍ତି, ଯାହା ଚଳିତବର୍ଷ ଜୁନ୍ ୧୨ରେ ରିଲିଜ ହେବ। ହେଲେ ଏଣିକି ଦେଖିଚାହିଁ ସିନେମା ସାଇନ୍ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ଏହି ଷ୍ଟାରକିଡ୍। 'ଏବେ ମୋ କ୍ୟାରିୟରର ଆରମ୍ଭ ମାତ୍ର। ତେଣୁ ଆଦୌ ତରତର ହେବା ଦରକାର ନାହିଁ। ଦେଖିଚାହିଁ ସିନେମାରେ ସାଇନ୍ କରିବି। ବର୍ଷକୁ ଗୋଟିଏ କିମ୍ବା ଦୁଇଟି ସିନେମାରେ ଅଭିନୟ କଲେ ମଧ୍ୟ ମନଦୁଃଖ ନାହିଁ, ହେଲେ ତାହା ଦର୍ଶକଙ୍କ ମନକୁ ଯେମିତି ଛୁଇଁ ପାରୁଥିବ ବୋଲି କହନ୍ତି ଅନନ୍ୟା।

## ଦୀପକ ଯାହା ଚାହୁଁଥିଲେ..

**ବେ**ଳେ ବେଳେ ଖୋଜିବା ଚିଜ ବି ହାତପାହାନ୍ତାରେ ମିଳିଯାଏ। ୨୦୦୬ରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ହେଲେ ତାଙ୍କ ଅଭିନୀତ 'ହର୍ କିସେ କି ହିସେ-କାମୟାବ'ର ସଫଳତାକୁ ନେଇ ସେ ବେଶ୍ ଖୁସ୍। ସେ ହେଲେ ଦୀପକ ଡୋବ୍ରିୟାଲ। ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର ତଥା ଶାହରୁଖ୍ ଖାନଙ୍କ ପ୍ରଯୋଜନାରେ ଫିଲ୍ମଟି ବିଭିନ୍ନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଏ ନେଇ ଦୀପକ କହନ୍ତି, 'ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ସେପରି ଏକ ରୋଲ୍ ପାଇଁ ମୁଁ ଅପେକ୍ଷା କରି ରହିଥିଲି। ଏହା ମୋ କ୍ୟାରିୟର ଲାଗି ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଛି।' 'ହର୍ କିସେ କି ହିସେ-କାମୟାବ' ଚଳଚ୍ଚିତ୍ରର ପ୍ରିମିୟର ବୁସାନ୍ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ବିଧାନସଭାରେ ଶୋକ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ବିଧାନସଭାରେ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବୁଧବାର ଶୋକ କରାଯାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀଙ୍କୁ ଶୋକ ପ୍ରସ୍ତାବ ଆଗତ କରିବା ଲାଗି କହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ସଦସ୍ୟ ବୀର ସିପ୍‌କା, ବିଜୟ କୁମାର ନାୟକ, ପ୍ରହ୍ଲାଦ ଦୋରାଙ୍କ ବିୟୋଗରେ ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ପରଲୋକଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ବିବରଣୀ ଦେବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ଗୃହରେ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହିତ ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ବାଚସ୍ପତିଙ୍କ ଜରିଆରେ ସଦସ୍ୟମାନଙ୍କ ପରିବାରବର୍ଗଙ୍କୁ ନିଜର ତଥା ଦଳର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ଗୃହର ନେତାଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ଗ୍ରହଣକରି ସ୍ୱର୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଥିଲେ। ପରଲୋକଗତଙ୍କ ବିୟୋଗରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୧୨ ମିନିଟ ଧରି ଗୃହରେ ଶୋକ ପ୍ରସ୍ତାବ ଆଲୋଚନା ହୋଇଥିଲା।

### ମାଲକାନଗିରି ଡାକ୍ତରଖାନାରେ କରୋନା ସନ୍ଦିଗ୍ଧ

ମାଲକାନଗିରି,୧୧।୩ (ଡି.ଏନ୍.ଏ.): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବୁଧବାର ଥଣ୍ଡା କାଶ ଓ ଜ୍ୱରରେ ପୀଡିତ ପରିମଳ ବିଶ୍ୱାସ ନାମକ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଘରେ ବିଶ୍ରାମ ନେବାକୁ କହିଛନ୍ତି। କିଛିଦିନ ତଳେ ସେ କୋଲକତା ଯାଇଥିଲେ। ସେଠାରୁ ଫେରିବା ପରେ ସେ ଅସୁସ୍ଥ ହୋଇପଡିଥିବା କହିଛନ୍ତି। ସେ କୋଲକତାର ଇସ୍କନ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ସେଠାରେ ବିଦେଶୀ ନାଗରିକଙ୍କ ସହିତ ଏକ ଅନ୍ତର୍ଜାତିକ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରକାଶ କରିଥିଲେ। ଯଦି ସମସ୍ୟା ଗୁରୁତର ହୁଏ ତେବେ ତାଙ୍କୁ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଏଥିସହ ସେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପରିମଳଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିମଳଙ୍କ ଗ୍ରାମ ବଦଳି ପଞ୍ଚାୟତ ଏମ୍‌ଭି-୪୧ଗ୍ରାମରେ ବୋଲି ଜଣାପଡିଛି।

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ୩୦୦ କୋଟିକୁ ବୃଦ୍ଧି କରାଯାଉ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅନୁଦାନ ରାଶିକୁ ୧୦୦ କୋଟି ଟଙ୍କାରୁ ୩୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡ଼ିକର ଧାରାବାହିକତା ବଜାୟ ରଖିବା ପାଇଁ ପଦକ୍ଷେପ ନେବାକୁ ଯୋଜନା ଓ ସଂଯୋଜନା ବିଭାଗ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ସେହିପରି ସୌରଚାଳିତ ପଦ୍ଧତି ଏବଂ ବର୍ଷା ଜଳ ସଂରକ୍ଷଣ ପାଇଁ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଉଦ୍ୟମ ହେବା ଆବଶ୍ୟକ। ଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା କେନାଲ ପାଇଁ ବ୍ୟୟବରାଦ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଯେତେବେଳେ ସ୍ଥାନୀୟ କେନାଲ ଓ ନଦୀ ଉପରେ ସେତୁ ନିର୍ମାଣ କରାଯାଉଛି, ସେ ସମୟରେ ଜଳସେଚନ ପାଇଁ ଆୟକଟ ସୁବିଧାକୁ ଧ୍ୟାନ ଦେବା ପାଇଁ କମିଟି ସୁପାରିସ କରିଛି। ଗତବର୍ଷ ସଚିବାଳୟ ଏବଂ ବିଧାନସଭାରେ ସୌରଚାଳିତ ପ୍ୟାନେଲ ଲଗାଇବା ପାଇଁ ସୁପାରିସ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସଚିବାଳୟରେ ଏହି ସୁବିଧା ହୋଇ ସାରିଥିବା କୁହାଯାଇଛି। ଭୂତଳ ଜଳକୁ ସଂରକ୍ଷିତ କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଇନ୍‌ଷ୍ଟ୍ରିମ୍ -ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ପାଇଁ ୧୧,୭୧୩ କୋଟି ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହା ଅର୍ଥ ବିଭାଗ ଅନୁମୋଦନ ଅପେକ୍ଷାରେ ରହିଛି। ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା ବାଦ୍ ୧୪,୫୮୮ ଚେକ୍‌ଡ୍ୟାମ ଗତବର୍ଷ ମାର୍ଚ୍ଚ ସୁଦ୍ଧା ନିର୍ମିତ ହୋଇଥିଲା। ସେହିଭଳି ୨୭ ପୌରାଞ୍ଚଳ ଏବଂ ଜଳସଙ୍କଟ ଥିବା ୪୯ ବ୍ଲକ ପାଇଁ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥିପାଇଁ ୨୪୬ କୋଟି ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ୨୦୨୦ରୁ ୨୦୨୫ ମଧ୍ୟରେ ଏହି ପ୍ରକଳ୍ପ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

# ଛୋଟ ରେଳ ଷ୍ଟେଶନରେ ରହିବେ ଟିକେଟ ବୁକିଂ ଏଜେଣ୍ଟ



- ପୂର୍ବତଟ ରେଳପଥର ୧୩୨ ଷ୍ଟେଶନରେ ରହିବେ ଏଜେଣ୍ଟ
- ସ୍ଥାନୀୟ ଯୁବକଙ୍କୁ ଦିଆଯିବ ଅଗ୍ରାଧିକାର, ମିଳିବ କମିଶନ
- କେବଳ ନିରାପତ୍ତା, ସୁରକ୍ଷା ଦାୟିତ୍ୱରେ ରହିବେ ଏଏସ୍‌ଏମ୍

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଛୋଟ ରେଳ ଷ୍ଟେଶନଗୁଡ଼ିକରେ ନିୟୋଜିତ ହେବେ ଟିକେଟ ବୁକିଂ ଏଜେଣ୍ଟ। ପୂର୍ବତଟ ରେଳପଥର ଏନ୍‌ଏସ୍‌ଜି-୫ ଓ ୬ କାଟାଗୋରି ଅର୍ନ୍ତଭୁକ୍ତ ଷ୍ଟେଶନରେ ଏଜେଣ୍ଟମାନେ ଟିକେଟ ବିକ୍ରି କରିବେ। ବିକ୍ରି ଟିକେଟ ଉପରେ କମିଶନ ପାଇବେ। ତେବେ ବର୍ତ୍ତମାନ ଏହି ଷ୍ଟେଶନଗୁଡ଼ିକରେ ଟିକେଟ ବୁକିଂ କାର୍ଯ୍ୟ ତୁଲାଉଥିବା ସହାୟକ ଷ୍ଟେଶନ ମାଷ୍ଟର (ଏଏସ୍‌ଏମ୍)ମାନେ କେବଳ ଟ୍ରେନ ଚଳାଚଳ ସମ୍ବନ୍ଧୀୟ ନିରାପତ୍ତା ଓ ଟ୍ରେନଗୁଡିକର ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସୂଚନା ମୁତାବକ, କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ ପ୍ରଣାଳୀ ଦ୍ୱାରା ଏହି ଏଜେଣ୍ଟମାନେ ଟିକେଟ ବିକ୍ରି କରିବେ। କେଉଁ ଷ୍ଟେଶନରେ କେତେ ଏଜେଣ୍ଟ କାଉଣ୍ଟର ଖୋଲାଯିବ ତାହା ସ୍ଥିର କରିବାକୁ ରେଳପଥ ପକ୍ଷରୁ ଏକ କମିଟି ଗଠନ କରାଯିବ। ଉକ୍ତ କମିଟିରେ ରେଳପଥର ବାଣିଜ୍ୟିକ, ଟ୍ରେନ ପରିଚାଳନା ଓ ଆକାଉଣ୍ଟ୍ସ ବିଭାଗର ଅଧିକାରୀମାନେ ରହିବେ। ସବୁଠାରୁ ବଡ଼କଥା ହେଲା, କୌଣସି ବ୍ଲକ କିମ୍ବା ତହସିଲ ପରିସିମା ମଧ୍ୟରେ ରହିଥିବା ଷ୍ଟେଶନଗୁଡିକରେ ସ୍ଥାନୀୟ ଯୁବକମାନଙ୍କୁ ଟିକେଟ ବୁକିଂ ଏଜେଣ୍ଟଭାବେ ନିୟୋଜିତ କରାଯିବ। ସେମାନଙ୍କ ପାଇଁ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ ବ୍ୟବସ୍ଥା ସହିତ ବିଦ୍ୟୁତ୍ ସଂଯୋଗ, ଦୂରସଂଚାର ଚ୍ୟାନେଲ ଓ ଆବଶ୍ୟକ ସ୍ଥାନ ଯୋଗାଇ ଦିଆଯିବ। ଏମାନେ କେବଳ ରିହାତି ନ ଥିବା ଅଣସଂରକ୍ଷିତ ଟିକେଟ, ସିଜିନ ଟିକେଟ ଓ ପ୍ଲାଟଫର୍ମ ଟିକେଟ ବିକ୍ରି କରିପାରିବେ। ସିଜିନ ଟିକେଟଗୁଡିକର ରିନ୍ୟୁଆଲ ଓ ବରିଷ୍ଠ ନାଗରିକ ପାଇଁ ରହିଥିବା ରିହାତି ଟିକେଟ ମଧ୍ୟ ସେମାନଙ୍କ ନିକଟରେ ଉପଲବ୍ଧ ହେବ। ଏହାବ୍ୟତୀତ ସହାୟକ ଷ୍ଟେଶନମାଷ୍ଟର ଆବଶ୍ୟକ ଦସ୍ତାବିଜ ଯାଞ୍ଚ କରିବା ପରେ ଏହି ଏଜେଣ୍ଟମାନେ ଅନ୍ୟ ରିହାତିଯୁକ୍ତ ଟିକେଟ ବିକ୍ରି କରିପାରିବେ। ପୂର୍ବତଟ ରେଳପଥ ଅଧୀନରେ ବର୍ତ୍ତମାନ ଏନ୍‌ଏସ୍‌ଜି ୫ ଓ ୬ କାଟାଗୋରିର ୨୩୩ ଷ୍ଟେଶନ ରହିଛି। ଏଥିମଧ୍ୟରୁ ୧୩୨ ଷ୍ଟେଶନରେ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଷ୍ଟେଶନରେ ମଧ୍ୟ ଏଜେଣ୍ଟ ନିୟୋଜନ କରାଯିବ। ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ସର୍ବନିମ୍ନ ୧୦ମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ଏଥିପାଇଁ ଚୟନ କରାଯିବ। ଅନ୍ୟପକ୍ଷରେ ଷ୍ଟେଶନ ଟିକେଟ ବୁକିଂ ଏଜେଣ୍ଟ ନିୟୋଜିତ ହେବାପରେ ସହାୟକ ଷ୍ଟେଶନ ମାଷ୍ଟରମାନେ ଟିକେଟ ବିକ୍ରୟ କାର୍ଯ୍ୟରୁ ନିବୃତ୍ତ ରହିବେ ବୋଲି ସୂଚନା ଦିଆଯାଇଛି।

# ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କାକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ୟେସ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ରଖାଯିବା ପ୍ରସଙ୍ଗ ଏବେ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏନେଇ ଏକ ପିଟିଶନ କରିଛନ୍ତି। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, କାହା ସ୍ୱାର୍ଥରେ ପୁଣି ପରିଚାଳନା କମିଟିର ବିନା ଅନୁମୋଦନରେ କାହିଁକି ମହାପ୍ରଭୁଙ୍କ ଏତେ ଟଙ୍କା ୟେସ ବ୍ୟାଙ୍କକୁ ଡାଇଭର୍ଟ ହୋଇଥିଲା। ଏ ନେଇ ପରିଚାଳନା କମିଟି ୨୦୧୯ ଡିସେମ୍ବର ୧୨ ବୈଠକରେ ପ୍ରଶ୍ନ ଉଠାଇଥିଲା। ହେଲେ ଅଧିକାରୀମାନେ ଏହାର ଉତ୍ତର ଦେଇପାରି ନ ଥିଲେ। ପୁଣି ଏହି ପ୍ରସଙ୍ଗ ଗତ ଫେବୃୟାରୀରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉଠିଥିଲା। ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ଏହି ଅର୍ଥକୁ କାହିଁକି ଏକ ଜାତୀୟକରଣ ବ୍ୟାଙ୍କରେ ରଖାଗଲା ନାହିଁ ବୋଲି ବୈଠକରେ କେତେଜଣ ସଦସ୍ୟ ପ୍ରଶ୍ନ ପଚାରିବା ସହ ତୁମ୍ବିତୋଫାନ କରିଥିଲେ। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ବେଫିକର ରହିଥିଲେ। କାରଣ ସେମାନଙ୍କ ଭିତିରି ଉଦ୍ଦେଶ୍ୟ ଜଳଜଳ ହୋଇ ବାରିହୋଇ ପଡିଥିଲା। ତେଣୁ ଏହି ଘଟଣାର ତଦନ୍ତ ଅର୍ଥନୈତିକ ଅପରାଧ ଶାଖା ଓ ଭିଜିଲାନ୍ସ ଦ୍ୱାରା କରାଯାଉ। ସେହିପରି ଲୋକଙ୍କ ଦାନ ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଏନ୍‌ଏଚ୍‌ଆର୍‌ସିଙ୍କୁ ନିବେଦନ କରିଛନ୍ତି। ମହାପ୍ରଭୁଙ୍କ ସହ ଜନସାଧାରଣଙ୍କ ଆବେଗ ଯୋଡି ହୋଇଥିବାରୁ ଏହା ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ସିବିଆଇ କାର୍ଯ୍ୟାଳୟରେ ଏତଲା ଦେଲା ଜଗନ୍ନାଥ ସେନା




ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ଘଟଣାକୁ ନେଇ ସିବିଆଇ ତଦନ୍ତ ଦାବି କରିଛି ପୁରୀର ଜଗନ୍ନାଥ ସେନା। ଏଥିସହ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ବୁଧବାର ଏତଲା ଦେଇଛି ସେନା। ଅଭିଯୋଗରେ ଦର୍ଶାଯାଇଛି ଯେ, ପୁରୀରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ କେଉଁ ସ୍ୱାର୍ଥରେ ୟେସ ବ୍ୟାଙ୍କରେ ଟଙ୍କା ରଖିଲେ ? ପୁଣି ପୂର୍ବରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ଟଙ୍କା ଉଠାଯାଇ ଏକକାଳୀନ କାହିଁକି ୟେସ ବ୍ୟାଙ୍କରେ ଜମା କରାଗଲା ? ଟଙ୍କା ରଖିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର କାହିଁକି ଅନୁମୋଦନ ନିଆଯାଇ ନ ଥିଲା ? ୟେସ ବ୍ୟାଙ୍କ ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ ଏମିତି କେତେ ପ୍ରତିଶତ ଅଧିକ ସୁଧ ଦେବାର ସ୍ୱପ୍ନ ଦେଖାଇଥିଲା ଯେ, ସେଠାରେ ଏତେ କୋଟି ଟଙ୍କା ରଖାଗଲା। ଏ ନେଇ ବ୍ୟାଙ୍କ ଓ ମନ୍ଦିର ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ କେଉଁ ପ୍ରକାର ଡିଲ୍ ହୋଇଛି ତାହାର ତଦନ୍ତ କରାଯାଉ। କେଉଁ ଅଧିକାରୀମାନେ ବହୁ ଟଙ୍କାର କମିଶନ ଖାଇ ମହାପ୍ରଭୁଙ୍କ ଟଙ୍କାକୁ ଅସୁରକ୍ଷିତ ହେବାକୁ ଠେଲିଦେଲେ ତାହାର ତଦନ୍ତ କରାଯାଉ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏତଲାରେ ଉଲ୍ଲେଖ କରିଛନ୍ତି।

# ମାନବ ସମ୍ବଳ, ସମ୍ପତ୍ତି ସୁରକ୍ଷା, ସବ୍‌ସିଡିକୁ ଗୁରୁତ୍ୱ

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ରାଜ୍ୟର ବ୍ଲକସ୍ତରରେ ଥିବା ଫାର୍ମ ଇନ୍‌ଫର୍ମେଶନ ଆଡଭାଇଜରି ସେଣ୍ଟର(ଏଫଆଇଏସି)ଗୁଡିକୁ ଯୋଗାଯୋଗ କରିବା ପାଇଁ ଭଲ ରାସ୍ତା ନାହିଁ। ଅନୁରୂପ ଭାବେ ଆବଶ୍ୟକ ବିଜୁଳି ଓ ଜଳ ସୁବିଧା, ସମଗ୍ର କ୍ଷେତ୍ର ପାଇଁ ପାଚେରି ନାହିଁ। ସେହିଭଳି ଏହା ମଧ୍ୟରେ ଥିବା ସମ୍ପତ୍ତିର ହେପାଜତ ପାଇଁ ଜଗୁଆଳିର ମଧ୍ୟ ଆବଶ୍ୟକତା ରହିଛି। ଉପରୋକ୍ତ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବା ଦରକାର ବୋଲି ବିଧାନସଭା କୃଷି ଏବଂ କୃଷକ ସଶକ୍ତୀକରଣ ସ୍ଥାୟୀ କମିଟି ଦ୍ୱାରା ସୁପାରିସ କରାଯାଇଛି।

ରାଜ୍ୟରେ ଥିବା ବାୟୋଲୋଜିକାଲ୍ କଣ୍ଟ୍ରୋଲ ଲ୍ୟାବ୍(ବିସିଏଲ୍)ରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ମାଇକ୍ରୋ ଜଳସେଚନ ଯନ୍ତ୍ରାଂଶ (ଏଗ୍ରି-ଇନ୍‌ପୁଟ୍) ପାଇଁ ଦିଆଯାଉଥିବା ସବ୍‌ସିଡି ରାଶି ବୃଦ୍ଧି କରାଯିବା ନେଇ କମିଟି ପ୍ରସ୍ତାବ ରଖିଛି। ତୃଣମୂଳରେ କାର୍ଯ୍ୟ କରୁଥିବା ଭିଏଡବ୍ଲ୍ୟୁ, ଏଚ୍‌ଇଓ, ଏସ୍‌ସିଇଡବ୍ଲ୍ୟୁମାନେ ଜଣ ପିଛା ୨ରୁ ୪ ପଞ୍ଚାୟତ ଦାୟିତ୍ୱରେ ରହୁଛନ୍ତି। ଏହା ଦ୍ୱାରା ସେମାନେ ଦେଉଥିବା ସେବାର ଗୁଣାତ୍ମକମାନ ହ୍ରାସ ହେଉଛି। ତେଣୁ ଏହି ପଦବୀରେ ଅଧିକ ସଂଖ୍ୟକ ନିଯୁକ୍ତି ନେଇ ମତପ୍ରକାଶ ପାଇଛି। ଏହି କର୍ମଚାରୀମାନେ ନିର୍ଦ୍ଦିଷ୍ଟ ଦିନରେ ଯେପରି ଉପସ୍ଥିତ ରହିବେ ତାହାର ବ୍ୟବସ୍ଥା କରାଯାଉ ବୋଲି କମିଟିରେ ମତ ପ୍ରକାଶ ପାଇଛି। ଚାରା ସୁରକ୍ଷା, ବୈଷୟିକ ଉପାୟରେ ଶସ୍ୟ ଉତ୍ପାଦନ ଗୁରୁତ୍ୱକୁ ଦେଖି ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଉ। ଗୋଟିଏ ଛତା ତଳେ ସ୍ପିନିଂ ମିଲକୁ ଉଦ୍ଧାର କରାଯିବା ସହ ଅତିରିକ୍ତ ମିଲ୍ ଏବଂ ଫାବ୍ରିକ୍ ଉତ୍ପାଦନ ବୃଦ୍ଧି ନେଇ ଧ୍ୟାନ ଦିଆଯାଉ। କାଜୁ ଏବଂ ଆମ୍ବ ଚାରା ଯୋଗାଣରେ ସବ୍‌ସିଡି ପ୍ରଦାନ କରାଯାଉ ବୋଲି ସ୍ଥାୟୀ କମିଟି ପକ୍ଷରୁ ସୁପାରିସ କରାଯାଇଛି। ପାନ ବରଜ ଏବଂ ଛତୁ ଚାଷୀଙ୍କୁ ବୀମାଭୁକ୍ତ କରିବା ସହ କୃଷି ବିଭାଗୀୟ କୋଠା ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସାଧାରଣ ଚାଷୀ ଯେପରି କାଳିଆ ଯୋଜନାର ହିତାଧିକାରୀ ହୋଇପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଉ। ଜୈବ ପ୍ରଣାଳୀରେ ଉତ୍ପାଦିତ ପନିପରିବା ଯେପରି ଉପଯୁକ୍ତ ମୂଲ୍ୟରେ ବିକ୍ରି ହୋଇପାରିବ, ସେଥିନେଇ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଏତଦ୍ ବ୍ୟତୀତ ଜୈବିକ ପ୍ରଣାଳୀରେ ଚାଷ ପାଇଁ ସଚେତନତା କରିବା, ଚାଷୀଙ୍କୁ ଉନ୍ନତମାନର ବିହନ, ସାର, ରସାୟନ ଯୋଗାଇ ଦେବାକୁ କୁହାଯାଇଛି। ବରିଷ୍ଠ ବିଧାୟକ ନୃସିଂହ ଚରଣ ସାହୁ ଏହି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରହିଛନ୍ତି।

# ଆଜି ୫ ଜିଲ୍ଲାରେ ବର୍ଷା ସମ୍ଭାବନା

- ଝଡ଼ତୋଫାନ, ବଜ୍ରପାତ ନେଇ ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ
- ଆଉ ୪ଦିନ ଲାଗି ରହିବ ବର୍ଷା

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ମରାଠାୱାଡ଼ାଠାରୁ ଦକ୍ଷିଣ ତାମିଲନାଡୁ ପର୍ଯ୍ୟନ୍ତ ଆକାଶରେ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗୁରୁବାର ଉତ୍ତର ଓଡ଼ିଶା ଓ ଉପକୂଳ ଓଡ଼ିଶା ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ଢେଙ୍କାନାଳ ଓ କଟକ ଆଦି ୫ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଖୋର୍ଦ୍ଧା ଓ କନ୍ଧମାଳ ଆଦି ୧୦ ଜିଲ୍ଲାରେ ବଜ୍ରପାତ ସହିତ ଝଡ଼ତୋଫାନ ହେବ। ୪୫ରୁ ୫୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିବା ସହ ବଜ୍ରପାତ ନେଇ ଏସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି। ବଲାଙ୍ଗୀର, ସୋନପୁର, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଆଦି ଜିଲ୍ଲାରେ ବଜ୍ରପାତ ହେବାର ଆଶଙ୍କା ରହିଛି। ଏସବୁ ଜିଲ୍ଲାର କିଛି ସ୍ଥାନରେ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ଶୁକ୍ରବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଜିଲ୍ଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର ଓ ବରଗଡ଼ରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ। ୪୫ରୁ ୫୫ କିମି ବେଗରେ ପବନ ବହିବ। ଉକ୍ତଦିନ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ଅନୁଗୋଳ, କେନ୍ଦୁଝର, କଟକ, ନୟାଗଡ଼ରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହିତ ବଜ୍ରପାତ ହେବାର ଆକଳନ କରାଯାଇଛି। ଶନିବାର ଉତ୍ତର ଓଡ଼ିଶାର କିଛି ସ୍ଥାନ ଏବଂ ସୋନପୁର, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ସୋନପୁର ଓ ବୌଦ୍ଧ ଜିଲ୍ଲାର କିଛି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତର ଆଶଙ୍କା ରହିଛି। ରବିବାର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନ ଏବଂ ସୋନପୁର, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, ବାଲେଶ୍ୱରର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓସିଏ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଲିଗ୍, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ଓସିଏ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଲିଗ୍, ବିକାଶ ଖେଳ ପଡ଼ିଆ, ପୂର୍ବାହ୍ନ ୯ଟା ।
- ଓସିଏ ସିନିୟର ଆନ୍ତଃ କ୍ଲବ କ୍ରିକେଟ ଲିଗ୍, ହୀରାକୁଦ ସୁବାଷ ମଇଦାନ, ପୂର୍ବାହ୍ନ ୧୦ଟା ।
- ଭାସ୍କନ- ୨୦୨୦ ଉପଲକ୍ଷେ ପ୍ରସ୍ତୁତି ବୈଠକ, ଭିସୁଟ ପରିସର, ପୂର୍ବାହ୍ନ ୧୦ଟା ।
- ଉତ୍କଳ ମାରୱାଡି ପ୍ରାଦେଶିକ ସମ୍ମିଳନୀ ବୈଠକ, କ୍ଷେତରାଜପୁର କାର୍ଯ୍ୟାଳୟ, ସନ୍ଧ୍ୟା ୫ଟା।

**GOVERNMENT OF ODISHA, "e"-PROCUREMENT NOTICE**
**For Turn key Project**
**WORKS DEPARTMENT**
**E-mail: ceworldbankprojects@gmail.com**
**5th corrigendum to Bid Identification No. CE-W.B.P. (O)- 07 / 2019-20**
File No- PIM-MISC- 10 /2008 (Pt.)

**No.B-804:-** Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna-Kenduguda-Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O)-07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para-04 | Bids shall be received only "online" on or before | **13.03.2020 upto 17.00 hours** |
| Para-06 | Bids received on line shall be opened at | **11.30 hours on 16.03.2020** |

All other terms and conditions remain unchanged.
**Sd./- Chief Engineer (World Bank Project), Odisha**
**OIPR- 34003/11/0034/1920**

**OFFICE OF THE KORAPUT MUNICIPALITY, KORAPUT**
**No. 1032 / MUN-2020 Dated: 07.03.2020**
**No.C-571:- "e" PROCUREMENT NOTICE**
**Bid Identification No.: KPTMUN-073/2020**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of works | : | 1 No. |
| 3. | Estimated Cost | : | Rs. 20.00 Lakhs |
| 4. | Period of Completion | : | 60 days |
| 5. | Date & time of Bidding | : | From 11.00 AM of 11.03.2020 to 5.00 PM of 23.03.2020. |
| 6. | Last date & time for receipt of Bids in portal | : | 23.03.2020 at 5.00 PM |
| 7. | Bids received online shall be opened on | : | 03.00 PM of Dt. 26.03.2020 |
| 8. | Name and address of the Officer inviting Bid | : | Executive Officer, Koraput Municipality |
| | Further details can be seen from the procurement portal | : | **www.tenderorissa.gov.in** |

**Sd./- Executive Officer, Koraput, Municipality**
**OIPR- 13074/11/0015/1920**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BOLANGIR**
**e - Procurement Notice** No.b-87
**Bid Identification No. /EE NH (BGR) of 2019-20**

1. The Executive Engineer, N.H. Division, Balangir on behalf of the Governor of Odisha invites percentage rate bid in single cover system in ONLINE MODE for construction of road & bridge work detailed in the table below from eligible contractors.
2. Nature of work : Road Work
3. No of tender : 1 No.
4. Cost of Tender Paper (Online) : Rs.6,000/- (Tender paper cost)
5. Class of Contractor : "B" Class & "A" Class of Govt. of Odisha or Equivalent Class
6. Date & Time of sale & Receipt of Bids : From 11.00 A.M. 12.03.2020 to 5.00 P.M. on 26.03.2020.
7. Date of opening bid : 11.00 A.M. on 27.03.2020
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in.**

**Executive Engineer**
**NH Division, Bolangir**
**OIPR-34101/11/0002/1920**

**GOVT. OF ODISHA**
**e-PROCUREMENT NOTICE**
**DEPARTMENT OF WATER RESOURCES**
**E-mail: ee.damsafety2010@gmail.com**
**Phone : 0674-2395390** **No.748-A**
**BID IDENTIFICATION NO- DD, DS & SS - 03/2019-20**

1. The Deputy Director, Dam Safety & Support Services, Bhubaneswar on behalf of Governor of Odisha invites bid in Single Cover system in ONLINE MODE from eligible contractor's as detailed below:
2. Name of work : Supplying and Installation of Computer with UPS for official use of newly joined Assistant Section Officers in DoWR, Bhubaneswar for : the year 2019-20.
3. No. of works : 1 No.
4. Estimated cost (Including GST) : Rs.13,86,250.00 (Approximately)
5. Cost of Bid Document : Rs.6,000/-
6. Class of Contractor : Authorized Dealer, Supplier, Manufacturer
7. Date & Time of availability of Bid Documents in the Portal : 13.03.2020 at 11.00 A.M. to 21.03.2020 up to 05.00 P.M.
8. Last Date & Time of Online Bidding : 21.03.2020 up to 05.00 P.M.
9. Date & Time of Opening of Online Bids on : 23.03.2020 at 11.30 A.M.
10. The Bidders have to participate in ONLINE bidding only., Further details can be seen from the website: **https://tenderodisha.gov.in.** Any addendum/ corrigendum/ cancellation of tender can also be seen in the said site.

**Sd./- Deputy Director,**
**Dam Safety & Support Services**
**Bhubaneswar**
**OIPR-32314/11/0004/1920**

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 24 of 2019-20**

No.O-1250 :- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in single cover system according to norm of e – Procurement system in online mode for the different work in different blocks under Balangir District.

01. Nature of Work :- Construction of percolation well, Intake Well and Laying of 250mm dia MS gallery pipe line, laying of pipe line and construction of OHT in different villages of Balangir District.
02. Total No. of Work :- 06 Nos.
03. Estimated Cost :- Rs. 10.82 to 22.89 Lakh
04. Eligible Class of Contractor :- "D, C & B Class" Contractor.
05. Period of Completion :- Three / Four Months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 24 of 2019-20 | Dt.16.03.2020 At.11.00 hrs. | Dt.26.03.2020 Upto 17.00 hrs. |

Further details can be had in the DTCN available in the website www.tendersorissa.gov.in
**Sd./- 06.03.2020**
**Executive Engineer, RWS&S Division, Balangir**
**OIPR-25033/11/0018/1920**

# ଓଡ଼ିଶାର ସମର ଡେଷ୍ଟିନେଶନ



ଖରା ହେଉ କି ବର୍ଷା, ବୁଲିବାର କୌଣସି ସମୟ ନଥାଏ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାରେ ରହିଛି ଏକାଧିକ ଆକର୍ଷଣୀୟ ସ୍ଥାନ। ଆଗକୁ ଖରାଦିନ ଆସୁଥିବା ବେଳେ ଓଡ଼ିଶାର କିଛି ଲୋକପ୍ରିୟ ସମର ଡେଷ୍ଟିନେଶନକୁ ନେଇ ଏଥର ଆମ ରିପୋର୍ଟ।

## ଚନ୍ଦ୍ରଭାଗାର ୱାଟର୍‌ସ୍ପୋର୍ଟସ ଓ ନିରୋଳା ବିଚ୍

ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଯେତିକି ଆକର୍ଷଣୀୟ ସେତିକି ମନଲୋଭା। ଓଡ଼ିଶାର ଏହି ଲୋକପ୍ରିୟ ବିଚ୍ ସ୍ୱଚ୍ଛ ଓ ପରିଷ୍କାର ସହ ବେଶ୍ ନିରୋଳା ମଧ୍ୟ। ଜନଗହଳିରୁ ଦୂରକୁ ଯାଇ ସମୁଦ୍ରର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚାହୁଁଥିବା ପର୍ଯ୍ୟଟକ ଏଠାରେ କିଛି ସମୟ ଅତିବାହିତ କରିବା ସହ ନିକଟରେ ଥିବା କୋଣାର୍କ ସୂର୍ଯ୍ୟ ମନ୍ଦିର ମଧ୍ୟ ଦେଖିପାରିବେ। ଏହାବ୍ୟତୀତ ଆଡ୍‌ଭେଞ୍ଚର୍ ତଥା ଦୁଃସାହସକୁ ଭଲପାଉଥିବା ଲୋକେ ଏଠାରେ ବୋଟିଂ, ଜେଟ୍ ସ୍କାଇଂ, ବାନାନା ରାଇଡିଂ ଭଳି ୱାଟର୍ ସ୍ପୋର୍ଟସର ମଜା ନେଇପାରିବେ। ସେହିଭଳି କିଛି ନୂଆ ଅନୁଭୂତି ଲାଗି ଏଠାରେ ଥିବା ନେଚର କ୍ୟାମ୍ପ୍ ଏବଂ ରିସର୍ଟରେ କ୍ୟାମ୍ପିଂ ଏବଂ ଗ୍ଲାମ୍ପିଂର ମଜା ମଧ୍ୟ ନେଇହେବ।

## ସି ଫୁଡ୍, କ୍ୟାମେଲ ରାଇଡିଂ ଓ ଲୋକାଲ ମାର୍କେଟ

ଦେଶର ଅନ୍ୟତମ ସୁରକ୍ଷିତ ବିଚ୍‌ଭାବେ ପରିଗଣିତ ପୁରୀ ଭାରତର ଏକ ପ୍ରମୁଖ ସମର୍ ଡେଷ୍ଟିନେଶନ ମଧ୍ୟରୁ ଅନ୍ୟତମ। ପ୍ରକୃତି ସହ ଆଧ୍ୟାତ୍ମିକତାକୁ ବାନ୍ଧି ରଖିଥିବା ଏହି ସହର ବର୍ଷତମାମ ଗହଳି ରହିଥାଏ। ଏଠାକାର ସମୁଦ୍ରକୂଳରେ ପର୍ଯ୍ୟଟକ ଗାଧୋଇବା ସହ ସନ୍‌ବାଥ୍‌ର ମଜା ନେଇପାରିବେ। ଏଠାରେ ଥିବା ବିଭିନ୍ନ ବର୍ଗର ହୋଟେଲ ସବୁପ୍ରକାର ପର୍ଯ୍ୟଟକଙ୍କ ପକେଟକୁ ସୁହାଇଲା ଭଳି ହୋଇଥିବାରୁ ଜଣେ କମ୍ ବଜେଟରେ ମଧ୍ୟ ଏଠାରେ ଭଲ ସମୟ କାଟିପାରିବ। କେବଳ ଏତିକି ନୁହେଁ, ସକାଳର ବିଚ୍ ମର୍ନିଂ ୱାକ୍ ହେଉ କି କ୍ୟାମେଲ୍ ରାଇଡିଂ, ଲୋକାଲ ମାର୍କେଟ ଓ ଲୋକପ୍ରିୟ ସି ଫୁଡ୍, ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ଭିନ୍ନ ଅନୁଭୂତି ଦେଇଥାଏ।

## ବିଚ୍‌ଟାଉନ୍

ଗଞ୍ଜାମ ଜିଲାର ଗୋପାଳପୁରରେ ରହିଛି ଓଡ଼ିଶାର ପ୍ରଥମ ମଡର୍ନ ହୋଟେଲ। ଦେଶର ପ୍ରଥମ ବିଚ୍ ରିସର୍ଟ 'ଦି ପାମ୍ ବିଚ୍ ରସର୍ଟ' ଏଠାରେ ପ୍ରତିଷ୍ଠା ହୋଇଥିବା ବେଳେ ଏହି ସହର ପର୍ଯ୍ୟଟକଙ୍କୁ ଗୋଆ ଏବଂ ପଣ୍ଡିଚେରୀର ମିଶ୍ରିତ ଅନୁଭୂତି ଦେଇଥାଏ। ଗୋପାଳପୁରର ସମୁଦ୍ର କୂଳେ କୂଳେ ଥିବା ବିସ୍ତୃତ କାଜୁ ଜଙ୍ଗଲ ଏହି ବିଚ୍‌କୁ ଅଧିକ ଆକର୍ଷଣୀୟ କରିଥାଏ। ଏହି ବିଚ୍ ଟାଉନ୍‌ରେ ଥିବା ରଙ୍ଗବେରଙ୍ଗର ବିଲ୍ଡିଂ, ପୁରାତନ ଆର୍କିଟେକ୍ଚର୍ ଏବଂ ପରିଚ୍ଛନ୍ନ ସମୁଦ୍ରକୂଳ ଫଟୋଗ୍ରାଫରଙ୍କ ପାଇଁ ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ପୂର୍ବ ଦିଗରେ ରହିଥିବାରୁ ଏଠାର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ।

## ପ୍ରତ୍ୟୁଷ ଓସେନ୍ ୱାର୍ଲ୍ଡ

ପୁରୀ ବାଟମଙ୍ଗଳାରୁ ଯାଇଥିବା ନୂଆ ବାଏପାସ୍ ରୋଡ୍‌ର ମଙ୍ଗରାଜପୁର ଛକଠାରେ ଏହି ପାର୍କଟି ରହିଛି। ଏଠାରେ ସ୍ଲାଇଡ୍‌ସ, ସୁଇମିଂ ପୁଲ୍ ରହିଛି। ଏଠାକୁ ଯିବା ପାଇଁ ୫୯୯ଟଙ୍କା ରହିଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହା ଖୋଲା ରହିଥାଏ। ଆଗକୁ ଏହା ସନ୍ଧ୍ୟା ସମୟରେ ଖୋଲା କରିବାକୁ ଯୋଜନା କରାଯାଉଛି।



## ଓସେନ୍ ୱାର୍ଲ୍ଡ



ଭୁବନେଶ୍ୱରରୁ ୨୨କିମି ଦୂରରେ ଗଙ୍ଗେଶ୍ୱରଠାରେ ଅବସ୍ଥିତ ଏହି ୱାଟର ପାର୍କରେ ସବୁ ବର୍ଷ ଖରାଦିନ ଆସିଲେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହା ଓଡ଼ିଶାର ପ୍ରଥମ ୱାଟର ପାର୍କ। ଏଥିରେ ୪ଟି ୱାଟର ସ୍ଲାଇଡ୍, କିଡ୍ ପୁଲ୍, ୱେଭ୍ ପୁଲ୍, ରେନ୍ ଡ୍ୟାନ୍ସ ଓ ଲ୍ୟାଣ୍ଡିଂ ପୁଲ୍ ରହିଛି। ଏଠାରେ ସୁଇମ୍ ସୁଟ୍ ମଧ୍ୟ ଉପଲବ୍ଧ ରହିଛି। ଏହା ଭିତରେ ଖାଇବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏହା ସକାଳ ୧୦ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାଥାଏ। ଛୋଟ ପିଲାଙ୍କ ପାଇଁ ଏଣ୍ଟ୍ରି ଫି' ୩୦୦ଟଙ୍କା ଥିବା ବେଳେ ବଡ଼ମାନଙ୍କ ପାଇଁ ୩୫୦ଟଙ୍କା ରହିଛି।

## ବ୍ଲୁ ସ୍ପ୍ଲାସ୍

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍‌ରେ ନକ୍ଷୀସାହିଠାରେ ୮ ଏକର ଜମିରେ ହୋଇଥିବା ୱାଟର ପାର୍କ କେବଳ ପିଲାମାନଙ୍କୁ ନୁହେଁ ସବୁବର୍ଗର ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏଠାରେ ଥିବା ୭ଟି ୱାଟର ରାଇଡ୍ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହାଛଡ଼ା ସ୍ଲାଇଡ୍‌ସ, ପୁଲ୍‌ରେ ଲୋକେ ଭଜା ନେଇଥାନ୍ତି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରୁହେ।

## ୱଣ୍ଡର ୱାର୍ଲ୍ଡ

ପୁରୀ ମାଳତୀପାଟପୁର ରୋଡ୍‌ରରେ ଅବସ୍ଥିତ ଏହି ୱାଟର ପାର୍କଟି ଓଡ଼ିଶାର ବଡ଼ ୱାଟର ପାର୍କ ବୋଲି କୁହାଯାଏ। ଏଠାରେ ଆକ୍ୱା ଡିସ୍କ, ଗ୍ରୁପ୍ ସଫାରି, ଲିଟଲ ସ୍ପ୍ଲାସ୍, ହାଇ ମାଇ ସ୍କ୍ରିମର, ମ୍ୟାଟ୍ ରେସର, ୱେଭ୍ ପୁଲ୍ ଭଳି ଖେଳ ରହିଛି। ତେବେ ଏଠାରେ ଥିବା କ୍ରେଜି ରିଭର ପର୍ଯ୍ୟଟକଙ୍କ ଅଧିକ ପସନ୍ଦ ଥାଏ। ଖରାଦିନ ଆସିଗଲେ ପିଲାଠାରୁ ଆରମ୍ଭ କରି ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏଠାରେ ଗହଳି ଲାଗିଯାଏ। ଦୀର୍ଘ ସମୟ ପାଣିରେ ଖେଳିବାର ମଜା ନେଇଥାନ୍ତି। ଏଠାରେ ଖାଇବା ପାଇଁ ଏକ ରେଷ୍ଟୁରାଣ୍ଟ ଥିବା ବେଳେ ହସ୍ତଶିଳ୍ପର ଏକ ସପ୍ ମଧ୍ୟ ରହିଛି। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ଥାଏ।

## ଚାନ୍ଦିପୁର ଓ ତାଳସାରୀ

ନିଜର ସ୍ୱତନ୍ତ୍ରତା ଲାଗି ସମଗ୍ର ବିଶ୍ୱରେ ପରିଚିତ ବାଲେଶ୍ୱର ଜିଲାର ଚାନ୍ଦିପୁର ବିଚ୍ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଲୋ' ଟାଇଡ୍ ସମୟରେ ଏହି ବିଚ୍ ୫ କିଲୋମିଟର ପର୍ଯ୍ୟନ୍ତ କମିଯାଉଥିବାରୁ ଏହା ପର୍ଯ୍ୟଟକଙ୍କୁ ସମୁଦ୍ର ମଧ୍ୟରେ ଚାଲିବାର ଅବସର ଦେଇଥାଏ। ଏହି ସ୍ୱତନ୍ତ୍ରତା ଲାଗି ଏଠାରେ ହର୍ସ ଶୁ କ୍ରାବ୍, ଷ୍ଟାର୍ ଫଶ୍, ସି ଅର୍ଚ୍ଚିନ୍ ଭଳି ବହୁ ବିରଳ ସାମୁଦ୍ରିକ ଜୀବ ଦେଖାଦିଅନ୍ତି। ଏହାବ୍ୟତୀତ ଏହି ଜିଲାର ତାଳସାରୀ ରାଜ୍ୟର ଏକ ଅନାଲୋଚିତ ବିଚ୍। ଏଠାରେ ବଙ୍ଗୋପସାଗର ଅଧିକ ଶାନ୍ତ ରହୁଥିବାରୁ ଖରାଦିନେ ଏଠାରେ ଗାଧୋଇବାର ମଜା ନିଆରା। ନାଲି କଙ୍କଡା, ବାଲିପାହାଡ଼ ଓ ନିକଟସ୍ଥ ହେନ୍ତାଳ ବନ ଏହି ବିଚ୍‌ର ଅନ୍ୟତମ ଆକର୍ଷଣ।

---

**ଖାଦ୍ୟ ରୁଚି**

ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ରୁଚିକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟତଃ ଗ୍ରାହକଙ୍କ ଚାହିଦାକୁ ଦେଖି ସି ବିଚ୍ ରୋଡରେ ଥିବା ଗୋଲ୍‌ଡେନ ଟ୍ରି ହୋଟେଲରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଏ। ଆମିଷ ଖାଦ୍ୟ ମଧରେ ଚିକେନ୍ ବେଗମ୍ ବାହାରର ଚାହିଦା ବେଶି। ଏହି ଇଣ୍ଡିଆନ ଡିଶ୍‌ର ଗୋଟିଏ ପ୍ଲେଟ୍ ଦାମ୍ ୩୨୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ଦୋଳଗୋବିନ୍ଦ ବାରିକଙ୍କ ମୁହଁରୁ ...



# ଚିକେନ୍ ବେଗମ୍ ବାହାର

### ଆବଶ୍ୟକ ସାମଗ୍ରୀ

- ଚିକେନ୍: ୪୦୦ ଗ୍ରାମ୍
- ପିଆଜ ଚପ୍: ୩୦୦ ଗ୍ରାମ୍
- ଅଦା ପେଷ୍ଟ: ୫୦ ଗ୍ରାମ୍
- ରସୁଣ ପେଷ୍ଟ: ୫୦ ଗ୍ରାମ୍
- କଟା ଟମାଟୋ: ୧୦୦ ଗ୍ରାମ୍
- ଦହି: ୬୦ ଗ୍ରାମ୍
- କଞ୍ଚାଲଙ୍କା: ୨ଟି
- କାଜୁ ପେଷ୍ଟ: ୧୦୦ ଗ୍ରାମ୍
- ଚାରମଗଜ ପେଷ୍ଟ: ୫୦ ଗ୍ରାମ୍
- ତେଲ: ୨୦୦ ଗ୍ରାମ୍
- ହଳଦୀ ଗୁଣ୍ଡ: ୫ ଗ୍ରାମ୍
- ଧନିଆ ଗୁଣ୍ଡ: ୫ ଗ୍ରାମ୍
- ଲଙ୍କାଗୁଣ୍ଡ: ୩ ଗ୍ରାମ୍
- ଗୁଆଘିଅ: ୫ ଗ୍ରାମ୍
- ଅମୂଲ କ୍ରିମ୍: ୧୦ ଗ୍ରାମ୍
- ଗରମ ମସଲା: ୧୦ ଗ୍ରାମ୍
- ଧନିଆପତ୍ର: ୫ ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଦିଅନ୍ତୁ। କଡ଼େଇରେ ତେଲ ଗରମ କରି ଚିକେନ ପକାଇ ଛାଣନ୍ତୁ। ବ୍ରାଉନ ରଙ୍ଗ ହୋଇଯିବା ପରେ ଏକ ପାତ୍ରରେ ଚିକେନ୍‌କୁ ବାହାର କରି ରଖିବେ। ଏହାପରେ କଡ଼େଇରେ ଥିବା ତେଲରେ ପିଆଜ ପକାନ୍ତୁ। ପିଆଜ ସାମାନ୍ୟ ଲାଲ ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, କଟା ଟମାଟୋ, କାଜୁ ଚାରମଗଜ ପେଷ୍ଟ, ଦହି, ଏବଂ ଲୁଣ ପକାଇ ଭଲ ଭାବେ କଷନ୍ତୁ। ମସଲା ହୋଇଗଲା ପରେ ସେଥିରେ ପୂର୍ବରୁ ଛଣାଯାଇଥିବା ଚିକେନ୍ ପକାଇ ଭଲ ଭାବେ ଗୋଳାଇ ଘୋଡଣୀ ଦେଇଦିଅନ୍ତୁ। ମଝିରେ ମଝିରେ ଏହାକୁ ଗୋଳାନ୍ତୁ। ଚିକେନ ସିଝିଗଲା ପରେ ସେଥିରେ ଗରମ ମସଲା, କ୍ରିମ୍, ଗୁଆଘିଅ ଏବଂ ଧନିଆପତ୍ର ପକାଇଦେବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ୍ ବେଗମ୍ ବାହାର। ଏହାକୁ ଏକ ପାତ୍ରରେ କାଢ଼ି ଏହା ଉପରେ କଞ୍ଚାଲଙ୍କା ଏବଂ ଧନିଆପତ୍ର ଦେଇ ସଜାଇ ଗରମ ଗରମ ନିଜେ ଖାଇ ଅନ୍ୟଙ୍କୁ ପରଷି ଦିଅନ୍ତୁ।



ମୁଖ୍ୟ ସେଫ୍ ଦୋଳଗୋବିନ୍ଦ ବାରିକ

ରିପୋର୍ଟ: ହେମନ୍ତ ନାୟକ ଫଟୋ: ଯଜ୍ଞେଶ୍ୱର ମହାନ୍ତି

---

**ମୋ ଅନୁଭୂତି**

ଡିଆଇଡି ଲିଟିଲ ମାଷ୍ଟର ରିଅଲିଟି ଶୋ'ରେ ଚମତ୍କାର ଡ୍ୟାନ୍ସ କରି ନିଜ ପ୍ରତିଭା ଦେଖାଇଥିଲେ କଟକର ଶୈଳେନ୍ଦ୍ର ସାମନ୍ତରାୟ। ପିତା ସଞ୍ଜୟ, ମା' ମନୋରମା ସାମନ୍ତରାୟଙ୍କ ସାନପୁଅ ତଥା କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟର ଆଇନ ଛାତ୍ର ଶୈଳେନ୍ଦ୍ର ଓଡ଼ିଆ ମ୍ୟୁଜିକ୍ ଭିଡ଼ିଓ ଜଗତରେ ଏବେ ଜଣେ ଟ୍ରେଣ୍ଡିଂ ଷ୍ଟାର୍। ମୋ ଘର ବାଟ ଦେଇ, ପୁଟୁକି ଗାଲି, ରାଜି ଥରେ ହେଇଯା, ୱାକାଉନ୍ ପରେ ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଓ ରଙ୍ଗବତୀ' ଗୀତ ତାଙ୍କର ସୁପରହିଟ୍ ହୋଇଛି। ଏହି ଗୀତ ବନାରସରେ ଶୁଟିଂ ହୋଇଥିବା ବେଳେ ଏହାକୁ ନେଇ ଶୈଳେନ୍ଦ୍ରଙ୍କ ଅନୁଭୂତି...

# ବନାରସରେ ଅଛନ୍ତି ଓଡ଼ିଆ ଫ୍ୟାନ୍



ଶୈଳେନ୍ଦ୍ର ସାମନ୍ତରାୟ

ଟ୍ରେନ୍ ଭିତରଠାରୁ ଆରମ୍ଭ କରି ବନାରସର ବିଭିନ୍ନ ଗଳି ଓ ଗଙ୍ଗାନଦୀର କୂଳରେ ଗୀତର ଅଧିକାଂଶ ସିନ୍ ଶୁଟିଂ ହୋଇଥିଲା। ଶୁଟିଂ ସ୍ଥାନଗୁଡ଼ିକ ବୁଲି ଦେଖିବା ଦାୟିତ୍ୱ ଡିରେକ୍ଟର ରାଜା ଡି ଓ କ୍ୟାମେରାମ୍ୟାନ ଅକ୍ଷୟ କୁମାର ନାୟକଙ୍କ ହାତରେ ଥାଏ। ଏଣୁ ମୋତେ ଅଧିକ ଫାଙ୍କା ସମୟ ମିଳୁଥିଲା। ବନାରସରେ ଓଡ଼ିଆ ଡ୍ୟାନ୍ସ ଗୀତ ଶୁଟିଂ ହେବା ବି କ୍ୱଚିତ୍। ହେଲେ ଗଙ୍ଗାନଦୀ କୂଳରେ ଶୁଟିଂ ହେବା ସମୟର ଏକ ଅଭୁଲା ଅନୁଭୂତି ରହିଛି। ରଙ୍ଗବତୀ ଗୀତ ବଜାଇ ପାହାଚରେ ଶୁଟିଂ ଚାଲିଥାଏ। ଧୀରେଧୀରେ ସେଠାରେ ଭିଡ଼ ବଢ଼ିବାକୁ ଲାଗିଲା। କିଛି ସମୟ ପାଇଁ ଆମେ ସମସ୍ତେ ଡରି ଯାଇଥିଲୁ। ଯେହେତୁ ଓଡ଼ିଶା ନୁହେଁ, ବାହାର ଲୋକଙ୍କୁ ସାମ୍ନା କରିବା ଆମ ପାଇଁ କଷ୍ଟକର ହେବ ବୋଲି ସମସ୍ତେ ଭାବି ସାରିଥାଉ। ହେଲେ ସେମାନେ ଶୁଟିଂ ଦେଖିବାକୁ ଭିଡ଼ ଲଗାଇଥିଲେ। ସେମାନଙ୍କ ଭିତରୁ କେତେଜଣ ଆମ ସହ ସେଲ୍‌ଫି ନେଇଥିଲେ ଆଉ କିଛି ଓଡ଼ିଆ ଗୀତ ଶୁଣିଛନ୍ତି ଓ ଏବେ ସବୁ ନୂଆ ଭିଡ଼ିଓ ଦେଖିଛନ୍ତି ବୋଲି କହିଥିଲେ। ବନାରସ ଲୋକ ଓଡ଼ିଆ କଳାର ଫ୍ୟାନ ବୋଲି ଶୁଣି ବହୁତ ଖୁସି ଲାଗିଥିଲା। ସେମାନେ ଆମକୁ ଅନେକ ସାହାଯ୍ୟ ମଧ୍ୟ କରିଛନ୍ତି।

**ରିପୋର୍ଟ- କୁମାରଶ୍ରୀ ସାହୁ, କଟକ**

---

## ସେଲ୍‌ଫି କର୍ଣ୍ଣର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପିଣ୍ଟୁ



ଉଦୟ



ଶେଷଦେବ



ସୁନୀଲ



ସମିତ



ଦେବ



ନାଗାର୍ଜୁନ

| Dollar | Sensex | Nifty | Gold | Silver |
|---|---|---|---|---|
| 73.61 (56) | 35,697.40 (▲ 62.45) | 10,458.40 (▲ 6.95) | 44,517.00 (▼ `516) | 47,234.00 (▲ `146) |

"କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ ପକ୍ଷରୁ ସାରା ଦେଶରେ ୨୮,୯୭୯ ଷ୍ଟାର୍ଟ ଅପ୍ ଚିହ୍ନଟ କରାଯାଇଛି।"

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



"ନୂଆ କ୍ରେଟା ଲାଗି ସାରା ଦେଶରେ ୧୦ ହଜାର ବୁକିଂ ଲାଭ କରିଛୁ। ଟଚ୍‌ପଏଣ୍ଟଗୁଡିକରେ ରେସପନ୍ସ ଭଲ ରହିଛି।"

– ତରୁଣ ଗର୍ଗ, ମାର୍କେଟିଂ ମୁଖ୍ୟ, ହ୍ୟୁଣ୍ଡାଇ ମୋଟର୍ସ



# ସମବାୟ ବ୍ୟାଙ୍କ ଚେକ୍ କ୍ଲିୟରାନ୍ସରେ ସମସ୍ୟା




**ୟେସ୍ ବ୍ୟାଙ୍କ ସଙ୍କଟ**

- ୫୦ କ୍ଷୁଦ୍ର ବ୍ୟାଙ୍କ ଲାଗି ଅଡୁଆ
- ଚେକ୍ ନ ଦେବାକୁ ଗ୍ରାହକଙ୍କୁ ନିର୍ଦ୍ଦେଶ
- ସବ୍‌ମେମ୍ବର ବ୍ୟାଙ୍କ ହୋଇ ସେବା ଦେଉଥିଲେ
- ୟେସ୍ ବ୍ୟାଙ୍କର ପିଓଏସ୍ ସେବା ପ୍ରଭାବିତ

### ଇନୱାର୍ଡ ଆର୍‌ଟିଜିଏସ୍‌ରେ କରିହେବ ୨ ଲକ୍ଷରୁ ଉର୍ଦ୍ଧ୍ୱ ନେଣଦେଣ

ୟେସ୍ ବ୍ୟାଙ୍କ ଏହାର ଇନୱାର୍ଡ ରିୟଲ ଟାଇମ ଗ୍ରସ ସେଟେଲମେଣ୍ଟ(ଆର୍‌ଟିଜିଏସ୍) କ୍ଷେତ୍ରରେ ରହିଥିବା ସମସ୍ୟାକୁ ସାମାନ୍ୟ ସୁଧାରିଛି। ଅନ୍ୟ ବ୍ୟାଙ୍କ ଆକାଉଣ୍ଟରୁ ସେମାନଙ୍କ କ୍ରେଡିଟ କାର୍ଡ ଏବଂ ଋଣ ସଂକ୍ରାନ୍ତ ନେଣଦେଣ ପାଇଁ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନେଣଦେଣ କରିପାରିବେ। ସେହିଭଳି ବ୍ୟାଙ୍କର ଇନୱାର୍ଡ ଆଇଏମ୍‌ପିଏସ୍ ଏବଂ ଏନ୍‌ଇଏଫ୍‌ଟି ସେବାରେ ଉନ୍ନତି ପରିଲକ୍ଷିତ ହୋଇଛି। ଏବେ ୟେସ୍ ବ୍ୟାଙ୍କରେ ୯୨,୦୬୫ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ବା କାର୍ଡ ସ୍ୱାଇପ ମେଶିନ ରହିଛି। ମୋରାଟୋରିୟମ ଯୋଗୁ ଏଗୁଡିକ ମଧ୍ୟ କଟକଣା ପରିସରଭୁକ୍ତ ହୋଇଛି। ଯେଉଁ ମର୍ଚ୍ଚାଣ୍ଟମାନେ କେବଳ ୟେସ୍ ବ୍ୟାଙ୍କ ପିଓଏସ୍ ମେଶିନ ରଖିଛନ୍ତି ସେମାନେ କାର୍ଡ ପେମେଣ୍ଟ ଗ୍ରହଣ କରିବାକୁ ଅସୁବିଧା ସାମ୍ନା କରୁଛନ୍ତି।

### ଅନିଲ ଅମ୍ବାନୀ, ସୁଭାଷ ଚନ୍ଦ୍ରଙ୍କୁ ୨୧ ହଜାର କୋଟିର ଋଣ

ୟେସ୍ ବ୍ୟାଙ୍କ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ ଏବଂ ସୁଭାଷ ଚନ୍ଦ୍ରାଙ୍କ ଏସେ୍‌ଲ ଗ୍ରୁପକୁ ବୃହତ୍ତ ପରିମାଣର ଋଣ ପ୍ରଦାନ କରିଛି। ଏହି ୨ କମ୍ପାନୀଙ୍କୁ ପ୍ରାୟ ୨୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ବ୍ୟାଙ୍କରୁ ଅନିଲଙ୍କ କମ୍ପାନୀ ୧୨,୮୦୦ କୋଟି ଟଙ୍କା ଋଣ ନେଇଥିବା ବେଳେ ଏସେ୍‌ଲ ଗ୍ରୁପ ୮,୪୦୦ କୋଟି ଟଙ୍କା ଋଣ ନେଇଛି। ୟେସ୍ ବ୍ୟାଙ୍କରୁ ୧୦ ବଡ ବ୍ୟବସାୟ ସହ ଜଡିତ ୪୪ ବାଣିଜ୍ୟିକ ଗ୍ରୁପ ୩୪,୦୦୦ କୋଟି ଟଙ୍କାର ଋଣ ବକେୟା ରଖିଛନ୍ତି। ରିଲାଏନ୍ସ ଗ୍ରୁପକୁ ପ୍ରଦାନ କରାଯାଇଥିବା ଋଣ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଗ୍ରୁପ ଋଣ ସୁଝିବ ବୋଲି ପ୍ରକାଶ କରିଛି।

### ଆର୍ଥିକ ଦସ୍ତାବିଜ ତର୍ଜମା କରିବ ଆଇସିଏଆଇ

ଚାର୍ଟାର୍ଡ ଆକାଉଣ୍ଟମାନଙ୍କ ପ୍ରମୁଖ ଅନୁଷ୍ଠାନ ଆଇସିଏଆଇ ୟେସ୍ ବ୍ୟାଙ୍କର ଆର୍ଥିକ ଦସ୍ତାବିଜ ତର୍ଜମା କରିବ। ଅଡିଟ୍‌ର ବିଭିନ୍ନ ଦିଗରେ ଏହା ପରିକ୍ଷା କରିବ ବୋଲି ବୁଧବାର ଜଣାପଡିଛି। ଆଇସିଏଆଇର ଫାଇନାନ୍ସିଆଲ ରିପୋର୍ଟିଂ ରିଭ୍ୟୁ ବୋର୍ଡ ୟେସ୍ ବ୍ୟାଙ୍କରେ ହୋଇଥିବା ଆର୍ଥିକ ସମସ୍ୟା ଅନୁଧ୍ୟାନ କରିବ ବୋଲି ସୂଚନା ରହିଛି।

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୧-୩**

ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କର ଉଠାଣ କଟକଣା ଯୋଗୁ ଉକ୍ତ ବ୍ୟାଙ୍କର ବିଭିନ୍ନ ପେମେଣ୍ଟ ଏବଂ ଫଣ୍ଡ ଟ୍ରାନ୍ସଫର ସେବା ପ୍ରଭାବିତ ସ୍ଥିତିରେ ରହିଛି। ଏହା ଦ୍ୱାରା ପ୍ରାୟ ୫୦ କ୍ଷୁଦ୍ର ବ୍ୟାଙ୍କ ସମସ୍ୟା ସାମ୍ନା କରୁଛନ୍ତି। ଏହି ବ୍ୟାଙ୍କଗୁଡିକ ମଧ୍ୟରେ ସମବାୟ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସାମିଲ ଅଛନ୍ତି। ଏହି ବ୍ୟାଙ୍କଗୁଡିକର ଚେକ୍ କ୍ଲିୟରାନ୍ସ କ୍ଷେତ୍ରରେ ବିଶେଷ ସମସ୍ୟା ଉପୁଜୁଛି। ୟେସ୍ ବ୍ୟାଙ୍କ ସମବାୟ ବ୍ୟାଙ୍କ, ଘରୋଇ ଏବଂ ବିଦେଶୀ ବ୍ୟାଙ୍କଗୁଡିକୁ ସବ୍‌ମେମ୍ବର ବ୍ୟାଙ୍କ ସେବା ପ୍ରଦାନ କରିଥାଏ। ଏହି ବ୍ୟାଙ୍କଗୁଡିକର ଅପରେଶନ ଏତେ ବଡ ହୋଇ ନ ଥିବା ଯୋଗୁ ସେମାନେ ପ୍ରତ୍ୟକ୍ଷ ମେମ୍ବରଶିପ ନ ନେଇ କୌଣସି ବ୍ୟାଙ୍କ ଦ୍ୱାରା ସବ୍‌ମେମ୍ବର ହୋଇ ସେବା ଯୋଗାଇଥାନ୍ତି। ମାତ୍ର ୟେସ୍ ବ୍ୟାଙ୍କରେ ବର୍ତ୍ତମାନର ସଙ୍କଟ ଯୋଗୁ ବ୍ୟାଙ୍କଗୁଡିକ ଲାଗି ବିଭିନ୍ନ ଅସୁବିଧା ଉପୁଜୁଛି। ସବ୍ ମେମ୍ବର ଥିବା ଏହି ଟାଇପ-୨ ବ୍ୟାଙ୍କଗୁଡିକ ଚେକ୍ ଟ୍ରଙ୍କଶନ ସିଷ୍ଟମ(ସିଟିଏସ୍) କ୍ଲିୟରିଂରେ ମଧ୍ୟ ବ୍ଲକ କରାଯାଇଛି। ଆଉଟୱାର୍ଡ ଅନୱାର୍ଡ ଚେକ୍ କ୍ଲିୟରିଂ କ୍ଷେତ୍ରରେ ଏହି ବ୍ୟାଙ୍କଗୁଡିକର ଚେକ୍ ପ୍ରୋସେସ୍ ହୋଇ ପାରିବ ନାହିଁ। ଏହି ବ୍ୟାଙ୍କଗୁଡିକର ଚେକ୍ ନ ପ୍ରଦାନ କରିବାକୁ ଗ୍ରାହକଙ୍କ ଲାଗି ସୂଚନା ରହିଛି।

ସବ୍ ମେମ୍ବର ବ୍ୟାଙ୍କ ସର୍ଭିସ ଦ୍ୱାରା ଛୋଟଛୋଟ ବ୍ୟାଙ୍କଗୁଡିକ ସାଧାରଣତଃ ଆର୍‌ବିଆଇ କ୍ଲିୟରିଂ ହାଉସ, ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି, ଏଟିଏମ୍ ଲାଗି ନ୍ୟାଶନାଲ ଫାଇନାନ୍ସିଆଲ ସ୍ୱିଚ୍ ଭଳି ସେବା ଯୋଗାଇଥାନ୍ତି। ଦୋହା ବ୍ୟାଙ୍କ ଭଳି ବିଦେଶୀ ବ୍ୟାଙ୍କ ମଧ୍ୟ ଚେକ୍ କ୍ଲିୟରାନ୍ସ ସହ ବିଭିନ୍ନ ସେବାରେ ସମସ୍ୟା ସାମ୍ନା କରୁଛି। ପ୍ରଭାବିତ ହୋଇଥିବା ବ୍ୟାଙ୍କଗୁଡିକ ମଧ୍ୟରେ ୧୩ ସମବାୟ ବ୍ୟାଙ୍କ ରହିଛନ୍ତି। ଏହାବାଦ ଉତ୍ତର ପୂର୍ବାଞ୍ଚଳର ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ମଧ୍ୟ ଏଥିରେ ସାମିଲ ରହିଛନ୍ତି। ସୂଚନା ଯୋଗ୍ୟ, ୟେସ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆପ୍ଲିକେଶନ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ଯୋଗୁ ଗତ ସପ୍ତାହରେ କେତେକ ଷ୍ଟାର୍ଟଅପ୍ ଏବଂ ଫିନ୍‌ଟେକ କମ୍ପାନୀ ୟୁପିଆଇ ପ୍ଲାଟଫର୍ମରୁ ବ୍ଲକ କରାଯାଇଥିଲା।

ସେହିଭଳି ଏଥିରେ ଓଡିଶାର ଓଡିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ, ଉତ୍କଳ କୋଅପରେଟିଭ ବ୍ୟାଙ୍କିଙ୍ଗ ସୋସାଇଟି, ଖୋର୍ଦ୍ଧା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ୟୁନାଇଟେଡ ପୁରୀ ନିମାପଡା ସେଣ୍ଟ୍ରାଲ କୋଅପରେଟିଭ, ପୁରୀ ଅର୍ବାନ କୋଅପରେଟିଭ, ନୟାଗଡ ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, କଟକ ସେଣ୍ଟ୍ରାଲ କୋଅପରେଟିଭ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ, ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ, କେନ୍ଦୁଝର ସେଣ୍ଟ୍ରାଲ କୋପଅପରେଟିଭ ବ୍ୟାଙ୍କ ରହିଛନ୍ତି। ରାଜ୍ୟରେ ଅନ୍ୟ ବ୍ୟାଙ୍କଗୁଡିକ ମଧ୍ୟରେ ଅନୁଗୋଳ ୟୁନାଇଟେଡ ସେଣ୍ଟ୍ରାଲ କୋଅପରେଟିଭ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ବ୍ରହ୍ମପୁର କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବ୍ରହ୍ମପୁର କୋଅପରେଟିଭ ଅର୍ବାନ ବ୍ୟାଙ୍କ, ଆସ୍କା କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବୌଦ୍ଧ କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବଲାଙ୍ଗୀର ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, ସମ୍ବଲପୁର ଡିଷ୍ଟ୍ରିକ୍ଟ କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ସୁନ୍ଦରଗଡ ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ରାଉରକେଲା ଲିମିଟେଡ ଭଳି ବ୍ୟାଙ୍କ ସାମିଲ ରହିଛି।

ଏହି ପରିପ୍ରେକ୍ଷୀରେ ଓଡିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି କହିଛନ୍ତି ଯେ, ୟେସ୍ ବ୍ୟାଙ୍କରେ ସଙ୍କଟ ଯୋଗୁ ଚେକ୍ କ୍ଲିୟରାନ୍ସ ସମସ୍ୟା ଦେଖାଯିବାରୁ ଅନୁଗୋଳ ସ୍ଥିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଅନ୍ୟ ଏକ ଘରୋଇ ବ୍ୟାଙ୍କ ସହଯୋଗ ଦ୍ୱାରା ଚେକ୍ କ୍ଲିୟରାନ୍ସ ସେବାକୁ ସାଧାରଣ କରାଯାଇଛି। ଲୋକମାନେ ଏଭଳି ସମସ୍ୟା ସାମ୍ନା ନ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଯୋଜନା ରହିଛି। ଶୀଘ୍ର ରାଜ୍ୟର ଅନ୍ୟ ସମବାୟ ବ୍ୟାଙ୍କଗୁଡିକରେ ଏହା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି। ଅଳ୍ପ କିଛି ଦିନ ମଧ୍ୟରେ ଏଭଳି ସମସ୍ୟା ରହିବ ନାହିଁ।

# ଏଜିଆର୍ ଦେୟ ବାବଦ ମିଳିଲା ୨୫,୯୦୦ କୋଟି

**ନୂଆଦିଲ୍ଲୀ,୧୧-୩:** ଆଡ୍‌ଜଷ୍ଟେଟ ଗ୍ରସ ରେଭିନ୍ୟୁ(ଏଜିଆର୍) ଦେୟ ବାବଦ ସରକାର ଟେଲିକମ୍ କମ୍ପାନୀଙ୍କଠାରୁ ୨୫,୯୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଅନ୍ୟ ବକେୟା ଶୀଘ୍ର ପ୍ରଦାନ କରିବାକୁ କମ୍ପାନୀଗୁଡିକୁ କୁହାଯାଇଥିବା ସରକାର ସଂସଦକୁ ବୁଧବାର ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଅକ୍ଟୋବର ୨୪ ମୁତାବକ ଟେଲିକମ୍ କମ୍ପାନୀ ପେମେଣ୍ଟ ଅନୁପାଳନକୁ ପାଳନ କରିବାକୁ ଯାଇ ଏହି ରାଶି ପଇଠ କରିଛନ୍ତି ବୋଲି ଟେଲିକମ୍ ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ମାର୍ଚ୍ଚ ୪ କମ୍ପାନୀଗୁଡିକ ବକେୟା ରାଶି ଶୀଘ୍ର ପଇଠ କରିବାକୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଆର୍ଥିକ ଲକ୍ଷ୍ୟ ଅନୁଯାୟୀ ସଞ୍ଚୟ କରନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
CERTIFIED FINANCIAL PLANNER CM, CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋ ବୟସ ୩୪ ଓ ଜଣେ ସରକାରୀ କର୍ମଚାରୀ। ବର୍ଷକୁ ୪୦,୦୦୦ ଟଙ୍କା ପିପିଏଫ୍ ନିବେଶ ସହ ୨୦ ହଜାର ଟଙ୍କାର ପ୍ରିମିୟମ ଏଲ୍‌ଆଇସିକୁ ଦେଉଛି। ଏବେ ମାସିକ ୧୦ରୁ ୧୫ ହଜାର ଟଙ୍କା ନିବେଶ କରିବାକୁ ଚାହିଁଛି। କେଉଁ ଥିରେ ନିବେଶ କରିବି ପରିବାର ଲାଗି ଏକ ସ୍ୱାସ୍ଥ୍ୟବୀମା ପଲିସି କିଣିବା ପାଇଁ ଚାହୁଁଛି?**

▶ ଆପଣ ୧୦ ବର୍ଷ ଭିତରେ ପାଣ୍ଠି ଗଠନ କରିବାକୁ ଚାହୁଁଛନ୍ତି ଓ ମାସିକ ୧୦ରୁ ୧୫ ହଜାର ଟଙ୍କା ନିବେଶ କରିବାକୁ ଚାହୁଁଛନ୍ତି। ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ସଞ୍ଚୟ କରିବା ଉଚିତ୍ ହେବ। ଆପଣଙ୍କର ଯେକୌଣସି ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ମାସିକ ସଞ୍ଚୟ କରିବା ଉଚିତ ହେବ। ଆପଣଙ୍କର ଯେକୌଣସି ଆର୍ଥିକ ଲକ୍ଷ୍ୟ ଯଥା- ଝିଅପୁଅର ପାଠପଢା ଖର୍ଚ୍ଚ,ଏକ ବଡ ପାଣ୍ଠି ଗଠନ କିମ୍ବା ଅବସରକାଳୀନ ପାଣ୍ଠି ଗଠନ ଏସବୁକୁ ଦୃଷ୍ଟି ଦେଇ ଆପଣ ମାସିକ ନିବେଶ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ମାଧ୍ୟମରେ ନିବେଶ କରିପାରିବେ। ମାସିକ ଏସ୍‌ଆଇପି ଆପଣ ଆକ୍ସିସ୍ ବ୍ଲୁଚିପ୍ ଫଣ୍ଡ, ମିରାଇ ଆସେଟ୍ ଲାର୍ଜ କ୍ୟାପ ଫଣ୍ଡ, ଏଚ୍‌ଏଫ୍‌ଡିସି ଟପ୍ ୧୦୦ ଫଣ୍ଡ ଏସବୁ ଫଣ୍ଡରେ ମାସିକ ୮୦୦୦ ଟଙ୍କା ନିବେଶ କରନ୍ତୁ। ଜରୁରିକାଳୀନ ଖର୍ଚ୍ଚସବୁ ପାଇଁ ଆପଣ ଆଇସିଆଇସିଆଇ ସର୍ଟ ଟର୍ମ ଫଣ୍ଡ ଓ ଫ୍ରାଙ୍କଲିନ ଇଣ୍ଡିଆ ଅଲ୍ଟ୍ରା ସର୍ଟ ବଣ୍ଡ ଫଣ୍ଡ ମାସିକ ୨୦୦୦/-ଟଙ୍କା ନିବେଶ କରନ୍ତୁ। ନିଜ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୧ କୋଟି ଟଙ୍କାର ଟର୍ମ ପ୍ଲାନ କିଣିବା ଉଚିତ ହେବ। ପରିବାରର ସ୍ୱାସ୍ଥ୍ୟବୀମା ସୁରକ୍ଷା ପାଇଁ ଆପଣ ଫ୍ୟାମିଲି ଫ୍ଲୋଟର ପଲିସି କିଣିନିଅନ୍ତୁ। ଆଦିତ୍ୟ ବିରଲା ସ୍ୱାସ୍ଥ୍ୟ ବୀମା, ରେଲିଗେଆର ସ୍ୱାସ୍ଥ୍ୟ ବୀମା, ଷ୍ଟାର ହେଲଥ୍ ସ୍ୱାସ୍ଥ୍ୟବୀମା କମ୍ପାନୀର ପଲିସି କିଣିପାରନ୍ତି। ଜୀବନ ବୀମା ଓ ସ୍ୱାସ୍ଥ୍ୟବୀମା ପଲିସି କିଣିବା ସମୟରେ କମ୍ପାନୀର ବିଗତ ବର୍ଷର ମୃତ୍ୟୁକାଳୀନ ଦାବି ଅର୍ଥର ପରିଶୋଧ ଅନୁପାତକୁ ଦୃଷ୍ଟି ଦେଇ କିଣନ୍ତୁ। ଏସବୁ ପ୍ଲାନ ଏକ ତୁଳନାତ୍ମକ ହିସାବ କରି ନେବା ଉଚିତ ହେବ।

**ଗତ ବର୍ଷଠାରୁ ରୋଜଗାର ଆରମ୍ଭ କରିଛି। ମାସିକ ରୋଜଗାର ୪୦୦୦୦ ଟଙ୍କା ଓ ବୟସ ୨୮ ବର୍ଷ। ଭବିଷ୍ୟତ ଆବଶ୍ୟକତାକୁ ଲକ୍ଷ୍ୟ ରଖି ସଞ୍ଚୟ କରିବାକୁ ଚାହୁଁଛି କିନ୍ତୁ କିପରି ନିବେଶ ଆରମ୍ଭ କରିବି ଏ ବିଷୟରେ ନିଶ୍ଚିତ ହୋଇପାରୁନି। ବ୍ୟାଙ୍କ ସ୍ଥାୟୀ ଜମା କରିବାକୁ ଇଚ୍ଛା ନାହିଁ। ମୁଁ ଭାବୁଛି ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ଭଲ ହେବ। କିନ୍ତୁ କେଉଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଠିକ୍ ହେବ?**

**-ମନଜିତ୍ ମିଶ୍ର, ଭବାନୀପଟଣା**

▶ ଆପଣ ଏବେ ରୋଜଗାର କରିବା ଆରମ୍ଭ କରିଛନ୍ତି। ଅନେକ ବର୍ଷ ରୋଜଗାର କରିବାର ସମ୍ଭାବନା ଅଛି। ଆପଣଙ୍କର ଏହି ଦୀର୍ଘକାଳୀନ ସମୟକୁ ବ୍ୟବହାର କରି ନିବେଶ କ୍ଷେତ୍ରରେ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରିପାରିବେ। ଯେହେତୁ ଆପଣଙ୍କ ଅବସରକାଳୀନ ସମୟ ଲମ୍ବା ରୋଜଗାର କରିବାର ବନ୍ଦ ହେବାର ବର୍ଷ ବହୁତ ଦୂରରେ ଅଛି, ତେଣୁ ଆପଣ ଏକ ଆର୍ଥିକ ଯୋଜନା ଅନୁଯାୟୀ ଦୀର୍ଘକାଳୀନ ସମ୍ପତ୍ତି ଗଠନ ପାଇଁ ପ୍ରସ୍ତୁତ କରନ୍ତୁ। ଏକ ସମ୍ପତ୍ତି ବା ୱେଲ୍‌ଥ ପୋର୍ଟଫୋଲିଓ ପାଇଁ ଆପଣ ୩ଟି ଅଂଶକୁ ଦୃଷ୍ଟି ଦେଇ ନିବେଶ ଆରମ୍ଭ କରିବାକୁ ପଡିବ। ପ୍ରଥମଟି କୋର ପୋର୍ଟଫୋଲିଓ ବା ଅନ୍ତଃସ୍ଥଳ ପୋର୍ଟଫୋଲିଓ ଆପଣଙ୍କ ଆର୍ଥିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରିବ। ଏହା ଆପଣଙ୍କ ନିବେଶର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଆପଣ ସୁନା, ଜମିବାଡି ଓ ଘର, ପିପିଏଫ୍, ବ୍ୟାଙ୍କ ସ୍ଥାୟୀଜମା କିମ୍ବା ପିଏଫ୍ ଇତ୍ୟାଦିକୁ ନିବେଶ ପାଇଁ ଚୟନ କରିପାରନ୍ତି।

ଦ୍ୱିତୀୟଟି ହେଉଛି ନିବେଶ, ଯାହାକି ଆପଣଙ୍କ ନିବେଶ ରାଶିକୁ ବୃଦ୍ଧି ହେବାରେ ସହାୟକ ହେବ। ଦୀର୍ଘକାଳୀନ ହିସାବରେ ଚକ୍ରବୃଦ୍ଧିର ଶକ୍ତି ନିଜ ସପକ୍ଷରେ ବ୍ୟବହାର କରିପାରିବେ। ମୁଦ୍ରାସ୍ଫୀତିର ପ୍ରଭାବଠାରୁ ଅଧିକ ଲାଭ ବା ସୁଧହାର ପାଇପାରିବେ। ଏଥିରେ ଆପଣ ଇକ୍ୟୁଟି, ମ୍ୟୁଚୁଆଲ ଫଣ୍ଡ, ବଣ୍ଡ୍ ଇତ୍ୟାଦିରେ ନିବେଶ କରିପାରିବେ। ତୃତୀୟଟି ହେଉଛି ସୁବିଧା ସମୟରେ ନିବେଶ। ଏ କ୍ଷେତ୍ରରେ ଅଳ୍ପ କିଛି ଟଙ୍କା ଇକ୍ୟୁଟି ଆଇପିଓ, ଛୋଟ ଛୋଟ କମ୍ପାନୀର ଶେୟାର କିମ୍ବା କମଡିଟିଜ୍ ଇତ୍ୟାଦି। କିନ୍ତୁ ଏହି କ୍ଷେତ୍ରରେ ଆପଣ ଲାଭ ଓ କ୍ଷତିକୁ ସହିବାର କ୍ଷମତା ଥିବା ଦରକାର।

ପୁଞ୍ଜିବଜାର ନିବେଶ କ୍ଷେତ୍ରରେ ଅନେକ କିଛି ରିସ୍କ ଅଛି। ଆର୍ଥିକ ବଜାରରେ ଅନେକ ସ୍କିମ୍ ଅଛି ଓ ଦ୍ରୁତ ପରିବର୍ତ୍ତନ ହୋଇ ନୂଆ ନୂଆ ସ୍କିମ୍ ସବୁ ଆସୁଛି। ଏସବୁକୁ ବୁଝିବା ନିହାତି ଜରୁରୀ। ଆମର ପରାମର୍ଶ ଆପଣ ଜଣେ ସାର୍ଟିଫାଏଡ୍ ଫାଇନାନ୍ସିଆଲ୍ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କ ସହ ଆଲୋଚନା କରି ନିବେଶ କରିବା ଉଚିତ ହେବ।

**ମାସିକ ୨୫୦୦/- ମ୍ୟୁଚୁଆଲ ଫଣ୍ଡ୍ ଇକ୍ୟୁଟି ସ୍କିମ୍‌ରେ ୨୫ ବର୍ଷ ପାଇଁ ନିବେଶ କଲେ କେତେ ଟଙ୍କାର ପାଣ୍ଠି ଗଠନ କରିପାରିବି ? ମୋ ଝିଅର ବାହାଘର ଖର୍ଚ୍ଚ ପାଇଁ ଏହା କରିବାକୁ ଚାହୁଁଛି।**

**– ମାନସୀ ଜେନା, ନୟାଗଡ଼**

– ମ୍ୟୁଚୁଆଲ ଫଣ୍ଡରେ ଇକ୍ୟୁଟି ଡାଇଭର୍ସିଫାଏଡ୍ ଫଣ୍ଡ୍‌ରେ ମାସିକ ଏସ୍‌ଆଇପି ମାଧ୍ୟମରେ ୨୫୦୦ ଟଙ୍କା ନିବେଶ ୨୫ ବର୍ଷ ପାଇଁ କରନ୍ତି ଓ ଫଣ୍ଡ୍ ବାର୍ଷିକ ସୁଧହାର ୧୨% ଧରିନେବା ତେବେ ଆପଣ ୪୭.୪୪ ଲକ୍ଷ ଟଙ୍କାର ଏକ ପାଣ୍ଠି କରିପାରିବେ। ମ୍ୟୁଚୁଆଲ ନିବେଶ କରିବା ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ବ୍ରହ୍ମପୁରରେ ଖଜାନା ଜୁଏଲେରୀର ନୂଆ ଶୋ'ରୁମ

**ବ୍ରହ୍ମପୁର,୧୧-୩**

ପ୍ରମୁଖ ଜୁଏଲେରୀ ରିଟେଲର ଖଜାନା ଜୁଏଲେରୀ ପକ୍ଷରୁ ବ୍ରହ୍ମପୁରରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହା ଖଜାନାର ଓଡିଶାରେ ପ୍ରଥମ ଶୋ'ରୁମ। ନୂଆ ଶୋ'ରୁମକୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ତଥା ବଲିଉଡ ଅଭିନେତ୍ରୀ କାଜଲ ଅଗ୍ରୱାଲ ଉନ୍ମୋଚନ କରିଥିଲେ। ଦୁଇଟି ଫ୍ଲୋରରେ ଏହା ନୂଆ ଶୋ'ରୁମ ଅବସ୍ଥିତ। ଏଠାରେ ଗ୍ରାହକମାନେ ପାରମ୍ପରିକ ଏବଂ ଅତ୍ୟାଧୁନିକ ବର୍ଗରେ ସୁନା, ରୁପା ଏବଂ ହୀରା ଅଳଙ୍କାର ଗ୍ରାହକ ଲାଭ କରିପାରିବେ। ଏହି ଅବସରରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଶୁଭାରମ୍ଭ ଅଫର ପ୍ରଦାନ କରାଯାଉଛି। ଚଳିତ ମାସ ୨୮ ତାରିଖ ଯାଏ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଶୋ'ରୁମରେ ଗ୍ରାହକଙ୍କୁ ଉଚ୍ଚ ଗୁଣବତ୍ତା ଏବଂ ବିଆଇଏସ୍ ହଲମାର୍କ ଯୁକ୍ତ ଗହଣା ପ୍ରଦାନ କରାଯାଉଛି। ନିଜସ୍ୱ ମାନୁଫାକଚରିଂ ହବ୍, ସୁଲଭ ଗଢାମୂଲ୍ୟ ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ ଲକ୍ଷ୍ୟ ରଖିଥିବା କମ୍ପାନୀ ସୂଚନା ଦେଇଛି।



# ମିନିମମ୍ ବାଲାନ୍ସ ନିୟମ ବାଦ୍ ଦେଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୧୧-୩**

**ସୁଧ ହାର ୩%କୁ ହ୍ରାସ**

ଦେଶର ପ୍ରମୁଖ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ମିନିମମ୍ ବାଲାନ୍ସ ନିୟମକୁ ବୁଧବାର ବାଦ ଦିଆଯାଇଛି। ଏହା ଫଳରେ ଏସ୍‌ବିଆଇରେ ଆକାଉଣ୍ଟ ଥିବା ଗ୍ରାହକଙ୍କ ଖାତାରେ ମିନିମମ୍ ଧାର୍ଯ୍ୟ ବାଲାନ୍ସ ନ ରଖିଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଏହାବାଦ ବ୍ୟାଙ୍କ ସଞ୍ଚୟ ଖାତା ଉପରେ ସୁଧହାରକୁ ୩%କୁ କମାଇ ଦେଇଛି। ଫଳରେ ୪୪.୫୧ କୋଟି ଗ୍ରାହକ ଏହା ଦ୍ୱାରା ପ୍ରଭାବିତ ହେବେ ବୋଲି ଜଣାପଡିଛି। ବ୍ୟାଙ୍କ ପକ୍ଷରୁ ଏସ୍‌ଏମ୍‌ଏସ୍ ଚାର୍ଜ ଛାଡ କରାଯାଇଛି। ଏହା ଦ୍ୱାରା ଗ୍ରାହକ ବେଶି ଆଶ୍ୱସ୍ତ ହେବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏସ୍‌ବିଆଇ ଏହାର ସେଭିଂ ଆକାଉଣ୍ଟଧାରୀଙ୍କୁ ୩.୨୫% ହାରରେ ସୁଧ ଦେଉଛି। ଏହା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ଉପରେ ଲାଗୁ ହେଉଛି। ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସଞ୍ଚୟ ଉପରେ ୩% ସୁଧହାର ରହିଛି। ସମସ୍ତ ସଞ୍ଚୟ ଖାତା ଉପରେ ହାରାହାରି ମାସିକ ବାଲାନ୍ସ ନିୟମକୁ ଉଠାଇ ଦେବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ୪୪.୫୧ କୋଟି ଗ୍ରାହକ ଲାଭବାନ ହେବେ। ମାସିକ ହାରାହାରି ବାଲାନ୍ସ ନିୟମ ମୁତାବକ ମେଟ୍ରୋ ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଲାଗି ବାଲାନ୍ସ ରଖିବା ସୀମା ଯଥାକ୍ରମେ ୩,୦୦୦ଟଙ୍କା, ୨୦୦୦ ଟଙ୍କା ଏବଂ ୧୦୦୦ ଟଙ୍କା ରହିଛି। ମିନିମମ୍ ବାଲାନ୍ସ ନ ରଖିବା ଉପରେ ବ୍ୟାଙ୍କ ପକ୍ଷରୁ ୫ରୁ ୧୫ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଟିକସ ଲାଗୁ ହେଉଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS BUSINESS

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

## ସଂକ୍ଷେପରେ

### ଓସିଏର ୭ ଗୁରୁତ୍ୱପୂର୍ଣ୍ଣ କମିଟି ଗଠିତ

କଟକ ଅଫିସ,୧୧।୩- ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ୭ଟି ଗୁରୁତ୍ୱପୂର୍ଣ୍ଣ କମିଟି ବୁଧବାର ଗଠିତ ହୋଇଛି। ଗତ ଡିସେମ୍ବର ୨୯ରେ ଓସିଏର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଓ ଓସିଏର ସମ୍ବିଧାନକୁ ଦୃଷ୍ଟିରେ ରଖି ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଉକ୍ତ କମିଟି ଗଠନ କରିଛନ୍ତି। ଗଠିତ ସମସ୍ତ କମିଟିରେ ସଭାପତି ପଙ୍କଜ ଲୋଚନ ଓ ସମ୍ପାଦକ ସଞ୍ଜୟ ଯଥାକ୍ରମେ ଅଧ୍ୟକ୍ଷ ଓ ଆବାହକ ରହିଛନ୍ତି। ଫାଇନାନ୍ସ କମିଟି, ଟୁର୍ନାମେଣ୍ଟ କମିଟି, ସମ୍ବିଧାନ ଓ ଅନୁବନ୍ଧନ କମିଟି, ଶୃଙ୍ଖଳା କମିଟି, ବର୍ଷସୂଚୀ, ଖେଳସୂଚୀ ଓ ଟେକ୍ନିକାଲ କମିଟି, ମଧ୍ୟସ୍ଥତା କମିଟିରେ ୫ଜଣ ଲେଖାଏ ସଦସ୍ୟ ରହିଥିବା ବେଳେ କ୍ରିକେଟ ପରାମର୍ଶଦାତା କମିଟିରେ ୩ଜଣ ସଦସ୍ୟ ଅଛନ୍ତି। ଏକମାତ୍ର ପିଚ୍ କ୍ୟୁରେଟର ଭାବେ ରହିଛନ୍ତି ପଙ୍କଜ ପଟ୍ଟନାୟକ। ଓସିଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଫାଇନାନ୍ସ କମିଟିରେ ଏକ୍ସଅଫିସିଓ ଭାବେ ରହିଛନ୍ତି।

### ୱାର୍ଲ୍ଡ ମାଷ୍ଟର୍ସ ହକିରେ ଭାରତ ସାମିଲ

ନୂଆଦିଲ୍ଲୀ, ୧୧।୩: ହକି ଇଣ୍ଡିଆ ନିକଟରେ ୱାର୍ଲ୍ଡ ମାଷ୍ଟର୍ସ ହକି(ଡବ୍ଲ୍ୟୁଏମଏଚ) ସହିତ ସାମିଲ ହୋଇଛି। ପୂର୍ବରୁ ଡବ୍ଲ୍ୟୁଏମଏଚ ସହ ଅନ୍ୟ ୩୮ ଜାତୀୟ ଆସୋସିଏଶନ ସାମିଲ ଅଛନ୍ତି। ବିଦେଶରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ହକି ଇଣ୍ଡିଆ ପକ୍ଷରୁ ପୂର୍ବତନ ଅଧିନାୟକ ଆର.ପି. ସିଂଙ୍କୁ ହକି ଇଣ୍ଡିଆ ମାଷ୍ଟର୍ସ କମିଟିର ଆବାହକ ଭାବେ ନିଯୁକ୍ତ କରାଯାଇଛି। ହରବିନ୍ଦର ସିଂ ଏହି କମିଟିର ଅଧ୍ୟକ୍ଷ ହୋଇଛନ୍ତି। ବି.ପି. ଗୋବିନ୍ଦା, ଜଗବୀର ସିଂ, ଏ.ବି. ସୁବ୍ବାୟା, ସୁରିନ୍ଦର କୌର ଓ ଏମ. ରେଣୁକା ଲକ୍ଷ୍ମୀ କମିଟିର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଏମଏଚ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍)ର ଏକମାତ୍ର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଭାବେ ବିଶ୍ୱସ୍ତରରେ ଅନ୍ତର୍ଜାତୀୟ ମାଷ୍ଟର୍ସ ହକି ଆୟୋଜନ କରିବା ଅଧିକାର ପାଇଛି। ବିଭିନ୍ନ ଦେଶର ଖେଳାଳି ଓ ଅଫିସିଆଲମାନେ ଯେପରି ଜୀବନବ୍ୟାପୀ ହକି ସହ ଜଡ଼ିତ ରହିପାରିବେ ସେ ଦିଗରେ ଡବ୍ଲ୍ୟୁଏମଏଚ କାର୍ଯ୍ୟ କରିବ।

### ଆଇସିସି ବୈଠକ ବାତିଲ

ମୁମ୍ବାଇ,୧୧।୩(ଏଏଫ୍‌ପି)- ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମୁଖ୍ୟ କାର୍ଯ୍ୟକାରୀ ଓ ସଦସ୍ୟ ବୋର୍ଡଙ୍କ ଚାରି ଦିନିଆ ବୈଠକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି। କରୋନା ଭାଇରସ ସଂକ୍ରମିତ ଦେଶ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନିଷ୍ପତ୍ତି ଦୁଇ ଦିନ ତଳେ ନିଆଯାଇଥିଲା। ଏ ସମ୍ପର୍କରେ ସମସ୍ତ ସଦସ୍ୟ ବୋର୍ଡକୁ ଜଣାଇ ଦିଆଯାଇଛି। ସିଧାସଳଖ ଜୁନରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଦୁଇ ସପ୍ତାହ ପୂର୍ବେ ଏସିଆନ କ୍ରିକେଟ କାଉନସିଲ (ଏସିସି) ସଦସ୍ୟ ଦଳ ବୈଠକକୁ ବାତିଲକରି ଦେଇଥିଲେ। ଏଥିରେ ଚଳିତବର୍ଷ ହେବାକୁଥିବା ଏସିଆ କପ୍ ପାଇଁ ଭେନ୍ୟୁ ଧାର୍ଯ୍ୟ ହୋଇଥାନ୍ତା।



“ ବାଉନ୍ସ ବଲ୍‌କୁ ନେଇ ଲୋକମାନେ ବହୁତ ଆଲୋଚନା କରୁଛନ୍ତି। କିନ୍ତୁ ଆମେ ବାଉନ୍ସ ବଲ୍ ଭଲ ଖେଳୁ। ଗୋଟିଏ ମ୍ୟାଚ୍ ପାଇଁ ଖେଳାଳିଙ୍କୁ ଖରାପ କହିପାରିବା ନାହିଁ।
–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର୍



“ ଟିମ୍‌ର ସିନିୟର ସଦସ୍ୟ ଫାଫ୍ ଡୁ ପ୍ଲେସି, ଡେଭିଡ୍ ମିଲର ପ୍ରମୁଖ ଭାରତ ବିପକ୍ଷ ସିରିଜରେ ଯୁବ ଖେଳାଳିଙ୍କୁ ଗାଇଡ୍ କରିବା ଆବଶ୍ୟକ।
–କ୍ୱିଣ୍ଟନ ଡି କକ୍, ଦକ୍ଷିଣ ଆଫ୍ରିକା ଅଧିନାୟକ

# ଭାରତ–ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ ଆଜି

ଧର୍ମଶାଳା,୧୧।୩(ପି.ଟି.)

ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଗୁରୁବାର ଏହି ଦୁଇ ଦଳ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ଗସ୍ତର ବିଫଳତାକୁ ଭୁଲି ଭାରତ ଏକ ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସାରା ବିଶ୍ୱରେ କରୋନା ଭାଇରସ୍‌ର ଆତଙ୍କ ଓ ବର୍ଷା ସମ୍ଭାବନା ମ୍ୟାଚ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରି ଦଳରେ ଯୋଗଦେଇଛନ୍ତି। ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ନ୍ୟୁଜିଲାଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ଭାରତ ୩–୦ରେ ପରାସ୍ତ ହୋଇଥିଲା। ଏହି ପରାଜୟ ଗ୍ଲାନିକୁ ଭୁଲି ଭାରତୀୟ ଅଧିନାୟକ ବିରାଟ କୋହଲି ନିଶ୍ଚିତ ଭାବେ ପ୍ରୟାସ କରିବେ।

ମାଞ୍ଚେଷ୍ଟରରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ସେମିଫାଇନାଲରେ ପାଣ୍ଡ୍ୟା ଶେଷଥର ପାଇଁ ଦିନିକିଆ ଖେଳିଥିଲେ। ସେହିପରି ଗତ ସପ୍ଟେମ୍ବରରେ ସେ ବେଙ୍ଗାଲୁରୁରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷଥର ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। କିଛିଦିନ ତଳେ ଅନୁଷ୍ଠିତ ଡିୱାଇ ପାଟିଲ କର୍ପୋରେଟ କପ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପାଣ୍ଡ୍ୟା ନିଜର ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ଦେବା ସହ ଜାତୀୟ ଦଳକୁ ଫେରିଥିଲେ। ଆଗକୁ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଥିବାରୁ ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଦିନିକିଆ ଫର୍ମାଟ୍‌କୁ ଅଧିକ ପ୍ରାଧାନ୍ୟ ଦେଉ ନ ଥିବା ଖୋଲାଖୋଲି ଭାବେ କହିଛନ୍ତି। ତେବେ ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ଦଳଠାରୁ ଦିନିକିଆ ସିରିଜ ହାରିବାକୁ ଭାରତ ଚାହିଁବ ନାହିଁ। ଗତ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକା ଘରୋଇ ପରିବେଶରେ ଅଷ୍ଟ୍ରେଲିଆକୁ ୩–୦ରେ ପରାସ୍ତ କରି କ୍ଲିନ୍ ସୁଇପ୍ କରିଥିଲା।

କ୍ରମାଗତ ୫ଟି ଅନ୍ତର୍ଜାତୀୟ ମ୍ୟାଚ୍ (୩ ଦିନିକିଆ, ୨ ଟେଷ୍ଟ) ହାରିବା କୋହଲିଙ୍କ ପାଇଁ ଏକ ବଡ଼ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଗତ ୬ ବର୍ଷ ମଧ୍ୟରେ ସେ ପ୍ରଥମଥର ପାଇଁ ଏଭଳି ଏକ ଅଲୋଡ଼ା ଖରାପ ସମୟ ଦେଇ ଗତି କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ କୋହଲି ମାତ୍ର ୭୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ପ୍ରତିଭା ଓ ଦକ୍ଷତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା କୋହଲିଙ୍କ ପାଇଁ ଅତ୍ୟନ୍ତ ନିମ୍ନମାନର ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରି କୋହଲି ନିଜ ସମାଲୋଚକଙ୍କୁ ଚୁପ୍ କରିବାକୁ ଚାହିଁବେ। ଚଳିତ କ୍ୟାଲେଣ୍ଡର ବର୍ଷରେ ଦିନିକିଆକୁ ଆମେ ଅଧିକ ଗୁରୁତ୍ୱ ଦେଉନାହୁଁ ବୋଲି କହିବା ପରେ ସମାଲୋଚକମାନେ ଆହୁରି ରୁକ୍ଷ ହୋଇଛନ୍ତି। ପାଣ୍ଡ୍ୟାଙ୍କ ସହିତ ଇଞ୍ଜୁରିରୁ ଫେରିଥିବା ଅଭିଜ୍ଞ ଓପ୍‌ନର ଶିଖର ଧାୱନ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଭାରତୀୟ ଦଳକୁ ଆହୁରି ଶକ୍ତିଶାଳୀ କରିଛନ୍ତି। ଫଳରେ ଭାରତ କାଗଜକଲମରେ ଫେଭରାଇଟ ମନେହେଉଛି। ଗତ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ସିରିଜ ଅବସରରେ ଧାୱନ କାନ୍ଧରେ ଆଘାତ ପାଇଥିବା ବେଳେ ଭୁବନେଶ୍ୱର ସ୍ପୋର୍ଟ୍ସ ହାର୍ନିଆର ଅସ୍ତ୍ରୋପଚାର କରାଇଥିଲେ। ଏହି ୩ ଖେଳାଳି ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହୋଇ ନ ଥିଲେ।

ମନୀଷ ପାଣ୍ଡେଙ୍କୁ ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ମିଳିପାରେ। କେଦାର ଯାଦବଙ୍କୁ ଶେଷରେ ଦଳରୁ ବାଦ୍ ଦିଆଯାଇଛି। କାଫ୍ ଇଞ୍ଜୁରି କାରଣରୁ ତାରକା ଓପ୍‌ନର ରୋହିତ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ଅନୁପସ୍ଥିତିରେ ଧାୱନଙ୍କୁ ଗୁରୁଦାୟିତ୍ୱ ତୁଲାଇବାକୁ ହେବ। ନ୍ୟୁଜିଲାଣ୍ଡ ସିରିଜ୍‌ରେ ଦୁଇ ଭାରତୀୟ ଓପ୍‌ନର ସାଂଘାତିକ ଭାବେ ବିଫଳ ହୋଇଥିଲେ। ଭୁବନେଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ ସ୍ଲଗ୍ ଓଭରରେ ଭାରତୀୟ ବୋଲିଂର ଗଭୀରତା ବଢ଼ାଇବ। ଯୁବ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ସ୍ଲଗ୍ ଓଭରରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଗତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଅବସରରେ କାନ୍ଧଜନିତ ଆହତ ହେବା ଫଳରେ ଏହି ସିରିଜ୍‌ରୁ ବିଶ୍ରାମ ନେଇଛନ୍ତି। କୁଲ୍‌ଦୀପ ଯାଦବଙ୍କୁ ଦଳରେ ସାମିଲ କରା ନ ଗଲେ ଦ୍ରୁତ ବୋଲରଙ୍କୁ ସୁହାଉଥିବା ଧର୍ମଶାଳା ପିଚ୍‌ରେ ରବୀନ୍ଦ୍ର ଜଡେଜା ଖେଳିବା ନେଇ ଆଶା କରାଯାଉଛି।




ଅଭ୍ୟାସ ସେସନରେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରା। ନେଟ୍ସରେ ବ୍ୟାଟିଂ କରୁଛନ୍ତି ଫାଫ ଡୁପ୍ଲେସି।

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, କୁଲଦୀପ ଯାଦବ ଓ ଶୁବମନ ଗିଲ

**ଦକ୍ଷିଣ ଆଫ୍ରିକା ଦଳ**

କ୍ୱିଣ୍ଟନ ଡିକକ (ଅଧିନାୟକ), ଟେମ୍ବା ବଭୁମା, ରାସି ଭାନ ଡେର ଡୁସେନ, ଫାଫ୍ ଡୁପ୍ଲେସି, କାଏଲ ଭେରେନ, ହେନରିଚ କ୍ଲାସେନ, ଜାନେମନ ମଲାନ, ଡେଭିଡ ମିଲର, ଜନ-ଜନ ସ୍ମଟ୍ସ, ଆଣ୍ଡିଲ ଫେଲୁକ୍ୱାୟୋ, ଲୁନ୍‌ଗି ଏନ୍‌ଗିଡି, ଲୁଥୋ ସିପାମ୍ଲା, ବେଉରାନ ହେନ୍ଦ୍ରିକ୍ସ, ଅନରିଚ ନୋର୍ଜେ, ଜର୍ଜ ଲିଣ୍ଡେ ଓ କେଶବ ମହାରାଜ

**ମ୍ୟାଚ୍ ଆରମ୍ଭ: ୧.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଫୋକସ୍‌ରେ ପାଣ୍ଡ୍ୟା

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆ ବିପକ୍ଷରେ କ୍ଲିନ୍ ସୁଇପ୍ କରି ନିଜର ଆତ୍ମ ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଦଳରେ କ୍ୱିଣ୍ଟନ ଡିକକ୍, ଫାଫ୍ ଡୁପ୍ଲେସି ଓ ଡେଭିଡ୍ ମିଲରଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ସାମିଲ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ବିଶ୍ରାମ ନେଇଥିବା ଫାଫ୍ ଡୁପ୍ଲେସି ଓ ରାସି ଭାନ୍ ଡେର ଡୁସେନ ଭାରତ ଗସ୍ତରେ ସାମିଲ ହୋଇଛନ୍ତି। ନେତୃତ୍ୱ ଛାଡ଼ିବା ପରେ ଡୁପ୍ଲେସି ଭଲ ଫର୍ମରେ ନ ଥିଲେ। ଫଳରେ ଏହି ସିରିଜ୍‌ରେ ସେ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିବା ହେନେରିଚ୍ କ୍ଲାସେନ ଓ କାଲେ ଭେରିନ୍ ଏହି ସିରିଜରେ ମଧ୍ୟ ଫର୍ମ ବଜାୟ ରଖିବେ ବୋଲି ଆଶା କରାଯାଉଛି। ସେହିପରି ହାର୍ମଷ୍ଟ୍ରିଙ୍ଗ୍ ଷ୍ଟ୍ରେନ୍‌ରୁ ମୁକ୍ତ ହୋଇଥିବା ଟେମ୍ବା ବଭୁମା ଦଳକୁ ଫେରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳିଥିବା ଜାନେମାନ ମଲାନ ମଧ୍ୟ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି। ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଦିନିକିଆ ଖେଳିବାକୁ ଯାଉଛି। ତେବେ ଭାରତ ଏଠାରେ ପୂର୍ବରୁ ୪ଟି ମ୍ୟାଚ୍ ଖେଳିସାରିଛି। ଏଠାରେ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଦ୍ୱିତୀୟରେ ବ୍ୟାଟିଂ କରିଥିବା ଦଳ ୩ଥର ବିଜୟୀ ହୋଇଛି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଆସନ୍ତା ୧୫, ୧୮ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ ଓ କୋଲ୍‌କାତାରେ ଖେଳାଯିବ।

## ସୁବ୍ରତ ଓସିଏର ନୂଆ ସିଇଓ



କଟକ ଅଫିସ,୧୧।୩

ରାଜ୍ୟର ପୂର୍ବତନ କ୍ରିକେଟ ଖେଳାଳି ସୁବ୍ରତ କୁମାର ବେହେରା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତି ପାଇଛନ୍ତି। ବୁଧବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ କୁମାର ନାୟକ ପୂର୍ବରୁ ଏହି ପଦବୀରେ ରହିଥିଲେ।

ଗତ ନଭେମ୍ବର ୨୭ରେ ସିଇଓ ନିଯୁକ୍ତି ନେଇ ଓସିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାଇସ୍ ୱାଟର ହାଉସ୍ ଆଣ୍ଡ କୁପର୍ସ ଦ୍ୱାରା ଆୟୋଜିତ ସିଇଓ ନିଯୁକ୍ତି ପ୍ରକ୍ରିୟାରେ ଅନେକ ଆଶାୟୀ ଆବେଦନ କରିଥିଲେ। ଗତ ଫେବୃୟାରୀ ୮ ଓ ୯ ଦୁଇ ଦିନ ଧରି ହୋଇଥିବା ଚୂଡ଼ାନ୍ତ ପର୍ଯ୍ୟାୟ ସାକ୍ଷାତକାରରେ ସୁବ୍ରତ ଉତ୍ତୀର୍ଣ୍ଣ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ଏମବିଏ ରଖିଥିବା ସୁବ୍ରତଙ୍କର କ୍ରିକେଟରେ ମଧ୍ୟ ସଫଳ କ୍ୟାରିୟର ରହିଛି। ୨୦୦୧ରେ ସେ ରାଜ୍ୟ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଫର୍ମାଟରେ ପଦାର୍ପଣ କରିଥିଲେ। ୧୨ଟି ମ୍ୟାଚ୍‌ରୁ ମୋଟ୍ ୪୭୯ ରନ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୪ଟି ଅର୍ଦ୍ଧଶତକୀୟ ଇନିଂସ ଥିଲା। ସେ ୪ଟି ଲିଷ୍ଟ–ଏ ମ୍ୟାଚ୍ ଖେଳିଥିବା ବେଳେ ମୋଟ୍ ୯୮ରନ କରିଥିଲେ। ଲିଷ୍ଟ–ଏ ଫର୍ମାଟରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ୭୧ରନ। ପୂର୍ବାଞ୍ଚଳ ଦଳ ପକ୍ଷରୁ ମଧ୍ୟ ସୁବ୍ରତ ପ୍ରତିନିଧିତ୍ୱ କରିଛନ୍ତି। ୧୦ବର୍ଷ ଧରି ସୁବ୍ରତ ରାଜ୍ୟ ଜୁନିୟର ଦଳର କୋଚ୍ ଦାୟିତ୍ୱରେ ଥିଲେ। ୨୦୧୦ରୁ ୨୦୧୮ ପର୍ଯ୍ୟନ୍ତ ସେ ପ୍ରଶିକ୍ଷକ ଦାୟିତ୍ୱ ବହନ କରିବା ପରେ ଗତ ୨ବର୍ଷ ହେବ ଜୁନିୟର ଦଳର ଚୟନକର୍ତ୍ତା କମିଟିରେ ରହିଥିଲେ। ଏବେ ରାଜ୍ୟ କ୍ରିକେଟରେ ଥିବା କେତେକ ସମସ୍ୟା ଦୂର କରିବା ଦିଗରେ କାର୍ଯ୍ୟ କରିବି ବୋଲି ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୂର୍ବରୁ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଘରୋଇ କ୍ରିକେଟ ମ୍ୟାଚ୍ ହେଉ ନ ଥିଲା। ସମ୍ପାଦକ ସଞ୍ଜୟ ବେହେରାଙ୍କ ଭିଜନ–୨୦୨୪ ଆଧାରରେ ଏବେ ଘରୋଇ ଟୁର୍ନାମେଣ୍ଟ କରାଯାଉଛି। ବହୁଳ ଭାବେ ଘରୋଇ ଟୁର୍ନାମେଣ୍ଟ ହେଲେ ଅନେକ ପ୍ରତିଭା ସାମ୍ନାକୁ ଆସିବେ ବୋଲି କଟକ ଗତିରାଉତ ପାଟଣା ଅଞ୍ଚଳର ସୁବ୍ରତ ପ୍ରକାଶ କରିଛନ୍ତି।

## ଇଣ୍ଡିଆ ଲିଜେଣ୍ଡ୍ସକୁ ଜିତାଇଲେ ଇର୍ଫାନ୍

**ରୋଡ ସେଫଟି ୱାର୍ଲ୍ଡ ସିରିଜ୍**



ଦଳକୁ ଜିତାଇବା ପରେ ଇର୍ଫାନ ପଠାନ ଖୁସି ମନାଉଛନ୍ତି

ମୁମ୍ବାଇ,୧୧।୩

ଇର୍ଫାନ ପଠାନଙ୍କ ଅପରାଜିତ ୫୭ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଇଣ୍ଡିଆ ଲିଜେଣ୍ଡ୍ସ ୫ ଉଇକେଟରେ ଶ୍ରୀଲଙ୍କା ଲିଜେଣ୍ଡ୍ସକୁ ହରାଇ ଦେଇଛି। ଡିୱାଇ ପାଟିଲ ସ୍ପୋର୍ଟ୍ସ ଷ୍ଟାଡିୟମରେ ଚାଲିଥିବା ରୋଡ ସେଫଟି ୱାର୍ଲ୍ଡ ସିରିଜ୍‌ରେ ସଚିନ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ୧୩୯ ରନ୍ ଟାର୍ଗେଟ୍‌ର ପିଛା କରୁଥିବା ଇଣ୍ଡିଆ ଲିଜେଣ୍ଡ୍ସ ଆରମ୍ଭରୁ ସଚିନ (୦), ବୀରେନ୍ଦ୍ର ସେହ୍ୱାଗ (୩) ଓ ଯୁବରାଜ ସିଂ (୧)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ୫ ଓଭର ସୁଦ୍ଧା ୩ ଉଇକେଟ ହରାଇ ୧୯ ରନ୍ କରିଥିଲା। ଏଭଳି ସ୍ଥିତିରେ ମହମ୍ମଦ କୈଫ ଓ ସଞ୍ଜୟ ବାଙ୍ଗର ଧିମା ଖେଳି ଚତୁର୍ଥ ଉଇକେଟ ପାଇଁ ୪୩ ରନ୍ ଯୋଡ଼ିଥିଲେ। ବାଙ୍ଗର(୧୮)ଙ୍କୁ ୧୧ତମ ଓଭରରେ ରଙ୍ଗାନ ହେରାଥ ଆଉଟ୍ କରିଥିଲେ। ଦଳକୁ ୩୪ ବଲରେ ୫୮ ରନ୍ ଦରକାର ଥିବାବେଳେ କୈଫ (୪୬) ବେପରୁଆ ଶଟ୍ ଖେଳି ଉଇକେଟ ଦାନ କରିଦେଇ ଚାଲି ଯାଇଥିଲେ। ତାଙ୍କ ଉଇକେଟ ସହ ଇଣ୍ଡିଆ ଲିଜେଣ୍ଡ୍ସ ଚାପ ବୃଦ୍ଧି ପାଇଥିଲେ। ମାତ୍ର ୧୮ ତମ ଓଭରରେ ପରଭେଜ ମହାରୁଫଙ୍କଠାରୁ ୨୬ ରନ୍ ଆଦାୟ କରି ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ ଇର୍ଫାନ। ତାଙ୍କୁ ଉଚିତ ସହଯୋଗ କରିଥିଲେ ମନପ୍ରୀତ ଗୋନି। ଦୁହେଁ ୫୮ ରନ୍‌ର ଭାଗୀଦାରି କରି ୮ ବଲ ପୂର୍ବରୁ ଦଳକୁ ଜିତାଇ ଦେଇଥିଲେ। ଇର୍ଫାନ ୩୧ ବଲରୁ ୬ ଚୌକା ଓ ୩ ଛକା ସହାୟତାରେ ୫୭ ଓ ଗୋନି ୧୧ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୦ ଓଭରରେ ୩ ଉଇକେଟ ହରାଇ ୫୭ ରନ୍ କରିଥିଲା। ଅଧିନାୟକ ତିଲକରତ୍ନେ ଦିଲଶାନ (୨୩) ଷ୍ଟାର୍ଟ ପାଇଥିଲେ, ହେଲେ ବଡ଼ ସ୍କୋର କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିବାରୁ ୧୯ ଓଭର ସୁଦ୍ଧା ଶ୍ରୀଲଙ୍କା ଲିଜେଣ୍ଡ୍ସ ସ୍କୋର ଥିଲା ୧୨୩/୮। ଅନ୍ତିମ ଓଭରରେ ଶେଷ ୩ ବଲରେ ରଙ୍ଗନା ହେରାଥ କ୍ରମାଗତ ୩ ଚୌକା ମାରିଥିଲେ। ଫଳରେ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଭାରତୀୟ ଦଳ ପାଇଁ ମୁନାଫ ପଟେଲ ୪ ଉଇକେଟ ନେଇଥିବାବେଳେ ଜାହିର ଖାଁ, ମନପ୍ରୀତ, ବାଙ୍ଗର ଓ ଇର୍ଫାନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଲିଜେଣ୍ଡ୍ସ୨୦ ଓଭରରେ ୧୩୮/୮ (ତିଲକରତ୍ନେ ଦିଲଶାନ–୨୩, ଚମାରା କାପୁଗେଡରା–୨୩, ରମେଶ କାଲୁୱିଥରଣା–୨୧, ମୁନାଫ ପଟେଲ–୪/୧୯, ମନପ୍ରୀତ ଗୋନି–୧/୧୯)।

ଇଣ୍ଡିଆ ଲିଜେଣ୍ଡ୍ସ ୧୮.୪ ଓଭରରେ ୧୩୯/୫(ଇର୍ଫାନ ପଠାନ–୫୭*, ମହମ୍ମଦ କୈଫ–୪୬, ସଞ୍ଜୟ ବାଙ୍ଗର–୧୮, ଚାମିଣ୍ଡା ଭାସ–୨/୫, ସଚିତ୍ର ସେନାନାୟକେ–୧/୧୯)।

# ଖେପର୍ସ ଏଫ୍‌ସି ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ ବିଜେତା

**ରେଡ୍ ବୁଲ୍ ନେମାର୍ ଜୁନିୟର୍ସ ଫାଇଭ୍ ୨୦୨୦**

ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ଫୁଟ୍‌ବଲ୍ ଷ୍ଟାଡିୟମ୍‌ରେ ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ୨୦୨୦ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ସହର ଯୋଗ୍ୟତା ପର୍ଯ୍ୟାୟରେ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ। ଖେପର୍ସ ଏଫ୍‌ସି ଓ ନଟ୍ ୟେଟ୍ ଦଳ ମଧ୍ୟରେ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଖେପର୍ସ ଦଳ ନଟ୍ ୟେଟ୍‌କୁ ୧–୦ରେ ପରାସ୍ତ କରି ବିଜେତା ଘୋଷିତ ହୋଇଥିଲା। ଏଥିସହ ଏହି ଦଳ ଆସନ୍ତା ଏପ୍ରିଲ୍‌ରେ ହେବାକୁ ଥିବା ଜାତୀୟ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଏହି ଟୁର୍ନାମେଣ୍ଟର ୱାର୍ଲ୍ଡ ଫାଇନାଲ୍ ଜୁଲାଇରେ ବ୍ରାଜିଲ୍‌ରେ ଅନୁଷ୍ଠିତ ହେବ ଏବଂ ବିଜେତାମାନେ ନେମାର ଜୁନିୟରଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇବେ।

ରେଡ୍ ବୁଲ୍ ନେମାର୍ ଜୁନିୟର୍ସ ଫାଇଭ୍ ୨୦୨୦ର ଯୋଗ୍ୟତା ପର୍ଯ୍ୟାୟ ଗତ ଫେବ୍ରୁୟାରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିଥିଲା। ୧୮ଟି ସହର ଯଥା ମୁମ୍ବାଇ, ପୁଣେ, ଅହମ୍ମଦାବାଦ, ଗୋଆ, ଇନ୍ଦୋର, ଜୟପୁର, ଚଣ୍ଡିଗଡ଼, ଲକ୍ଷ୍ନୌ, ଗୁଆହାଟୀ, କୋଲକାତା, ଆଇଜଲ, ଭୁବନେଶ୍ୱର, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ ଓ କୋଚିରେ ସହର ଯୋଗ୍ୟତା ପର୍ଯ୍ୟାୟ ଆୟୋଜନ କରାଯାଉଛି। ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ସେମିଫାଇନାଲରେ ଇନାଜୁମାକୁ ୫–୦ରେ ହରାଇଥିଲା ଖେପର୍ସ। ସେହିପରି ଦ୍ୱିତୀୟ ସେମିରେ ଇଆଇ କ୍ଲାସିକ୍ସକୁ ୩–୦ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ନଟ୍ ୟେଟ୍। ଫାଇନାଲରେ ବିଜେତା ଖେପର୍ସ ଟିମ୍‌ର ସଦସ୍ୟ ଥିଲେ ମୋବିନୁର ରେହମାନ୍, ଯୋଗାନ୍ କନଫେକ୍ସନର, ୱେହଜାନ ଅନସାର, ନାଥନ୍ ଆଲେକ୍‌ଜାଣ୍ଡର୍, ଡୋନାୱିନ ସାଭେଲି ଓ ଶତାବ୍ଦୁ ଦତ୍ତ।

ବିଶ୍ୱର କୋଣ ଅନୁକୋଣରେ ଥିବା ୧୬ରୁ ୨୫ ବର୍ଷ ବୟସର ଫୁଟବଲ ଖେଳାଳିମାନଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ବ୍ରାଜିଲ ଫୁଟବଲ ତାରକା ନେମାର ଜୁନିୟର୍ସ ଫାଇଭ ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟର ପରିକଳ୍ପନା କରିଥିଲେ। ଏଥିରେ ବିନା ଗୋଲକିପରରେ ୫ ଜଣିଆ ଟିମ୍ ୧୦ ମିନିଟ୍ ଭିତରେ ନେମାରଙ୍କୁ ପ୍ରଭାବିତ କରିବା ଲାଗି ପ୍ରୟାସ କରିଥିଲେ। ଏହି ଖେଳର ସବୁଠୁ ରୋଚକ ବିଷୟ ହେଉଛି ଯେଉଁ ଟିମ ଯେତିକି ଗୋଲ କରିବ ଅପର ପକ୍ଷ ଟିମ୍‌ରୁ ସେତିକି ଖେଳାଳି ବାହାର ହେବେ। ଯେଉଁ ଟିମ୍‌ରେ ସର୍ବାଧିକ ଖେଳାଳି ରହିବେ ସେ ବିଜେତା ହେବ। ନେମାର ଜୁନିୟରଙ୍କ ଫୁଟବଲ ଜୀବନ ଗଳିକନ୍ଦି ରାସ୍ତାରୁ ଆରମ୍ଭ ହୋଇ ବଡ଼ କ୍ଲବ ଓ ବଡ଼ ଷ୍ଟାଡିୟମ ପର୍ଯ୍ୟନ୍ତ ପହଞ୍ଚିଛି। ତେଣୁ ସେ ଭାବନ୍ତି ଯେ ଫୁଟବଲ ଖେଳ ଗଳିକନ୍ଦି ରାସ୍ତାରୁ ହିଁ ବନ୍ଧୁମାନଙ୍କ ସହିତ ଆରମ୍ଭ ହୁଏ। ଅଧିକାଂଶ କିମ୍ବଦନ୍ତୀ ଖେଳାଳିଙ୍କ ଜୀବନ ସେହିଭଳି ଭାବେ ଆରମ୍ଭ ହୋଇଥିଲା ବୋଲି ନେମାର ଅନୁଭବ କରନ୍ତି।

ଗତବର୍ଷ ଜୁଲାଇରେ ରେଡବୁଲ ନେମାର ଜୁନିୟର୍ସ ଫାଇଭ୍ ୨୦୧୯ର ଭାରତୀୟ ଚାମ୍ପିୟନ ମୁମ୍ବାଇର ଜଲିନା ରେଞ୍ଜର୍ସ ବ୍ରାଜିଲରେ ଅନୁଷ୍ଠିତ ୱାର୍ଲ୍ଡ ଫାଇନାଲରେ ଅଂଶଗ୍ରହଣ କରି ମୂଲ୍ୟବାନ ଅଭିଜ୍ଞତା ହାସଲ କରିଛି। ହଙ୍ଗେରି ବିରୋଧରେ ଏହା ସ୍ମରଣୀୟ ବିଜୟ ହାସଲ କରିଥିଲା। ମାତ୍ର ଲକ୍ସେମବର୍ଗ ସହ ମ୍ୟାଚ ଡ୍ର ହେବା ଏବଂ ସ୍ପେନ ଓ ଆଙ୍ଗୋଲାଠାରୁ ହାରିଯିବା ପରେ ସେମାନଙ୍କ ଯାତ୍ରା ଶେଷ ହୋଇଥିଲା। ଗତବର୍ଷ ଏହି ଟୁର୍ନାମେଣ୍ଟରେ ସାରା ବିଶ୍ୱର ୪୦ଟି ଦେଶର ୧ ଲକ୍ଷରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ହଙ୍ଗେରି ବିଶ୍ୱ ବିଜେତା ଘୋଷିତ ହୋଇଥିଲା।



ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ ଭୁବନେଶ୍ୱର ପର୍ଯ୍ୟାୟ ବିଜେତା ଖେପର୍ସ ଏଫ୍‌ସି ଦଳ।



“ଆଗାମୀ ଟି୨୦ ବିଶ୍ୱକପ୍ ଜିତିବାକୁ ହେଲେ ଏବି ଡି ଭିଲର୍ସଙ୍କ ପରି ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ କରାଯିବା ଆବଶ୍ୟକ।

–ଜଣ୍ଟି ରୋଡ୍ସ, ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର୍



“ଯେଉଁମାନେ ଖେଳରେ ରାଜନୀତି ପୂରାଇବାକୁ ଚାହୁଁଛନ୍ତି, ସେମାନେ ମନେ ରଖିବା ଦରକାର ଯେ, ପ୍ରଦର୍ଶନ ହିଁ ବିଶ୍ୱାସ ଆଣିଥାଏ।

–ଏମ୍.ସି. ମେରିକମ୍, କିମ୍ବଦନ୍ତୀ ମହିଳା ବକ୍ସର

## ସଂକ୍ଷେପରେ

### ସିନ୍ଧୁଙ୍କ ବିଜୟ୍ ଅଭିଯାନ

ବିର୍ମିଂହାମ, ୧୧।୩ (ପି.ଟି.)- ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଷ୍ଟାର୍ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ସିନ୍ଧୁ ୨୧-୧୪, ୨୧-୧୭ ସିଧାସଳଖ ଗେମ୍‌ରେ ଆମେରିକାର ବେଓ୍ୱିନ ଝାଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ୪୨ ମିନିଟ୍ ସମୟ ଲାଗିଥିଲା। ଉଭୟଙ୍କ ମଧ୍ୟରେ ଏହା ୧୦ମ ମୁକାବିଲା ରହିଥିବାବେଳେ ସେଥିରୁ ସିନ୍ଧୁ ୬-୪ରେ ଆଗୁଆ ରହିଛନ୍ତି। ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ କୋରିଆର ସୁଙ୍ଗ୍ ଜି ହ୍ୟୁନ୍‌ଙ୍କୁ ଭେଟିବେ। ତେବେ ମିକ୍ସଡ୍ ଡବଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ପ୍ରଣବ ଜେରୀ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ୧୩-୨୧, ୨୧-୧୧, ୧୭-୨୧ ଗେମ୍ସରେ ଟପ୍ ସିଡ୍ ଚାଇନାର ସି ୱି ଝେଙ୍ଗ୍ ଓ ୟା କ୍ୱିଅଙ୍ଗ୍‌ଙ୍କ ନିକଟରୁ ହାରି ଯାଇଛନ୍ତି।

### ଫର୍ମୁଲା ୱାନ୍ ଦଳର ୩ ସଦସ୍ୟ କରୋନା ସଂକ୍ରମିତ

ମେଲବୋର୍ନ,୧୧।୩(ଏଏଫ୍‌ପି)- ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ଅଂଶଗ୍ରହଣକାରୀ ୩ ଫର୍ମୁଲା ୱାନ ଦଳର ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ଥିବା ଆଶଙ୍କା କରାଯାଉଛି। ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଇଭେଣ୍ଟ ହେବାକୁ ଥିବାବେଳେ ଅଂଶଗ୍ରହଣକାରୀ ଦଳଗୁଡ଼ିକର ଷ୍ଟାଫ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି କି ନାହିଁ, ଜାଣିବା ପାଇଁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଜଣ ହାସ ଏଫ୍‌୧ ଦଳର ଓ ଜଣେ ମ୍ୟାକଲରେନ ଟିମ୍‌ର ସଦସ୍ୟ। ଦୁଇ ଜଣଙ୍କ ନିକଟରେ କରୋନା ସଂକ୍ରମଣର ଲକ୍ଷଣ ଦେଖାଦେବାରୁ ପରୀକ୍ଷା କରାଇବା ସହ ଅନ୍ୟଙ୍କଠାରୁ ଦୂରେଇ ରହିଥିଲେ ବୋଲି ହାସ ଅଫିସିଆଲ କହିଛନ୍ତି। ଆମେ ସ୍ପଷ୍ଟ କରୁଛୁ ଯେ, ଜଣେ ସଦସ୍ୟ ହୋଟେଲ ରୁମରେ ନିଜକୁ ବନ୍ଦ ରଖିଛନ୍ତି। ତାଙ୍କ ନିକଟରେ କରୋନା ଭାଇରସର ଲକ୍ଷଣ ଦେଖାଯାଇଥିଲା। ରିପୋର୍ଟର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ଦଳର ଅନ୍ୟ ସଦସ୍ୟମାନେ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି ମ୍ୟାକ୍‌ଲରେନ ଦଳ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ଆଲବର୍ଟ ପାର୍କଠାରେ ଟେଷ୍ଟ କରାଯାଇଥିଲା। ଚଳିତ ସିଜନରେ ପ୍ରଥମ ରେସରେ ଡ୍ରାଇଭରମାନେ ଅଟୋଗ୍ରାଫ କିମ୍ବା ସେଲ୍‌ଫି ଦେଇପାରିବେ ନାହିଁ ବୋଲି ଆୟୋଜକ କମିଟି ମୁଖ୍ୟ କହିଛନ୍ତି।

### ଦର୍ଶକଙ୍କ ବିନା ଖେଳାଯିବ ଇଣ୍ଡିଆ ଓପନ

ନୂଆଦିଲ୍ଲୀ,୧୧।୩- ଇଣ୍ଡିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ ସଂକ୍ରମଣ ବୃଦ୍ଧି ପାଇଥିବାରୁ ଏହି ଇଭେଣ୍ଟ ବିନା ଦର୍ଶକରେ ଖେଳାଯିବ ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପକ୍ଷରୁ ରବିବାର କୁହାଯାଇଛି। କରୋନା ଭାଇରସ ଯୋଗୁ ଅନିଶ୍ଚିତତାରେ ଘେରି ହୋଇଯାଇଥିଲା ୪ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟ। ବାଇ ଓ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବୁଧବାର ଏକ ମିଳିତ ବିବୃତିରେ ଟୁର୍ନାମେଣ୍ଟ ଧାର୍ଯ୍ୟ ତାରିଖ (ଚଳିତମାସ ୨୪ରୁ ୨୯ )ରେ ଅନୁଷ୍ଠିତ ହେବ। କରୋନା ଭାଇରସରୁ ବଞ୍ଚିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମସ୍ଥିତ କେଡି ଯାଦବ ଷ୍ଟାଡିୟମରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଖେଳାଯିବ। କିନ୍ତୁ ଖେଳାଳି ଓ ଅଫିସିଆଲଙ୍କ ସୁରକ୍ଷା ଲାଗି କୌଣସି ଦର୍ଶକଙ୍କୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।

# ମନୀଷଙ୍କୁ ଅଲିମ୍ପିକ ଯୋଗ୍ୟତା

ଅମ୍ମାନ (ଜୋର୍ଡାନ), ୧୧।୩ (ପି.ଟି.)



ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ମନୀଷ କୌଶିକ (୬୩ କିଗ୍ରା) ୯ମ ଭାରତୀୟ ବକ୍ସର ଭାବେ ଆଗାମୀ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟର ଏକ ରକ୍ତାକ୍ତ ମୁକାବିଲାରେ ମନୀଷ ୪–୧ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ୨ୟ ସିଡ୍ ଅଷ୍ଟ୍ରେଲିଆର ହାରିସନ ଗାର୍ସିଡେଙ୍କୁ ପରାସ୍ତ କରିଛନ୍ତି। ମନୀଷଙ୍କ ପଞ୍ଚ ଏତେ ଶକ୍ତିଶାଳୀ ରହିଥିବା ଯେ ହାରିସନଙ୍କ ମୁହଁ ଫାଟି ରକ୍ତ ବାହାରିଥିଲା। ଏହାସହ ବିଶ୍ୱର ଏହି ମେଗା କ୍ରୀଡ଼ା ଇଭେଣ୍ଟକୁ ସର୍ବକାଳୀନ ସର୍ବାଧିକ ୯ ବକ୍ସର ପଠାଇ ଭାରତ ରେକର୍ଡ ସୃଷ୍ଟି କରିଛି। ଏଥିପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବକ୍ସର ଏମ୍.ସି. ମେରିକମ୍ (୫୧ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା), ଲୋଭଲିନା ବୋର୍‌ଗୋହେନ (୬୯ କିଗ୍ରା), ପୂଜା ରାଣୀ (୭୫ କିଗ୍ରା), ଅମିତ୍ ପଙ୍ଘଲ (୫୨ କିଗ୍ରା), ବିକାଶ କ୍ରିଷ୍ଣନ (୬୯ କିଗ୍ରା), ଆଶିଷ କୁମାର (୭୫ କିଗ୍ରା) ଓ ସତୀଶ କୁମାର (+୯୧ କିଗ୍ରା) ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ କରିସାରିଛନ୍ତି। ପୂର୍ବରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସର୍ବାଧିକ ୮ଜଣ ବକ୍ସର ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ।

# ଯୋଗ୍ୟତା ହାସଲ କଲେ ଜାଭେଲିନ ଥ୍ରୋୟର ଶିବପାଲ

ପୋର୍ଟ୍‌ଚେଫ୍‌ଷ୍ଟ୍ରୁମ(ଦକ୍ଷିଣ ଆଫ୍ରିକା), ୧୧।୩(ପି.ଟି.)



ଭାରତୀୟ ଜାଭେଲିନ ଥ୍ରୋୟର ଶିବପାଲ ସିଂ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ବୁଧବାର ଚଳିତବର୍ଷ ହେବାକୁ ଥିବା ଇଭେଣ୍ଟ ଲାଗି ଧାର୍ଯ୍ୟ କ୍ୱାଲିଫାଇଙ୍ଗ ଦୂରତା (୮୫ ମିଟର) ହାସଲ କରିଛନ୍ତି। ସେ ଦେଶର ଦ୍ୱିତୀୟ ଜାଭେଲିନ ଥ୍ରୋୟର ଭାବେ ଅଲିମ୍ପିକ୍ ଖେଳିବେ। ତାଙ୍କ ପୂର୍ବରୁ ନୀରଜ ଚୋପ୍ରା ଏହି ସଫଳତା ପାଇଥିଲେ। ୨୪ ବର୍ଷୀୟ ଶିବପାଲ ଏସିଏନ୍‌ଡବ୍ଲ୍ୟୁ ପ୍ରତିଯୋଗିତାରେ ୫ମ ଉଦ୍ୟମରେ ୮୫.୪୭ ମି. ଦୂରତା ହାସଲ କରିଛନ୍ତି। ଏ ସମ୍ପର୍କରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ଜଣେ ଭାରତୀୟ ଆକାଶଦୀପ ସିଂ ୭୫ ମି. ଦୂରତା ଜାଭେଲିନ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖଥାଉ କି, ନୀରଜ ଗତ ଜାନୁୟାରୀରେ ଅନ୍ୟ ଏକ ଏସିଏନ୍‌ଡବ୍ଲ୍ୟୁ ଲିଗ୍ ଇଭେଣ୍ଟ ଅଲିମ୍ପିକ୍ ଟିକେଟ୍ ପାଇଥିଲେ। ଶିବପାଲ ଓ ନୀଜରଙ୍କ ବ୍ୟତୀତ ୨୦ କି.ମି. ଚାଲିରେ କେ. ଟି ଇର୍ଫାନ, ଅବିନାଶ ସାବଲେ (ପୁରୁଷ ୩୦୦୦ ମି. ଷ୍ଟିପଲଚେଜ) ଓ ଦେଶର ମିକ୍ସଡ୍ ୪ ଗୁଣା ୪୦୦ ମି. ରିଲେ ଦଳ ଯୋଗ୍ୟତା ହାସଲ କରିସାରିଛନ୍ତି।

# ରଣଜୀ ଫାଇନାଲ ମଝିରେ ଅମ୍ପାୟର ବଦଳିଲେ

ରାଜକୋଟ,୧୧।୩

ବେଙ୍ଗଲ ଓ ସୌରାଷ୍ଟ୍ର ମଧ୍ୟରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ଫାଇନାଲ ଅବସରରେ ଅମ୍ପାୟର ପରିବର୍ତ୍ତନ ହୋଇଛନ୍ତି। ପ୍ରଥମ ଦିବସ ଖେଳ ଅବସରରେ ଫିଲ୍ଡ ଅମ୍ପାୟର ସି. ଶାମସୁଦ୍ଦିନଙ୍କ ତଳିପେଟରେ ବଲ ବାଜିଥିଲା। ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ପଡ଼ିଆ ବାହାରକୁ ନିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଫିଲ୍ଡ ଅମ୍ପାୟର ଅନନ୍ତ ପଦ୍ମନାଭନ ଏକା ମ୍ୟାଚ୍ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସ ପ୍ରଥମ ସେସନରେ ସ୍ଥାନୀୟ ଅମ୍ପାୟର ପୀୟୂଷ ଖାକର ସ୍କୋୟାର ଲେଗ୍ ଅମ୍ପାୟର କାର୍ଯ୍ୟ ତୁଲାଇଥିଲେ। ଲଞ୍ଚ ବ୍ରେକ୍ ପରେ ପଦ୍ମନାଭନଙ୍କ ସହ ପଡ଼ିଆରେ ଯୋଗଦେଇଥିଲେ ତୃତୀୟ ଅମ୍ପାୟର ଏସ. ରବି। ଶାମସୁଦ୍ଦିନ ଟିଭି ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ। ତୃତୀୟ ଦିବସରେ ଶ୍ୟାମସୁଦ୍ଦିନଙ୍କ ବଦଳ ଅମ୍ପାୟର ଭାବେ ଯୋଗଦେଇଥିଲେ ଯଶୱନ୍ତ ବାର୍ଡେ। ଶ୍ୟାମସୁଦ୍ଦିନ ତଳିପେଟର ଡାହାଣ ପଟରେ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ଚେକ୍‌ଅପ୍ ପାଇଁ ଡାକ୍ତରଖାନା ଯାଇଥିଲେ। ତାଙ୍କୁ ଏକ ସପ୍ତାହ ବିଶ୍ରାମ ଲାଗି ପରାମର୍ଶ ଦିଆଯାଇଛି ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି।

# ସୌରାଷ୍ଟ୍ର ୪୨୫, ବେଙ୍ଗଲ ୧୩୪/୩

ରଣଜୀ ଟ୍ରଫି

ରାଜକୋଟ, ୧୧।୩

ଏଠାରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲର ତୃତୀୟ ଦିବସ ଖେଳ ବୁଧବାର ଶେଷ ହୋଇଛି। ଅର୍ପିତ ବାସବଦାଙ୍କ ଶତକ ସହାୟତାରେ ସୌରାଷ୍ଟ୍ର ୪୨୫ ରନ କରିଥିବାବେଳେ ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ବେଙ୍ଗଲ ୩ ଉଇକେଟ ହରାଇ ୧୩୪ ରନ କରିଛି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ବେଙ୍ଗଲ ଆହୁରି ୨୯୧ ରନ ପଛରେ ରହିଛି।

## ଅର୍ପିତଙ୍କ ୮ମ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସୌରାଷ୍ଟ୍ର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ହାର୍ଭିକ ଦେଶାଇ (୩୮) ଓ ଅଭି ବାରୋଟ(୫୪) ଓପନିଂ ଯୋଡ଼ିରେ ୨୨୭ ବଲ୍‌ରୁ ୮୨ ରନ ସଂଗ୍ରହ କରିଥିଲେ। ବାସବରାଜ ଜାଡେଜା ୯୨ ବଲ୍‌ରୁ ୫୪ ରନ କରିଥିବାବେଳେ ଅର୍ପିତ ୨୮୭ ବଲ୍ ଖେଳି କ୍ୟାରିୟରର ୮ମ ପ୍ରଥମଶ୍ରେଣୀ ଶତକ(୧୦୬ ରନ) ହାସଲ କରିଥିଲେ। ମିଡଲ ଅର୍ଡରରେ ଚେତେଶ୍ୱର ପୂଜାରା ୨୩୭ ବଲ୍‌ରୁ ୬୬ ଓ ଶେଷଭାଗରେ ଧର୍ମେନ୍ଦ୍ରସିନ୍ ଜାଡେଜା ୩୩ ରନରେ ଅପରାଜିତ ରହିବାରୁ ପାଖାପାଖି ଅଢ଼େଇ ଦିନ ଖେଳି ସୌରାଷ୍ଟ୍ର ପ୍ରଥମ ଇନିଂସରେ ୪୨୫ ରନ ସ୍କୋର କରିଥିଲା। ବେଙ୍ଗଲର ଆକାଶଦୀପ ୪ଟି, ଶାହାବାଜ ଅହମ୍ମଦ ୩ଟି, ମୁକେଶ କୁମାର ୨ଟି ଓ ଇଶାନ ପୋରେଲ ଗୋଟିଏ ଉଇକେଟ ନେଇଥିଲେ। ରଣଜୀ ଟ୍ରଫି ଟାଇଟଲ ହାସଲ କରିବାକୁ ହେଲେ ବେଙ୍ଗଲକୁ ପ୍ରଥମେ ପ୍ରଥମ ଇନିଂସରେ ସୌରାଷ୍ଟ୍ରଠାରୁ ଅଧିକ ସ୍କୋର କରିବା ଆବଶ୍ୟକ ହେଉଛି। ୩୫ ରନରେ ଦୁଇ ଓପନରଙ୍କୁ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଲାଭ କରିଥିବାବେଳେ ସୁଦୀପ ଚାଟାର୍ଜୀ ଓ ମନୋଜ ତିୱାରୀ ୩ୟ ଉଇକେଟ ଯୋଡ଼ିରେ ୮୯ ରନ ଯୋଗକରି କିଛି ସମୟ ସ୍ଥିତି ସମ୍ଭାଳିଥିଲେ। ତେବେ ଦିବସର ଶେଷଭାଗରେ ମନୋଜଙ୍କ ଉଇକେଟ ହରାଇବାରୁ ବେଙ୍ଗଲ ପୁଣି ଆଶଙ୍କା ମଧ୍ୟରେ ରହିଛି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମନୋଜ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ଚିରାଗ ଜାନିଙ୍କ ବଲ୍‌ରେ ଏଲବିଡବଲ୍ୟୁ ଆଉଟ ହୋଇ ଯାଇଥିଲେ। ତୃତୀୟ ଦିବସ ଷ୍ଟମ୍ପ ବେଳକୁ ସୁଦୀପ ୧୪୫ ବଲ୍‌ରୁ ୪୭ ଓ ଅଭିଜ୍ଞ ରିଦ୍ଧିମାନ ଶାହା ୪୩ ବଲ୍‌ରୁ ୪ ରନ କରି ଅପରାଜିତ ଅଛନ୍ତି। ସୌରାଷ୍ଟ୍ରର ଡି. ଜାଡେଜା, ପ୍ରେରକ ମଙ୍କଡ ଓ ଚିରାଗ ଜାନି ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି।



ଶତକ ହାସଲକାରୀ ଅର୍ପିତ ବାସବଦା।

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୪୨୫/ଅଲଆଉଟ(ଅର୍ପିତ–୧୦୬, ପୂଜାରା–୬୬, ବାରୋଟ–୫୪, ବାସବରାଜ–୫୪, ଡି. ଜାଡେଜା–୩୩*, ଆକାଶ–୪/୯୮, ଶାହବାଜ ଅହମ୍ମଦ–୩/୧୦୩, ମୁକେଶ–୨/୧୦୩, ପୋରେଲ–୧/୫୧)।

ବେଙ୍ଗଲ ପ୍ରଥମ ଇନିଂସ: ୧୩୪/୩(ସୁଦୀପ ଚାଟାର୍ଜୀ–୪୭, ମନୋଜ–୩୫, ଡି. ଜାଡେଜା–୧/୪୩, ପ୍ରେରକ–୧/୭, ଚିରାଗ–୧/୧୬)।

# ମହିଳା ଦଳ, ଜାଫର ପ୍ରଶଂସାର ପାତ୍ର

ଗୌତମ ଗମ୍ଭୀର

ଦୀର୍ଘଦିନ ପରେ ପୁଣିଥରେ ପାଠକଙ୍କ ସହ ଏହି ଲେଖା ମାଧ୍ୟମରେ ସମ୍ପର୍କ ସ୍ଥାପନ କରୁଛି। ଭାରତୀୟ ପୁରୁଷ ଦଳ ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ସିରିଜ୍ ହାରିଲା। ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟି୨୦ ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ଐତିହାସିକ ପ୍ରଦର୍ଶନ କରି ଟାଇଟଲ ହାସଲର ନିକଟବର୍ତ୍ତୀ ହୋଇଥିଲା। ଏବେ ଏକ ନୂଆ ଚୟନ କମିଟି ଗଠନ ହୋଇଛି। ମୋର ଘନିଷ୍ଠ ବନ୍ଧୁ ୱାସିମ୍ ଜାଫର କ୍ରିକେଟର ସବୁ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ସାରା ବିଶ୍ୱ କରୋନା ଭାଇରସ୍ ସହ ସଂଘର୍ଷ କରୁଛି। ଏବେ ଭାରତ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଟିକିଏ ପଛକୁ ହଟି କ୍ରିକେଟର ଏକ ବୃହତ୍ତର ଚିତ୍ର ଦେଖିବାକୁ ପ୍ରୟାସ କରିବି।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୦–୨ରେ ପରାସ୍ତ ହେବା ପରେ ବିରାଟ କୋହଲି ଓ ଭାରତ ଦଳକୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହା ମୋତେ ନିରାଶ କରିଛି। ପରାଜୟ ପରେ ଏବେସବୁ କଥାକୁ ନେଇ ପ୍ରଶ୍ନ କରାଯାଉଛି। ଚୟନ ପ୍ରକ୍ରିୟା, ଡ୍ରେସିଂରୁମ୍ ପରିବେଶ, ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂ ଓ ଏପରି କି କୋହଲିଙ୍କ ଆଇ– ସାଇଟ୍‌କୁ ନେଇ ସମାଲୋଚକମାନେ ପ୍ରଶ୍ନ ପଚାରିଛନ୍ତି। ପ୍ରଥମଥର ପାଇଁ ପୃଥ୍ୱୀ ଶ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିଲେ। ମୟଙ୍କ ଅଗ୍ରୱାଲ ମଧ୍ୟ ସେତେଟା ଅଭିଜ୍ଞ ହୋଇନାହାନ୍ତି। ରୋହିତ୍ ଶର୍ମା ଓ ଶିଖର ଧାୱନଙ୍କ ଅନୁପସ୍ଥିତିରେ ବିରାଟ କୋହଲି, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ଉପରେ ଦଳ ଅଧିକ ନିର୍ଭର କରିଥିଲା। ଶେଷରେ ଏହି ୩ ଖେଳାଳି ମଧ୍ୟ ପରିବେଶ ସହିତ ଖାପ ଖୁଆଇ ପାରି ନ ଥିଲେ ଓ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।

ବୋଲିଂରେ ଭାରତ ଅବଶ୍ୟ ଭଲ ପ୍ରଦର୍ଶନ କରିଥିଲା। ଇଶାନ୍ତ ଶର୍ମା ସଫଳ ପ୍ରତ୍ୟାବର୍ତ୍ତନ କରିବା ପରେ ପୁଣି ଆହତ ହୋଇଥିଲେ। ଭାରତ ୪ ବୋଲରଙ୍କୁ ନେଇ ଖେଳିବା ମୋତେ ନିରାଶ କରିଥିଲା। ଭାରତ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା କଥା ପୂର୍ବରୁ ଅନେକଥର କହିଛି। ଏହାବାଦ୍ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରିବାର ଆବଶ୍ୟକତା ଥିଲା। ଏହି ଦୁଇଟି ତ୍ରୁଟିକୁ ବାଦ୍ ଦେଲେ ବାକିସବୁ ନିଷ୍ପତ୍ତି ଠିକ୍‌ଠାକ୍ ଥିଲା। ଏବେ ଆମ ଦଳ ଅଧିକ ଅନୁକୂଳ ପରିବେଶରେ ଥିବା ପରି ମନେହେଉଛି। ଗୁରୁବାର ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବର୍ଷା ସମ୍ଭାବନା ରହିଛି। ଯଦି ମ୍ୟାଚ୍ ଖେଳାଯାଏ ତା'ହେଲେ ଭାରତ ଫାଇଦାରେ ରହିବ। ଧାୱନଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଡ୍ରେସିଂରୁମ୍‌ରେ ଆତ୍ମବିଶ୍ୱାସ ବଢ଼ାଇବ। ଫର୍ମାଟ୍ ଓ ପରିବେଶ ପୃଥ୍ୱୀ ଶ'ଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ସେ ଏକ ଭିନ୍ନଧରଣର ବ୍ୟାଟ୍ସମ୍ୟାନ ରୂପେ ଦୃଶ୍ୟମାନ ହେବେ। ପୃଥ୍ୱୀ ଶର୍ଟ ବଲ୍‌କୁ ସାମ୍ନା କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଦିନିକିଆରେ ସେ ଏହି ସମସ୍ୟାରେ ପଡିବେ ନାହିଁ ବୋଲି ଭାବୁଛି। ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଦେଖିବାକୁ ଅନାଇ ବସିଛି। ଜଣେ ଫାଷ୍ଟ ବୋଲିଂ ଅଲ୍‌ରାଉଣ୍ଡର ସବୁବେଳେ ଦଳ ପାଇଁ ସବୁ ଫର୍ମାଟ୍‌ରେ ଅତ୍ୟନ୍ତ ଉପଯୋଗୀ ହୋଇଥାନ୍ତି। ଯଦି ପାଣ୍ଡ୍ୟା ଧୂଆଁଧାର ବ୍ୟାଟିଂ କରନ୍ତି ତା'ହେଲେ କୋହଲି ନିଶ୍ଚିତ ଭାବେ ଖୁସି ହେବେ। ଏକ ନୂଆ ରୂପରେ ଭାରତ ଦିନିକିଆ ସିରିଜରେ ଅବତୀର୍ଣ୍ଣ ହେବ।

ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଉଛି। ସାରା ଦେଶକୁ ଏହି ଦଳ ବେଶ୍ ଖୁସି ଦେବାରେ ସମର୍ଥ ହୋଇଛନ୍ତି। ଟି୨୦ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ମହିଳା ଦଳ ହୃଦୟ ଜିତିବାରେ ସମର୍ଥ ହୋଇଛି। ଟିଭିରେ ବହୁସଂଖ୍ୟାରେ ଦର୍ଶକ ମହିଳା ଦଳ ମ୍ୟାଚ୍ ଦେଖି ବେଶ୍ ଆନନ୍ଦିତ ହୋଇଛନ୍ତି। ବ୍ୟବସାୟୀ ଓ ବ୍ରଡ୍‌କାଷ୍ଟରଙ୍କ ପାଇଁ ମହିଳା ଦଳ ବେଶ୍ ଲାଭଦାୟୀ ସାବ୍ୟସ୍ତ ହୋଇଛି। ଏଥିସହିତ ଜାଫରଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇବାକୁ ଚାହିଁବି। କ୍ରିକେଟ୍‌ର ସେ ଜଣେ ବଡ଼ ଆମ୍ବାସାଡର। ତାଙ୍କ ଅଭିଜ୍ଞତା ଓ ପ୍ରତିଭା ପ୍ରକୃତରେ ପ୍ରଶଂସନୀୟ। ମହିଳା ଦଳ ଓ ଜାଫର ବାସ୍ତବରେ ପ୍ରଶଂସାର ପାତ୍ର।

(ଗେମ୍ ପ୍ଲାନ୍/ ଦୀନେଶ ଚୋପ୍ରା ମିଡିଆ)

#WhatDrivesYou
EXIDE

# ୨୦୨୧ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରହିବ ୩ ରିଜର୍ଭ ଡେ

ଅକ୍‌ଲାଣ୍ଡ,୧୧।୩

ନ୍ୟୁଜିଲାଣ୍ଡରେ ହେବାକୁ ଥିବା ୨୦୨୧ ଆଇସିସି ମହିଳା ଦିନିକିଆ ବିଶ୍ୱକପର କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଏହି ଇଭେଣ୍ଟର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ୩ ରିଜର୍ଭ ଡେ' ରଖାଯାଇଛି। ନିକଟରେ ଶେଷ ହୋଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ରିଜର୍ଭ ଡେ ନ ଥିବାରୁ ଭାରତ ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା। ଏଥିଯୋଗୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ନ୍ୟୁଜିଲାଣ୍ଡର ୬ଟି ଭେନ୍ୟୁରେ ମୋଟ ୩୧ ମ୍ୟାଚ୍ ଖେଳାଯିବ। ଭେନ୍ୟୁଗୁଡ଼ିକ ହେଲା ଅକ୍‌ଲାଣ୍ଡ, ହାମିଲଟନ, ଟୌରାଙ୍ଗା, ୱେଲିଂଟନ, ଖ୍ରିଷ୍ଟଚର୍ଚ୍ଚ ଓ ଡୁନେଡିନ। ଦୁଇଟି ସେମିଫାଇନାଲ ମ୍ୟାଚ୍ ଟୌରାଙ୍ଗା ଓ ହାମିଲଟନଠାରେ ମାର୍ଚ୍ଚ ୩ ଓ ୪ ତାରିଖରେ ଖେଳାଯିବ। ଫାଇନାଲ ମ୍ୟାଚ୍ ହେଗ୍‌ଲେ ଓଭାଲରେ ୭ ତାରିଖରେ ଅନୁଷ୍ଠିତ ହେବ। ଆୟୋଜକ ନ୍ୟୁଜିଲାଣ୍ଡ ଫେବୃୟାରୀ ୬ରେ ଏକ କ୍ୱାଲିଫାୟର୍ସ ଦଳ ସହ ଖେଳି ଅଭିଯାନ ଆରମ୍ଭ କରିବ। ୨୦୨୧ ବିଶ୍ୱକପ୍ ଲାଗି କେବଳ ୪ ଦଳ ଅଷ୍ଟ୍ରେଲିଆ, ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ନ୍ୟୁଜିଲାଣ୍ଡର ସ୍ଥାନ ସ୍ପଷ୍ଟ ହୋଇଛି। ଅନ୍ୟ ଦଳଗୁଡ଼ିକ ମହିଳା ଚାମ୍ପିୟନଶିପ୍ ଓ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହେବେ।

ମନେ ପଡ଼ନ୍ତି

୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ(ରୋଜି)
ପିତା: ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ–୨୯୦୧, ଶୁଭମ୍, (ନାଗେଶ୍ୱର ଟାଙ୍ଗି), ଭୁବନେଶ୍ୱର
ତିରୋଧାନ: ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା.୧୦।୦୩।୨୦୧୫)
ମାଟିଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ-ଭଉଣୀ ଜ୍ୱାଇଁ, ଭାଇ-ଭାଉଜ, ଝିଆରୀ-ପୁତୁରା ଓ ବନ୍ଧୁବର୍ଗ।
ଧ–୬୭୨୯

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ରବୀନ୍ଦ୍ର ପ୍ରସାଦ ପଣ୍ଡା
ସତ୍ୟଭାମାପୁର, କଟକ
ଶ୍ରଦ୍ଧାଞ୍ଜଳି ସହ ପତ୍ନୀ-ଗୌରୀବାଳା
ଆବିର୍ଭାବ : ୦୨-୦୬-୧୯୪୦
ତିରୋଧାନ : ୨୪-୦୩-୨୦୧୯
ବାପା, ତୁମେ ଆମମାନଙ୍କୁ ଏତେ ଶୀଘ୍ର ଛାଡି ଚାଲିଯିବ ବୋଲି ଆମେ କେବେ କଳ୍ପନା କରିନଥିଲୁ। ତୁମ ଅବର୍ତ୍ତମାନରେ ଆମେ ସଂପୂର୍ଣ୍ଣ ଅସହାୟ ହୋଇଯାଇଛୁ। ଆମେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ, ସେ ତୁମ ଅମର ଆତ୍ମାକୁ ଶାନ୍ତି ଓ ମୁକ୍ତି ଦିଅନ୍ତୁ।
ଶୋକସନ୍ତପ୍ତ
ପୁଅ-ବୋହୂ: ଦୀପୁ ଓ ଦୀପା, ଝିଅ-ଜ୍ୱାଇଁ: ସଂଜୁ-ସଂଜିତ୍, ବିଜି-ଜଗନ୍ନାଥ, ନିନା-ସନ୍ତୋଷ, ଇତିନା-ଜିତୁ ଏବଂ ନାତିମାନେ: ବବ୍‌ଲୁ, ତୁତୁଲ, ସିପୁଲ, ଅତୁଲ, ଅର୍କ, ଋଷି ଓ ଈଶାନ
ଧ–୧୭୧୦୮

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ–୬୮୬୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ ପ୍ରଫୁଲ୍ଲ କୁମାର ପାତ୍ର
ଚଢିଆପଲ୍ଲୀ (ଆସିକା) ଗଞ୍ଜାମ
ଆବିର୍ଭାବ : ୯.୩.୧୯୬୦
ତିରୋଧାନ : ୨୩.୩.୨୦୧୯
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
– ହତଭାଗା
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୭୧୦୫

ଶ୍ରଦ୍ଧାଞ୍ଜଳି



ମୋର ପୂଜ୍ୟା ମାତା ଶ୍ରୀମତୀ ତିଳୋତ୍ତମା ନନ୍ଦ ଗତ. ୦୯।୦୩।୨୦୨୦ରେ ଆମ ସମସ୍ତ ପରିବାରବର୍ଗଙ୍କୁ ଦୁଃଖ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ପରିବାରବର୍ଗ ମାତାଙ୍କର ସଦ୍‌ଗତି ଓ ଆତ୍ମାଶାନ୍ତି ପାଇଁ ଭଗବାନଙ୍କୁ ଆମେ ପ୍ରାର୍ଥନା କରୁଛୁ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ଓଁ ଶାନ୍ତି------
ପୁଅ- ଶ୍ରୀ ସୁଦୀପ ନନ୍ଦ, ବୋହୂ- ସଂଯୁକ୍ତା ନନ୍ଦ ଓ ପରିବାରବର୍ଗ।
ଧ–୧୭୧୦୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ Sambalpur, Thursday, March 12 / 2020

# ଉଡ଼ନ୍ତା ମୂଷା ଉଦ୍ଧାର



ଉଦ୍ଧାର ହୋଇଥିବା ଉଡ଼ନ୍ତା ମୂଷା ।

**ପାଇକମାଲ,୧୧।୩(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ-ନୃସିଂହନାଥ ରାସ୍ତା ପାଖରୁ ମଙ୍ଗଳବାର ଏକ ବିଲୁପ୍ତ ପ୍ରାୟ ଉଡ଼ନ୍ତା ମୂଷାକୁ ଉଦ୍ଧାର କରାଯାଇ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଚିକିତ୍ସା ପରେ ତାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସ୍ଥାନୀୟ ବନ ବିଭାଗ ରେଞ୍ଜର ଗିରିଧାରୀ ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର୍ ସମୟରେ ମନୋଜ ତ୍ରିବେଦୀ ଓ ମଧୁସୂଦନ ପ୍ରଧାନ ପାଇକମାଲ-ନୃସିଂହନାଥ ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିଲେ। ଏହି ସମୟରେ ରାସ୍ତାକଡ଼ ଏକ କେନ୍ଦୁଗଛ ତଳେ ଉଡ଼ନ୍ତା ମୂଷାଟି ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହାପରେ ଖବର ଦେବାରୁ ବନ ବିଭାଗ କର୍ମଚାରୀମାନେ ସେଠାକୁ ପହଞ୍ଚି ମୂଷାଟିକୁ ଉଦ୍ଧାର କରି ନେଇଥିଲେ।

# ଅଜଣା ରୋଗ: ୧୫ ଦିନରେ ୪ ମୃତ

**ଲାଞ୍ଜିଗଡ଼,୧୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳରେ ସଚେତନତା ଅଭାବ ତଥା ସ୍ୱାସ୍ଥ୍ୟ ବିଭାଗ ଅବହେଳା ଯୋଗୁ ଦିନକୁ ଦିନ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡିଛି। ଏପରି କି ଅଜଣା ରୋଗରେ ଗତ ୧୫ ଦିନରେ ୪ ଜଣ ରୋଗୀ ମୃତ୍ୟୁବରଣ କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଖବର ଅନୁଯାୟୀ, ବ୍ଲକର ଲାଞ୍ଜି ପଞ୍ଚାୟତ ଖକ୍‌ସି ଗାଁରେ କୌଣସି ଏକ ଅଜଣା ରୋଗରେ ୧୧ ଜଣ ଲୋକ ଆକ୍ରାନ୍ତ ହୋଇଥିବାବେଳେ ଗତ ଦୁଇ ସପ୍ତାହ ମଧରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଏବେ ବି ୭ଜଣ ଲୋକ ଗୁରୁତର ଅବସ୍ଥାରେ ଥିବାବେଳେ ବହୁ ବିଳମ୍ବରେ ସେମାନଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିବା ଜଣାପଡିଛି। ଏହି ରୋଗରେ ଆକ୍ରାନ୍ତ ଲୋକମାନଙ୍କ ପେଟ ଫୁଲିଯିବା ସହ ହାତଗୋଡ଼ ଫୁଲିଯାଉଛି। ଏହିପରି ଭାବେ ଗତ ୧୫ ଦିନ ମଧରେ ଗାଁର ଶୁକ୍ରୁ ମାଝି (୩୮), ବୁଡେ ମାଝି (୬୦), ଭୁର୍ସି ମାଝି (୬୫), ସାରା ମାଝି (୬୦)ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏବେ ବି ଗାଁରେ ଅନେକ ଆକ୍ରାନ୍ତ ଥିବାବେଳେ ତୁରନ୍ତ ଚିକିତ୍ସା ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ୪ଜଣଙ୍କ ମୃତ୍ୟୁ ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଲାଞ୍ଜିଗଡ ଏମଏଚୟୁ ଟିମ୍ ଡ.ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଗାଁରେ ପହଞ୍ଚିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଉଥିବା ବେଳେ କିଛି ରୋଗୀଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୁଧବାର ମଧ ଲାଞ୍ଜିଗଡ ଡାକ୍ତରୀ ଟିମ୍ ଗାଁକୁ ଆସି ବିଭିନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବର୍ତ୍ତମାନ କୌଣସି ଭୟର ଆଶଙ୍କା ନାହିଁ, ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସିଡିଏମଓ ଜଗୁଲାଲ ଅଗ୍ରୱାଲ ପ୍ରକାଶ କରିଛନ୍ତି।



ଜଣେ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି।

# ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କାର୍ଯ୍ୟକାରୀ ଲାଗି ବାଣିଜ୍ୟ, ପରିବହନ ବିଭାଗୀୟ କମିଟିର ସୁପାରିସ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ବିଧାନସଭା ବାଣିଜ୍ୟ ବିଭାଗୀୟ କମିଟି ରିପୋର୍ଟରେ ୩ଟି ପ୍ରସ୍ତାବକୁ ୨୦୨୦-୨୧ ଆର୍ଥିକବର୍ଷ ବଜେଟରେ ଗୃହୀତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଲୋକମାନଙ୍କ ସୁବିଧା ପାଇଁ ପାରାଦୀପଠାରେ ଏକ ପାସେଞ୍ଜର ବର୍ଥ କରିବା ଲାଗି ଏକ ପ୍ରସ୍ତାବ ଆଗତ କରାଯାଉ। ସେହିପରି କେନ୍ଦୁଝରେ ପ୍ରେସ୍‌ର ଉନ୍ନତୀକରଣ ଲାଗି ବଜେଟରେ ପ୍ରସ୍ତାବ ଆସିବା ଜରୁରୀ। ଅନ୍ୟପଟେ ଯାତ୍ରୀମାନଙ୍କ ସୁବିଧା ଏବଂ ପର୍ଯ୍ୟଟନର ବିକାଶ ପାଇଁ ଏକ ଯାତ୍ରୀବାହୀ କ୍ରୁଜ ଚାନ୍ଦବାଲି-ତଳଚୁଆଁ-ରାଜନଗର-ଭିତରକନିକା-ଆଳି ପାଇଁ କରିବା ଆବଶ୍ୟକ। ଏଥିପାଇଁ ପର୍ଯ୍ୟଟନ ବିକାଶ ବିଭାଗ ସହ ଆଲୋଚନା କରିବାକୁ ହେବ। ସେହିଭଳି ବିଧାନସଭାର ପରିବହନ ବିଭାଗୀୟ କମିଟି ୭ ପ୍ରସ୍ତାବକୁ ଚଳିତ ବଜେଟରେ ଗୃହୀତ କରିବା ପାଇଁ କୁହାଯାଇଛି। ଲୋକମାନଙ୍କ ସୁବିଧା ଲାଗି ରାଜ୍ୟରେ ଥିବା ଟୋଲ୍‌ଗେଟ୍‌ଗୁଡିକ ନିକଟରେ ବସ୍ ରହଣି ସ୍ଥାନ, ଶୌଚାଳୟ ଏବଂ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଉ। ଏଥିଲାଗି ପୂର୍ତ୍ତ ବିଭାଗ ଏବଂ ଏନ୍ଏଚ୍ଏଆଇ ସହ ଯୋଗାଯୋଗ କରାଯାଇଥିବା ବେଳେ ବଜେଟ ରୂପରେଖ ପ୍ରସ୍ତୁତ ପାଇଁ କୁହାଯାଇଛି। ବସ୍ ରହଣି ସ୍ଥାନ ସକାଶେ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯେଉଁ ଜିଲା ମୁଖ୍ୟାଳୟଠାରେ ଭଲ ବସ୍‌ଷ୍ଟାଣ୍ଡ ନାହିଁ, ସେହିସବୁ ସ୍ଥାନରେ ଆଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସହ ଏଥିପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିବା ଲାଗି ପଦକ୍ଷେପ ନିଆଯାଉ। ଏହାସହିତ ଯେଉଁ ବ୍ଲକଗୁଡ଼ିକରେ ବସ୍ ରହିବାର ଭଲ ବ୍ୟବସ୍ଥା ନାହିଁ, ସେସବୁ ସ୍ଥାନରେ ଆଧୁନିକ ବସ୍‌ଷ୍ଟାଣ୍ଡ ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ କାର୍ଯ୍ୟ ପାଇଁ ବହୁ ବିଳମ୍ବ ହେଉଛି। ଏଥିଲାଗି ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ନୟାଗଡ଼ ଜିଲାର ଦଶପଲ୍ଲାରେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସରକାରୀ ଏବଂ ବେସରକାରୀ ଜମି ରେଳୱେକୁ ହସ୍ତାନ୍ତର ସରିଲାଣି। ନଦୀ, ନାଳ ଉପରେ ବ୍ରିଜ ନିର୍ମାଣ ଶେଷ ହେବ ଯେତେବେଳେ ଉପରକ୍ତ ଜିଲାଗୁଡିକରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଯିବ। ଏହା ତୁରନ୍ତ ଶେଷ କରାଯାଉ ବୋଲି କୁହାଯାଇଛି।

# ଘରୋଇ ବସ୍‌କୁ ୩୦ହଜାର ଜରିମାନା



ଟାଉନ୍ ଥାନାରେ ଅଟକ ଥିବା ଘରୋଇ ଯାତ୍ରୀବାହୀ ବସ୍।

**ବଲାଙ୍ଗୀର ଅଫିସ, ୧୧।୩**

- ଗାଡିର ନ ଥିଲା ପରମିଟ୍
- ଡ୍ରାଇଭର, କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିଲା

ପରମିଟ୍ ନଥିବା ଘରୋଇ ଯାତ୍ରୀବାହୀ ବସ୍ ରାସ୍ତାରେ ଗଡୁଥିଲା। ସେହି ଗାଡିକୁ ଚଳାଉଥିବା ଡ୍ରାଇଭର କି ଯାତ୍ରୀଙ୍କଠାରୁ ଟିକେଟ କାଟୁଥିବା କଣ୍ଡକ୍ଟରଙ୍କ ମଧ ଲାଇସେନ୍ସ ନ ଥିଲା । ବଲାଙ୍ଗୀର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନେତୃତ୍ୱରେ ସ୍ଥାନୀୟ ଆରଟିଓ ଅଫିସ ଛକ ନିକଟରେ ବୁଧବାର ଗାଡି ଯାଞ୍ଚ ପ୍ରକ୍ରିୟା ଚାଲିଥିବାବେଳେ ଶତାବ୍ଦୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ଯାଞ୍ଚ କରାଯାଇଥିଲା । ଏହି ଯାତ୍ରୀବାହୀ ବସ୍‌ର ପରମିଟ୍ ନଥିବା ଓ ଡ୍ରାଇଭର, କଣ୍ଡକ୍ଟରଙ୍କ ଲାଇସେନ୍ସ ନଥିବା ଜଣାପଡିଥିଲା । ଏହାପରେ ଏହି ଗାଡି ଉପରେ ୩୦ ହଜାର ୫ ଶହ ଟଙ୍କା ଫାଇନ୍ ପକାଯାଇଥିଲା । ପରେ ଉକ୍ତ ବସ୍‌କୁ ଟାଉନ୍ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆରଟିଓ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଜଳସେଚନ ପ୍ରକଳ୍ପକୁ ଠିକ୍ ସମୟରେ ସମାପ୍ତ କରାଯାଉ

## ଜଳ ସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି ସୁପାରିସ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଜଳସମ୍ପଦ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକ ପାଇଁ ପୂର୍ବାପେକ୍ଷା ଅନୁଦାନ ହ୍ରାସ ପାଇଛି। ତେଣୁ ଏଥିରେ ଅନୁଦାନ ରାଶିକୁ ବୃଦ୍ଧି କରିବା ପାଇଁ ବିଭାଗୀୟ ସ୍ଥାୟୀ କମିଟି ପ୍ରସ୍ତାବ ଦେଇଛି। ନଦୀ-ଏମ୍ବ୍ୟାକ୍‌ମେଣ୍ଟ ଏବଂ କେନାଲ ସର୍ଭିସକୁ ସଂଯୋଗ କରୁଥିବା ରାସ୍ତାଗୁଡିକର ଅପଗ୍ରେଡେଶନ୍ ପାଇଁ ନାହିଁ। ତେଣୁ ଏହି ପ୍ରସଙ୍ଗକୁ ଜଳସମ୍ପଦ ବିଭାଗ ପକ୍ଷରୁ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥ ବିଭାଗର ସହଯୋଗରେ ସମାଧାନ ପାଇଁ ଉଦ୍ୟମ କରାଯାଉ ବୋଲି କମିଟି ପକ୍ଷରୁ କୁହାଯାଇଛି। ବିଭାଗ ଦ୍ୱାରା ଜାରି ରହିଥିବା କେନାଲ ଲାଇନିଂ ଆଣ୍ଡ ସିଷ୍ଟମ ରିହାବିଲିଟେଶନ୍ ପ୍ରୋଗ୍ରାମ(ସିଏଲ୍ଏସ୍ଆରପି) ଅଧୀନରେ ଅଧିକ ସଂଖ୍ୟକ କେନାଲକୁ ଅଣାଯିବା ସବ ବଜେଟ୍ ବ୍ୟବସ୍ଥା କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି। ସୌରଶକ୍ତି ସାହାଯ୍ୟରେ ବୋର୍‌ୱେଲ ଏବଂ ସାଲୋ ଟ୍ୟୁବ୍‌ୱେଲ ନିର୍ମାଣ କରାଯାଉ। ହାତକୁ ନିଆଯାଇଥିବା ମଧ୍ୟମ ଏବଂ ବୃହତ୍ ଜଳସେଚନ ପ୍ରକଳ୍ପଗୁଡିକୁ ୩ରୁ ୪ ବର୍ଷ ମଧରେ ସମ୍ପୂର୍ଣ୍ଣ କରାଯାଉ। ମାଟି ତଳେ ପାଇପ ବିଛାଇ ଜଳସେଚନ କରିବାକୁ ପ୍ରସ୍ତାବ ରହିଛି। ଅନେକ ପ୍ରକଳ୍ପ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ପ୍ରଭାବିତ ହେଉଥିବାରୁ ଏପରି ପ୍ରସ୍ତାବ ଦିଆଯାଇଥିବା କୁହାଯାଇଛି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ ସମାପ୍ତ ହୋଇନାହିଁ। ତେଣୁ ୨ ବର୍ଷ ମଧରେ ଏହି କାର୍ଯ୍ୟକୁ ସାରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଗ୍ରୀଷ୍ମଦିନେ ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଉ। ରେଙ୍ଗାଲି ଦକ୍ଷିଣ ଓ ବାମ ପାର୍ଶ୍ୱରେ ବୃହତ୍ ଜଳସେଚନ ପଏଣ୍ଟ ନିର୍ମାଣ, ନୂଆପଡ଼ା ଜିଲାରେ ଉଡନ୍ତି ବ୍ୟାରେଜ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ। ଲୋୟର ଇନ୍ଦ୍ରସ୍ଥିତ ମୁଖ୍ୟ କେନାଲ ଲାଇନିଂ, ଋଷିକୁଲ୍ୟା ଏବଂ ବଂଶଧାରା ଅଥରିଟି ଗଠନ ପ୍ରସ୍ତାବ ଦିଆଯାଇଛି। ଅନୁରୂପ ଭାବେ ଗଞ୍ଜାମ ଜିଲାରେ ପିପଳାପାନକ ରିଜର୍ଭୟର ନିର୍ମାଣ ପାଇଁ କୁହାଯାଇଛି। ଏହା ବ୍ୟତୀତ ଋଷିକୁଲ୍ୟା, ଭଞ୍ଜନଗର, ସାଲିଆ, ଧାମେଇ, ବାଘୁଆ, ଡୋହ ଆଦି ଅଞ୍ଚଳରେ ଅଧିକ ପରିମାଣରେ ଜଳ ସଂରକ୍ଷଣ କରାଯାଉ। ସେତୁ ସହ କଂସାରୀଗୁଡାରେ ବ୍ୟାରେଜ୍ ନିର୍ମାଣ ପାଇଁ କୁହାଯାଇଛି। ବରିଷ୍ଠ ବିଧାୟକ ନୃସିଂହ ଚରଣ ସାହୁ ଏହି ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରହିଛନ୍ତି।

# ପୂର୍ବତନ ବିଧାୟକ ପ୍ରହ୍ଲାଦ ବେହେରାଙ୍କ ପରଲୋକ

**ବୌଦ୍ଧ,୧୧।୩(ସ୍ୱ.ପ୍ର)**

ଫୁଲବାଣୀର ପୂର୍ବତନ ବିଧାୟକ ପ୍ରହ୍ଲାଦ ବେହେରାଙ୍କ ୮୮ ବର୍ଷ ବୟସରେ ଗତ ସୋମବାର ସକାଳେ ବୁର୍ଲା ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ବୌଦ୍ଧ ଜିଲା ହରଭଙ୍ଗା ଗ୍ରାମ ମେଡିକାଲ ଛକ ନିକଟରେ ତାଙ୍କ ଘର। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସାଧାରଣ ଜନତା ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବୁର୍ଲାରୁ ତାଙ୍କର ମରଶରୀର ନିଜ ଗ୍ରାମ ହରଭଙ୍ଗାକୁ ଅଣାଯାଉଥିବା ବେଳେ ବୌଦ୍ଧଠାରେ ଭାଜପା ଜିଲା ସଭାପତି ବିପ୍ର ଚରଣ ମହାନ୍ତି ଓ ଦଳୀୟ କର୍ମକର୍ତ୍ତା ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଅତିରିକ୍ତ ତହସିଲଦାର ହରିଓମ ଭୋଇ, ହରଭଙ୍ଗା ଥାନାଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ସ୍ୱର୍ଗତ ବେହେରାଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳି ଦେବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ମହାନଦୀ ଶ୍ମଶାନ ଘାଟକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସଂଗ୍ରାମ ବେହେରା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ବେହେରା ସ୍ୱର୍ଗତ ବିଜୁବାବୁଙ୍କ ବ୍ୟକ୍ତିଗତ ଡ୍ରାଇଭର ଥିଲେ। ସେ ୧୯୭୭ରୁ ୧୯୮୦ ମସିହା ପର୍ଯ୍ୟନ୍ତ ଅଭିଭକ୍ତ ଫୁଲବାଣୀ-ବୌଦ୍ଧ ଜିଲାର ଫୁଲବାଣୀ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱର୍ଗତ ବେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଭାଜପାରେ ସାମିଲ ହୋଇଥିଲେ।



ପ୍ରହ୍ଲାଦ ବେହେରା (ଫାଇଲ ଫଟୋ)।

# ପେଟରେ ଛୁରି ଭୁସି ଯୁବକଙ୍କୁ ହତ୍ୟା

**ରାଉରକେଲା ଅଫିସ,୧୧।୩**

ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡା ଅଞ୍ଚଳରେ ସୋମବାର ରାତିରେ ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ସୋନୁ ଲୋହାର (୨୮)। ଏଥିରେ ସୋନୁଙ୍କ ଭଉଣୀ ମଧ ଆହତ ହୋଇଛନ୍ତି। ହତ୍ୟାକାରୀ କୁଅଁର ଲାକ୍ରାଙ୍କୁ ଉଦିତନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ନାଳ ପାଣିକୁ ନେଇ ଏହି ଦୁଇ ଜଣଙ୍କ ମଧରେ ପୂର୍ବରୁ ବିବାଦ ଲାଗି ରହିଥିଲା। ସୋମବାର ସନ୍ଧ୍ୟାରେ ଉଭୟଙ୍କ ମଧରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଏଥିରେ ଉତକ୍ଷିପ୍ତ କୁଅଁର ଘରୁ ଏକ ଛୁରି ଆଣି ସୋନୁଙ୍କ ପେଟରେ ଭୁସି ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ)କୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପପଙ୍ଗାରେ ନାମଯଜ୍ଞ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗାରେରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଦୋଳ ପୂର୍ଣ୍ଣିମା ଦିନ ଉଦଯାପିତ ହୋଇଛି। ଏଥିରେ ବାଘପାଲି, ରିଝେଇପାଲି,ଚିଚିଣ୍ଡା, ମହୁଲପାଲି, ଭେଡ଼େନ, ଅପାମରା, ଆମ୍ବଷଡ଼ା ଓ ନଅଗାଁର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ହୋତା ଓ ମୀନାକ୍ଷୀ ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

### ଶିବ ପାର୍ବତୀଙ୍କ ବିଗ୍ରହ ସ୍ଥାପିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତର ସିଂହେନପାଲିରେ ନୂତନ ଶିବ ପାର୍ବତୀ ବିଗ୍ରହ ସ୍ଥାପନ ଦୋଳ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଛି। ଏଥିପାଇଁ ବିଭିନ୍ନ ଦିବସରେ କଳସ ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ପ୍ରବଚକ ଦୀପ୍ତି ସିଂଙ୍କ ପ୍ରବଚନ ଓ ବସେଇକେଲା ଓ ପିପିଲିପାଲିର ମହିଳା ସଂକୀର୍ତ୍ତନ ପରିବେଷିତ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଷୋହଳ ପ୍ରହର ନାମଯଜ୍ଞ ହୋଇଥିଲା। ଯଜ୍ଞରେ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଥିବା ବେଳେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ, ଚନ୍ଦ୍ରଶେଖର ମିଶ୍ର ପୂଜକ ଥିଲେ । ଏହି ଯଜ୍ଞରେ ସରମସିଂ, ଝେଙ୍ଗନାଡିହି, ବିଜାଡିହି ଗାଁର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ସଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଚୁନୁଲାଲ ଝଗରା, ଜଗଦୀଶ ନାଏକ, ରାଜିମ ସଗରଙ୍କ ସମେତ ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ ।

### ସନ୍ତରଣରାଣୀ ପ୍ରତ୍ୟାଶାଙ୍କୁ ସମ୍ବର୍ଦ୍ଧନା

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଓଡିଶା ପାଇଁ ସନ୍ତରଣରେ ଅନେକ ପଦକ ଆଣିଥିବା ସନ୍ତରଣରାଣୀ ପ୍ରତ୍ୟାଶା ରାୟଙ୍କୁ ନିଜ ଗାଁରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ଖେଲୋ ଇଣ୍ଡିଆରେ ଭାଗ ନେଇ ସ ତିନିଟି ରୋପ୍ୟ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ହୋଲି ଅବସରରେ ନିଜ ଗାଁ ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ସରଗୁର ଗାଁରେ ପରେ ଗାଁ ଲୋକ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ । ପ୍ରତ୍ୟେକ ଘର ସମ୍ମୁଖରେ ଦୀପ ଜାଳି ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରତ୍ୟାଶାଙ୍କ ପିତା ରଜତ କୁମାର ରାୟ ବର୍ତ୍ତମାନ ଭୁବନେଶ୍ୱରରେ ପୋଲିସ ଚାକିରୀ କରୁଥିବାରୁ ସେ ଭୁବନେଶ୍ୱରରେ ରହୁଛନ୍ତି। ଆଗାମୀ ଦିନରେ ଅଲମ୍ପିକରେ ଅଂଶଗ୍ରହଣ କରିବାକୁ ଆଶା ରଖିଥିବା ପ୍ରତ୍ୟାଶା କହିଛନ୍ତି ।

# ପ୍ୟାକ୍ସରୁ ତାଲା ଖୋଲିଲେ ଚାଷୀ

ବରଗଡ଼ ଅଫିସ୍,୧୧।୩

ପଞ୍ଜୀକରଣ ଅବ୍ୟବସ୍ଥାକୁ ନେଇ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଫିସରେ ଗତ ୭ତାରିଖରେ ଅଞ୍ଚଳର ଚାଷୀମାନେ ତାଲା ପକାଇ ଦେଇ ଧାରଣା ଦେଇଥିଲେ। ଫଳରେ ପ୍ୟାକ୍ସ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସବ୍ୟସାଚୀ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ଭେସ୍ରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ସମେତ ସମବାୟ ବିଭାଗର ଅଧିକାରୀ ଆନ୍ଦୋଳନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ଚାଷୀଙ୍କ ଦାବିକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଛି। ଏହାସହିତ ସେ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବଙ୍କୁ ଅବଗତ କରାଯାଇଛି ଏବଂ ତୁରନ୍ତ ସେହି ସମସ୍ୟାର ସମାଧାନ ହୋଇଯିବ ବୋଲି ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ



ଆନ୍ଦୋଳନସ୍ଥଳରେ ସରକାରୀ ଅଧିକାରୀବୃନ୍ଦ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

**ଚାଷୀ ପଞ୍ଜୀକରଣ ନେଇ ଅସନ୍ତୋଷ ଘଟଣା**

ତାଲା ଖୋଲିଥିଲେ ଏବଂ ପୂର୍ବବତ୍ ପ୍ୟାକ୍ସ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା ।

ପ୍ରକାଶ ଯେ, ପଞ୍ଜୀକରଣ ହୋଇ ନ ପାରିବାରୁ ତୋରା ପ୍ୟାକ୍ସ ଅଧୀନରେ ରହିଥିବା ୫୬ଜଣ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ ଏହି ପ୍ୟାକ୍ସ ଅଧୀନରେ ଚାଷୀଙ୍କ ୧୭୧ଏକର ୬୫ଡେସିମିଲ ପତିତ, ବର୍ଚ୍ଛା ଜମି ରହିଛି। ତାକୁ ପତିତ, ବର୍ଚ୍ଛା ଭାବେ ଦର୍ଶାଯାଉଥିଲେ ସୁଦ୍ଧା ଚାଷୀମାନେ ସେହି ଜମିରେ ଚାଷ କରି ଧାନ ଅମଳ କରି ଆସୁଛନ୍ତି । ମାତ୍ର ଚାଷୀ ପଞ୍ଜୀକରଣ ସମୟରେ ସେହି କିସମର ଜମିକୁ ବାଦ୍ ଦିଆଯାଉ ଥିବା ଯୋଗୁ ଚାଷୀମାନେ ଅମଳ ଧାନକୁ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଚାଷୀମାନେ ଗତ ୭ତାରିଖରୁ ପ୍ୟାକ୍ସ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲେ । ଚାଷୀନେତା ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ଭୁବନେଶ୍ୱର ସାହୁ, ରମେଶ ମହାପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ, ୩ ଗୁରୁତର

ଗଣ୍ଡତୁରୁମ, ୧୧।୩ (ଡି.ଏନ.ଏ)
ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମ ନିକଟରେ ମଙ୍ଗଳବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ (୨୫) । ଏହି ଦୁର୍ଘଟଣାରେ ଅନ୍ୟ ତିନି ଜଣ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ମଧ୍ୟାହ୍ନରେ ସୋନପୁର ନନ୍ଦନମାଳ ଗ୍ରାମର ପ୍ରକାଶ ବିଶି (୩୫) ଏବଂ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ ଏକ ବାଇକ୍ (ନଂ.ଓଡି୩୧ଏଫ/୬୧୬୩) ଯୋଗେ ସୋନପୁର ଆଡୁ ଗୋଡଭଗାକୁ ଯାଉଥିଲେ । ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଆର୧୫ଏମ/୬୯୨୦) ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳର ପବିତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଓ ବାଇକ ଜବତ କରିବା ସହିତ ଗୁରୁତର ଆହତମାନଙ୍କୁ ବୁର୍ଲା ପଠାଇଥିଲା । ଏ ନେଇ ରୁଷୁଡା ଫାଣ୍ଡିରେ ଏକ ମାମଲା (ନଂ.୪୫/୨୦) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ଗଣେଷ ପ୍ରସାଦ କଲେତ କହିଛନ୍ତି ।

## ବାବାମଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର, ୧୧।୩ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଡୁଙ୍ଗୁରିପାଲି ସ୍ଥିତ ବାବା ମଠରେ ଶ୍ରୀମଦ ସଂକୀର୍ତ୍ତନ ଦାସ ଏବଂ ଶ୍ରୀମଦ ବନବାସୀ ଦାସଙ୍କ ତତ୍ତ୍ୱାବଧାନରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋରନ୍ଦା ମଠର ଶ୍ରୀମଦ ବସନ୍ତ ଦାସ, ଗଡଫୁଲଝର ମଠର ଶ୍ରୀମଦ ସୌକିଲାଲ ଦାସ, କଟଙ୍ଗତରାଇ ମଠର ଶ୍ରୀମଦ ସୁଦର୍ଶନ ଦାସ, ଛତିଶଗଡ ବୁହାରିପାଣି ମଠର ଶ୍ରୀମଦ ରାମାନନ୍ଦ ଦାସ, ଜଗଦଲପୁରର ଶ୍ରୀମଦ୍ ବଳରାମ ଦାସ, ଅଧ୍ୟାପକ ନିର୍ମଳ କୁମ୍ଭାର, ଭକ୍ତ ଅରୁପାନନ୍ଦ ପଧାନଙ୍କ ସମେତ ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ସମାଗମ ହୋଇଥିଲା । ଦର୍ଶକଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ମାଉସୀ ଘର ନିର୍ମାଣ ପାଇଁ ଭୂମି ପୂଜନ ଚାଲିଛି ।

## ଜଗନ୍ନାଥଙ୍କ ମାଉସୀ ଗୃହ ନିର୍ମାଣ ପାଇଁ ଭୂମିପୂଜା

ଅତାବିରା, ୧୧।୩ (ଡି.ଏନ.ଏ)
ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିରର ମାଉସୀ ଘର ନିର୍ମାଣ ପାଇଁ ମଙ୍ଗଳବାର ଭୂମିପୂଜନ କରାଯାଇଛି। ପଣ୍ଡିତ ପରୀକ୍ଷିତ ପୁରୋହିତ ମନ୍ତ୍ରପାଠ କରିଥିଲେ । ଗାଁ ଗୌନ୍ତିଆ ମଦନ ମୋହନ ଦାଶ, ଉଦୟ ଦାଶ, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ସୁଦାମ ମହାକୁର, ଦଶରଥ ବାଦୀ, ଶୁକ୍ର ସେଟ, କପିଳାଶ ଦନ୍ତା, ଗୋବିନ୍ଦ ଦନ୍ତା, ମନବୋଧ ଦନ୍ତାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବରପାଲିରେ ଆନ୍ତର୍ଜାତୀୟ ମହିଳା ଦିବସ

ବରପାଲି, ୧୧।୩ (ଡି.ଏନ.ଏ)
ବରପାଲି ଗଙ୍ଗାଧର କ୍ଲବ ପରିସରରେ ସମ୍ବଲପୁର ହସ୍ତତନ୍ତ ସେବାକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ମହିଳା ସଂଘ ପକ୍ଷରୁ ରବିବାର ମହିଳା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଘରଯୁଗି ଗଡତିଆ, ବାନ୍ଧଶିଳ୍ପୀ ଦେବକୀ ମେହେର, ସୁକାନ୍ତି ମେହେର, ଶାନ୍ତିଲତା ମେହେର ଓ କଳାବତୀ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ଅଶୋକ ହୋତା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାନ୍ଧକଳା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତୀୟ ସମ୍ମାନ ପାଇଥିବା ବାନ୍ଧଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବରପାଲି ଶିବାଜୀ କ୍ଲବ ପରିସରରେ ସ୍ଥାନୀୟ ହେଲପିଙ୍ଗ ହାର୍ଟ ଓ ବରଗଡ ସଖିର ମିଳିତ ଆନୁକୂଲ୍ୟରେ ମହିଳା ଆଇନ ଓ ଅଧିକାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଖିର ମୁଖ୍ୟ ସଞ୍ଚାଳିକା ମିନାକ୍ଷୀ ସାହୁ, ରୂପାଲି ଶତପଥି ଓ ସତ୍ୟାନନ୍ଦ ପାଣ୍ଡେ ଅଂଶଗ୍ରହଣ କରିଥିଲେ ।

## ଜାବ୍‌ର ସାଧାରଣ ପରିଷଦ ବୈଠକ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ଠାରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ୍)ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଖବରଦାତା ଯୋଗ ଦେଇଥିଲେ। ଏହି ବୈଠକରେ ଜିଲାର ଖବରଦାତା ମାନଙ୍କ ସମସ୍ୟା, କଲ୍ୟାଣ ପାଣ୍ଠି ଗଠନ, ଭବନ ନିର୍ମାଣ, ଗ୍ରାମାଞ୍ଚଳ ଖବରଦାତା ମାନଙ୍କ ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା। ଖବରଦାତାଙ୍କୁ ହେଉଥିବା ଆକ୍ରମଣକୁ ନେଇ ବରଗଡ଼ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଖବରଦାତା ଭୀଷ୍ମଦେବ ପଣ୍ଡା, ସୁରେଶ କୁମାର ଦାଶ, ହେମନ୍ତ ପଧାନ, ସଚ୍ଚିଦାନନ୍ଦ ପାତ୍ର, ସରୋଜ ଷଡ଼ଙ୍ଗୀ, ଜୟସିଂ ପଧାନ ଆଲୋଚନାରେ ଭାଗ ନେଇଥିଲେ। ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପ୍ରଦାନ ଓ ନିର୍ମଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଡ଼େନରେ ହୋଲି ପାଳିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ହୋଲି ପର୍ବ ପାଳିତ ହୋଇଛି। କରୋନା ଭୟ ତଥା ସତର୍କତା ସତ୍ତ୍ୱେ ଏହି ପର୍ବ ଫିକା ପଡ଼ି ନ ଥିଲା । ହୋଲି ଦିନ ଭେଡ଼େନର ସମସ୍ତ ଦୋକାନ ବଜାର ବନ୍ଦ ହେବା ସହ ବିଭିନ୍ନ ପିକନିକ ସ୍ପଟରେ ହୋଲି ଭୋଜି ପାଇଁ ଭିଡ଼ ଲାଗିଥିଲା। ଚଳିତଥର ଦେଶୀ କୁକୁଡ଼ା ଓ ଖାସି ମାଂସ କିଲୋ ପିଛା ଦର ୪ଶହରୁ ୫ଶହ ପର୍ଯ୍ୟନ୍ତ ଥିଲା।

## ନୃସିଂହନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା



ପଦ୍ମପୁର ବିଧାୟକ ନୃସିଂହନାଥ ମନ୍ଦିର ଉନ୍ନତୀକରଣ ପାଇଁ ସମୀକ୍ଷା କରୁଛନ୍ତି ।

ପାଇକମାଳ, ୧୧।୩ (ଡି.ଏନ.ଏ)
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୃସିଂହନାଥ ମନ୍ଦିରର ଉନ୍ନତିକରଣ ପାଇଁ ଏକ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଏହାର ସୁବିନିଯୋଗ ପାଇଁ ବୁଧବାର ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଉପଜିଲାପାଳ ତନ୍ମୟ କୁମାର ଦରୱାନ ନୃସିଂହନାଥ ମନ୍ଦିରକୁ ଆସି ଏହି ଅନୁଦାନ ଟଙ୍କା କିଭଳି ଖର୍ଚ୍ଚ ହେବ ସେ ବିଷୟରେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆର୍କୋଲୋଜିଷ୍ଟ ମନୋଜ, ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ବିଡିଓ ସୁରେନ୍ଦ୍ର ମେହେର, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ତହସିଲଦାର ମନୋଜ କୁମାର ମେହେର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା, ଉପଖଣ୍ଡ ସୂଚନା ଅଧିକାର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ଧବଳେଶ୍ୱର ସାହୁ, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଧାୟକ ବରିହା ମନ୍ଦିର ସେବାୟତ ଓ ପ୍ରଶାସକ ମାନଙ୍କର ସହିତ ଆଲୋଚନା କରିଥିଲେ। ମୁଖ୍ୟତଃ ନୃସିଂହନାଥ ଅଞ୍ଚଳରେ ପାଣିର ସୁବ୍ୟବସ୍ଥା ନିମନ୍ତେ ଏକ ଓଭର ହେଡ ଟାଙ୍କି ନିର୍ମାଣ, ଶିଶୁ ଉଦ୍ୟାନ, ଔଷଧୀୟ ବଗିଚା, ତୀର୍ଥ ଯାତ୍ରୀମାନଙ୍କର ନିମନ୍ତେ ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ, ମୁଖ୍ୟ ମନ୍ଦିର ମରାମତି, ଭୋଗ ମଣ୍ଡପର ଉନ୍ନତିକରଣ, ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ପରିପାର୍ଶ୍ୱରେ ପିକନିକ ସ୍ପଟ ନିର୍ମାଣ ଓ ପାଇକମାଳରୁ ନୃସିଂହନାଥ ପର୍ଯ୍ୟନ୍ତ ରାସ୍ତାର ଷ୍ଟ୍ରିଟ ଲାଇଟ ଲଗାଯିବା ଉପରେ ଆଲୋଚନା ହୋଇଥିଲା।

## ଏପ୍ରିଲ ୧କୁ କଳାଦିବସ ପାଳନ ନିଷ୍ପତ୍ତି

ବରଗଡ଼ ଅଫିସ୍,୧୧।୩
ଆସନ୍ତା ଏପ୍ରିଲ ୧ତାରିଖକୁ କଳା ଦିବସ ଭାବେ ପାଳନ ସହ ଏପ୍ରିଲ ଶେଷ ସପ୍ତାହରେ କୋସଲ ମହାବନ୍ଦ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ, କୋସଲାଞ୍ଚଳରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା, ସମସ୍ତ ପଦବୀରେ ସ୍ଥାନୀୟ ନିଯୁକ୍ତି, ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ୮୦ପ୍ରତିଶତ ସ୍ଥାନ ସଂରକ୍ଷଣ, ଧାନ ବିକ୍ରିର ସରଳୀକରଣ ଆଦି ଦାବି ନେଇ କୋସଲ ମହାବନ୍ଦ ହେବ ବୋଲି ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଜଣାଇଛନ୍ତି ।

# ପୁସ୍ତକ ହିଁ ମଣିଷର ସାଥୀ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ପୁସ୍ତକ ହିଁ ମଣିଷର ସଦସର୍ବଦା ସାଥୀ। ଆଜିର ବିଜ୍ଞାନ ତଥା ଇଣ୍ଟରନେଟ ଯୁଗରେ କେବଳ ସୂଚନା ପାଇପାରୁଛୁ । କିନ୍ତୁ ଜ୍ଞାନ ପାଇଁ ପୁସ୍ତକ ପଠନର ଅଭ୍ୟାସ ଜାରି ରଖିବାକୁ ପଡ଼ିବ ବୋଲି ପ୍ରଥମ ଭେଡ଼େନ ପୁସ୍ତକମେଳା ଉଦଘାଟନୀ ଉତ୍ସବରେ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଗଡ଼ ଜିଲା ଭେଡ଼େନ ବସଷ୍ଟାଣ୍ଡ ପରିସରରେ ପୁସ୍ତକମେଳା ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ପୁସ୍ତକମେଳା କମିଟି ଆବାହକ ସାହିତ୍ୟିକ ଉତ୍ପନ୍ନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଥାନା ଆଇଆଇସି ହେମନ୍ତ ରାଓ, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଭେଡ଼େନ ନାଗରିକ କମିଟିର ବରିଷ୍ଠ ନାଗରିକ ଦଶରଥ ମେହେର, ସଙ୍ଗଠକ ବିନାୟକ ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଗାୟକ ସୂର୍ଯ୍ୟ କୁମାର ଦେହେରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାଶନୀ ସଂସ୍ଥାର ଷ୍ଟଲ ଲାଗିଛି। ପ୍ରତିଦିନ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନା ସହ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପୁସ୍ତକମେଳା କମିଟି ସୂତ୍ରରୁ ପ୍ରକାଶ।



ପ୍ରଥମ ଭେଡ଼େନ ପୁସ୍ତକମେଳାର ଉଦଘାଟନୀ ଉତ୍ସବରେ ଅତିଥିଗଣ ।

# ରାସ୍ତା ରୋକିଲେ କେନ୍ଦୁପତ୍ର କର୍ମଚାରୀ



ପାଇକମାଳ ଅଞ୍ଚଳରେ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି ।

ପାଇକମାଳ, ୧୧।୩ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଅଧୀନ ରେଞ୍ଜ ମାନଙ୍କରେ କାର୍ଯ୍ୟରତ କେନ୍ଦୁପତ୍ର ଶ୍ରମିକ, ତୋଳାଳି, ବନ୍ଧାଳି, ଚେକରଙ୍କ ଦ୍ୱାରା କରାଯାଇଥିବା ଦାବି ପୂରଣ ନ ହେବାରୁ ବୁଧବାର ସଂଘ ତରଫରୁ ମିଠାପାଲି ଓ ମାଝିପାଲିଠାରେ ରାସ୍ତାରୋକୋ କରାଯାଇଛି । ରାସ୍ତାରୋକ ଯୋଗୁ ପଦ୍ମପୁରରୁ ନୂଆପଡା ଯାନବାହନ ଚଳାଚଳ ବନ୍ଦ ରହିଛି । ଏଥିସହ ପଦ୍ମପୁରର ପଦ୍ମପୁର, ପାଇକମାଳର ମାଝିପାଲି, ଜଗଦଲପୁରର ଲଖମରା ପରି ୯ଟି ସ୍ଥାନରେ ରାସ୍ତାରୋକୋ ହେଇଛି ବୋଲି ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ, ଚୂଡାମଣି ପାଣିଗ୍ରାହୀ, ପିକ ନନ୍ଦ, ଗୁଣନିଧି ଶବର, ମହେନ୍ଦ୍ର ପ୍ରଧାନ, ପାରେଶ୍ୱର ପାତ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏଁ ରାସ୍ତାରୋକୋ ହୋଇଥିଲା ।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



**ସଂକ୍ଷେପରେ**

## କୋମନା ସହରରେ ହୋଲି ପର୍ବ ପାଳିତ

**କୋମନା,୧୧।୩ (ଡି.ଏନ.ଏ.):** ନୂଆପଡ଼ା ଜିଲା କୋମନା ବ୍ଲକ ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ଧୁମଧାମରେ ପାଳିତ ହୋଇଯାଇଛି। ବର୍ତ୍ତମାନ ପୃଥିବୀରେ କରୋନା ଭାଇରସର ଆତଙ୍କ ଦେଖାଦେଇଥିବା ବେଳେ ଭାଇଚାରାର ପର୍ବ ହୋଲିକୁ ଅତି ସତର୍କତା ସହ ଲୋକେ ପାଳନ କରିଛନ୍ତି । ଭାଇଚାରାର ପର୍ବରେ ସମସ୍ତେ ଏକାଠି ମିଶି କୋମନା ସହରରେ ପରସ୍ପରକୁ ରଙ୍ଗ ଦେଇ ଅଭିନନ୍ଦନ ଜଣାଇଥିଲେ। ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ ଓ ସଦନ ତିୱାରୀଙ୍କ ସମେତ ପବନ ଜଏନ, ସୁବାସ ଜଏନଙ୍କ ସହ ଅନ୍ୟମାନେ ମିଶି ରଙ୍ଗ ଖେଳକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସମସ୍ତେ ଏକାଠି ମିଶି ଏକ ସହର ପରିକ୍ରମାରେ ବାହାରି ଲୋକଙ୍କୁ ରଙ୍ଗ ଲଗାଇବା ସହ ମିଷ୍ଟାନ୍ନ ଦେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସୁଖସମୃଦ୍ଧି କାମନା କରିଛନ୍ତି ।

# କେନ୍ଦୁମୁଣ୍ଡା: ଝାଡ଼ାବାନ୍ତିରେ ୪ ଗୁରୁତର

**ପଡୋଶୀ, ଆକ୍ରାନ୍ତ ସିକଲିନ ଯୋଗୁ ଜଣେ ମୃତ: ଡାକ୍ତର**

**ସିନାପାଲି,୧୧।୩ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଉପାନ୍ତ କେନ୍ଦୁମୁଣ୍ଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଥିବା ବେଳେ ୪ଜଣ ଗୁରୁତରଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମନକୁଲ ଜାଲ (୨୬) ନାମକ ଯୁବକ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ରାସ୍ତାରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ସିକଲିନ ଥିବା ଓ ରକ୍ତ ଭିନତା ଯୋଗୁ ମୃତ୍ୟୁବରଣ କରଇଥିବା ଡାକ୍ତର ସୁଧାଂଶୁ ଶେଖର ସାହୁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦେଖାଦେଇଥିବା କରୋନା ଭୟରେ ପାଖପଡୋଶୀ ଯାଉ ନାହାନ୍ତି । ଫଳରେ ଗ୍ରାମରେ ଆତଙ୍କ ବାତାବରଣ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ସମ୍ପର୍କରେ ବୁଝି ଅବଗତ ହେଉଛି। ବର୍ତ୍ତମାନ ସୁଦ୍ଧା କାରଣ ଜଣାପଡୁଥିବା ବେଳେ ଗାଁର ନଳକୂପରେ ବାହାରୁଥିବା ଜଳରେ ଫ୍ଲୋରାଇଡ ଓ ସ୍ୱାସ୍ଥ୍ୟରେ ପରିବେଶ ପାଇଁ ହୋଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯୋଗ୍ୟ ଯେ, ସିନାପାଲି ସଦର ମହକୁମାଠାରୁ ୧୦ କି.ମି. ଦୂରବର୍ତ୍ତି କେନ୍ଦୁମୁଣ୍ଡା ଗ୍ରାମ ସମ୍ପୂର୍ଣ୍ଣ ଆଦିବାସୀ ଅଧୁଷିତ ଅଞ୍ଚଳ। ଗ୍ରାମର ଗୁରୁତର ଥିବା ସବିନ ହଂସ (୩୦), ଜଳନ୍ଧର ବାଗ (୬୦), ପଞ୍ଚମୀ ଗହିର (୩୬), ଖଗେଶ୍ୱରୀ ହଂସ (୨) ମଙ୍ଗଳବାର ରାତିରେ ଖାଇ ଶୋଇ ପଡିଥିଲେ। ମଧ୍ୟରାତ୍ରିରୁ ଏମାନଙ୍କୁ ଝାଡାବାନ୍ତି ହୋଇଥିଲା। ପରିବାରବର୍ଗ ଝାଡାବାନ୍ତି ନ କମିବାରୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବର୍ତ୍ତମାନ ସୁଦ୍ଧା ଚିକିତ୍ସା ଚାଲିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା ଡାକ୍ତର ସୁଧାଂଶୁ ଶେଖର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଝାଡାବାନ୍ତିର ପ୍ରକୃତ କାରଣ ନଳକୂପରୁ ଫ୍ଲୋରାଇଡ ଯୁକ୍ତ ପାଣି ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଏଭଳି ଘଟଣା ଘଟିଥିବା ଜଣାପଡିଛି । ଏଭଳି ସ୍ଥିତିରେ ବର୍ତ୍ତମାନ କରୋନା ଆତଙ୍କ ଲାଗି ରହିଥିବା ବେଳେ ପାଖ ପଡୋଶୀ ଯାଉନଥିବା ବେଳେ ସେଠାରେ ସ୍ୱାସ୍ଥ୍ୟ ବିଭାଗ ପହଞ୍ଚି ସଚେତନତା ଓ ନିରିକ୍ଷଣ ସହିତ ପରିବେଶ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଛି।

## ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ



ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା,ପୁରୁଷମାନେ ।

**ବରଗଡ଼ ଅଫିସ୍,୧୧।୩**

ରାଜ୍ୟ ସରକାରଙ୍କ ପୁନଃ ଥଇଥାନ ଯୋଜନା ଅର୍ଥାତ୍ ରିହାବିଲିଟେଶନ ଆସିଷ୍ଟାନ୍ସ (ଆରଏ) ସ୍କିମରେ ନିଯୁକ୍ତି ଦାବିରେ ବୁଧବାର ଜିଲାର ବିଭିନ୍ନ ବ୍ଲକର ମହିଳାପୁରୁଷ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଉକ୍ତ ଯୋଜନାରେ ନିଯୁକ୍ତି ପାଇଁ ସେମାନେ ଦୀର୍ଘଦିନରୁ ନିବେଦନ କରି ଆସୁଛନ୍ତି। ଏପରିକି ସେଥିପାଇଁ ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ଆବେଦନପତ୍ର ଓ କାଗଜାତ୍ ଯାଞ୍ଚ ସହିତ ପ୍ରୋଭିଜନାଲ ଲିଷ୍ଟ ମଧ୍ୟ ପ୍ରକାଶିତ ହୋଇ ସାରିଛି । ଅନ୍ୟପଟେ ଏହି ଯୋଜନାର ରୁଲ୍-୨୦୧୬ ଅନୁସାରେ ଅନ୍ୟ ଜିଲାରେ ନିଯୁକ୍ତି ଦିଆଯିବା ସରିଯାଇ ଥିବାବେଳେ ନିକଟ ଅତୀତରେ ରାଜ୍ୟ ସରକାର ଉକ୍ତ ଯୋଜନାର ରୁଲ୍-୨୦୨୦ ଜାରି କରି ସାରିଛନ୍ତି । ତଥାପି ଏହି ଜିଲାର ଯୋଗ୍ୟ ପ୍ରାର୍ଥୀଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସପନ କୁମାର ଭୋଇ, ସାବିତ୍ରୀ ମିର୍ଦ୍ଧା, ସୁକନ୍ୟା ମହାପାତ୍ର, ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଜିଲାପାଳ ଅଫିସ ଆସିଥିଲେ ।

## ବଁଚ୍‌ବାର ରାହା ସାଜିଛେ ମୁଢ଼ି ପସରା

**ବୁଢ୍ୀ ମା'ର ଉପରେ ଦିବ୍ୟାଙ୍ଗ ଝିଁ'ର ବୋଝ୍**

**ପର୍ଲା, ୧୧।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଣ୍ଣାଶବାହାଲି ପଁଚେତ୍ ବେହେରାଗୁଡ଼ା ଗାଁର ବୁରୁଧ୍ ବିଧବା ଲୋଚନୀ ନାଏକ(୮୦)। ବଏସର ଶେଷ ମୁଡ଼ସାକେ ପୁହୁଁଚିଲେନ। ଗୋଡ଼ହାତ ଥରି ଯାଉଛେ। ଆଏଁଖିକେ ଭଲଭାବେ ଦିଶ୍‌ବାର ନାଇଁ। ହେଲେ ସଖାଲ ପାଏଲେ ଲୋଚନୀଙ୍କୁ ମାନସିକ ଭିନ୍ନକ୍ଷମ ଝିଁ'ର ଚିନ୍ତା ଖାଇଯାଉଛେ। ଇଆଡ଼େ ଝିଁ' ମାନସିକ ଭିନ୍ନକ୍ଷମ ହେଇଥିଲେ ବି ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ସୂଚନା ଅନ୍‌ସାରେ ବେହେରାଗୁଡ଼ାର ଲୋଚନୀ ନାଏକ(୮୦)କଁର ପରିବାର କହେଲେ ଦୁଇ ଝିଁ' ସପୁର(୬୧), ମନ୍ଦରା(୫୫) ଆର ପୁଓ ପଶ୍ଚିମଧର(୫୦)କୁଁ ନେଇ ସଁସାର। ଆଏଜ୍‌କେ ୧୫ ବଛର ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍, ଜମିବାଡ଼ି, ଧନ୍ ସଁପତି ବଲି କିଛି ନାଇଁ। ଲୋଚନୀ ଦୁଖ୍‌ସୁଖ କରି ସାନ ଝିଁ' ମନ୍ଦରା ଆର ପୁଓ ପଶ୍ଚିମଧରକୁଁ ବିହାତୁରା କରିଛନ୍। ବିହାତୁରା ହେଲା ଉତାରୁ ଝିଁ'ପୁଓ ନିଜର ନିଜର ବାଟେ ରହୁଛନ୍। ଲୋଚନୀ ଇ ବୁଢ଼ୀ ବଏସେ ନିଜର ଭଂଗା ଦଦ୍‌ରା କୁରିଆରେ ମାନସିକ ଭିନ୍ନକ୍ଷମ ଝିଁ' ସପୁରକଁର ସଂଗେ ରହୁଛନ୍। ରହୁଥିବାର ଘରରଟାର ଅବସ୍‌ତା ଏନ୍‌ତା ଯେ ସଖାଲ ପାଏଲେ ସୂର୍ଯ୍ୟ ଆର ରାଏତ୍ ହେଲେ ଚନ୍ଦ୍ର, ତାରା ଦେଖାଯାଉଛନ୍। ଇଆଡ଼େ ଲୋଚନୀ ବଏସର ଶେଷ ମୁଡ଼ସାକେ ପୁହୁଁଚି ସାରିଛନ୍। ଏନ୍‌ତା ଅବସ୍‌ତାରେ ସେ ମାନସିକ ଭିନ୍ନକ୍ଷମ ଝିଁ' ସପୁରକଁର ଦେଖ୍‌ଭାଲ ପାଲପୋଷ କରୁଛନ୍। ଫିଁଦିନ ସଖାଲ ପାଏଲେ ଲୋଚନୀ ଦିବ୍ୟାଙ୍ଗ ଝିଁ'କେ ଧରି ଗାଁ ଗାଁ ବୁଲି ମୁଢ଼ି ବିକୁଛନ୍। ସେଥିରୁ ଯାହା ମିଲୁଛେ ମା'ଝି ଦୁଖେ କଷ୍‌ଟେ ଚଲୁଛନ୍। ସରକାରୀ ସାହାଯ୍ କହେଲେ ଲୋଚନୀ ମାସିକ ପାଉଥିବାର ଭତା ଆର ୫ କେ.ଜି. ଚାଉଲ ସାହାଭରସା। ଇଆଡ଼େ ଝିଁ' ସପୁର ଝନେ ମାନ୍‌ସିକ ଭିନ୍ନକ୍ଷମ। ବଏସ୍ ବି ୬୦ ଟପି ଗଲାନ। ହେଲେ ଭୋଟର କାର୍ଡ, ଆଧାର କାର୍ଡରେ ଭୁଲଭଟକା ଲାଗି ସେ ସବୁପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ଘଟନାକେ ନେଇ ଗାଁବାସୀକର ଭିତରେ ବି ଅସନ୍‌ତୋଷ ଦେଖାଦେଇଛେ। ଇଆଡ଼େ ଲୋଚନୀ ଝିଁ'କେ ଭତା ଆର ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସମିତି ସଭ୍ୟନୁ ସରପଁଚ୍ ତକ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଯେତେ ଜଲଦି ହେବା ଇ ଦୁଇ ମା'ଝି'କୁଁ ଆବାସ ଯୋଜନାରେ ଘରଖଁଡ଼େ, ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଆର ସପୁରକୁଁ ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରଙ୍କୁଁ ପଚ୍‌ରାଲାରୁ ହିତାଧିକାରୀ ଆସି ଅଫିସରେ ଆବେଦନ କଲେ ସବୁପରକାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଲୋଚନୀ ଦିବ୍ୟାଙ୍ଗ ଝିଁ'ର ସଂଗେ ମୁଢ଼ି ବିକି ଯାଉଛନ୍।

# ଫଗୁନ ପୁନି ଯାତ୍ରା ଉଦ୍‌ଯାପିତ

**ଅମରପାଲି, ୧୧।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଦୋଳଯାତ୍ରା (ଫଗୁନ ପୁନି) ଉଦ୍‌ଯାପିତ ହୋଇଯାଇଛି। ଏହା ସହିତ ହେଉଥିବା ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ପଡିଛି। ଏଠାକାର ଦୋଳ ଯାତ୍ରାର ମୁଖ୍ୟଆକର୍ଷଣ ହରିହର ଭେଟ। ଏହା ଦେଖିବାକୁ ଜିଲା ଓ ବାହାର ଜିଲାରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ମେଳନ ପଡିଆରେ ଅନୁଷ୍ଠିତ ହୋଇଥିଲା ହରିହର ଭେଟ କାର୍ଯ୍ୟକ୍ରମ। ଏଥିରେ ଚମ୍ପାମାଳର ଚମ୍ପେଶ୍ୱର, ଟିଠିପାଲିର ରାମେଶ୍ୱର, କମଳପୁରର ଗୁପ୍ତେଶ୍ୱର, ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ଓ ମଦନମୋହନ, କୁମୁରସିଂହାର ଲକ୍ଷ୍ମୀନାରାୟଣ, ବାଗବର ଓ ଷଣ୍ଢାର ରାଧାକୃଷ୍ଣ ଆଦି ଦିଅଁଙ୍କୁ ଭେଟ କରାଯାଇଥିଲା। ଦିଅଁମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା କରି ମେଳନ ମଣ୍ଡପଙ୍କୁ ଅଣାଯାଇଥିଲା। ଶୋଭାଯାତ୍ରାରେ ଢ଼ୋଲ, ନିଶାନ, ଘଣ୍ଟ, ଶଙ୍ଖ, ମହୁରୀ ଆଦି ବାଦ୍ୟ ସହିତ ପାରମ୍ପରିକ ନୃତ୍ୟ, ଡିଜେ ସାମିଲ କରାଯାଇଥିଲା। ହରିହର ଭେଟ କାର୍ଯ୍ୟକ୍ରମ ପରେ ଫଗୁ ଖେଳ ହୋଇଥିଲା। ମେଳନ ପଡିଆର ଏହି ହରିହର ଭେଟକୁ ଦେଖିବାକୁ ଶ୍ରଦ୍ଧାଳୁ ରାତିସାରା ଉଜାଗର ରହିଥିଲେ। ନିକଟସ୍ଥ ଚମ୍ପାମାଳସ୍ଥିତ ଚମ୍ପେଶ୍ୱର ମନ୍ଦିରଠାରେ ପଞ୍ଚଦୋଳ ଅବସରରେ ରାମାୟଣ ପାରାୟଣ, ଭଜନ ସମାରୋହ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରଥମ ଥର ପାଇଁ ମୁକ୍ତାକାଶ ରଙ୍ଗ ମଞ୍ଚରେ ଭସ୍ମାସୁର ରାଜ ଦରବାର କାର୍ଯ୍ୟକ୍ରମ ପାଞ୍ଚଦିନ ଧରି ହୋଇଥିଲା। ସେହିପରି ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ, ସମ୍ବଲପୁରୀ ମେଲୋଡି ଭଳି କାର୍ଯ୍ୟକ୍ରମ ହୋଇଥିଲା। ଏହା ସହିତ ୨୪ ପ୍ରହର ନାମଯଜ୍ଞ ମଧ ହୋଇଥିଲା। ଚଳିତ ବର୍ଷ ମଧ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖାଯାଇଥିଲା। ମୀନାବଜାର ସହିତ ଭଳିକି ଭଳି ବିଭିନ୍ନ କିସମର ଦୋକାନ ବଜାରରୁ ଲୋକେ କିଣାବିକା କରୁଥିବା ବେଳେ ଚଟପଟି ଖାଦ୍ୟର ମଜା ମଧ ନେଇଥିଲେ। ଯାତ୍ରାକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ଯାତ୍ରୀ କମିଟି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଫଗୁନ ପୁନି ଯାତ୍ରାରେ ଶ୍ରଦ୍ଧାଳୁ ।

## ଶ୍ରୀରାମ କଲେଜରେ ମହିଳା ଦିବସ

**ଗାଇସିଲେଟ୍,୧୧।୩(ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତେଲିପୁଖାପାଣି ଛକ ନିକଟ ପଞ୍ଚପାଲିଆ ଭାରତୀ ବିହାରସ୍ଥିତ ଶ୍ରୀରାମ ମହିଳା କଲେଜରେ ମହିଳା ଦିବସ ପାଳିତ ହୋଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଭୁବନେଶ୍ୱରସ୍ଥିତ ମହର୍ଷି ମହାବିଦ୍ୟାଳୟର କ୍ଷୀରୋଦିନୀ ବେହେରା ମୁଖ୍ୟବକ୍ତା, ଗାଇସିଲେଟ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ପାଣ୍ଡେ, ନାରୀନେତ୍ରୀ ଶକୁନ୍ତଳା ମହାପାତ୍ର, ବରପାଲି ଏନଏସିର ପୂର୍ବତନ ଅଧ୍ୟକ୍ଷା ମୀନା ସେଠ, ଶୈଳବାଳା ଦେବତା, ମଧୁସ୍ମିତା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ନିଜସ୍ୱ ପାଣ୍ଠିରୁ କଲେଜ ଲାଇବ୍ରେରୀ ପାଇଁ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରଣୟ କୁମାର ସାହୁ, ସୁରତ ଗଡ଼ିଆ, କଂଗ୍ରେସ ସାହୁ, ଯଦୁମଣି ପ୍ରଧାନ, କାହ୍ନୁଚରଣ ମାଝି ପ୍ରମୁଖ ସହଯୋଗ କରିଥିଲେ। ବୀଣା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବିଜେଡି ରାଜ୍ୟ ସଭା ପ୍ରାର୍ଥୀଙ୍କ ସତ୍ୟପାଠ

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଚଳିତ ରାଜ୍ୟ ସଭା ପାଇଁ ବୁଧବାର ବିଜେଡିର ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହି ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ନିଜର ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଆଦି ଉଲ୍ଲେଖ କରିଛନ୍ତି। ସତ୍ୟପାଠରୁ ମିଳିଥିବା ସୂଚନା ଅନୁଯାୟୀ ସୁଜିତଙ୍କ ନିକଟରେ ମୋଟ ୧.୧୦ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ସେ ଆମେରିକାର ହାବାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସୁଜିତଙ୍କ ନିକଟରେ ୧୫.୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଥିବା ବେଳେ ତାଙ୍କ ନାମରେ ୭୪.୯୪ ଲକ୍ଷ ଟଙ୍କାର ଋଣ ରହିଛି। ସେହିପରି ଶ୍ରମିକ ନେତା ସୁବାସ ସିଂଙ୍କୁ ବିଜେଡି ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଛି। ତାଙ୍କର ମୋଟ ୨୩.୩୭ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ସୁବାସ ରାଜନୀତି ବିଜ୍ଞାନରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିବା ବେଳେ ଆଇନରେ ମଧ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ନାମରେ ୧୧ଟି ମାମଲା ବିଚାରାଧୀନ ରହିଥିବା ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ମୁନ୍ନା ଖାଁଙ୍କ ନିକଟରେ ମୋଟ ୩୨.୯୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାମରେ ୧୪ ଲକ୍ଷ ଟଙ୍କାର ଋଣ ରହିଛି। ୧୯୮୩ ମସିହାରେ ସେ ଆନ୍ଧ୍ର ମାଟ୍ରିକ ପାସ କରିଛନ୍ତି ବୋଲି ସେ ତାଙ୍କ ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରୁ ରାଜ୍ୟ ସଭା ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ମମତା ମହାନ୍ତଙ୍କ ନାମରେ ୨୫.୦୩ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ ବୋଲି ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ।

## ମନ୍ଦିର ପରିସରରେ ଆରଣ୍ୟକ ଗଳ୍ପ ଆସର

**ବରଗଡ଼ ଅଫିସ୍,୧୧।୩**

ବରଗଡ଼ ସହର ଉପକଣ୍ଠ ବୈଷ୍ଣୋଦେବୀ ମନ୍ଦିର ପରିସର ଜଙ୍ଗଲ ମଧ୍ୟରେ ଆରଣ୍ୟକ ସାହିତ୍ୟ ଅନୁଷ୍ଠାନ ତରଫରୁ ଗଳ୍ପପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ୧୫ଜଣ ଗାଳ୍ପିକ ଯୋଗଦାନ କରି ନିଜ ଗଳ୍ପପାଠ କରିବା ସହିତ ଆଲୋଚନା କରିଥିଲେ। ସଭା ଆରମ୍ଭରୁ କବି ରୋହିତ କୁମାର ଦାଶଙ୍କ କବିତାଗ୍ରନ୍ଥ ସରାଗରାଗ ଲୋକାର୍ପିତ ହୋଇଥିଲା। ପ୍ରଚ୍ଛଦଶିଳ୍ପୀ ବିଜୟ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସମସ୍ତ ଗାଳ୍ପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ରୋହିତ କୁମାର ଦାଶ, ପ୍ରଦେଶୀ ବାରିକ, ମାନଭଞ୍ଜନ ପାଣିଗ୍ରାହୀ, ବିଶ୍ୱନାଥ ସାହୁ, ବିଜୟ ପ୍ରଧାନ, ଶୁଭରଞ୍ଜନ ସ୍ୱାଇଁ, ଖ୍ୟାତିମୟ ତ୍ରିପାଠୀ ଗାଳ୍ପିକା ହେମାଙ୍ଗିନୀ ଦାଶ, ସାବିତ୍ରୀ ପୁରୋହିତ ପ୍ରୀତିନନ୍ଦା ପାଣିଗ୍ରାହୀ, ବିଶି ପଦ୍ମ ଶୁଭଦର୍ଶିନୀ, ଜୟଶ୍ରୀ ସାହୁ ଗଳ୍ପପାଠ କରିଥିଲେ। ଅଧ୍ୟାପକ ସନ୍ତୋଷ ସିଂ ଠାକୁର ପଠିତ ଗଳ୍ପର ସମୀକ୍ଷା କରିଥିଲେ। ବିଶ୍ୱନାଥ ସେଠ ଗଳ୍ପ ଓ ଗଳ୍ପକଳା ସମ୍ବନ୍ଧରେ ମନୋଜ୍ଞ ବିଶ୍ଳେଷଣ କରିଥିଲେ।

# ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଯାପିତ





ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଉଲୁଣ୍ଡା, ୧୧।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ମେଲଣ ପଡିଆରେ ଆୟୋଜିତ ବୀରମହାରାଜପୁର ଉପଖଣ୍ଡସ୍ତରୀୟ ପ୍ରଥମ ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ। ସେ ତାଙ୍କ ବକ୍ତବ୍ୟରେ ସମାଜକୁ ବଞ୍ଚିବା ପାଇଁ କଳା ଓ ସଂସ୍କୃତିର ବିକାଶ ଅପରିହାର୍ଯ୍ୟ ବୋଲି କହିଥିଲେ। ଆୟୋଜକ ଯାତ୍ରା କମିଟି ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବିଡିଓ ନିଳାମ୍ବର ମହାନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣ ସାହୁ ଓ ହୃଷିକେଶ ଚାନ୍ଦଙ୍କ ସଂଯୋଜନାରେ ହୋଇଥିବା ସମ୍ମାନ ପର୍ବରେ ଦେଶଫାଲ ଗୌରବ ଭାବେ ଡ. ହୃଷିକେଶ ବେଦବାକ, ସମାଜସେବାର ହିମାଂଶୁ ତ୍ରିପାଠୀ, ବିକାଶ କ୍ଷେତ୍ରରେ କାର୍ତ୍ତିକ ପ୍ରସାଦ ତରିଆ, ସ୍ୱାଭିମାନ ପାଇଁ ରବିନାରାୟଣ ପାଣିଗ୍ରାହୀ, ଯୁବପ୍ରତିଭାରେ ଏହେଶାସ ହୋତା ଓ ବିଭିନ୍ନ ଲୋକ ପ୍ରତିନିଧିଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ। ଏହାପରେ ଦେବଯାନୀ ମେଶୁଆଙ୍କ ସଂଯୋଜନାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସୋନପୁରର ପର୍ଏଁରି, ଚୁଟକୁଚୁଟା, ସୁଆଙ୍ଗ ଅନୁଷ୍ଠାନର ପରଭା, ସିଣ୍ଢୋଳ କେଜିବିଭି, ସୋନପୁର କେଭିବିଭି, ମାୟାବରହା କେଜିବିଭି, ଶ୍ରୀପୁରୀର ନଚନିଆଁ, ରକ୍ସାର କରମା ନୃତ୍ୟ ଓ ମାଁ କଳାପାଟ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ ଦୁଃଖ ସରିବନି ମରିବା ଯାଏ ମଞ୍ଚସ୍ଥ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟିନେଲେ ଟଙ୍କା, ସୁନାଚେନ

**ବଙ୍ଗୋମୁଣ୍ଡା,୧୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା କନାବିରା ଛକରେ ଜଣେ କଂସାବାସନ ବ୍ୟବସାୟୀ ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଗୋଟିଏ ବାଇକରେ ଆସି ଦୁଇଜଣ ଦୁର୍ବୃତ୍ତ ତାଙ୍କଠାରୁ ୧୨ହଜାର ଟଙ୍କା ସହ ଏକ ସୁନା ଚେନ ଓ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟବସାୟୀ ସିନ୍ଧେକେଲାର ସନାତନ ସାହୁ ଏ ନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ସନାତନ କଣ୍ଟାବାଞ୍ଜିରୁ ବାଇକରେ ନିଜ ଘରକୁ ଫେରୁଥିଲେ। ବଙ୍ଗୋମୁଣ୍ଡାରେ କେତେକ ଗ୍ରାହକଠାରୁ ଟଙ୍କା ନେଇ ଯାଉଥିବା ବେଳେ ଏପରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ବଙ୍ଗୋମୁଣ୍ଡା ଥାନା ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି ।

# ସୁଷମ ଖାଦ୍ୟ ଉପରେ ଗୁରୁତ୍ୱାରୋପ





ଗମ୍ଭାରୀପାଲି କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ମହିଳା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଅତାବିରା,୧୧।୩(ଡି.ଏନ.ଏ)**

ବରଗଡ଼ ଜିଲା ଗମ୍ଭାରୀପାଲିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏଥିରେ ଅତାବିରା ବ୍ଲକର ୩୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଏବଂ ଶହେରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ବରଗଡ଼ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସୁଷମ ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବୈଜ୍ଞାନିକ ନୃସିଂହ ଚରଣ ବାରିକ ମହିଳା ସଶକ୍ତୀକରଣରେ ଉନ୍ନତ କୃଷି ପ୍ରଣାଳୀକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଅତାବିରା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅନୁରାଧା ମହାନ୍ତି, କୃଷି ବୈଜ୍ଞାନିକ ସନତ କୁମାର ମେହେର, ତାରକ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଗ୍ରଣୀ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିବାବେଳେ କୃଷି ବୈଜ୍ଞାନିକ ସୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



“ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

- ଉତ୍କଳଗୌରବ ମଧୁସୂଦନ ଦାସ

**ସଂକ୍ଷେପରେ**

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ବିନିକା,୧୧।୩(ଡି.ଏନ୍.ଏ):ସୁବର୍ଣ୍ଣପୁର ଜିଲାପାଳ ମୋନୀଷା ବାନାର୍ଜୀ ଏବଂ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ମିଳିତ ଜନଶୁଣାଣି ବୁଧବାର ବିନିକା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ ବିନିକା ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟି ଓ ବିଭିନ୍ନ ଗାଁରେ ପରିମଳ ବ୍ୟବସ୍ଥାର ସୁପରିଚାଳନାରେ ସ୍ୱାସ୍ଥ୍ୟବିଭାଗ ଓ ଗାଁ କଲ୍ୟାଣ ସମିତିର କାର୍ଯ୍ୟଧାରା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ବାନାର୍ଜୀ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସହିତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜନଶୁଣାଣୀରେ ମୋଟ ୩୦ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୨୭ଟି ବ୍ୟକ୍ତିଗତ, ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଗୋଟିଏ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସମ୍ପର୍କିତ ୨ଟି ଅଭିଯୋଗ ଆସିଥିଲା।

# କେନ୍ଦୁପତ୍ର ତୋଳାଳିଙ୍କ ରାସ୍ତାରୋକୋ

ଉଲୁଣ୍ଡା, ୧୧।୩(ଡି.ଏନ.ଏ.)

୬ ଦଫା ଦାବି ନେଇ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀ ସଂଘ ତରଫରୁ ବୁଧବାର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ମାଟିଖାଇ ଛକରେ ରାସ୍ତାରୋକୋ କରାଯାଇଥିଲା। ଆନ୍ଦୋଳନକାରୀ ପୂର୍ବାହ୍ନ ୧୦ଟାରୁ ରାସ୍ତାରେ ବସି ନିଜର ଦାବି ଜଣାଇଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ବିଶେଷ କରି ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସିଜିନାଲ କର୍ମଚାରୀ ଓ ୱାଚରଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି, କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କୁ ପୂର୍ବବତ ସାମାଜିକ ସୁରକ୍ଷାରେ ସାମିଲ, କେନ୍ଦୁପତ୍ର ବିକ୍ରୀ ନୀତିରେ ସଂଶୋଧନ, ତୋଳାଳିଙ୍କଠାରୁ ୨ ହଜାର ବଦଳରେ ୧ ହଜାର କେନ୍ଦୁପତ୍ର କେରି



ମାଟିଖାଇ ଛକରେ କେନ୍ଦୁପତ୍ର ତୋଳାଳି ଏବଂ ସିଜିନାଲ କର୍ମଚାରୀ ସଂଘ ତରଫରୁ ରାସ୍ତାରୋକୋ କରାଯାଇଛି।

**ସାମିଲ ହେଲେ ସିଜିନାଲ କର୍ମଚାରୀ**

ସଂଗ୍ରହ, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର ଏବଂ ସିଜିନାଲ କର୍ମଚାରୀଙ୍କ ଛଟେଇ ବନ୍ଦ ପ୍ରଭୃତି ଦାବି ପୂରଣ କରିବାକୁ ଦାବି କରାଯାଇଥିଲା। ଅପରାହ୍ନ ପ୍ରାୟ ୧।୩୦ରେ ଏସ୍‌ପି ଦେବୀପ୍ରସାଦ ଦାଶ, ଆଇଆଇସି ବିଦ୍ୟୁଭୂଷଣ ପୁଟା ପ୍ରମୁଖ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଏହି ସବୁ ଦାବି ଆଗାମୀ ଦିନରେ କାର୍ଯ୍ୟକାରୀ ନହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏଥିରେ ଜାଲୋଏ, ସିଣ୍ଡୋଲ ଏବଂ ଉଲୁଣ୍ଡା କେନ୍ଦୁଲିଫ ରେଞ୍ଜର କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିପୂର୍ବରୁ ବିଭାଗୀୟ କାର୍ଯ୍ୟାଳୟରେ ୨ଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା।

## କଟାଁପାଲି ଗ୍ରାମ୍ୟରାସ୍ତା ଶୋଚନୀୟ

ବିନିକା, ୧୧।୩(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଏଁତରା ପଞ୍ଚାୟତ ଅନ୍ତର୍ଗତ କଟାଁପାଲି ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡିଛି । ଗାଁ ମୁଣ୍ଡରୁ କେନାଲ ପର୍ଯ୍ୟନ୍ତ ଲମ୍ବିଥବା ଏହି ମାଟି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି । ଏହି ରାସ୍ତାରେ ଯାତାୟାତ ବେଳେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ପୁନଶ୍ଚ ବର୍ଷା ହେଲେ ଉକ୍ତ ଖାଲଖମାରେ ପାଣି ଜମି ସଙ୍ଗୀନ ପରିସ୍ଥିତି ସୃଷ୍ଟି କରୁଛି। ଗାଡିମୋଟର କଥା ଛାଡନ୍ତୁ ପାଦରେ ଚାଲିକରି ଯିବା ମୁସକିଲ ହୋଇ ପଡୁଛି। ଅବିଳମ୍ବେ ଏହି ରାସ୍ତାର ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ବିପର୍ଯ୍ୟସ୍ତ ହୋଇ ପଡିଥିବା ଗ୍ରାମ୍ୟ ରାସ୍ତା।

# ବିଜୁବାବୁ ଥିଲେ ଦୂରଦ୍ରଷ୍ଟା ଜନନାୟକ

ସୋନପୁର,୧୧।୩(ନି.ପ୍ର.)

ବିଜୁବାବୁ ସବୁବେଳେ ଓଡିଶାର ଉନ୍ନତି ପାଇଁ ସ୍ୱପ୍ନ ଦେଖୁଥିଲେ। ମହିଳାଙ୍କ ଶିକ୍ଷା ଓ ସମ୍ମାନକୁ ଗୁରୁତ୍ୱ ଦେଉଥିଲେ। ତାଙ୍କ ସମୟରେ ଓଡିଶାରେ ଓ ବିଶେଷ କରି ସୁବର୍ଣ୍ଣପୁର ଜିଲାର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ସେ ଥିଲେ ଜଣେ ଜାତୀୟ ସ୍ତରର ନେତା ତଥା ଦୂରଦ୍ରଷ୍ଟା ଜନନାୟକ ବୋଲି ବିଜୁ ଜନତା ଦଳ ସୋନପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ପାଳନ ଅବସରରେ ଦଳୀୟ ନେତୃବୃନ୍ଦ ଏହି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଭୀମଭୋଇ କଳାମଣ୍ଡପ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ବିଜେଡି ଜିଲା ସଭାପତି ସରୋଜ କମ୍ପ ଅଧ୍ୟକ୍ଷତା କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ସାହାସିକ ପଦକ୍ଷେପ ଯୋଗୁଁ ଓଡିଶାରେ ୧୩ ରୁ ୩୦ ଜିଲା ହୋଇଥିଲା। ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା





ସୋନପୁରରେ ବିଜୁ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜୁବାବୁ ସବୁବେଳେ ସାଧାରଣ ଲୋକଙ୍କ ହକ୍‌କୁ ଗୁରୁତ୍ୱ ଦେଉଥିଲେ। ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ସେ ସମୟରେ ସ୍ୱପ୍ନ ଦେଖିଥିଲେ। ଯାହା ଏବେ ସାକାର ହେବାକୁ ଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଏସ୍‌ସି ମୋର୍ଚ୍ଚାର ଉପସଭାପତି ଅଭିମନ୍ୟୁ କୁଶଳ, ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରକାଶ ସାହୁ, ନୀଳାମ୍ବର ଶତପଥୀ, ଶତୃଘ୍ନ ପୃଷ୍ଟି, ରାଜକୁମାର ସୁନା, ଶଙ୍କର ସା, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦ୍ୱିତୀୟ ଥର ପାଇଁ ଜିଲା ବିଜେଡି ସଭାପତି ଭାବେ ନିଯୁକ୍ତ ହୋଇଥିବା ସରୋଜ କମ୍ପ ଓ ନୂତନ ଭାବେ ସୋନପୁର ବ୍ଲକ ବିଜେଡି ସଭାପତି ଭାବେ ଦାୟିତ୍ୱ ନେଇଥିବା ଶଙ୍କର ପ୍ରସାଦ ସାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲା ବେଳେ ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନେତୃବୃନ୍ଦ ସୁରେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହିଅବସରରେ ବିଜୁପଟ୍ଟନାୟକ ଛକ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ବିଶିପାଲିରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍

ବିନିକା, ୧୧।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ପଞ୍ଚାୟତର ବିଶିପାଲିରେ ଡ୍ରେନେଜ୍ ବ୍ୟବସ୍ଥା ବେହାଲ ହୋଇପଡିଛି। ବର୍ଷାହେଲେ ଡ୍ରେନରେ ପାଣି ନିଷ୍କାଷିତ ହୋଇ ନ ପାରି ରାସ୍ତା ଉପରକୁ ଉଠି ଆସୁଛି। ଫଳରେ ବିଶିପାଲି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ତରଫରୁ ଡ୍ରେନର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ମରାମତି କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ଦିଗରେ ଦୃଷ୍ଟିଦେଇ ପଞ୍ଚାୟତ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବିହେଉଛି।



ଡ୍ରେନ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଭାସୁଛି।

## କ୍ରିକେଟ : ତେତେଲପାଲି ଚାମ୍ପିୟନ

ବିନିକା,୧୧।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଗଡିଆ ଖେଳ ପଡିଆଠାରେ ଆୟୋଜିତ ଦୁଇଦିନିଆ କ୍ରିକେଟ୍ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ । ପ୍ରଥମ ସେମିଫାଇନାଲ ମ୍ୟାଚ୍ ତେତେଲପାଲି ଓ ଟାଙ୍ଗରକର୍ଲେ ମଧ୍ୟରେ ହୋଇଥିଲା। ତେତେଲପାଲି ଟସ୍ ଜିଣି ୮ ଓଭରରେ ୧୧୬ରନ ସଂଗ୍ରହ କରିଥିଲା। ଜବାବରେ ଟାଙ୍ଗରକର୍ଲେ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୧ରନ୍‌ସଂଗ୍ରହ କରିପରାସ୍ତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ନକଟାମୁଣ୍ଡା ଓ ପଧାନପାଲି କ୍ରିକେଟ ଦଳ ମୁହାଁମୁହିଁ ହୋଇଥିଲେ । ଟସ୍ ଜିତି ପଧାନପାଲି ଦଳ ବ୍ୟାଟିଂ ନିଷ୍ପତ୍ତି ନେଇ ୬ ଓଭରରେ ୬୨ରନ୍ ସଂଗ୍ରହ କରିଥିଲା। ଜବାବରେ ନକଟାମୁଣ୍ଡା ୫୭ରନ୍ ସଂଗ୍ରହ କରି ୫ରନ୍‌ରେ ପରାସ୍ତ ହୋଇଥିଲା। ଫାଇନାଲ ମ୍ୟାଚ୍ ତେତେଲପାଲି ବନାମ ପଧାନପାଲି ମଧ୍ୟରେ ହୋଇଥିଲା। ତେତେଲପାଲି ଟସ୍ ଜିଣି ବ୍ୟାଟିଂ ନିଷ୍ପତି ନେଇଥିଲା । ୫ ଓଭର ବିଶିଷ୍ଟ ଫାଇନାଲ୍ ମ୍ୟାଚ୍‌ରେ ତେତେଲପାଲି ଦଳ ପ୍ରଥମେ ବ୍ୟାଟିଂ କରି ୭୭ରନ୍ ସଂଗ୍ରହ କରିଥିଲା । ଜବାବରେ ପଧାନପାଲି ମାତ୍ର ୩୪ ରନ୍ ପରାସ୍ତ ହୋଇଥିଲା । ବାଗଡିଆ ଯୁବସଂଘ ତରଫରୁ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ତେତେଲପାଲିର ନାରଦ ପଧାନଙ୍କୁ ବିବେଚିତ କରାଯାଇଥିଲା। ଏହାପରେ ତେତେଲପାଲି ଦଳକୁ ଚମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା । ଦୁଇଦିନ ଧରି ଅନୁଷ୍ଠିତ ମ୍ୟାଚରେ ଅମ୍ପାୟର ଭାବେ ମଦନ ପଧାନ, ଜୟନ୍ତ ସେଠ୍, ଟିକୁ ବଡପଣ୍ଡା ଓ ବିଜୁ ଭୋଇ ଖେଳ ପରିଚାଳନା କରିଥିଲେ। ସ୍କୋରବୋର୍ଡ ପରିଚାଳକ ଭାବେ କିଶୋର ସେଠ୍ ଓ ମିଥୁନ ବାରିକ ରହିଥିଲେ।



ବିଜେତା ତେତେଲପାଲି ଦଳର ଖେଳାଳିମାନେ।

# ଉତ୍କଳ ସାହିତ୍ୟ ସମାଜର ବସନ୍ତ ଉତ୍ସବ

ସୋନପୁର,୧୧।୩(ନି.ପ୍ର.)

ସହରର ରାମେଶ୍ୱରସ୍ଥିତ ନଦୀ ସଙ୍ଗମସ୍ଥଳରେ ଉତ୍କଳ ସାହିତ୍ୟ ସମାଜ ସୁବର୍ଣ୍ଣପୁର ଜିଲା ଶାଖା ଆନୁକୂଲ୍ୟରେ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରିଥିଲେ ଉତ୍କଳ ସାହିତ୍ୟ ସମାଜର ଜିଲା ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଗବେଷକ ଡ. ରମେଶ ପତ୍ରୀ। କବି, ପ୍ରାବନ୍ଧିକ ତଥା ସୋନପୁର କଲେଜର ଓଡିଆ ପ୍ରାଧ୍ୟାପକ ସୌରଭ ରଞ୍ଜନ ଖମାରୀ ଅତିଥି ଭାବେ ଯୋଗଦେଇ ଓଡିଆ କାବ୍ୟ ପରମ୍ପରାରେ ଋତୁ ସମ୍ଭାର ବିଷୟରେ ଆଲୋଚନା କରିଥିଲେ।





ବସନ୍ତ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅନ୍ୟତମ ଅତିଥି ନାଟ୍ୟକାର ଓ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ସାହୁ ଓଡିଆ ସାହିତ୍ୟରେ ବସନ୍ତ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଐତିହାସିକ ତଥା ଗବେଷକ ସୁଦାମ ନାଏକ ଉତ୍କଳ ସାହିତ୍ୟ ସମାଜକୁ ସୋନପୁର ଦରବାରର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଂସ୍କାରର ସମ୍ପାଦକ ଅକ୍ଷୟ କୁମାର ବାଘ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ତଥା ନାଟ୍ୟକାର ବନବାସ ମେହେର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କବି ସୁଦାମ ନାଏକଙ୍କ ସଂଯୋଜନାରେ ଅର୍ଜୁନ ମେହେର, ସରୋଜ ସାହୁ, ତ୍ରିଲୋଚନ ବେହେରା, ଯୁଧିଷ୍ଠିର ବାରିକ, ଶାନ୍ତନୁ ପଣ୍ଡା, ରୋଶନ ସାହୁ, ବିଶ୍ୱନାଥ ପ୍ରଧାନ, ସୁମନ୍ତ ମେହେର ଓ ବେଣୁଧର ପ୍ରଧାନ ପ୍ରମୁଖ ସ୍ୱରଚିତ ବସନ୍ତ ଶୀର୍ଷକ କବିତା ଆବୃତ୍ତି କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣପ୍ରସାଦ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଢ଼ୀମା ମନ୍ଦିର ନିର୍ମାଣ ଲାଗି ପରିଚାଳନା କମିଟି ଗଠିତ

ସୋନପୁର, ୧୧।୩(ନି.ପ୍ର.)

ସହରର ଢେରାପଡାରେ ନୂତନ ବୁଢୀମା ମନ୍ଦିର ନିର୍ମାଣ ହେବ। ବୁଢୀମା କଲ୍ୟାଣ ମଣ୍ଡପ ଠାରେ ଜନ୍ମେଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ଦିର ନିର୍ମାଣ ପାଇଁ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ ହୋଇଥିଲା। ସଭାପତି ଭାବେ ସହଦେବ ପାତ୍ର, ଉପସଭାପତି ରାଜୁ ରାଓ, ସମ୍ପାଦକ କେ ରାମଚନ୍ଦ୍ର ପାତ୍ର, ସହ ସମ୍ପାଦକ କେ. ସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ପାତ୍ର ଓ ଉପଦେଷ୍ଟା ମଣ୍ଡଳୀରେ ବି.ଗୋପାଳ ପାତ୍ର, ଏନ. ନାରାୟଣ ପାତ୍ର, ବି .ରାମ କୁମାର ପାତ୍ର, ବ୍ରଜକିଶୋର ପାତ୍ର, ଗୌରି ପାତ୍ର, ଦିଲ୍ଲିପ ପାତ୍ର, ଜନ୍ମେଜୟ ପାତ୍ର, ବି ସତ୍ୟନାରାୟଣ ରାଓ, ଆନନ୍ଦ ପାତ୍ର ଓ ଅକ୍ଷୟ ପାତ୍ରଙ୍କୁ ମନୋନୀତ କରାଯାଇଛି। ମନ୍ଦିରର କାରୁକାର୍ଯ୍ୟ ଦକ୍ଷିଣ ଭାରତୀୟ କାରିଗରମାନଙ୍କ ଦ୍ୱାରା କରାଯିବ। ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ଏହି ମନ୍ଦିର ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।



ବୈଠକରେ ଢେରାପଡାର ଅଧିବାସୀ ବୃନ୍ଦ।

# ଭତା, ଚିକିତ୍ସା ସାହାଯ୍ ଆଶ୍‌ରେ ପରିବାର

ବିନିକା,୧୧।୩ (ଡି.ଏନ୍.ଏ.)

ସୁବର୍ଣପୁର ଜିଲା ବିନିକା ବ୍ଲକ କଇଁତରା ପଁଚେତ୍ ବାଞ୍ଜିପାଲି ଗାଁ ହରିଜନ ପଡ଼ାର ଡିଲେଶ୍ୱରୀ ବାଘ(୬୮)। ସେ ଅନେକ ଦିନ ହେଲା ପକ୍ଷାଘାତ ରୋଗ୍‌ରେ ଖଟେ ପଡ଼ିରହିଛନ୍। ପରିବାର ଲୋକ୍ ଯାହା ପାରଲେ ଆସରପାସର ଡାକ୍ତରଖାନାରେ ଦେଖେଇ ଚିକିଛା କରାଲେ। ହେଲେ ଏହେଦେ ଟଁକା ପଏସା ଅଭାବୁ ପରିବାର ଲୋକ ତାକର ଉଚ ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ପରିବାରଟା ସରକାରୀ ଚିକିଛା ସାହାଯ୍ ଆଶ୍‌ରେ ରହିଛନ୍। ସୂଚନା ଅନ୍‌ସାରେ ବାଞ୍ଜିପାଲି ଗାଁ ହରିଜନ ପଡ଼ାର କଙ୍ଗାଲୁ ବାଘ। ପରିବାର କହେଲେ ମାଏକିନା ଡିଲେଶ୍ୱରୀ, ପୁଓ ମନୋଜ, ସରୋଜ ଆର ଝିଁ କଳ୍ପନାକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ସଁପତି ବଲି କିଛି ନାଇଁ। କଙ୍ଗାଲୁ ଦୁଖ୍‌ସୁଖ କରି ନିଜର ପିଲାଛୁଆକୁ ବିହାଚୁରା କରି ସାରିଛନ୍।



ପକ୍ଷାଘାତରେ ଡିଲେଶ୍ୱରୀ ଖଟେ ପଡ଼ି ରହିଛନ୍।

ଏହେଦେ ବଏସ୍ ଅଧିକା ହେବାର ଲାଗି ସେ କାମ୍‌ବୁତା ବି କରି ନାଇଁପାରବାର।

**ପକ୍ଷାଘାତରେ ପୀଡ଼ିତ ଡିଲେଶ୍ୱରୀ**

ଇଆଡ଼େ ଅନେକ ବଛର ହେଲା ମାଏକିନା ଡିଲେଶ୍ୱରୀ ପକ୍ଷାଘାତ ରୋଗ୍‌ରେ ଖଟେ ପଡ଼ି ରହିଛନ୍। ପିଲାମାନେ ମା'କେ ଅନେକ ଡାକ୍ତରଖାନାକେ ନେଇ ଚିକିଛା କରେଇ ନିରାଶ ହେଇଛନ୍। ଏନ୍‌ତା କି ମା'ର ଚିକିଛାରେ ପିଲାମାନେ ଘରର ଜିନିଷପାତି ବିକି ଗୁଟେପରକାର ସରବ୍‌ସୁଆଁତ ହେଇଛନ୍। ଏତେ ଉଷୋକଷା କଲା ଉତାରୁ ବି ଡିଲେଶ୍ୱରୀକଁର ନିରୁଜ ହେଇ ନାଇଁପାରବାର। ଇଆଡ଼େ ଟଁକା ପଏସା ଅଭାବୁ ଏହେଦେ ପିଲାମାନେ ଡିଲେଶ୍ୱରୀକଁର ଉଚ ଚିକିଛା କରେଇ ନାଇଁପାରବାର। ସେନ୍‌ତା ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଲୁଥିବାର ୩୫ କେ.ଜି. ଚାଉଳ। ଡିଲେଶ୍ୱରୀ ଅନେକ ବଛର ହେଲା ଖଟେ ପଡ଼ି ରହିଥିଲେ ବି ଭତା, ଚିକିଛା ସାହାଯ୍ ଲେଖେଁ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ପରିବାର ଲୋକ ଡିଲେଶ୍ୱରୀକଁର ଭାତା ଆର ଚିକିଛା ସାହାଯ୍ ଲାଗି ବି ଜିଲାପାଳକଁର ଜନଅଭିଯୋଗ ଶୁନାନିରେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ଡିଲେଶ୍ୱରୀକୁଁ ଭତା ଆର ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଛା ଅଧିକାରୀ ଜୟପ୍ରକାଶ ପ୍ରଧାନକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ଆମରନେ କେହି ଅଭିଯୋଗ ନାଇଁକରି। ହେଲେ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକକୁଁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଯେକୌଣସି ଦେଶର ସଂସ୍କୃତି ତାର ସାଧାରଣ ଜନତାଙ୍କ ହୃଦୟ ଓ ଆତ୍ମାରେ ବାସ କରିଥାଏ ।
- ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣା: ଯୁବକ ମୃତ, ୧ ଗୁରୁତର

ମନମୁଣ୍ଡା, ୧୧।୩ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା-ଶଗଡା ରାସ୍ତାର ଉଛବାହାଲି ଛକରେ ବୁଧବାର ଅପରାହ୍ନ ପ୍ରାୟ ୧ଟା ସମୟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ ହୋଇଛି। ମୃତକ ହେଲେ ମନୋରଞ୍ଜନ ଦନ୍ତା (୨୩) । ଏହି ଦୁର୍ଘଟଣାରେ ରାଜେଶ ଖଣ୍ଡଗିରି (୨୩) ନାମକ ଯୁବକ ଗୁରୁତର ଅଛନ୍ତି। ତାଙ୍କୁ ସୋନପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ବୋଲି ଏଏସଆଇ ପରେଶ କୁମାର ଷଡଙ୍ଗୀ କହିଛନ୍ତି। ଉଭୟେ ମନମୁଣ୍ଡା ଥାନା ବାର୍ଡୋଲ ଗ୍ରାମର ବୋଲି ଜଣାପଡିଛି। ସୂଚନା ଅନୁସାରେ, ମନୋରଞ୍ଜନ ଓ ରାଜେଶ ମନମୁଣ୍ଡା ପଟରୁ ନିଜ ଗାଁକୁ ବାଇକ (ନଂ.ଓଡି୨୭ବି/୫୬୮୮) ଯୋଗେ ଯାଉଥିବା ବେଳେ ଉଛବାହାଲି ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ସେଠାର ଡାକ୍ତର ମନୋରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ମନମୁଣ୍ଡା ପୋଲିସ ବାଇକ ଜବତ କରି ଘଟଣାର ତଦନ୍ତ କରୁଛି ।

# ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଚାମ୍ପିୟନ

ବୌଦ୍ଧ,୧୧।୩(ସ୍ୱ.ପ୍ର)
ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଓ ଜିଲା କ୍ରିକେଟ ଆସୋସିଏଶନ ସହାୟତାରେ ବୌଦ୍ଧ କଚେରୀ ଖେଳ ପଡିଆଠାରେ ୧୫ଦିନ ଧରି ଚାଲିଥିବା ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜିବିପି ଜହ୍ନାପଙ୍କ ଓ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଜିବିପି ଜହ୍ନାପଙ୍କ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖେଳର ପ୍ରଥମ ଇନିଂସରେ ୨୯.୪ ଓଭର ଖେଳି ଜିବିପି ଜହ୍ନାପଙ୍କ ସମସ୍ତ ଉଇକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପ୍ରମିଳା ମେହେର ୩୦ ବଲ୍‌ରେ ୨୭ ଓ କ୍ଷୀରୋଦ ପୁରୋହିତ ୨୩ ବଲ୍‌ରେ ୨୪ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂର ବିଭୂତି ମଲ୍ଲିକ ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ । ଜବାବରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୨୧.୨ ଓଭରରେ ୨ ଉଇକେଟ ହରାଇ୧୬୮ ରନ୍ ସଂଗ୍ରହ କରିଥିଲା । ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ୮ ଉଇକେଟରେ ଜିବିପି ଜହ୍ନାପଙ୍କୁ ହରାଇ ଚମ୍ପିୟାନ ହୋଇଥିଲା। ଦଳ ତରଫରୁ ଦେବାଶିଷ ବାଘ ୬୨ ବଲରେ ୭୪ରନ ଓ ଭେଙ୍କଟେଶ ଭାଣ୍ଡେ ୩୬ ବଲରେ ୩୪ ରନ୍ କରିଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ବିଭୂତି ଭୂଷଣ ବେହେରା ଓ ରିତ ଚାନ୍ଦ ପରିଚାଳନା କରିଥିଲେ । ସ୍କୋରର ଭାବେ ସାଇପ୍ରିୟ ଦାସ କାର୍ଯ୍ୟ ତୁଲାଇଥିଲେ । ଖେଳ ଶେଷରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ସଭାପତି ଯୁଗଳ କିଶୋର ସାମଲ, ଉପ ସଭାପତି ନିରଞ୍ଜନ ମେହେର, ସମ୍ପାଦକ ଲମ୍ବୋଦର ପୁରୋହିତ ଯୋଗଦେଇ ଚାମ୍ପିୟନ ଦଳ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଓ ରନର୍ସ ଅପ ଜିବିପି ଜହ୍ନାପଙ୍କୁ ଟ୍ରଫି ସହ ଅର୍ଥ ପୁରସ୍କାର ଦେଇ ସମ୍ମାନିତ କରିଥିଲେ ।



ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

**ସିନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଘଣ୍ଟାପଡା, ୧୧।୩ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଫାସେଡ ଗ୍ରାମ ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ସମ୍ପନ୍ନ ହୋଇଛି। ଉତ୍ସବର ପ୍ରଥମ ଦିନରେ ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଅନ୍ୟ ଦିନମାନଙ୍କରେ ଭଜନ ସମାରୋହ, ପ୍ରବଚନ ଏବଂ ଶେଷରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ ହୋଇଥିଲା। ଆଚାର୍ଯ୍ୟ ଯଜ୍ଞସେନ ମିଶ୍ର, କମଳାକାନ୍ତ ମିଶ୍ର, ଭାଗ୍ୟଧର ମିଶ୍ର ପୌରୋହିତ୍ୟ କରିଥିବା ବେଳେ ମନ୍ଦିର ପୂଜକ ଧର୍ମରାଜ ମିଶ୍ର ସହଯୋଗ କରିଥିଲେ। ନୀଳାମ୍ବର ଧରୁଆ, ଗୋଲାପୀ ଧରୁଆ, କରୁଣା ସାହୁ ଓ ଉର୍ମିଳା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କଣ୍ଟାମାଳ ବିଧାୟକ ମହିଧର ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, କନ୍ଧମାଳ ବିଧାୟକ ଅଙ୍ଗଦ କହଁର, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ସରପଞ୍ଚ ପଦ୍ମାବତୀ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ଦେବଶିଳ୍ପୀ ବିଦ୍ୟାଧର ସାହୁ ଓ ଚକାମନ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମହିଳା ଆତ୍ମସୁରକ୍ଷା ତାଲିମ ଶିବିର

କଣ୍ଟାମାଳ,୧୧।୩(ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ପଞ୍ଚାୟତ କଲେଜ ଯୁକ୍ତ ୩ ବିଭାଗର ବାଳିକାମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ କଲେଜ ପରିସରରେ ଏକ ସଭା ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ରସାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଣିତ ବିଭାଗ ଅଧ୍ୟାପକ ସୁଭେନ୍ଦୁ କୁମାର ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କ ପାଇଁ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ମାର୍ଗଦର୍ଶନ କରିଥିଲେ। ସେହିପରି କଣ୍ଟାମାଳ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ମାଷ୍ଟର ଟ୍ରେନର ଲକ୍ଷ୍ମୀପ୍ରିୟା ମହାନ୍ତି ବାଳିକାମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କଳା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଖେଳ ପ୍ରଶିକ୍ଷକ ତଥା ସଂଯୋଜକ ପ୍ରଣବ କିଶୋର ସାହୁ ଶିବିର ପରିଚାଳନା କରିଥିଲେ।

# ବୌଦ୍ଧରେ ଜନଗଣନା ତାଲିମ ଶିବିର

ବୌଦ୍ଧ,୧୧।୩(ସ୍ୱ.ପ୍ର)
କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଦେଶରେ ୨୦୧୨ ମସିହାରେ ୧୬ତମ ଜନଗଣନା ଆରମ୍ଭ କରାଯିବ । ଏ ନେଇ ବୁଧବାର ବୌଦ୍ଧ ପ୍ରଶାସନ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲାସ୍ତରୀୟ ଅଧିକାରୀ ଏବଂ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ଜନଗଣନା ନୋଡାଲ ଅଧିକାରୀ ଅବିନାସ ପାଣ୍ଡିଆ ଏବଂ ଅନ୍ୟମାନେ ଜନଗଣନା ୨୦୨୧କୁ କିପରି ଠିକ ଭାବେ ପରିଚାଳନା କରିବେ ସେ ନେଇ ତାଲିମ ପ୍ରଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମରେ ୩୦ରୁ ଅଧିକ ଜିଲାସ୍ତରୀୟ ଅଧିକାରୀ ଓ ମାଷ୍ଟର ଟ୍ରେନର ଅଂଶ ଗ୍ରହଣ କରିଥିଲେ ।


ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଦୟାନନ୍ଦ ତପୋଭୂମିର ତୃତୀୟ ବାର୍ଷିକୋତ୍ସବ

କଣ୍ଟାମାଳ,୧୧।୩(ଡି.ଏନ.ଏ)
କଣ୍ଟାମାଳ ବ୍ଲକ ଗବଯୋର ଗ୍ରାମରେ ଦୟାନନ୍ଦ ତପୋଭୂମିର ତୃତୀୟ ବାର୍ଷିକ ଦେବଯଜ୍ଞୋତ୍ସବ ପଣ୍ଡିତ କବିନ୍ଦ୍ର ବ୍ରହ୍ମଚାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଦୀନକୃଷ୍ଣ ବାନପ୍ରସ୍ଥିଙ୍କ ଦ୍ୱାରା ଓମ୍ ଧ୍ୱଜା ଉତ୍ତୋଳନ ପରେ ସାଧ୍ୱୀ ପୁଷ୍ପାଳୀ, ରାଜେଶ୍ୱରୀ ଓ କଲ୍ୟାଣୀଙ୍କ ଦ୍ୱାରା ବେଦ ମନ୍ତ୍ରପାଠ ହୋଇଥିଲା । ଏହି ଅବସରରେ ଲଳିତ ମେହେର ଓ ବିରଞ୍ଚି ଷାଣ୍ଢ କରୋନା ରୋଗର କାରଣ ଓ ନିରାକରଣ ଉପରେ ବୈଦିକ ତଥ୍ୟ ଉପସ୍ଥାପନ କରିଥିଲେ । କଣ୍ଠଶିଳ୍ପୀ ବୈଦ୍ୟନାଥ ଜାଲ, ଅର୍ଗାନମାଷ୍ଟର ଦିବାକର ବଘାର ଓ ତବଲା ବାଦକ କୁଞ୍ଜବିହାରୀ ଦାଶ ଭଜନ ପରିବେଷଣ କରିଥିଲେ । ଯଜ୍ଞୋତ୍ସବ ତପୋଭୂମିର ସଭାପତି ଲକ୍ଷ୍ମଣ ଭୋଇ ଓ ସମ୍ପାଦକ ପଣ୍ଡିତ ନିରଞ୍ଜନାଚାର୍ଯ୍ୟଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ଆରମ୍ଭ


ପଞ୍ଚରାତ୍ର ପାଇଁ ବୌଦ୍ଧ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜୀଉଙ୍କ ବିଗ୍ରହକୁ ସ୍ଥାପନ କରାଯାଇଛି ।

ବୌଦ୍ଧ,୧୧।୩(ସ୍ୱ.ପ୍ର)
ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତି ଭୁବନେଶ୍ୱର ଓ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ସମିତିର ମିଳିତ ଆନୁକୂଲ୍ୟରେ ବୌଦ୍ଧ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ବୁଧବାରରୁ ପାଞ୍ଚ ଦିନ ଧରି ଶ୍ରୀ ଜଗନ୍ନାଥଙ୍କ ପଞ୍ଚରାତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୀରୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ଆସିବା ପରେ ଶ୍ରୀ ବିଗ୍ରହ ସ୍ଥାପନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସକାଳୁ ଶ୍ରୀ ଜଗନ୍ନାଥଙ୍କ ବେଦପାଠ, ଆରତୀ ଓ ଶାନ୍ତିପାଠ, ନାମ ସଂକୀର୍ତ୍ତନ, ଭକ୍ତି ସରିତା ପ୍ରବଚନ, ଯଜ୍ଞ କର୍ମ ଓ ପୁରଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ପାରାୟଣ କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କ ନୀତିକାନ୍ତି ସମାପନ ପରେ ଶ୍ରୀ ଗୁରୁକୃପା ଆଶ୍ରମ ନାଉଁଗାର ଅଧ୍ୟକ୍ଷ ତଥା ଶ୍ରୀ ଜଗନ୍ନାଥ ପ୍ରଚାର ସମିତି ଭୁବନେଶ୍ୱରର ସଭାପତସତ୍ୟାନନ୍ଦ ଦାଶ ମହାରାଜାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ଲୀଳା ଓ ତତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ବୌଦ୍ଧ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ସମିତି ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଡାକ୍ତରଖାନାରୁ ଫେରୁଥିବା ମହିଳାଙ୍କ ଦୁର୍ଘଟଣାରେ ମୃତ୍ୟୁ

ମନମୁଣ୍ଡା, ୧୧।୩ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା-ଖୁଣ୍ଟିଗୋରା ୪୧ ନଂ. ରାଜ୍ୟ ରାଜପଥର ମାଝିପଡା ଓମଶାନ୍ତି ରାଇସ ମିଲ ପାଖରେ ବୁଧବାର ଅପରାହ୍ନ ପ୍ରାୟ ୫ଟା ବେଳେ ବୋଲେରୋ ଧକ୍କାରେ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରୁଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ମନମୁଣ୍ଡା ଥାନା ଜାମୁମାଳର ସତ୍ୟବତୀ କର୍ଣ୍ଣ (୨୫) ।

ସୂଚନାମତେ, ମନମୁଣ୍ଡା ଥାନା ଜାମୁମାଳର ସୀତାଂଶୁ କର୍ଣ୍ଣ ତାଙ୍କ ଭାଉଜ ସତ୍ୟବତୀଙ୍କୁ ସୋନପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ ଓ ଚିକିତ୍ସା ସାରି ବାଇକ (ନଂ. ଓଡି୩୧ସି/୫୯୯୪) ଘରକୁ ଫେରୁଥିଲେ । ଓମଶାନ୍ତି ରାଇସ ମିଲ ପାଖରେ କଣ୍ଟାମାଳ ପଟରୁ ମନମୁଣ୍ଡା ଆଡକୁ ଏକ ବୋଲେରୋ ଦ୍ରୁତ ଆସି ବାଇକର ଡିକିରେ ପିଟି ହୋଇ ପଳାଇଗଲା। ଫଳରେ ବାଇକ ଭାରସାମ୍ୟ ହରାଇ ତଳେ ପଡିଗଲା। ଗୁରୁତର ଅବସ୍ଥାରେ ସତ୍ୟବତୀଙ୍କୁ ମନମୁଣ୍ଡା ସିଏଚସିକୁ ଆଣି ପ୍ରାଥମିକ ଚିକିତ୍ସା ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ଶବ ବ୍ୟବଚ୍ଛେଦ କରାଯିବ । ଏ ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି ।

# ଫଗୁ ବଦଳରେ ଫୁଲରେ ହୋଲି

ବରଗଡ଼ ଅଫିସ୍,୧୧।୩
ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନିକଟ ତପୋବନ ଆଶ୍ରମରେ ଉତ୍ସାହ, ଉଦ୍ଦୀପନା ସହିତ ହୋଲି ଉତ୍ସବ ପାଳନ କରାଯାଇଛି । ରାସାୟନିକ ରଙ୍ଗ ଅର୍ଥାତ୍ ଫଗୁ ବଦଳରେ ବିଭିନ୍ନ କିସମର ଫୁଲ, ବିଟ୍, ହଳଦୀ, ଘିକୁଆଁରୀରେ ପ୍ରସ୍ତୁତ ରଙ୍ଗରେ ଅନ୍ତେବାସୀ, ଅନ୍ତେବାସିନୀମାନେ ହୋଲି ପାଳନ କରିଥିଲେ। ସେହିପରି ଭଜନ, ବ୍ୟଙ୍ଗ କବିତା ଆସର ଜମିଥିଲା। ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତମ ଓ ଅନ୍ୟ କଳାକାରମାନେ ଭଜନ ପରିବେଷଣ କରିଥିବା ବେଳେ ବ୍ୟଙ୍ଗକବି ଦେବେନ୍ଦ୍ର ସାହୁଙ୍କ କବିତା ହୋଲି ଉତ୍ସାହରେ ସମସ୍ତଙ୍କୁ ବାନ୍ଧି ରଖିଥିଲା । ବରଗଡ଼ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା, ସୋହେଲା ଥାନାଧିକାରୀ ନିର୍ମଳ ମହାପାତ୍ର, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ତ୍ରିଲୋଚନ ଶତପଥୀ, ହାସ୍ୟକବି ଗୌରଚରଣ ସା, ସୋନାଲି ପାଢ଼ୀ, ସନୟ ଭୂଷଣ ମେହେର, ଉମେଶ ପ୍ରଧାନ, ବିନୋଦ ବୈକାର, ସୁବାସ ଚନ୍ଦ୍ର ସାହୁ, ନମିତା ଦୀପ, ମୋହିତ ସାହୁ, ମଞ୍ଜୁଲତା ସାହୁ, ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଧନୁତୀରରେ ରଙ୍ଗ ମାଠିଆ ଫଟାଇ ପୂର୍ବରୁ ସେଠାରେ ରହିଥିବା ଫୁଲ, ଫଳ, ପତ୍ରରେ ପ୍ରସ୍ତୁତ ରଙ୍ଗ ଝରିବା ପରେ ପରସ୍ପର ତାକୁ ବୋଳି ହୋଇ ହୋଲି ମନାଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ସୁରେନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ଦେବଦତ୍ତ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ ଓ ଲବଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରଙ୍ଗ ବଦଳରେ ବେଲୁନ, ଚକୋଲେଟ୍ ବାଣ୍ଟି ହୋଲି ପର୍ବ ପାଳନ କରିଥିବାବେଳେ ଡା. ରାମକୃଷ୍ଣ ପୁରୋହିତ, ସ୍ୱୀ ମମତା ପ୍ରମୁଖ ବିଭିନ୍ନ କିସମର ଫୁଲକୁ ନେଇ ହୋଲି ଉତ୍ସାହ ମନାଇଥିଲେ ।



ତପୋବନ ଆଶ୍ରମରେ ହୋଲିର ଉତ୍ସାହ ।

## ଗାଡି ଧକ୍କାରେ ଅବସରପ୍ରାପ୍ତ ସୈନିକ ଗୁରୁତର

ବୌଦ୍ଧ,୧୧।୩(ସ୍ୱ.ପ୍ର)
ଅଜଣା ଗାଡି ଧକ୍କାରେ ଅବସରପ୍ରାପ୍ତ ସୈନିକ ବିକାଶ ମାହାର ଗୁରୁତର ହୋଇଛନ୍ତି। ସେ ମଙ୍ଗଳବାର ନିଜ ଗ୍ରାମ ବଙ୍କାପଡା ଠାରୁ ବୌଦ୍ଧ ଆସୁଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ବାଇକ୍‌ରୁ ଛିଟିକି ପଡିଥିଲେ। ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲକୁ ଆଣିଥିଲେ। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି ।

## ଭୀମଭୋଇ ସ୍ୱତନ୍ତ୍ର ବିଦ୍ୟାଳୟରେ ହୋଲି ଉତ୍ସବ

ଘଣ୍ଟାପଡା,୧୧।୩ (ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରଙ୍ଗର ପର୍ବ ହୋଲି ଆନନ୍ଦ ଉଲ୍ଲାସର ସହିତ କୋଡିବାହାଲ ସ୍ଥିତ ଭୀମଭୋଇ ସ୍ୱତନ୍ତ୍ର ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ଭାଉଭଉଣୀମାନେ ନିଜକୁ ସମାଜଠୁ ଭିନ୍ନ ବୋଲି ଯେଉଁ ଭାବନା ରଖିଛନ୍ତି ତାହାକୁ ଦୂର କରି ସେମାନଙ୍କୁ ଆମ ସଂସ୍କୃତି ଓ ପରମ୍ପରା ସହିତ ସାମିଲ କରି ତାଙ୍କ ମନରେ ଏକତାର ସ୍ପନ୍ଦନ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ପରିଷଦର କାର୍ଯ୍ୟକର୍ତ୍ତା ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲା ସହ ସଂଯୋଜକ ପ୍ରଶାନ୍ତ ସାହୁ, ସଦସ୍ୟ ଶଙ୍କର ପ୍ରସାଦ ପଟେଲ, ସୂର୍ଯ୍ୟକାନ୍ତ କଅଁର, ସୋମ୍ୟରଞ୍ଜନ ପ୍ରଧାନ, ପ୍ରହଲ୍ଲାଦ ସାହୁ, ଡୋଲେଶ୍ୱର ରଣା, ସୀତାକାନ୍ତ ମାଝୀ, ଅର୍ଜ୍ଜୁନ କାଲସେ, ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମନମୁଣ୍ଡାରେ ଦୋଳପୂର୍ଣ୍ଣିମା ପର୍ବ

ମନମୁଣ୍ଡା, ୧୧।୩ (ଡି.ଏନ.ଏ)
ମନମୁଣ୍ଡାରେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀ ଦଧିବାମନ ଜୀଉ ମନ୍ଦିରରେ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ପାଇଁ ମନ୍ଦିର ପୂଜକ ଗୋପୀନାଥ ହୋତା ପୂଜାର୍ଚ୍ଚନା କରିଥିଲେ । ଜ୍ୟୋତିଷ ନୂତନ ପାଞ୍ଜି ପଠନ କରିଥିଲେ । ରାତିରେ ହରିହର ଭେଟଘାଟ ତଥା ଫଗୁଖେଳ ହୋଇଥିଲା । ଦଧିବାମନ ମନ୍ଦିର କମିଟି ସଦସ୍ୟ ଗଣେଷ ଲୋଇ, ରାଧେଶ୍ୟାମ ସାହୁ, ନରେନ୍ଦ୍ର ମେହେର, ରାଜା ଅଗ୍ରୱାଲ ଏବଂ ସୁବର୍ଣ୍ଣପୁର ମନ୍ଦିର କମିଟି ସଦସ୍ୟ ସୁରୁବାବୁ ମେହେର ହରିହର ଭେଟଘାଟ ଆୟୋଜନ କରିଥିଲେ।

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତା ଅବରୋଧ

ଭଟଲି, ୧୧।୩ (ଡି.ଏନ.ଏ)
ବୁଧବାର ସକାଳ ପ୍ରାୟ ୧୧ଟାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଭଟଲି ରେଞ୍ଜ କମିଟି ପକ୍ଷରୁ ବରଗଡ-ଭଟଲି ମୁଖ୍ୟରାସ୍ତାକୁ ଗୋପାଳପୁର ଛକରେ ଅବରୋଧ କରାଯାଇଥିଲା। ସର୍ବନିମ୍ନ ମଜୁରୀ ବର୍ଦ୍ଧିତ ହାରରେ ସିଜନାଲ କର୍ମଚାରୀମାନଙ୍କୁ ଦରମା ବୃଦ୍ଧି, ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜନାଲ କର୍ମଚାରୀମାନଙ୍କୁ ପୂର୍ବବତ ସାମାଜିକ ସୁରକ୍ଷା ଲାଗୁ, କେନ୍ଦୁପତ୍ର ବିକ୍ରି ନୀତିରେ ସଂଶୋଧନ, ତୋଳାଳିମାନଙ୍କ ଠାରୁ ୨୦୦୦ କେନ୍ଦୁପତ୍ର କେରି ବଦଳରେ ୧୦୦୦ କେନ୍ଦୁପତ୍ର କେରି ନେବା ଏବଂ କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର ଆଦି ଦାବିରେ ଏହି ରାସ୍ତା ଅବରୋଧ କରାଯାଇଥିଲା । ଏହି ଅବରୋଧ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗ ଦେଇଥିଲେ। ପରେ ଭଟଲି ଥାନାଧିକାରୀ ରଞ୍ଜିତ କୁମାର ନାଏକ ଅବରୋଧସ୍ଥଳକୁ ପହଞ୍ଚି ଶ୍ରମିକମାନଙ୍କ ସହିତ ଆଲୋଚନା ପୂର୍ବକ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିବା ପରେ ଶ୍ରମିକମାନେ ରାସ୍ତା ଅବରୋଧରୁ ହଟିଥିଲେ । ସଭାପତି ଅଶୋକ ଦାସ ଏହାର ନେତୃତ୍ୱ ନେଇଥିଲେ ।



କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା ଅଭିଯୋଗ

**ଖପ୍ରାଖୋଲ ୧୧।୩(ଡି.ଏନ.ଏ)**
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କଟାପାଲି ଗାଁର ଜଣେ ନାବାଳିକା ବୁଧବାର ବେକରେ ରଶି ଲଗାଇ ଅତ୍ମହତ୍ୟା କରିଛନ୍ତି। ନାବାଳିକା ଜଣକ ବୁଧବାର ମଧ୍ୟାହ୍ନରେ ନିଜ ଘର ଭିତର ପଟୁ କବାଟ ଦେଇଥିଲେ। ଦୀର୍ଘ ସମୟ ଧରି ସେ କବାଟ ଖୋଲି ନ ଥିଲେ। ଫଳରେ ପରିବାର ଲୋକ କବାଟ ତାଡି ଭିତରକୁ ଗଲା ପରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ନେବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖପ୍ରାଖୋଲ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ. ୩/୨୦)ରୁଜୁ କରାଯାଇଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ନାବାଳିକା ଜଣକ ସ୍ଥାନୀୟ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରୀ ଥିଲେ।

### କରୋନା ସଚେତନତା ସଭା

**ଟିକ୍ରାପଡା, ୧୧।୩(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାଠାରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକର୍ମୀ ଅକ୍ଷୟ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। କରୋନାର ସତର୍କତାମୂଳକ ପଦକ୍ଷେପ ସମ୍ବନ୍ଧରେ ଡାକ୍ତର ଅଶୋକ କୁମାର ମେହେର ବୁଝାଇଥିଲେ। ସ୍ୱାସ୍ଥ୍ୟକର୍ମୀ ସଫଳା ଖମାରୀ ସଭା ସଂଯୋଜନା କରିଥିଲେ। ସଂଯୁକ୍ତା ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ବଚସ୍ୱିନୀ କବାଟ ଧନ୍ୟବାଦ ଅର୍ପଣ କରିଥିଲେ। ଟିକ୍ରାପଡା, ଜୁରାବନ୍ଧ, ଝିଙ୍କିଡୁଙ୍ଗୁରି ପଞ୍ଚାୟତର ସମସ୍ତ ଆଶାକର୍ମୀ ସଭାରେ ଉପସ୍ଥିତ ରହିଥିଲେ।

### ଧଣ୍ଡାମୁଣ୍ଡା ଦୋଳ ମହୋତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ, ୧୧।୩(ଡି.ଏନ.ଏ.)**
ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ୮୧ତମ ଦୋଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଷୋହଳ ପ୍ରହର ନାମଯଜ୍ଞ ଜଗନ୍ନାଥ ମନ୍ଦିର ସମ୍ମୁଖର ପ୍ରହରୀ ମଣ୍ଡପରେ ଅନୁଷ୍ଠିତ ହୋଇଥିବାବେଳେ ପୂର୍ଣ୍ଣିମାରେ ଦୋଳ ମେଲଣ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ସୁସଜ୍ଜିତ ଦୋଳ ବିମାନରେ କଟାପାଲି ଗାଁରୁ ବାଣ ରୋଶଣୀ ସହ ଶୋଭାଯାତ୍ରାରେ ହରଙ୍କୁ ଅଣାଯାଇଥିବାବେଳେ ଧଣ୍ଡାମୁଣ୍ଡାରୁ ସୁସଜ୍ଜିତ ବିମାନରେ ହରିଙ୍କୁ ଘଣ୍ଟ, ଶଙ୍ଖ ସହ ସୁସଜ୍ଜିତ ପଟୁଆରରେ ଅଣାଯାଇ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଲୋକନାଥ ସାହୁ, ପୂଜକ ବୈଦ୍ୟନାଥ ମିଶ୍ର, ଦୋଳ ଉତ୍ସବ କମିଟି ସଭାପତି ପଞ୍ଚାନନ ସାହୁ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କମିଟି ସଭ୍ୟ ଅମୂଲ୍ୟ କୁମାର ଭୋଇ, ଦେବକାନ୍ତ ପାଣିଗ୍ରାହୀ, କ୍ଷିରୋଦ୍ର ପଧାନ, ପଞ୍ଚାନନ ଭୋଇ, ରାକେଶ ପଧାନ, ମଧୁସୂଦନ ସାହୁ, ଚଉବନ ବନଛୋର, କଲ୍ୟାଣ ସାହୁ, ସାଇରାମ ସାହୁ, ଶୋଭନମୟ ମିଶ୍ର ପ୍ରମୁଖଙ୍କ ସହିତ ଗ୍ରାମବାସୀ ଯାତ୍ରାର ସଫଳ ସମାପନରେ ସହଯୋଗ କରିଥିଲେ।

# ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ଅଫିସ ଘେରାଉ

**ବଲାଙ୍ଗୀର ଅଫିସ, ୧୧।୩**



ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**୩୩ କେଭି ବିଦ୍ୟୁତ ଲାଇନ୍ ସଂସ୍ପର୍ଶରେ ଆସି ଛାତ୍ର ମୃତ୍ୟୁ ଘଟଣା**
- ଉପଯୁକ୍ତ କ୍ଷତିପୂରଣ ଦାବି କଲେ

ବଲାଙ୍ଗୀର ବିଦ୍ୟୁତ୍ ବିଭାଗର ଅପାରଗତା ଓ ଚରମ ଅବହେଳା କାରଣରୁ ଗତ ୭ ତାରିଖ ସରକାରୀ ଆଇଟିଆଇ ଛାତ୍ର ସୌମ୍ୟରଞ୍ଜନ ଭୋଇ (୧୯)ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଅଭିଯୋଗ କରି ମୃତ ଛାତ୍ରଙ୍କ ପରିବାର ଓ ଗ୍ରାମବାସୀ ବୁଧବାର ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସ ଘେରାଉ କରିଥିଲେ। ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ଦାବି କରି ସେମାନେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଓ ତଦନ୍ତ ରିପୋର୍ଟ ଆସିଲା ପରେ ଉଚିତ୍ ପଦକ୍ଷେପ ନେବେ ବୋଲି ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକ କହିଥିଲେ। ସ୍ଥାନୀୟ ଚନ୍ଦ୍ରଶେଖର ନଗରସ୍ଥିତ ବେହେରା ଚାମ୍ବର ଠାରେ ଏକ ଭଡା ଘରେ ରହୁଥିବା ବଲାଙ୍ଗୀର ସରକାରୀ ଆଇଟିଆଇର ଦ୍ୱିତୀୟ ବର୍ଷ ଛାତ୍ର ସୌମ୍ୟରଞ୍ଜନ ଭୋଇ ଗତ ୭ ତାରିଖ ଗାଧୋଇ ସାରିବା ପରେ ତାଙ୍କ ଓଦା ପ୍ୟାଣ୍ଟ ଶୁଖାଇବାକୁ ଯିବାବେଳେ ସେହି କୋଠା ନିକଟ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କ ଶରୀର ୯୦ ଭାଗ ଅଂଶ ଜଳିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଭୋଇଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ପରେ ବୁର୍ଲା ଭୀମସାର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ସୁବର୍ଣ୍ଣପୁର ଜିଲା ତମାମୁରା ଗ୍ରାମର କନ୍ଦର୍ପ ଭୋଇଙ୍କ ପୁଅ ସୌମ୍ୟରଞ୍ଜନ ଏକ ଗରିବ ପରିବାର ଜଣେ ମେଧାବୀ ଛାତ୍ର ଥିଲେ। ଜଣେ ପ୍ରତିଭାବାନ୍ କବାଡି ଖେଳାଳୀ ଭାବେ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁରେ ପରିବାରବର୍ଗ ମର୍ମାହତ ହୋଇପଡିଥିଲେ। ବିଦ୍ୟୁତ୍ ବିଭାଗ ଓ ବେହେରା ଚାମ୍ବର ମାଲିକଙ୍କ ଚରମ ଅବହେଳା କାରଣରୁ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରାଯାଇଛି। ବିଜେଡି ନେତା ପ୍ରଦୀପ ଗୁରୁଙ୍କ ନେତୃତ୍ୱରେ ମୃତ ସୌମ୍ୟରଞ୍ଜନଙ୍କ ପରିବାର ସଦସ୍ୟ, ତମାମୁରା ଗ୍ରାମର ବହୁ ବ୍ୟକ୍ତି ଓ ବଲାଙ୍ଗୀର କୁଲତା ସମାଜ ସଭାପତି ସୁରଥ ପ୍ରଧାନ, ଆଡଭୋକେଟ୍ ଶାନ୍ତନୁ କୁମାର ଭୋଇଙ୍କ ସହ ବିଭିନ୍ନ ସଙ୍ଗଠନ ପ୍ରତିନିଧିମାନେ ବୁଧବାର ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ଯାଇ ଘେରାଉ କରିଥିଲେ। ମୃତକଙ୍କ ଗରିବ ପରିବାରକୁ ତୁରନ୍ତ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ଏହା ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିବା ସହ ଜିଲାପାଳଙ୍କୁ ମଧ୍ୟ ଭେଟି ମୃତ ଛାତ୍ରଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଗତ ୮ ତାରିଖ ଦିନ ୱେସ୍କୋ ବିଭାଗ, ବେହେରା ଚାମ୍ବର ମାଲିକଙ୍କ ବିରୋଧରେ ଟାଉନ୍ ଥାନାରେ ମଧ୍ୟ ଅଭିଯୋଗ କରାଯାଇ ଘଟଣାର ଉଚିତ୍ ତଦନ୍ତ କରି ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ୱେସ୍କୋ ବିଭାଗ ଓ ବେହେରା ଚାମ୍ବର ମାଲିକଙ୍କ ଅବହେଳା ଯୋଗୁଁ ଏହି ଗୋଟିଏ ସ୍ଥାନରେ ୩ଜଣ ଯୁବକଙ୍କ ମୃତ୍ୟୁ ହୋଇସାରିଥିବା ଲୋକମାନେ ଅଭିଯୋଗ କରିଛନ୍ତି।




ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

## ତୁଷୁରା ପ୍ରିମିୟର ଲିଗ୍: ବିନାୟକ ବଲବନରସ ବିଜୟୀ

**ଗୁଡଭେଲା, ୧୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ବାଳକ ହାଇସ୍କୁଲ ଖେଳ ପଡିଆଠାରେ ଛଅ ଦିନ ଧରି ଚାଲିଥିବା ତୃତୀୟ ବର୍ଷ ତୁଷୁରା ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି। ୧୦ଓଭର ବିଶିଷ୍ଟ ଫାଇନାଲ ଖେଳ ସ୍ମାଟନେଓ ଏକାଦଶ ଓ ବିନାୟକ ବଲବନରସ ମଧ୍ୟରେ ହୋଇଥିଲା। ଟସ ଜିତି ପ୍ରଥମେ ବିନାୟକ ବଲବନରସ ବ୍ୟାଟିଂ କରି ୮୭ ରନ ସଂଗ୍ରହ କରିଥିଲା। ଜବାବରେ ସ୍ମାଟନେଓ ନିର୍ଦ୍ଧାରିତ ଓଭରରେ ୮୫ ରନ କରି ପରାଜିତ ହୋଇଥିଲା। ମୁନୁ ମିଶ୍ର ଓ ବିକାଶ ଜୈନ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନୀତ ଅତିଥି ଚଳଚ୍ଚିତ୍ର ଅଭିନେତା ରତନ କୁମାର ମେହେର ଯୋଗ ଦେଇଥିଲେ। ବିଜୟୀ ଓ ରନର୍ସ ଦଳକୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ମ୍ୟାନ ଅଫ ମ୍ୟାଚ ବନ ବକୁଳ, ମ୍ୟାନ ଅଫ ଦ ସିରିଜ ବିକ୍ରମ, ପରପଲ କ୍ୟାପ ପ୍ରଦ୍ୟୁମ୍ନ ଓ ଅରେଞ୍ଜ କ୍ୟାପ ଟୁକୁ ବାରିକଙ୍କୁ ପ୍ରଦାନ କରାଯାଇଥିଲା।

## ଟ୍ରେନ୍‌ରୁ ଜାଳେଣି କାଠ, ପଟା ଜବତ



ଟ୍ରେନ୍‌ରୁ ଜବତ କାଠ ପଟ୍ଟା।

**ଟିଟିଲାଗଡ, ୧୧।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରୁ ଆରପିଏଫ ପକ୍ଷରୁ ଜୁନାଗଡ-ରାୟପୁର ପାସେଞ୍ଜର ଟ୍ରେନରେ ଚଢାଉ କରାଯାଇ କାଠ ଏବଂ ପଟା ଜବତ କରାଯାଇଛି। ଆରପିଏଫ ପୋଷ୍ଟକମାଣ୍ଡର ଏମ.ଏସ.କୁମାୱତଙ୍କ ସୂଚନାକ୍ରମେ ରାୟପୁର ପାସେଞ୍ଜରରେ କାଠ ଚାଲାଣ ହେଉଥିବା ଖବର ମିଳିବା ପରେ ସିଆଇବି ଏଏସଆଇ ପି.ଏନ. ଭାଟିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଟ୍ରେନ ଟିଟିଲାଗଡ ଷ୍ଟେଶନର ପ୍ଲାଟଫର୍ମ ନମ୍ବର ୧ରେ ପହଞ୍ଚିବା ପରେ ଉକ୍ତ ଟିମ୍ ଚଢାଉ କରିଥିଲା। ମୋଟ ୪୫୦ବଣ୍ଡଲ ଜାଳେଣି କାଠ ସହ ୬ଖଣ୍ଡ ସାଲ ପଟା ଜବତ କରାଯାଇଥିଲା। ପରେ ଆରପିଏଫ ପକ୍ଷରୁ ଟିଟିଲାଗଡ ବନ ବିଭାଗ ରେଞ୍ଜ ଅଧିକାରୀଙ୍କୁ ସୂଚିତ କରାଯିବା ପରେ ଟିଟିଲାଗଡ ଫରେଷ୍ଟର ବୃନ୍ଦାବନ କୁମ୍ଭାର ସେଠାରେ ପହଞ୍ଚି ଜବତ କାଠକୁ ନିଜ ହେପାଜତକୁ ନେଇଥିଲେ।

## ଅବସରପ୍ରାପ୍ତ ପୋଷ୍ଟମାଷ୍ଟର କ୍ଷେତ୍ର ପ୍ରସାଦ ସାହୁଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୧୧।୩**

ବଲାଙ୍ଗୀର ଜିଲା ଆଗଲପୁର (ଡୁଡୁକା) ବ୍ଲକ ସାଲେଭଟା ଗ୍ରାମର ଅପସରପ୍ରାପ୍ତ ପୋଷ୍ଟମାଷ୍ଟର କ୍ଷେତ୍ର ପ୍ରସାଦ ସାହୁ (୭୮)ଙ୍କ ପରଲୋକ ଘଟିଛି। ବିଗତ କିଛିବର୍ଷ ହେଲା ସାହୁ ଅସୁସ୍ଥ ଥିଲେ। ଗତ ସୋମବାର ଦିନ ଉଚ୍ଚରକ୍ତ ଚାପ ହେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ହୋଇଯାଇଥିଲା। ଚିକିତ୍ସା ପାଇଁ ପ୍ରଥମେ



ମୃତ କ୍ଷେତ୍ରପ୍ରସାଦ ସାହୁଙ୍କ ଫାଇଲ ଫଟୋ।

ଲୋଇସିଂହା ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟରାତ୍ରୀରେ ତାଙ୍କ ପରଲୋକ ହୋଇଯାଇଥିଲା। ବୁଧବାର ତାଙ୍କ ମରଶରୀରକୁ ସାଲେଭଟା ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ସାନପୁଅ ରାଜେଶ କୁମାର ସାହୁ ଅଙ୍ଗନଦୀ ଶ୍ମଶାନ ଘାଟରେ ମୁଖାଗ୍ନି ଦେଇଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟିନେଲେ ଟଙ୍କା, ସୁନାଚେନ୍

**ବଙ୍ଗୋମୁଣ୍ଡା,୧୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା କନାବିରା ଛକରେ ଜଣେ କଂସାବାସନ ବ୍ୟବସାୟୀ ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଗୋଟିଏ ବାଇକରେ ଆସି ଦୁଇଜଣ ଦୁର୍ବୃତ୍ତ ତାଙ୍କଠାରୁ ୧୨ହଜାର ଟଙ୍କା ସହ ଏକ ସୁନା ଚେନ ଓ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟବସାୟୀ ସିନ୍ଧେକେଲାର ସନାତନ ସାହୁ ଏ ନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ସନାତନ କଣ୍ଟାବାଞ୍ଜିରୁ ବାଇକରେ ନିଜ ଘରକୁ ଫେରୁଥିଲେ। ବଙ୍ଗୋମୁଣ୍ଡାରେ କେତେକ ଗ୍ରାହକଠାରୁ ଟଙ୍କା ନେଇ ଯାଉଥିବା ବେଳେ ଏପରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ବଙ୍ଗୋମୁଣ୍ଡା ଥାନା ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।



ଯାଦବ ସମାଜ ପକ୍ଷରୁ ଅନୁଷ୍ଠିତ ଦୋଳ ମହୋତ୍ସବ ସହର ପରିକ୍ରମା କରୁଛି।

## ଯାଦବ ସମାଜ ପକ୍ଷରୁ ଦୋଳ ମହୋତ୍ସବ

**ବଲାଙ୍ଗୀର ଅଫିସ, ୧୧।୩**

- କରୋନା ଭାଇରସକୁ ନେଇ ସଚେତନତା ବାର୍ତ୍ତା ଦେଲେ
- କନ୍ଧମାଳ ହଳଦୀ ମାଖି ପାଳିଲେ ମହୋତ୍ସବ

ବଲାଙ୍ଗୀର ଜିଲା ଯାଦବ ସମାଜ ଆନୁକୂଲ୍ୟରେ ୨୪ ତମ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଥିବା କରୋନା ଭାଇରସ୍‌କୁ ନେଇ ଯାଦବ ସମାଜ ପକ୍ଷରୁ ଦୋଳ ମହୋତ୍ସବରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। କେମିକ୍ାଲ ରଙ୍ଗ ନ ଖେଳି କନ୍ଧମାଳରୁ ଅଣାଯାଇଥିବା ହଳଦୀରେ ଲୋକେ ଦୋଳ ମହୋତ୍ସବ ପାଳିଥିଲେ। ଏହି ଅବସରରେ ବଲାଙ୍ଗୀର ସହରର ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। ଏହି ଜାତିର ପରମ୍ପରା ଗୌଡ ବାଡି ଖେଳ ଅନୁଷ୍ଠିତ ହୋଇଥିଲା। ତୁଣ୍ଡା, ବଞ୍ଜାରୀ ଓ ଚିମିନିଭାଟିରୁ ଆସିଥିବା ଗୌଡବାଡି ଖେଳ ଦଳ ଏଥିରେ ସାମିଲ ହୋଇଥିଲେ। ଦଣ୍ଡନୃତ୍ୟରେ ରାଧାକୃଷ୍ଣଙ୍କ ରାସଲୀଳା ପ୍ରଦର୍ଶନ କରାଯାଇଥିଲା। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବିମାନରେ ଧରି ସହର ପରିକ୍ରମା କରାଯାଇଥିଲା। ଦୋଳ ମହୋତ୍ସବରେ ପୂଜାକର୍ତ୍ତା ଭାବେ ରତ୍ନାକର ଗହୀର ଓ ତାଙ୍କ ଧର୍ମପତ୍ନୀ ତିଳୋତ୍ତମା ଗହୀର ଦାୟିତ୍ୱ ନିର୍ବାହ କରିଥିଲେ। ରାଧାକୃଷ୍ଣ ବେଶରେ ଆକାଶ ଓ ମାଧବ ସୁସଜ୍ଜିତ ବିମାନରେ ସହର ପରିକ୍ରମା କରିଥିଲେ। କୁନି କୁନି ପିଲାମାନଙ୍କୁ ବିଭିନ୍ନ ବେଶରେ ସଜା ଯାଇଥିଲା। ସହର ଇଷ୍ଟଦେବୀ ମା ସମଲେଇ ଓ ମା ପାଟଣେଶ୍ୱରୀ ମନ୍ଦିର ଦେଇ ଯାଦବ ଭବନକୁ ଶୋଭାଯାତ୍ରା ଫେରିଆସିଥିଲା। ଯାଦବ ସମାଜ ଜିଲା ଉପଦେଷ୍ଟା ସତ୍ୟନାରାୟଣ ବାଗ, ପୂର୍ବତନ ସଭାପତି ବାଦଲ ମହାକୁର, ଧୀରୁ ବନଛୋର, ମହେନ୍ଦ୍ର ବାଗ, ମହିଳା ନେତ୍ରୀ ବୃନ୍ଦାବତୀ ସେଲମା, ମୃଣ୍ମୟୀ ଭୋଇ, ଦମୟନ୍ତୀ ବାଗ, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ସଂଜୀବ ବାଗ, ଦିଗାମ୍ବର ମାଝି, ବସୁଦେବ ନାଗ, ଈଶ୍ୱର ବାଗ, କୃଷ୍ଣ ଚନ୍ଦନ, ଦିଲୀପ ବାଗ, ଅକ୍ଷୟ ବାଗ, ଅରକ୍ଷିତ ଯୁଏଡ, ଉପସଭାପତି ସନ୍ତୋଷ କୁମାର ବର୍ଗଡ଼ି, କାର୍ଯ୍ୟକାରୀ ସଭାପତି ଖରତ କୁମାର ରାଉତ, ପୂଜାକ ମିଟିରେ ସଭାପତି ହେମନ୍ତ ନିହାଲ, ପୌରାଞ୍ଚଳ ସଭାପତି ପଙ୍କଜ ସେଲମା, ବିକାଶ ଷାଣ୍ଡ, ପ୍ରଶାନ୍ତ ମହାକୁର, ଅକ୍ଷୟ ବାଗ, ଜୟଦେବ ଜାଲ, ଲକ୍ଷ୍ମଣ ଜାଲ, ଆକୁଳ ବର୍ଗଡ଼ୀ, ରାମନାରାୟଣ ଦାଶ, ଡମ୍ବରୁ ନାଗ ଓ ଅନ୍ୟମାନେ ସହଯୋଗ କରିଥିଲେ।

## କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତାରୋକୋ

**ପାଟଣାଗଡ ୧୧।୩(ଡି.ଏନ.ଏ.)**

ପାଟଣାଗଡ କେନ୍ଦୁପତ୍ର ଡିଭିଜନ ରାଜ୍ୟର ଏକ ନମ୍ବର ଡିଭିଜନ ହୋଇଥିଲେ ମଧ୍ୟ ଏଠାରେ କାର୍ଯ୍ୟରତ ତୋଳାଳି ଓ ସିଜିନାଲ କର୍ମଚାରୀ ନାନା ସମସ୍ୟା ମଧ୍ୟରେ ରହିଛନ୍ତି। ଏ ନେଇ ସେମାନେ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଦାବି କରି ଆସିଥିଲେ ସୁଦ୍ଧା ସେଥତପ୍ରତି କର୍ଣ୍ଣପାତ କରାଯାଇନାହିଁ। ଗତ ୨ତାରିଖରେ ସେମାନେ ପାଟଣାଗଡ କେନ୍ଦୁପତ୍ର ଅଫିସ ଘେରାଉ କରି ୧୦ଦଫା ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କୁ ଛାତ୍ରବୃତ୍ତି, ଝିଅ ବାହାଘର, ମୃତ୍ୟୁକାଳୀନ ସହାୟତା, ତୋଳାଳିଙ୍କଠାରୁ ୨ ହଜାର ବଦଳରେ ୧ ହଜାର କେନ୍ଦୁପତ୍ର କେରି ସଂଗ୍ରହ, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର,ପାଟଣାଗଡ ଡିଭିଜନର ସମସ୍ତ ସିଜିନାଲ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ଶୀଘ୍ର ପ୍ରଦାନ ଓ ପାଟଣାଗଡ ଡିଭିଜନରେ ଖାଲି ପଡିଥିବା ପଦବୀ ଶୀଘ୍ର କରିବାକୁ ଦାବି କରାଯାଇଥିଲା। ଏଥିସହିତ ପାଟଣାଗଡ ଡିଭିଜନରେ ୩୪ଟି ଫଡିଘର ଓ ଗୋଟିଏ ରେଞ୍ଜ ଉଠାଇ ଦେବାର ପ୍ରତିବାଦରେ ସଂଘ ସଭାପତି କିଶୋର ପରିଛାଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା। ହେଲେ ସେହି ଦାବିଗୁଡିକ ପୂରଣ ନ ହେବାରୁ ବୁଧବାର ଶତାଧିକ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ପରିଛାଙ୍କ ନେତୃତ୍ୱରେ ପାଟଣାଗଡ-କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ସମ୍ପୃକ୍ତ ପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଘଟଣାସ୍ଥଳକୁ ତହସିଲଦାର ନିରଞ୍ଜନ ନାଏକଙ୍କ ସହ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ ଓ ଥାନା ଅଧିକାରୀ କେ.ପ୍ରିୟଙ୍କା ରାଉତରାୟ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।



ତହସିଲଦାର ନିରଞ୍ଜନ ନାଏକ, ପାଟଣାଗଡ ଏସଡିପିଓ ସୁରେଶ ନାଏକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

## ‘ନାରୀ ସମାଜ ଆଗେଇଲେ ଦେଶ ଆଗେଇବ’

**ଟିଟିଲାଗଡ, ୧୧।୩ (ଡି.ଏନ.ଏ)**




ବିଜେଡିର ମହିଳା ସମାବେଶରେ ମଞ୍ଚାସୀନ ଦଳୀୟ ନେତା ଓ କର୍ମୀ।

**ଟିଟିଲାଗଡରେ ମିଶନ ଶକ୍ତି, ମହିଳା ସମାବେଶ**

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାର ବାଳକ ହାଇସ୍କୁଲ ପଡିଆଠାରୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁଙ୍କ ନେତୃତ୍ୱରେ ହଜାରହଜାର ମହିଳା ତଥା ଦଳୀୟ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଭାସ୍ଥଳ ଏସସିଡି କେନ୍ଦ୍ରଠାରେ ପହଞ୍ଚିଥିଲେ। ପୂର୍ବତନ ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ଗିତା ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ, ନିୟୋଜନ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀ ସମାଜ ଆଗେଇଲେ ଦେଶ ଆଗେଇବ ବୋଲି କହିଥିଲେ। ମନ୍ତ୍ରୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କ୍ଷେତ୍ରରେ ମହିଳାଙ୍କୁ ଅଗ୍ରାଧିକାର ପ୍ରଦାନ ସହ ମିଶନ ଶକ୍ତି ଯୋଜନାରେ ମହିଳା ସଶକ୍ତିକରଣ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ବିଧାନସଭାରେ ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଭାରତୀୟ ପୋଲିସ ସେବା ଅଧିକାରୀ ଏସ.ଏନ. ସାହୁ, ଟିଟିଲାଗଡ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଗୁଡଭେଲା ଏନଏସି ଅଧ୍ୟକ୍ଷା ଭାଗ୍ୟଶ୍ରୀ ନାଗ, ଦଳର ଟିଟିଲାଗଡ ପୌର ପରିଷଦ ସଭାନେତ୍ରୀ ସୁକାନ୍ତି ପାଢୀ, ବ୍ଲକ ସଭାନେତ୍ରୀ ମୈତ୍ରୀ ସାହୁ, ସଇଁତଲା ବ୍ଲକ ସଭାନେତ୍ରୀ ଦୌପଦି ସାହୁ, ଗୁଡଭେଲା ସଭାନେତ୍ରୀ ପ୍ରଭାସିନୀ ପାତ୍ର, ପୂର୍ବତନ ପୌରାଧକ୍ଷ ଅଞ୍ଜନା ବର୍ମା, ଉମାଦେବୀ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ବିନତି ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କିରଣ ରଣା(ଚାଷୀ), ପୁଷ୍ପ ରଣା ଓ ସ୍ୱାଗତିକା ବାଗ (ଅଙ୍ଗନବାଡି କର୍ମୀ), ତନୁଜା ବାରିକ (ମିଶନ ଶକ୍ତି), ସୁଶାନ୍ତି ସାହୁ (ଅଙ୍ଗନବାଡି ସହାୟିକ), ସୌଦା ମାଝୀ (ଆଶା କର୍ମୀ), ଅଞ୍ଜଳି ବେହେରା, ମମତା ମହାନ୍ତି (ସମାଜସେବିକା)ଙ୍କୁ ମୁଖ୍ୟଅତିଥି ସିଂ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ସମାବେଶରେ ନିର୍ବାଚନମଣ୍ଡଳସ୍ତରୀୟ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### କୋମନା ସହରରେ ହୋଲି ପର୍ବ ପାଳିତ

**କୋମନା,୧୧।୩ (ଡି.ଏନ.ଏ.):** ନୂଆପଡ଼ା ଜିଲା କୋମନା ବ୍ଲକ ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ଧୁମଧାମରେ ପାଳିତ ହୋଇଯାଇଛି। ବର୍ତ୍ତମାନ ପୃଥିବୀରେ କରୋନା ଭାଇରସର ଆତଙ୍କ ଦେଖାଦେଇଥିବା ବେଳେ ଭାଇଚାରାର ପର୍ବ ହୋଲିକୁ ଅତି ସତର୍କତା ସହ ଲୋକେ ପାଳନ କରିଛନ୍ତି । ଭାଇଚାରାର ପର୍ବରେ ସମସ୍ତେ ଏକାଠି ମିଶି କୋମନା ସହରରେ ପରସ୍ପରକୁ ରଙ୍ଗ ଦେଇ ଅଭିନନ୍ଦନ ଜଣାଇଥିଲେ। ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ ଓ ସଦନ ତିୱାରୀଙ୍କ ସମେତ ପବନ ଜଏନ, ସୁବାସ ଜଏନଙ୍କ ସହ ଅନ୍ୟମାନେ ମିଶି ରଙ୍ଗ ଖେଳକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସମସ୍ତେ ଏକାଠି ମିଶି ଏକ ସହର ପରିକ୍ରମାରେ ବାହାରି ଲୋକଙ୍କୁ ରଙ୍ଗ ଲଗାଇବା ସହ ମିଷ୍ଟାନ୍ନ ଦେଇ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସୁଖସମୃଦ୍ଧି କାମନା କରିଛନ୍ତି ।

# କେନ୍ଦୁମୁଣ୍ଡା: ଝାଡ଼ାବାନ୍ତିରେ ୪ ଗୁରୁତର

## ପଡୋଶୀ, ଆନ୍ଧ୍ରାକ୍ସ ସିକଲିନ ଯୋଗୁ ଜଣେ ମୃତ: ଡାକ୍ତର

**ସିନାପାଲି,୧୧।୩ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଉପାନ୍ତ କେନ୍ଦୁମୁଣ୍ଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଥିବା ବେଳେ ୪ଜଣ ଗୁରୁତରଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମନକୁଲ ଜାଲ (୨୬) ନାମକ ଯୁବକ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ବେଳେ ରାସ୍ତାରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ସିକଲିନ ଥିବା ଓ ରକ୍ତ ଭିନତା ଯୋଗୁ ମୃତ୍ୟୁବରଣ କରଇଥିବା ଡାକ୍ତର ସୁଧାଂଶୁ ଶେଖର ସାହୁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦେଖାଦେଇଥିବା କରୋନା ଭୟରେ ପାଖପଡୋଶୀ ଯାଉ ନାହାନ୍ତି । ଫଳରେ ଗ୍ରାମରେ ଆତଙ୍କ ବାତାବରଣ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟା ସମ୍ପର୍କରେ ବୁଝି



ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଛି।

ଅବଗତ ହେଉଛି। ବର୍ତ୍ତମାନ ସୁଦ୍ଧା କାରଣ ଜଣାପଡୁଥିବା ବେଳେ ଗାଁର ନଳକୂପରେ ବାହାରୁଥିବା ଜଳରେ ଫ୍ଲୋରାଇଡ ଓ ସ୍ୱାସ୍ଥ୍ୟରେ ପରିବେଶ ପାଇଁ ହୋଇଥିବା ଅନୁମାନ କରାଯାଉଛି। ପ୍ରକାଶ ଯୋଗ୍ୟ ଯେ, ସିନାପାଲି ସଦର ମହକୁମାଠାରୁ ୧୦ କି.ମି. ଦୂରବର୍ତ୍ତି କେନ୍ଦୁମୁଣ୍ଡା ଗ୍ରାମ ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଗ୍ରାମର ଗୁରୁତର ଥିବା ସବିନ ହଂସ (୩୦), ଜଳନ୍ଧର ବାଗ (୬୦), ପଞ୍ଚମୀ ଗହିର (୩୬), ଖଗେଶ୍ୱରୀ ହଂସ (୨) ମଙ୍ଗଳବାର ରାତିରେ ଖାଇ ଶୋଇ ପଡିଥିଲେ। ମଧ୍ୟରାତ୍ରିରୁ ଏମାନଙ୍କୁ ଝାଡାବାନ୍ତି ହୋଇଥିଲା। ପରିବାରବର୍ଗ ଝାଡାବାନ୍ତି ନ କମିବାରୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବର୍ତ୍ତମାନ ସୁଦ୍ଧା ଚିକିତ୍ସା ଚାଲିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା ଡାକ୍ତର ସୁଧାଂଶୁ ଶେଖର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଝାଡାବାନ୍ତିର ପ୍ରକୃତ କାରଣ ନଳକୂପରୁ ଫ୍ଲୋରାଇଡ ଯୁକ୍ତ ପାଣି ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଏଭଳି ଘଟଣା ଘଟିଥିବା ଜଣାପଡିଛି । ଏଭଳି ସ୍ଥିତିରେ ବର୍ତ୍ତମାନ କରୋନା ଆତଙ୍କ ଲାଗି ରହିଥିବା ବେଳେ ପାଖ ପଡୋଶୀ ଯାଉନଥିବା ବେଳେ ସେଠାରେ ସ୍ୱାସ୍ଥ୍ୟ ବିଭାଗ ପହଞ୍ଚି ସଚେତନତା ଓ ନିରିକ୍ଷଣ ସହିତ ପରିବେଶ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ସାଧାରଣ ଲୋକଙ୍କ ସେବା ହିଁ ଶ୍ରଦ୍ଧାଞ୍ଜଳି ହେବ

## କୋମନାରେ ବିଜୁ ଜୟନ୍ତୀ

**ନୂଆପଡ଼ା ଅଫିସ,୧୧।୩**

ବିଜୁବାବୁ ଏକ ସଶକ୍ତ ଓଡିଶାର ସ୍ୱପ୍ନ ଦେଖିଥିଲେ। ଏଠିକାର ମହିଳା, ଶିଶୁ, ଦଳିତ ନିଷ୍ପେସିତ ବର୍ଗର ଲୋକ ଉନ୍ନତିର ସୀମା ଛୁଇଁବାକୁ ସକ୍ଷମ ହେବା ଉଚିତ। ବର୍ତମାନ ସାଧାରଣ ବର୍ଗର ଲୋକଙ୍କ ସେବା କରିବା ହିଁ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ ଉଚିତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ମତ ପ୍ରକାଶ ପାଇଛି । ନୂଆପଡ଼ା ଜିଲା କୋମନା ବ୍ଲକ କାର୍ଯ୍ୟାଳୟ ନିକଟରେ ଆୟୋଜିତ ବିଜୁବାବୁଙ୍କ ୧୦୪ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । କୋମନା ବ୍ଲକ ବିଜେଡି ସଭାପତି କ୍ଷମାସିଂ ନିଆଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ବିଶେଷ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ବେହେରା, ଲମ୍ବୋଦର ନିଆଲ, ସରୋଜ କୁମାର ସାହୁ, ରାଜେଶ କୁମାର ନିଗମ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ଅବନୀ ଯୋଷୀ, ସୁଧୀର କୁମାର ମିଶ୍ର, ରାମଲାଲ ହଂସ, ପିଣ୍ଟୁ ବରର୍ତ୍ତି, ଭୁବନେ ନାଏକ, ଭବାନୀ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ପ୍ରଧାନ, ଜୁଲୁ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ପୁରୁଣା ବ୍ଲକ କାର୍ଯ୍ୟାଳୟଠାରୁ ଏକ ରାଲି ବାହାରିଥିଲା। କାର୍ଯ୍ୟକ୍ରମ ସ୍ଥଳରେ ପ୍ରଥମେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବକ୍ତାମାନେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ନବୀନଙ୍କ ଶାସନ କାଳ ମଧ୍ୟରେ ତାକୁ ପାଥେୟ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା କରି ଉନ୍ନୟନମୂଳକ କାମ କରିଛନ୍ତି । ତାକୁ ଆମେ ଶ୍ରଦ୍ଧାର ସହ ସମର୍ଥନ କରି ହାତ ମୁଠାକୁ ଟାଣ କରିବା ବୋଲି ଆହ୍ୱାନ କରିଥିଲେ। ଏହି ଅବସରରେ ଉପସ୍ଥିତ ମହିଳା ଶକ୍ତି ହୁଳହୁଳିରେ ସଭାସ୍ଥଳକୁ ପ୍ରକମ୍ପିତ କରିଥିବାବେଳେ ଉତ୍ତମ ଏବଂ ସଶକ୍ତ ରାଷ୍ଟ୍ର ଗଠନରେ ସକ୍ରିୟ ଭାବେ ସାମିଲ ରହିବେ ବୋଲି ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ହେମନ୍ତ କର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ତ୍ତିକ ଦୀପ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହରିକେଶ ଜାଲ, ମନବୋଧ ଘିଭେଲା, କ୍ଷୀରୋଦ ସୁନାନୀ, ସୁନୀଲ ସିଂ, ନୀଳ ପ୍ରଧାନ, ମୁରଲୀ ଭୋଇ, କାଳିଆ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ବଁଚ୍‌ବାର ରାହା ସାଜିଛେ ମୁଢ଼ି ପସରା

## ବୁଢ଼ୀ ମା'ର ଉପରେ ଦିବ୍ୟାଙ୍ଗ ଝିଅର ବୋଝ୍

**ପର୍ଲା, ୧୧।୩ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ପଁଚେତ୍ ବେହେରାଗୁଡ଼ା ଗାଁର ବୁଢ଼ୁଧ୍ ବିଧବା ଲୋଚନୀ ନାଏକ(୮୦)। ବଏସର ଶେଷ ମୁଡ଼ସାକେ ପୁହୁଁଚିଲେନ। ଗୋଡ଼ହାତ ଥରି ଯାଉଛେ। ଆଏଁଖିକେ ଭଲଭାବେ ଦିଶ୍‌ବାର ନାଇଁ। ହେଲେ ସଖାଲ ପାଏଲେ ଲୋଚନୀକୁଁ ମାନସିକ ଭିନ୍ନକ୍ଷମ ଝିଅର ଚିନ୍ତା ଖାଇଯାଉଛେ। ଇଆଡ଼େ ଝିଅ ମାନସିକ ଭିନ୍ନକ୍ଷମ ହେଇଥିଲେ ବି ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ସୂଚନା ଅନ୍‌ସାରେ ବେହେରାଗୁଡ଼ାର ଲୋଚନୀ ନାଏକ(୮୦)କଁର ପରିବାର କହେଲେ ଦୁଇ ଝିଅ ସପୁର(୬୧), ମନ୍ଦରା(୫୫) ଆର ପୁଓ ପଶ୍ଚିମଧର(୫୦)କୁଁ ନେଇ ସଁସାର। ଆଏଜ୍‌କେ ୧୫ ବଛର ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍, ଜମିବାଡ଼ି, ଧନ୍ ସଁପତି ବଲି କିଛି ନାଇଁ। ଲୋଚନୀ ଦୁଖ୍‌ସୁଖ କରି ସାନ ଝିଅ ମନ୍ଦରା ଆର ପୁଓ ପଶ୍ଚିମଧରକୁଁ ବିହାଗୁରା କରିଛନ୍। ବିହାଗୁରା ହେଲା ଉତାରୁ ଝିଅପୁଓ ନିଜର ନିଜର ବାଟେ ରହୁଛନ୍। ଲୋଚନୀ ଇ ବୁଢ଼ୀ ବଏସେ ନିଜର ଭଂଗା ଦଦ୍‌ରା କୁରିଆରେ ମାନସିକ ଭିନ୍ନକ୍ଷମ ଝିଅ ସପୁରକଁର ସଂଗେ ରହୁଛନ୍। ରହୁଥିବାର ଘରରଟାର ଅବସ୍‌ତା ଏନ୍‌ତା ଯେ ସଖାଲ ପାଏଲେ ସୂର୍ଯ୍ୟ ଆର ରାଏତ୍ ହେଲେ ଚନ୍ଦ୍ର, ତାରା ଦେଖାଯାଉଛନ୍। ଇଆଡ଼େ ଲୋଚନୀ ବଏସର ଶେଷ ମୁଡ଼ସାକେ ପୁହୁଁଚି ସାରିଛନ୍। ଏନ୍‌ତା ଅବସ୍‌ତାରେ ସେ ମାନସିକ ଭିନ୍ନକ୍ଷମ ଝିଅ ସପୁରକଁର ଦେଖ୍‌ଭାଲ ପାଲପୋଷ କରୁଛନ୍। ଫିଦିନ ସଖାଲ ପାଏଲେ ଲୋଚନୀ ଦିବ୍ୟାଙ୍ଗ ଝିଅକେ ଧରି ଗାଁ ଗାଁ ବୁଲି ମୁଢ଼ି ବିକୁଛନ୍। ସେଥିରୁ ଯାହା ମିଳୁଛେ ମା'ଝି ଦୁଖେ କଷ୍‌ଟେ ଚଲୁଛନ୍। ସରକାରୀ ସାହାଯ୍ କହେଲେ ଲୋଚନୀ ମାସିକ ପାଉଥିବାର ଭତା ଆର ୫ କେ.ଜି. ଚାଉଲ ସାହାଭରସା। ଇଆଡ଼େ ଝିଅ ସପୁର ଝନେ ମାନ୍‌ସିକ ଭିନ୍ନକ୍ଷମ। ବଏସ୍ ବି ୬୦ ଟପି ଗଲାନ। ହେଲେ ଭୋଟର କାର୍ଡ, ଆଧାର କାର୍ଡରେ ଭୁଲଭଟକା ଲାଗି ସେ ସବୁପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇ ଘଟନାକେ ନେଇ ଗାଁବାସୀକର ଭିତରେ ବି ଅସନ୍‌ତୋଷ ଦେଖାଦେଇଛେ। ଇଆଡ଼େ ଲୋଚନୀ ଝିଅକେ ଭତା ଆର ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସମିତି ସଭ୍ୟନୁ ସରପଁଚ୍ ତକ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଯେତେ ଜଲଦି ହେବା ଇ ଦୁଇ ମା'ଝିକୁଁ ଆବାସ ଯୋଜନାରେ ଘରଖଁଡ଼େ, ଅନ୍ତ୍ୟୋଦୟ ଯୋଜନାରେ ମାସିକ ୩୫ କେ.ଜି. ଚାଉଲ ଆର ସପୁରକୁଁ ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଧର୍ମଗଡ଼ ବିଡିଓ ଗୋପାଳ କୃଷ୍ଣ ମିଶ୍ରକୁଁ ପଚ୍‌ରାଲାରୁ ହିତାଧିକାରୀ ଆସି ଅଫିସରେ ଆବେଦନ କଲେ ସବୁପରକାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଲୋଚନୀ ଦିବ୍ୟାଙ୍ଗ ଝିଅ ସଂଗେ ମୁଢ଼ି ବିକି ଯାଉଛନ୍।

# କାମ କରିବା ୪ ମାସ ପରେ ବି ମିଳୁନି ମଜୁରି

## ଏମ୍‌ଜିଏନ୍‌ଆରଇଜିଏସ୍

**ସିନାପାଲି,୧୧।୩ (ଡି.ଏନ.ଏ.)**

ସରକାର ଦାଦନ ଶ୍ରମିକ ସମସ୍ୟା ରୋକିବା ପାଇଁ ଏମ୍‌ଜିଏନ୍‌ଆରଇଜିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନାରେ ସପ୍ତାହ ମଧ୍ୟରେ ଶ୍ରମିକଙ୍କୁ ପାଉଣା ଦେବା ନିୟମ ରହିଛି । ହେଲେ ଉକ୍ତ ଯୋଜନାରେ କାମ କରିବା ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଶ୍ରମିକମାନଙ୍କୁ ପାଉଣା ମିଳୁନାହିଁ । ଏପରି କି ଅଭିଯୋଗ କଲେ ଜିଆରଏସଙ୍କ ଧମକ ଚମକ କଥା ଶୁଣିବାକୁ ମିଳୁଛି ବୋଲି ଅଭିଯୋଗ ହୋଇଛି । ନୂଆପଡା ବ୍ଲକ ମଖାପଦର ଗ୍ରାମପଞ୍ଚାୟତ କୋଷିଆ ଗ୍ରାମରେ ଏହିଭଳି ଘଟଣା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବରରେ କୋପିଆ ତେଲିଆବନ୍ଧ ପୋଖରୀ ଖନନ ଲାଗି ୧୦ ଲକ୍ଷ ଟଙ୍କାର କାମ ହୋଇଛି । ସେହିପରି ୧୦ ଲକ୍ଷ ଟଙ୍କାର ମହାବନ୍ଧ ପୋଖରୀ ଏବଂ ୫ ଲକ୍ଷ ଟଙ୍କାରେ ଯୋଗୀବାହାଲଠାରୁ ଉଦନ୍ତୀ ନଦୀ ଘାଟ କାର୍ଯ୍ୟ କରାଯାଇଛି । ଆଜି ପର୍ଯ୍ୟନ୍ତ କୌଣସି ଶ୍ରମିକଙ୍କୁ ପାଉଣା ମିଳିପାରି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏପରିକି ଶ୍ରମିକ ପାଉଣା ପାଇଁ ଅଭିଯୋଗ କଲେ ଗ୍ରାମ ପଞ୍ଚାତର ଜିଆରଏସ ଧମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି । ଗ୍ରାମର ଶତାଧିକ ଲୋକ ଏହି କାମ କରିଥିବା ବେଳେ କାମ ନ କରିଥିବା ଶ୍ରମିକମାନେ ପଞ୍ଚାୟତ ଜିଆରସି ଓ ଗାଁ ସାଥିମାନଙ୍କ ମଧୁଚନ୍ଦ୍ରିକା କରି ସେମାନଙ୍କ ନାମରେ ଟଙ୍କା ଉଠାଣ କରି ଭାଗବଣ୍ଟା କରି ଆତ୍ମସାତ କରିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ମୋ ପରିବାର ଗରିବ ଶ୍ରେଣୀର ମୋତେ ଦାଦନ ଯିବା ପାଇଁ ମନାକଲେ, ହେଲେ ରହିଗଲି କାମର ପଇସା ନ ମିଳିଲେ କେମିତି ପରିବାର ବଞ୍ଚିବ ବୋଲି ବୈଜନ୍ତୀ ବଛା ନାମକ ଶ୍ରମିକ କହିଛନ୍ତି । ଆମେ କାମ କରିଛୁ, ଆମକୁ ପାଉଣା ଦେବାକୁ କହିଲେ ଜିଆରଏସ ଧମକ ଦେଉଛି । ଯାହାକି ଶ୍ରମିକମାନଙ୍କ ପାଇଁ ଦୁଃଖର ବିଷୟ ବୋଲି ବିଘ୍ନେଶ୍ୱର ଖର୍ସେଲ କହିଛନ୍ତି । ଧିରବାଲି ମେହେର ନାମକ ଶ୍ରମିକ କହିଛନ୍ତି ଯେ, ଆମେ କାମ କରିଛୁ ହେଲେ କାମ କରି ନ ଥିବା ଲୋକ ନାମରେ ଟଙ୍କା ଆକାଉଣ୍ଟରେ ଜମା ହୋଇଛି । ଏଭଳି ହେବାର କାରଣ ହେଉଛି ମଧ୍ୟସ୍ଥି । ଆମେ ଦାଦନ ପାଇଁ ଆନ୍ଧ୍ର ଯାଉଥିଲୁ । ଆମକୁ ରଖିଦେଲେ ହେଲେ କାମର ଟଙ୍କା ବି ଦେଉନାହାନ୍ତି ଆମେ କଣ କରିବୁ । ପ୍ରଶାସନର ବାବୁମାନେ ଆମ କଥା ଶୁଣୁ ନାହାନ୍ତି ବୋଲି ହୃଷିକେଶ କୈବର୍ତ୍ତ କହିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ ଅଧିକାରିଣୀ ଭରନିତା ବିଶ୍ୱାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ବୁଝୁଛି ଏବଂ ଯଥାଶୀଘ୍ର ପଦକ୍ଷେପ ନେଇ ପାଉଣା ପ୍ରଦାନ କରାଯିବ ବୋଲି କହିଛନ୍ତି ।



ଏମଜିଏନଆରଇଜିଏସ୍‌ରେ କାମ କରି ଟଙ୍କା ପାଇ ନ ଥିବା ଶ୍ରମିକମାନେ।

# ହୋଲି ମିଳନ କାର୍ଯ୍ୟକ୍ରମ

**ଜୁନାଗଡ,୧୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଗାୟତ୍ରୀ ନଗରଠାରେ ମାରୱାଡି ସମ୍ପ୍ରଦାୟ ପକ୍ଷରୁ ମଙ୍ଗଳବାର ହୋଲି ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଗତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୨ ପରିବାରର ସଦସ୍ୟାସଦସ୍ୟ ଭାଗ ନେଇଥିଲେ। କମିଟି ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ମାରୱାଡି ସମ୍ମିଳନୀର ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଯୋଗଦେଇ ହୋଲି ମିଳନ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଉଦବୋଧନ ଦେଇଥିଲେ। ପରେ ଏହି ସଦସ୍ୟା ସଦସ୍ୟମାନଙ୍କ ମଧ୍ୟରେ ସାମୁହିକା ଭାବେ ଅବିର ଖେଳ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତିବର୍ଷ ଏଠାରେ ଧୁମଧାମରେ ହୋଲି ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଦିନେଶ ଅଗ୍ରୱାଲ, ମୋହନ ଅଗ୍ରୱାଲ, ସଚିନ ଅଗ୍ରୱାଲ, ବିକାଶ ଜିନ୍ଦଲ, ପୁରନ ମିତ୍ତଲ, ଗଣେଶ ଅଗ୍ରୱାଲ, ନିଖିଲ ଅଗ୍ରୱାଲ, ପବନ ଅଗ୍ରୱାଲ, ବବଲୁ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଉମେଶ ଜୈନ, କୋମଲ ଅଗ୍ରୱାଲ, ଅର୍ପିତା ଅଗ୍ରୱାଲ, କାନ୍ତା ମିତ୍ତଲ, ଜ୍ୟୋତି ଅଗ୍ରୱାଲ, ମମତା ଅଗ୍ରୱାଲ, ମଞ୍ଜୁ ଅଗ୍ରୱାଲ, ଅନୀତା ଗୋୟଲ, ଅନୁ ଖେମକା, କିରନ ଖେମକା ପ୍ରମୁଖ ସହଯୋଗ କରିଥିଲେ।



ହୋଲି ମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

# ବିଭିନ୍ନ ଦାବି ନେଇ ତହସିଲଦାରଙ୍କୁ ଦାବିପତ୍ର

**କୋକସରା,୧୧।୩ (ଡି.ଏନ.ଏ.)**

ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୬ ମାର୍ଚ୍ଚ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଦେଶର ବିଭିନ୍ନ ପ୍ରାନ୍ତରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ତହସିଲସ୍ତରୀୟ ରାଲି ପ୍ରଦର୍ଶନ କରି ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ବ୍ଲକ, ତହସିଲସ୍ତରରେ ରହିଥିବା ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଦ୍ୱିତୀୟ ତହସିଲସ୍ତରୀୟ ରାଲିରେ କୋକସରା ବ୍ଲକ ଭାରତ ମୁକ୍ତି ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ଜାଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ବାହାରି ସଙ୍ଗଠନରେ ରହିଥିବା ଦାବିଗୁଡିକ ନେଇ ନାରାବାଜି କରି ତହସିଲ ଅଫିସ ପରିସରରେ ପହଞ୍ଚିଥିଲେ। ପରେ କୋକସରା ତହସିଲଦାର ମୌଷୁମୀ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ସିଏଏ, ଏନଆରସି, ଇଭିଏମ୍, ଓବିସିମାନଙ୍କୁ ଜାତି ଆଧାରିତ ଜନଗଣନା ନ କରିବା, ଡିଏନଏ ବେସ୍ ଏନଆରସି ସମର୍ଥନରେ, ଆଦୀବାସିମାନଙ୍କୁ ହିନ୍ଦୁ ବାନାଇବା ବିରୋଧ, ଅନୁସଚିତ ଜାତି, ଜନଜାତି, ପଛୁଆବର୍ଗ ତଥା ଧାର୍ମିକ ଅଳ୍ପ ସଂଖ୍ୟକମାନଙ୍କ ଉପରେ ରାଷ୍ଟ୍ରବ୍ୟାପି ହେଉଥିବା ଅନ୍ୟାୟ ଅତ୍ୟାଚାର, ମହିଳାଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ସହ ଅନ୍ୟ ଦାବି ସମୂହ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଭାରତ ପଛୁଆବର୍ଗ ମୋର୍ଚ୍ଚା କଳାହାଣ୍ଡି ପ୍ରଭାରୀ ଚନ୍ଦ୍ର ଗୋପାଲ, କ୍ଷିରସିନ୍ଧୁ ଭରତିଆ, ଜୟଲାଲ ନାଏକ, ନିର୍ମଳ ଜାଲ, ଜୟରାମ ମହାନନ୍ଦ, ବଳଦେବ ଜାଲ, ରଶ୍ମିକାନ୍ତ ବାଗ, ଦୁର୍ଯ୍ୟୋଧନ ସୁନା ପ୍ରମୁଖ ସାମିଲ ଥିଲେ।

# ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ

## କେନ୍ଦୁପତ୍ର କର୍ମଚାରୀଙ୍କ ୧୦ ଦଫା ଦାବି

**ନୂଆପଡା ଅଫିସ/କୋମନା/ସିନାପାଲି/ ବୋଡେନ,୧୧।୩ (ଡି.ଏନ.ଏ.)**

କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ଏବଂ ଅନ୍ୟ ଶ୍ରମିକମାନଙ୍କ ନ୍ୟାୟାଧିକାର ଉପରେ ବର୍ଷର ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡିଛନ୍ତି। ୧୦ଦଫା ଦାବି ଉପରେ ସରକାର ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବା ଦାବିରେ ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ଖଡିଆଳ ଡିଭିଜନ ପକ୍ଷରୁ ବୁଧବାର ଜିଲାବ୍ୟାପି ଆନ୍ଦୋଳନ କରାଯାଇଛି। ଜିଲାର ନୂଆପଡା ସମେତ ତରବୋଡ, ଖଡିଆଳ, ସିନାପାଲି ଏବଂ ବୋଡେନରେ ଏକକାଳୀନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଯାଏଁ ପ୍ରମୁଖ ଛକରେ ରାସ୍ତାରୋକୋ କରାଯାଇଛି। ଦିନତମାମ ଜିଲାବ୍ୟାପି ଗାଡିଚଳାଚଳ ବନ୍ଦ ହୋଇପଡିଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ପ୍ରଥମେ ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ ଏକତା ଛକ ନିକଟରେ ଡିଭିଜନ ସମ୍ପାଦକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ କେନ୍ଦୁପତ୍ର ଶ୍ରମିକ ଆସି ରାସ୍ତାରୋକୋ କରିଥିଲେ। ଫଳରେ ରାୟପୁର-ବ୍ରହ୍ମପୁର ୩୫୩ ଜାତୀୟ ରାଜପଥ ଅବରୋଧ ହୋଇଥିବାବେଳେ ନୂଆପଡାରୁ ଖଡିଆଳ, ବରଗଡ, ବଲାଙ୍ଗୀର ଜିଲାକୁ ଯିବା ଆସିବା ବନ୍ଦ ହୋଇପଡିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହିଭଳି ତରବୋଡଠାରେ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିବା ବେଳେ ଖଡିଆଳରେ ଅମରେଶ ପଟ୍ଟନାୟକ, ବୋଡେନରେ ଟୁଲୁ ବାବୁ, ସିନାପାଲିରେ ସଭାପତି ଉପେନ୍ଦ୍ର ନାଗ, ସମ୍ପାଦକ ମଙ୍ଗଳ ବରର୍ତ୍ତି, ବସନ୍ତ କୁମାର ମାଝି, ଗଣପତି ଧାକଡ, ଦମାନସିଂ ନାଏକ, ପରମେଶ୍ୱର ବାଗ ପ୍ରମୁଖ ଅନ୍ଦୋଳନରେ ସାମିଲ ଥିଲେ। ବୋଡେନ ବସଷ୍ଟାଣ୍ଡ ସମ୍ମୁଖ ରାସ୍ତାରୋକୋ ଆନ୍ଦୋଳନ ଖଡିଆଳ ଡିଭିଜନ ସମ୍ପାଦକ ଜଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ବୋଡେନ ବ୍ଲକ ଶତାଧିକ କେନ୍ଦୁପତ୍ର ତୋଳାଳି, ଶ୍ରମିକ, ସିଜିନାଲ କର୍ମଚାରୀ ସାମିଲ ହୋଇଥିଲେ। ବିଭିନ୍ନ ଦାବି ମଧ୍ୟରେ ସିଜିନାଲ କର୍ମଚାରୀଙ୍କୁ ଦରମା ବୃଦ୍ଧି, ସାମାଜିକ କଲ୍ୟାଣ ଯୋଜନାରେ ବିଭିନ୍ନ ପ୍ରକାର ସହାୟତାକୁ ନିଶ୍ଚିତ କରିବା, ରେଞ୍ଜ, ଫଡିଘର, ସେକ୍ସନ ଆଦିକୁ ଉଠାଣ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ସିଜିନାଲ କର୍ମଚାରୀଙ୍କ ଅବସର ସମୟ ବୃଦ୍ଧି କରିବା ଆଦି ଦାବି ରହିଛି । ଏହା ଉପରେ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସମ୍ପାଦକ ପାଣିଗ୍ରାହୀ ଚେତାଇ ଦେଇଛନ୍ତି ।





ବୋଡ଼େନ ବସ୍‌ଷ୍ଟାଣ୍ଡ ନିକଟରେ କେନ୍ଦୁପତ୍ର ତୋଳାଳିମାନେ ରାସ୍ତା ଅବରୋଧ କରିଛନ୍ତି।

# ୟଙ୍ଗ୍ ବୟ ସିଲେଟପାନି ଚାମ୍ପିୟନ

## ଜେଏମଏସଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କୋମନା,୧୧।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଭାଲୁକନା ମିନିଷ୍ଟାଡିୟମରେ ଆୟୋଜିତ ୨ତମ ଜେଏମଏସଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ୟଙ୍ଗ ବୟ ସିଲେଟପାନି ଦଳ ଜେଏମଡିସି ଶିଆଲଟିକୁ ହରାଇ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ସିଲେଟପାନି ଓ ଶିଆଲଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଲେଟପାନି ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଜବାବରେ ଶିଆଲଟି ଦଳ ୧୪୦ ରନର ବିଜୟ ଲକ୍ଷ ନେଇ ବ୍ୟାଟିଂ କରି ୧୪.୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ମାତ୍ର ୯୮ ରନ କରିପାରିଥିଲା। ଫଳରେ ସିଲେଟପାନି ଦଳ ୪୧ ରନରେ ଶିଆଲଟି ଦଳଠାରୁ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ହୋଇଛି। ଶିଆଲଟି ଦଳର ଅନୀଲ କୁମାର ମ୍ୟାନ ଅଫ ଦି ମ୍ୟାଚ ଏବଂ ସିଲେଟପାନି ଦଳର ହୃଦୟ ଚିନାଗୁନ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ବେଷ୍ଟ ବୋଲର ଭାବେ ରାଜୁ ଶବର, ବେଷ୍ଟ ସିକ୍ସର ଭାବେ ସିଲେଟପାନି ଦଳର କୁନା ବେହେରାଙ୍କୁ ମିଳିଥିଲା। ଫାଇନାଲ ମ୍ୟାଚରେ ଅମ୍ପାୟାର ଗୁଡୁ ନାୟକ ଓ ପନ୍ନୁ ଦୁରିଆ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କୁନା ମାଝି ଓ ହିତେଶ ନାୟକ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ରବି ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ଶିଆଲଟି ସରପଞ୍ଚ ରୁଦ୍ରସିଂ ମାଝି, ସାମାଜିକ କର୍ମୀ ନେପାଲ ବାଗ ଓ ୟାଦରାମ ସାହୁ ପ୍ରମୁଖ ଯୋଗଦେଇ ବିଜେତା ସିଲେଟେପାନି ଦଳକୁ ଅତିଥିମାନେ ଟ୍ରଫି ସହ ୧୦ ହଜାର ରାଶି ପୁରସ୍କାର ଦେଇଥିବା ବେଳେ ରନର୍ସ ଦଳକୁ ଟ୍ରଫି ସହ ୫ ହଜାର ରାଶି ପ୍ରଦାନ କରିଥିଲେ। ଏଥିରେ ଦେଶୀ ବୟ କ୍ଲବର ଖାମସିଙ୍ଗ, ତ୍ରିଲୋଚନ, ଝସକେତନ, ଟେକସୁବା, ପତିରାମ, କୁନା, ହିତେଶ, ଘନଶ୍ୟାମ ଓ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।



ମୁଖ୍ୟଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ୟଙ୍ଗ ବୟ ସିଲେଟପାନି ଦଳ ଗ୍ରହଣ କରୁଛି ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯିଶୁଖ୍ରୀଷ୍ଟ

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର

**ଲାଞ୍ଜିଗଡ଼,୧୧।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଘାଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ମାରିଛନ୍ତି। ସୂଚନାନୁଯାୟୀ, ବ୍ଲକର ଦମାଘାଟି ଛକ, ବେନଗାଁ ଓ ବିଜେପୁର ଥାନା ବଙ୍କାକୁଣ୍ଡ ଛକ ନିକଟରେ ମାଓବାଦୀ ପୋଷ୍ଟର ଲାଗିଛି । ପୋଷ୍ଟରରେ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚେତାବନୀ ଦିଆଯାଇଥିବା ବେଳେ ଦୁଇଚକିଆ ଓ ଚାରିଚକିଆ ଯାନ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲୋକଙ୍କୁ ହଇରାଣ କରାଯାଉଛି । ସକାଳ ୯ଟାରୁ ରାତି ୧୦ଟା ଯାଏଁ ଆର୍‌ଟିଓ କାର୍ଯ୍ୟାଳୟରେ ଭିଡ ରହୁଛି । ପ୍ରତ୍ୟେକ ପଞ୍ଚାୟତରେ ଆର୍‌ଟିଓ କ୍ୟାମ୍ପ୍ ଖୋଲାଯାଉ ଓ ସମସ୍ତଙ୍କ ଡ୍ରାଇଭିଂ ଲାଇସେନ୍ସ କରାଯାଉ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ସେହିପରି ବେନ୍‌ଗାଁରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତାକୁ ମାଓବାଦୀମାନେ ତୀବ୍ର ବିରୋଧ କରିଛନ୍ତି । ଏହି ରାସ୍ତାରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କୁ କମ୍ ମଜୁରି ଦିଆଯାଉଛି । ସେହିପରି ରାସ୍ତା କାମ ନାଁରେ ବ୍ୟାପକ ଗଛ କଟାଯାଉଛି, ଏହାକୁ ବନ୍ଦ କରାଯାଉ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି । ପୋଷ୍ଟରରେ ଠିକାଦାର ଦଲାଲମାନଙ୍କୁ ମଧ ଚେତାବନୀ ଦିଆଯାଇଛି । ପୋଷ୍ଟରଗୁଡିକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ମାଓବାଦୀ କଳାହାଣ୍ଡି ରାୟଗଡ଼ା ଡିଭିଜନ ବୋଲି ଉଲ୍ଲେଖ ରହିଛି । ପୋଷ୍ଟରକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିବାବେଳେ ଲାଞ୍ଜିଗଡ ବ୍ଲକ ଘାଟି ଅଞ୍ଚଳରେ କାମ କରୁଥିବା ଠିକାଦାରମାନଙ୍କ ମଧରେ ଛନକା ପଶିଯାଇଛି।

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା, ଚବିଶ ପ୍ରହର ନାମଯଜ୍ଞ

**ରିଷିଡ଼ା,୧୧।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡାସ୍ଥିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଚବିଶ ପ୍ରହର ନାମଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି । ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରି ପୋଖରୀରେ ବିସର୍ଜନ କରିଥିଲେ। ଉଭୟ ନରନାରୀ ଅବିର ଖେଳିଥିଲେ । ଆୟୋଜକ କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ, ସମ୍ପାଦକ ପ୍ରେମାନନ୍ଦ ପାତ୍ରଙ୍କ ସମେତ ଅଶୋକ କୁମାର ତ୍ରିପାଠୀ, କମ୍ବୁପାଣି ସାହୁ, ପବିତ୍ର ମୋହନ ଲେଙ୍କା, ଦୁଃଖିମଣୀ ସାହୁ ପ୍ରମୁଖ ସହାୟତା କରିଥିଲେ । କର୍ତ୍ତା ଭାବେ ଶିବଲାଲ କେଡିଆ ଓ ଉଷା କେଡିଆ ଏବଂ ନାମଯଜ୍ଞ କର୍ତ୍ତା ଭାବେ କରୁଣାକର ରଣା ଓ ପୁଷ୍ପାଞ୍ଜଳି ରଣା ଯୋଗଦେଇଥିଲେ । ପୂଜକ ଭାବେ ଗଦାଧର ମିଶ୍ର, ଦାଶରଥି ଦାଶ, ପ୍ରତାପ ପାଣିଗ୍ରାହୀ, ଅନନ୍ତଗୋପାଳ ଦାଶ, ରୁଦ୍ରଦେବ ଦାଶ ପ୍ରମୁଖ ନିର୍ବାହ କରିଥିଲେ ।

### ବିଭିନ୍ନ ସ୍ଥାନରେ ଦୋଳପୂର୍ଣ୍ଣିମା

**ରିଷିଡା,୧୧।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ମାତୃପୁରୀସ୍ଥିତ ସତ୍ୟସନାତନ ଆଶ୍ରମରେ ଦୋଳପୂର୍ଣ୍ଣିମା ଉତ୍ସବ ସମାରୋହରେ ପାଳିତ ହାଇଯାଇଛି । ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ଅବିର ଲାଗି କରାଯାଇଥିଲା । ସେହିପରି ରିଷିଡା ଗାନ୍ଧୀନଗରର ପଡାଠାରେ ଫାଲଗୁନ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଛି । ସେହିପରି ଗଜବାହାଲ, ତେରେସିଂହ, ପୌରକେଲା ଅଞ୍ଚଳରେ ଦୋଳ ପୂର୍ଣ୍ଣିମା ଓ ରଙ୍ଗ ଖେଳ ଅନୁଷ୍ଠିତ ହୋଇଯାଇଛି ।

# ତହସିଲ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

**କୋକସରା,୧୧।୩ (ଡି.ଏନ.ଏ.)**

## ଡେଙ୍ଗାଗୁଡ଼ା ମଣ୍ଡିରୁ ଧାନ ଉଠାଣ ଦାବି



ତହସିଲ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।

କଳାହାଣ୍ଡି ଜିଲାରେ ଯୋଗାଣ ବିଭାଗ ଜାନୁୟାରୀଠାରୁ ମଣ୍ଡିରେ ଧାନ କିଣିବା ପ୍ରକ୍ରିୟା ବନ୍ଦ କରିଛନ୍ତି । ଚଳିତବର୍ଷଠାରୁ ଚାଷୀମାନଙ୍କୁ ଅନଲାଇନ ଟୋକନ ମାଧ୍ୟମରେ ଧାନ ବିକ୍ରି କରିବାକୁ ରାଜ୍ୟ ସରକାର ମଣ୍ଡିରୁ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ଏକ ପ୍ରୟାସ ଆରମ୍ଭ କରିଥିଲେ। କୋକସରା ବ୍ଲକ ଟେମରା ପ୍ୟାକ୍ସ ଅନ୍ତର୍ଗତ ଡେଙ୍ଗାଗୁଡା ଧାନ ମଣ୍ଡିରେ ଅନେକ ଚାଷୀ ଧାନ ବିକ୍ରି କରିବା ପାଇଁ ଅନଲାଇନରେ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଚାଷୀଙ୍କ ଟୋକନ ଜେନେରେଟ ହେବା ସହ ଅନ୍ୟ କିଛି ଚାଷୀଙ୍କୁ ଟୋକନ ଆଜି ଯାଏଁ ମିଳିପାରିନାହିଁ । ଯେଉଁ କେତେ ଜଣଙ୍କ ଟୋକନ ଆସିଥିଲା ସେମାନଙ୍କ ଟୋକନ ବାତିଲ ହୋଇଯିବା ଯୋଗୁ ସେମାନେ ମଧ ଧାନ ବିକ୍ରି କରି ନ ପାରି ହଇରାଣ ହେଉଛନ୍ତି । ଡେଙ୍ଗାଗୁଡା ଧାନ ମଣ୍ଡିରେ ଗତ ଜାନୁୟାରୀ ୨୬ ତାରିଖରୁ ପ୍ୟାକ୍ସ କର୍ମଚାରୀ ଧାନ କିଣିବା ବନ୍ଦ କରିଥିବା ବେଳେ ଆଜକୁ ୧୫ ଦିନ ହେବ ଅନେକ ଚାଷୀଙ୍କ ବିକ୍ରି ଯୋଗ୍ୟ ପାଖାପାଖି ୩ ହଜାର କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡିରହିଛି । ଅନ୍ୟପଟେ ଖୋଲା ମଣ୍ଡିରେ ଦାଉ ସାଧୁଛି ଅଦିନିଆ ବର୍ଷା। ବର୍ଷାରେ ଭିଜିବା ଦ୍ୱାରା ଧାନ ଗୁଣବତ୍ତା ନଷ୍ଟ ହେଉଥିବା ସହ କିଛି ଧାନ ଗଦାରେ ଗଜା ହେବା ଦେଖିବାକୁ ମିଳିଛି । ଡେଙ୍ଗାଗୁଡା ମଣ୍ଡିର ଚାଷୀମାନେ ଏ ନେଇ ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ, କଳାହାଣ୍ଡି ଜିଲାପାଳଙ୍କ ନିକଟରେ ମଧ ଅଭିଯୋଗ କରିଥିବା କହିଛନ୍ତି । ପ୍ରଶାସନ ଚାଷୀଙ୍କ ଅଭିଯୋଗଙ୍କୁ ଅଣଦେଖା କରୁଥିବା ବେଳେ ଚାଷୀମାନେ ଧାନ ବିକ୍ରି କରିବାକୁ ବାରମ୍ବାର ହେଉଛନ୍ତି । ବୁଧବାର ଡେଙ୍ଗାଗୁଡା ଅଧୀନରେ ଧାନ ବିକ୍ରି କରିବା ଅପେକ୍ଷାରେ ଥିବା ଶତାଧିକ ଚାଷୀମାନେ ଶ୍ରମିକ ନେତା ଦିଗାମ୍ବର ଦୁରିଆଙ୍କ ନେତୃତ୍ୱରେ କୋକସରା ତହସିଲ ଅଫିସରେ ପହଞ୍ଚି ପ୍ରତିବାଦ କରିବା ସହ ଅଫିସ ଗେଟ ସାମ୍ନାରେ ଧାରଣା ଦେଇଥିଲେ । କୋକସରା ତହସିଲଦାର ମୌଷୁମୀ ନାୟକ ପହଞ୍ଚି ଧାରଣାରି ଚାଷୀନେତା ଓ ଚାଷୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ଦାବିକୁ ଜିଲା ପ୍ରଶାସନ ନିକଟରେ ଅବଗତ କରାଇବା ସହ ଚାଷୀଙ୍କ ଧାନ ଶୀଘ୍ର ଉଠାଣ ନେଇ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣାରେ ବସିଥିବା ଚାଷୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ଆସନ୍ତା ରବିବାର ସୁଦ୍ଧା ଧାନ ଉଠାଣ ନେଇ କଳାହାଣ୍ଡି ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ପୁଣିଥରେ ତହସିଲ ଅଫିସ ଆଗରେ ସୋମବାର ଆନ୍ଦୋଳନ କରିବାକୁ ଚାଷୀ ନେତା ଦିଗାମ୍ବର ଦୁରିଆ ଚେତାବନୀ ଦେଇଛନ୍ତି ।

# ନୂଆଗୁଡ଼ା ଫଗୁ ମହୋତ୍ସବ ଉଦ୍‌ଯାପିତ

**ଜୁନାଗଡ଼,୧୧।୩ (ଡି.ଏନ.ଏ.)**

## ହୋଲିରେ ସାମିଲ ଶତାଧିକ ଶ୍ରଦ୍ଧାଳୁ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମରେ ଶୁକ୍ରବାରଠାରୁ ଚାଲିଥିବା ଫଗୁ ମହୋତ୍ସବ ମଙ୍ଗଳବାର ହୋଲି ଖେଳ ସହ ଉଦ୍‌ଯାପିତ ହୋଇଯାଇଛି। ରଙ୍ଗ ଖେଳରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ରାଧାକୃଷ୍ଣଙ୍କୁ ଧରି ଗାଁ ପରିକ୍ରମା କରିଥିଲେ। ଏହି ସମୟରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ନିଜ ପଡାରେ ରାଧାକୃଷ୍ଣଙ୍କୁ ଅବିର ଲଗାଇବା ସହ ନିଜ ଭିତରେ ରଙ୍ଗ ଲଗାଇଥିଲେ। ଫଗୁ ମହୋତ୍ସବ ଆରମ୍ଭରୁ ଶେଷ ଦିନ ଯାଏଁ ପ୍ରତ୍ୟହ ରାତ୍ରିରେ ବିଭିନ୍ନ ସାମାଜିକ ନାଟକ ଅନୁଷ୍ଠିତ ହୋଇଥିଲା। ଯାହାକି ଲୋକଙ୍କୁ ବେଶ ମନମୋହିଥିଲା। ଶେଷଦିନରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ତ୍ରିଭୁବନ ବିଷି, ଦିଲୀପ ବିଷି, ଅର୍ଜ୍ଜୁନ ଦାଶ, ବିଜୟ ଖମାରୀ, ସୁଦେଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏଥର ଯାତ୍ରା କମିଟି ସଭାପତି ଭାବେ କ୍ଷୀରସିନ୍ଧୁ ନାଏକ, ସମ୍ପାଦକ ରାଜା ନାଏକ, ମନ୍ଦିର ପରିଚାଳନା କମିଟି ସଭାପତି ଘନଶ୍ୟାମ ବିଷି, ସମ୍ପାଦକ ରାଜେଶ ବେମାଲ ଓ ପୂଜକ ଭାବେ ପ୍ରମୋଦ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜୁନାଗଡ ପୋଲିସ ପକ୍ଷରୁ ବିଭିନ୍ନ ଦିନରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଥିଲା।



ରଙ୍ଗ ଖେଳି ରାଧାକୃଷ୍ଣ ଗାଁ ପରିକ୍ରମା କରାଯାଉଛି।

# ପ୍ରେମ ସମ୍ପର୍କ ନେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

**କୋକସରା,୧୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଜଲତାମୁଣ୍ଡା ଗାଁରେ ମଙ୍ଗଳବାର ପ୍ରେମ ସମ୍ପର୍କକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ନକୁଳ ତାଣ୍ଡି (୨୫)। ଏହି ଅଭିଯୋଗରେ ଦିଗନ୍ତ ପୂଝାରୀଙ୍କୁ ଗିରଫ କରାଯାଇଛି। ନକୁଳଙ୍କ ବାପା କହିବା ଅନୁସାରେ ନକୁଳ ସୋମବାର ରାତି ୯ଟାରେ ଘରୁ ବାହାରି ଆଉ ଫେରି ନ ଥିଲେ । ରାତିରେ ଖୋଜାଖୋଜି କରିବା ପରେ ମଧ କୌଣସି ଖବର ମିଳି ନ ଥିବା ବେଳେ ସକାଳୁ ଘର ପଛପଟେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା ଓ କୋକସରା ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ପରିବାରଙ୍କ ଅଭିଯୋଗ ପରେ ହତ୍ୟା ସନ୍ଦେହରେ ସନ୍ଧାନିକୁକୁର ଦ୍ୱାରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁସାରେ ନକୁଳଙ୍କୁ ତାଙ୍କ ପଡୋଶି ଭୁଜବଳ ପୂଝାରୀ ଓ ତାଙ୍କ ପୁଅ ଦିଗନ୍ତ ପୂଝାରୀ ୨୦ ଦିନ ପୂର୍ବରୁ ଧମକ ଦେବା ସହ ମୋ ଭଉଣି ସହ ସମ୍ପର୍କ ରଖିଲେ ଜୀବନରେ ମାରି ଦେବାକୁ କହିଥିବା ନକୁଳଙ୍କ ବାପା ପୋଲିସରେ ଅଭିଯୋଗ କରିଥିଲେ। ହତ୍ୟା ସନ୍ଦେହରେ ଭୁଜବଳ ପୂଝାରୀଙ୍କ ପରିବାର କେତେକ ସଦସ୍ୟଙ୍କୁ ଆଣି ପଚରାଉଚୁରା କରିଥିଲେ । ଏହାପରେ ଦିଗନ୍ତ ପୂଝାରୀ ଯୁବକଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଲକ୍ଷ୍ମିନାରାୟଣ ପଣ୍ଡାଙ୍କ ଉପସ୍ଥିତିରେ ହତ୍ୟା ହୋଇଥିବା ସ୍ଥାନରେ ଅଭିଯୁକ୍ତ କିଭଳି ହତ୍ୟାକାଣ୍ଡ କରିଥିଲେ, ସେ ନେଇ ଡେମୋ କରି ଦେଖାଇଥିଲେ। ନିଜ ନାବାଳିକା ଭଉଣିଙ୍କୁ ନକୁଳ ପୂର୍ବରୁ ଭଲପାଇ ଆସୁଥିଲେ । ଘଟଣା ଦିନ ରାତିରେ ନାବାଳିକାଙ୍କ ସହ ପ୍ରେମ ନିବେଦନ କରୁଥିବା ଦେଖି ପରିଶ୍ରା କରିବାକୁ ଆସିଥିବା ନାବାଳିକାଙ୍କ ଭାଇ ଦିଗନ୍ତ ଦେଖିଥିଲେ । ସେ ରାଗରେ ନକୁଳଙ୍କ ତଣ୍ଟିକୁ ଚାପିଦେଇଥିଲେ । ସେଠାରେ ଶ୍ୱାସରୁଦ୍ଧ ହୋଇ ନକୁଳଙ୍କ ମୃତ୍ୟୁ ଘଟିଥିଲା। ପରେ ନାବାଳିକା ଭଉଣୀ ସହ ମିଶି ମୃତଦେହକୁ ଆଣି



ଗିରଫ ଅଭିଯୁକ୍ତ।

ତାଙ୍କ ଘର ପଛପଟେ ପକାଇ ଦେଇ ଚାଲିଯାଇଥିଲେ । ଏ ନେଇ କୋକସରା ଥାନାରେ ଦଫା ୩୦୨, ୨୦୧, ୩୪ ଆଇପିସିରେ ଏକ ମାମଲା (ନଂ. ୪୫/୨୦) ରୁଜୁ ହୋଇଛି। ଦିଗନ୍ତଙ୍କୁ ହତ୍ୟା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରାଯିବ ଓ ନାବାଳିକା ସହଯୋଗ କରିଥିବା ଯୋଗୁ ତାଙ୍କୁ ମଧ ଜୁଭେନାଲ ବିଚାର ବିଭାଗୀୟ ହାଜତକୁ ପଠାଯିବ ବୋଲି କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସୂଚନା ଦେଇଛନ୍ତି । କୋକସରା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।



# ନବୀନ କୁମାର ପଣ୍ଡା କଲମପୁର ବ୍ଲକ ବିଜେଡି ସଭାପତ ମନୋନିତ

**କଲମପୁର,୧୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜୁ ଜନତା ଦଳ ସଭାପତି ଭାବେ ନବୀନ କୁମାର ପଣ୍ଡା ମନୋନୀତ ହୋଇଛନ୍ତି । ଜିଲା କାର୍ଯ୍ୟକାରିଣୀ ବୈଠକରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ କଲମପୁର ବ୍ଲକ ସଭାପତି ପାଇଁ ପଣ୍ଡାଙ୍କ ନାମ ଘୋଷଣା କରିଛନ୍ତି । ପଣ୍ଡା ପୂର୍ବରୁ ମଧ କଲମପୁର ବ୍ଲକ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ବର୍ତ୍ତମାନ କଲମପୁର ବ୍ଲକ ବିଜେଡି ସଭାପତି ଦାୟିତ୍ୱ ନେବା ପରେ କଲମପୁର ବ୍ଲକ ସମସ୍ତ ଦାୟୀତ୍ୱ ସୂଚାରୁ ରୂପେ ତୁଲାଇବା ସହ ଦଳକୁ କିପରି ସୁଦୃଢ଼ ରହିବ ସେଥିପ୍ରତି ପ୍ରଥମେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ପଣ୍ଡା ବିଜେଡି ବ୍ଲକ ସଭାପତି ହେବା ପରେ ଦଳୀୟ କର୍ମୀ ଏବଂ ସ୍ଥାନୀୟ ଲୋକଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି । ବିଜେଡି ଜିଲା ସଭାପତି ଏବଂ ଧର୍ମଗଡ ବିଧାୟକ ତଥା କଲମପୁର ବ୍ଲକ ଦଳୀୟ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ପଣ୍ଡା କୃତଜ୍ଞତା ଜଣାଇଛନ୍ତି ।

# ରାଜସ୍ୱ ବିଭାଗ, କୃଷି ବିଭାଗର କ୍ଷୟକ୍ଷତି ଆକଳନ

**କର୍ଲାମୁଣ୍ଡା,୧୧।୩ (ଡି.ଏନ.ଏ.)**

## ଅଦିନିଆ ବର୍ଷାରେ ଡାଲି ଜାତୀୟ ଫସଲ ନଷ୍ଟ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଚଳିତ ମାସ ପ୍ରଥମ ସପ୍ତାହରେ ଅଦିନିଆ ବର୍ଷାରେ ଡାଲି ଜାତୀୟ ଫସଲ ଗୁଡିକ ବ୍ୟାପକ ଭାବେ ନଷ୍ଟ ହୋଇଛି । ବ୍ଲକର ଜୋରାଡବର ପଞ୍ଚାୟତର ଏକତାର, ସିଲେଟପଡା, ଜୋରାଡବାର, କୁସୁର୍ଲା, କାର୍ଣ୍ଣିଖୁଣ୍ଟି, ସିସଖାଲ, ସାପଲହରା ପଞ୍ଚାୟତର ବାଞ୍ଜିପଦର, ଗୁଛାପଡା, କଣ୍ଡରେଇ, ରିଞ୍ଜା ପଞ୍ଚାୟତର ରେଙ୍ଗାଲି, ରିଞ୍ଜା, ଟକାରୁମାଲ, ସରଗୁଲ ମାଲପଡା ପଞ୍ଚାୟତ ପୁଟିଗାଁ, ବାଗବୁରେଇ, ସରଗୁଲ, ମାଲପଡା ପ୍ରଭୃତି ଗାଁର ପ୍ରାୟ ତିନି ଶହ ହେକ୍ଟର ଜମିରେ ଚାଷୀମାନେ ମୁଗ, ଖୁଡିଆଚଣା, ମଟରଚଣା, ବିରି ଚାଷ କରିଥିଲେ । ଅମଳ କରିବା ପୂର୍ବରୁ ଅଦିନିଆ ବର୍ଷା ଫସଲଗୁଡିକ ନଷ୍ଟ କରିଦେଇଛି । ଚିନ୍ତାରେ ଏବେ ଚାଷୀ । ସୋମବାର ରାଜସ୍ୱ ବିଭାଗ ଓ କୃଷି ବିଭାଗ ପକ୍ଷରୁ କର୍ଲାମୁଣ୍ଡା ତହସିଲଦାର ବାସନ୍ତି ସେଠ, ଏଏଓ ମୋନାଲିଶା ଜେନା, କୃଷି ଓଭରସିଅର୍ ଅରୁଣ ପାଢ଼ୀ, ଭିଏଡବ୍ଲ୍ୟୁ ଧର୍ମେନ୍ଦ୍ର ଶବର, କୃଷକ ସାଥି କୁଶ ସାହୁ ପ୍ରମୁଖ ଚାଷୀଙ୍କ ଜମିକୁ ଯାଇ କ୍ଷୟକ୍ଷତି ତଦନ୍ତ କରିଥିବା ଜଣାପଡିଛି ।



ରାଜସ୍ୱ ବିଭାଗ ଓ କୃଷି ବିଭାଗ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି ।

# ପର୍ଲାକୁ ହରାଇ ବଗାଡ଼ ଏକାଦଶ ଚାମ୍ପିୟନ

**ଧର୍ମଗଡ,୧୧।୩ (ଡି.ଏନ.ଏ.)**

## ଧର୍ମଗଡ଼ ମା' ଭଣ୍ଡାର ଘରଣୀ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ

କଳାହାଣ୍ଡି ଜିଲା ଧର୍ମଗଡଠାରେ ଚାଲିଥିବା ମା' ଭଣ୍ଡାର ଘରଣୀ ପଞ୍ଚ ଦିବସ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ପର୍ଲା ଏକାଦଶ ବନାମ ବଗାଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପର୍ଲାକୁ ହରାଇ ବଗାଡ ଦଳ ଚାମ୍ପିୟନ ହୋଇଥିଲା। ସନ୍ତୋଷ ପାଣିଗ୍ରାହୀ, ସ୍ୱାଧୀନ ଦଣ୍ଡସେନା, ସଞ୍ଜୀବ ଦୁର୍ଗା ଓ ଅଚ୍ୟୁତ ଖରସେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଏବଂ ରନର୍ସ ଦଳକୁ ୧୦ ହଜାର ଏବଂ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୁବ ନେତା ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ଅଂଶୁମାନ ପାତ୍ର, ଇଙ୍ଗିତ ପଣ୍ଡା, ଉପଖଣ୍ଡ କ୍ରୀଡା ସଂସ୍ଥା ସମ୍ପାଦକ ନିରଞ୍ଜନ ମହାପାତ୍ର, ଶିକ୍ଷକ ବିଶ୍ୱଜିତ ବେହେରା, ବରିଷ୍ଠ ଫୁଟବଲ ଖେଳାଳି ଅଭୟ ବାଗ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କଳାହାଣ୍ଡି ବିଶିଷ୍ଟ ଫୁଟବଲ ଖେଳାଳି ରାଜେନ୍ଦ୍ର କୁମାର ମୁନୀ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ସରୋଜ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନା ଦାୟିତ୍ୱରେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପିଇଟି ସନ୍ତୋଷ ପାଣିଗ୍ରାହୀ, ତପନଜିତ ଦାସ, ସଞ୍ଜୀବ ଦୁର୍ଗା, ଅଚ୍ୟୁତ ଖର୍ସେଲ ପ୍ରମୁଖ ସାମିଲ ଥିଲେ । ମା' ଭଣ୍ଡାର ଘରଣି ଫୁଟବଲ କମିଟି ସଭାପତି ଅଜିତ ସେନା, ସଦସ୍ୟ ବିକାଶ ଅଗ୍ରୱାଲ, ସୁବ୍ରତ ବେହେରା, ଖୁସିରାମ ଦୀପ, ନନ୍ଦଲାଲ ବେହେରା, ଶୁଶାନ୍ତ କୁମାର ସାହୁ, କିରଣ ଡାକୁଆ, ରାଜାରାମ ହାତୀ, ବିପିନ ଗହିର ପ୍ରମୁଖ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ବେଷ୍ଟ ପ୍ଲେୟର ଭାବେ ବଗାଡ ଦଳର ଟୁନା ନାଗଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଶିଷ୍ଟ କ୍ରୀଡାବିତ ଶୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଜିଲା ମିଳିତ କ୍ରିୟାନୁଷ୍ଠାନର ଦିଲ୍ଲୀ ଯାତ୍ରା

**ଭବାନୀପାଟଣା,୧୧।୩ (ଡି.ଏନ.ଏ.)**



ଦିଲ୍ଲୀ ଯାତ୍ରା କରିବା ପୂର୍ବରୁ ମଧୁବାବୁ ଓ ଆମ୍ବେଡକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

କଳାହାଣ୍ଡି ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଓ ଅନ୍ୟ ଦାବି ନେଇ କଳାହାଣ୍ଡି ଜିଲା ମିଳିତ ଓକିଲ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପର୍ଯ୍ୟାୟକ୍ରମେ ଆନ୍ଦୋଳନ ଚାଲୁ ରହିଛି। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ଦାବିକୁ ପୂରଣ ନ କରିବା ଯୋଗୁ ଜିଲାବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏହି ଦାବି ସହିତ ଜିଲାର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ଗମନାଗମନ, ଶିଳ୍ପ ଆଦି ବିକାଶ ଦାବି ନେଇ କଳାହାଣ୍ଡି ଜିଲା ମିଳିତ ଓକିଲ ସଂଘ ଓ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ଅଇନଜୀବୀ, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ବୁଧବାର ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି କମିଟି ଦିଲ୍ଲୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ସମେତ କେନ୍ଦ୍ର ଆଇନମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବେ। ବୁଧବାର ମିଳିତ କମିଟି ଦିଲ୍ଲୀଯାତ୍ରା ପୂର୍ବରୁ ସ୍ଥାନୀୟ ଜିଲା ସିଭିଲ କୋର୍ଟ ପରିସରରେ ଥିବା ମଧୁବାବୁ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଡକଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ଶୋଭାଯାତ୍ରାରେ ମାଣିକେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ କମିଟି ସଦସ୍ୟମାନେ କେସିଙ୍ଗା ହୋଇ ଦିଲ୍ଲୀଯାତା କରିଥିଲେ। ଦିଲ୍ଲୀ ଯାତ୍ରା କମିଟିରେ ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ଜସୋବନ୍ତ ନାଏକ, ସତ୍ୟ ପଟ୍ଟନାୟକ, ସୁରେ ଶ ପ୍ରଧାନ, ମହମ୍ମଦ ଶାବିର, ନବିନ ଦାସ, ଶୈଳ ବିହାରୀ ପରିଡା, ଗଙ୍ଗାଧର ପାତ୍ର ଓ ଗଙ୍ଗାଧର ମହାନନ୍ଦଙ୍କ ନେତୃତ୍ୱରେ ପ୍ରାୟ ୨୦ ରୁ ୩୦ ଜଣ ଆଇନଜୀବୀ ଏବଂ ବିଭିନ୍ନ ରାଜନୈତିକ ଦଳ ନେତୃମଣ୍ଡଳୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ରହିଛନ୍ତି।

# ଗାଁବାସୀଙ୍କୁ ଘାରୁଛେ ଫ୍ଲୋରାଇଡ ପାଏନ୍ ଚିନ୍‌ତା

**ଗୋଲାମୁଣ୍ଡା, ୧୧।୩ (ଡି.ଏନ୍.ଏ.)**



ପାଏନ୍ ଗଲୁଥିବାର ଓଭର ହେଡ ଟ୍ୟାଙ୍କ।

- ଗାଁରେ ପାଖାପାଖି ୨ ହଜାର ଲୋକ୍ ବାସ କରୁଛନ୍
- ୨୨ ନଲ୍‌ଟୁଆଁରୁ ୧୬ରେ ଫ୍ଲୋରାଇଡ ବାହାରୁଛେ
- ଓଭର ହେଡ ଟ୍ୟାଙ୍କ ତିଆରି ଦିନୁ ପାଏନ୍ ଗଲୁଛେ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଗଣ୍ଡାମେର ଗାଁବାସୀକୁ ଫ୍ଲୋରାଇଡ ପାଏନ୍‌ର ଚିନ୍‌ତା ଘାରୁଛେ। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଲକ୍ଷାଧିକ ଟଁକା ଖରଚ୍‌ରେ ଗୁଟେ ପାଏନ୍ ପ୍ରକଳ୍ପ ତିଆର କରାଯାଇଛେ। ହେଲେ ଟାଁକିରୁ ପାଏନ୍ ଗଲବାର ଲାଗି ଗାଁବାସୀକୁ ସିଧାସଲଖ ପମ୍ପ ଜରିଆରେ ପାଏନ୍ ଯୁଗେଇ ଦିଆଯାଉଛେ। ଅନେକ ସମିଆରେ ବିଦ୍ୟୁତ୍ କାଟ୍ ଲାଗି ପାଏନ୍ ଯୋଗାଣରେ ବି ଖେଲଢ଼େପ ହେଉଛେ। ଏନ୍‌ତାଥି ଗାଁବାସୀ ପିଇଲା ପାଏନ୍‌ଲାଗି ବଡ଼ା ଜହଗଁଜ୍ ହେଉଥିବାର ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଗଣ୍ଡାମେର ଗାଁରେ ପାଖାପାଖି ୨ହଜାର ଲୋକ୍ ବାସ କରୁଛନ୍। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଆଏଜ୍‌କେ ୧୧ ବଛର ତଲେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫୁ ଗାଁରେ ଗୁଟେ ପ୍ରକଳ୍ପ ତିଆର କରାଯାଇଥିଲା। ହେଲେ ପାଏନ୍ ଟାଁକିଟା ଆଏଜ୍‌ତକ କାମେ ଲାଗି ନାଇଁପାରବାର। ଅତି ହଲକା କାମ୍ ଲାଗି ଟାଁକିରେ ପାଏନ୍ ନାଇଁ ରହିବାର ସବୁ ଗଲି ଯାଉଛେ। ଏନ୍‌ତାଥି ଗାଁବାସୀକୁ ମୋଟର ପମ୍ପ ଚଲେଇ ସିଧାସଲଖ ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ଅନେକ ସମିଆରେ ବିଦ୍ୟୁତ୍ କାଟ୍ ଲାଗି ଲୋକ୍ ପାଏନ୍ ଲାଗି ବଡ଼ା ଦହଗଁଜ୍ ହେଉଛନ୍। ଇଆଡ଼େ ଗାଁରେ ୨୨ଟା ନଲ୍‌ଟୁଆଁ ରହିଛେ। ହେଲେ ୧୬ଟା ନଲ୍‌ଟୁଆଁରୁ ଫ୍ଲୋରାଇଡ ମିଶା ପାଏନ୍ ବାହାରୁଥିଲାବେଲେ ୬ଟା ଲୁକ୍‌କର କାମେ ଲାଗୁଛେ। ସେନ୍‌ତା ପାଏନ୍ ଟାଁକିରୁ ପାଏନ୍ ସପ୍‌ଲେ ନାଇଁ ହେବାର ଲାଗି ଖଜୁରପଡ଼ା, ବନ୍ଧପଡ଼ା, ଗହଁଟିଆପଡ଼ା, ହଂସପଡ଼ା ଆର ପରାଭୋଏ ପଡ଼ାର ଷ୍ଟାଣ୍ଡ ପୋଷ୍ଟମାନକେ ପାଏନ୍ ନାଇଁ ଯାଉଥିବାର ପଡ଼ାବାସୀ ଅଭିଯୋଗ କରିଛନ୍। ପାଏନ୍ ଟାଁକି ମରାମତି ଲାଗି ବିଭାଗୀୟ କତ୍ତୃରପକ୍ଷକୁଁ ବାରବାର କହେଲେ ବି କିଛି ଲାଭ ନାଇଁ ମିଲବାର ବଲି ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ବିଭାଗୀୟ ଯନ୍ତ୍ରୀକୁଁ ପଚ୍‌ରାଲାରୁ ତିଆରି ହେଲାଦିନୁ ଓଭର ହେଡ ଟ୍ୟାଙ୍କରୁ ପାଏନ୍ ଗଲୁଛେ। ସେଥିରଲାଗି ମୋଟର ଲଗେଇ ପାଏନ୍ ଯୁଗେଇ ଦିଆଯାଉଛେ। ଟ୍ୟାଙ୍କ ମରାମତି ହେଲା ଉତାରୁ ସେଥିରୁ ପାଏନ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ। ଜିଲା ପରଶାସନ ଇ ଦିଗେ ଦୃଷ୍ଟି ଦେଇ ସମସିଆର ସମାଧାନ କରବାକେ ଗାଁବାସୀ ଦାବି କରିଛନ୍।



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## ହରିହର ଭେଟ ସହ ସମ୍ପନ୍ନ ହେଲା ଦୋଳ ମହୋତ୍ସବ

ଦେଓଗାଁ,୧୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ତଥା ସଦର ବ୍ଲକ କୁଡାସିଂହାରେ ଦୋଳପୂର୍ଣ୍ଣିମା ଅବସରରେ ହରିହର ଭେଟ ଓ ନାମ ସଂକୀର୍ତ୍ତନ୍ୟ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବିକାଶ କମିଟି ଆବାହକତ୍ୱ ତଥା ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ, ପାଟଖଣ୍ଡା ଓ ଗଣେଷ ପୂଜା କମିଟୀ, ସ୍ମୃତି ପାଠାଗାର, ଗଜଲକ୍ଷ୍ମୀ ପୂଜା କମିଟି, ନାଗେଶ୍ୱର ବୋଲବମ କମିଟି, ନାଗବାଚା ଦଳ, ସରସ୍ୱତୀ ପୂଜା କମିଟି ତଥା ମାହେଶ୍ୱରୀ ସଂଗଠନ ଆଦି ସହଯୋଗରେ ଅନୁଷ୍ଠିତ ଦୋଳପୂର୍ଣ୍ଣିମା ପାଳନ ଅବସରରେ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୌନ୍ତିଆ ଛକଠାରେ ମେଲଣ ପର୍ବ ଓ ଫଗୁଖେଳ ଅନୁଷ୍ଠିତ ହୋଇଥିଲା। କୁଡାସିଂହା ଧଉଁରାଦାଦରଠାରେ ଅନୁଷ୍ଠିତ ୧୬ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ନିତ୍ୟା ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ରାସ୍ତାରୋକୋ

ଉଲୁଣ୍ଡା, ୧୧।୩(ଡି.ଏନ.ଏ.)



ମାଟିଖାଇ ଛକରେ କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀ ସଂଘ ତରଫରୁ ରାସ୍ତାରୋକୋ କରାଯାଇଛି।

୬ ଦଫା ଦାବି ନେଇ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀ ସଂଘ ତରଫରୁ ବୁଧବାର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ମାଟିଖାଇ ଛକରେ ରାସ୍ତାରୋକୋ କରାଯାଇଥିଲା। ଆନ୍ଦୋଳନକାରୀ ପୂର୍ବାହ୍ନ ୧୦ଟାରୁ ରାସ୍ତାରେ ବସି ନିଜର ଦାବି ଜଣାଇଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ବିଶେଷ କରି ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସିଜିନାଲ କର୍ମଚାରୀ ଓ ୱାଚରଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି, କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କୁ ପୂର୍ବବତ ସାମାଜିକ ସୁରକ୍ଷାରେ ସାମିଲ, କେନ୍ଦୁପତ୍ର ବିକ୍ରୀ ନୀତିରେ ସଂଶୋଧନ, ତୋଳାଳିଙ୍କଠାରୁ ୨ ହଜାର ବଦଳରେ ୧ ହଜାର କେନ୍ଦୁପତ୍ର କେରି

**ସାମିଲ ହେଲେ ସାମୟିକ କର୍ମଚାରୀ**

ସଂଗ୍ରହ, କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର ଏବଂ ସିଜିନାଲ କର୍ମଚାରୀଙ୍କ ଛଟେଇ ବନ୍ଦ ପ୍ରଭୃତି ଦାବି ପୂରଣ କରିବାକୁ ଦାବି କରାଯାଇଥିଲା। ଅପରାହ୍ନ ପ୍ରାୟ ୧।୩୦ରେ ଏସ୍‌ପି ଦେବୀପ୍ରସାଦ ଦାଶ, ଆଇଆଇସି ବିଦ୍ୟୁଭୂଷଣ ପୁଟା ପ୍ରମୁଖ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ତେବେ ଏହି ସବୁ ଦାବି ଆଗାମୀ ଦିନରେ କାର୍ଯ୍ୟକାରୀ ନହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଏଥିରେ ଜାଲୋଏ, ସିଣ୍ଡୋଲ ଏବଂ ଉଲୁଣ୍ଡା କେନ୍ଦୁଲିଫ ରେଞ୍ଜର କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଥିପୂର୍ବରୁ ବିଭାଗୀୟ କାର୍ଯ୍ୟାଳୟରେ ୨ଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା।

# ବିଜେଡି ରାଜ୍ୟ ସଭା ପ୍ରାର୍ଥୀଙ୍କ ସତ୍ୟପାଠ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ଚଳିତ ରାଜ୍ୟ ସଭା ପାଇଁ ବୁଧବାର ବିଜେଡିର ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହି ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ନିଜର ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଆଦି ଉଲ୍ଲେଖ କରିଛନ୍ତି। ସତ୍ୟପାଠରୁ ମିଳିଥିବା ସୂଚନା ଅନୁଯାୟୀ ସୁଜିତଙ୍କ ନିକଟରେ ମୋଟ ୧.୧୦ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ସେ ଆମେରିକାର ହାବାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସୁଜିତଙ୍କ ନିକଟରେ ୧୫.୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଥିବା ବେଳେ ତାଙ୍କ ନାମରେ ୭୪.୯୪ ଲକ୍ଷ ଟଙ୍କାର ଋଣ ରହିଛି। ସେହିପରି ଶ୍ରମିକ ନେତା ସୁବାସ ସିଂଙ୍କୁ ବିଜେଡି ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଛି। ତାଙ୍କର ମୋଟ ୨୩.୩୭ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ସୁବାସ ରାଜନୀତି ବିଜ୍ଞାନରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିବା ବେଳେ ଆଇନରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ନାମରେ ୧୧ଟି ମାମଲା ବିଚାରାଧୀନ ରହିଥିବା ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ମୁନ୍ନା ଖାଁଙ୍କ ନିକଟରେ ମୋଟ ୩୨.୯୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାମରେ ୧୪ ଲକ୍ଷ ଟଙ୍କାର ଋଣ ରହିଛି। ୧୯୮୩ ମସିହାରେ ସେ ଆନ୍ଧ୍ର ମାଟ୍ରିକ ପାସ କରିଛନ୍ତି ବୋଲି ସେ ତାଙ୍କ ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରୁ ରାଜ୍ୟ ସଭା ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ମମତା ମହାନ୍ତଙ୍କ ନାମରେ ୨୫.୦୩ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ ବୋଲି ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

# ବସ୍ତି ଉଚ୍ଛେଦ ନୋଟିସ ରଦ୍ଦ କରିବା ଦାବିରେ ଧାରଣା



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆନନ୍ଦ ନଗର ମହିଳାମାନେ ଧାରଣାରେ ବସିଛନ୍ତି।

ବଲାଙ୍ଗୀର ଅଫିସ, ୧୧।୩

ବଲାଙ୍ଗୀର ସହର ଆନନ୍ଦ ନଗରପଡାର ବହୁ ବାସିନ୍ଦା ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ତୁରନ୍ତ ବସ୍ତି ଉଚ୍ଛେଦ ନୋଟିସ୍‌କୁ ରଦ୍ଦ କରିବାକୁ ଦାବି କରିଥିଲେ। ଭିଆଇପି ସଭାପତି ଡ ବିପିନ କୁଶଲିଆଙ୍କ ନେତୃତ୍ୱରେ ପଡାର ବହୁ ମହିଳା ଓ ପୁରୁଷ ଏହି ଧାରଣାରେ ସାମିଲ ହୋଇଥିଲେ। ଆନନ୍ଦ ନଗରର ବାସିନ୍ଦାଙ୍କ ତୁରନ୍ତ ଜାଗା ମିଶନ୍ ଜରିଆରେ ପଟ୍ଟା ପ୍ରଦାନ କରାଯିବା ସତ୍ତ୍ୱେ ଏବେ ଏଠାରୁ ଉଚ୍ଛେଦ କରାଯିବାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନୋଟିସ ଦିଆଯାଇଛି। ଏହି ନୋଟିସ ମିଳିବା ପରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଗୋଟିଏ ପଟେ ସରକାର ପଟ୍ଟା ପ୍ରଦାନ କରୁଥିବାବେଳେ ଅନ୍ୟ ପଟେ ଉଚ୍ଛେଦ ନୋଟି ଦିଆଯାଉଥିବାରୁ ବସ୍ତିର ମହିଳା ଓ ପୁରୁଷମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ବିଜୁବାବୁ ଥିଲେ ଦୂରଦ୍ରଷ୍ଟା ଜନନାୟକ

ସୋନପୁର, ୧୧।୩(ନି.ପ୍ର.)

ବିଜୁବାବୁ ସବୁବେଳେ ଓଡିଶାର ଉନ୍ନତି ପାଇଁ ସ୍ୱପ୍ନ ଦେଖୁଥିଲେ। ମହିଳାଙ୍କ ଶିକ୍ଷା ଓ ସମ୍ମାନକୁ ଗୁରୁତ୍ୱ ଦେଉଥିଲେ। ତାଙ୍କ ସମୟରେ ଓଡିଶାରେ ଓ ବିଶେଷ କରି ସୁବର୍ଣ୍ଣପୁର ଜିଲାର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ସେ ଥିଲେ ଜଣେ ଜାତୀୟ ସ୍ତରର ନେତା ତଥା ଦୂରଦ୍ରଷ୍ଟା ଜନନାୟକ ବୋଲି ବିଜୁ ଜନତା ଦଳ ସୋନପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ପାଳନ ଅବସରରେ ଦଳୀୟ ନେତୃବୃନ୍ଦ ଏହି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଭୀମଭୋଇ କଳାମଣ୍ଡପ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ବିଜେଡି ଜିଲା ସଭାପତି ସରୋଜ କମ୍ପ ଅଧ୍ୟକ୍ଷତା କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ସାହାସିକ ପଦକ୍ଷେପ ଯୋଗୁଁ ଓଡିଶାରେ ୧୩ ରୁ ୩୦ ଜିଲା ହୋଇଥିଲା। ବୀରମହାରାଜପୁର ବିଧାୟକ ତଥା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା



ସୋନପୁରରେ ବିଜୁ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜୁବାବୁ ସବୁବେଳେ ସାଧାରଣ ଲୋକଙ୍କ ହକ୍‌କୁ ଗୁରୁତ୍ୱ ଦେଉଥିଲେ। ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ସେ ସମୟରେ ସ୍ୱପ୍ନ ଦେଖିଥିଲେ। ଯାହା ଏବେ ସାକାର ହେବାକୁ ଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଏସ୍‌ସି ମୋର୍ଚ୍ଚାର ଉପସଭାପତି ଅଭିମନ୍ୟୁ କୁଶଳ, ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ପ୍ରକାଶ ସାହୁ, ନୀଳାମ୍ବର ଶତପଥୀ, ଶତୃଘ୍ନ ପୃଷ୍ଟି, ରାଜକୁମାର ସୁନା, ଶଙ୍କର ସା, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦ୍ୱିତୀୟ ଥର ପାଇଁ ଜିଲା ବିଜେଡି ସଭାପତି ଭାବେ ନିଯୁକ୍ତ ହୋଇଥିବା ସରୋଜ କମ୍ପ ଓ ନୂତନ ଭାବେ ସୋନପୁର ବ୍ଲକ ବିଜେଡି ସଭାପତି ଭାବେ ଦାୟିତ୍ୱ ନେଇଥିବା ଶଙ୍କର ପ୍ରସାଦ ସାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲା ବେଳେ ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନେତୃବୃନ୍ଦ ସୁରେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହିଅବସରରେ ବିଜୁପଟ୍ଟନାୟକ ଛକ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କଲେ ଡା. ଶଙ୍କର ପ୍ରସାଦ ମେହେର

ବଲାଙ୍ଗୀର ଅଫିସ, ୧୧।୩

ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ଶଙ୍କର ପ୍ରସାଦ ମେହେର ଚାକିରୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୩୭ ବର୍ଷ ଧରି କାର୍ଯ୍ୟରତ ଥିବା ଡାକ୍ତର ମେହେର



ଡାକ୍ତର ଶଙ୍କର ପ୍ରସାଦ ମେହେର।

ଗତ ଫେବୃୟାରୀ ୨୯ ତାରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୧୫ ବର୍ଷ କାଳ ସେ ଗ୍ରାମାଞ୍ଚଳରେ କାର୍ଯ୍ୟ କରିଥିଲେ। ଅବିଭକ୍ତ ବଲାଙ୍ଗୀର ଜିଲାର ମେଣ୍ଡା ଗାଁ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବାବେଳେ ଉଲ୍ଲେଖନୀୟ ସେବା ପାଇଁ ଡାକ୍ତର ମେହେର ମର୍ଯ୍ୟାଦାଜନକ ଗାନ୍ଧୀ ପୁରସ୍କାର ପାଇଥିଲେ। ୨୦ ବର୍ଷ ଶିଶୁ ବିଶେଷଜ୍ଞ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ସେ ବଲାଙ୍ଗୀର ଓ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଭାବେ କାର୍ଯ୍ୟ କରିଥିଲେ। ପ୍ରାୟ ୧ ବର୍ଷ ତଳେ ସେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ।

# ଡିଏଫ୍‌ଓ ଅଫିସ ସମ୍ମୁଖରେ କେନ୍ଦୁପତ୍ର କର୍ମଚାରୀଙ୍କ ଧାରଣା

**ବଲାଙ୍ଗୀର ଅଫିସ, ୧୧।୩:** କେନ୍ଦୁପତ୍ର କର୍ମଚାରୀଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗ କରି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ବୁଧବାର କେନ୍ଦୁପତ୍ର ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ରାଲିରେ ବାହାରି କେନ୍ଦୁପତ୍ର କର୍ମଚାରୀମାନେ ସହର ପରିକ୍ରମା ପୂର୍ବକ ଡିଏଫ୍‌ଓ ଅଫିସରେ ପହଞ୍ଚିଥିଲେ। ୨୦୧୪-୧୫ ଆର୍ଥିକ ବର୍ଷରେ କେବଳ କେନ୍ଦୁପତ୍ରରୁ ସରକାର ପ୍ରାୟ ୬୦୦ କୋଟି ଲାଭ ପାଇଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ କେନ୍ଦୁପତ୍ର ଆୟ କମୁଛି କହି କେନ୍ଦୁପତ୍ରଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରାଯାଇଥିଲା । ସାରା ରାଜ୍ୟରେ ପାଖାପାଖି ୧୮ ହଜାର କେନ୍ଦୁପତ୍ର କର୍ମଚାରୀ କାମ କରୁଛନ୍ତି। ଏମାନଙ୍କ ପାଇଁ ସ୍ଥାୟୀ ମାନ୍ୟତା, ଗତବର୍ଷରୁ ନିର୍ଦ୍ଧାରିତ ହୋଇଥିବା ପାଉଣା ପ୍ରଦାନ, କର୍ମଚାରୀଙ୍କୁ ଇପିଏଫ ଓ ଇଏସ୍‌ଆଇରେ ସାମିଲ କରାଯିବା, ଫଡି ବନ୍ଦ କରାଯିବା ନିଷ୍ପତ୍ତି ଉପରେ ପୁନଃବିଚାର କରାଯିବା ତଥା ସିଜନାଲ କର୍ମଚାରୀଙ୍କୁ ୧୨ ମାସିଆ କାମ ଯୋଗାଇବା ଦାବିଉପରେ ଦବିକରାଯାଇଛି।

# ଉତ୍କଳ ସାହିତ୍ୟ ସମାଜର ବସନ୍ତ ଉତ୍ସବ

ସୋନପୁର, ୧୧।୩(ନି.ପ୍ର.)

ସହରର ରାମେଶ୍ୱରସ୍ଥିତ ନଦୀ ସଙ୍ଗମସ୍ଥଳରେ ଉତ୍କଳ ସାହିତ୍ୟ ସମାଜ ସୁବର୍ଣ୍ଣପୁର ଜିଲା ଶାଖା ଆନୁକୂଲ୍ୟରେ ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରିଥିଲେ ଉତ୍କଳ ସାହିତ୍ୟ ସମାଜର ଜିଲା ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଗବେଷକ ଡ. ରମେଶ ପତ୍ରୀ। କବି, ପ୍ରାବନ୍ଧିକ ତଥା ସୋନପୁର କଲେଜର ଓଡିଆ ପ୍ରାଧ୍ୟାପକ ସୌରଭ ରଞ୍ଜନ ଖମାରୀ ଅତିଥି ଭାବେ ଯୋଗଦେଇ ଓଡିଆ କାବ୍ୟ ପରମ୍ପରାରେ ଋତୁ ସମ୍ଭାର ବିଷୟରେ ଆଲୋଚନା କରିଥିଲେ।




ବସନ୍ତ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅନ୍ୟତମ ଅତିଥି ନାଟ୍ୟକାର ଓ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ସାହୁ ଓଡିଆ ସାହିତ୍ୟରେ ବସନ୍ତ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ଐତିହାସିକ ତଥା ଗବେଷକ ସୁଦାମ ନାଏକ ଉତ୍କଳ ସାହିତ୍ୟ ସମାଜକୁ ସୋନପୁର ଦରବାରର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଂସ୍କାରର ସମ୍ପାଦକ ଅକ୍ଷୟ କୁମାର ବାଘ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ତଥା ନାଟ୍ୟକାର ବନବାସ ମେହେର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। କବି ସୁଦାମ ନାଏକଙ୍କ ସଂଯୋଜନାରେ ଅର୍ଜୁନ ମେହେର, ସରୋଜ ସାହୁ, ତ୍ରିଲୋଚନ ବେହେରା, ଯୁଧିଷ୍ଠିର ବାରିକ, ଶାନ୍ତନୁ ପଣ୍ଡା, ରୋଶନ ସାହୁ, ବିଶ୍ୱନାଥ ପ୍ରଧାନ, ସୁମନ୍ତ ମେହେର ଓ ବେଣୁଧର ପ୍ରଧାନ ପ୍ରମୁଖ ସ୍ୱରଚିତ ବସନ୍ତ ଶୀର୍ଷକ କବିତା ଆବୃତ୍ତି କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣପ୍ରସାଦ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଙ୍ଗୋମୁଣ୍ଡା, ୧୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଟିଟିସିଲେଟ ଗାଁ ସିପୋମୁଣ୍ଡା ନିକଟରେ ଥିବା ଏକ ଗଛରେ ବୁଧବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ମୃତା ହେଲେ ଟିଟିସିଲେଟ ଗାଁର ଭାରତୀ ଭୋଇ। କୌଣସି କାରଣରୁ ସେ ଗତ ୮ତାରିଖ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ସକାଳେ ଏକ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଲୋକଙ୍କଠାରୁ ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ କରିଥିଲେ। ପରେ ପୋଲିସ ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରୀ ରଖିଛି।

# ବୁଢ଼ୀମା ମନ୍ଦିର ନିର୍ମାଣ ଲାଗି ପରିଚାଳନା କମିଟି ଗଠିତ

ସୋନପୁର, ୧୧।୩(ନି.ପ୍ର.)

ସହରର ଢେରାପଡାରେ ନୂତନ ବୁଢୀମା ମନ୍ଦିର ନିର୍ମାଣ ହେବ। ବୁଢୀମା କଲ୍ୟାଣ ମଣ୍ଡପ ଠାରେ ଜନ୍ମେଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ଦିର ନିର୍ମାଣ ପାଇଁ ସର୍ବସମ୍ମତି କ୍ରମେ ଏକ ପରିଚାଳନା କମିଟି ଗଠନ ହୋଇଥିଲା। ସଭାପତି ଭାବେ ସହଦେବ ପାତ୍ର, ଉପସଭାପତି ରାଜୁ ରାଓ, ସମ୍ପାଦକ କେ ରାମଚନ୍ଦ୍ର ପାତ୍ର, ସହ ସମ୍ପାଦକ କେ. ସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ପାତ୍ର ଓ ଉପଦେଷ୍ଟା ମଣ୍ଡଳୀରେ ବି.ଗୋପାଳ ପାତ୍ର, ଏନ. ନାରାୟଣ ପାତ୍ର, ବି .ରାମ କୁମାର ପାତ୍ର, ବ୍ରଜକିଶୋର ପାତ୍ର, ଗୌରି ପାତ୍ର, ଦିଲ୍ଲିପ ପାତ୍ର, ଜନ୍ମେଜୟ ପାତ୍ର, ବି ସତ୍ୟନାରାୟଣ ରାଓ, ଆନନ୍ଦ ପାତ୍ର ଓ ଅକ୍ଷୟ ପାତ୍ରଙ୍କୁ ମନୋନୀତ କରାଯାଇଛି। ମନ୍ଦିରର କାରୁକାର୍ଯ୍ୟ ଦକ୍ଷିଣ ଭାରତୀୟ କାରିଗରମାନଙ୍କ ଦ୍ୱାରା କରାଯିବ। ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ଏହି ମନ୍ଦିର ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।



ବୈଠକରେ ଢେରାପଡାର ଅଧିବାସୀ ବୃନ୍ଦ।

# ଭତା, ଚିକିତ୍ସା ସାହାଯ୍ୟ ଆଶ୍ରେ ପରିବାର

ବିନିକା, ୧୧।୩ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ପଁଚେତ୍ ବାଞ୍ଜିପାଲି ଗାଁ ହରିଜନ ପଡ଼ାର ଡିଲେଶ୍ୱରୀ ବାଘ(୬୮)। ସେ ଅନେକ ଦିନ ହେଲା ପକ୍ଷାଘାତ ରୋଗ୍‌ରେ ଖଟେ ପଡ଼ିରହିଛନ୍। ପରିବାର ଲୋକ୍ ଯାହା ପାରଲେ ଆସରପାସର ଡାକ୍‌ତରଖାନାରେ ଦେଖେଇ ଚିକିଛା କରାଲେ। ହେଲେ ଏହେଦେ ଟଁକା ପଏସା ଅଭାବୁ ପରିବାର ଲୋକ ତାକର ଉଚ ଚିକିଛା କରେଇ ନାଇଁପାରବାର। ଏନ୍‌ତାଥି ପରିବାରଟା ସରକାରୀ ଚିକିଛା ସାହାଯ୍ ଆଶ୍‌ରେ ରହିଛନ୍। ସୂଚନା ଅନ୍‌ସାରେ ବାଞ୍ଜିପାଲି ଗାଁ ହରିଜନ ପଡ଼ାର କଙ୍ଗାଲୁ ବାଘ। ପରିବାର କହେଲେ ମାଏକିନା ଡିଲେଶ୍ୱରୀ, ପୁଓ ମନୋଜ, ସରୋଜ ଆର ଝି' କଳ୍ପନାକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ସଁପତି ବଲି କିଛି ନାଇଁ। କଙ୍ଗାଲୁ ଦୁଖ୍‌ସୁଖ କରି ନିଜର ପିଲାଛୁଆକୁ ବିହାତୁରା କରି ସାରିଛନ୍।



ପକ୍ଷାଘାତରେ ଡିଲେଶ୍ୱରୀ ଖଟେ ପଡ଼ି ରହିଛନ୍।

ଏହେଦେ ବଏସ୍ ଅଧିକା ହେବାର ଲାଗି ସେ କାମ୍‌ବୁତା ବି କରି ନାଇଁପାରବାର।

**ପକ୍ଷାଘାତରେ ପୀଡ଼ିତ ଡିଲେଶ୍ୱରୀ**

ଇଆଡ଼େ ଅନେକ ବଛର ହେଲା ମାଏକିନା ଡିଲେଶ୍ୱରୀ ପକ୍ଷାଘାତ ରୋଗ୍‌ରେ ଖଟେ ପଡ଼ି ରହିଛନ୍। ପିଲାମାନେ ମା'କେ ଅନେକ ଡାକ୍‌ତରଖାନାକେ ନେଇ ଚିକିଛା କରେଇ ନିରାଶ ହେଇଛନ୍। ଏନ୍‌ତା କି ମା'ର ଚିକିଛାରେ ପିଲାମାନେ ଘରର ଜିନିଷପାତି ବିକି ଗୁଟେପରକାର ସରବ୍‌ସୁଆଁତ ହେଇଛନ୍। ଏତେ ଉଷୋକଷା କଲା ଉତାରୁ ବି ଡିଲେଶ୍ୱରୀକଁର ନିରୁଜ ହେଇ ନାଇଁପାରବାର। ଇଆଡ଼େ ଟଁକା ପଏସା ଅଭାବୁ ଏହେଦେ ପିଲାମାନେ ଡିଲେଶ୍ୱରୀକଁର ଉଚ ଚିକିଛା କରେଇ ନାଇଁପାରବାର। ସେନ୍‌ତା ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଳୁଥିବାର ୩୫ କେ.ଜି. ଚାଉଳ। ଡିଲେଶ୍ୱରୀ ଅନେକ ବଛର ହେଲା ଖଟେ ପଡ଼ି ରହିଥିଲେ ବି ଭତା, ଚିକିଛା ସାହାଯ୍ ଲେଖେଁ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ପରିବାର ଲୋକ ଡିଲେଶ୍ୱରୀକଁର ଭାତା ଆର ଚିକିଛା ସାହାଯ୍ ଲାଗି ବି ଜିଲାପାଳକଁର ଜନଅଭିଯୋଗ ଶୁନାନିରେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ଡିଲେଶ୍ୱରୀକୁଁ ଭତା ଆର ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିଛା ଅଧିକାରୀ ଜୟପ୍ରକାଶ ପ୍ରଧାନକୁଁ ପଚ୍‌ରାଲାରୁ ଘଟନା ବାବ୍‌ଦେ ଆମରନେ କେହି ଅଭିଯୋଗ ନାଇଁକରି। ହେଲେ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକକୁଁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

# ନାଗରିକଙ୍କ ଉପରେ ବୋଝ ପାଲଟୁଛନ୍ତି ସରକାର

## ଦାବି ପୂରଣ ନେଇ ଭୁବନେଶ୍ୱରରେ କରାଯିବ ସମାବେଶ

**ରାଉରକେଲା ଅଫିସ,୧୧।୩**

ଦେଶର ସାଧାରଣ ନାଗରିକ ଯେଉଁ ଆଶା ଭରସା ନେଇ ଲୋକ ପ୍ରତିନିଧିଙ୍କୁ ନିର୍ବାଚିତ କରୁଛନ୍ତି ଓ ସରକାର ଗଢିବାରେ ସାହାଯ୍ୟ ସହଯୋଗ କରୁଛନ୍ତି ତାହା ପରବର୍ତ୍ତୀ ଅବସ୍ଥାରେ ନିଷ୍ଫଳ ପାଲଟୁଛି। କେବଳ ଏତିକି ନୁହେଁ, ବେଳେ ବେଳେ ଏହି ସରକାର ଲୋକଙ୍କ ଉପରେ ବୋଝ ପାଲଟି ଯାଉଛି। ଏବେ ଯେମିତି ନାଗରିକ ଆଇନ ସଂଶୋଧନ ନେଇ ଦେଶବାସୀ ଛାନିଆଁ ହୋଇ ପଡିଛନ୍ତି। ଆଇନକୁ ପ୍ରତ୍ୟାହାର ନେଇ ଗୁହାରି ହେବା ସତ୍ତ୍ୱେ କିଛି ଫଳ ମିଳୁନି। ବିରୋଧିଙ୍କୁ ବିଶ୍ୱାସକୁ ନେଉ ନାହାଁନ୍ତି ସରକାର। ଏମିତି ଅବସ୍ଥାରେ ଖପ୍ପା ଦେଶବାସୀ କ୍ଷୁବ୍ଧ ହୋଇଛନ୍ତି। ସାଧାରଣ ନାଗରିକଙ୍କୁ ସର୍ବନିମ୍ନ ସୁବିଧା ଦେଇ ପାରି ନ ଥିବା କେନ୍ଦ୍ର ଓ ରାଜ୍ୟ ସରକାର ବେଳେବେଳେ ମନ ଭୁଲାଣିଆ ଯୋଜନା କରି ଜନମତକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରୁଛନ୍ତି। ଶ୍ରମିକ, କୃଷକ ଓ ବେକାରଙ୍କୁ ଭୁଆଁ ବୁଲାଇବାରେ ରେକର୍ଡ ସୃଷ୍ଟି କରିଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ଜବାବ ଦେବାକୁ ଅଣ୍ଟା ଭିଡିଛି ଭାରତର ଟ୍ରେଡ ୟୁନିୟନ କେନ୍ଦ୍ର(ସିଆଇଟିୟୁ)। ଏନେଇ ଦେଶବ୍ୟାପି ଆନ୍ଦୋଳନ ଡାକରା ସାଙ୍ଗକୁ ଆସନ୍ତା ୧୯ରେ ରାଜଧାନୀ ଭୁବନେଶ୍ୱରରେ ଏକ ବିରାଟ ଶ୍ରମିକ ସମାବେଶ ଆୟୋଜନ କରାଯିବ। ଏଥିରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ। ପ୍ରତ୍ୟକ ଶ୍ରମଜିବୀଙ୍କ ସର୍ବନିମ୍ନ ମାସିକ ମଜୁରି ୨୧ ହଜାର କରିବାକୁ ଦାବି ଦୋହରାଯିବ। ସ୍ଥାୟୀ କାମରେ ଠିକା ନିଯୁକ୍ତି ବନ୍ଦ କରି ଏମାନଙ୍କୁ ନିୟମିତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯିବ। ଅଶା କର୍ମୀ, ପାଚିକା, ସହାୟିକ ଓ ଅଙ୍ଗନୱାଡି କର୍ମୀଙ୍କୁ ଶ୍ରମିକ ମର୍ଯ୍ୟାଦା ଦେବା ସହ ଉପଯୁକ୍ତ ମଜୁରି ପ୍ରଦାନ କରିବାକୁ ସରକାରଙ୍କୁ ମୁଣ୍ଡ ନୁଆଁବାକୁ ବାଧ କରାଯିବ। ଶ୍ରମ ଆଇନକୁ ବେଖାତିର କରି ଯେଉଁ ମାନଙ୍କୁ ମନଇଚ୍ଛା ଖଟା ଯାଉଛି ସେମାନଙ୍କୁ ନ୍ୟାୟ ଦେବା ଅର୍ଥାତ ୮ଘଣ୍ଟା କର୍ମ ସମୟ ଧାର୍ଯ୍ୟ କରିବାକୁ ଦୃଷ୍ଟି ଆକର୍ଷଣ କରାଯିବ। ଏହା ବ୍ୟତୀତ ସରକାରୀ ଅନୁମତି କ୍ରମେ ଯେମିତି ମେଡିକାଲ ରିପ୍ରେଜେନଟେଟିଭ ସରକାରୀ ମେଡିକାଲରେ କାର୍ଯ୍ୟରତ ଡାକ୍ତରଙ୍କୁ ସାକ୍ଷାତ କରିପାରିବେ ସେ ନେଇ ବ୍ୟବସ୍ଥା କରିବାକୁ ସଂଗଠନ ଦାବି ଜଣାଇବ। ମୋଟାମୋଟି ଭାବେ ବିଭିନ୍ନ କ୍ଷେତ୍ରରେ ଆଉଟ ସୋର୍ସିଂକୁ ବନ୍ଦ କରିବାକୁ କୁହାଯିବ। ଯାଜପୁର ଠାରେ ଥିବା ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତର ଘରୋଇ କରଣ ବନ୍ଦ, ପରିବହନ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ନେଇ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ, ଔଷଧର ମୂଲ୍ୟ ବୃଦ୍ଧି ଉପରେ ରୋକ, ସରକାରୀ ଉଦ୍ୟୋଗ ବିକ୍ରି ନେଇ ଚାଲିଥିବା ମସୁଧା ମନରୁ ପୋଛିଦେବାକୁ ସଂଗଠନ ପକ୍ଷରୁ ସରକାରୀଙ୍କୁ ଚେତାବନୀ ଦିଆଯିବ। ବେକାରଙ୍କ ପାଇଁ ସରକାର ନିଦା ବିଷ୍ଣୁ ପାଲଟିଥିବା ବେଳେ ଏନେଇ ଠୋସ ପଦକ୍ଷେପ ନେବା ଆବଶ୍ୟକ ରହିଛି। ଏ ଦିଗରେ ସକାରାତ୍ମକ ଦପକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ନିକରେ ଦାବି ରହିବ। ଖଣିଖାଦାନ ଶ୍ରମିକଙ୍କ ପ୍ରତି ସରକାରଙ୍କ ଆଖି ବନ୍ଦ ନୀତି ଆଉ ଚଳିବନି। ନିର୍ମାଣ ଶ୍ରମିକଙ୍କୁ କିଭଳି ଅଗ୍ରାଧିକାର ଭିତିରେ ବେନିଫିଟ ଦିଆଯିବ ସେ ଦିଗରେ ଦୃଢ ପଦକ୍ଷେପ ନେବାକୁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ସିଆଇଟିୟୁ ପକ୍ଷରୁ କୁହାଯାଇଛି। ବିଶେଷ କରି ନାଗରିକ ସଂଶୋଧନ ଆଇନକୁ ତୁରନ୍ତ ପ୍ରତ୍ୟାହାର ନେଇ ଦାବି କରାଯିବ ବୋଲି କୁହାଯାଇଛି। ଏମିତି ଏକାଧିକ ପ୍ରସଙ୍ଗ ନେଇ ରାଜଧାନୀରେ ଅନୁଷ୍ଠିତ ହେବାକୁ ଯାଉଥିବା ବିକ୍ଷୋଭ ଶୋଭାଯାତ୍ରାକୁ ସଫଳ କରିବାକୁ ସିଟୁ ପକ୍ଷରୁ ଡାକରା ଦିଆଯାଇଛି। ବୁଧବାର ସେକ୍ଟର ୧୬ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୟୁନିୟନ ପକ୍ଷରୁ ସଙ୍ଗଠନର ସର୍ବଭାରତୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ପ୍ରମୋଦ ସାମଲ, ବିପି ମହାପାତ୍ର, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ମହାନ୍ତି ଓ ରତ୍ନାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗିଆରେ ହାଣି ଯୁବକଙ୍କୁ ହତ୍ୟା

**ନୂଆଗାଁ, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ କୁଣ୍ଡୁରା ଗ୍ରାମ ଓରାମ ବସ୍ତିରେ ସୋମବାର ରାତି ପ୍ରାୟ ୯ଟାରେ ବଳରାମ ମିଞ୍ଜ (୬୫) ନାମକ ଜଣେ ବୃଦ୍ଧ ତାଙ୍କ ପଡୋଶୀ ଟେମ୍ପୁ ଓରାମ (୫୫)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଏନେଇ ହାତୀବାରି ଥାନାରେ ଅଭିଯୋଗ ହୋଇଛି। ଖବରପାଇ ସୋମବାର ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ନାଏକ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛନ୍ତି। ଏନେଇ ହାତୀବାରି ଥାନାରେ ଏକ ହତ୍ୟା ମାମଲା (ନଂ. ୨୨/୨୦) ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ପୋଲିସର ସୂଚନାମୁତାବକ ବଳରାମ ଓ ଟେମ୍ପୁ ଉଭୟେ ପଡୋଶୀ। ସୋମବାର ରାତିରେ କୋହଲା ପାଗ ଥିବାରୁ ଘର ଅଗଣାରେ ଟେମ୍ପୁ ନିଆଁଜାଳି ବସିଥିଲା । ଏହି ସମୟରେ ବଳରାମ ପଛପଟୁ ଆସି ଏକ ଟାଙ୍ଗିଆରେ ଟେମ୍ପୁଙ୍କୁ ଆକ୍ରମଣ କରିଥିଲେ। ଟେମ୍ପୁ ଚିତ୍କାର କରିବାରୁ ତାଙ୍କ ଘର ଲୋକେ ଓ ଆଖପାଖ ଲୋକମାନେ ଦୌଡି ଆସି ବଳରାମଙ୍କୁ କାବୁ କରିଥିଲେ ଓ ଟେମ୍ପୁଙ୍କୁ ସଙ୍ଗେ ସଙ୍ଗେ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ସେଠାରୁ ରାଉରକେଲା ସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ ହିଁ ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି । ପୋଲିସ କହିବାନୁଯାୟୀ ବଳରାମ ପୂର୍ବରୁ ମଧ ତାଙ୍କ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ୭ରୁ ୮ ବର୍ଷ ଜେଲରେ ଥିଲେ । ତାଙ୍କର ମସ୍ତିଷ୍କ ସାଧାରଣ ବିକୃତ ମଧ ରହିଥିବା କୁହାଯାଉଛି । ହେଲେ ସେ ମଦ୍ୟପାନ କଲେ ତାଙ୍କ ମସ୍ତିଷ୍କ ଅଧିକ ବିକୃତ ହେବାସହ ସେ ଉଗ୍ର ହୋଇ ଉଠନ୍ତି ଯାହାର ପରିଣାମ ସଦୃଶ୍ୟ ଗତ ସୋମବାର ରାତିରେ ଜଣେ ନୀରିହ ଲୋକଙ୍କୁ ହତ୍ୟାର ଶିକାର ହେବାକୁ ପଡିଛି।

## ବିଦ୍ୟୁତ୍ ସଂଯୋଗ କାଟିବାରୁ ଜନଅସନ୍ତୋଷ

**ବିଶ୍ରା, ୧୧।୩ (ଡି.ଏନ.ଏ)**

ବର୍ତ୍ତମାନ ବିଦ୍ୟୁତ ବିଭାଗ ଦ୍ୱାରା କଡାକଡି କରି ବିଦ୍ୟୁତ ବିଲ ଆଦାୟ କରାଯାଉଛି । ଯେଉଁ ଉପଭୋକ୍ତା ବିଦ୍ୟୁତ ବିଲ ପୈଠ କରିନାହାନ୍ତି ତାଙ୍କର ବିଦ୍ୟୁତ ସଂଯୋଗ କାଟି ଦିଆଯାଉଛି । କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି ଗ୍ରାମାଞ୍ଚଳ ଉପଭୋକ୍ତାମାନଙ୍କ କ୍ଷେତ୍ରରେ। ଗୋଟିଏ ଗ୍ରାମରେ ଦୁଇ ବା ତିନି ଜଣ ଉପଭୋକ୍ତା ବିଲ ପୈଠ ନ କରିଥିଲେ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଗ୍ରାମବାସୀ ଉପଭୋକ୍ତାଙ୍କ ସଂଯୋଗ କାଟି ଦେଉଛନ୍ତି ଟ୍ରାନ୍ସଫର୍ମରୁ। ଏମିତି ଦେଖାଯାଇ ଅଛି ବିଶ୍ରା ବ୍ଲକ ମନକୋ ପଞ୍ଚାୟତର ଚିରୁବେଡା, ହରିହରପୁର, ବଡରାମଲୋଇ, ସାନରାମଲୋଇ ଗ୍ରାମରେ । ଉକ୍ତ ଗ୍ରାମର ବିଦ୍ୟୁତ ସଂଯୋଗ ସମ୍ପୂର୍ଣ୍ଣ କାଟି ଦିଆଯାଇଛି । ଗତ ଏକ ସପ୍ତାହ ହେବ ଗ୍ରାମବାସୀ ଅନ୍ଧାରରେ ଅଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଯିଏ ବିଦ୍ୟୁତ ବିଲ ପୈଠ କରିନି ତାର ସଂଯୋଗ କଟାଯାଉ। ଯିଏ ବିଲ ପୈଠ ଠିକ ଭାବରେ ଦେଉଛି ତାର ସଂଯୋଗ କାହିଁକି କାଟି ଦିଆଯାଉଛି। ଏଣୁ ଜନସାଧାରଣଙ୍କ ଜନଅସନ୍ତୋଷ ବୃଦ୍ଧି ପାଉଛି ।

## ବରଙ୍ଗାକଛାର କଲେଜରେ ଆତ୍ମସୁରକ୍ଷା କୌଶଳ ତାଲିମ ଉଦ୍‌ଯାପିତ



ତାଲିମ ନେଇଥିବା ଛାତ୍ରୀଙ୍କ ସହିତ ଅଧାପିକା, ଅଧାପକ ଓ ତାଲିମଦାତା ।

**ବଡଗାଁ, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ସ୍ଥିତ ପଞ୍ଚାୟତ କଲେଜରେ ଛାତ୍ରୀମାନଙ୍କ ନେଇ ଚାଲିଥିବା ୧୨ ଦିବସୀୟ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଛି । ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧକ୍ଷ ନବୀନ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିଲେ । ସେ ପୁରଣ ଯୁଗରେ ନାରୀ ଭୂମିକାର ମହାନୀୟତା ଓ ସାମ୍ପ୍ରତିକ ସମାଜରେ ତାର ଦୟନୀୟ ସ୍ଥିତି ଉପରେ ଆଲୋଚନା ଉପସ୍ଥାପନ କରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମର ଉପଯୋଗିତା ଉପରେ ବୁଝାଇଥିଲେ । ଶିବିର ଅଧାପିକା କୁନି ପଟେଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ବେଳେ ପ୍ରଶିକ୍ଷିକା କରିସ୍ମା ସା ଓ ଲକ୍ଷ୍ମୀ ମହାକୁଳ ଛାତ୍ରୀଙ୍କୁ ତାଲିମ ଦେଇଥିଲେ । ଅଧାପିକା ରଞ୍ଜିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଶଙ୍କରା ବ୍ଲକସ୍ତରୀୟ ବିଜୁ ଜୟନ୍ତୀ

**ବାଲିଶଙ୍କରା, ୧୧।୩ (ଡି.ଏନ.ଏ)**

ବିଜୁ ଜନତା ଦଳ ପକ୍ଷରୁ ବାଲିଶଙ୍କରା ବ୍ଲକସ୍ତରୀୟ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ବିଭିନ୍ନ ବାଜାର ତାଳେ ତାଳେ ନୂତନ ରୂପେ ଚୟନହୋଇଥିବା ବ୍ଲକ ସଭାପତି କେଶବ ଚନ୍ଦ୍ର ରଣା ଏବଂ ଓଡିଶା ରାଜ୍ୟ ପରିଷଦ ମେମ୍ବର ଏମଡି ହାରନ ରସିଦଙ୍କୁ ସମ୍ବର୍ଦ୍ଧିତ କରି ପାଛୋଟି ଆଣିଥିଲେ । ଏହାପରେ ବ୍ଲକ ସଭାପତି କେଶବ ରଣାଙ୍କ ନେତୃତ୍ୱରେ ରାଜବଙ୍ଗଳା ଖେଳ ପଡିଆ ସଭାଗୃହରେ ବିଜୁ ବାବୁ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଥିଲା। ଉକ୍ତ ସମାରୋହ ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟ ପରିଷଦ ମେମ୍ବର ଏମଡି ହାରୁନ ରସିଦ ଯୋଗଦେଇଥିଲେ । ମୁଖ୍ୟଅତିଥି ହାରୁନ ରସିଦ ଉଦବୋଧନ ସମସ୍ତ କର୍ମୀମାନଙ୍କୁ ବିଜୁ ବାବୁଙ୍କ ବିଷୟରେ କହିଥିଲେ। ଜନହିତକର କାର୍ଯ୍ୟକୁ କିପରି ଲୋକଙ୍କ ପାଖରେ ପହଞ୍ଚାଇ ପାରିବା ସେ ନେଇ ଶପଥ ପାଠ କରିଥିଲେ। ଉକ୍ତ ସମାରୋହରେ ବ୍ଲକ ସଭାପତି କେଶବ ଚନ୍ଦ୍ର ରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଜଗଦିଶ କର, ରାଜକୁମାର ଶତପଥି, ବ୍ରଜମୋହନ ସାହୁ (ବିଚି), କପିଳେଶ୍ୱର ଦାନୀ, ରଞ୍ଜନ ବେସନ, ରଞ୍ଜନ ସିଂ, ଉପେନ୍ଦ୍ର ଚିତା, ଲମ୍ବୋଦର ସିଂହ, ଟଙ୍କଧର ସିଂହ, ସରୋଜ ଦାନ, ସୀତାରାମ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ସହଦେବ ପ୍ରଧାନ, ଅବଦୁଲ ହମିତ ମେମନ୍ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ୧୯ ପଞ୍ଚାୟତର ସଭାପତିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିତେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।


ବାଲିଶଙ୍କରା ବିଜେଡ଼ି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଉଛି।

## ବଣାଇରେ ଦୋଳ ମିଳନ ଓ ହୋଲିପର୍ବ

**ବଣାଇ, ୧୧।୩(ସ୍ୱ.ପ୍ର.)**

ଗତ ଦୁଇଦିନ ଧରି ବଣାଇ ଅଞ୍ଚଳରେ ପବିତ୍ର ଦୋଳ ମେଳଣ ଓ ହୋଲି ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିପାଇଁ ବଣାଇ ଅଞ୍ଚଳର ସହର ଠାରୁ ଆରମ୍ଭ କରି ପୁରପଲ୍ଲିରେ ଏହି ପର୍ବକୁ ଧୁମଧାମରେ ପାଳିତ ହୋଇଯାଇଛି। ବଣାଇର ପବିତ୍ର ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ କିଷାନ ଉନ୍ନୟନ ପରିଷଦ ପକ୍ଷରୁ ପାରମ୍ପାରିକ କିସାନ ନାଚ ପ୍ରଦର୍ଶନ କରାଯାଇଥିଲା। ଏଥିରେ କିଷାନ ସମାଜର ବହୁ ନୃତ୍ୟଦଳ ଭାଗନେଇ କିଷାନ ନାଚ ପରିବେଷଣ କରିଥିଲେ। ପରେ ବଣ୍ଡିହି ସ୍ଥିତ ବାବା ନାଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ କିଷାନ ସମାଜ ପକ୍ଷରୁ ଦୋଳ ମେଳଣ ଓ କିଷାନ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇ ରାଜା ସାହୋବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।


ବଣାଇ ଅଞ୍ଚଳରେ ଦୋଳ ମେଳଣ ଓ ହୋଲି ପର୍ବରେ ନୃତ୍ୟ ପରିବେଷଣ କରାଯାଉଛି।

ସେହିପରି ବାବା ବାଣେଶ୍ୱର ମନ୍ଦିରରେ କେନ୍ଦ୍ରିକଲା ଓ କନ୍ତଯୋଡି ଗ୍ରାମରୁ ରାଧାକୃଷ୍ଣଙ୍କୁ ବିମାନରେ ଆଣି ସେଠାରେ ହରିହର ଭେଟ କରିଥିଲେ। ପରେ କେନ୍ଦ୍ରିକଲା ଗ୍ରାମରେ ରାଧାକୃଷ୍ଣ ଠାକୁର ବିମାନରେ ଗ୍ରାମ ପରିକ୍ରମା କରିବା ପରେ ମଣ୍ଡପରେ ମହିଳା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ବାଉରକଳା, ରୁଗୁଡା ଓ କେନ୍ଦିକଳା ଦଳର ସମ୍ପ୍ରଦା ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ଗୋବିନ୍ଦପୁର, ବାଉରକଳା ଓ ପଣ୍ଡୁଆ ଗ୍ରାମର ବିମାନରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତୀକୁ ପୂଜାର୍ଚ୍ଚନା କରାଯାଇ ଗ୍ରାମ ପରିକ୍ରମା କରିଥିଲେ। ପରେ ହୋଲି ଉତ୍ସବ ଦିନ ଗୋବିନ୍ଦପୁର ବିଦ୍ୟାଳୟ ପଡିଆ ଠାରେ ଦୋଳ ମେଳଣ ହେବା ସହିତ ସମ୍ପ୍ରଦା ଓ କିସାନ ନାଚ ପରିବେଷଣ କରାଯାଇଥିଲା। ସେଠାରେ ମେଳଣପରେ ଉପସ୍ଥିତ ଜନସାଧାରଣ ପରସ୍ପରକୁ ରଙ୍ଗବୋଳି ହୋଲି ଉତ୍ସବ ମନାଇଥିଲେ। ସେହିପରି ବଣାଇଗଡ଼ ବସଷ୍ଟାଣ୍ଡ ସ୍ଥିତ ହନୁମାନ କମିଟି ପକ୍ଷରୁ ହୋଲି ମେଳଣ କରାଯିବା ସହ ପ୍ରଥମେ ରାଜ ଉଆସକୁ ଯାଇ ବଣାଇଁ ରାଜାଙ୍କୁ ରଙ୍ଗ ଓ ଅବିର ଲଗାଇବା ପରେ ଏହା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ପରେ ବଣାଇ କଲେଜ ଛକ ଠାରେ କମଳା କଲେକ୍ସନ ପକ୍ଷରୁ ରାସ୍ତା ଉପରେ ଦଧିହାଣ୍ଡି ଭାଙ୍ଗି ହୋଲିର ମଜା ନେଇଥିଲେ।

## ଶିଶୁ କନ୍ୟାକୁ ବଳାତ୍କାର ଅଭିଯୋଗ

କୁଆଁରମୁଣ୍ଡା, ୧୧।୩(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ମସଜିଦ ଗଳିରେ ମାଉସୀ ଘରେ ରହୁଥିବା ଜଣେ ଶିଶୁ କନ୍ୟା (୬)କୁ ବଳାତ୍କାର ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଛି। ବଳାତ୍କାର ଅଭିଯୁକ୍ତ କୁଆଁରମୁଣ୍ଡା ପାହାଡ଼ଟୋଲି ଅଞ୍ଚଳର କିଶୋର ତିର୍କୀ ଫେରାର୍ ହୋଇଯାଇଛନ୍ତି।

## ମାନସିକତା ପରିବର୍ତ୍ତନ ହେଲେ ସମାଜରେ ସଂସ୍କାର ଆସିବ

**ବେଦବ୍ୟାସ, ୧୧।୩ (ଡି.ଏନ.ଏ)**

**ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ଦିବସ**

ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ରାଜଗାଙ୍ଗପୁର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀ ଓ ଅଧାପିକା ପ୍ରିତିରେଖା ମିଶ୍ର ପ୍ରମୁଖ ପ୍ରଥମେ ବେଦମନ୍ତ୍ର ପାଠ କରିବା ସହିତ ଭାରତମାତାର ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସଭାପତି ଦାଶ ତାଙ୍କର ବକ୍ତବ୍ୟ ମାଧମରେ ପୁରୁଷ ଏବଂ ମହିଳା ମଧରେ କୌଣସି ପ୍ରଭେଦ ନାହିଁ। ମାନସିକତାର ପରିବର୍ତ୍ତନରେ ସମାଜର ସଂସ୍କାର ଆସିପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଉମାକାନ୍ତ ପଣ୍ଡା, ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ମଞ୍ଚାସୀନ ରହି ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରୀ ଅଲିସା ଅରୋଶିଖା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଯଜ୍ଞ: କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ

**ନୂଆଗାଁ, ୧୧।୩ (ଡି.ଏନ.ଏ)**


କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ ମୁହୂର୍ତ୍ତ।

ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଚଳିତବର୍ଷ ନୂଆଗାଁ ବ୍ଲକ ସୋରଡା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଅଧିବାସ ଥିବାବେଳେ ସୋମବାର ନାମଯଜ୍ଞ ଆରମ୍ଭ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ହୋଲି ଖେଳ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ବଣେଇ ଅଞ୍ଚଳ ସିହିଡିଆ, ମହୁଲଡିହା, ରିହଁ, ବାରିବେଡା, ଖୁଣ୍ଟଗାଁ ଆଦି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି ଉପଲକ୍ଷେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଯୋଗଦେଇ ଜଗନ୍ନାଥଙ୍କ ମାଉସୀ ଗୁଡି ମନ୍ଦିର ପ୍ରାଙ୍ଗଣରେ ଏକ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଫଣ୍ଡରୁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ଯୋଗୁ ସୋରଡା କୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୋରଡା କୀର୍ତ୍ତନ ମଣ୍ଡଳୀ ତଥା ଅଷ୍ଟପ୍ରହରୀ ନାମଯଜ୍ଞର ଆୟୋଜକ ବସନ୍ତ ତ୍ରିପାଠୀ, ମୁକେଶ ସାହୁ, ନରେଶ ପଣ୍ଡା, ଅଜିତ ତ୍ରିପାଠୀ, ବାସୁଦେବ ତ୍ରିପାଠୀ, ଟଙ୍କଧର ସାହୁ, ସୁଜିତ ପଣ୍ଡା, ବାସୁଦେବ ସାହୁ, ସଞ୍ଜୟ ତ୍ରିପାଠୀ, ବିଜୟ ତ୍ରିପାଠୀ, ବସନ୍ତ ସାହୁ, ଶିବନାରାୟଣ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଅଷ୍ଟପ୍ରହରୀ ନାମଯଜ୍ଞରେ ବହୁ ଭକ୍ତ ଯୋଗଦେଇ କମିଟିକୁ ଉତ୍ସାହିତ କରିବା ସହ ଦର୍ଶନ ଲାଭ କରିଥିଲେ।

# ମହିଳା ଅଧିକାର, ଅନ୍ୟ ପ୍ରସଙ୍ଗ ନେଇ ଭବ୍ୟ ସମାରୋହ

**ରାଉରକେଲା ଅଫିସ,୧୧।୩**

ଆଗକୁ ଆସୁଛି ରାଉରକେଲା ଇସ୍ପାତ କାରଖାନା ଶ୍ରମିକ ସଂଘ ସ୍ୱୀକୃତି ନିର୍ବାଚନ। ଏହା ପୂର୍ବରୁ ଅଧିକାଂଶ ଶ୍ରମିକ ସଙ୍ଗଠନ ନିଜ ଶକ୍ତି ପ୍ରଦର୍ଶନ ନେଇ ତତ୍ପରତା ଦେଖାଇଛି। ଗତ ୮ରେ ଗଲା ଅନ୍ତର୍ଜାତୀୟ ମହିଳା ଦିବସ। ଏହି ସୁଯୋଗକୁ ହାତ ଛଡା କରି ନ ଥିଲେ ରାଉରକେଲାର ବିଭିନ୍ନ ଟ୍ରେଡ ୟୁନିୟନ କର୍ମକର୍ତ୍ତା। ଏନେଇ ଆଇଏନଟିୟୁସି ଓଡିଶା ମହିଳା ଶାଖା ପକ୍ଷରୁ ସେକ୍ଟର- ୧୯ ସିଭିକ ସେଣ୍ଟରଠାରେ ଆୟୋଜନ କରାଯାଇଥିଲା ଏକ ଭବ୍ୟ ସମାରୋହ। ଏଥିରେ ଜାତୀୟ ସ୍ତରର ମହିଳା ନେତ୍ରୀଙ୍କ ସହ ରାଜ୍ୟ ନେତୃମଣ୍ଡଳୀ ଯୋଗ ଦେଇ ଦେଶର ମହିଳାଙ୍କ ସମସ୍ୟା ଓ ଏହାର ନିରାକରଣ ନେଇ ଆଲୋଚନା କରିଥିଲେ। ସମାନ ଢଙ୍ଗରେ ହିନ୍ଦ ମଜଦୁର ସଭା ପକ୍ଷରୁ ପାନ୍ଥ ନିବାସ ଠାରେ ଷ୍ଟିଲ ମେଟାଲ ଓ ଇଞ୍ଜିନିୟରିଂ ୱାର୍କର୍ସ ଫେଡେରେସନ ଅଫ ଇଣ୍ଡିଆ(ସ୍ମେଫି)ପକ୍ଷରୁ ଏକ ଜାତୀୟ ଆଲୋଚନା ସଭା ଆୟୋଜନ କରାଯାଇ ଥିଲା। ସ୍ୱୀକୃତିପ୍ରାପ୍ତ ୟୁନିୟନ ଭାରତୀୟ ମଜଦୁର ସଂଘ ପକ୍ଷରୁ ମଧ ଏହାର ନିଜସ୍ୱ କାର୍ଯ୍ୟାଳୟ ସେକ୍ଟର- ୪ ଠାରେ ମହିଳାଙ୍କୁ ନେଇ ଏକ ବିଶେଷ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ୩ ପ୍ରମୁଖ ୟୁନିୟନ ପକ୍ଷରୁ ଆୟୋଜିତ ସମାବେଶକୁ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ଏଥିରେ ଯୋଗ ଦେଇଥିବା ନେତୃମଣ୍ଡଳୀ ଦେଶ ତଥା ରାଜ୍ୟବ୍ୟାପି ମହିଳା ଓ ସାଧାରଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ନିଜ ସଙ୍ଗଠନକୁ ଏକତା ସୂତ୍ରରେ ବାନ୍ଧି ରଖିବା ଓ ମହିଳା ଶ୍ରମିକଙ୍କୁ ନିଜ ସପକ୍ଷରେ ନେବା ତଥା କର୍ମଜିବୀଙ୍କ ଅବହେଳା ଉପରେ ଆଲୋକପାତ କରାଯାଇଥିଲା। ସର୍ବୋପରି ରାଉରକେଲା ଶ୍ରମିକ ଶ୍ରେଣୀ ଉପରେ ନିଜ କର୍ତ୍ତୃତ୍ୱ ବିସ୍ତାର ନେଇ ଏଥିରେ ସୁଯୋଗ ସୃଷ୍ଟି ହୋଇଥିଲା। ସବୁ ସ୍ଥାନରେ ଭରପୁର ଗହଳି ରହିଥିଲା। ଖାଦ୍ୟ ପାନୀୟରେ କର୍ମକର୍ତ୍ତା, କର୍ମୀଙ୍କୁ ଆପ୍ୟାୟିତ କରାଯାଇଥିଲା। ଏହି ୩ ସଙ୍ଗଠନ ପକ୍ଷରୁ ଆୟୋଜିତ ଭବ୍ୟ ସମାରୋହ ଏକ ପ୍ରକାର ସଫଳ ହେବା କର୍ମକର୍ତ୍ତାଙ୍କୁ ଉତ୍ସାହିତ

**ଆଗକୁ ଆସିଲେ ସବୁ ଟ୍ରେଡ୍ ୟୁନିୟନ**

କରିଛି। ଖୁବ କମ ଦିନ ମଧ୍ୟରେ ଆର୍‌ଏସପି ଶ୍ରମିକ ସ୍ୱୀକୃତୀ ନିର୍ବାଚନ ନେଇ ତାରିଖ ଘୋଷଣା ହେବାକୁ ଯାଉଥିବାରୁ ଏସବୁ ସମାବେଶର ଗୁରୁତ୍ୱ ରହିଛି ବୋଲି ଆଲୋଚନା ହେଉଛି। ନିଜ ଜିତାପଟ ନେଇ ବିଭିନ୍ନ ଆଳରେ ୟୁନିୟନଗୁଡିକ ସୁଯୋଗ ହାତ ଛଡା କରୁ ନାହାଁନ୍ତି। ଆଗାମୀ ଦିନରେ ଏହି ଧାରାକୁ ଅବ୍ୟାହତ ରଖିବାକୁ ତଥାକଥିତ ୟୁନିୟନ ପକ୍ଷରୁ ଯୋଜନା କରାଯାଇଛି। ୟୁନିୟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି। ସ୍ୱୀକୃତିପ୍ରାପ୍ତ ୟୁନିୟନକୁ ପରାସ୍ତ କରିବାକୁ ବିରୋଧିଙ୍କ ସକ୍ରିୟ ଉଦ୍ୟମ ଆରମ୍ଭ ହୋଇ ଯାଇଥିବାରୁ ଚଳିତ ସ୍ୱୀକୃତି ନିର୍ବାଚନରେ ହାରଜିତ ନେଇ ମଧ ଅଙ୍କକଷା ଆରମ୍ଭ ହୋଇଗଲାଣି। ଏଣୁ ଏଥର ନିଜ ପତିଆରା ପ୍ରମାଣିତ କରିବାକୁ ରାଉରକେଲା ଶ୍ରମିକ ସଂଘ ସମାବେଶକୁ ଭାରତୀୟ ଆଇଏନଟିୟୁସି ମହିଳା ଶାଖା ସଭାନେତ୍ରୀ ଅଳକା ବଳରାମ ମୈତୀୟ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ଆଇଏନଟିୟୁସି କେନ୍ଦ୍ରୀୟ ସମ୍ପାଦିକା ଡିଏସ ପାନିକରଙ୍କ ଭଳି ନେତ୍ରୀଙ୍କୁ ନେଇ ସମାବେଶ ଆୟୋଜନ କରାଯାଇଥିଲା। ହିନ୍ଦ ମଜଦୁର ସଭା ସହବନ୍ଧିତ ରାଉରକେଲା ମଜଦୁର ସଭା (ଆରଏମଏସ) ଆନୁକୂଲ୍ୟରେ ଇସ୍ପାତ ଶିଳ୍ପରେ ମଜୁରି ବୃଦ୍ଧି ଓ ଅନ୍ୟ ଦାବି ନେଇ ଜାତୀୟ କାର୍ଯ୍ୟକାରିଣୀରେ ଫେଡେରେସନ ଅଧକ୍ଷ ଏଲସି ତ୍ୟାଗୀଙ୍କ ଭଳି ଶ୍ରମିକ ନେତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମେଫିର ସାଧାରଣ ସମ୍ପାଦକ ସଞ୍ଜୟ ଏଲ ବଡାବକର, ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସମେତ ରାଉରକେଲା କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ କାରଖାନା କର୍ମଚାର ସଂଘ (ବିଏମଏସ)ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିପେନ ଶର୍ମା, ହିମାଂଶୁ ବଳ, ବିବେକାନନ୍ଦ ମହାନ୍ତ ଓ ଗିରିଶ ମହାନ୍ତଙ୍କ ସମେତ ଅନ୍ୟ ଅତିଥିଗଣ ଉପସ୍ଥିତ ଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ପୋଲିସର ଚଢ଼ାଉ ମଦ ଜବତ, ୫ ଗିରଫ

ବ୍ରଜରାଜନଗର,୧୧।୩ (ଡି.ଏନ.ଏ.): ରାମପୁର ଫାଣ୍ଡି ପୋଲିସ ବୁଢ଼ିଆ କଲୋନୀ ଏବଂ କୁଣ୍ଡୋପାଲିରେ ଚଢ଼ାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହିତ ୫ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନେ ହେଲେ ନିବାସ ନାହାକ, ଡୁବୁଲି ଲୁହାର, କୁବେର ବଳିଆ, ନବଘନ ବଳିଆ, ଅଶୋକ କେୱଟ। ପୋଲିସ ଗିରଫ ଯୁବକଙ୍କ ନିକଟରୁ ୧୯୦ ବୋତଲ ବିଦେଶୀ ମଦ ସହ ୧୧୦ଟି ଦେଶୀ ମଦ ପାଉଚ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କଣ୍ଢେଇକେଲାରେ ମଦ ବିକ୍ରି ବନ୍ଦ ଦାବି

■ ମହିଳାଙ୍କ ଶୋଭାଯାତ୍ରା, ଫାଣ୍ଡିରେ ଅଭିଯୋଗ
■ ମହିଳାମାନେ କଣ୍ଢେଇକେଲା ଫାଣ୍ଡିରେ ଲିଖିତ ଦାବିପତ୍ର ପ୍ରଦାନ କରୁଛନ୍ତି

ଲଖନପୁର,୧୧।୩ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅଧୀନ କଣ୍ଢେଇକେଲା ଗ୍ରାମରେ ମଦ, ଗଞ୍ଜେଇ ସହ ଜୁଆ ଆଦି ବେଆଇନ କାର୍ଯ୍ୟ ଖୋଲମ୍‌ଖୋଲା ଚାଲିଛି। ଏଥିରେ ସମଗ୍ର ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ଏପରି କି ମହିଳାମାନେ ମଦୁଆଙ୍କ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଏନେଇ ପୂର୍ବରୁ ବିଭିନ୍ନ ସମୟରେ ଅବକାରୀ ବିଭାଗ, ପୋଲିସ ଓ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ପ୍ରତିଶ୍ରୁତି ମିଳୁଛି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ଗ୍ରାମର ମହିଳାମାନେ ଏକତ୍ରହୋଇ ମଦ, ଗଞ୍ଜେଇ ଓ ଜୁଆଖେଳ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଯାଜ୍ଞସେନୀ ଖଡିଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ସମୁଦାୟ ୧୪ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ ଉପସ୍ଥିତଥିଲେ। ଏଥିମଧ୍ୟରେ ସିତୟା, ଅନ୍ନପୂର୍ଣ୍ଣା, ପୂର୍ଣ୍ଣବାସୀ, ମା' ବିମଳା, ମା' ତାରିଣୀ, ମା' ବୀଣାପାଣି, ମା' ସରସ୍ୱତୀ, ମା' ସାରଦା, ମା' ବୈଷ୍ଣବୀ, ମା' ପାର୍ବତୀ, ମା' ସମଲେଇ, ମା' ତାରାତାରିଣୀ ଆଦି ଗ୍ରୁପ୍ ସାମିଲ ହୋଇଥିଲେ। ବୈଠକରେ ନିଷ୍ପତ୍ତି କ୍ରମେ ଗ୍ରାମରେ କେହି ମଦ, ଗଞ୍ଜେଇ ବିକ୍ରି କରିପାରିବେ ନାହିଁ । ଜୁଆ ଖେଳି ପାରିବେ ନାହିଁ। ଯଦି କେହି ଏଥିରେ ବ୍ୟତିକ୍ରମ କଲେ ମହିଳାମାନେ ଆଇନ୍‌କୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଶତାଧିକ ମହିଳା ହାତରେ ପ୍ଲାଗ୍‌କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମାକରି ଲୋକଙ୍କୁ ସଚେତନତା କରାଇଥିଲେ। ପରେ କଣ୍ଢେଇକେଲା ଫାଣ୍ଡିରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ। ଏପରି କି ମହିଳାମାନେ ଭାଟି ମାଲିକଙ୍କୁ ଭେଟି ଗ୍ରାମର ଯେମିତି କୌଣସି ବ୍ୟକ୍ତି ମଦ ବିକ୍ରି ନ କରିବେ ସେନେଇ ତାଗିଦ କରିଥିଲେ। ମଦଭାଟି ମାଲିକ ଗ୍ରାମର କାହାରିକୁ ବିକ୍ରି ପାଇଁ ମଦ ଦେବେ ନାହିଁ ବୋଲି ମହିଳାମାନଙ୍କ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

# ବିଭିନ୍ନ ଦାବି ନେଇ କେନ୍ଦୁପତ୍ର କର୍ମଚାରୀଙ୍କ ରାସ୍ତାରୋକୋ

ଝାରସୁଗୁଡ଼ା,୧୧।୩ (ଅଫିସ)

କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ବୁଧବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଅବରୋକୋ ଆନ୍ଦୋଳନ କରାଯାଇଥିଲା। ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଅଧୀନ କେନ୍ଦୁପତ୍ର ତୋଳାଳିମାନେ ଝାରସୁଗୁଡ଼ା ବିଟିଏମ୍ ବାଇପାସ୍ ଛକରେ ରାସ୍ତା ଅବରୋଧ କରିଥିଲେ। ଏଥିରେ ଜିଲାର ଶତାଧିକ କେନ୍ଦୁପତ୍ର ତୋଳାଳି ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି ପୂରଣ କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ଚେତାବନୀ ଦେଇଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ଦାବି ମୁତାବକ, ସିଜନାଲ କର୍ମଚାରରୀ ଏବଂ ୱାଚରଙ୍କ ତ୍ରୁଟିପୂର୍ଣ୍ଣ ଦରମାର ସଂଶୋଧନ, କେନ୍ଦୁପତ୍ର ତୋଳାଳିମାନଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ସହଯୋଗ ପ୍ରଦାନ, ଫଡିଘର, ରେଞ୍ଜ କାର୍ଯ୍ୟାଳୟ ଉଚ୍ଛେଦ ନ କରିବା, କେନ୍ଦୁପତ୍ର ବିକ୍ରି ନୀତି, ପରିଚାଳନା ଗତ ତ୍ରୁଟିକୁ ସଂଶୋଧନ କରିବା ଦାବି କରାଯାଇଥିଲା।

# ନିଶା କାରବାର ବୃଦ୍ଧି

ଝାରସୁଗୁଡ଼ା,୧୧।୩ (ଅଫିସ)

ଶିଳ୍ପ ନଗରୀ ଝାରସୁଗୁଡ଼ା ସହରରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଏବଂ ଅବକାରୀ ବିଭାଗର ଜାଣତରେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ବିଭାଗୀୟ କାର୍ଯ୍ୟ ଦକ୍ଷତା ପ୍ରତି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସହରରେ ବିଶେଷ କରି ଗଞ୍ଜେଇ, କୋରେକ୍ସ(କଫ ସିରପ)କୁ ବହୁଳ ମତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ମୁତାବକ ଝାରସୁଗୁଡ଼ା ସହରକୁ ସମ୍ବଲପୁର ଅଞ୍ଚଳରୁ କଫସିରପ ଏବଂ ନବରଙ୍ଗପୁର ଅଞ୍ଚଳରୁ ଗଞ୍ଜେଇ ଚାଲାଣ ହେଉଛି । ଗତ ରବିବାର ସହରର ମଙ୍ଗଳବଜାର ଅଞ୍ଚଳରୁ ୨୦୦ ବୋତଲ କଫ ସିରପ ଜବତ ହେବା ଏବଂ ନବରଙ୍ଗପୁର ଜିଲାରୁ ଝାରସୁଗୁଡ଼ାକୁ ଗଞ୍ଜେଇ ଚାଲାଣ ବେଳେ ଗତ ସପ୍ତାହରେ କଳାହାଣ୍ଡି ପୋଲିସ ଦ୍ୱାରା ୨ଜଣ ଯୁବକ ଧରାପଡିବା ଏହି ଘଟଣାକୁ ପ୍ରମାଣ କରୁଛି। ତେବେ ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ ନିଶା କାରବାରକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷେ ସହରର ଯୁବ ଗୋଷ୍ଠୀ ଏବଂ କଲେଜ ଛାତ୍ରମାନେ ନିଶା ପ୍ରତି ଆକୃଷ୍ଟ ହେଉଥିବାରୁ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: କୁଚିଣ୍ଡା ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରଫ

କୋଲାବିରା,୧୧।୩ (ଡି.ଏନ୍.ଏ.)

ଆୟ ବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତରେ ପଠାଇ ଦିଆଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ.୮/୨୦)ରୁଜୁ ହୋଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗତ ୬ ତାରିଖରେ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କ କୋଲାବିରାସ୍ଥିତ ତାଙ୍କ ପୈତୃକ ବାସଭବନ ସହ ୬ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ୧କୋଟି ୧୧ଲକ୍ଷ ୫୫ହଜାର ୮୯୮ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିଲେ।

# ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ଅଫିସ ଘେରାଉ

ବଲାଙ୍ଗୀର ଅଫିସ, ୧୧।୩



ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**୩୩ କେଭି ବିଦ୍ୟୁତ୍ ଲାଇନ୍ ସଂସ୍ପର୍ଶରେ ଆସି ଛାତ୍ର ମୃତ୍ୟୁ ଘଟଣା**

■ ଉପଯୁକ୍ତ କ୍ଷତିପୂରଣ ଦାବି କଲେ

ବଲାଙ୍ଗୀର ବିଦ୍ୟୁତ୍ ବିଭାଗର ଅପାରଗତା ଓ ଚରମ ଅବହେଳା କାରଣରୁ ଗତ ୭ ତାରିଖ ସରକାରୀ ଆଇଟିଆଇ ଛାତ୍ର ସୌମ୍ୟରଞ୍ଜନ ଭୋଇ (୧୯)ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ଅଭିଯୋଗ କରି ମୃତ ଛାତ୍ରଙ୍କ ପରିବାର ଓ ଗ୍ରାମବାସୀ ବୁଧବାର ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସ ଘେରାଉ କରିଥିଲେ । ମୃତକଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବା ଦାବି କରି ସେମାନେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଓ ତଦନ୍ତ ରିପୋର୍ଟ ଆସିଲା ପରେ ଉଚିତ୍ ପଦକ୍ଷେପ ନେବେ ବୋଲି ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକ କହିଥିଲେ। ସ୍ଥାନୀୟ ଚନ୍ଦ୍ରଶେଖର ନଗରସ୍ଥିତ ବେହେରା ଚାମ୍ବର ଠାରେ ଏକ ଭଡା ଘରେ ରହୁଥିବା ବଲାଙ୍ଗୀର ସରକାରୀ ଆଇଟିଆଇର ଦ୍ୱିତୀୟ ବର୍ଷ ଛାତ୍ର ସୌମ୍ୟରଞ୍ଜନ ଭୋଇ ଗତ ୭ ତାରିଖ ଗାଧୋଇ ସାରିବା ପରେ ତାଙ୍କ ଓଦା ପ୍ୟାଣ୍ଟ ଶୁଖାଇବାକୁ ଯିବାବେଳେ ସେହି କୋଠା ନିକଟ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କ ଶରୀର ୯୦ ଭାଗ ଅଂଶ ଜଳିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଭୋଇଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ପରେ ବୁର୍ଲା ଭୀମସାର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା । ସୁବର୍ଣ୍ଣପୁର ଜିଲା ତମାମୁରା ଗ୍ରାମର କନ୍ଦର୍ପ ଭୋଇଙ୍କ ପୁଅ ସୌମ୍ୟରଞ୍ଜନ ଏକ ଗରିବ ପରିବାର ଜଣେ ମେଧାବୀ ଛାତ୍ର ଥିଲେ । ଜଣେ ପ୍ରତିଭାବାନ୍ କବାଡି ଖେଳାଳୀ ଭାବେ ସେ ସୁନାମ ଅର୍ଜନ କରିଥିଲେ । ତାଙ୍କର ମୃତ୍ୟୁରେ ପରିବାରବର୍ଗ ମର୍ମାହତ ହୋଇପଡିଥିଲେ । ବିଦ୍ୟୁତ୍ ବିଭାଗ ଓ ବେହେରା ଚାମ୍ବର ମାଲିକଙ୍କ ଚରମ ଅବହେଳା କାରଣରୁ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରାଯାଇଛି । ବିଜେଡି ନେତା ପ୍ରଦୀପ ଗୁରୁଙ୍କ ନେତୃତ୍ୱରେ ମୃତ ସୌମ୍ୟରଞ୍ଜନଙ୍କ ପରିବାର ସଦସ୍ୟ, ତମାମୁରା ଗ୍ରାମର ବହୁ ବ୍ୟକ୍ତି ଓ ବଲାଙ୍ଗୀର କୁଳତା ସମାଜ ସଭାପତି ସୁରଥ ପ୍ରଧାନ, ଆଡଭୋକେଟ୍ ଶାନ୍ତନୁ କୁମାର ଭୋଇଙ୍କ ସହ ବିଭିନ୍ନ ସଙ୍ଗଠନ ପ୍ରତିନିଧିମାନେ ବୁଧବାର ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ଯାଇ ଘେରାଉ କରିଥିଲେ । ମୃତକଙ୍କ ଗରିବ ପରିବାରକୁ ତୁରନ୍ତ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ । ଏହା ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟିବା ସହ ଜିଲାପାଳଙ୍କୁ ମଧ୍ୟ ଭେଟି ମୃତ ଛାତ୍ରଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ଗତ ୮ ତାରିଖ ଦିନ ୱେସ୍କୋ ବିଭାଗ, ବେହେରା ଚାମ୍ବର ମାଲିକଙ୍କ ବିରୋଧରେ ଟାଉନ୍ ଥାନାରେ ମଧ୍ୟ ଅଭିଯୋଗ କରାଯାଇ ଘଟଣାର ଉଚିତ୍ ତଦନ୍ତ କରି ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ୱେସ୍କୋ ବିଭାଗ ଓ ବେହେରା ଚାମ୍ବର ମାଲିକଙ୍କ ଅବହେଳା ଯୋଗୁଁ ଏହି ଗୋଟିଏ ସ୍ଥାନରେ ୩ଜଣ ଯୁବକଙ୍କ ମୃତ୍ୟୁ ହୋଇସାରିଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

# କମେଣ୍ଟ ମରାରୁ ଛୁରାମାଡ଼, ଯୁବକଙ୍କ ମୃତ୍ୟୁ

ବ୍ରଜରାଜନଗର,୧୧।୩ (ଡି.ଏନ.ଏ.)

**ଅଭିଯୁକ୍ତଙ୍କୁ ଧରି ଅଭିଯୁକ୍ତ ଅଟକ**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ରାମପୁର ରୋଡରେ କମେଣ୍ଟ ମରାକୁ କେନ୍ଦ୍ରକରି ଛୁରାମାଡରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଜୟ ପ୍ରଧାନ(୧୯)। ପୋଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବ୍ରିଜଲାଲ ଯାଦବ(୨୨)ଙ୍କୁ ଧରି ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଅଜୟ ପ୍ରଧାନ(୧୯) ରାମପୁର ରୋଡରେ ମଙ୍ଗଳବାର ସଞ୍ଜୟ ଗ୍ୟାରେଜରେ ସାଙ୍ଗମାନଙ୍କ ସହିତ ବସିଥିଲେ। ସେତିକିବେଳେ ଅଜୟଙ୍କ ଜଣେ ସାଙ୍ଗ ବ୍ରିଜଲାଲ ଯାଦବ(୨୨)ଙ୍କ ଭଉଣୀଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ବ୍ରିଜଲାଲ ବିରୋଧ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବ୍ରିଜଲାଲ ଉତ୍‌କ୍ଷିପ୍ତ ହୋଇ ପାଖରେ ଥିବା ଘରୁ ଏକ ଛୁରି ଆଣି ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିବାକୁ ଆସିଥିଲେ। ସେତିକିବେଳେ ଅଜୟ ସେମାନଙ୍କୁ ବୁଝାଶୁଝା କରୁଥିଲେ। ଏଥିରେ ବିଜ୍ରଲାଲ କ୍ରୋଧ ସମ୍ଭାଳି ନ ପାରି ଅଜୟଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ଅଜୟଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ସାଙ୍ଗମାନେ ଅଜୟଙ୍କୁ ଏକ ବାଇକ୍‌ରେ ଧରି ମଣ୍ଡଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଜୟଙ୍କ ଘର ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରେ। ଖବର ପାଇ ବ୍ରଜରାଜନଗର ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ବୁଧବାର ଅପରାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

# ଅର୍ଡାରେ ଦୋଳଯାତ୍ରା

କିର୍ମିରା,୧୧।୩ (ଡି.ଏନ.ଏ.)

ଝାରସୁଗୁଡା ଜିଲା ଅନ୍ତର୍ଗତ ଅର୍ଡା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ସହ ଦୋଳଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯାତ୍ରା ପାଇଁ ୫ ତାରିଖରେ କଳସ ଯାତ୍ରା, ୬ ତାରିଖ ନାମ ଆରମ୍ଭ ଏବଂ ୮ ତାରିଖରେ ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଏଥିରେ ଜଗନ୍ନାଥ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ସୁଶିଳ ପୂଜାରୀ ଏବଂ ଭୂଜ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ଅର୍ଡା, ବନ୍ଧପାଲି, ସିଆଲରମା, କଙ୍କରାମୁଣ୍ଡା, ପନଖିପଡ଼ା, ଜାମକାନି, ଧୁତୁରା ସମେତ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ । ସୋମବାର ଦୋଳପୂର୍ଣ୍ଣିମା ଅବସରରେ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ସାମୁହିକ ହୋଲି ଖେଳ ହୋଇଥିଲା। ଅର୍ଡା ଦୋଳଯାତ୍ରା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକାଙ୍କ ଆତ୍ମହତ୍ୟା

ଖପ୍ରାଖୋଲ ୧୧।୩ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କଟାପାଲି ଗାଁର ଜଣେ ନାବାଳିକା ବୁଧବାର ବେକରେ ରଶି ଲଗାଇ ଅତ୍ମହତ୍ୟା କରିଛନ୍ତି। ନାବାଳିକା ଜଣକ ବୁଧବାର ମଧ୍ୟାହ୍ନରେ ନିଜ ଘର ଭିତର ପଟୁ କବାଟ ଦେଇଥିଲେ। ଦୀର୍ଘ ସମୟ ଧରି ସେ କବାଟ ଖୋଲି ନ ଥିଲେ। ଫଳରେ ପରିବାର ଲୋକ କବାଟ ତାଡି ଭିତରକୁ ଗଲା ପରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ନେବା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବିଜେଡି ରାଜ୍ୟ ସଭା ପ୍ରାର୍ଥୀଙ୍କ ସତ୍ୟପାଠ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଚଳିତ ରାଜ୍ୟ ସଭା ପାଇଁ ବୁଧବାର ବିଜେଡିର ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହି ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ନିଜର ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଆଦି ଉଲ୍ଲେଖ କରିଛନ୍ତି। ସତ୍ୟପାଠରୁ ମିଳିଥିବା ସୂଚନା ଅନୁଯାୟୀ ସୁଜିତଙ୍କ ନିକଟରେ ମୋଟ ୧.୧୦ କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ସେ ଆମେରିକାର ହାର୍ବାର୍ଡ ୟୁନିଭରସିଟିରୁ ପବ୍ଲିକ ଆଡମିନିଷ୍ଟ୍ରେଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ସୁଜିତଙ୍କ ନିକଟରେ ୧୫.୧୭ ଲକ୍ଷ ଟଙ୍କାର ବ୍ୟାଙ୍କ ବାଲାନ୍ସ ଥିବା ବେଳେ ତାଙ୍କ ନାମରେ ୭୪.୯୪ ଲକ୍ଷ ଟଙ୍କାର ଋଣ ରହିଛି। ସେହିପରି ଶ୍ରମିକ ନେତା ସୁବାସ ସିଂଙ୍କୁ ବିଜେଡି ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଛି। ତାଙ୍କର ମୋଟ ୨୩.୩୭ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ସୁବାସ ରାଜନୀତି ବିଜ୍ଞାନରେ ସ୍ନାତକୋତର ଡିଗ୍ରୀ ହାସଲ କରିଥିବା ବେଳେ ଆଇନରେ ମଧ୍ୟ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ନାମରେ ୧୧ଟି ମାମଲା ବିଚାରାଧୀନ ରହିଥିବା ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ମୁନ୍ନା ଖାଁଙ୍କ ନିକଟରେ ମୋଟ ୩୨.୯୫ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ନାମରେ ୧୪ ଲକ୍ଷ ଟଙ୍କାର ଋଣ ରହିଛି। ୧୯୮୩ ମସିହାରେ ସେ ଆନ୍ଧ୍ର ମାଟ୍ରିକ ପାସ କରିଛନ୍ତି ବୋଲି ସେ ତାଙ୍କ ସତ୍ୟପାଠାରେ ଉଲ୍ଲେଖ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରୁ ରାଜ୍ୟ ସଭା ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ମମତା ମହାନ୍ତଙ୍କ ନାମରେ ୨୫.୦୩ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ ବୋଲି ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ।

# ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

ଲଖନପୁର,୧୧।୩ (ଡି.ଏନ୍.ଏ.)



ନିଆଁଲାଗି ଜଳିଯାଇଥିବା ସ୍କୁଟି, ବାଇକ୍।

■ ଜଳିଗଲା ୩ ବାଇକ, ଗୋଟିଏ ସ୍କୁଟି
■ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ କର୍ମଚାରୀଙ୍କ ପରିବାର

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧୀନ ବନ୍ଧବାହାଲ ଆଇବି କଲୋନୀ ଆପାର୍ଟମେଣ୍ଟରେ ସୋମବାର ବିଦ୍ୟୁତ୍ ସର୍ଟ୍‌ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଏମ୍‌ସିଏଲ୍ କର୍ମଚାରୀ ପ୍ରସନ୍ନ କାଲୋଙ୍କ ଏକ ସ୍କୁଟି(ନଂ.ଓଡି ୨୩ଏଚ୍ ୪୫୩୩), ବିଜୟ ସିଂହ ଠାକୁରଙ୍କ ୨ଟି ବାଇକ୍(ନଂ.ଓଆର୍ ୧୫ଜେ ୬୦୬୫ ଏବଂଓଆର୍ ୨୩ଡି ୭୩୭୫) ଏବଂ ମନୋଜ ସାହୁଙ୍କ ଏକ ବାଇକ୍(ନଂ.ଓଆର୍ ୨୩ ସି ୫୧୨୪) ପୋଡି ଯାଇଛି। ଅଗ୍ନିକାଣ୍ଡ ୩ ମହଲା ଆପାର୍ଟମେଣ୍ଟର ତଳ ସିଡିରେ ହୋଇଥିଲା। ହେଲେ କର୍ମଚାରୀଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଏକ ବଡଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଫଳରେ ୩ ମହଲା ଆପାର୍ଟମେଣ୍ଟରେ ରହୁଥିବା କର୍ମଚାରୀଙ୍କ ପରିବାର ଅଳ୍ପକେ ରକ୍ଷା ପାଇଛନ୍ତି। ଏଭଳି ଘଟଣାପରେ କଲୋନୀବାସୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଏନେଇ କର୍ମଚାରୀମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବରପାଇ ବନ୍ଧବାହାଲ ଫାଣ୍ଡି ପୋଲିସ୍, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଂଗଠନ କର୍ମକର୍ତ୍ତା ଘଟଣାସ୍ଥଳରେ ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ଶ୍ରମିକ ସଂଗଠନମାନେ ବିଭାଗୀୟ ଅଧିକାରୀଙ୍କ ଅପାରଗତାକୁ ଦାୟୀକରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। କମ୍ପାନୀ ପକ୍ଷରୁ ଯୁଦ୍ଧକାଳୀନ ମଧ୍ୟରେ ଆପାର୍ଟମେଣ୍ଟରେ ଜଳିଯାଇଥିବା ବିଦ୍ୟୁତ୍ ବୋର୍ଡ, ମେନ୍‌ସୁଇଚ୍, ତାର ଆଦି ଲଗାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ସୂଚନା ଯୋଗ୍ୟ ନିଆଁ ଲାଗିଥିବା ୩ ମହଲା ଆପାର୍ଟମେଣ୍ଟରେ ୩୨୮ନମ୍ବରରୁ ୩୩୮ନମ୍ବର ପର୍ଯ୍ୟନ୍ତ କ୍ୱାର୍ଟରସ୍ ରହିଛି। ଏହିସବୁ ଆପାର୍ଟମେଣ୍ଟରେ ଅଗ୍ନିନିର୍ବାପକ ସୁରକ୍ଷା ବ୍ୟବସ୍ଥା ନାହିଁ । ନିଆଁ ଲାଗିଥିବା ଆପାର୍ଟମେଣ୍ଟକୁ ଅଗ୍ନିଶମ ଗାଡି ଯିବାପାଇଁ ରାସ୍ତା ନାହିଁ । ଏ ନେଇ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏନେଇ କମ୍ପାନୀ ସେଫ୍ଟିଅଫିସର ମାୟାଶଙ୍କର ପାଣ୍ଡେଙ୍କୁ ପଚାରିବାରୁ କଲୋନୀ କ୍ୱାର୍ଟରସ୍‌ରେ ରହୁଥିବା କର୍ମଚାରୀମାନେ ହିଟ୍‌ର ବ୍ୟବହାର କରୁଛନ୍ତି। ଫଳରେ ଅଧିକ ଲୋଡ୍‌ରେ ଏଭଳି ହୋଇଛି। ଏହାକୁ କର୍ମଚାରୀମାନେ ଅସ୍ୱିକାର କରି କହିଛନ୍ତି କ୍ୱାର୍ଟରସ୍‌ରେ ପୁରୁଣା ବିଦ୍ୟୁତ୍ ସରଞ୍ଜାମ ଲାଗିଛି ଯାହାଫଳରେ ଅନେକ ସମୟରେ ସମସ୍ୟା ଦେଖାଦେଉଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କମ୍ପାନୀ ପକ୍ଷରୁ ଏହାର କୌଣସି ପ୍ରତିକାର କରାଯାଉ ନ ଥିବା କର୍ମଚାରୀମାନେ ଅଭିଯୋଗ ହେଉଛି । ଗତ ସୋମବାର ଭୋର ୪ଟା ସମୟ । ଏତିକିବେଳେ ଆପାର୍ଟମେଣ୍ଟ ତଳୁ ପ୍ରବଳମାତ୍ରାରେ ଧୂଆଁ ବାହାରି ଉପରକୁ ଉଠିଥିଲା। ଫଳରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଅଣନିଶ୍ୱାସୀ ହୋଇପଡିଥିଲେ । କବାଟ ଖୋଲି ଦେଖିଲା ବେଳକୁ ସିଡି ତଳେ ନିଆଁ ଲାଗି ଯାଇଥିବା ଦେଖବାକୁ ମିଳିଥିଲା। ପରେ କର୍ମଚାରମାନେ ନିଆଁକୁ ଆୟତ୍ତ କରିଥିଲେ।

# ବିଭିନ୍ନ ସ୍ଥାନରେ ମାଓବାଦୀ ପୋଷ୍ଟର

ଲାଞ୍ଜିଗଡ଼,୧୧।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଘାଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ମାରିଛନ୍ତି। ସୂଚନାନୁଯାୟୀ, ବ୍ଲକର ଦମାଘାଟି ଛକ, ବେନଗାଁ ଓ ବିଜେପୁର ଥାନା ବଙ୍କାକୁଣ୍ଡୁ ଛକ ନିକଟରେ ମାଓବାଦୀ ପୋଷ୍ଟର ଲାଗିଛି । ପୋଷ୍ଟରରେ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚେତାବନୀ ଦିଆଯାଇଥିବା ବେଳେ ଦୁଇଚକିଆ ଓ ଚାରିଚକିଆ ଯାନ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲୋକଙ୍କୁ ହଇରାଣ କରାଯାଉଛି। ସକାଳ ୯ଟାରୁ ରାତି ୧୦ଟା ଯାଏଁ ଆର୍‌ଟିଓ କାର୍ଯ୍ୟାଳୟରେ ଭିଡ ରହୁଛି। ପ୍ରତ୍ୟେକ ପଞ୍ଚାୟତରେ ଆର୍‌ଟିଓ କ୍ୟାମ୍ପ୍ ଖୋଲାଯାଉ ଓ ସମସ୍ତଙ୍କ ଡ୍ରାଇଭିଂ ଲାଇସେନ୍ସ କରାଯାଉ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ସେହିପରି ବେନ୍‌ଗାଁରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତାକୁ ମାଓବାଦୀମାନେ ତୀବ୍ର ବିରୋଧ କରିଛନ୍ତି । ଏହି ରାସ୍ତାରେ କାମ କରୁଥିବା ମହିଳା ଓ ପୁରୁଷମାନଙ୍କୁ କମ୍ ମଜୁରି ଦିଆଯାଉଛି ।

# ଟ୍ରେନ୍‌ରୁ ଜାଳେଣି କାଠ, ପଟା ଜବତ

ଟିଟିଲାଗଡ, ୧୧।୩ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରୁ ଆରପିଏଫ ପକ୍ଷରୁ ଜୁନାଗଡ-ରାୟପୁର ପାସେଞ୍ଜର ଟ୍ରେନରେ ଚଢାଉ କରାଯାଇ କାଠ ଏବଂ ପଟା ଜବତ କରାଯାଇଛି। ଆରପିଏଫ ପୋଷ୍ଟକମାଣ୍ଡର ଏମ.ଏସ.କୁମାୱତଙ୍କ ସୂଚନାକ୍ରମେ ରାୟପୁର ପାସେଞ୍ଜରରେ କାଠ ଚାଲାଣ ହେଉଥିବା ଖବର ମିଳିବା ପରେ ସିଆଇବି ଏଏସଆଇ ପି.ଏନ. ଭାଟିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଟ୍ରେନ ଟିଟିଲାଗଡ ଷ୍ଟେଶନର ପ୍ଲାଟଫର୍ମ ନମ୍ବର ୧ରେ ପହଞ୍ଚିବା ପରେ ଉକ୍ତ ଟିମ୍ ଚଢାଉ କରିଥିଲା। ମୋଟ ୪୫୦ବଣ୍ଡଲ ଜାଳେଣି କାଠ ସହ ୬ଖଣ୍ଡ ସାଲ ପଟା ଜବତ କରାଯାଇଥିଲା। ପରେ ଆରପିଏଫ ପକ୍ଷରୁ ଟିଟିଲାଗଡ ବନ ବିଭାଗ ରେଞ୍ଜ ଅଧିକାରୀଙ୍କୁ ସୂଚିତ କରାଯିବା ପରେ ଟିଟିଲାଗଡ ଫରେଷ୍ଟର ବୃନ୍ଦାବନ କୁମ୍ଭାର ସେଠାରେ ପହଞ୍ଚି ଜବତ କାଠକୁ ନିଜ ହେପାଜତକୁ ନେଇଥିଲେ।

# ବ୍ୟବସାୟୀଙ୍କଠାରୁ ଲୁଟିନେଲେ ଟଙ୍କା, ସୁନାଚେନ୍

ବଙ୍ଗୋମୁଣ୍ଡା,୧୧।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା କନାବିରା ଛକରେ ଜଣେ କଂସାବାସନ ବ୍ୟବସାୟୀ ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଗୋଟିଏ ବାଇକରେ ଆସି ଦୁଇଜଣ ଦୁର୍ବୃତ୍ତ ତାଙ୍କଠାରୁ ୧୨ହଜାର ଟଙ୍କା ସହ ଏକ ସୁନା ଚେନ ଓ ମୋବାଇଲ ଲୁଟିନେଇଛନ୍ତି। ଲୁଟ୍‌ର ଶିକାର ବ୍ୟବସାୟୀ ସିନ୍ଧେକେଲାର ସନାତନ ସାହୁ ଏ ନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ସନାତନ କଣ୍ଟାବାଞ୍ଜିରୁ ବାଇକରେ ନିଜ ଘରକୁ ଫେରୁଥିଲେ। ବଙ୍ଗୋମୁଣ୍ଡାରେ କେତେକ ଗ୍ରାହକଠାରୁ ଟଙ୍କା ନେଇ ଯାଉଥିବା ବେଳେ ଏପରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ବଙ୍ଗୋମୁଣ୍ଡା ଥାନା ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି ।



ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପପଙ୍ଗାରେ ନାମଯଜ୍ଞ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ପପଙ୍ଗାରେରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଦୋଳ ପୂର୍ଣ୍ଣିମା ଦିନ ଉଦଯାପିତ ହୋଇଛି। ଏଥିରେ ବାଘପାଲି, ରିଝେଇପାଲି,ଚିଚିଣ୍ଡା, ମହୁଲପାଲି, ଭେଡ଼େନ, ଅପାମରା, ଆମ୍ବଷଡ଼ା ଓ ନଅଗାଁର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଲକ୍ଷ୍ମୀନାରାୟଣ ହୋତା ଓ ମୀନାକ୍ଷୀ ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

### ଶିବ ପାର୍ବତୀଙ୍କ ବିଗ୍ରହ ସ୍ଥାପିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେଶମ ଗ୍ରାମପଞ୍ଚାୟତର ସିଂହେନପାଲିରେ ନୂତନ ଶିବ ପାର୍ବତୀ ବିଗ୍ରହ ସ୍ଥାପନ ଦୋଳ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଛି। ଏଥିପାଇଁ ବିଭିନ୍ନ ଦିବସରେ କଳସ ଅଧିବାସ, ଅଷ୍ଟପ୍ରହର ନାମଯଜ୍ଞ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ପ୍ରବଚକ ଦୀପ୍ତି ସିଂଙ୍କ ପ୍ରବଚନ ଓ ବସେଇକେଲା ଓ ପିପିଲିପାଲିର ମହିଳା ସଂକୀର୍ତ୍ତନ ପରିବେଷିତ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଷୋହଳ ପ୍ରହର ନାମଯଜ୍ଞ ହୋଇଥିଲା। ଯଜ୍ଞରେ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଥିବା ବେଳେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ, ଚନ୍ଦ୍ରଶେଖର ମିଶ୍ର ପୂଜକ ଥିଲେ । ଏହି ଯଜ୍ଞରେ ସରମସିଂ, ଝେଙ୍ଗନାଡିହି, ବିଜାଡିହି ଗାଁର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ସଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଚୁନୁଲାଲ ଝଗରା, ଜଗଦୀଶ ନାଏକ, ରାଜିମ ସଗରଙ୍କ ସମେତ ଜୟ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସହଯୋଗ କରିଥିଲେ ।

### ସନ୍ତରଣରାଣୀ ପ୍ରତ୍ୟାଶାଙ୍କୁ ସମ୍ବର୍ଦ୍ଧନା

ଝାରବନ୍ଧ, ୧୧।୩ (ଡି.ଏନ.ଏ)
ଓଡିଶା ପାଇଁ ସନ୍ତରଣରେ ଅନେକ ପଦକ ଆଣିଥିବା ସନ୍ତରଣରାଣୀ ପ୍ରତ୍ୟାଶା ରାୟଙ୍କୁ ନିଜ ଗାଁରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ଖେଲୋ ଇଣ୍ଡିଆରେ ଭାଗ ନେଇ ସ ତିନିଟି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ହୋଲି ଅବସରରେ ନିଜ ଗାଁ ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ସରଗୁର ଗାଁରେ ପରେ ଗାଁ ଲୋକ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ । ପ୍ରତ୍ୟେକ ଘର ସମ୍ମୁଖରେ ଦୀପ ଜାଳି ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରତ୍ୟାଶାଙ୍କ ପିତା ରଜତ କୁମାର ରାୟ ବର୍ତ୍ତମାନ ଭୁବନେଶ୍ୱରରେ ପୋଲିସ ଚାକିରୀ କରୁଥିବାରୁ ସେ ଭୁବନେଶ୍ୱରରେ ରହୁଛନ୍ତି। ଆଗାମୀ ଦିନରେ ଅଲମ୍ପିକରେ ଅଂଶଗ୍ରହଣ କରିବାକୁ ଆଶା ରଖିଥିବା ପ୍ରତ୍ୟାଶା କହିଛନ୍ତି ।

# ପ୍ୟାକ୍ସରୁ ତାଲା ଖୋଲିଲେ ଚାଷୀ

ବରଗଡ଼ ଅଫିସ୍,୧୧।୩

ପଞ୍ଜୀକରଣ ଅବ୍ୟବସ୍ଥାକୁ ନେଇ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ତୋରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଫିସରେ ଗତ ୭ତାରିଖରେ ଅଞ୍ଚଳର ଚାଷୀମାନେ ତାଲା ପକାଇ ଦେଇ ଧାରଣା ଦେଇଥିଲେ। ଫଳରେ ପ୍ୟାକ୍ସ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ସବ୍ୟସାଚୀ ପଣ୍ଡା, ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ଭେସ୍ରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ସମେତ ସମବାୟ ବିଭାଗର ଅଧିକାରୀ ଆନ୍ଦୋଳନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ଚାଷୀଙ୍କ ଦାବିକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଛି। ଏହାସହିତ ସେ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବଙ୍କୁ ଅବଗତ କରାଯାଇଛି ଏବଂ ତୁରନ୍ତ ସେହି ସମସ୍ୟାର ସମାଧାନ ହୋଇଯିବ ବୋଲି ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ



ଆନ୍ଦୋଳନସ୍ଥଳରେ ସରକାରୀ ଅଧିକାରୀବୃନ୍ଦ ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି ।

**ଚାଷୀ ପଞ୍ଜୀକରଣ ନେଇ ଅସନ୍ତୋଷ ଘଟଣା**

ତାଲା ଖୋଲିଥିଲେ ଏବଂ ପୂର୍ବବତ୍ ପ୍ୟାକ୍ସ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା ।

ପ୍ରକାଶ ଯେ, ପଞ୍ଜୀକରଣ ହୋଇ ନ ପାରିବାରୁ ତୋରା ପ୍ୟାକ୍ସ ଅଧୀନରେ ରହିଥିବା ୫୬ଜଣ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ ଏହି ପ୍ୟାକ୍ସ ଅଧୀନରେ ଚାଷୀଙ୍କ ୧୭୧ଏକର ୬୫ଡେସିମିଲ ପତିତ, ବର୍ଚ୍ଛା ଜମି ରହିଛି। ତାକୁ ପତିତ, ବର୍ଚ୍ଛା ଭାବେ ଦର୍ଶାଯାଉଥିଲେ ସୁଦ୍ଧା ଚାଷୀମାନେ ସେହି ଜମିରେ ଚାଷ କରି ଧାନ ଅମଳ କରି ଆସୁଛନ୍ତି । ମାତ୍ର ଚାଷୀ ପଞ୍ଜୀକରଣ ସମୟରେ ସେହି କିସମର ଜମିକୁ ବାଦ୍ ଦିଆଯାଉ ଥିବା ଯୋଗୁ ଚାଷୀମାନେ ଅମଳ ଧାନକୁ ବିକି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଚାଷୀମାନେ ଗତ ୭ତାରିଖରୁ ପ୍ୟାକ୍ସ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲେ । ଚାଷୀନେତା ଲକ୍ଷ୍ମଣ ନନ୍ଦ, ବିଶ୍ୱନାଥ ସାହୁ, ଭୁବନେଶ୍ୱର ସାହୁ, ରମେଶ ମହାପାତ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଯୁବକ ମୃତ, ୩ ଗୁରୁତର

ଗଣ୍ଡତୁରୁମ, ୧୧।୩ (ଡି.ଏନ.ଏ)
ଗୋଡଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମ ନିକଟରେ ମଙ୍ଗଳବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ (୨୫) । ଏହି ଦୁର୍ଘଟଣାରେ ଅନ୍ୟ ତିନି ଜଣ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ମଧ୍ୟାହ୍ନରେ ସୋନପୁର ନନ୍ଦନମାଳ ଗ୍ରାମର ପ୍ରକାଶ ବିଶି (୩୫) ଏବଂ ଭାଙ୍ଗକୁଦ ଗ୍ରାମର ପବିତ୍ର ହଂସ ଏକ ବାଇକ୍ (ନଂ.ଓଡି୩୧ଏଫ/୬୧୬୩) ଯୋଗେ ସୋନପୁର ଆଡୁ ଗୋଡଭଗାକୁ ଯାଉଥିଲେ । ଏତି ସମୟରେ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଆର୧୫ଏମ/୬୯୨୦) ସହିତ ସେମାନଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳର ପବିତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ଓ ବାଇକ ଜବତ କରିବା ସହିତ ଗୁରୁତର ଆହତମାନଙ୍କୁ ବୁର୍ଲା ପଠାଇଥିଲା । ଏ ନେଇ ରୁଷୁଡା ଫାଣ୍ଡିରେ ଏକ ମାମଲା (ନଂ.୪୫/୨୦) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ଗଣେଷ ପ୍ରସାଦ କଲେତ କହିଛନ୍ତି ।

## ବାବାମଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର, ୧୧।୩ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଡୁଙ୍ଗୁରିପାଲି ସ୍ଥିତ ବାବା ମଠରେ ଶ୍ରୀମଦ ସଂକୀର୍ତ୍ତନ ଦାସ ଏବଂ ଶ୍ରୀମଦ ବନବାସୀ ଦାସଙ୍କ ତତ୍ତ୍ୱାବଧାନରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋରନ୍ଦା ମଠର ଶ୍ରୀମଦ ବସନ୍ତ ଦାସ, ଗଡଫୁଲଝର ମଠର ଶ୍ରୀମଦ ସୌକିଲାଲ ଦାସ, କଟଙ୍ଗତରାଇ ମଠର ଶ୍ରୀମଦ ସୁଦର୍ଶନ ଦାସ, ଛତିଶଗଡ ବୁହାରିପାଣି ମଠର ଶ୍ରୀମଦ ରାମାନନ୍ଦ ଦାସ, ଜଗଦଲପୁରର ଶ୍ରୀମଦ୍ ବଳରାମ ଦାସ, ଅଧ୍ୟାପକ ନିର୍ମଳ କୁମ୍ଭାର, ଭକ୍ତ ଅରୁପାନନ୍ଦ ପଧାନଙ୍କ ସମେତ ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତ ସମାଗମ ହୋଇଥିଲା । ଦର୍ଶକଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ମାଉସୀ ଘର ନିର୍ମାଣ ପାଇଁ ଭୂମି ପୂଜନ ଚାଲିଛି ।

## ଜଗନ୍ନାଥଙ୍କ ମାଉସୀ ଗୃହ ନିର୍ମାଣ ପାଇଁ ଭୂମିପୂଜା

ଅତାବିରା, ୧୧।୩ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିରର ମାଉସୀ ଘର ନିର୍ମାଣ ପାଇଁ ମଙ୍ଗଳବାର ଭୂମିପୂଜନ କରାଯାଇଛି। ପଣ୍ଡିତ ପରୀକ୍ଷିତ ପୁରୋହିତ ମନ୍ତ୍ରପାଠ କରିଥିଲେ । ଗାଁ ଗୌନ୍ତିଆ ମଦନ ମୋହନ ଦାଶ, ଉଦୟ ଦାଶ, ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ସୁଦାମ ମହାକୁର, ଦଶରଥ ବାଦୀ, ଶୁକ୍ର ସେଟ, କପିଳାଶ ଦନ୍ତା, ଗୋବିନ୍ଦ ଦନ୍ତା, ମନବୋଧ ଦନ୍ତାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବରପାଲିରେ ଆନ୍ତର୍ଜାତୀୟ ମହିଳା ଦିବସ

ବରପାଲି, ୧୧।୩ (ଡି.ଏନ.ଏ)
ବରପାଲି ଗଙ୍ଗାଧର କ୍ଲବ ପରିସରରେ ସମ୍ବଲପୁର ହସ୍ତତନ୍ତ ସେବାକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ମହିଳା ସଂଘ ପକ୍ଷରୁ ରବିବାର ମହିଳା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଘରଯୁଗି ଗଡତିଆ, ବାନ୍ଧଶିଳ୍ପୀ ଦେବକୀ ମେହେର, ସୁକାନ୍ତି ମେହେର, ଶାନ୍ତିଲତା ମେହେର ଓ କଳାବତୀ ମେହେର ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ଅଶୋକ ହୋତା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାନ୍ଧକଳା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତୀୟ ସମ୍ମାନ ପାଇଥିବା ବାନ୍ଧଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବରପାଲି ଶିବାଜୀ କ୍ଲବ ପରିସରରେ ସ୍ଥାନୀୟ ହେଲପିଙ୍ଗ ହାର୍ଟ ଓ ବରଗଡ ସଖିର ମିଳିତ ଆନୁକୂଲ୍ୟରେ ମହିଳା ଆଇନ ଓ ଅଧିକାର ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଖିର ମୁଖ୍ୟ ସଞ୍ଚାଳିକା ମିନାକ୍ଷୀ ସାହୁ, ରୂପାଲି ଶତପଥି ଓ ସତ୍ୟାନନ୍ଦ ପାଣ୍ଡେ ଅଂଶଗ୍ରହଣ କରିଥିଲେ ।

## ଜାବ୍‌ର ସାଧାରଣ ପରିଷଦ ବୈଠକ

ଭେଡ଼େନ,୧୧।୩(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡା ଠାରେ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ୍)ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଖବରଦାତା ଯୋଗ ଦେଇଥିଲେ। ଏହି ବୈଠକରେ ଜିଲାର ଖବରଦାତା ମାନଙ୍କ ସମସ୍ୟା, କଲ୍ୟାଣ ପାଣ୍ଠି ଗଠନ, ଭବନ ନିର୍ମାଣ, ଗ୍ରାମାଞ୍ଚଳ ଖବରଦାତା ମାନଙ୍କ ସୁରକ୍ଷାକୁ ନେଇ ଆଲୋଚନା ହୋଇଥିଲା। ଖବରଦାତାଙ୍କୁ ହେଉଥିବା ଆକ୍ରମଣକୁ ନେଇ ବରଗଡ଼ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଖବରଦାତା ଭୀଷ୍ମଦେବ ପଣ୍ଡା, ସୁରେଶ କୁମାର ଦାଶ, ହେମନ୍ତ ପଧାନ, ସଚ୍ଚିଦାନନ୍ଦ ପାତ୍ର, ସରୋଜ ଷଡ଼ଙ୍ଗୀ, ଜୟସିଂ ପଧାନ ଆଲୋଚନାରେ ଭାଗ ନେଇଥିଲେ। ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପ୍ରଦାନ ଓ ନିର୍ମଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଭେଡ଼େନରେ ହୋଲି ପାଳିତ

ଭେଡ଼େନ,୧୧।୩(ଡ଼ି.ଏନ.ଏ)

ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ହୋଲି ପର୍ବ ପାଳିତ ହୋଇଛି। କରୋନା ଭୟ ତଥା ସତର୍କତା ସତ୍ତ୍ୱେ ଏହି ପର୍ବ ଫିକା ପଡ଼ି ନ ଥିଲା। ହୋଲି ଦିନ ଭେଡ଼େନର ସମସ୍ତ ଦୋକାନ ବଜାର ବନ୍ଦ ହେବା ସହ ବିଭିନ୍ନ ପିକନିକ ସ୍ପଟରେ ହୋଲି ଭୋଜି ପାଇଁ ଭିଡ଼ ଲାଗିଥିଲା। ଚଳିତଥର ଦେଶୀ କୁକୁଡ଼ା ଓ ଖାସି ମାଂସ କିଲୋ ପିଛା ଦର ୪ଶହରୁ ୫ଶହ ପର୍ଯ୍ୟନ୍ତ ଥିଲା।

## ନୃସିଂହନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସମୀକ୍ଷା



ପଦ୍ମପୁର ବିଧାୟକ ନୃସିଂହନାଥ ମନ୍ଦିର ଉନ୍ନତୀକରଣ ପାଇଁ ସମୀକ୍ଷା କରୁଛନ୍ତି ।

ପାଇକମାଳ, ୧୧।୩ (ଡି.ଏନ.ଏ)
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୃସିଂହନାଥ ମନ୍ଦିରର ଉନ୍ନତିକରଣ ପାଇଁ ଏକ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ବେଳେ ଏହାର ସୁବିନିଯୋଗ ପାଇଁ ବୁଧବାର ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଉପଜିଲାପାଳ ତନ୍ମୟ କୁମାର ଦରୱାନ ନୃସିଂହନାଥ ମନ୍ଦିରକୁ ଆସି ଏହି ଅନୁଦାନ ଟଙ୍କା କିଭଳି ଖର୍ଚ୍ଚ ହେବ ସେ ବିଷୟରେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆର୍କୋଲୋଜିଷ୍ଟ ମନୋଜ, ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ବିଡିଓ ସୁରେନ୍ଦ୍ର ମେହେର, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ତହସିଲଦାର ମନୋଜ କୁମାର ମେହେର, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା, ଉପଖଣ୍ଡ ସୂଚନା ଅଧିକାର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ଧବଳେଶ୍ୱର ସାହୁ, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଧାୟକ ବରିହା ମନ୍ଦିର ସେବାୟତ ଓ ପ୍ରଶାସକ ମାନଙ୍କର ସହିତ ଆଲୋଚନା କରିଥିଲେ। ମୁଖ୍ୟତଃ ନୃସିଂହନାଥ ଅଞ୍ଚଳରେ ପାଣିର ସୁବ୍ୟବସ୍ଥା ନିମନ୍ତେ ଏକ ଓଭର ହେଡ ଟାଙ୍କି ନିର୍ମାଣ, ଶିଶୁ ଉଦ୍ୟାନ, ଔଷଧୀୟ ବଗିଚା, ତୀର୍ଥ ଯାତ୍ରୀମାନଙ୍କର ନିମନ୍ତେ ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ, ମୁଖ୍ୟ ମନ୍ଦିର ମରାମତି, ଭୋଗ ମଣ୍ଡପର ଉନ୍ନତିକରଣ, ଯାତ୍ରୀମାନଙ୍କ ପାଇଁ ଶୌଚାଳୟ, ମନ୍ଦିରର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ପରିପାର୍ଶ୍ୱରେ ପିକନିକ ସ୍ପଟ ନିର୍ମାଣ ଓ ପାଇକମାଳରୁ ନୃସିଂହନାଥ ପର୍ଯ୍ୟନ୍ତ ରାସ୍ତାର ଷ୍ଟ୍ରିଟ ଲାଇଟ ଲଗାଯିବା ଉପରେ ଆଲୋଚନା ହୋଇଥିଲା।

## ଏପ୍ରିଲ ୧କୁ କଳାଦିବସ ପାଳନ ନିଷ୍ପତ୍ତି

ବରଗଡ଼ ଅଫିସ୍,୧୧।୩

ଆସନ୍ତା ଏପ୍ରିଲ ୧ତାରିଖକୁ କଳା ଦିବସ ଭାବେ ପାଳନ ସହ ଏପ୍ରିଲ ଶେଷ ସପ୍ତାହରେ କୋସଲ ମହାବନ୍ଦ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ, କୋସଲାଞ୍ଚଳରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା, ସମସ୍ତ ପଦବୀରେ ସ୍ଥାନୀୟ ନିଯୁକ୍ତି, ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ୮୦ପ୍ରତିଶତ ସ୍ଥାନ ସଂରକ୍ଷଣ, ଧାନ ବିକ୍ରିର ସରଳୀକରଣ ଆଦି ଦାବି ନେଇ କୋସଲ ମହାବନ୍ଦ ହେବ ବୋଲି ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଜଣାଇଛନ୍ତି ।

# ପୁସ୍ତକ ହିଁ ମଣିଷର ସାଥୀ

ଭେଡ଼େନ,୧୧।୩(ଡ଼ି.ଏନ.ଏ)

ପୁସ୍ତକ ହିଁ ମଣିଷର ସଦସର୍ବଦା ସାଥୀ। ଆଜିର ବିଜ୍ଞାନ ତଥା ଇଣ୍ଟରନେଟ ଯୁଗରେ କେବଳ ସୂଚନା ପାଇପାରୁଛୁ । କିନ୍ତୁ ଜ୍ଞାନ ପାଇଁ ପୁସ୍ତକ ପଠନର ଅଭ୍ୟାସ ଜାରି ରଖିବାକୁ ପଡ଼ିବ ବୋଲି ପ୍ରଥମ ଭେଡ଼େନ ପୁସ୍ତକମେଳା ଉଦଘାଟନୀ ଉତ୍ସବରେ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଗଡ଼ ଜିଲା ଭେଡ଼େନ ବସଷ୍ଟାଣ୍ଡ ପରିସରରେ ପୁସ୍ତକମେଳା ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ପୁସ୍ତକମେଳା କମିଟି ଆବାହକ ସାହିତ୍ୟିକ ଉତ୍ପନ୍ନ ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଥାନା ଆଇଆଇସି ହେମନ୍ତ ରାଓ, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଏହି ଉତ୍ସବରେ ଭେଡ଼େନ ନାଗରିକ କମିଟିର ବରିଷ୍ଠ ନାଗରିକ ଦଶରଥ ମେହେର, ସଙ୍ଗଠକ ବିନାୟକ ଦ୍ୱାରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଗାୟକ ସୂର୍ଯ୍ୟ କୁମାର ଦେହେରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାଶନୀ ସଂସ୍ଥାର ଷ୍ଟଲ ଲାଗିଛି। ପ୍ରତିଦିନ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନା ସହ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ପୁସ୍ତକମେଳା କମିଟି ସୂତ୍ରରୁ ପ୍ରକାଶ।



ପ୍ରଥମ ଭେଡ଼େନ ପୁସ୍ତକମେଳାର ଉଦଘାଟନୀ ଉତ୍ସବରେ ଅତିଥିଗଣ ।

# ରାସ୍ତା ରୋକିଲେ କେନ୍ଦୁପତ୍ର କର୍ମଚାରୀ



ପାଇକମାଳ ଅଞ୍ଚଳରେ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି ।

ପାଇକମାଳ, ୧୧।୩ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଅଧୀନ ରେଞ୍ଜ ମାନଙ୍କରେ କାର୍ଯ୍ୟରତ କେନ୍ଦୁପତ୍ର ଶ୍ରମିକ, ତୋଳାଳି, ବନ୍ଧାଳି, ଚେକରଙ୍କ ଦ୍ୱାରା କରାଯାଇଥିବା ଦାବି ପୂରଣ ନ ହେବାରୁ ବୁଧବାର ସଂଘ ତରଫରୁ ମିଠାପାଲି ଓ ମାଝିପାଲିଠାରେ ରାସ୍ତାରୋକୋ କରାଯାଇଛି । ରାସ୍ତାରୋକ ଯୋଗୁ ପଦ୍ମପୁରରୁ ନୂଆପଡା ଯାନବାହନ ଚଳାଚଳ ବନ୍ଦ ରହିଛି । ଏଥିସହ ପଦ୍ମପୁରର ପଦ୍ମପୁର, ପାଇକମାଳର ମାଝିପାଲି, ଜଗଦଲପୁରର ଲଖମରା ପରି ୯ଟି ସ୍ଥାନରେ ରାସ୍ତାରୋକୋ ହେଇଛି ବୋଲି ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁ, ଚୂଡ଼ାମଣି ପାଣିଗ୍ରାହୀ, ପିକ ନନ୍ଦ, ଗୁଣନିଧି ଶବର, ମହେନ୍ଦ୍ର ପ୍ରଧାନ, ପାରେଶ୍ୱର ପାତ୍ର ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏଁ ରାସ୍ତାରୋକୋ ହୋଇଥିଲା ।

**ସଂକ୍ଷେପରେ**

## ମହିଳାଙ୍କ ଶୋଭାଯାତ୍ରା

ବାଲିଶଙ୍କରା, ୧୧।୩ (ଡି.ଏନ.ଏ)– ବାଲିଶଙ୍କରା ବ୍ଲକସ୍ତରୀୟ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଗ୍ରଣୀ ମିଶନ ଶକ୍ତି ସଭାପତି ସଂଯୁକ୍ତା ଦାସଙ୍କ ନେତୃତ୍ୱରେ ହୋଇଥିଲା। ବ୍ଲକର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଅଙ୍ଗନୱାଡି କର୍ମୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ବାଲିଶଙ୍କରା ଗ୍ରାମ ପରିକ୍ରମା କରି ବ୍ଲକ ସମ୍ମୁଖରେ ସଭା କରାଯାଇଥିଲା । ଏଥିରେ ବ୍ଲକ ଅଗ୍ରଣୀ ମିଶନ ଶକ୍ତିର ସଭାପତି ସଂଯୁକ୍ତା ଦାସ ଯୋଗଦେଇ ମହିଳା ସଶକ୍ତିକରଣ, ମହିଳା ଦିବସ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଉର୍ମିଳା ବାଘ, ସମ୍ମାନିତ ଅତିଥି ରୂପେ ସୁପରଭାଇଜର ଉମା ବାକ୍ରା, ଭଗବତି ନାଏକ, ରେସମା ଖାତୁନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ମହିଳାମାନଙ୍କ ଦ୍ୱାରା ଗୀତନାଚର ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ମହିଳାମାନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ରେସମା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ ।


କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ପକ୍ଷରୁ ଗରିଆମାଲ ଛକରେ ରାସ୍ତାରୋକୋ କରାଯାଇଛି।

# କେନ୍ଦୁପତ୍ର ତୋଳାଳି, କର୍ମଚାରୀ ସଂଘ ପକ୍ଷରୁ ରାସ୍ତାରୋକୋ

**ବଡ଼ଗାଁ, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଛି। ରାଜ୍ୟ ସଂଘର ଆହ୍ୱାନକ୍ରମେ ସୋମବାରଠାରୁ ବିଭିନ୍ନ ଦାବିକୁ ନେଇ ବଡ଼ଗାଁ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ଦ୍ୱିଦିବସୀୟ ଧାରଣା ଦିଆଯାଇଥିଲା। ୧୦ତାରିଖ ମଧ୍ୟରେ ସରକାର ଦାବି ପୂରଣ ନ କଲେ ରାସ୍ତାରୋକୋ କରିବାକୁ ଚେତାବନୀ ଦେଇଥିଲେ। ଦାବି ପୂରଣ ନ ହେବାରୁ ବୁଧବାର ପୂର୍ବାହ୍ନରେ ଗରିଆମାଲ ଗାଁ ନିକଟରେ ୧୦ନଂ. ରାଜ୍ୟ ରାଜପଥକୁ ଅବରୋଧ କରି ଦାବି ଜଣାଇଥିଲେ। କେନ୍ଦୁପତ୍ର ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ, ରେଞ୍ଜ ସମ୍ପାଦକ ବିରଞ୍ଚି ରାଉତ, ରାଉରକେଲା ଏଚଏମ୍ଏସ୍ (ହିନ୍ଦ ମଜଦୁର ସଭା)ର ସମ୍ପାଦକ ଦିଗାମ୍ବର ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ୩ଶହ ତୋଳାଳି ଓ କର୍ମଚାରୀ ରାଜପଥକୁ ପୂର୍ବାହ୍ନ ସାଢେ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦେଢ଼ଘଣ୍ଟା ଧରି ଅବରୋଧ କରିଥିଲେ। ତ୍ରୁଟିପୂର୍ଣ୍ଣ ଦରମା ଧାର୍ଯ୍ୟ ସଂଶୋଧନ ଓ ପୂର୍ବ ପଦ୍ଧତି ଅନୁଯାୟୀ ଦରମା ଧାର୍ଯ୍ୟ, ସାମାଜିକ ସୁରକ୍ଷା ସହାୟତା ଓ ନିରାପତ୍ତା କାର୍ଯ୍ୟକ୍ରମ ଅବ୍ୟାହତ ରଖିବା, ସାମାଜିକ ସୁରକ୍ଷା ସହାୟତା ପାଇଁ ମାନଦଣ୍ଡ ୨ ହଜାର ପରିବର୍ତ୍ତେ ୧ ହଜାରକେରି ପୂର୍ବବତ ରଖିବା, କେନ୍ଦୁପତ୍ର ଉପରେ ଜିଏସଟି ଉଠାଯିବା, ତ୍ରୁଟିପୂର୍ଣ୍ଣ କେନ୍ଦୁପତ୍ର ବିକ୍ରି ନୀତି ଓ ପରିଚାଳନାଗତ ତ୍ରୁଟି ସଂଶୋଧନ ଆଦି ଆଉ କେତେକ ଦାବିକୁ ନେଇ ରାସ୍ତାରୋକୋ କରାଯାଇଥିଲା। ଏଥିରେ ଠେକର ଓ ତୋଳାଳି ନିରାକାର ଖିଲାରୀ, ନିରଞ୍ଜନ ଭେିସାଲ, ଜନ୍ମେଜୟ ସାହୁ, ରଞ୍ଜନ ସାହୁ, ସୋମବାରୁ ବାଡା, ତିଳ ଭେିସାଲ, ଚୈତନ୍ୟ ବାଡା, ଟିକେଶ୍ୱର ସା, ଆସରାନୀ ଖେସ, ହିଲାରିଆ କିରୋ, ମେରୀ ସାଙ୍ଗା, ନେତ୍ରୀ ପ୍ରଧାନ, ଅଞ୍ଜଳି ଡନସନା, ଲୁସିଆ ଲାକ୍ରା, ଜିଲା ବିଜେଡି (ଯୁବ) ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ପ୍ରମୁଖ ଯୋଗଦେଇଥିଲେ।

# ଭୂୟାଁ ସମାଜର ମହାସଭା ପାଇଁ ପ୍ରସ୍ତୁତି

**ବଡ଼ଗାଁ, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତର ଚେମଠାପଡା ଗ୍ରାମରେ ରବିବାର ଭୂୟାଁ ସମାଜର ପାଣ୍ଡେରପାଲି ଓ କୁତ୍ରା ବ୍ଲକର ପୁର୍କାପାଲି ସାନିଗାଦି କର୍ମକର୍ତ୍ତାଙ୍କୁ ନେଇ ହେବାକୁ ଥିବା ମହାସଭାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉଭୟ ସାନିଗାଦିର ମିଳିତ ସହଯୋଗରେ ମହାସଭା ହେବ। ଏଥିପାଇଁ ହୋଇଥିବା ପ୍ରସ୍ତୁତି ବୈଠକରେ ଇଂ. ଅଜେକ ପ୍ରଧାନ ସଭା ପରିଚାଳନା କରିଥିଲେ। ଭୀଷ୍ମଦେବ କାଲୋ ଅଧ୍ୟକ୍ଷତା କରିଥିଲେ। ସଭା ଆରମ୍ଭରେ ସମାଜର କର୍ମକର୍ତ୍ତାମାନେ ଇଷ୍ଟଦେବତା ଶିବଙ୍କ ପୂଜାର୍ଚ୍ଚନା କଲାପରେ ଆଲୋଚନା ହୋଇଥିଲା। ସଭାରେ ଏପ୍ରିଲ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ମହାସଭା ଚେମଠାପଡା ଗାଁରେ କରିବାକୁ ସ୍ଥିର କରାଯିବା ସହ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ପରିଚାଳିତ ହେବ, ସାମାଜିକ ବ୍ୟକ୍ତିଙ୍କ ରହଣୀ, ଖାଦ୍ୟପେୟ ବ୍ୟବସ୍ଥା, ଖର୍ଚ୍ଚ, ଅଟକଳ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସଭାରେ ନବୀନ ତଉଡିଆ, ମହେନ୍ଦ୍ର ଚୌଧୁରୀ, ଅମୀୟ ପ୍ରଧାନ, ସୁରତରାମ ପ୍ରଧାନ, କୁମରମଣୀ ଅଡ଼ା, ନାରାଣ ଠେମରିଆ, ସନ୍ତୋଷ ଠେମରିଆ, ଗିରିଧାରୀ ବିଶ୍ୱାଳ, ସନାତନ ପ୍ରଧାନ, ପୁଷ୍ପକ ପ୍ରଧାନ ପ୍ରମୁଖ ୬୦ଜଣ ସାମାଜିକ କର୍ମକର୍ତ୍ତା ଯୋଗଦେଇଥିଲେ ।


ସଭା ପୂର୍ବରୁ ସାମାଜିକ କର୍ମକର୍ତ୍ତାମାନେ ଇଷ୍ଟଦେବ ଶିବଙ୍କ ପୂଜାର୍ଚ୍ଚନା କରୁଛନ୍ତି ।

# କବିତା, ସଙ୍ଗୀତ, ନୃତ୍ୟ କାର୍ଯ୍ୟକ୍ରମ

## ଅରଣ୍ୟା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଫଗୁଣ ଆସର


ଫଗୁଣ ଆସର ଅବସରରେ ଉପସ୍ଥିତ କବୟିତ୍ରୀ, କବି, ସାହିତ୍ୟିକ।

**ସୁନ୍ଦରଗଡ଼ , ୧୧।୩ (ଡି.ଏନ୍.ଏ)**

ସାହିତ୍ୟ ଅନୁଷ୍ଠାନ ଅରଣ୍ୟା ଓ ନବଜୀବନ କ୍ଲବର ମିଳିତ ଆନୁକୂଲ୍ୟରେ ଫଗୁଣ ଆସର ଅନୁଷ୍ଠିତ ହୋଇଯାଇଛି। କବି ସୁବାସ ଦାଶ ଓ କବୟିତ୍ରୀ ସ୍ୱର୍ଣ୍ଣମଞ୍ଜରୀ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆସରରେ ସୁନ୍ଦରଗଡ଼, ଝାରସୁଗୁଡା ଅଞ୍ଚଳର ବହୁ ସାହିତ୍ୟିକ, କବି କବୟିତ୍ରୀ ଓ କଳାକାରମାନେ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା, ଅରଣ୍ୟାର ସମ୍ପାଦକ ରାଜକିଶୋର ଷଡଙ୍ଗୀ, ନବଜୀବନ କ୍ଲବର ସଭାପତି ତଥା ଓଡ଼ିଆ ନାଟ୍ୟ ଓ ଚଳଚ୍ଚିତ୍ର ଜଗତର ନିର୍ଦ୍ଦେଶକ ପ୍ରଦୀପ ଭୋଳ , ଗୀତିକବି ଦୁର୍ଗାମାଧବ ପଣ୍ଡା, ଦେବେନ୍ ଅମାତ, ଭୂପେନ ଅମାତ, ଗୋପକୃଷ୍ଣ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟ, ସଙ୍ଗୀତରେ ଫଗୁଣର ରଙ୍ଗ, ପ୍ରୀତି ଝରା ମହକ, ଋତୁରାଜ ବସନ୍ତର ବର୍ଣ୍ଣନା କରିଥିଲେ। ପରେ କବି ଗଣେଶ ତ୍ରିପାଠୀ, ସୌମ୍ୟ ମହାକୁଡ, ପ୍ରତିମା ମିଶ୍ର, ସୁସ୍ମିତା ଭୋଇ, ରାଜୀବ ମହାନ୍ତି, ପ୍ରବୋଧ ପଟ୍ଟନାୟକ, ସୁବୋଧ ପଟ୍ଟନାୟକ, ରାଜୁ ଠାକୁର, ଗୋପାଳ ପୃଷ୍ଟେଠ, ବିବିଧ ବିଶ୍ୱ, ସୁଷମା ପଟେଲ, ମୀନାରାଣୀ ସହାୟ, ନମିତା କୁନନୁଗୋ, ରୀତା ସାହୁ , ବିଦ୍ୟାଭୂଷଣ ଶାସନୀ ପ୍ରମୁଖ ଯୋଗଦେଇ ସଙ୍ଗୀତ ପରିବେଷଣ, କବିତା ପାଠ, ଫଗୁଣର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ହୋଲି ସଙ୍ଗୀତ ନୃତ୍ୟର ତାଳେ ତାଳେ ସମସ୍ତେ ଅବିର ଖେଳରେ ପରସ୍ପରକୁ ହୋଲି ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ।

## ବାବା ସ୍ୱପ୍ନେଶ୍ୱର ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

ବଣାଇ, ୧୧।୩(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ବାବା ସ୍ୱପ୍ନେଶ୍ୱର ମନ୍ଦିରର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଏକ ଭବ୍ୟ କଳସ ଯାତ୍ରାରେ ଗ୍ରାମର ମହିଳାମାନେ ସାମିଲ ହୋଇ ପବିତ୍ର ଜଳ ସଂଗ୍ରହ କରି ପୂଜା ସ୍ଥଳରେ ପହଁଞ୍ଚିଥିଲେ। ସେହିପରି ଅପରାହ୍ନରେ ମନ୍ଦିର ରତ୍ନମୂଦ ଉତ୍ସବ କରାଯାଇଥିଲା। ମନ୍ଦିରର ଚୁଡାକରଣ କରାଯାଇଥିଲା। ତାପରଦିନ ମନ୍ଦିରରେ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ବିରବିଚିତ୍ର ସେନ ବଡନାୟକ, ଭଗବତ ବାରିକ, ବିନୟ ସାମଲ ମୁନୁ ବେହେରା, ଅର୍ଜୁନ ବଡନାୟକ ସପତ୍ନୀକ ସହ ପୂଜାରେ ବସିଥିଲେ।

# ପୃଥକ୍ ରାସ୍ତା ଦୁର୍ଘଟଣାରେ ଯବାନ ମୃତ: ୬ ଗୁରୁତର

**ଲହୁଣୀପଡା, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ– ବାହାଡାପୋଷି ରାସ୍ତା ଖୁଣ୍ଟୁଗାଁ ନିକଟସ୍ଥ ମତୁଆଳି ନାଳରେ ସୋମବାର ରାତି ପ୍ରାୟ ସାଢ଼େ ୭ଟାରେ ରାସ୍ତା ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ଗ୍ରାମର ବସନ୍ତ କୁମାର ସିଂଙ୍କ ପୁଅ ଦୀପକ କୁମାର ସିଂ (୨୨) ନିଜ ସାଙ୍ଗ ମନୋଜ କୁମାର ମହାପାତ୍ର (୨୩), ଜନ୍ମେଞ୍ଜୟ ଚାରଡିଆ (୨୪) ବଣାଇରୁ ଏକ ନମ୍ବର ବିହୀନ ବାଇକରେ ଫେରୁଥିଲେ। ଖୁଣ୍ଟୁଗାଁ ନିକଟସ୍ଥ ମତୁଆଳି ନାଳ ପୂର୍ବରୁ ବାଇକଟି ପଙ୍କଚର ହୋଇଯାଇଥିଲା । ଫଳରେ ଏମାନେ ବାଇକକୁ ଠେଲି ଠେଲି ଆଣୁଥିବା ବେଳେ ଏକ ଟ୍ରାକ୍ଟର ଓଡି ୧୪ ଟି- ୩୪୦୬ ଧକ୍କା ଦେଇଥିଲା । ଫଳରେ ଏମାନେ ଛିଟିକି ପଡିବାରୁ ଦୀପକ ସିଂ ଉପରେ ଟ୍ରାକ୍ଟର ଚଢ଼ିଯିବା ଦ୍ୱାରା ଗୁରୁତର ଆହତ ହୋଇଥିଲେ। ଦୀପକ ସିଂଙ୍କୁ ବଣାଇ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ଅନ୍ୟ ଦୁଇ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନମ୍ବର ବିହୀନ ବାଇକକୁ ଜବତ କରିଛି। ଖୁଣ୍ଟୁଗାଁ ପଟୁ ଆସୁଥିବା ଏକ ବାଇକରେ ଏମଡି ସଲିମ (୩୮) ଏବଂ ଏମଡି ସବୀର ମଧ୍ୟ ସେହିଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ମଧ୍ୟ ବଣାଇ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ଏମଡି ସଲିମଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି । ସେହିଠାରେ ଅନ୍ୟ ଦୁଇ ସାଇକେଲ ଆରୋହୀ ତୁଳସୀ ମାହାନ୍ତ, ଦେବୀଲାଲ ମାହାନ୍ତ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଟ୍ରାକ୍ଟର ଦୁର୍ଘଟଣାରେ ଯବାନଙ୍କ ମୃତ୍ୟୁ ହୋଇଥିବା ଓ ଅନ୍ୟ ଦୁଇ ଜଣ ଆହତ ହୋଇଥିବା ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। କିନ୍ତୁ ଏମଡି ସଲିମ ଓ ଏମଡି ସବୀରଙ୍କ ପରିବାର ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ କରାଯାଇ ନାହିଁ ।

# ସଚେତନତା ଅଭାବରୁ ମହିଳା ବହୁ ସୁବିଧାରୁ ବଞ୍ଚିତ


ମହିଳା ଦିବସରେ ନୃତ୍ୟ, ଗୀତର ଆସର ।

ଲହୁଣୀପଡା, ୧୧।୩(ଡି.ଏନ.ଏ)– ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ପଡିଆଠାରେ ରବିବାର ଲହୁଣୀପଡା ନବଦିଗନ୍ତ ମିଶନ ଶକ୍ତି ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହିଳାମାନେ ନାରୀ ସଶକ୍ତିକରଣ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ବାଦ୍ୟ ନୃତ୍ୟର ତାଳେ ତାଳେ ଲହୁଣୀପଡା ମୁଖ୍ୟ ବଜାର ପରିକ୍ରମା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀକିଷାନ, ସମ୍ମାନିତ ଅତିଥି ଭାବେ କୁମାର ଗୌତମ ବାରିକ, ଦୌପଦୀ କିଷାନ, ସୁପରଭାଇଜର ପୁଷ୍ପ ମଞ୍ଜରୀ ବେହେରା, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜରୀ ମହାନ୍ତ, ସାମାଜିକ କର୍ମୀ ଶାନ୍ତନୁ କୁସୁମ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ଭାରତ ମାତା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅରୁଣା ସାହୁ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଜ୍ଞା ପରମିତା ସୁନ୍ଦରରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଜୟନ୍ତୀ ମାହାନ୍ତଙ୍କ ଅଧ୍ୟକ୍ଷତା କରିଥିଲେ । ସଚେତନତା ଅଭାବରୁ କେତେଜଣ ମହିଳା ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଥିବା ଏବଂ ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ ପାଞ୍ଚଟି ନୃତ୍ୟ ଦଳକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରେବତୀ ବେହେରା, ଭଲେରିଆ ବାଗେ, ଚମ୍ପା ମାହାନ୍ତ, ସଂଯୁକ୍ତା କାଲୋ, ମଧୁସ୍ମିତା ମାହାନ୍ତ, ଲଳିତା ପାଲ, ଦୀପା ଡାଙ୍ଗ, କୌଶଲ୍ୟା ମହାକୁଡ, ସରୋଜିନୀ ମାହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ନମିତା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁମକଲା ଗ୍ରାମରେ ନାମଯଜ୍ଞ

ଲହୁଣୀପଡା, ୧୧।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଲା ଗ୍ରାମରେ ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର କଳସ ଶୋଭାଯାତ୍ରା ଓ ଘଟ ସ୍ଥାପନା କରାଯିବା ପରେ ସୋମବାର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଓ ନଗରପରିକ୍ରମା ହୋଇଥିଲା। ପଣ୍ଡିତ ଲୋକନାଥ ମିଶ୍ର ଯଜ୍ଞ ସଞ୍ଚାଳନ କରିଥିବା ବେଳେ ଅର୍ଜୁନ ମୋହନ କର ଏବଂ ତାଙ୍କ ସହଧର୍ମିଣୀ ପଦ୍ମାବତୀ କର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ଅର୍କେଇକଲା, ଟେଣ୍ଡେରା, ବାଗଦରି, ଉପରପଡା, କେନାପଲି, ତୁମକଲା, ଗୋଗୁଆ, କୁସୁମି, ସାତକୁଟା, ଗମଲେଇ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ବିଭୂତିଭୂଷଣ କର, ପ୍ରଶାନ୍ତ ଜିତ, ପ୍ରଦୀପ କର, ରମେଶ କର, ପ୍ରମୋଦ ରଣା, ମୁକେଶ ପାଲ, ନିତେଶ ପାଲ, କ୍ଷୀରୋଦ କୁମାର ପାଲ, ଡିଲେଶ୍ୱର ରଣା, ଲିଙ୍ଗରାଜ ସାହୁ, ପଞ୍ଚାନନ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନି ଦିନ ଧରି ଅଞ୍ଚଳଟି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ବେଳେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।


ଅଷ୍ଟପ୍ରହର ନାମଯଜ୍ଞରେ ସଂକୀର୍ତ୍ତନ ଚାଲିଛି।

# ଦୋଳ ଓ ହୋଲି ଉତ୍ସବ ପାଳିତ

ବେଦବ୍ୟାସ, ୧୧।୩ (ଡି.ଏନ.ଏ)

ଲାଠିକଟା ବ୍ଲକର ଗର୍ଜନ, ବେଦବ୍ୟାସ, କଲୁଙ୍ଗା, କାଲୋକୁଦର, ଗୋପପାଲି, ଗୋଇଭଙ୍ଗା, ଲୁଙ୍ଗେଇ ଆଦି ଅଞ୍ଚଳରେ ପାରମ୍ପାରିକ ରୀତି ନୀତି ଅନୁଯାୟୀ ମଙ୍ଗଳବାର ଦୋଳ ଓ ହୋଲି ଉତ୍ସବ ପାଳିତ ହୋଇଛି। ଗର୍ଜନ ଏମୱାଇଏସ କ୍ଲବ ଆନୁକୂଲ୍ୟରେ ଶ୍ରୀ ରାଧାକୃଷ୍ଣଙ୍କ ଫଟୋକୁ ଅତି ସୁନ୍ଦର ଭାବେ ସାଜସଜ୍ଜା କରି ଏକ ବିରାଟ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହ ଭ୍ରମଣ କରାଯାଇଥିଲା। ସେହିପରି କାଲୋକୁଦର ଅଞ୍ଚଳର ଭାଜପା ଯୁବ ନେତା ଇଂ. ଦାଶରଥି କିଷାନଙ୍କ ନେତୃତ୍ୱରେ ଦୋଳ ପୂର୍ଣ୍ଣିମା ଓ ହୋଲି ଅବିର ରଙ୍ଗ ପରସ୍ପର ମଧ୍ୟରେ ଲଗାଇ ପାଳିତ କରାଯାଇଥିଲା । ଏନେଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ବ୍ରାହ୍ମଣୀତରଙ୍ଗ ଥାନା ପକ୍ଷରୁ ବ୍ୟାପକ ପୋଲିସ ଛକ ଛକରେ ମୁତୟନ କରାଯାଇଥିଲା ।

# ଲଟାଗାଁ କ୍ରିକେଟ: ଡାଇଜିରା ଚାମ୍ପିୟନ


ଲଟାଗାଁ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କୃତ କରୁଛନ୍ତି।

**ବଡ଼ଗାଁ, ୧୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ମିନିଷ୍ଟାଡିୟମରେ ସ୍ଥାନୀୟ ମା' ତାରିଣୀ ୟୁଥ କ୍ଲବ ଦ୍ୱାରା ଗତମାସ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଲଟାଗାଁ କ୍ରିକେଟ କପ୍ ବୁଧବାର ଉଦ୍‌ଯାପିତ ହୋଇଛି। ୨୩ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବଡ଼ଗାଁ ବ୍ଲକର ଛାମୁଣ୍ଡା ଓ କୁତ୍ରା ବ୍ଲକର ଡାଇଜିରା ଟିମ୍ ମଧ୍ୟରେ ହୋଇଥିଲା। ଛାମୁଣ୍ଡା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫୩ ରନ କରିଥିଲେ। ଜବାବରେ ଡାଇଜିରା ଟିମ୍ ୧୪ ଓଭର ୨ବଲରେ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଓରିଏଣ୍ଟ କ୍ରିକେଟ କ୍ଲବର ବରିଷ୍ଠ ଖେଳାଳି ସମ୍ବିଦ ନାଏକ ଓ ନାରାୟଣ ମାଝି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଡାଇଜିରା ଦଳକୁ ୭ ହଜାର ଟଙ୍କା ଓ ରନର୍ସଅପ ଛାମୁଣ୍ଡା ଟିମକୁ ୫ହଜାର ଟଙ୍କା ସହିତ କପ୍ ପୁରସ୍କୃତ କରିଥିଲେ। ଚନ୍ଦନ ବେହେରା ଅମ୍ପେୟାରିଂ କରିଥିଲା ବେଳେ ଟଙ୍କଧର ଦେହୁରୀ, ରାଜେଶ ଦେହୁରୀ, ସନ୍ତୋଷ ବଢ଼େଇ, ମନଜିତ କୁଜୁର ସହଯୋଗ କରିଥିଲେ।

# ଧାନ ବିକ୍ରି ପାଇଁ ଚାଷୀ ପ୍ରଶାସନର ଦ୍ୱାରସ୍ଥ

**ସୁନ୍ଦରଗଡ଼,୧୧।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ଲ୍ୟାମ୍ପସ ଅଧୀନ ଚାଷୀମାନଙ୍କଠାରୁ ଟୋକନ ପ୍ରଦାନ ସତ୍ତ୍ୱେ ଧାନକ୍ରୟ କରାଯାଉ ନାହିଁ। ଏନେଇ ଚାଷୀମାନେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଚାଷୀ ସୁନୀଲ କୁମାର ନାଏକ, ରାଜେଶ କୁମାର ନାଏକ, ଅଭିମନ୍ୟୁ ସା, ଜଳନ୍ଧର ପଟେଲଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ମୋ ସରକାର କକ୍ଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ଚଳିତବର୍ଷ ଉଜ୍ଜଳପୁର ଲ୍ୟାମ୍ପସ୍‌ରେ ଚାଷୀମାନେ ଧାନମଣ୍ଡିରେ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଥିଲେ। ନାମ ପଞ୍ଜିକରଣ ପରେ ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ଅପେକ୍ଷାରେ ରହିଛନ୍ତି। ମାତ୍ର ବର୍ତ୍ତମାନ ହଠାତ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଟାର୍ଗେଟ ଆସୁ ନ ଥିବା କାରଣ ଦର୍ଶାଇ ଧାନ କିଣିବା ବନ୍ଦ କରିଦେଇଛନ୍ତି। ଏପଟେ ଚାଷୀମାନଙ୍କ ମୋବାଇଲରେ ଧାନ ବିକିବା ପାଇଁ ଟୋକନର ସୂଚନା ମିଳିଥିବା ବେଳେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଟୋକନ ପ୍ରଦାନ କରୁ ନଥିବା ଏହି ଅଭିଯୋଗ କରାଯାଇଛି। ବର୍ତ୍ତମାନ ଧାନକ୍ରୟ ପାଇଁ ଲ୍ୟାମ୍ପସ କର୍ତ୍ତୃପକ୍ଷ ମନା କରିବା ପରେ ଧାନ ବିକି ନ ପାରି ଚାଷୀମାନେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଉଜ୍ଜଳପୁର ଲ୍ୟାମ୍ପସକୁ ଅତିକମ୍‌ରେ ୨୦ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ପ୍ରଦାନ ସହ ଚାଷୀମାନଙ୍କର ଧାନର ବିକ୍ରୟ ସକାଶେ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯିବାକୁ ଏହି ଚାଷୀ ପ୍ରତିନିଧି ଦଳ ଦାବି କରିଛନ୍ତି।


ଚାଷୀ ପ୍ରତିନିଧି ଦଳ ମୋ ସରକାର କକ୍ଷରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।